# OBS translationQuestions

**ସଂସ୍କରଣ 4.1**

[or]

# କପିରାଇଟ୍ ଏବଂ ଲାଇସେନ୍ସ |

**OBS translationQuestions**
**ତାରିଖ:** 2017-11-21
**ସଂସ୍କରଣ:** 4.1
**ଦ୍ୱାରା ପ୍ରକାଶିତ |:** Door43

**Open Bible Stories**
**ତାରିଖ:** 2017-11-27
**ସଂସ୍କରଣ:** 4.2
**ଦ୍ୱାରା ପ୍ରକାଶିତ |:** Door43

# License

## Creative Commons Attribution-ShareAlike 4.0 International (CC BY-SA 4.0)

This is a human-readable summary of (and not a substitute for) the license.

### You are free to:

- **Share** — copy and redistribute the material in any medium or format
- **Adapt** — remix, transform, and build upon the material

for any purpose, even commercially.

The licensor cannot revoke these freedoms as long as you follow the license terms.

### Under the following conditions:

- **Attribution** — You must attribute the work as follows: "Original work available at https://door43.org/." Attribution statements in derivative works should not in any way suggest that we endorse you or your use of this work.
- **ShareAlike** — If you remix, transform, or build upon the material, you must distribute your contributions under the same license as the original.

**No additional restrictions** — You may not apply legal terms or technological measures that legally restrict others from doing anything the license permits.

### Notices:

You do not have to comply with the license for elements of the material in the public domain or where your use is permitted by an applicable exception or limitation.

No warranties are given. The license may not give you all of the permissions necessary for your intended use. For example, other rights such as publicity, privacy, or moral rights may limit how you use the material.

# ସୂଚୀ ପତ୍ର

**OBS translationQuestions** 5
ସୃଷ୍ଟି 5
ପାପ ଜଗତକୁ ପ୍ରବେଶ କଲା । 11
ଜଳପ୍ଳାବନ 15
ଅବ୍ରାହାମ ସହିତ ପରମେଶ୍ୱରଙ୍କ ଚୁକ୍ତି 20
ପ୍ରତିଜ୍ଞାର ପୁତ୍ର 24
ଇସାହକଙ୍କ ପାଇଁ ପରମେଶ୍ୱର ଯୋଗାନ୍ତି 28
ଯାକୁବକୁ ପରମେଶ୍ୱର ଆଶୀର୍ବାଦ କରନ୍ତି 31
ପରମେଶ୍ୱର ଯୋଶେଫ ଓ ତାଙ୍କ ପରିବାରକୁ ଉଦ୍ଧାର କରନ୍ତି I 35
ପରମେଶ୍ୱର ମୋଶାଙ୍କୁ ଆହ୍ୱାନ କଲେ I 40
ଦଶଗୋଟି ମହାମାରୀ 45
ନିସ୍ତାର ପର୍ବ 49
ମହାଯାତ୍ରା 52
ପରମେଶ୍ୱରଙ୍କ ଇସ୍ରାଏଲ ସହିତ ନିୟମ 57
ମରୁଭୁମିର ପ୍ରାନ୍ତରରେ ଭ୍ରମଣ 62
ପ୍ରତିଜ୍ଞାତ ଦେଶ 68
ଉଦ୍ଧାରକର୍ତ୍ତାଗଣ 73
ଈଶ୍ୱରଙ୍କ ନିୟମ ଦାଉଦଙ୍କ ସହିତ 79
ବିଭକ୍ତ ରାଜ୍ୟ 84
ଭବିଷ୍ୟତବକ୍ତାମାନେ (ଭାବବାଦୀମାନେ) 88
ନିର୍ବାସନ ଏବଂ ପ୍ରତ୍ୟାବର୍ତ୍ତନ 94
ପରମେଶ୍ୱର ଖ୍ରୀଷ୍ଟଙ୍କ ପ୍ରତିଜ୍ଞା କରନ୍ତି 98
ବାପ୍ତିଜକ ଯୋହନ ଜନ୍ମ 103
ଯୀଶୁଙ୍କ ଜନ୍ମ 106
ଯୋହନ ଯୀଶୁଙ୍କୁ ବାପ୍ତିସ୍ମ ଦିଅନ୍ତି 110
ଶୟତାନ ଯୀଶୁଙ୍କୁ ପରୀକ୍ଷା କରେ 114
ଯୀଶୁ ତାହାଙ୍କ ସେବାକାର୍ଯ୍ୟ ଆରମ୍ଭ କରନ୍ତି 117
ଉତ୍ତମ ଶମିରୋଣୀୟଙ୍କ କାହାଣୀ 121
ଯୁବା ଧନୀ ଶାସକ 125
ଦୟାହୀନ ଦାସର କାହାଣୀ 129
ଯୀଶୁ ପାଞ୍ଚ ହଜାର ଲୋକଙ୍କୁ ଖୁଆନ୍ତି 132
ଯୀଶୁ ଜଳ ଉପରେ ଚାଲନ୍ତି 135
ଯୀଶୁ ଏକ ଭୁତଗ୍ରସ୍ତ ବ୍ୟକ୍ତିକୁ ଓ ଏକ ପୀଡିତ ସ୍ତ୍ରୀକୁ ସୁସ୍ଥ କରନ୍ତି 138
କୃଷକର କାହାଣୀ 143
ଯୀଶୁ ଅନ୍ୟ କାହାଣୀଗୁଡିକ ବା ଦୃଷ୍ଟାନ୍ତମାନଙ୍କ ଦ୍ଵାରା ଶିକ୍ଷା ଦିଅନ୍ତି 146
ଦୟାମୟ ପିତାଙ୍କ କାହାଣୀ 150
ରୁପାନ୍ତରଣ 154
ଯୀଶୁ ଲାଜାରକୁ ମୃତ୍ୟୁରୁ ଉଠାନ୍ତି 157
ଯୀଶୁଙ୍କ ପ୍ରତି ବିଶ୍ୱାସଘାତ ହେଲା 161
ଯୀଶୁଙ୍କର ବିଚାର କରାଯାଏ 166
ଯୀଶୁ କ୍ରୁଶବିଦ୍ଧ ହେଲେ 171
ପରମେଶ୍ୱର ଯୀଶୁଙ୍କୁ ମୃତ୍ୟୁରୁ ଉଠାନ୍ତି 175
ଯୀଶୁଙ୍କ ସ୍ୱର୍ଗକୁ ପ୍ରତ୍ୟାଗମନ 178
ମଣ୍ଡଳୀର ଆରମ୍ଭ 182
ପିତର ଓ ଯୋହନ ଏକ ଭିକ୍ଷୁକକୁ ସୁସ୍ଥ କରନ୍ତି 187
ସ୍ତିଫାନ ଏବଂ ଫିଲିପ୍ପ 190
ସ୍ତିଫାନଙ୍କୁ ହତ୍ୟା କରୁଥିବା ଲୋକମାନଙ୍କର ବସ୍ତ୍ରକୁ ଜଗିଥିବା ଯୁବା ବ୍ୟକ୍ତି ଜଣକଟି ସାଉଲ ଥିଲେ । 195
ଶାଉଲ ରୋମୀୟ ସାମ୍ରାଜ୍ୟ ସାରା ଯାତ୍ରା କରିବା ସମୟରେ ସେ ତାହାଙ୍କ ରୋମୀୟ ନାମ "ପାଉଲ" ବ୍ୟବହାର କରୁଥିଲେ । 199

ଈଶ୍ୱର ଯେତେବେଳେ ପୃଥିବୀ ସୃଷ୍ଟି କଲେ, ସେତେବେଳେ ସମସ୍ତ ବିଷୟ ସିଦ୍ଧ ଥିଲା । ........ 204
ମରିୟମ ନାମକ ଜଣେ କୁମାରୀଙ୍କୁ ଜଣେ ଦୂତ କହିଲେ ଯେ ସେ ଈଶ୍ୱରଙ୍କ ପୁତ୍ରଙ୍କୁ ଜନ୍ମ ଦେବେ । ........ 209
ଯୀଶୁ ପ୍ରତ୍ୟାବର୍ତ୍ତନ କରନ୍ତି ........ 215

**ଯୋଗଦାନକାରୀ | ........ 221**
OBS translationQuestions ଯୋଗଦାନକାରୀ | ........ 221
Open Bible Stories ଯୋଗଦାନକାରୀ | ........ 221

# OBS translationQuestions

## ସୃଷ୍ଟି

### 01:01

#### ବିଶ୍ୱରେ ସମସ୍ତ ବିଷୟ କେଉଁଠାରୁ ଆସିଲା ?

ପରମେଶ୍ୱର ସମସ୍ତ ବିଷୟ ସୃଷ୍ଟି କଲେ ।

#### ସମସ୍ତ ବିଷୟ ସୃଷ୍ଟି କରିବାକୁ ପରମେଶ୍ବରଙ୍କୁ କେତେ ସମୟ ଲାଗିଲା ?

ଛ' ଦିନ

---

### 01:02

ତାହାପରେ ପରମେଶ୍ୱର କହିଲେ, ଦୀପ୍ତି ହେଉ । ତହିଁରେ ଦୀପ୍ତି ହେଲା ।ପରମେଶ୍ୱର ଦୀପ୍ତିକୁ ଉତ୍ତମ ଦେଖିଲେ ଓ ତାକୁ ଦିବସ କହିଲେ । ସେ ଏହାକୁ ଅନ୍ଧକାରରୁ ପୃଥକ୍, ଯାହାକୁ ସେ କହିଲେ "ରାତ୍ର" । ପରମେଶ୍ୱର ସୃଷ୍ଟିର ପ୍ରଥମ ଦିନରେ ଆଲୋକ ସୃଷ୍ଟି କଲେ ।

#### ପରମେଶ୍ୱର ପ୍ରତିଟି ବିଷୟର ସୃଷ୍ଟି ପରେ ପ୍ରତ୍ୟେକ ଦିବସର ଶେଷରେ ତାଙ୍କ ସାଧାରଣ ପ୍ରତିଉତ୍ତର କଣ ଥିଲା ?

ସେ କହିଲେ , " ଏହା ଉତ୍ତମ "

---

### 01:03

ସୃଷ୍ଟିର ଦ୍ୱିତୀୟ ଦିନରେ ପରମେଶ୍ୱର ପୃଥିବୀ ଉପରେ ଆକାଶ ସୃଷ୍ଟି ହେବାକୁ କହିଲେ । ସେ ନିମ୍ନ ଜଳ ଠାରୁ ଉର୍ଦ୍ଧ ଜଳକୁ ପୃଥକ୍ କରିବା ଦ୍ୱାରା ଆକାଶ ସୃଷ୍ଟି କଲେ ।

---

### 01:04

ତୃତୀୟ ଦିନରେ ପରମେଶ୍ୱର କହିଲେ ଓ ଶୁଷ୍କ ଭୂମିରୁ ଜଳକୁ ପୃଥକ କଲେ । ସେ ଶୁଷ୍କ ଭୂମିକୁ "ପୃଥିବୀ" କହିଲେ ଓ ସେ ଜଳକୁ "ସମୁଦ୍ର" ସେ କହିଲେ । ପରମେଶ୍ୱର ଦେଖିଲେ ଯାହା ସେ ସୃଷ୍ଟି କରିଥିଲେ ଉତ୍ତମ ଥିଲା

### ପରମେଶ୍ୱର ପ୍ରତିଟି ବିଷୟର ସୃଷ୍ଟି ପରେ ପ୍ରତ୍ୟେକ ଦିବସର ଶେଷରେ ତାଙ୍କ ସାଧାରଣ ପ୍ରତିଉତ୍ତର କଣ ଥିଲା ?

ସେ କହିଲେ , " ଏହା ଉତ୍ତମ "

---

## 01:05

ତାହାପରେ ପରମେଶ୍ୱର କହିଲେ "ପୃଥିବୀରେ ସମସ୍ତ ପ୍ରକାର ଗଛଗୁଡିକ ଓ ତୃଣଗୁଡିକ ଉତ୍ପନ୍ନ ହେଉ । ଏବଂ ସେହିପରି ହେଲା । ପରମେଶ୍ୱର ଦେଖିଲେ ଯାହା ସେ ସୃଷ୍ଟି କରିଥିଲେ ଉତ୍ତମ ଥିଲା ।

### ପରମେଶ୍ୱର ପ୍ରତିଟି ବିଷୟର ସୃଷ୍ଟି ପରେ ପ୍ରତ୍ୟେକ ଦିବସର ଶେଷରେ ତାଙ୍କ ସାଧାରଣ ପ୍ରତିଉତ୍ତର କଣ ଥିଲା ?

ସେ କହିଲେ , " ଏହା ଉତ୍ତମ "

---

## 01:06

ସୃଷ୍ଟିର ଚତୁର୍ଥ ଦିନରେ, ପରମେଶ୍ୱର କହିଲେ ଏବଂ ସୂର୍ଯ୍ୟ, ଚନ୍ଦ୍ର ଓ ତାରାଗଣ ସୃଷ୍ଟି କଲେ । ପରମେଶ୍ୱର ସେସମସ୍ତଙ୍କୁ ପୃଥିବୀରେ ଦୀପ୍ତି ଦେବାକୁ ଏବଂ ଦିନ, ରାତ୍ରି, ଋତୁଗୁଡିକ ଓ ବର୍ଷମାନଙ୍କର ସଂକେତ ପାଇଁ ବ୍ୟବହୃତ ହେବାକୁ କହିଲେ । ପରମେଶ୍ୱର ଦେଖିଲେ ଯାହା ସେ ସୃଷ୍ଟି କରିଥିଲେ ଉତ୍ତମ ଥିଲା ।

### ପରମେଶ୍ୱର ପ୍ରତିଟି ବିଷୟର ସୃଷ୍ଟି ପରେ ପ୍ରତ୍ୟେକ ଦିବସର ଶେଷରେ ତାଙ୍କ ସାଧାରଣ ପ୍ରତିଉତ୍ତର କଣ ଥିଲା ?

ସେ କହିଲେ , " ଏହା ଉତ୍ତମ "

---

## 01:07

ପଞ୍ଚମ ଦିନରେ ପରମେଶ୍ୱର କହିଲେ ଏବଂ ଜଳରେ ପହଁରିବା ସମସ୍ତ ଜୀବଗୁଡିକୁ ଓ ପକ୍ଷୀମାନଙ୍କୁ ସୃଷ୍ଟି କଲେ । ପରମେଶ୍ୱର ତାହା ଉତ୍ତମ ଦେଖିଲେ ଏବଂ ସେ ସେମାନଙ୍କୁ ଆଶୀର୍ବାଦ କଲେ ।

### ପରମେଶ୍ୱର ପ୍ରତିଟି ବିଷୟର ସୃଷ୍ଟି ପରେ ପ୍ରତ୍ୟେକ ଦିବସର ଶେଷରେ ତାଙ୍କ ସାଧାରଣ ପ୍ରତିଉତ୍ତର କଣ ଥିଲା ?

ସେ କହିଲେ , " ଏହା ଉତ୍ତମ "

---

## 01:08

ସୃଷ୍ଟିର ଷଷ୍ଠ ଦିନରେ, ପରମେଶ୍ୱର କହିଲେ, " ଭୂମିର ସମସ୍ତ ପ୍ରକାର ପଶୁଗୁଡ଼ିକ ସୃଷ୍ଟି ହେଉ । ପରମେଶ୍ୱର ଯେମିତି କହିଲେ, ଠିକ ସେହିପରି ହେଲା । କେତେକ କୃଷି ଉପଯୋଗୀ ପଶୁ ଥିଲେ, କେତେକ ଭୂମି ଉପରେ ଚାଲିବ ସରିସୃପ ପ୍ରାଣୀ ଓ କେତେକ ବନ୍ୟ ପଶୁଗୁଡିକ ଥିଲେ । ଏବଂ ପରମେଶ୍ୱର ସେଗୁଡିକ ଉତ୍ତମ ଦେଖିଲେ ।

### ପରମେଶ୍ୱର ପ୍ରତିଟି ବିଷୟର ସୃଷ୍ଟି ପରେ ପ୍ରତ୍ୟେକ ଦିବସର ଶେଷରେ ତାଙ୍କ ସାଧାରଣ ପ୍ରତିଉତ୍ତର କଣ ଥିଲା ?

ସେ କହିଲେ , " ଏହା ଉତ୍ତମ "

---

## 01:09

ତା'ପରେ ପରମେଶ୍ୱର କହିଲେ, ଆସ,ଆମ୍ଭେ ମଣିଷକୁ ଆମ୍ଭପରି ନିଜ ସାଦୃସ୍ୟରେ ସୃଷ୍ଟି କରିବା । ପୃଥିବୀ ଉପରେ ଓ ସମସ୍ତ ପଶୁମାନଙ୍କ ଉପରେ ସେମାନଙ୍କର ଅଧିକାର ରହିବ ।

### ପରମେଶ୍ୱର ମନୁଷ୍ୟକୁ କିପରି ଭାବରେ ପଶୁମାନଙ୍କ ଠାରୁ ଭିନ୍ନ ରୂପେ ସୃଷ୍ଟି କଲେ ?

ସେ ତାଙ୍କର ପ୍ରତିମୁର୍ତ୍ତି ଏବଂ ସାଦୃଶ୍ୟରେ ମନୁଷ୍ୟକୁ ସୃଷ୍ଟି କଲେ

### ପରମେଶ୍ୱର ମନୁଷ୍ୟକୁ କ'ଣ କ'ଣ ଦାୟୀତ୍ୱ ବହନ କରିବାକୁ କହିଲେ ?

ସେମାନଙ୍କୁ ପୃଥିବୀ ଏବଂ ପଶୁମାନଙ୍କ ଉପରେ ଅଧିକାର କରିବାକୁ ଏବଂ ସେମାଙ୍କର ଯତ୍ନ ନେବାକୁ କହିଲେ

---

## 01:10

ତେଣୁ ପରମେଶ୍ୱର କିଛି ଧୂଳି ନେଲେ, ମଣିଷକୁ ନିର୍ମାଣ କଲେ, ଏବଂ ତା ଭିତରେ ଜୀବନର ଫୁଙ୍କ ଦେଲେ । ଏହି ମଣିଷର ନାମ ଆଦମ ଥିଲା । ପରମେଶ୍ୱର ଏକ ଉଦ୍ୟାନ ରୋପଣ କଲେ, ଯେଉଁଠାରେ ଆଦମ ରହିବ ଏବଂ ତାହାର ଯତ୍ନ କରିବା ପାଇଁ ତାହାକୁ ସେହିଠାରେ ରଖିଲେ ।

### ପରମେଶ୍ୱର କିପରି ପ୍ରଥମ ମନୁଷ୍ୟକୁ ସୃଷ୍ଟି କଲେ ?

ପରମେଶ୍ୱର ମନୁଷ୍ୟକୁ ମାଟିରୁ ସୃଷ୍ଟି କଲେ

### ମନୁଷ୍ୟ କିପରି ଜୀବନ ପାଇଲା ?

ପରମେଶ୍ୱର ତା ମଧ୍ୟକୁ ଜୀବନ ଶ୍ୱାସ ଫୁଙ୍କିଲେ

### ମନୁଷ୍ୟର ନାମ କଣ ଥିଲା ?

ଆଦମ

### ପରମେଶ୍ୱର ଆଦମକୁ କେଉଁଠି ରଖିଲେ ?

ପରମେଶ୍ୱର ରୋପଣ କରିଥିବା ଏକ ଉଦ୍ୟାନରେ ରଖିଲେ

---

## 01:11

ଉଦ୍ୟାନର ମଧ୍ୟରେ, ପରମେଶ୍ୱର ଦୁଇଗୋଟି ମୁଖ୍ୟ ବୃକ୍ଷ୍ୟଗୁଡିକ ରୋପଣ କରିଲେ - ଜୀବନ ଦାୟକ ବୃକ୍ଷ ଓ ଭଲ ଓ ମନ୍ଦ ଜ୍ଞାନଦାୟକ ବୃକ୍ଷ ।ପରମେଶ୍ୱର ଆଦମକୁ କହିଲେ ଯେ ଭଲ ଓ ମନ୍ଦ ଜ୍ଞାନଦାୟକ ବୃକ୍ଷୟର ଫଳକୁ ଛାଡି ଉଦ୍ୟାନରେ ଥିବା ପ୍ରତ୍ୟେକ ଗଛଗୁଡ଼ିକରୁ ଖାଇପାରିବ । ଯଦି ଏହି ବୃକ୍ଷୟର ଫଳ ସେ ଖାଏ, ତେବେ ସେ ମରିବ ।

### କେଉଁ ବିଶେଷ ବୃକ୍ଷରୁ ଆଦାମକୁ ଫଳ ଖାଇବା ପାଇଁ ଅନୁମତି ନ ଥିଲା ?

ସତ ଅସତ ଜ୍ଞାନ ଦାୟକ ବୃକ୍ଷ

### ସତ ଅସତ ଜ୍ଞାନ ଦାୟକ ବୃକ୍ଷରୁ ଆଦାମ ଫଳ ଖାଇଲେ କଣ ହେବ ?

ସେ ମୃତ୍ୟୁ ବରଣ କରିବ

---

## 01:12

ତାହା ପରେ ପରମେଶ୍ୱର କହିଲେ, ମଣିଷ ଏକାକି ରହିବା ଭଲ ନୁହଁ । କିନ୍ତୁ, କୌଣସି ପଶୁ ଆଦମଙ୍କ ନିମନ୍ତେ ସାହାଯ୍ୟକାରୀ ନ ଥିଲେ ।

### ସମସ୍ତ ପ୍ରକାର ଜୀବଜନ୍ତ ଥିଲେ ସୁଦ୍ଧା ଆଦମ କାହିଁକି "ନିସଙ୍ଗ" ଥିଲା ?

ଆଦମ ପାଇଁ ଜୀବଜନ୍ତୁମାନେ "ସାହାଯ୍ୟକାରୀ" ହୋଇ ପାରି ନ ଥିଲେ

---

## 01:13

ତେଣୁ, ପରମେଶ୍ୱର ଆଦମଙ୍କୁ ଘୋର ନିଦ୍ରାରେ ଶୋଆଇ ଦେଲେ । ତା'ପରେ, ପରମେଶ୍ୱର ଆଦମର ଏକ ପଞ୍ଜରା ହାଡ଼କୁ ନେଇ ଏକ ନାରୀକୁ ତିଆରି କଲେ ଓ ତାଙ୍କୁ ଆଦମଙ୍କ ନିକଟକୁ ଆଣିଲେ ।

### ପରମେଶ୍ୱର କିପରି ନାରୀକୁ ସୃଷ୍ଟି କଲେ ?

ସେ ତାହାକୁ ଆଦମର ପଞ୍ଜରା ହାଡରୁ ଗଢିଲେ

---

## 01:14

ଯେତେବେଳେ ଆଦମ ତାଙ୍କୁ ଦେଖିଲା, ସେ କହିଲା, ଶେଷରେ ! ଏ ଜଣ ମୋ ପରି ଅଟେ ! ସେ ନାରୀ ବୋଲି ଡକା ଯିବ, ଯେହେତୁ ସେ ନରଠାରୁ ସୃଷ୍ଟି ହୋଇଅଛି । ଏହି କାରଣରୁ ମଣିଷ ତାହାର ପିତାମାତାଙ୍କୁ ଛାଡି ତା ସ୍ତ୍ରୀ ସହିତ ଏକ ହେବ ।

### ଆଦମ ପାଇଁ ''ନାରୀ'' ନାମର ଉଦ୍ଦେଶ୍ୟ କଣ ଥିଲା ?

ଏହାର ଉଦ୍ଦେଶ୍ୟ ଥିଲା ଯେ ନାରୀ ନରଠାରୁ ସୃଷ୍ଟି ହୋଇଅଛି

### ଏକ ନର ସ୍ତ୍ରୀ ପ୍ରାପ୍ତ କରିବାର ଉଦେଶ୍ୟ କଣ ଅଟେ ?

ସେମାନେ ଏକ ହେବେ

---

## 01:15

ପରମେଶ୍ୱର ନର ଓ ନାରୀକୁ ତାଙ୍କ ନିଜ ସାଦୃଶ୍ୟରେ ନିର୍ମାଣ କରିଲେ । ସେ ସେମାନଙ୍କୁ ଆଶୀର୍ବାଦ କଲେ ଏବଂ କହିଲେ, ଅନେକ ପୁତ୍ରକନ୍ୟାମାନ ଓ ନାତିନାତୁଣୀମାନଙ୍କୁ ଜନ୍ମ କର ଏବଂ ପୃଥିବୀକୁ ପରିପୂର୍ଣ କର । ପରମେଶ୍ୱର ଯାହାସବୁ ସୃଷ୍ଟି କରିଥିଲେ, ସେହିସବୁ ଅତି ଉତ୍ତମ ଦେଖିଲେ । ଯାହା ସେହି ସବୁଥିରେ ତାଙ୍କ ଅତି ସନ୍ତୋଷ ଥିଲା । ଏ ସମସ୍ତ ବିଷୟ ସୃଷ୍ଟିର ଷଷ୍ଠ ଦିନରେ ହେଲା ।

### ପରମେଶ୍ୱର ସୃଷ୍ଟି ସମାପ୍ତ କରିବା ପରେ ଏଥି ପ୍ରତି ତାଙ୍କର ମୂଲ୍ୟାଙ୍କନ କଣ ଥିଲା ?

ଏହା ଅତି ଉତ୍ତମ ଥିଲା

---

## 01:16

ଯେତେବେଳେ ସପ୍ତମ ଦିନ ଆସିଲା, ପରମେଶ୍ୱର ତାଙ୍କ ସମସ୍ତ କାର୍ଯ୍ୟ ସମାପ୍ତ କରିଥିଲେ । ତେଣୁ ପରମେଶ୍ୱର ସମସ୍ତ କାର୍ଯ୍ୟଠାରୁ ଯାହା ସେ କରି ଆସୁଥିଲେ ବିଶ୍ରାମ ନେଲେ । ସେ ସପ୍ତମ ଦିନକୁ ଆଶୀର୍ବାଦ କରି ପବିତ୍ର କଲେ । କାରଣ ଏହି ଦିନରେ ସେ ତାଙ୍କ କାର୍ଯ୍ୟଠାରୁ ବିଶ୍ରାମ ନେଲେ । ଏହି ପ୍ରକାରେ ପରମେଶ୍ୱର ବ୍ରହ୍ମାଣ୍ଡ ଓ ତହିର ସମସ୍ତ ବିଷୟ ସୃଷ୍ଟି କରିଲେ ।

### ସପ୍ତମ ଦିବସରେ ପରମେଶ୍ୱର କଣ କଲେ ?

ସେ ବିଶ୍ରାମ ନେଲେ ଏବଂ ସପ୍ତମ ଦିବସକୁ ଆଶୀର୍ବାଦ କରି ପବିତ୍ର କଲେ

# ପାପ ଜଗତକୁ ପ୍ରବେଶ କଲା ।

## 02:01

ପରମେଶ୍ୱର ସେମାନଙ୍କ ନିମନ୍ତେ ପ୍ରସ୍ତୁତ କରିଥିବା ସୁନ୍ଦର ଉଦ୍ୟାନରେ ଆଦମ ଏବଂ ତାର ସ୍ତ୍ରୀ ବହୁତ ଆନନ୍ଦମୟ ଜୀବନ କାଟୁଥିଲେ । ସେମାନେ କେହିହେଲେ ପୋଷାକ ପିନ୍ଧି ନ ଥିଲେ, କିନ୍ତୁ ଏହା ସେମାନଙ୍କ ପାଇଁ କୌଣସି ଲଜ୍ଜାର କାରଣ ନ ଥିଲା। ଯେହେତୁ, ଜଗତରେ ପାପ ନ ଥିଲା । ସେମାନେ ସବୁବେଳେ ଉଦ୍ୟାନରେ ଯିବା ଆସିବା କରୁଥିଲେ ଓ ପରମେଶ୍ୱରଙ୍କ ସହିତ କଥା ହେଉଥିଲେ ।

### ଉଲଗ୍ନ ଥିଲେ ସୁଦ୍ଧା ଆଦମ ଓ ହବା କାହିଁକି ଲଜ୍ଜିତ ନ ଥିଲେ ?

ଜଗତରେ ପାପ ନ ଥିଲା

---

## 02:02

କିନ୍ତୁ, ଉଦ୍ୟାନରେ ଏକ ଚତୁର ସର୍ପ ଥିଲା । ସେ ନାରୀଙ୍କୁ ପଚାରିଲା, ପରମେଶ୍ୱର ସତ୍ୟରେ ଉଦ୍ୟାନର କୌଣସୀ ବୃକ୍ଷର ଫଳ ନ ଖାଇବାକୁ ତୁମକୁ କହିଛନ୍ତି କି ?

### ହବା ପାଇଁ ସର୍ପର ପ୍ରଥମ ପ୍ରଶ୍ନ କଣ ଥିଲା ?

ପରମେଶ୍ୱର କଣ ସତରେ ତୁମକୁ ଏହି ଉଦ୍ୟାନର କୌଣସି ବୃକ୍ଷର ଫଳ ନ ଖାଇବାକୁ କହିଛନ୍ତି କି ?

---

## 02:03

ନାରୀ ଉତ୍ତର ଦେଲା, ପରମେଶ୍ୱର ଆମ୍ଭକୁ କହିଲେ ଭଲ ଏବଂ ମନ୍ଦ ଜ୍ଞାନ ଦାୟକ ବୃକ୍ଷର ଫଳକୁ ଛାଡି ଯେ କୌଣସି ବୃକ୍ଷର ଫଳ ଆମେ ଖାଇ ପାରିବୁ । ପରମେଶ୍ୱର ଆମକୁ କହିଲେ, ଯଦି ତୁମେ ସେହି ଫଳ ଖାଇବ ଅଥବା ଛୁଇଁବ ସେହିଦିନ ତୁମ୍ଭେ ମରିବ ।

### କେଉଁ ବୃକ୍ଷର ଫଳ ଖାଇବାକୁ ଆଦମ ଓ ହବାକୁ ମନା କରା ଯାଇଥିଲା ?

ସେମାନଙ୍କୁ ସତ ଅସତ ଜ୍ଞାନ ଦାୟକ ବୃକ୍ଷର ଫଳ ଖାଇବାକୁ ମନା କରା ଯାଇଥିଲା

### ସତ ଅସତ ଜ୍ଞାନ ଦାୟକ ବୃକ୍ଷରୁ ଆଦମ ଏବଂ ତାହାର ସ୍ତ୍ରୀ ହବା ଫଳ ଖାଇଲେ କଣ ହେବ ବୋଲି ପରମେଶ୍ୱର କହିଥିଲେ ?

ସେ କହିଲେ, ସେମାନେ ମୃତ୍ୟୁ ବରଣ କରିବେ

---

## 02:04

ସର୍ପ ନାରୀକୁ କହିଲା, ତାହା ସତ ନୁହଁ । ତୁମେ ମରିବ ନାହିଁ । ପରମେଶ୍ୱର ଜାଣନ୍ତି ଯେ, ତୁମେ ଖାଇବା ସଙ୍ଗେ ସଙ୍ଗେ ପରମେଶ୍ୱଙ୍କ ପରି ତୁମେ ହୋଇଯିବ ଓ ତାଙ୍କ ପରି ଭଲ ଓ ମନ୍ଦକୁ ବୁଝି ପାରିବ ।

### ପରମେଶ୍ୱର ସେମାନଙ୍କୁ ଫଳ ଖାଇବାକୁ ମନା କରିବାର କାରଣ କଣ ବୋଲି ସର୍ପ କହିଲା ?

ସେ କହିଲା ପରମେଶ୍ୱର ମିଥ୍ୟା କହୁଛନ୍ତି କାରଣ ତାଙ୍କ ପରି ସମସ୍ତ ବିଷୟକୁ ବୁଝିବାର ଜ୍ଞାନ ସେମାନେ ପାଆନ୍ତୁ ବୋଲି ସେ ଚାହାଁନ୍ତି ନାହିଁ

---

## 02:05

ନାରୀ ତାହା ଦେଖିଲା , ସେହି ଫଳ ଦେଖିବାକୁ ସୁନ୍ଦର ଥିଲା ଓ ଖାଇବାକୁ ସୁସ୍ୱାଦୁ ଥିଲା । ସେ ମଧ୍ୟ ବୁଦ୍ଧିମାନ ହେବାକୁ ଚାହିଲା, ସେଥିପାଇଁ ସେ କିଛି ଫଳ ତୋଳିଲା ଏବଂ ଖାଇଲା । ତା ପରେ ସେ କିଛି ଫଳ ତାର ସ୍ୱାମୀଙ୍କୁ ଦେଲା, ଯିଏ ତାର ସହିତ ଥିଲେ ଏବଂ ସେ ମଧ୍ୟ ସେଥିରୁ କିଛି ଖାଇଲା ।

### ନାରୀ କାହିଁକି ଫଳ ଖାଇଲା ?

ସେ ଦେଖିଲା ଯେ ସେହି ଫଳ ସୁନ୍ଦର ଓ ସ୍ୱାଦିଷ୍ଟ ଏବଂ ସେ ଜ୍ଞାନ ପ୍ରାପ୍ତ କରିବାକୁ ଇଚ୍ଛା କରୁଥିଲା

### ଆଦମ ଓ ହବାକୁ ଫଳ ଖାଇବାପାଇଁ ବାଧ୍ୟ କରା ଯାଇଥିଲା କି ?

ନା, ସେମାନେ ସ୍ୱୟଂ ଇଛାରେ ଫଳ ଖାଇଲେ ଓ ପରମେଶ୍ୱରଙ୍କ ଅବାଧ ହେଲେ

---

## 02:06

ହଠାତ୍, ସେମାନଙ୍କ ଆଖି ଖୋଲିଲା, ଏବଂ ସେମାନେ ଅନୁଭବ କଲେ ଯେ, ସେମାନେ ଉଲଗ୍ନ ହୋଇଛନ୍ତି । ପତ୍ରଗୁଡ଼ିକକୁ ସିଲାଇ କରିବା ଦ୍ୱାରା ସେମାନଙ୍କ ଶରୀରକୁ ଘୋଡାଇବାକୁ ଚେଷ୍ଟା କଲେ ।

### ନର ଓ ନାରୀ ନିଜକୁ ଉଲଗ୍ନ ଅଟୁ ଜାଣିବାପରେ ?

ସେମାନେ ପତ୍ରଗୁଡିକୁ ସିଲେଇକରି ବସ୍ତ୍ର ପ୍ରସ୍ତୁତ କଲେ

---

## 02:07

ତା'ପରେ ପରମେଶ୍ୱର ଉଦ୍ୟାନ ମଧ୍ୟକୁ ଚାଲି ଆସୁଥିବା ଶବ୍ଦ ପୁରୁଷ ଓ ତାଙ୍କ ସ୍ତ୍ରୀ ଶୁଣିବାକୁ ପାଇଲେ । ସେମାନେ ଦୁହେଁ ପରମେଶ୍ୱରଙ୍କଠାରୁ । ତା'ପରେ ପରମେଶ୍ୱର ପୁରୁଷକୁ ଡାକିଲେ, ତୁମେ କେଉଁ ଠାରେ ଅଛ ? ଆଦମ ଉତ୍ତର ଦେଲା, ତୁମ୍ଭେ ଏଦନ ଉଦ୍ୟାନରେ ଚାଲିବାର ମୁଁ ଶୁଣିଲି ଓ ମୁଁ ଭୟ କଲି, କାରଣ ମୁଁ ଉଲଗ୍ନ ଥିଲି । ତେଣୁ ମୁଁ ଲୁଚିଲି।

---

## 02:08

ତେବେ ପରମେଶ୍ୱର ପଚାରିଲେ, ତୁମେ ଯେ ଉଲଗ୍ନ ଅଛ ତୁମକୁ କିଏ କହିଲା ? ଯେଉଁ ଫଳ ନ ଖାଇବାକୁ ମୁଁ କହିଥିଲି, ସେହି ଫଳ ତୁମେ ଖାଇଲ କି ?ପୁରୁଷ ଉତ୍ତର ଦେଲା, ଏହି ସ୍ତ୍ରୀକୁ ତୁମେ ମୋତେ ଦେଲ ଏବଂ ସେ ମୋତେ ଫଳ ଖାଇବାକୁ ଦେଲା । ପରମେଶ୍ୱର ନାରୀଙ୍କୁ ପଚାରିଲେ, ଏହା ତୁମେ କ'ଣ କଲ ? ନାରୀ ଉତ୍ତର ଦେଲା, ସର୍ପ ମୋତେ ଭୁଲାଇଲା ।

### ଯେତେବେଳେ ପରମେଶ୍ୱର ନରର ପାପକୁ ସମ୍ମୁଖରେ ଆଣିଲେ, ତାହାର ପ୍ରତିଉତ୍ତର କଣ ଥିଲା ?

ସେ ନାରୀକୁ ଦୋଷାରୋପ କଲା

### ନାରୀର ପାପ ପାଇଁ ପରମେଶ୍ୱର ପ୍ରଶ୍ନ କରିବା ବେଳେ ତାହାର ପ୍ରତିକ୍ରିୟା କଣ ଥିଲା ?

ସେ ସର୍ପକୁ ଦୋଷାରୋପ କଲା

---

## 02:09

ପରମେଶ୍ୱର ସର୍ପକୁ କହିଲେ, ତୁମେ ଅଭିଶପ୍ତ ହୋଇ ଅଛ । ତୁମେ ତୁମ ପେଟରେ ଚାଲିବ ଓ ଧୂଳି ଖାଇବ । ତୁମେ ଓ ନାରୀ ପରସ୍ପରକୁ ଘୃଣା କରିବ । ଏବଂ ତୁମ ସନ୍ତାନ ଓ ତାର ସନ୍ତାନ ମଧ୍ୟ ଘୃଣା କରିବେ । ନାରୀର ବଂଶ ତୁମର ମସ୍ତକକୁ ଆଘାତ କରିବ ଓ ତୁମେ ତାର ଗୋଇଠାକୁ କାମୁଡିବ ।

### ସର୍ପ ପ୍ରତି ପରମେଶ୍ବରଙ୍କ ଅଭିଶାପ କଣ ଥିଲା ?

ତୁ ପେଟଦେଇ ଗମନ କରିବୁ ଏବଂ ନାରୀର ସନ୍ତାନ ତୋର ମସ୍ତକକୁ ଚୁର୍ଣ୍ଣ କରିବ

---

## 02:10

ତା'ପରେ ପରମେଶ୍ୱର ନାରୀଙ୍କୁ କହିଲେ, ମୁଁ ତୁମ୍ଭର ପ୍ରସବ ବେଦନା ଅତିଶୟ ବଢାଇବି । ତୁମ୍ଭେ ତୁମ୍ଭର ସ୍ୱାମିଙ୍କୁ ଚାହିଁବ ଏବଂ ସେ ତୁମ୍ଭ ଉପରେ ଶାସନ କରିବ ।

### ନାରୀକୁ ପରମେଶ୍ବରଙ୍କର ଅଭିଶାପ କଣ ଥିଲା ?

ତୁ ଯନ୍ତ୍ରଣାରେ ସନ୍ତାନ ପ୍ରସବ କରିବୁ ଓ ଯଦିଓ ତୋହର ଆସକ୍ତି ସ୍ୱାମୀ ପ୍ରତି ରହିଲେ ମଧ୍ଯ ସେ ତୋ ଉପରେ ଅଧିକାର କରିବ

---

## 02:11

ପରମେଶ୍ୱର ମନୁଷ୍ୟକୁ କହିଲେ, ତୁମ୍ଭେ ଆପଣା ସ୍ତ୍ରୀର କଥା ଶୁଣିଲ ଓ ମୋର ଅବାଧ ହେଲ । ବର୍ତ୍ତମାନ ଭୂମି ଅଭିଶପ୍ତ ହେଲା, ଏବଂ ତୁମକୁ ଖାଦ୍ୟ ଉତ୍ପନ୍ନ କରିବା ପାଇଁ କଠିନ ପରିଶ୍ରମ କରିବାକୁ ପଡିବ । ତୁମେ ମରିବ ଏବଂ ତୁମ ଶରୀର ମାଟିକୁ ଫେରିବ । ପୁରୁଷ ତାର ସ୍ତ୍ରୀକୁ ହବା ନାମ ଦେଲା, ଯାହାର ଅର୍ଥ ଜୀବନଦାୟୀ, କାରଣ ସେ ଅନେକ ଲୋକଙ୍କର ମାତା ହେବେ । ଏବଂ ପରମେଶ୍ୱର ଆଦମ ଓ ହବାଙ୍କୁ ପଶୁର ଚମଡାରେ ଆଚ୍ଛାଦିତ କଲେ ।

### ନରକୁ ପରମେଶ୍ବରଙ୍କର ଅଭିଶାପ କଣ ଥିଲା ?

ତୁମ୍ଭେ ଖାଦ୍ୟ ପାଇଁ ଅତିଶୟ ପରିଶ୍ରମ କରିବ ଓ ମୃତ୍ୟୁ ବରଣ କରି ମାଟିକୁ ଫେରିବ

---

## 02:12

ତା'ପରେ ପରମେଶ୍ୱର କହିଲେ, ବର୍ତ୍ତମାନ ଭଲ ଓ ମନ୍ଦ ଜାଣିବ ଦ୍ୱାରା ମନୁଷ୍ୟ ଆମ୍ଭ ପରି ଜଣେ ହୋଇଅଛି, ସେମାନେ ସର୍ବଦା ବଞ୍ଚି ରହିବା ପାଇଁ ଜୀବନଦାୟୀ ବୃକ୍ଷର ଫଳ ଖାଇବା ଉଚିତ୍ ନୁହେଁ । ତେଣୁ ପରମେଶ୍ୱର ଆଦମ ଓ ହବାକୁ ସୁନ୍ଦର ଉଦ୍ୟାନରୁ ବାହାର କଲେ ଏବଂ ଦୂରକୁ ପଠାଇଲେ। ଜୀବନଦାୟୀ ବୃକ୍ଷର ଫଳକୁ ଯେପରି ନ ଖାଇବା ପାଇଁ, ପରମେଶ୍ୱର ଶକ୍ତିଶାଳୀ ଦୂତଗଣମାନଙ୍କୁ ଉଦ୍ୟାନର ଫାଟକରେ ଜଗୁଆଳି ଭାବରେ ରଖିଲେ ।

### ସଦା ସର୍ବଦା ଜୀବିତ ରହିବାରୁ ପରମେଶ୍ୱର କିପରି ଆଦମ ଓ ହବାକୁ କିପରି ନିବୃତ କଲେ ?

ସେ ସେମାନଙ୍କୁ ଉଦ୍ୟାନରୁ ବହିଷ୍କୃତ କଲେ ଓ ଶକ୍ତିଶାଳୀ ଦୂତ ମାନଙ୍କ ଦ୍ୱାରା ଦ୍ୱାରକୁ ପହରା କରାଇଲେ

# ଜଳପ୍ଲାବନ

## 03:01

ଏକ ଦୀର୍ଘ ସମୟ ପରେ, ଅନେକ ଲୋକମାନେ ଜଗତରେ ବାସ କରୁଥିଲେ । ସେମାନେ ଅତି ଦୁଷ୍ଟ ଓ ହିଂସାଜନକ ଥିଲେ । ଏତେ ମନ୍ଦ ହେଲା ଯେ, ପରମେଶ୍ୱର ସାରା ଜଗତକୁ ମହାବନ୍ୟା ଦ୍ୱାରା ସମଗ୍ର ପୃଥିବୀକୁ ଧ୍ୱଂସ କରିବାକୁ ନିଷ୍ପତ୍ତି ନେଲେ ।

### ପରମେଶ୍ୱର ଜଗତକୁ ଧ୍ୱଂସ କରିବା ପାଇଁ କାହିଁକି ନିଷ୍ପତ୍ତି ନେଲେ ?

ମନୁଷ୍ୟମାନେ ବହୁତ ଦୁଷ୍ଟ ଓ ହିଂସା ଜନକ ହେଲେ

### ଜଗତକୁ ଧ୍ୱଂସ କରିବା ପାଇଁ ପରମେଶ୍ୱର କିପରି ଯୋଜନା କଲେ ?

ସେ ଜଳ ପ୍ଲାବନ ପଠାଇବେ

---

## 03:02

କିନ୍ତୁ ନୋହ ପରମେଶ୍ୱରଙ୍କ ଦୃଷ୍ଟିରେ ଅନୁଗ୍ରହ ପ୍ରାପ୍ତ ଥିଲେ । ସେ ମନ୍ଦ ଲୋକମାନଙ୍କ ଗହଣରେ ଜଣେ ଧାର୍ମିକ ବ୍ୟକ୍ତିଭାବରେ ଜୀବନଯାପନ କାଟୁଥିଲେ । ପରମେଶ୍ୱର ନୋହଙ୍କୁ ଜଳପ୍ଲାବନ ପଠାଇବାର ଯୋଜନା ବିଷୟରେ କହିଲେ । ସେ ନୋହଙ୍କୁ ଏକ ବୃହତ୍ ଜାହଜ ତିଆରି କରିବାକୁ କହିଲେ ।

### ନୋହ କାହିଁକି ପରମେଶ୍ବରଙ୍କର ଦୃଷ୍ଟିରେ ଅନୁଗ୍ରହ ପାଇଲା ?

ସେ ଜଣେ ଧାର୍ମିକ ବ୍ୟକ୍ତି ଥିଲେ

---

## 03:03

୧୪୦ ମିଟର ଲମ୍ବା, ୨୩ ମିଟର ଚଉଡା ଓ ୧୩.୫ ମିଟର ଉଚ୍ଚତାର ଡଙ୍ଗା ତିଆରି କରିବାକୁ ପରମେଶ୍ୱର ନୋହଙ୍କୁ କହିଲେ । ଏହାକୁ କାଠ ଦ୍ୱାରା ନିର୍ମିତ କରିବାକୁ ଏବଂ ତିନି ମହଲାରେ ଅନେକ କୋଠରୀ, ଏକ ଛାତ ଓ ଏକ ଝରକା ତିଆରି କରିବାକୁ କହିଲେ । ଏହି ଜାହାଜ ଜଳପ୍ଲାବନ ସମୟରେ ନୋହଙ୍କ, ତାଙ୍କ ପରିବାର, ଏବଂ ସମସ୍ତ ପ୍ରକାର ସ୍ଥଳଚର ପଶୁମାନଙ୍କୁ ସୁରକ୍ଷିତ ରଖିବ ।

### ପରମେଶ୍ୱର ନୋହଙ୍କୁ କଣ କରିବା ପାଇଁ କହିଲେ ?

ଏକ ବିଶାଳ ଜାହାଜ ତିଆରି କର

### ଜାହାଜର ଉଦେଶ୍ୟ କଣ ଥିଲା ?

ଜଳ ପ୍ଲାବନ ସମୟରେ ନୋହ, ତାର ପରିବାର, ଏବଂ ସମସ୍ତ ପ୍ରାଣୀ ମାନଙ୍କୁ ସୁରକ୍ଷା ରଖିବା ପାଇଁ

---

## 03:04

ନୋହ ପରମେଶ୍ୱରଙ୍କର ବାଧ ହେଲେ । ପରମେଶ୍ୱର ଯେପ୍ରକାରେ କହିଲେ, ଠିକ୍ ସେହି ପ୍ରକାରେ ନୋହ ଓ ତାଙ୍କ ତିନି ପୁତ୍ରମାନେ ଜାହାଜ ନିର୍ମାଣ କରିଥିଲେ । ଜହାଜ ତିଆରି କରିବାକୁ ଅନେକ ବର୍ଷ ଲାଗିଥିଲା କାରଣ ଏହା ଅତି ବୃହତ୍ ଥିଲା ।ଆସୁଥିବା ଜଳ ପ୍ଲାବନ ବିଷୟରେ ନୋହ ଲୋକମାନଙ୍କୁ ସଚେତନ କରାଉଥିଲେ, ଏବଂ ପରମେଶ୍ୱରଙ୍କର ଆଡକୁ ଫେରିବାକୁ କହୁଥିଲେ, କିନ୍ତୁ ସେମାନେ ତାଙ୍କ କଥାକୁ ବିଶ୍ୱାସ କଲେ ନାହିଁ ।

### ଲୋକମାନଙ୍କ ପ୍ରତିକ୍ରିୟା କଣ ଥିଲା ଯେତେବେଳେ ନୋହ ସେମାନଙ୍କୁ ଜଳ ପ୍ଲାବନ ହେବାକୁ ଯାଉଥିବା ବିଷୟରେ କହିଲେ ?

ସେମାନେ ତା'ଙ୍କୁ ବିଶ୍ୱାସ କଲେ ନାହିଁ

---

## 03:05

ପରମେଶ୍ୱର ନୋହକୁ ଏବଂ ତାଙ୍କ ପରିବାରକୁ ତାଙ୍କ ନିମନ୍ତେ ଓ ପଶୁମାନଙ୍କ ପାଇଁ ଯଥେଷ୍ଟ ଖାଦ୍ୟ ସଂଗ୍ରହ କରିବାକୁ ଆଜ୍ଞା ଦେଲେ । ଯେତେବେଳେ ସମସ୍ତ ପ୍ରସ୍ତୁତ ହେଲା, ନୋହଙ୍କୁ ପରମେଶ୍ୱର କହିଲେ, ବର୍ତ୍ତମାନ ତୁମେ, ତୁମ ସ୍ତ୍ରୀ, ତୁମ ପୁଅମାନେ ଏବଂ ତାଙ୍କ କନ୍ୟାମାନେ ସମସ୍ତ ଆଠ ଜଣ ଡଙ୍ଗା ଭିତରକୁ ପ୍ରବେଶ କରିବାର ସମୟ ହୋଇ ଅଛି ।

---

## 03:06

ପରମେଶ୍ୱର ପଶୁ ଓ ପକ୍ଷୀମାନଙ୍କ ପ୍ରତ୍ୟେକ ଦମ୍ପତିକୁ ନୋହଙ୍କ ନିକଟକୁ ପଠାଇଲେ ଯେପରି ସେମାନେ ଜଳପ୍ଲାବନ ସମୟରେ ନିମନ୍ତେ ଜାହାଜ ଭିତରକୁ ଯାଇ ସୁରକ୍ଷିତ ରହିବେ । ପରମେଶ୍ୱର ବଳି ନିମନ୍ତେ ସାତଟି ଅଣ୍ଡିରା ଓ ମାଈ ସମସ୍ତ ପଶୁଗୁଡିକୁ ନୋହଙ୍କ ପାଖକୁ ପଠାଇଲେ । ଯେତେବେଳେ ସେମାନେ ଜାହାଜ ଭିତରେ ଥିଲେ, ପରମେଶ୍ୱର ନିଜେ ଦ୍ୱାର ବନ୍ଦ କଲେ ।

### ଜଳ ପ୍ଲାବନ ପୂର୍ବରୁ କେଉଁ ପ୍ରାଣୀମାନେ ଜାହାଜ ମଧ୍ୟକୁ ଆସିଲେ ?

ପ୍ରତ୍ୟେକ ପ୍ରକାରର ପ୍ରାଣୀମାନଙ୍କ ଉଭୟ ଲିଙ୍ଗମାନଙ୍କୁ ଏବଂ ବଳି କରାଯିବା ପାଇଁ ପ୍ରତ୍ୟେକ ପ୍ରାଣୀ ମାନଙ୍କର ଉଭୟ ଲିଂଗରୁ ସାତ ସାତ ପ୍ରାଣୀ ଆବଶ୍ୟକ ଥିଲା

### ନୋହର ପରିବାର ଏବଂ ସମସ୍ତ ପ୍ରାଣୀମାନେ ଜାହାଜ ମଧ୍ୟକୁ ଆସି ସାରିବା ପରେ କିଏ ଦ୍ୱାର ବନ୍ଦ କଲା ?

ପରମେଶ୍ୱର ଦ୍ୱାର ବନ୍ଦ କଲେ

## 03:07

ତା'ପରେ ପ୍ରବଳ ବର୍ଷା, ଆରମ୍ଭ ହେଲା । ୪୦ ଦିନ ଓ ୪୦ ରାତ୍ର ଧରି ଅବିରତ ବର୍ଷା ହେଲା । ପୃଥିବୀର ଉପରକୁ ପାଣି ପ୍ରବାହିତ ହେବାକୁ ଲାଗିଲା। ପୃଥିବୀର ସମସ୍ତ ଉପରେ ଏପରିକି ସବୁଠାରୁ ଉଚ୍ଚତ୍ତମ ପର୍ବତ ମଧ ପାଣିରେ ବୁଡିବାକୁ ଲାଗିଲା ।

### ଦୀର୍ଘ କେତେ ସମୟ ଧରି ବର୍ଷା ହେଲା ?

ଚାଳିଶ ଦିନ ଓ ଚାଳିଶ ରାତି

---

## 03:08

ଜାହାଜ ଭିତରେ ଥିବା ଲୋକମାନେ ଓ ପଶୁପକ୍ଷୀଗୁଡିକୁ ଛାଡି ପୃଥିବୀ ପୃଷ୍ଠର ସମସ୍ତ ଜୀବମାନେ ଯେଉମାନେ ବାସ କରୁଥିଲେ ମୃତ୍ୟୁବରଣ କଲେ । ଜାହାଜ ପାଣି ଉପରେ ଭାସିବାକୁ ଲାଗିଲା ଏବଂ ଜାହାଜ ଭିତରେ ଥିବା ସମସ୍ତଙ୍କୁ ବୁଡିବାରୁ ସୁରକ୍ଷିତ ରଖିଲା।

### ବନ୍ୟାର ଜଳ କେତେ ଉପରକୁ ଉଠିଲା ?

ତାହା ସମଗ୍ର ପୃଥିବୀକୁ ଏପରିକି ଉଚ୍ଚ ପର୍ବତ ସମୂହକୁ ମଧ ଆଚ୍ଛାଦିତ କଲା

### ପୃଥିବୀ ଉପରେ ବସବାସ କରୁଥିବା ପ୍ରତ୍ୟେକ ପ୍ରାଣୀ ପ୍ରତି କ'ଣ ଘଟିଲା ?

ସମସ୍ତେ ମୃତ୍ୟୁବରଣ କଲେ

---

## 03:09

ବର୍ଷା ବନ୍ଦ ହେଲା ପରେ, ଜାହାଜ ପାଣି ଉପରେ ପାଞ୍ଚ ମାସ ପର୍ଯ୍ୟନ୍ତ ଭାସିରହିଥିଲା , ଏବଂ ଏହି ସମୟରେ ପାଣି କମିବାକୁ ଲାଗିଲା । ତା'ପରେ ଦିନେ ଜାହାଜ ଏକ ପାହାଡର ଶୀର୍ଷ ଭାଗରେ ଲାଗିଲା, କିନ୍ତୁ ଏ ପର୍ଯ୍ୟନ୍ତ ଜଗତ ପାଣିରେ ବୁଡି ରହିଥିଲା । ଆଉ ତିନି ମାସ ପରେ, ପାହାଡଗୁଡିକର ଉପର ଅଂଶଗୁଡିକ ଦେଖିବାକୁ ମିଳିଲା ।

---

## 03:10

ଆଉ 40 ଦିନ ପରେ ପାଣି ଶୁଖି ଅଛି କି ନାହିଁ ଦେଖିବା ପାଇଁ ନୋହ ଏକ ପକ୍ଷୀ କାଉକୁ ବାହାରକୁ ପଠାଇଲା । କାଉ ଶୁଖିଲା ଜାଗା ଖୋଜିବା ପାଇଁ ଫେରିଗଲା ଏଣେତେଣେ ଉଡି ବୁଲିଲା, କିନ୍ତୁ କୌଣସୀ ସ୍ଥାନ ପାଇଲା ନାହିଁ ।

---

## 03:11

ପରେ ନୋହ ଆଉ ଏକ ପକ୍ଷୀ କପୋତକୁ ବାହାରକୁ ପଠାଇଲେ । କିନ୍ତୁ ସେ ମଧ୍ୟ କୌଣସି ଶୁଖିଲା ସ୍ଥାନ ପାଇଲା ନାହି, ଏଣୁ ସେ ନୋହଙ୍କ ପାଖକୁ ଫେରି ଆସିଲା । ଏକ ସପ୍ତାହ ପରେ ନୋହ ପୁନର୍ବାର କପୋତକୁ ବାହାରକୁ ପଠାଇଲେ ଏବଂ ସେ ଜିତ ବୃକ୍ଷର ଡାଳ ଥଣ୍ଟରେ ଧରି ଫେରିଲା । ପାଣି ଧୀରେ କମିଗଲା ଓ ଗଛଗୁଡିକ ପୁନର୍ବାର୍ ବଢିବାକୁ ଲାଗିଲା ।

---

## 03:12

ନୋହ ଆଉ ଏକ ସପ୍ତାହ ଅପେକ୍ଷା କଲା ପରେ କପୋତକୁ ତୃତୀୟ ଥର ବାହାରକୁ ପଠାଇଲେ । ଏଥର ସେ ବିଶ୍ରାମ ନେବାକୁ ସ୍ଥାନ ପାଇଲା ଆଉ ଲେଉଟି ଆସିଲା ନାହିଁ । ପାଣି ଶୁଖିବାକୁ ଲାଗିଲା ।

### ନୋହ ଜଳ ଶୁଖିଥିବା ବିଷୟରେ କିପରି ଜାଣିଲେ ?

ସେ ଏକ କପୋତକୁ ପଠାଇଲେ ଓ ସେ ଫେରିଲା ନାହିଁ

---

## 03:13

ଦୁଇ ମାସ ପରେ ନୋହଙ୍କୁ ପରମେଶ୍ଵର କହିଲେ, ତୁମ ପରିବାର ଓ ସମସ୍ତ ପଶୁପକ୍ଷୀଗୁଡ଼ିକ ଓ ତୁମେ ଜାହାଜରୁ ବାହାରି ଯାଇପାର । ଅନେକ ସନ୍ତାନ ଓ ନାତିନାତୁଣୀ ଜନ୍ମ କରି ପୃଥିବୀକୁ ପରିପୂର୍ଣ କର । ତେବେ, ନୋହ ଓ ତାଙ୍କ ପରିବାର ଜାହାଜରୁ ବାହାରି ଆସିଲେ ।

### ଜାହାଜରୁ ବାହାରିକୁ ଆସିବା ପରେ ନୋହ ଓ ତାଙ୍କ ପରିବାରକୁ ପରମେଶ୍ଵର କଣ କରିବା ପାଇଁ କହିଲେ ?

ସେ ସେମାନଙ୍କୁ ସନ୍ତାନସନ୍ତତି ଓ ନାତିନାତୁଣୀ ଲାଭ କରି ପୃଥିବୀରେ ବ୍ୟାପିବାକୁ କହିଲେ

---

## 03:14

ନୋହ ଜାହାଜରୁ ବାହାରି ଆସିବା ପରେ, ସେ ଏକ ବେଦୀ ତିଆରି କଲେ ଏବଂ ଯେଉଁ ପଶୁମାନଙ୍କୁ ବଳୀ ଉତ୍ସର୍ଗ କରିବା ଆବଶ୍ୟକ, କେତେକ ପ୍ରକାରର ପଶୁମାନଙ୍କୁ ନେଇ ବଳୀ ଉସର୍ଗ କଲା । ପରମେଶ୍ଵର ନୈବେଦ୍ୟରେ ସନ୍ତୁଷ୍ଟ ଥିଲେ । ନୋହ ଓ ତାଙ୍କ ପରିବାରଙ୍କୁ ଆଶୀର୍ବାଦ କଲେ ।

### ଜାହାଜରୁ ବାହାରକୁ ଆସିବା ପରେ ନୋହ କିପରି ପରମେଶ୍ଵରଙ୍କର ଉପାସନା କଲେ ?

ସେ ଏକ ବେଦୀ ନିର୍ମାଣ କରି କିଛି ପଶୁମାନଙ୍କୁ ବଳି ଦେଲେ

---

## 03:15

ପରମେଶ୍ଵର କହିଲେ, "ମୁ ପ୍ରତିଜ୍ଞା କରେ ଲୋକମାନଙ୍କ ଯୋଗୁଁ ଭୁମିକୁ ଅଭିଶାପ କେବେହେଲେ କରିବି ନାହିଁ କିମ୍ବା ଯଦିଓ ଲୋକମାନେ ସେମାନଙ୍କ ଶିଶୁକାଳଠାରୁ ପାପୀ ହେଲେ ମଧ ମୁଁ ପୃଥିବୀକୁ ପୁନର୍ବାର ଜଳ ପ୍ଲାବନ ଦ୍ଵରା ବିନାଶ କରିବି ନାହିଁ ।

### ପରମେଶ୍ଵର "ଯେ ପୁନର୍ବାର କରିବେ ନାହିଁ" ବୋଲି କେଉଁ ବିଷୟରେ ପ୍ରତିଜ୍ଞା କଲେ ?

ମାଟିକୁ ଅଭିଶପ୍ତ କରିବା ଓ ଜଗତକୁ ଜଳ ପ୍ଲାବନରେ ବିନାଶ କରିବା ବିଷୟରେ ନ କରିବେ ବୋଲି କହିଥିଲେ

---

## 03:16

ପ୍ରତିଜ୍ଞର ଏକ ଚିହ୍ନ ଭାବେ ପରମେଶ୍ଵର ପ୍ରଥମ ମେଘଧନୁ ସୃଷ୍ଟି କଲେ । ପ୍ରତ୍ୟେକ ଥର ଆକାଶରେ ଯେବେ ମେଘଧନୁ ଦେଖାଯିବ, ପରମେଶ୍ଵର ତାଙ୍କ ପ୍ରତିଜ୍ଞାକୁ ସ୍ମରଣ କରିବେ, ସେହି ପ୍ରକାରେ ଲୋକମାନେ ମଧ କରିବେ ।

### ପରମେଶ୍ଵର ଏହାର ଚିହ୍ନ ସ୍ଵରୂପ କଣ ଦେଖାଇଲେ ?

ସେ ଆକାଶରେ ମେଘଧନୁ ସୃଷ୍ଟି କଲେ

# ଅବ୍ରାହାମ ସହିତ ପରମେଶ୍ୱରଙ୍କ ଚୁକ୍ତି

## 04:01

ଜଳପ୍ଳାବନର ଅନେକ ବର୍ଷ ପରେ ଜଗତରେ ଅନେକ ଲୋକ ମାନେ ବାସ କରିବାକୁ ଲାଗିଲେ ଓ ସେମାନେ ଗୋଟିଏ ଭାଷାରେ କଥା କହୁଥିଲେ । ପରମେଶ୍ୱରଙ୍କ ଆଜ୍ଞା ଅନୁସାରେ ପୃଥିବୀକୁ ପରିପୂର୍ଣ କରିବା ବଦଳରେ, ସେମାନେ ସମସ୍ତେ ଏକତ୍ରିତ ହୋଇ ନଗର ନିର୍ମାଣ କରିବାକୁ ଲାଗିଲେ ।

### ଜଳ ପ୍ଲାବନ ପରେ ମନୁଷ୍ୟମାନେ ପୃଥିବୀକୁ ଯେପରି ପରମେଶ୍ୱର ଆଦେଶ ଦେଇଥିଲେ ପୁର୍ଣ୍ଣ କରି ପାରିଥିଲେ କି ?

ନୁହେଁ. ସେମାନେ ସମସ୍ତେ ଏକାଠି ହୋଇ ଏକ ନଗର ନିର୍ମାଣ କଲେ.

### ସେହି ସମୟରେ ଜଗତରେ କେତେ ପ୍ରକାର ଭାଷା ଥିଲା ?

ସେତେବେଳେ କେବଳ ଗୋଟିଏ ଭାଷା ଥିଲା

---

## 04:02

ସେମାନେ ଅତ୍ୟଧିକ ଗର୍ବୀ ଥିଲେ ଓ ପରମେଶ୍ୱରଙ୍କ କଥା ପ୍ରତି ମନଯୋଗୀ ନ ଥିଲେ । ସେମାନେ ସ୍ୱର୍ଗକୁ ପହଞ୍ଚିବା ପାଇଁ ବୃହତ ଗଡ ନିର୍ମାଣ କରିଲେ । ପରମେଶ୍ୱର ଦେଖିଲେ ଯେ, ଯଦି ସେମାନେ ମନ୍ଦ କାର୍ଯ୍ୟ କରିବା ଜାରି ରଖିବେ, ତେବେ ସେମାନେ ଅଧିକ ପାପପୁର୍ଣ୍ଣ କାର୍ଯ୍ୟ କରିବେ ।

### ପୃଥିବୀସାରା ବ୍ୟାପିଯିବା ପରିବର୍ତ୍ତେ ମନୁଷ୍ୟମାନେ କଣ ତିଆରି କରିବା ପାଇଁ ଏକାଠି କାମ କଲେ ?

ସେମାନେ ଆକାଶକୁ ପହଞ୍ଚିବା ପାଇଁ ଏକ ଉଚ୍ଚ ଦୁର୍ଗ ନିର୍ମାଣ କଲେ

---

## 04:03

ତେଣୁକରି ପରମେଶ୍ୱର ସେମାନଙ୍କର ଭାଷାକୁ ଅନେକ ଭାଷାରେ ବଦଳିଲେ ଓ ପୃଥିବୀର ବିଭିନ୍ନ ସ୍ଥାନରେ ସେମାନଙ୍କୁ ପ୍ରସାରିତ କରିଦେଲେ । ଯେଉଁ ନଗର ସେମାନେ ନିର୍ମାଣ କରିବା ଆରମ୍ଭ କରିଥିଲେ, ତାହାର ନାମ ବାବିଲ ଥିଲା । ଏହାର ଅର୍ଥ "ଦ୍ୱନ୍ଦ୍ୱ" ।

### ମନୁଷ୍ୟମାନେ ଥିସାରା ପୃଥିବୀକୁ ବ୍ୟାପିବ ପାଇଁ ପରମେଶ୍ୱର କଣ କଲେ ?

ସେ ସେମାଙ୍କର ଭାଷାକୁ ଭିନ୍ନ ଭିନ୍ନ ଭାଷାରେ ପରିଣତ କରିଦେଲେ

### ସେମାନେ ନିର୍ମାଣ କରୁଥିବା ସହରର ନାମ କଣ ଥିଲା ?

ବାବିଲ

### ବାବିଲର ଅର୍ଥ କଣ ଅଟେ?

ବିଚଳିତ

---

## 04:04

ଶହ ଶହ ବର୍ଷ ପରେ, ଜଣେ ବ୍ୟକ୍ତି, ଅବ୍ରାମଙ୍କ ସହିତ ପରମେଶ୍ୱର କଥା ହେଲେ।ପରମେଶ୍ୱର ତାଙ୍କୁ କହିଲେ, "ତୁମ ପରିବାର ଓ ତୁମ ଦେଶ ଛାଡି ମୁଁ ଯେଉଁ ଦେଶ ଦେଖାଇବି, ସେହି ଦେଶକୁ ଯାଅ । ମୁଁ ତୁମକୁ ଆଶୀର୍ବାଦ କରିବି ଓ ତୁମ୍ଭକୁ ମହାନ ଦେଶ କରିବି । ମୁଁ ତୁମ୍ଭର ନାମକୁ ମହାନ୍ କରିବି । ଯେଉଁମାନେ ତୁମକୁ ଆଶୀର୍ବାଦ କରିବେ, ସେମାନଙ୍କୁ ମୁଁ ଆଶୀର୍ବାଦ କରିବି, ଯେଉଁମାନେ ଅଭିଶାପ ଦେବେ, ସେମାନଙ୍କୁ ଅଭିଶାପ ଦେବି । ତୁମ କାରଣରୁ ପୃଥିବୀର ସମସ୍ତ ପରିବାର ଆଶୀର୍ବାଦ ପାଇବେ ।"

### ପରମେଶ୍ୱର ଅବ୍ରହାମକୁ କଣ କରିବା ପାଇଁ କହିଲେ ?

ପରମେଶ୍ୱର ଅବ୍ରାମକୁ ନିଜ ପରିବାର ଓ ଦେଶ ଛାଡି ଅନ୍ୟ ଏକ ଦେଶକୁ ଯିବା ପାଇଁ କହିଲେ

### ଅବ୍ରାମ ପାଇଁ ପରମେଶ୍ୱର କଣ ପ୍ରତିଜ୍ଞା କଲେ ?

ସେ ଅବ୍ରାମ ସହିତ ପ୍ରତିଜ୍ଞା କଲେ ଯେ, ସେ ଦୃଷ୍ଟି କରିପାରୁଥିବା ସମସ୍ତ ଭୂମି ତାକୁ ଦେବେ, ସେ ନାମକୁ ମହାନ କରିବେ, ସେ ବଂଶଧରକୁ ଏକ ମହାନ ଜାତି କରିବେ ଓ ତାହା ଦ୍ୱାରା ଜଗତରେ ସମସ୍ତ ପରିବାରଙ୍କୁ ଆଶୀର୍ବାଦ କରିବେ

---

## 04:05

ତେବେ ଆବ୍ରାମ ପରମେଶ୍ୱରଙ୍କ ବାଧ ହେଲେ । ସେ ତାଙ୍କ ସ୍ତ୍ରୀ ସାରୀଙ୍କୁ ନେଲେ, ତାଙ୍କ ଦାସମାନଙ୍କୁ ଓ ଯାହା ତାଙ୍କର ଥିଲା ସେସବୁ ନେଇ ପରମେଶ୍ୱର ଯେଉଁ ଦେଶ ଦେଖାଇଥିଲେ, ସେହି "କିଣାନ" ଦେଶକୁ ଗଲେ ।

### ଅବ୍ରାମ କେଉଁ ସ୍ଥାନକୁ ଗଲେ ?

କିଣାନ ଦେଶ

---

## 04:06

ଯେତେବେଳେ ଆବ୍ରାମ କିଣାଣ ପହଞ୍ଚିଲେ,ପରମେଶ୍ୱର କହିଲେ,"ତୁମ୍ଭ ଚତୁର୍ପାର୍ଶ୍ୱକୁ ଦେଖ । ଯାହା ତୁମେ ଦେଖିପାରୁଅଛ, ଏହି ସମସ୍ତ ସ୍ଥାନ ମୁଁ ତୁମ୍ଭକୁ ଏବଂ ତୁମ୍ଭର ବଂଶଧରକୁ ଅଧିକାର ଭାବେ ଦେବି । ତା'ପରେ ଆବ୍ରାମ ସେହି ସ୍ଥାନରେ ବାସକଲା ।

### କିଣାନ ବିଷୟରେ ପରମେଶ୍ୱର ଅବ୍ରହାମକୁ କେଉଁ ପ୍ରତିଜ୍ଞା ଦେଇଥିଲେ ?

ପରମେଶ୍ୱର ଅବ୍ରାମଙ୍କୁ ଓ ତାଙ୍କର ବଂଶଧରଙ୍କୁ ଏହାର ଉତ୍ତରାଧିକାରୀ ସ୍ୱରୂପେ ଦେବେ

---

## 04:07

ଦିନେ, ଅବ୍ରାମ ମହାନ୍ ଇଶ୍ୱରଙ୍କର ଯାଜକ, ମଲକୀସଦକଙ୍କୁ ଭେଟିଲେ । ମଲକିସେଦକ ଅବ୍ରାମଙ୍କୁ ଆଶୀର୍ବାଦ ଦେଲେ ଏବଂ କହିଲେ,, ସର୍ବୋଚ୍ଚ ଇଶ୍ୱର ଯିଏ ସ୍ୱର୍ଗ ଓ ପୃଥିବୀର ସମସ୍ତ ଅଧିକାରୀ, ଅବ୍ରାମଙ୍କୁ ଆଶୀର୍ବାଦ କରନ୍ତୁ । ତା'ପରେ ଅବ୍ରାମ ତାଙ୍କ ସମସ୍ତ ସମ୍ପତିର ଦଶମାଂଶ ମଲକୀସେଦକଙ୍କୁ ଦେଲେ ।

### ମଲ୍‌କୀଷେଦକ କିଏ ଥିଲେ ?

ସେ ପରମ ପ୍ରଧାନଙ୍କର ଯାଜକ ଥିଲେ

### ମଲ୍‌କୀଷେଦକ ଅବ୍ରାମଙ୍କ ପାଇଁ କଣ କରିଥିଲେ ?

ସେ ଅବ୍ରାମଙ୍କୁ ଆଶୀର୍ବାଦ କରିଥିଲେ

### ଅବ୍ରାମ ମଲ୍‌କୀଷେଦକକୁ କଣ ଦେଇଥିଲେ ?

ତାଙ୍କର ସମସ୍ତ ଆଦାୟର ଦଶମାଂଶ

---

## 04:08

ଅନେକ ବର୍ଷ ବିତିଗଲା, କିନ୍ତୁ ଏ ପର୍ଯ୍ୟନ୍ତ ଅବ୍ରାମ୍ ଏବଂ ସାରୀଙ୍କ ସନ୍ତାନ ନ ଥିଲା ।ପରମେଶ୍ୱର ଅବ୍ରାମଙ୍କୁ ପୁନର୍ବାର ପ୍ରତିଜ୍ଞା କରି କହିଲେ ଯେ ତାଙ୍କର ଏକ ପୁତ୍ର ହେବ ଓ ତାଙ୍କ ବଂଶଗଣ ଆକାଶରେ ଥିବା ତାରାଗୁଡିକ ପରି ହେବେ । ପରମେଶ୍ୱରଙ୍କର ପ୍ରତିଜ୍ଞାକୁ ଅବ୍ରାମଙ୍କ ବିଶ୍ୱାସ କଲେ । ପରମେଶ୍ୱର ଅବ୍ରାମଙ୍କୁ ଧାର୍ମିକ ବୋଲି ଘୋଷଣା କଲେ, ଯେହେତୁ ସେ ପରମେଶ୍ୱରଙ୍କଠାରେ ବିଶ୍ୱାସ କଲେ ।

### କିଣାନରେ ଦୀର୍ଘ ବର୍ଷ ରହିବା ପରେ ଅବ୍ରାମଙ୍କୁ ପରମେଶ୍ୱର କଣ ପ୍ରତିଜ୍ଞା କରିଥିଲେ ?

ଅବ୍ରାମ ଏକ ସନ୍ତାନ ଲାଭ କରିବେ ଓ ତାଙ୍କର ବଂଶଜ ଆକାଶର ତାରାଗଣ ସଦୃଶ ଅସଂଖ୍ୟ ହେବେ

### ପରମେଶ୍ୱର ଅବ୍ରାମଙ୍କୁ ଧାର୍ମିକ ବୋଲି କାହିଁକି କହିଲେ ?

କାରଣ ଅବ୍ରାମ ପରମେଶ୍ୱରଙ୍କର ପ୍ରତିଜ୍ଞାକୁ ବିଶ୍ୱାସ କଲେ

---

## 04:09

ତେବେ, ପରମେଶ୍ୱର ଅବ୍ରାମଙ୍କ ସହିତ ନିୟମ ସ୍ଥାପନ କରିଲେ । ଦୁଇ ଦଳ ମଧ୍ୟରେ ଏକ ଚୁକ୍ତି କରିବା ଏକ ନିୟମ ଅଟେ । ପରମେଶ୍ୱର କହିଲେ, ତୁମ ଶରୀରରୁ ମୁଁ ତୁମ ପାଇଁ ଏକ ପୁତ୍ର ଦେବି । ତୁମ ବଂଶଧରଙ୍କୁ ମୁଁ "କିଣାନ" ଦେଶ ଦେବି । କିନ୍ତୁ ଏ ପର୍ଯ୍ୟନ୍ତ ଅବ୍ରାମଙ୍କ ପୁତ୍ର ନ ଥିଲା ।

### ଚୁକ୍ତି ନାମ କଣ ଅଟେ ?

ଦୁଇ ଦଳ ମଧ୍ୟରେ ଚୁକ୍ତି ପତ୍ର

# ପ୍ରତିଜ୍ଞାର ପୁତ୍ର

## 05:01

ଦଶ ବର୍ଷ ପରେ କିଣାନକୁ ଆସିଲା ପରେ ମଧ ଅବ୍ରାମ ଓ ସାରୀଙ୍କ ସନ୍ତାନ ନ ଥିଲା। ତେଣୁ ଅବ୍ରାମଙ୍କ ଭାର୍ଯ୍ୟା ସାରୀ ଅବ୍ରାମଙ୍କୁ କହିଲେ , " ଏ ପର୍ଯ୍ୟନ୍ତ ପରମେଶ୍ୱର ମୋତେ ସନ୍ତାନ ଦେବାକୁ ନିବାରଣ କରିଥିବାରୁ ଏବଂ ବର୍ତ୍ତମାନ ସନ୍ତାନ ଜାତ କରିବା ପାଇଁ ମୋର ବୟସ ଅଧିକ ହୋଇ ଯାଇଛି, ଏହି ମୋହର ଦାସୀ, ହାଗର ଅଛନ୍ତି । ସେ ମୋ ନିମନ୍ତେ ସନ୍ତାନ ଜନ୍ମ କରିବେ ।

### ସାରୀ ସନ୍ତାନ ଲାଭ କରି ପାରିବେ ନାହିଁ ବୋଲି କାହିଁକି ଚିନ୍ତା କରୁଥଲେ?

ସେ ଅତି ବୃଦ୍ଧ ହୋଇ ହୋଇଯାଇଥିଲେ

### ସନ୍ତାନ ଲାଭ କରିବା ପାଇଁ ସାରୀ ଅବ୍ରହାମଙ୍କୁ କି ପରାମର୍ଶ ଦେଲେ ?

ତାଙ୍କର ଦାସୀ ହାଗାରଙ୍କୁ ବିବାହ କର, ଯୋଦ୍ୱାରା ହାଗାର ତାଙ୍କ ପାଇଁ ସନ୍ତାନ ଲାଭ କରି ପାରିବ

---

## 05:02

ତେଣୁ ଅବ୍ରାମ ହାଗରଙ୍କୁ ବିବାହ କଲେ । ହାଗରଙ୍କର ଏକ ପୁତ୍ର ସନ୍ତାନ ହେଲା ଓ ଅବ୍ରାମ୍ ତାହାକୁ ଇସମାଏଲ ନାମ ଦେଲେ । କିନ୍ତୁ ସାରୀଙ୍କୁ ହାଗାରଙ୍କ ପ୍ରତି ଈର୍ଷା ହେଲା । ଯେତେବେଳେ ଇସମାଏଲକୁ ତେର ବର୍ଷ ହେଲା ପୁନର୍ବାର ପରମେଶ୍ୱର ଅବ୍ରାମଙ୍କୁ କଥା କହିଲେ ।

### ହାଗାରର ସନ୍ତାନର ନାମ କଣ ଥିଲା ?

ଇସ୍ମାଏଲ୍

### ସାରୀ ଓ ହାଗାର ମଧ୍ୟରେ କଣ ସମସ୍ୟା ହେଲା ?

ସାରୀ ହାଗାରକୁ ଇର୍ଷା କରିବାକୁ ଲାଗିଲେ

---

## 05:03

ପରମେଶ୍ୱର କହିଲେ, " ମୁଁ ସର୍ବଶକ୍ତିମାନ ଇଶ୍ୱର ଅଟେ । " ତୁମ ସହିତ ମୁଁ ଏକ ନିୟମ ସ୍ଥାପନ କରିବି । ତେବେ ଅବ୍ରାମ ଭୂମିଷ୍ଠ ପ୍ରଣାମ କଲେ । ପରମେଶ୍ୱର ମଧ ଆବ୍ରାମଙ୍କୁ କହିଲେ, "ତୁମେ ଅନେକ ଦେଶମାନଙ୍କର ପିତା ହେବ । "ମୁଁ ତୁମକୁ ଓ ତୁମବଂଶଧରଙ୍କୁ କିଣାନ

ଦେଶ ଉତ୍ତରାଧିକାରୀଭାବରେ ଦେବି, ସେମାନେ ଏଥିରେ ବାସ କରିବେ । ମୁଁ ଚିରଦିନ ପାଇଁ ସେମାଙ୍କର ଇଶ୍ୱର ରହିବି । ତୁମ ପରିବାରର ପ୍ରତ୍ୟେକ ପୁରୁଷକୁ ସୁନ୍ନତ କରିବା ଉଚିତ୍ ।

### ଅବ୍ରାମଙ୍କୁ ପରମେଶ୍ୱର କେଉଁ ପ୍ରତିଜ୍ଞା ଚୁକ୍ତି କରିଥିଲେ ?

ଅବ୍ରାମ ଅନେକ ଜାତିର ପିତା ହେବେ, ଓ ପରମେଶ୍ୱର ତାଙ୍କୁ ଓ ତାଙ୍କର ସନ୍ତାନମାନଙ୍କୁ କିଣାନ ଦେଶ ଦେବେ

### ସେମାନଙ୍କ ମଧ୍ୟରେ ଏହି ଚୁକ୍ତିର ଚିହ୍ନ ସ୍ୱରୂପ କଣ କରିବା ପାଇଁ ପରମେଶ୍ୱର ଅବ୍ରାମଙ୍କୁ କହିଥିଲେ ?

ତାଙ୍କ ପରିବାରର ସମସ୍ତ ପୁରୁଷ ମାନଙ୍କୁ ସୁନ୍ନତ କରିବାକୁ କହିଲେ

---

## 05:04

ତୁମର ଭାର୍ଯ୍ୟା ସାରୀଙ୍କର ଏକ ପୁତ୍ର ହେବ, “ସେ ପ୍ରତିଜ୍ଞାତ ପୁତ୍ର ହେବେ । “ତା’ଙ୍କ ନାମ ଇସହାକ୍ ରଖିବ । ତାଙ୍କ ସହିତ ମୁଁ ମୋର ନିୟମ ସ୍ଥାପନ କରିବି ଓ ସେ ଏକ ମହାନ ଦେଶ ହେବ । ମୁଁ ଇସମାଏଲଙ୍କୁ ମଧ୍ୟ ଏକ ମହାନ ଦେଶ କରିବି, କିନ୍ତୁ ମୋର ପ୍ରତିଜ୍ଞା ଇସାହାକଙ୍କ ସହିତ ଥିବା । ତା’ପରେ ପରମେଶ୍ୱର ଅବ୍ରାମଙ୍କ ନାମକୁ ଆବ୍ରାହାମ ନାମରେ ବଦଳାଇଲେ, ଯାହାର ଅର୍ଥ "ଅନେକଙ୍କ ପିତା" । ପରମେଶ୍ୱର ସାରିଙ୍କ ନାମକୁ ମଧ୍ୟ ସାରା ନାମରେ ବଦଳାଇ ଦେଲେ, ଯାହାର ଅର୍ଥ ରାଜକୁମାରୀ ।

### କିଏ ପ୍ରତିଜ୍ଞାର ସନ୍ତାନ ହେବ ବୋଲି ପରମେଶ୍ୱର କହିଲେ ?

ଇସହାକ, ସାରୀଙ୍କ ପୁତ୍ର

### କିଏ ଏକ ମହାନ ଜାତି ହେବ ବୋଲି ପରମେଶ୍ୱର କହିଲେ ?

ଉଭୟ ଇସହାକ ଓ ଇଶ୍ମାଏଲ

### ଅବ୍ରାମଙ୍କର ନୂତନ ନାମ ଅବ୍ରହାମର ଅର୍ଥ କଣ ?

ଅନେକଙ୍କର ପିତା

---

## 05:05

ସେହିଦିନରେ ଅବ୍ରାହାମ ତାଙ୍କ ପରିବାରର ସମସ୍ତ ପୁରୁଷମାନଙ୍କୁ ସୁନ୍ନତ କଲେ । ପ୍ରାୟ ଏକ ବର୍ଷ ବିତିବା ପରେ, ଅବ୍ରାହାମକୁ ଯେତେବେଳେ ୧୦୦ ବର୍ଷ ହେଲା, ଓ ସାରାଙ୍କର ୯୦ ବର୍ଷ ହେଲା, ସାରା ଅବ୍ରାହାମଙ୍କୁ ଏକ ପୁତ୍ର ଜନ୍ମ କଲେ । ପରମେଶ୍ୱରଙ୍କ ସେମାନଙ୍କୁ କହିବା ଅନୁସାରେ ସେମାନେ ତାକୁ ଇସହାକ ନାମ ଦେଲେ ।

---

## 05:06

ଯେତେବେଳେ ଇସାହାକ ଯୁବା ହେଲେ, ପରମେଶ୍ୱର ଅବ୍ରାହମଙ୍କ ବିଶ୍ୱାସକୁ ପରୀକ୍ଷା କଲେ ଓ କହିଲେ, “ତୁମ୍ଭର ଏକମାତ୍ର ପୁତ୍ର ଇସାହାକଙ୍କୁ ନିଅ ଓ ମୋର ପାଇଁ ବଳିଦାନ କରିବା ନିମନ୍ତେ ତାଙ୍କୁ ମାର । ପୁନର୍ବାର ଅବ୍ରାହମ ପରମେଶ୍ୱରଙ୍କ ଆଜ୍ଞାବହ ହେଲେ ଏବଂ ଇସାହାକଙ୍କୁ ଉତ୍ସର୍ଗ କରିବା ନିମନ୍ତେ ପ୍ରସ୍ତୁତ କଲେ ।

### ଇସହାକ ଯେତେବେଳେ ବାଳକ ଥିଲେ, ପରମେଶ୍ୱର ଅବ୍ରହାମଙ୍କୁ ଇସହାକଙ୍କ ପ୍ରତି କଣ କରିବାକୁ କହିଲେ ?

ପରମେଶ୍ୱର ଇସାହକଙ୍କୁ ବଳିଦାନ କରିବା ପାଇଁ ଅବ୍ରହାମଙ୍କୁ କହିଥିଲେ

### ଇସହାକଙ୍କୁ ବଳିଦାନ କରିବା ପାଇଁ ପରମେଶ୍ୱର ଅବ୍ରହାମଙ୍କୁ କାହିଁକି କହିଲେ ?

ଅବ୍ରହାମଙ୍କର ବିଶ୍ୱାସକୁ ପରୀକ୍ଷା କରିବା ପାଇଁ

---

## 05:07

ଯେତେବେଳେ ଅବ୍ରାହମ ଓ ଇସାହାକ ବଳିଦାନ ଉତ୍ସର୍ଗ କରିବା ସ୍ଥାନକୁ ଚାଲୁଥିଲେ, ଇସହାକ ପିତାଙ୍କୁ ପଚାରିଲେ,” ବଳିଦାନ ଉତ୍ସର୍ଗ କରିବା ନିମନ୍ତେ, ଆମ ପାଖରେ କାଠ ଅଛି କିନ୍ତୁ ମେଷ କେଉଁଠାରେ ଅଛି ? “ ଅବ୍ରାହାମ ଉତ୍ତର ଦେଇ କହିଲେ, “ ମୋର ପୁତ୍ର ଉତ୍ସର୍ଗ ନିମନ୍ତେ ପରମେଶ୍ୱର ମେଷଟିଏ ଯୋଗାଇ ଦେବେ ।“

### ସେମାନଙ୍କ ପାଖରେ ବଳିଦାନ କରିବାକୁ ମେଷ ନ ଥିବାରୁ ଅବ୍ରହାମ କଣ ଇସହାକଙ୍କୁ କହିଲେ ?

ଅବ୍ରହାମ କହିଲେ ପରମେଶ୍ୱର ବଳିଦାନ ପାଇଁ ମେଷ ଯୋଗାଇବେ

---

## 05:08

ଯେତେବେଳେ ସେମାନେ ଉତ୍ସର୍ଗ କରିବା ସ୍ଥାନରେ ପହଞ୍ଚିଲେ, “ଅବ୍ରାହାମ ତାଙ୍କ ପୁତ୍ର ଇସାହାକଙ୍କୁ ବାନ୍ଧିଲେ ଏକ ଯଜ୍ଞ ବେଦି ଉପରେ ଶୁଆଇଲେ । ଯେତେବେଳେ ସେ ତାଙ୍କ ପୁତ୍ରଙ୍କୁ ମାରିବା ଉପରେ ଥିଲେ, ପରମେଶ୍ୱର ତାଙ୍କୁ କହିଲେ, “ ରୁହ” । ବାଳକକୁ ଘାତ କର ନାହିଁ !ବର୍ତ୍ତମାନ ମୁଁ ତୁମକୁ ଜାଣେ ଯେ, ତୁମେ ମୋତେ ଭୟ କର । ଯେହେତୁ, ତୁମ୍ଭେ ତୁମର ଏକ ମାତ୍ର ପୁତ୍ରକୁ ମୋ ନିମନ୍ତେ ରଖିଲ ନାହିଁ ।

### ଅବ୍ରହାମ ଇସହାକଙ୍କୁ ବଳିଦାନ କରନ୍ତୁ, ଏହା ପରମେଶ୍ୱର ଇଚ୍ଛା କରୁଥିଲେ କି ?

ନୁହେଁ ,ସେ, ଦେଖିବା ପାଇଁ ଚାହୁଁଥିଲେ ଅବ୍ରାହାମ ତାଙ୍କର ବାଧ ହେଉଛନ୍ତି କି ନାହିଁ

---

## 05:09

ନିକଟରେ ଥିବା ବୁଦାରେ ଅଟକି ଯାଇଥିବା ଏକ ମେଷକୁ ଅବ୍ରାହାମ ଦେଖିଲେ । ଇସାହାକଙ୍କ ପରିବର୍ତ୍ତେ ପରମେଶ୍ୱର ମେଷକୁ ଉତ୍ସର୍ଗ କରିବା ନିମନ୍ତେ ଯୋଗାଇଲେ । ଅବ୍ରାହାମ ମେଷକୁ ଏକ ବଳିଦାନ ଭାବେ ଆନନ୍ଦରେ ଉତ୍ସର୍ଗ କଲେ ।

### ଇସହାକଙ୍କ ପରିବର୍ତ୍ତେ ପରମେଶ୍ୱର ବଳିଦାନ କରିବା ପାଇଁ କଣ ଯୋଗାଇଲେ ?

ବୁଦାରେ ଛନ୍ଦି ହୋଇ ଥିବା ଏକ ମେଷଶାବକ ଯୋଗାଇଲେ

---

## 05:10

ତା'ପରେ ପରମେଶ୍ୱର ଅବ୍ରାହାମଙ୍କୁ କହିଲେ, "ତୁମର ସମସ୍ତ ଏପରିକି ଏକମାତ୍ର ପୁତ୍ରଙ୍କୁ ମୋ ନିମନ୍ତେ ଉତ୍ସର୍ଗ କରିବାକୁ ଇଚ୍ଛା ପ୍ରକାଶ କରିଥିବାରୁ, ମୁଁ ତୁମଭକୁ ଆଶୀର୍ବାଦ କରିବାକୁ ପ୍ରତିଜ୍ଞା କରୁଅଛି । " ଆକାଶର ତାରାଗଣଠାରୁ ତୁମର ବଂଶଧରମାନେ ଅତ୍ୟାଧିକ ହେବେ । କାରଣ ତୁମ୍ଭେ ମୋହର ଆଜ୍ଞାବହ ହୋଇଅଛ, ତୁମ ଦ୍ୱାରା ପୃଥିବୀର ସମସ୍ତ ପରିବାର ଆଶୀର୍ବାଦ ପାଇବେ ।

### ଅବ୍ରାହାମ ତାଙ୍କର ବାଧ୍ୟ ହୋଇ ଥିବାରୁ ପରମେଶ୍ୱର ତାଙ୍କ ପ୍ରତି କଣ କରିବାକୁ ପ୍ରତିଜ୍ଞା କଲେ ?

ସେ ପ୍ରତିଜ୍ଞା କଲେ ଯେ ଅବ୍ରାହାମଙ୍କର ସନ୍ତାନଗଣ ଆକାଶର ତାରା ଗଣଠାରୁ ମଧ ଅଧିକ ହେବେ, ଓ ତାଙ୍କର ପରିବାର ଦ୍ୱାରା ଜଗତର ସମସ୍ତ ପରିବାର ଆଶୀର୍ବାଦ ପ୍ରାପ୍ତ ହେବେ

# ଇସାହକଙ୍କ ପାଇଁ ପରମେଶ୍ୱର ଯୋଗାନ୍ତି

## 06:01

ଯେତେବେଳେ ଅବ୍ରାହାମ ଅତି ବୃଦ୍ଧ ହୋଇଥିଲେ, ତାଙ୍କ ପୁତ୍ର, ଇସାହକ ବୃଦ୍ଧି ହୋଇ ଯୁବାଲୋକ ହୋଇଥିଲେ Iତେଣୁ ଅବ୍ରାହାମ ତାଙ୍କ ପୁତ୍ର ଇସହାକଙ୍କ ନିମନ୍ତେ ଭାର୍ଯା ଆଣିବା ପାଇଁ ତାଙ୍କ ପରିଜନମାନେ ଯେଉଁଠାରେ ବାସ କରୁଥିଲେ ସେହି ସ୍ଥାନକୁ ଦାସମାନଙ୍କ ମଧ୍ୟରୁ ଜଣକୁ ପଠାଇଲେ I

### ଅବ୍ରାହାମ କାହିଁକି ତାଙ୍କର ଦାସଙ୍କୁ ନିଜର ସମ୍ପର୍କୀୟମାନଙ୍କ ନିକଟକୁ ପଠାଇଥିଲେ ?

ତାଙ୍କର ପୁତ୍ର ଇସହାକ ନିମନ୍ତେ ଏକ ସହଧର୍ମିଣୀଙ୍କୁ ପଠାଇଥିଲେ

---

## 06:02

ଦୀର୍ଘ ସମୟ ଯାତ୍ରା ପରେ ଯେଉଁ ସ୍ଥାନରେ ଅବ୍ରାହମଙ୍କର ପରିଜନମାନେ ବାସକରୁଥିଲେ ପରମେଶ୍ୱର ଦାସଙ୍କୁ ରିବିକାଙ୍କ ନିକଟକୁ କଢାଇ ନେଲେ Iସେ ଅବ୍ରାହମଙ୍କ ଭାଇ'ଙ୍କ ନାତୁଣୀ ଥିଲେ I

### ରିବିକାକୁ ଦାସମାନେ କିପରି ପାଇଲେ ?

ପରମେଶ୍ୱର ଦାସକୁ ତାଙ୍କ ନିକଟକୁ ପଥ ନିର୍ଦ୍ଦେଶ କଲେ

### ରିବିକା ଅବ୍ରାହାମଙ୍କ ସହିତ କିପରି ସମ୍ପର୍କିୟ ଥିଲା ?

ରୀବୀକା ଥିଲା ଅବ୍ରହାମଙ୍କର ଭାଇଙ୍କର ନାତୁଣୀ

---

## 06:03

ରିବିକା ତାଙ୍କ ପରିବାରକୁ ଛାଡି ଇସହାକଙ୍କ ଗୃହକୁ ଦାସଙ୍କ ସହିତ ବାହୁଡିଯିବା ପାଇଁ ସହମ୍ମତି ହେଲେ ସେ ପହଞ୍ଚିବା ସଙ୍ଗେ ସଙ୍ଗେ ତାଙ୍କ ସହିତ ଇସାହାକ ବିବାହ କରିଲେ I

### ଇସାହକଙ୍କୁ ବିବାହ କରିବା ପାଇଁ ଦାସ ମାନଙ୍କ ସହିତ ଯିବା ପାଇଁ ରିବୀକାଙ୍କୁ ବାଧ୍ୟ କରା ଯାଇଥିଲା କି ?

`ନାହିଁ, ସେ ସ୍ୱ ଇଚ୍ଛାରେ ଯାଇଥିଲେ

---

## 06:04

ଅନେକ ଦିନ ପରେ ଅବ୍ରାହମ ମୃତ୍ୟୁବରଣ କଲେ, ଏବଂ ତାଙ୍କ ସହିତ ଯେଉଁ ସବୁ ପ୍ରତିଜ୍ଞାଗୁଡିକ ପରମେଶ୍ୱର କରିଥିଲେ ସେସବୁ ନିୟମ ଇସହାକଙ୍କୁ ହସ୍ତାର୍ପଣ କଲେ Iପରମେଶ୍ୱର ପ୍ରତିଜ୍ଞା କରିଥିଲେ ଯେ ଅବ୍ରାହମଙ୍କ ବଂଶ ଅଗଣିତ ହେବେ, କିନ୍ତୁ ରିବିକା, ଇସାହକଙ୍କର ଭାର୍ଯ୍ୟାଙ୍କୁ, ସନ୍ତାନ ହୋଇପାରୁନଥିଲା I

### ଅବ୍ରହାମଙ୍କର ମୃତ୍ୟ ହେବା ପରେ ଇସହାକଙ୍କୁ ପରମେଶ୍ବରଙ୍କର କେଉଁ ପ୍ରତିଜ୍ଞାସବୁ ଦିଆଯାଇଥିଲା ?

ଅବ୍ରହାମଙ୍କୁ ଦିଆଯାଇଥିବା ସମସ୍ତ ପ୍ରତିଜ୍ଞାଗୁଡିକ, ତାହା ସହିତ ଏହା ମଧ୍ଯ ଯେ ତାଙ୍କର ଅସଂଖ୍ୟ ବଂଶଧର ହେବେ

### କାହିଁକି ଏହା ମନେ ହେଉଥିଲା ଯେ, ଇସହାକଙ୍କୁ ଦିଆଯାଇଥିବା ଅସଂଖ୍ୟ ବଂଶଧର ହେବାର ପ୍ରତିଜ୍ଞାଟି ସଫଳ ହୋଇ ପାରିବ ନାହିଁ ?

ରିବିକା ସନ୍ତାନ ଧାରଣ କରିବାକୁ ଅକ୍ଷମ ଥିଲେ

---

## 06:05

ରେବିକାଙ୍କ ପାଇଁ ଇସହାକ ପ୍ରାଥର୍ନା କଲେ, ଓ ପରମେଶ୍ୱର ତାଙ୍କୁ ଯାଁଆଳା ସନ୍ତାନ ସହିତ ଗର୍ଭବତୀ ହେବାକୁ ଅନୁମତି ଦେଲେ Iଦୁଇ ଛୁଆମାନେ ଯେତେବେଳେ ରିବେକାଙ୍କର ଗର୍ଭରେ ଥିଲେ, ସେସମୟ ଠାରୁ ସେମାନେ ସଙ୍ଘର୍ଷ କରୁଥିଲେ, ତେଣୁ ପରମେଶ୍ୱରଙ୍କୁ ରିବିକା ଏହାକଣ ହେଉଅଛି ବୋଲି ପଚାରିଲେ, I

---

## 06:06

ପରମେଶ୍ୱର ରିବିକାଙ୍କୁ କହିଲେ, " ତୁମ ଭିତରେ ଥିବା ଦୁଇଟି ପୁତ୍ରଙ୍କ ଠାରୁ ଦୁଇଟି ଦେଶ ଆସିବ I ସେମାନେ ଦୁହେଁ ପରଷ୍ପର ସହିତ ସଙ୍ଘର୍ଷ କରିବେ ଓ ବଡ ପୁତ୍ର ସାନ ପୁତ୍ରର ସେବା କରିବ I

### ପରମେଶ୍ୱର ରିବିକାଙ୍କୁ ଜାଆଁଳା ସନ୍ତାନ ଲାଭ କରିବା ପୂର୍ବରୁ କଣ କହିଥିଲେ ?

ସେମାନେ ଦୁଇ ଜାତି ହେବେ ଓ ଜ୍ୟୋଷ୍ଠପୁତ୍ର କନିଷ୍ଠପୁତ୍ରକୁ ସେବା କରିବ

---

## 06:07

ଯେତେବେଳେ ରିବିକାଙ୍କ ପୁତ୍ରମାନେ ଜନ୍ମ ହେଲେ, ବଡ ପୁଅ ର ରଙ୍ଗ ଲାଲ ଓ ଲୋମପୂର୍ଣ ଶରୀରରେ ଆସିଲା, ଏବଂ ସେମାନେ ତାଙ୍କ ନାମ ଏଷୌ ରଖିଲେ I ତା'ପରେ ଛୋଟ ଛୁଆ ଏଷଙ୍କର ଗୋଇଣ୍ଠି ଧରି ଆସିଲେ, ସେମାନେ ତାଙ୍କ ନାମ ଯାକୁବ ଦେଲେ I

### ଜ୍ୟୋଷ୍ଠ ପୁତ୍ରର ନାମ କଣ ଥିଲା ?

ଏଷ

### କନିଷ୍ଠ ପୁତ୍ରର ନାମ କଣ ଥିଲା ?

ଯାକୁବ

# ଯାକୁବକୁ ପରମେଶ୍ୱର ଆଶୀର୍ବାଦ କରନ୍ତି

## 07:01

ଯେପରି ପିଲାମାନେ ବୃଦ୍ଧି ହେବାକୁ ଲାଗିଲେ, ଗୃହରେ ଯାକୁବ ରହିବାକୁ ପ୍ରେମ କରୁଥିଲେ, କିନ୍ତୁ ଏଷୌ ଶିକାର କରିବାକୁ ପ୍ରେମ କରୁଥିଲେ Iରିବେକା ଯାକୁବକୁ ପ୍ରେମ କରୁଥିଲେ, କିନ୍ତୁ ଇସହାକ ଏଷୌଙ୍କୁ ପ୍ରେମ କରୁଥିଲେ I

---

## 07:02

ଦିନେ, ଯେତେବେଳେ ଏଷୌ ଶିକାରରୁ ଫେରିଆସିଲେ, ସେ ବହୁତ ଭୋକରେ ଥିଲେ Iଏଷୌ ଯାକୁବଙ୍କୁ କହିଲେ, "ତୁମେ ପ୍ରସ୍ତୁତ କରିଥିବା ଖାଦ୍ୟରୁ ମୋତେ କିଛି ଖାଇବାକୁ ଦୟାକରି ଦିଅ" I ପ୍ରତିଉତ୍ତରରେ ଯାକୁବ କହିଲେ, ପ୍ରଥମରେ, ତୁମର ଜ୍ୟୋଷ୍ଠ ପୁତ୍ରର ଅଧିକାର ମୋତେ ଦିଅ I ସେଥିପାଇଁ ଏଷୌ ତାଙ୍କ ଜ୍ୟୋଷ୍ଠ ପୁତ୍ରର ଅଧିକାର ଯାକୁବଙ୍କୁ ଦେଇଦେଲେ Iତା'ପରେ ତାଙ୍କୁ ଯାକୁବ କିଛି ଖାଦ୍ୟ ଦେଲେ I

### କନିଷ୍ଠ ପୁତ୍ର ଯାକୁବ କିପରି ଜ୍ୟୋଷ୍ଠ ପୁତ୍ରର ଅଧିକାର ପ୍ରାପ୍ତ କଲା ?

ଅଳ୍ପ ଖାଦ୍ୟର ପ୍ରତିବଦଳରେ ଏଷ ତାହାର ଜ୍ୟୋଷ୍ଠ ପୁତ୍ରର ଅଧିକାର ଯାକୁବକୁ ଦେଇଦେଲା

---

## 07:03

ଏଷୌଙ୍କୁ ଇସହାକ ତାଙ୍କର ଆଶୀର୍ବାଦ ଦେବାକୁ ଚାହିଁଲେ Iକିନ୍ତୁ, ସେ ତାହା କରିବା ପୂର୍ବରୁ, ଯାକୁବ ଏଷୌଙ୍କ ପରି ହୋଇ ଅଭିନୟ କରି ରିବେକା ଓ ଯାକୁବ ତାଙ୍କୁ ପ୍ରତାରଣା କରିଥିଲେ Iଇସାହକ ବୃଦ୍ଧ ହୋଇଥିଲେ ଓ ସେ ଦେଖି ପାରୁ ନ ଥିଲେ Iତେଣୁ ଯାକୁବ ଛେଳିର ଚମଡା ବେକରେ ଓ ହାତରେ ଗୋଡାଇହୋଇ ଓ ଏଷୌଙ୍କର ପୋଷାକ ପିନ୍ଧିଲେ I

### ଇସହାକ କାହାକୁ ତାଙ୍କର ମୌଳିକ ଆଶୀର୍ବାଦ ଦେବାକୁ ଇଚ୍ଛା କରୁଥିଲେ ?

ଏଷ

### ଯାକୁବ ଏଷୌଠାରୁ ତାହାର ଆଶୀର୍ବାଦ ନେବା ପାଇଁ କି ପ୍ରକାର ଠକାମି କିମ୍ବା ଚାଲାକୀ ବ୍ୟବହାର କରିଥିଲା ?

ସେ ଛାଗଳର ବସ୍ତ୍ର ପିନ୍ଧି ଏଷ ବୋଲି ଛଳନା କଲା, ଯାହା ଦ୍ୱାରା ଇସହାକ ତାକୁ ଏଷ ବୋଲି ଭାବିବେ

---

## 07:04

ଇସହାକ ନିକଟକୁ ଯାକୁବ ଆସି କହିଲେ ଏବଂ କହିଲେ, “ମୁ ଏଷୌ ଅଟେ” Iମୁଁ ଆସିଅଛି, ଯେଉଁଦ୍ଵାରା ଆପଣ ମୋତେ ଆଶୀର୍ବାଦ କରିବେ Iଇସହାକ ଯେତେବେଳେ ପୋଷାକର ଗନ୍ଧ ଓ ଛେଳିର ଲୋମ ଅନୁଭବ କଲେ, ସେ ଏଷୌ ଭାବିଲେ ଏବଂ ତାଙ୍କୁ ଆଶୀର୍ବାଦ କଲେ I

---

## 07:05

ଏଷୌ ଯାକୁବଙ୍କୁ ଘୃଣା କଲେ ଯେହେତୁ ଯାକୁବ ତାଙ୍କ ଜ୍ୟୋଷ୍ଠ ଅଧିକାର ଏବଂ ତାଙ୍କର ଆଶୀର୍ବାଦ ହରଣ କରିଥିଲା I ତେଣୁ ତାଙ୍କ ପିତାଙ୍କର ମୃତ୍ୟୁପରେ ଯାକୁବଙ୍କୁ ହତ୍ୟା କରିବାକୁ ସେ ଯୋଜନା କଲେ I

### ଯାକୁବ ଏଷର ଆଶୀର୍ବାଦ ଚୋରୀ କରିଥିବାରୁ ଏଷ ତା ପ୍ରତି କଣ କରିବାକୁ ଯୋଜନା କଲା ?

ଇସହାକଙ୍କ ମୃତ୍ୟୁ ପରେ ଏଷ ଯାକୁବଙ୍କୁ ମାରିବା ପାଇଁ ଯୋଜନା କଲା

---

## 07:06

କିନ୍ତୁ ରିବିକା ଏଷୌଙ୍କର ଯୋଜନା ଜାଣି ପାରିଲେ Iତେଣୁ ସେ ଓ ଇସହାକ, ଯାକୁବଙ୍କୁ ଦୂରକୁ ତାଙ୍କ ପରିଜନମାନଙ୍କ ସହିତ ରହିବାକୁ ପଠାଇଦେଲେ I

### ରିବିକା, ଏଷ ଯାକୁବଙ୍କୁ ମାରିବାର ଯୋଜନା ବିଷୟରେ ଶୁଣିବା ପରେ, ଇସହାକ ଏବଂ ରୀବୀକା କଣ କଲେ ?

ସେମାନେ ଯାକୁବଙ୍କୁ ରିବିକାର ସମ୍ପର୍କୀୟଙ୍କମାନଙ୍କ ସହିତ ରହିବା ପାଇଁ ପଠାଇ ଦେଲେ

---

## 07:07

ଜାକୁବ ରିବେକଙ୍କର ପରିଜନମାନଙ୍କ ସହିତ ବହୁତ ବର୍ଷ ଧରି ରହିଲେ Iସେହି ସମୟରେ ସେ ବିବାହ କଲେ ଓ ତାଙ୍କର ବାରଟି ପୁତ୍ର ଓ ଗୋଟିଏ ଝିଅ ଥିଲା I ପରମେଶ୍ଵର ତାଙ୍କୁ ବହୁତ ସମୃଦ୍ଧିଶାଳୀ କଲେ I

### ପରବର୍ତ୍ତୀ ୨୦ ବର୍ଷ କାଳ ମଧ୍ୟରେ ଯାକୁବଙ୍କ ସହିତ କଣ ଘଟିଲା ?

ସେ ବିବାହ କଲେ, ତାଙ୍କର ବାର ପୁତ୍ରମାନେ ଏବଂ ଏକ କନ୍ୟା ଜନ୍ମ ହେଲା , ଓ ପରମେଶ୍ୱର ଯାକୁବଙ୍କୁ ସମୃଦ୍ଧିଶାଳୀ କଲେ

---

## 07:08

ତାଙ୍କ ଗୃହ କିଣାନ ଠାରୁ କୋଡିଏ ବର୍ଷ ରହିବାପରେ, ଯାକୁବ ତାଙ୍କ ପରିବାର ସହିତ, ତାଙ୍କର ଦାସମାନେ ଓ ତାଙ୍କର ପଶୁପଲ୍ଲ ସହିତ ସେଠାକୁ ଫେରିଲେ I

---

## 07:09

ଯାକୁବ ବହୁତ ଭୟଭୀତ ଥିଲେ ଯେହେତୁ ସେ ଚିନ୍ତା କରୁଥିଲେ ଯେ ବର୍ତ୍ତମାନ ପର୍ଯ୍ୟନ୍ତ ଏଷୌ ତାଙ୍କୁ ମାରିବାକୁ ଚହୁଁଛନ୍ତି Iତେଣୁ ସେ ଅନେକ ପଶୁପଲ୍ଲମାନଙ୍କୁ ଏଷୌଙ୍କୁ ଉପହାର ସ୍ୱରୂପେ ପଠାଇଲେ I ଯେଉଁ ଦାସମାନେ ପଶୁଗୁଡିକୁ ଆଣିଥିଲେ ଏଷୌଙ୍କୁ କହିଲେ, " ତୁମର ଦାସ, ଯାକୁବ, ଆପଣଙ୍କୁ ଏହି ପଶୁଗୁଡିକ ଦେଇଛନ୍ତି Iସେ ଶୀଘ୍ର ଆସୁଅଛନ୍ତି I

### କିଣାନକୁ ଫେରି ଆସିବା ବେଳେ ଯାକୁବ କାହିଁକି ଭୟଭୀତ ଥିଲେ ?

ସେ ଚିନ୍ତା କଲେ ଏଷ ତାଙ୍କୁ ହତ୍ୟା କରିବେ

### ଏଷୌଙ୍କର କ୍ରୋଧକୁ ଶାନ୍ତ କରିବା ପାଇଁ ଯାକୁବ କଣ କଲେ ?

ସେ ଅନେକ ପଶୁମାନକୁ ଭେଟୀ ସ୍ୱରୁପେ ଏଷଙ୍କ ନିକଟକୁ ପଠାଇଲେ

---

## 07:10

କିନ୍ତୁ ଏଷୌ ଯାକୁବଙ୍କୁ କ୍ଷମା କରିସାରିଥିଲେ, ଏବଂ ସେମାନେ ପରସ୍ପର ଖୁସିରେ ଦେଖିବାକୁ ଚାହୁଁଥିଲେ I ତାପରେ ଯାକୁବ କିଣାନରେ ଶାନ୍ତିରେ ବାସ କଲେ Iଏହାପରେ ଇସହାକଙ୍କ ମୃତ୍ୟୁବରଣ କଲେ, ଏବଂ ଏଷୌ ଓ ଯାକୁବ ତାଙ୍କୁ କବର ଦେଲେ Iପରମେଶ୍ୱର ଯେଉଁ ନିୟମର ପ୍ରତିଜ୍ଞାଗୁଡିକ ଅବ୍ରାହାମଙ୍କୁ କରିଥିଲେ, ବର୍ତ୍ତମାନ ଇସହାକଙ୍କ ଠାରୁ ଯାକୁବଙ୍କୁ ହସ୍ତାର୍ପଣ କରାଗଲା I

### ଏଷ ସେହି ସମୟ ପର୍ଯ୍ୟନ୍ତ ଯାକୁବଙ୍କ ଉପରେ କ୍ରୋଧିତ ଥିଲେ କି ?

ନୁହେଁ, ସେ ଯାକୁବକୁ କ୍ଷମା କରି ଦେଇଥିଲେ

## ଯାକୁବ କେଉଁଠାରେ ରହିବାକୁ ନିଶ୍ଚିତ କଲେ ?

କିଣାନରେ

## ଇସହାକଙ୍କ ମୃତ୍ୟୁ ପରେ ପରମେଶ୍ବର ଅବ୍ରହାମଙ୍କୁ କରିଥିବା ପ୍ରତିଜ୍ଞାର ଆଶୀର୍ବାଦ କିଏ ପ୍ରାପ୍ତ ହେଲେ ?

ଯାକୁବ

# ପରମେଶ୍ୱର ଯୋଶେଫ ଓ ତାଙ୍କ ପରିବାରକୁ ଉଦ୍ଧାର କରନ୍ତି I

## 08:01

ଅନେକ ବର୍ଷ ପରେ, ଯାକୁବ ଯେତେବେଳେ ବୃଦ୍ଧଥିଲେ, ସେ ତାଙ୍କ ଅତିପ୍ରିୟ ପୁତ୍ର, ଯୋଶେଫଙ୍କୁ ତାଙ୍କ ଭାଇମାନଙ୍କ ପାଖକୁ ଦେଖିବା ପାଇଁ ଯେଉଁମାନେ ପଶୁପଲ୍ଲର ଯତ୍ନ ନେଉଥିଲେ, ପଠାଇଥିଲେ I

---

## 08:02

ଯୋଶେଫଙ୍କର ଭାଇମାନେ ତାଙ୍କୁ ଘୃଣା କରୁଥିଲେ, କାରଣ ସେମାନଙ୍କ ପିତା ତାଙ୍କୁ ଅଧିକ ପ୍ରେମ କରୁଥିଲେ, କାରଣ ଯୋଶେଫ୍ ସପ୍ନ ଦେଖିଥିଲେ ଯେ ସେ ସେମାଙ୍କର ଶାସକ ହେବେ Iଯେତେବେଳେ ଯୋଶେଫ୍ ସେମାନଙ୍କ ନିକଟକୁ ଆସିଲେ, ସେମାନେ ତାଙ୍କୁ ଅପହରଣ କଲେ ଏବଂ ତାଙ୍କୁ କ୍ରିତ ଦାସର ବ୍ୟବସାୟୀମାନଙ୍କୁ ବିକ୍ରୀ କଲେ I

### ଯୋଷେଫଙ୍କୁ ତାଙ୍କର ଭାଇମାନେ କାହିଁକି ଘୃଣା କରୁଥିଲେ ?

କାରଣ ଯୋଷେଫ ଯାକୁବଙ୍କ ପ୍ରିୟ ପୁତ୍ର ଥିଲେ ଏବଂ ସେ ସ୍ୱପ୍ନ ଦେଖୁଥିଲେ ଯେ ଯାକୁବ ସେମାନଙ୍କ ଉପରେ ଶାସନ କରିବେ

### ଯୋଷେଫଙ୍କର ଭାଇମାନେ ତାଙ୍କ ପ୍ରତି କେଉଁ ମନ୍ଦ କାର୍ଯ୍ୟ କଲେ ?

ସେମାନେ ତାହାଙ୍କୁ ଅପହରଣ କଲେ ଓ କ୍ରୀତଦାସ ବ୍ୟବସାୟୀମାନକୁ ବିକ୍ରୟ କରିଦେଲେ

---

## 08:03

ଯୋଶେଫଙ୍କର ଭାଇମାନେ ଘରକୁ ଫେରିବା ପୂର୍ବରୁ, ଯୋଶେଫଙ୍କର ଲୁଗାକୁ ଚିରି ଦେଲେ ଓ ତାକୁ ଛେଳିର ରକ୍ତରେ ବୁଡାଇଦେଲେ Iତାପରେ ଲୁଗାକୁ ତାଙ୍କର ପିତାଙ୍କୁ ଦେଖାଇଲେ, ସେଥିଦ୍ୱାରା ସେ ଚିନ୍ତାକରିବେ ଯେ ଏକ ବନ୍ୟ ପଶୁ ଯୋଶେଫଙ୍କୁ ମାରିଦେଇଅଛି I ଯାକୁବ ଅତି ଦୁଃଖୀ ହେଲେ I

### ଯୋଷେଫଙ୍କର ଭାଇମାନେ ତାଙ୍କର ଅଦୃଶ୍ୟ ହେବାର ଘଟଣା କିପରି ଯାକୁବଙ୍କୁ ବର୍ଣ୍ଣର୍ନା କଲେ ?

ସେମାନେ ଏକ ଛେଳିର ରକ୍ତ ଯୋଷେଫଙ୍କର ବସ୍ତ୍ରରେ ଲଗାଇଲେ ଯେପରିକି ଯାକୁବ ଏହା ମନେ କରିବେ ଯେ ଏକ ବନ୍ୟ ପଶୁ ଦ୍ୱାରା ଯୋଷେଫଙ୍କ ନିଧନ ହୋଇଛି

---

## 08:04

କ୍ରୀତଦାସ ବ୍ୟବସାୟୀମାନେ ଯୋସେଫଙ୍କୁ ମିଶରକୁ ନେଇଗଲେ Iମିଶର ଏକ ବୃହତ୍, ଶକ୍ତିଶାଳି ଦେଶ ନୀଳ ନଦୀର ନିକଟରେ ଅବସ୍ତିତ ଥିଲା I କ୍ରୀତଦାସ ବ୍ୟବସାୟୀମାନେ ଯୋସେଫଙ୍କୁ ଏକ ଦାସ ଭାବରେ ସମୃଦ୍ଧିଶାଳୀ ସରକାର ପଦାଧିକାରୀଙ୍କୁ ବିକ୍ରୟ କରିଦେଲେ I ଯୋସେଫ ତାଙ୍କ ମାଲିକଙ୍କୁ ଉତ୍ତମ ସେବା କରିଲେ, ଓ ପରମେଶ୍ୱର ଯୋସେଫଙ୍କୁ ଆଶୀର୍ବାଦ କଲେ I

### ମିଶରରେ ପରମେଶ୍ୱର କଣ ଯୋଶେଫଙ୍କୁ ପରିତ୍ୟାଗ କରି ଦେଇଥିଲେ କି ?

ନୁହେଁ, ଯୋଷେଫ ଯାହା କିଛି କଲେ, ପରମେଶ୍ୱର ତାଙ୍କୁ ଆଶୀର୍ବାଦ କଲେ

---

## 08:05

ତାଙ୍କର ମାଲିକଙ୍କ ସ୍ତ୍ରୀ ତାଙ୍କ ସହିତ ଶୟନ କରିବାକୁ ଚେଷ୍ଟା କଲେ, କିନ୍ତୁ ଏହି ମାଧମରେ ଯୋସେଫ ପରମେଶ୍ୱରଙ୍କ ବିରୋଧରେ ପାପ କରିବାକୁ ମନା କଲେ Iସେ କ୍ରୋଧ ହେଲେ ଓ ମିଛରେ ଯୋସେଫଙ୍କୁ ଦୋଷ ଦେଲେ, ସେଥି କାରଣରୁ ତାଙ୍କୁ ବନ୍ଧାହେଲା ଓ କାରାଗାରକୁ ପଠାଗଲା Iକାରାଗାରରେ ମଧ ଯୋସେଫ ଇଶ୍ୱରଙ୍କର ବିଶ୍ୱସ୍ତ ହୋଇରହିଲେ, ଓ ତାଙ୍କୁ ପରମେଶ୍ୱର ଆଶୀର୍ବାଦ କଲେ I

### ଯୋଷେଫଙ୍କୁ ମିଶରରେ କାହିଁକି ବନ୍ଦୀ ଅନୁସାରେ ପଠାଗଲା ?

ଯୋଷେଫ ତାଙ୍କ ମାଲିକର ସ୍ତ୍ରୀଙ୍କ ସହିତ ଶୟନ କରିବାକୁ ମନା କଲେ ତେଣୁ ସେ ତାଙ୍କ ଉପରେ ମିଥ୍ୟାରୋପ କଲେ

---

## 08:06

ଯଦିଓ ସେ ନିର୍ଦ୍ଦୋଶ ଦୋଷ ଥିଲେ, ତଥାପି ଯୋସେଫ କାରାଗାରରେ ଦୁଇ ବର୍ଷ ରହିଲେ I ଗୋଟିଏ ରାତିରେ, ଫାରୋ, ଯାହାଙ୍କୁ ମିଶରୀୟମାନେ ସେମାନଙ୍କ ରାଜା କହନ୍ତି, ଦୁଇଟି ସ୍ୱପ୍ନଗୁଡିକ ପ୍ରବଳ ତାଙ୍କୁ ବ୍ୟସ୍ତ କରିଥିଲା I ତାଙ୍କର କୌଣସୀ ପରାମର୍ଶଦାତା ତାଙ୍କ ସପ୍ନଗୁଡିକର ଅର୍ଥ କହି ପାରିନଥିଲେ I

---

## 08:07

ଯୋସେଫଙ୍କୁ ସପ୍ନର ଅର୍ଥ କହିବାକୁ ପରମେଶ୍ୱର ଯୋଗ୍ୟତା ଦେଇଥିଲେ, ତେଣୁ ଫାରୋଙ୍କ ପାଇଁ ଯୋଶେଫଙ୍କୁ କାରାଗାର ଠାରୁ ଅଣାଗଲା Iତାଙ୍କ ନିମନ୍ତେ ଯୋଷେଫ ସ୍ୱପ୍ନଗୁଡିକର ତର୍ଜମା କଲେ ଏବଂ କହିଲେ, ସାତ ବର୍ଷ ପରମେଶ୍ୱର ଯଥେଷ୍ଟ ଫସଲ ପଠାଇବାକୁ ଯାଉଛନ୍ତି, ସେହିପରି ସାତ ବର୍ଷ ଦୁର୍ଭିକ୍ଷ ହେବ I

### ପରମେଶ୍ୱର ଯୋଷେଫଙ୍କୁ କେଉଁ ଦକ୍ଷତା ଦେଇଥିଲେ ?

ସ୍ୱପ୍ନର ଅର୍ଥ ପ୍ରକାଶ କରିବାର ଦକ୍ଷତା

### ଫାରୋଙ୍କର ସ୍ୱପ୍ନର ଅର୍ଥ କଣ ଥିଲା ?

ପରମେଶ୍ୱର ସାତ ବର୍ଷ ଧରି ପ୍ରଚୁର ଶଷ୍ୟ ପ୍ରଦାନ କରିବେ ଏବଂ ସାତ ବର୍ଷ ଧରି ଦୁର୍ଭିକ୍ଷ କରିବେ

---

## 08:08

ଯୋଷେଫଙ୍କର ସହିତ ଫାରୋ ଅତି ଆକର୍ସିତ ହେଲେ ତେଣୁ ତାଙ୍କୁ ଦ୍ୱିତୀୟ ଶକ୍ତିଶାଳି ବ୍ୟକ୍ତି ଭାବରେ ନିଯୁକ୍ତ କଲେ I

### ଯୋଷେଫ ତାଙ୍କର ସ୍ୱପ୍ନର ଅର୍ଥ ପ୍ରକାଶ କଲାପରେ ଫାରୋ ତାଙ୍କୁ କିଭଳି ପୁରସ୍କୃତ କଲେ ?

ସେ ଯୋଷେଫଙ୍କୁ ମିଶରର ଦ୍ୱିତୀୟ ଶକ୍ତିଶାଳୀ ବ୍ୟକ୍ତି ରୂପେ ନିଯୁକ୍ତ କଲେ

---

## 08:09

ସାତ ବର୍ଷ ଉତ୍ତମ ଅମଳ ସମୟରେ ଖାଦ୍ୟଶସ୍ୟ ଅଧିକ ପରିମାଣରେ ସଂଗ୍ରହ କରିବାକୁ ଯୋଷେଫ ଲୋକମାନଙ୍କୁ କହିଲେ I ଯେତେବେଳେ ସାତବର୍ଷ ଦୁର୍ଭିକ୍ଷ ଆସିଲା, ଯୋଷେଫ ଖାଦ୍ୟଶସ୍ୟ ବିକ୍ରି ଲୋକମାନଙ୍କୁ ବିକ୍ରୀ କଲେ ଯେଉଁଦ୍ୱାରା ସେମାନେ ଖାଇବାପାଇଁ ଯଥେଷ୍ଟ ପାଇବେ I

### ଦୁଭ ି କ୍ଷ ପାଇଁ ଯୋଶେଫ କିଭଳି ପ୍ରସ୍ତୁତ କଲେ ?

ଉତ୍ତମ ସାତ ବର୍ଷର ପ୍ରଚୁର ଶସ୍ୟ ଅମଳ ସମୟରେ ଯଥେଷ୍ଟ ସଂଗ୍ରହ କରିବାକୁ ଯୋଶେଫ ମିଶର ବାସୀଙ୍କୁ ପରାମର୍ଶ ଦେଲେ ଓ ସାତ ବର୍ଷର ଅକାଳ ସମୟରେ ତାହାକୁ ସେ ବିକ୍ରୟ କଲେ

---

## 08:10

କେବଳ ମିଶରରେ ନୁହେଁ, କିନ୍ତୁ କିଣାନରେ ମଧ୍ୟ ଯେଉଁଠାରେ କି ଯାକୁବ ଓ ତାଙ୍କ ପରିବାର ବାସ କରୁଥିଲେ, ଦୁର୍ଭିକ୍ଷ ଅତିଶୟ I

---

## 08:11

ତେଣୁକରି ଯାକୁବ ତାଙ୍କ ଜ୍ୟେଷ୍ଠ ପୁଅମାନଙ୍କୁ ଖାଦ୍ୟ କିଣିବା ନିମନ୍ତେ ମିଶରକୁ ପଠାଇଲେ I ଯେତେବେଳେ ଭାଇମାନେ ଖାଦ୍ୟ କିଣିବାପାଇଁ ଯୋଷେଫଙ୍କ ସାମନାରେ ଠିଆ ହୋଇଥିଲେ ସେମାନେ ଯୋଷେଫଙ୍କୁ ଚିହ୍ନି ପାରିଲେନାହିଁ Iକିନ୍ତୁ ଯୋଷେଫ ସେମାନଙ୍କୁ ଚିହ୍ନି ପାରିଲେ I

### ଯୋଶେଫଙ୍କର ଭାଇମାନେ ମିଶର କାହିଁକି ଆସିଥିଲେ ?

ସେମାନେ ଖାଦ୍ୟ କିଣିବାକୁ ଆସିଥିଲେ, କାରଣ କିଣାନରେ ମଧ ଭୟଙ୍କର ଦୁର୍ଭିକ୍ଷ ପଡିଥିଲା

---

## 08:12

ସେମାନେ ପରିବର୍ତ୍ତନ ହୋଇଛନ୍ତି ନା ନାହି ତାହା ପରିକ୍ଷା କରିବାପରେ, ଯୋଷେଫ ସେମାନଙ୍କୁ କହିଲେ, "ମୁଁ ତୁମମାନଙ୍କ ଭାଇ, ଯୋଷେଫ!" I ଭୟ କରନ୍ତୁ ନାହି Iତୁମେମାନେ ମନ୍ଦ କରିବା ପାଇଁ ଚେଷ୍ଟା କଲ ଯେତେବେଳେ ତୁମେ ଦାସକରି ବିକ୍ରି କରିଲ , କିନ୍ତୁ ପରମେଶ୍ୱର ମନ୍ଦତାକୁ ଉତ୍ତମତାରେ ପରିବର୍ତ୍ତନ କଲେ I ମିଶରରେ ଆସି ବାସ କର ସେଥିରେ ମୁଁ ତୁମମାନଙ୍କୁ ଓ ତୁମ୍ଭମାନଙ୍କ ପରିବାରମାନଙ୍କ ପାଇଁ ଯୋଗାଇ ପାରିବି I

### ଯୋଶେଫ ତାଙ୍କର ଭାଇମାନଙ୍କୁ ନିଜର ପରିଚୟ ଦେବା ପୂର୍ବରୁ କାହିଁକି ସେମାନଙ୍କର ପରୀକ୍ଷା ନେଇଥିଲେ ?

ସେ ସେମାନଙ୍କର ପରୀକ୍ଷା ନେଇ ଜାଣିବାକୁ ଚାହୁଁଥିଲେ ଯେ ସେମାନେ ପରିବର୍ତ୍ତନ ହୋଇଛନ୍ତି କି ନାହିଁ

### ଯୋଶେଫଙ୍କର ଭାଇମାନେ ତାଙ୍କୁ ଦାସରୁପେ ବିକ୍ରୟ କରିଦେଇ ଥିଲେ ସୁଦ୍ଧା କିପରି ପରମେଶ୍ୱର ତାହାକୁ ଉତ୍ତମରେ ପରିଣତ କଲେ ?

ଯୋଶେଫ ମିଶରରେ ଏକ ଶକ୍ତିଶାଳୀ ଶାସକ ହୋଇ ପାରିଲେ, ପରମେଶ୍ୱର ତାଙ୍କୁ ନିଜର ପରିବାର ଓ ଅନେକ ପରିବାର ପାଇଁ ଦୁର୍ଭିକ୍ଷ ସମୟରେ ଖାଦ୍ୟ ଯୋଗାଇବା ପାଇଁ ବ୍ୟବହାର କଲେ

---

## 08:13

ଯେତେବେଳେ ଯୋଷେଫଙ୍କର ଭାଇମାନେ ଗୃହକୁ ଫେରିଲେ ଏବଂ ସେମାଙ୍କର ପିତା, ଯାକୁବଙ୍କୁ କହିଲେ ଯେ ଏ ପର୍ଯ୍ୟନ୍ତ ଯୋଶେଫ ଜୀବିତ ଅଛନ୍ତି, ସେ ବହୁତ ଆନନ୍ଦିତ ହେଲେ I

---

## 08:14

ଯଦିଓ ଯାକୁବ ବୃଦ୍ଧ ହୋଇଥିଲେ, ତଥାପି ସେ ତାଙ୍କ ପରିବାର ସହିତ ମିଶରକୁ ଗମନ କଲେ ଓ ସେଠାରେ ସେ ସେମାନଙ୍କ ସହିତ ବାସକଲେ Iଯାକୁବଙ୍କ ମୃତ୍ୟୁ ହେବା ପୂର୍ବରୁ, ସେ ତାଙ୍କ ପ୍ରତ୍ୟେକ ପୁଅମାନଙ୍କୁ ଆଶୀର୍ବାଦ କଲେ I

### ଯୋଶେଫ ଜୀବିତ ଅଛନ୍ତି ବୋଲି ଜାଣିବା ପରେ ଯାକୁବ କଣ କଲେ ?

ସେ ତାଙ୍କର ସମସ୍ତ ପରିବାର ସହ ମିଶରକୁ ପ୍ରସ୍ଥାନ କଲେ

---

## 08:15

ପ୍ରତିଜ୍ଞାତ ନିୟମ ଯାହା ପରମେଶ୍ୱର ଅବ୍ରାହାମଙ୍କ ସହିତ କରିଥିଲେ ତାହା ସେ ଇସାହକଙ୍କୁ ହସ୍ତାର୍ପଣ କଲେ, ପରେ ଯାକୁବଙ୍କୁ ଏବଂ ତାପରେ, ଯାକୁବଙ୍କ ବାର ପୁଅମାନଙ୍କୁ ଓ ସେମାନଙ୍କ ପରିବାର ଗୁଡ଼ିକୁ ହସ୍ତାର୍ପଣ କଲେ Iବାର ପୁତ୍ରମାନଙ୍କ ବଂଶଧର ମାନେ ଇସ୍ରାଏଲର ବାର ଗୋଷ୍ଠିଗୁଡିକ ହେଲେ I

### ଯାକୁବଙ୍କ ମୃତ୍ୟୁ ହେବାପରେ ଅବ୍ରହାମଙ୍କୁ କରାଯାଇଥିବା ପ୍ରତିଜ୍ଞା କିଏ ପ୍ରାପ୍ତ କଲା ?

ଯାକୁବଙ୍କର ବାର ପୁତ୍ର

### ଯାକୁବଙ୍କର ବାର ପୁତ୍ରମାନଙ୍କର ବଂଶଧର କଣ ହେଲେ ?

ଇସ୍ରାଏଲର ବାର ଗୋଷ୍ଠିମାନେ

# ପରମେଶ୍ୱର ମୋଶାଙ୍କୁ ଆହ୍ୱାନ କଲେ I

## 09:01

ଯୋଷେଫଙ୍କର ମୃତ୍ୟୁ ପରେ, ତାଙ୍କର ସମସ୍ତ ଜ୍ଞାତି କୁଟୁମ୍ବ ମିଶରରେ ରହିଲେ Iସେମାନେ ଓ ସେମାଙ୍କର ବଂଶଧର ସେଠାରେ ଅନେକବର୍ଷ ରହିବାକୁ ଲାଗିଲେ ଓ ସେମାଙ୍କର ଅନେକ ସନ୍ତାନମାନେ ଜନ୍ମ ହେଲେ I ସେମାନଙ୍କୁ ଇସ୍ରାଏଲୀୟ ନାମରେ ଡକାଗଲା I

---

## 09:02

ଶହ ଶହ ବର୍ଷପରେ, ଇସ୍ରାଏଲର ଜନସଂଖ୍ୟା ଅତ୍ୟଧିକ ହେଲା Iମିଶର ବାସୀମାନେ ଯୋଷେଫଙ୍କୁ ଏବଂ ସେ ସେମାନଙ୍କୁ କରିଥିବା ସାହାଯ୍ୟକୁ କେବେହେଲେ ସ୍ମରଣ କଲେନାହି I ସେମାନେ ଇସ୍ରାଏଲ ମାନଙ୍କୁ ଭୟ କରିବାକୁ ଲାଗିଲେ, କାରଣ ସେମାନେ ସଂଖ୍ୟାରେ ଅଧିକ ଥିଲେ I ତେଣୁ ସେହି ସମୟରେ ଯେଉଁ ଫାରୋ ମିଶରକୁ ଶାସନ କରୁଥିଲେ ସେ ଇସ୍ରାଏଲିୟମାନକୁ ମିଶରୀୟମାନଙ୍କର ଦାସ କଲେ I

### ମିଶରୀୟମାନେ ଇସ୍ରାଏଲିୟ ମାନଙ୍କ ପ୍ରତି କାହିଁକି ଭୟଭୀତ ଥିଲେ ?

କାରଣ ଇସ୍ରାଏଲିୟମାନେ ସଂଖ୍ୟାରେ ଅତ୍ୟଧିକ ଥିଲେ

### ଫାରୋ ଇସ୍ରାଏଲିୟମାନଙ୍କ ପ୍ରତି ଭୟଭୀତ ହୋଇଥିବାରୁ ସେମାନଙ୍କ ପ୍ରତି କଣ କଲେ?

ସେ ସେମାନଙ୍କୁ ମିଶରୀୟ ମାନଙ୍କର ଦାସ ଭାବରେ ରଖିଲେ

---

## 09:03

ମିଶରୀୟମାନେ ଇସ୍ରାଏଲୀୟମାନଙ୍କୁ ଅଟ୍ଟାଳିକାଗୁଡିକ ଓ ସମ୍ପୁର୍ଣ ସହରଗୁଡିକ ମଧ୍ୟ ନିର୍ମାଣ କରିବାକୁ ବାଧ୍ୟ କାଲେ I କଠିନ କାର୍ଯ୍ୟ ସେମାନଙ୍କର ଜୀବନକୁ ଦୁଃଖଦାୟକ କଲା, କିନ୍ତୁ ସେମାନଙ୍କୁ ପରମେଶ୍ୱର ଆଶୀର୍ବାଦ କଲେ, ଏବଂ ସେମାନଙ୍କ ଅନେକ ସନ୍ତାନ ଓ ସନ୍ତତି ହେଲେ I

---

## 09:04

ଫାରୋ ଦେଖିପାରିଲେ ଯେ ଇସ୍ରାଏଲୀୟ ମାନଙ୍କର ଅନେକ ସନ୍ତାନ ଅନେକ ଅଛନ୍ତି, ତେଣୁ ସେ ତାଙ୍କ ଲୋକମାନଙ୍କୁ , ସମସ୍ତ ଇସ୍ରାଏଲୀୟ ପୁତ୍ର ସନ୍ତାନମାନଙ୍କୁ ନୀଳନଦୀରେ ଫୋପାଡି ମାରିଦେବା ପାଇଁ ଆଦେଶ ଦେଲେ I

### ଇସ୍ରାଏଲିୟମାନଙ୍କୁ ସଂଖ୍ୟାରେ ନ ବଢିବା ପାଇଁ ଫାରୋ କଣ କଲେ ?

ଇସ୍ରାଏଲିୟ ସମସ୍ତ ପୁତ୍ର ସନ୍ତାନଙ୍କୁ ନୀଳ ନଦୀରେ ଫିଙ୍ଗି ଦେବାକୁ ଆଦେଶ ଦେଲେ

---

## 09:05

ଜଣେ ଇସ୍ରାଏଲୀୟ ସ୍ତ୍ରୀ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଲେ I ସେ ଓ ତାହାଙ୍କ ସ୍ୱାମୀ ଶିଶୁକୁ ପାରୁପର୍ଯ୍ୟନ୍ତ ଅନେକ ଦିନ ଲୁଚାଇ ରଖିଲେ I

---

## 09:06

ଯେତେବେଳେ ପୁତ୍ରର ପିତା ଓ ମାତା ଅଧିକ ସମୟ ଲୁଚାଇ ପାରିଲେ ନାହି, ସେମାନେ ତାକୁ ମୃତ୍ୟୁରୁ ଉଦ୍ଧାର କରିବା ଉଦ୍ଦେଶ୍ୟରେ ନୀଳନଦୀ ତଟର ପାଣି ସହିତ ନଢାଗୁଡିକର ଏକ ଭାସୁଥିବା ଟୋକେଇ ଭିତରେ ତାଙ୍କୁ ରଖିଦେଲେ I ତାହାଙ୍କର ବଡ ଭଉଣୀ ତାଙ୍କ ପ୍ରତି କଣ ହେବ, ଦେଖିବା ପାଇଁ ଦୂରରେ ରହି ଦେଖୁଥିଲେ I

### ଟୋକେଇରେ ଥାଇ ନଦୀରେ ଭାସୁଥିବା ପୁତ୍ର ସନ୍ତାନଟିର କଣ ହେଲା ?

ଫାରୋଙ୍କର ଏକ କନ୍ୟା ତାକୁ ଦେଖିଲେ, ନିଜର ପୁତ୍ର ରୂପେ ଗ୍ରହଣ କଲେ ଏବଂ ତାର ନାମ ମୋଶା ରଖିଲେ

---

## 09:07

ଫାରୋଙ୍କର କନ୍ୟା ଟୋକେଇକୁ ଏବଂ ତହିଁଭିତରକୁ ମଧ ଦେଖିଲେ Iଯେତେବେଳେ ସେ ଏକ ଶିଶୁକୁ ଦେଖିଲେ, ସେ ତାଙ୍କୁ ନିଜର ପୁତ୍ରକରି ନେଲେ I ସେ ଇସ୍ରାଏଲ୍ ଗୋଷ୍ଠିର ଏକ ସ୍ତ୍ରୀଲୋକଙ୍କୁ ଶିଶୁର ମାଁ ଅଟନ୍ତି ନ ବୁଝି ତାର ସ୍ତନ୍ୟାପାନ ପାଇଁ ନିଯୁକ୍ତ କଲେ I ଯେତେବେଳେ ଶିଶୁଟି ବଡ ହେଲା ତାଙ୍କୁ ମା'ଙ୍କର ଦୁଗ୍ଧ ଆବଶ୍ୟକ ହେଲା ନାହି, ତାଙ୍କୁ ସେ ଫାରୋଙ୍କର କନ୍ୟାଙ୍କୁ ଫେରାଇ ଦେଲେ, ଯିଏକି ତାଙ୍କ ନାମ ମୋଶା ଦେଲେ I

### ଟୋକେଇରେ ଥାଇ ନଦୀରେ ଭାସୁଥିବା ପୁତ୍ର ସନ୍ତାନଟିର କଣ ହେଲା ?

ଫାରୋଙ୍କର ଏକ କନ୍ୟା ତାକୁ ଦେଖିଲେ, ନିଜର ପୁତ୍ର ରୂପେ ଗ୍ରହଣ କଲେ ଏବଂ ତାର ନାମ ମୋଶା ରଖିଲେ

---

## 09:08

ଦିନେ, ଯେବେ ମୋଶା ବଡ ହେଲା ପରେ, ସେ ଦେଖିଲେ, ଜଣେ ମିଶରୀୟ ଇସ୍ରାଏଲୀୟ ଦାସକୁ ପ୍ରହାର କରୁଛନ୍ତି Iମୋଶା ତାଙ୍କ ଇସ୍ରାଏଲୀୟଙ୍କୁ ବ୍ୟକ୍ତିକୁ ରକ୍ଷା କରିବା ପାଇଁ ଚେଷ୍ଟା କଲେ I

### ମୋଶା ଜଣେ ଇସ୍ରାଏଲିୟଙ୍କୁ ରକ୍ଷା କରିବା ପାଇଁ କଣ କଲେ ?

ସେ ତାଙ୍କୁ ମାରୁଥିବା ଜଣେ ମିଶରୀୟଙ୍କୁ ହତ୍ୟା କଲେ ଏବଂ ତାଙ୍କର ଶରୀରକୁ ମାଟିରେ ପୋତିଦେଲେ

---

## 09:09

ଯେବେ ମୋଶା ଜାଣିପାରିଲେ, କେହି ଦେଖୁନାହାନ୍ତି, ସେ ମିଶରୀୟଙ୍କୁ ବଧ କଲେ ଓ ତା ଶରୀରକୁ ପୋତି ଦେଲେ Iକିନ୍ତୁ କେହିଜଣେ ମୋଶା ଯାହା କରିଥିଲେ,ଦେଖିଲେ I

### ମୋଶା ଜଣେ ଇସ୍ରାଏଲିୟଙ୍କୁ ରକ୍ଷା କରିବା ପାଇଁ କଣ କଲେ ?

ସେ ତାଙ୍କୁ ମାରୁଥିବା ଜଣେ ମିଶରୀୟଙ୍କୁ ହତ୍ୟା କଲେ ଏବଂ ତାଙ୍କର ଶରୀରକୁ ମାଟିରେ ପୋତିଦେଲେ

---

## 09:10

ଯେତେବେଳେ ଫାରୋ, ଯାହା ମୋଶା କରିଛନ୍ତି, ଶୁଣିଲେ, ସେ ତାଙ୍କୁ ମାରିବାକୁ ଚେଷ୍ଟା କଲେ I ମୋଶା ଫାରୋଙ୍କ ସୈନ୍ୟମାନଙ୍କ ଠାରୁ ରକ୍ଷା ପାଇବାପାଇଁ ମିଶରରୁ ମରୁଭୁମିକୁ ଯେଉଁଠାରେ ସେ ସୁରକ୍ଷିତ ଥିବେ, ଦୁରକୁ ପଳାଇଗଲେ I

### ମୋଶାଙ୍କୁ କାହିଁକି ମିଶରରୁ ପଳାୟନ କରିବାକୁ ହେଲା ?

ଫାରୋ ଯେତେବେଳେ ଜାଣିଲେ ଯେ ମୋଶା ଜଣେ ମିଶରୀୟଙ୍କୁ ମାରି ଅଛନ୍ତି, ସେ ମୋଶାଙ୍କୁ ମାରିବାକୁ ଚାହିଁଲେ

### ଫାରୋଙ୍କଠାରୁ ରକ୍ଷା ପାଇବା ପାଇଁ ମୋଶା କେଉଁଠାକୁ ଗଲେ ?

ସେ ମରୁପ୍ରାନ୍ତରକୁ ପଳାୟନ କଲେ

---

## 09:11

ମିଶରରୁ ବହୁଦୂରରେ ମରୁଭୂମିରେ ମୋଶା ଏକ ମେଷପାଳକ ହେଲେ Iସେହିସ୍ଥାନର ଏକ ମହିଳାଙ୍କ ସହିତ ସେ ବିବାହ କଲେ ଓ ତାଙ୍କର ଦୁଇଟି ସନ୍ତାନ ହେଲା I

---

## 09:12

ଦିନେ ଯେତେବେଳେ ମୋଶା ତାଙ୍କ ମେଷଗୁଡିକର ଯତ୍ନ ନେବା ସମୟରେ, ଏକ ବୁଦାରେ ନିଆଁ ଜଳୁଥିବା ସେ ଦେଖିଲେ Iକିନ୍ତୁ ସେହି ବୁଦାଟି ଜଳି ପାଉଁଶ ହେଲା ନାହି I ମୋଶା ବୁଦା ଆଡକୁ ଭଲରେ ଦେଖିପାରିବାକୁ ଗଲେ Iଯେତେବେଳେ ସେ ଜଳୁଥିବା ବୁଦା ନିକଟକୁ ଯାଉଥିଲେ, ପରମେଶ୍ୱରଙ୍କ ସ୍ୱର କହିଲେ, ମୋଶା, ତୁମର ପାଦୁକା ତୁମେ ବାହାର କର I ତୁମ୍ଭେ ପବିତ୍ର ସ୍ଥାନରେ ଠିଆହୋଇଅଛ I

### ସେ ମରୁପ୍ରାନ୍ତରରେ ତାଙ୍କ ମେଷମାନଙ୍କର ଯତ୍ନ ନେଉଥିବା ବେଳେ କେଉଁ ଅସାଧାରଣ ବିଷୟ ଦେଖିଲେ ?

ସେ ଏକ ଜଳୁଥିବା ବୁଦା ଦେଖିଲେ ଯାହାକି ଜଳୁଥିଲେ ସୁଦ୍ଧା ପୋଡି ପାଉଁଶ ହେଉ ନ ଥିଲା

### ମୋଶା ସେହି ଜଳୁଥିବା ବୁଦା ନିକଟକୁ ଆସୁଥିବା ସମୟରେ ପରମେଶ୍ୱର ତାଙ୍କୁ କଣ କହିଲେ ?

ପରମେଶ୍ୱର କହିଲେ, ''ମୋଶା , ତୁମର ପାଦର ପାଦୁକା କୁ କାଢ଼.ତୁମେ ଏକ ପବିତ୍ର ସ୍ଥାନରେ ଛିଡା ହୋଇଛ ''.

---

## 09:13

ପରମେଶ୍ୱର କହିଲେ, “ମୋର ଲୋକମାନଙ୍କର କ୍ଲେଶ ମୁଁ ଦେଖିଅଛି Iମୁ ତୁମ୍ଭକୁ ଫାରୋଙ୍କ ପାଖକୁ ପଠାଇବି ଯେଉଁଦ୍ୱାରା ତୁମ୍ଭେ ଇସ୍ରାଏଲିୟମାନଙ୍କୁ ସେମାନଙ୍କର ମିଶରର ଦାସତ୍ୱରୁ ବାହାର କରି ଆଣିବ Iସେମାନଙ୍କୁ ମୁ କିଣାନ ଦେଶ ଦେବି, ଯେଉଁ ଦେଶ ମୁ ଅବ୍ରାହାମ, ଇସାହକ ଓ ଯାକୁବଙ୍କୁ ପ୍ରତିଜ୍ଞା କରିଥିଲି I

### ମିଶରରେ ପରମେଶ୍ୱର ଇସ୍ରାଏଲିୟ ମାନଙ୍କର ଯତ୍ନ ନେଇଥିଲେ ବୋଲି ଆମେ କିପରି ଜାଣୁ ?

ପରମେଶ୍ୱର ମୋଶାଙ୍କୁ କହିଲେ, ''ମୁ ମୋହର ଲୋକମାନଙ୍କର ଯନ୍ତ୍ରଣା ଦେଖିଅଛି'

### ଇସ୍ରାଏଲିୟମାନଙ୍କୁ କଣ କରିବା ପାଇଁ ପରମେଶ୍ୱର ମୋଶାଙ୍କୁ ପଠାଇଲେ ?

ପରମେଶ୍ୱର ତାଙ୍କୁ ଫାରୋଙ୍କ ନିକଟକୁ ଯିବାକୁ ଓ ମିଶରର ଦାସତ୍ୱରୁ ଇସ୍ରାଏଲିୟମାନଙ୍କୁ ଉଦ୍ଧାର କରିବାକୁ ମୋଶାଙ୍କୁ କହିଲେ

### ପରମେଶ୍ୱର ଇସ୍ରାଏଲିୟମାନଙ୍କୁ କେଉଁ ଦେଶ ଦେବେ ବୋଲି କହିଲେ ?

କିଣାନ ଦେଶ, ଯାହା କି ପରମେଶ୍ୱର ଅବ୍ରହାମ, ଇସହାକ ଓ ଯାକୁବଙ୍କୁ ଦେବା ପାଇଁ ପ୍ରତିଜ୍ଞା କରିଥିଲେ

---

## 09:14

ମୋଶା ପଚାରିଲେ, "ଯଦି ଲୋକମାନେ ଜାଣିବାକୁ ଚାହିଁବେ ମୋତେ କିଏ ପଠାଇଛନ୍ତି, ମୁଁ ସେମାନଙ୍କୁ କଣ କହିବି?"ଈଶ୍ୱର କହିଲେ, "ଆମ୍ଭେ ଯେ ଅଛୁ ସେ ଅଛୁ" I ସେମାନକୁ କୁହ, " ଆପଣଙ୍କ ପାଖକୁ ମୋତେ ସ୍ୱୟଂଭୂ ପଠାଇଅଛନ୍ତି" I ମଧ୍ୟ ସେମାନଙ୍କୁ କୁହ, ଆମ୍ଭେ ସଦାପ୍ରଭୁ, ତୁମମାନଙ୍କର ପିତୃପୁରଷ; ଅବ୍ରାହାମ, ଇସାହକ, ଓ ଯାକୁବଙ୍କର ଈଶ୍ୱର ଅଟୁ I ଚିରଦିନ ପାଇଁ ଏହା ମୋର ନାମ ଅଟେ I

### ତାଙ୍କର ନାମ ସଦାସର୍ବଦା କଣ ହେବ ବୋଲି ପରମେଶ୍ୱର କହିଲେ ?

ସଦାପ୍ରଭୁ

---

## 09:15

ମୋଶା ଭୟ କରୁଥିଲେ ଏବଂ ଫାରୋଙ୍କ ନିକଟକୁ ଯିବାପାଇଁ ଚାହୁଁନଥିଲେ, କାରଣ ସେ ଭାବିଲେ, ସେ ଭଲରେ କଥା କହିପାରନ୍ତି ନାହିଁ, ତେଣୁ ଈଶ୍ୱର ମୋଶାଙ୍କର ଭାଇ, ହାରଣଙ୍କୁ, ତାଙ୍କୁ ସାହାଯ୍ୟ କରିବା ନିମନ୍ତେ ପଠାଇଲେ I ପରମେଶ୍ୱର ମୋଶା ଓ ହାରଣଙ୍କୁ ସତର୍କ କରିଦେଇଥିଲେ, ଯେ ଫାରୋ କଠୋର ହେବେ I

### ମୋଶାଙ୍କୁ ସାହାଯ୍ୟ କରିବା ପାଇଁ ପରମେଶ୍ୱର କାହାକୁ ପଠାଇଲେ ?

ପରମେଶ୍ୱର ମୋଶାଙ୍କୁ ସାହାଯ୍ୟ କରିବା ପାଇଁ ତାଙ୍କର ଭାଇ, ହାରଣଙ୍କୁ ପଠାଇଲେ

### ଫାରୋ ମୋଶା ଓ ହାରଣଙ୍କ ପ୍ରତି କଣ ପ୍ରତିକ୍ରିୟା କରିବେ ବୋଲି ପରମେଶ୍ୱର କହିଥିଲେ ?

ଫାରୋଙ୍କ ହୃଦୟ କଠୋର ହେବ

# ଦଶଗୋଟି ମହାମାରୀ

## 10:01

ମୋଶା ଓ ହାରଣ ଫାରୋଙ୍କ ନିକଟକୁ ଗଲେ Iସେମାନେ କହିଲେ, “ଇସ୍ରାଇଲର ପରମେଶ୍ୱର ଏହା କହନ୍ତି, ମୋହର ଲୋକମାନଙ୍କୁ ଛାଡିଦିଅ”, ଫାରୋ ସେମାନଙ୍କର କଥା ଶୁଣିଲେ ନାହି Iଇସ୍ରାଏଲୀୟ ମାନଙ୍କୁ ମୁକ୍ତ କରିବା ପରିବର୍ତ୍ତେ, ସେମାନଙ୍କୁ ଅଧିକ କଠିନ ପରିଶ୍ରମ କରିବାକୁ ବାଧ କରିଲେ I

### ମୋଶା ଓ ହାରୋଣ ଫାରୋଙ୍କୁ ପରମେଶ୍ବରଙ୍କର କେଉଁ ସମ୍ବାଦ ଦେଲେ ?

ମୋହର ଲୋକମାନଙ୍କୁ ଯିବାକୁ ଦିଅ

### ଫାରୋ ଏହି ଆଦେଶ ଶୁଣିବା ପରେ କଣ କଲେ ?

ସେ ଇସ୍ରାଏଲିୟମାନଙ୍କୁ ଆହୁରି ଅଧିକ ପରିଶ୍ରମ କରିବାକୁ ବାଧ କଲେ

---

## 10:02

ଲୋକମାନଙ୍କୁ ସ୍ୱାଧୀନ କରିବାକୁ ଫାରୋ ମନା କରୁଥିଲେ, ସେଥିନିମନ୍ତେ ପରମେଶ୍ୱର ଦଶଗୋଟି ଅସହନୀୟ ମହାମାରୀ, ମିଶରକୁ ପଠାଇଲେ Iଏହି ମହାମାରୀଗୁଡ଼ିକ ଦ୍ୱାରା, ପରମେଶ୍ୱର ଫାରୋଙ୍କୁ ଦେଖାଉଥିଲେ ଯେ ସେ ଫାରୋଙ୍କ ଓ ମିଶରର ସମସ୍ତ ଦେବତାମାନଙ୍କ ଠାରୁ ଅଧିକ ଶକ୍ତିଶାଳି ଅଟନ୍ତି I

### ଇସ୍ରାଏଲିୟମାନଙ୍କୁ ଫାରୋ ଯିବା ପାଇଁ ମନା କରିବାରୁ ପରମେଶ୍ୱର କଣ କଲେ ?

ସେ ମିଶରକୁ ଦଶ ମହାମାରୀ ପଠାଇଲେ

### ଏହି ମହାମାରୀଗୁଡିକ ଦ୍ୱାରା ପରମେଶ୍ୱର ଫାରୋଙ୍କୁ କଣ ଦେଖାଇଲେ ?

ସେ ଫାରୋ ଓ ମିଶରର ସମସ୍ତ ଦେବତାମାନଙ୍କଠାରୁ ଶକ୍ତିଶାଳୀ ଅଟନ୍ତି

---

## 10:03

ପରମେଶ୍ୱର ନୀଳ ନଦୀର ପାଣିକୁ ରକ୍ତରେ ପରିଣତ କରିଦେଲେ, କିନ୍ତୁ ଫାରୋ ଏପର୍ଯ୍ୟନ୍ତ ଇସ୍ରାଏଲୀୟମାନଙ୍କୁ ଛାଡିଲେ ନାହି I

### ନୀଳ ନଦୀର ଜଳକୁ ପରମେଶ୍ୱର କଣ କଲେ ?

ସେ ନୀଳ ନଦୀର ଜଳକୁ ରକ୍ତରେ ପରିଣତ କଲେ

---

## 10:04

ପରମେଶ୍ୱର ସମସ୍ତ ମିଶର ଦେଶରେ ବେଙ୍ଗମାନଙ୍କୁ ପଠାଇଲେ I ବେଙ୍ଗଗୁଡ଼ିକୁ ଦୂର କରିବା ପାଇଁ ମୋଶାଙ୍କୁ ଫାରୋ ବିନତି କଲେ Iକିନ୍ତୁ ସମସ୍ତ ବେଙ୍ଗଗୁଡିକର ମୃତ ହେବା ପରେ, ଫାରୋ ତାଙ୍କ ହୃଦୟକୁ କଠିନ କଲେ ଓ ଇସ୍ରାଏଲୀୟ ମାନଙ୍କୁ ମିଶରରୁ ଛାଡିଲେ ନାହି I

---

## 10:05

ତେଣୁ ପରମେଶ୍ୱର ଧୂଳି ଉକୁଣିଆ ପୋକ ମହାମାରୀକୁ ପଠାଇଲେ I ତା’ ପରେ ସେ ମାଛିଗୁଡ଼ିକର ମହାମାରୀ ପଠାଇଲେ Iଫାରୋ ମୋଶା ଓ ହାରଣଙ୍କୁ ଡାକିଲେ ଏବଂ କହିଲେ, ଯଦି ସେମାନେ ମହାମାରୀଗୁଡ଼ିକ ବନ୍ଦ କରନ୍ତି, ସେ ଇସ୍ରାଏଲୀୟମାନଙ୍କୁ ମିଶରରୁ ଯାଇପାରିବେ Iଯେତେବେଳେ ମୋଶା ପ୍ରାର୍ଥନା କଲେ, ପରମେଶ୍ୱର ମାଛିଗୁଡ଼ିକୁ ମିଶରରୁ ଘୁଞ୍ଚାଇ ଦେଲେ Iକିନ୍ତୁ ଫାରୋ ତାଙ୍କ ହୃଦୟକୁ କଠିନ କଲେ ଓ ଲୋକମାନଙ୍କୁ ଛାଡିଲେ ନାହି I

---

## 10:06

ତା’ପରେ ପରମେଶ୍ୱର ସମସ୍ତ କ୍ଷେତର ପଶୁଗୁଡ଼ିକୁ ଯାହାସବୁ ମିଶର ବାସୀମାନଙ୍କ ଥିଲା, ଅସୁସ୍ଥକରି ମୃତ ଘଟାଇଲେ I କିନ୍ତୁ ଫାରୋଙ୍କର ହୃଦୟ କଠିନ ହେଲା, ଏବଂ ସେ ଇସ୍ରାଏଲୀୟମାନଙ୍କୁ ଛାଡିଲେ ନାହି I

---

## 10:07

ତାପରେ ପରମେଶ୍ୱର ମୋଶାଙ୍କୁ ଫାରୋଙ୍କ ସାକ୍ଷାତରେ ରେ ପାଉଁଶ ଫିଙ୍ଗିବାକୁ କହିଲେ Iଯେତେବେଳେ ସେ କଲେ, ମିଶରୀୟବାସୀଙ୍କ ଚମଡା ଉପରେ କଷ୍ଟଦାୟକ ପୂଜପୂର୍ଣ ଘା ଦେଖାଗଲା, କିନ୍ତୁ ଇସ୍ରାଏଲୀୟମାନଙ୍କୁ ହେଲା ନାହି I ପରମେଶ୍ୱର ଫାରୋଙ୍କର ହୃଦୟକୁ କଠିନ କଲେ, ଏବଂ ଫାରୋ ଇସ୍ରାଏଲୀୟମାଙ୍କୁ ଛାଡିଲେ ନାହିଁ I

### ଯନ୍ତ୍ରଣାଦାୟକ ବଥ ମହାମାରୀରେ କେଉଁମାନେ ପ୍ରଭାବିତ ହେଲେ ?

ମିଶରୀୟ ମାନଙ୍କ ଦେହ ସାରା ବଥ ଭରିଗଲା, କିନ୍ତୁ ଇସ୍ରାଏଲିୟ ମାନଙ୍କୁ କିଛି ହେଲା ନାହିଁ

---

## 10:08

ତ' ପରେ, ପରମେଶ୍ୱର ଶିଳାବୃଷ୍ଟି ଦ୍ୱାରା ମିଶରର ଅଧିକାଂଶ ଫସଲ ବିନଷ୍ଟ କଲେ, ଏବଂ ଯେଉଁମାନେ ବାହାରକୁ ଗଲେ ସେମାନେ ମୃତ ହେଲେ Iଫାରୋ ମୋଶା ଓ ହାରଣଙ୍କୁ ଡାକିଲେ ଏବଂ କହିଲେ, "ମୁ ପାପ କରିଅଛି Iତୁମେ ଯାଇପାର" Iସେଥିପାଇଁ ମୋଶ ପ୍ରାର୍ଥନା କଲେ, ଓ ଆକାଶରୁ ଶିଳାବୃଷ୍ଟି ପଡିବା ବନ୍ଦ ହେଲା I

---

## 10:09

କିନ୍ତୁ ପୁନର୍ବାର ଫାରୋ ପାପ କଲେ ଓ ତାଙ୍କ ହୃଦୟକୁ କଠିନ କଲେ Iସେ ଇସ୍ରାଏଲୀୟମାନଙ୍କୁ ଯିବାପାଇଁ ମୁକ୍ତ କଲେ ନାହି I

---

## 10:10

ସେଥିପାଇଁ ପରମେଶ୍ୱର ପଙ୍ଗପାଳର ମହାମାରୀକୁ ପଠାଇଲେ ଏବଂ ମିଶାରସାରା ବ୍ୟାପିଗଲା I ଯାହା ଶସ୍ୟଗୁଡିକ ଶିଳାବୃଷ୍ଟି ଦ୍ୱାରା ବିନଷ୍ଟ ହୋଇନଥିଲା ସେସବୁକୁ ଏହି ପଙ୍ଗପାଳଗୁଡିକ ନଷ୍ଟ କରିଦେଲେ I

---

## 10:11

ତାପରେ ପରମେଶ୍ୱର ଅନ୍ଧକାରକୁ ପଠାଇଲେ ତାହା ତିନି ଦିନ ପର୍ଯନ୍ତ ରହିଲା Iଏହା ଏତେ ଅନ୍ଧାର ଥିଲା ଯେ ମିଶରବାସୀ ସେମାନଙ୍କର ଘରଗୁଡିକ ଛାଡିପାରୁ ନ ଥିଲେ I କିନ୍ତୁ ଯେଉଁ ସ୍ଥାନରେ ଇସ୍ରାଏଲୀୟମାନେ ବାସ କରୁଥିଲେ ସେହିଠାରେ ଆଲୁଅ ଥିଲା I

### ଅନ୍ଧକାର ରୂପକ ମହାମାରୀ କଣ ସମସ୍ତଙ୍କୁ ଏକା ପରି ପ୍ରଭାବିତ କଲା ?

ନୁହେଁ, ମିଶରୀୟମାନେ ବସବାସ କରୁଥିବା ଥିବା ସ୍ଥାନରେ ଅନ୍ଧକାର ଥିଲା କିନ୍ତୁ ଇସ୍ରାଏଲିୟ ମାନେ ବସବାସ କରୁଥିବା ସ୍ଥାନରେ ଆଲୋକ ଥିଲା

---

## 10:12

ଏହି ନଅ ଗୋଟି ମହାମାରୀ ହେବା ପରେ ମଧ ଫାରୋ ଇସ୍ରାଏଲିୟମାନଙ୍କୁ ଛାଡିଲେ ନାହି Iଯେହେତୁ ଫାରୋ ନ ଶୁଣିବାରୁ, ପରମେଶ୍ୱର ଏକ ଶେଷ ମହାମାରୀ ପଠାଇବାକୁ ଯୋଜନା କଲେ Iଏହା ଫାରୋଙ୍କର ମନକୁ ପରିବର୍ତ୍ତନ କରିବ I

## ଫାରୋ ପ୍ରଥମ ନଅଗୋଟି ମହାମାରୀଗୁଡିକ ପ୍ରତି କିଭଳି ପ୍ରତିକ୍ରିୟା ପ୍ରକାଶ କଲେ ?

ସେ ଲୋକମାନଙ୍କୁ ଯିବାକୁ ମନା କଲେ

## ପ୍ରଥମ ନଅଗୋଟି ମହାମାରୀଗୁଡିକ ପ୍ରତି ଫାରୋ ପ୍ରତିଉତ୍ତର ନ ଦେବାରୁ ପରମେଶ୍ୱର କଣ କଲେ ?

ପରମେଶ୍ୱର ଏକ ଶେଷ ମହାମାରୀ ପଠାଇବାକୁ ଯୋଜନା କଲେ

## ଏହି ଶେଷ ମହାମାରୀ ଦ୍ଵାରା କଣ ହେଲା ଯାହାକି ପ୍ରଥମ ନଅଟି ମହାମାରୀ କରି ପାରି ନ ଥିଲା ?

ଏହା ଫାରୋଙ୍କ ମନକୁ ପରିବର୍ତ୍ତନ କଲା

# ନିସ୍ତାର ପର୍ବ

## 11:01

ପରମେଶ୍ୱର ଫାରୋଙ୍କୁ ସତର୍କ କରାଇ କହିଲେ ଯେ ଯଦି ସେ ଇସ୍ରାଏଲୀୟମାନଙ୍କୁ ଯିବାକୁ ନ ଦିଅନ୍ତି, ତେବେ ସେ ମନୁଷ୍ୟ ଓ ପଶୁମାନଙ୍କର ସମସ୍ତ ପ୍ରଥମଜାତକୁ ବଧ କରିବେ । ଫାରୋ ଯେତେବେଳେ ଏହା ଶୁଣିଲେ ସେ ତଥାପି ଏହା ବିଶ୍ୱାସ କରିବା ଏବଂ ଈଶ୍ୱରଙ୍କ ଆଜ୍ଞା ପାଳନ କରିବାକୁ ମନା କଲା ।

### ଯଦି ଫାରୋ ଇସ୍ରାଏଲୀୟ ମାନଙ୍କୁ ଯିବାକୁ ଦିଅନ୍ତି ନାହିଁ, ତାହା ହେଲେ ପରମେଶ୍ୱର ମିସରୀୟ ମାନଙ୍କ ସହିତ କଣ କରିବେ ବୋଲି କହିଲେ?

ତେବେ ସେ ମନୁଷ୍ୟ ଓ ପଶୁର ସମସ୍ତ ପ୍ରଥମଜାତକୁ ବଧ କରିବେ ।

---

## 11:02

ତାହାଙ୍କଠାରେ ଯେଉଁମାନେ ବିଶ୍ୱାସ କଲେ ଈଶ୍ୱର ସେମାନଙ୍କର ପ୍ରଥମଜାତ ପ୍ରତ୍ୟେକଙ୍କୁ ରକ୍ଷା କରିବାର ଏକ ଉପାୟ ଯୋଗାଇଲେ । ପ୍ରତ୍ୟେକ ପରିବାରକୁ ଏକ ନିଖୁନ୍ତ ମେଷଶାବକ ମନୋନୀତ କରି ତାହାକୁ ବଦ୍ଧ କରିବାକୁ ପଡିଥିଲା ।

### କିପରି ଲୋକମାନେ ସେମାନଙ୍କ ପ୍ରଥମଜାତ ପୁତ୍ରମାନଙ୍କୁ ରକ୍ଷା କରିପାରିବେ?

ସେମାନଙ୍କୁ ଏକ ନିଷ୍କଳଙ୍କ ମେଷକୁ ମାରି, ତାହାର ରକ୍ତକୁ ଗୃହ ଦ୍ୱାରର ଚତୁଃପାର୍ଶ୍ୱରେ ଲଗାଇବାକୁ ପଡିବ

---

## 11:03

ପରମେଶ୍ୱର ଇସ୍ରାଏଲୀୟମାନଙ୍କୁ ମେଷଶାବକର କିଛି ରକ୍ତ ଆଣି ସେମାନଙ୍କ ଗୃହ ଦ୍ୱାରର ଚାରିପାଖରେ ଲଗାଇବାକୁ କହିଥିଲେ, ଏବଂ ମାଂସ ପୋଡି କରି ଓ ତାଡିଶୂନ୍ୟ (ତାଡି ମିଶି ନ ଥିବା) ରୋଟି ଶୀଘ୍ର ଖାଇବାକୁ କହିଥିଲେ ।ସେମାନେ ଖାଇ ସାରିଲା ପରେ ମିଶରକୁ ଛାଡିବା ନିମନ୍ତେ ପ୍ରସ୍ତୁତ ହେବାକୁ ମଧ୍ୟ ସେ କହିଥିଲେ ।

### କିପରି ଲୋକମାନେ ସେମାନଙ୍କ ପ୍ରଥମଜାତ ପୁତ୍ରମାନଙ୍କୁ ରକ୍ଷା କରିପାରିବେ?

ସେମାନଙ୍କୁ ଏକ ନିଷ୍କଳଙ୍କ ମେଷକୁ ମାରି, ତାହାର ରକ୍ତକୁ ଗୃହ ଦ୍ୱାରର ଚତୁଃପାର୍ଶ୍ୱରେ ଲଗାଇବାକୁ ପଡିବ

### ପାକ କରାଯାଇଥିବା ମେଷ ସହିତ କେଉଁ ବିଶେଷ ଧରଣର ଖାଦ୍ୟ ଖାଇବାକୁ ପରମେଶ୍ୱର କହିଲେ ?

ରୋଟି ଯାହା ବିନା ତାଡିରେ ତିଆରି ହୋଇଥିଲା

### ସେମାନେ ଖାଇ ସାରିଲା ପରେ ଇସ୍ରାଏଲୀୟ ମାନଙ୍କୁ କଣ କରିବାକୁ କୁହାଯାଇଥିଲା ?

ମିସରକୁ ଛାଡିବା ନିମନ୍ତେ ପ୍ରସ୍ତୁତ ହୁଅ

---

## 11:04

ଇଶ୍ୱର ଯେପରି ସେମାନଙ୍କୁ କରିବା ପାଇଁ ଆଜ୍ଞା ଦେଇଥିଲେ ଇସ୍ରାଏଲୀୟମାନେ ସମସ୍ତ କାର୍ଯ୍ୟକୁ କଲେ ।ମଧ୍ୟରାତ୍ରିରେ, ଈଶ୍ୱର ମିଶର ମଧ୍ୟ ଦେଇ ଗମନ କରି ପ୍ରଥମଜାତ ସମସ୍ତଙ୍କୁ ବଧ କଲେ ।

---

## 11:05

ଇସ୍ରାଏଲୀୟମାନଙ୍କର ଗୃହଗୁଡିକର ଦ୍ୱାର ଚାରିପାଖରେ ରକ୍ତ ଲାଗିଥିଲା, ତେଣୁ ଈଶ୍ୱର ସେଗୁଡିକୁ ଛାଡି ଦେଲେ । ଗୃହ ଭିତରେ ସମସ୍ତେ ସୁରକ୍ଷିତ ଥିଲେ ।ମେଷଶାବକର ରକ୍ତ ଯୋଗୁଁ ସେମାନେ ଉଦ୍ଧାର ପାଇଥିଲେ ।

### ଦ୍ୱାରର ଚତୁଃପାର୍ଶ୍ୱରେ ଲାଗିଥିବା ଗୃହଗୁଡିକକୁ ପରମେଶ୍ୱର କଣ କଲେ?

ସେ ସେହି ଗୃହଗୁଡିକୁ ଛାଡି ଦେଲେଏବଂ ପ୍ରତ୍ୟେକେ ଗୃହଭିତରେ ସୁରକ୍ଷିତ ଥିଲେ.

---

## 11:06

କିନ୍ତୁ ମିଶରୀୟମାନେ ଈଶ୍ୱରଙ୍କୁ ବା ତାହାଙ୍କ ଆଜ୍ଞାଗୁଡିକୁ ବିଶ୍ୱାସ କଲେ ନାହିଁ ।ତେଣୁ ଈଶ୍ୱର ସେମାନଙ୍କ ଗୃହଗୁଡିକୁ ଛାଡିଲେ ନାହିଁ । ପରମେଶ୍ୱର ମିଶରୀୟମାନଙ୍କ ପ୍ରତ୍ୟେକ ପ୍ରଥମଜାତକୁ ବଧ କଲେ ।

### ପ୍ରତ୍ୟେକ ମିସରୀୟ ଗୃହଗଡିକୁ ପରମେଶ୍ୱର କଣ କଲେ ?

ପ୍ରଥମଜାତ ପୁତ୍ରମାନଙ୍କୁ ବଧ କଲେ ।

---

## 11:07

ପ୍ରତ୍ୟେକ ମିଶରୀୟମାନଙ୍କ ସମସ୍ତ ପ୍ରଥମଜାତ ନରର ମୃତ୍ୟୁ ହେଲା, କାରାଗାରରେ ବନ୍ଦୀର ପ୍ରଥମଜାତଠାରୁ ଫାରୋଙ୍କର ପ୍ରଥମଜାତ ସମସ୍ତେ ମଲେ ।ଅନେକ ମିଶରୀୟ ସେମାନଙ୍କର ଗଭୀର ଦୁଃଖ ଯୋଗୁଁ କ୍ରନ୍ଦନ ଓ ବିଳାପ କରିଥିଲେ।

### କେତେ ମିଶରୀୟମାନଙ୍କ ପ୍ରଥମଜାତ ପୁତ୍ରମାନଙ୍କୁ ବଧ କରାଯାଇଥିଲା ?

ଫାରୋଙ୍କ ପୁତ୍ର ସମେତ ସମସ୍ତ ପ୍ରଥମଜାତ ମଲେ.

---

## 11:08

ସେହି ରାତ୍ରିରେ ଫାରୋ ମୋଶା ଓ ହାରୋଣଙ୍କୁ ଡାକି କହିଲେ "ଇସ୍ରାଏଲୀୟମାନଙ୍କୁ ନେଇ ଶୀଘ୍ର ମିଶର ଛାଡି ପଳାଅ!"ମିଶରୀୟ ଲୋକମାନେ ମଧ ଇସ୍ରାଏଲୀୟମାନଙ୍କୁ ସାଙ୍ଗେ ସାଙ୍ଗେ ମିଶର ଛାଡି ପଳାଇଯିବା ନିମନ୍ତେ ଅନୁରୋଧ କଲେ ।

### ଏହି ମହା ବିପତ୍ତି ପରେ ଫାରୋ, ମୋଶା ଓ ହାରଣଙ୍କୁ କଣ କହିଲେ?

"ଇସ୍ରାଏଲୀୟମାନଙ୍କୁ ନେଇ ଶୀଘ୍ର ମିସର ଛାଡି ପଳାଅ !"

# ମହାଯାତ୍ରା

## 12:01

ମିଶର ଛାଡୁଥିବା ଯୋଗୁଁ ଇସ୍ରାଏଲୀୟମାନେ ବହୁତ ଖୁସୀ ଥିଲେ ।ସେମାନେ ଆଉ ଦାସ ହୋଇ ରହିନଥିଲେ, ଏବଂ ସେମାନେ ପ୍ରତିଜ୍ଞାତ ଦେଶକୁ ଯାଉଥିଲେ ।ଇସ୍ରାଏଲୀୟମାନେ ଯାହାକିଛି ମିଶରୀୟମାନଙ୍କୁ ମାଗିଲେ , ସେମାନେ ସେ ସମସ୍ତ ଦେଲେ, ଏପରିକି ସୁନା ଏବଂ ରୂପା ଏବଂ ଅନ୍ୟ ମୂଲ୍ୟବାନ ଜିନିଷଗୁଡିକ ଦେଲେ ।ଅନ୍ୟ ଦେଶର କିଛି ଲୋକ ଈଶ୍ୱରଙ୍କଠାରେ ବିଶ୍ୱାସ କଲେ ଏବଂ ସେମାନେ ମିଶର ଛାଡିଲା ସମୟରେ ଇସରାଏଲୀୟମାନଙ୍କ ସହିତ ଗଲେ ।

### ମିଶରୀୟମାନେ ଇସ୍ରାଏଲୀୟମାନଙ୍କୁ କଣ ଦେଲେ ଯେତେବେଳେ ସେମାନେ ମିଶର ଛାଡିଲେ ?

ସେମାନେ ଯାହାକିଛି ମାଗିଲେ ,ଏପରିକି ସୁନା, ରୂପା ଏବଂ ଅନ୍ୟ ମୁଲ୍ୟବାନ୍ ଜିନିଷଗୁଡିକ ଦେଲେ ।

### ଇସ୍ରାଏଲୀୟମାନଙ୍କ ସହିତ ଆଉ କେଉଁମାନେ ମିସର ଛାଡିଲେ ?

ଅନ୍ୟ ଦେଶର କିଛି ଲୋକମାନେ ଈଶ୍ୱରଙ୍କଠାରେ ବିଶ୍ୱାସ କଲେ ।

---

## 12:02

ଦିନ ସମୟରେ ଈଶ୍ୱର ସେମାନଙ୍କ ସମ୍ମୁଖରେ ଏକ ଉଚ୍ଚ ମେଘ ସ୍ତମ୍ଭ ଦ୍ୱାରା ସେମାନଙ୍କୁ ପଥ କଢାଇ ନେଉଥିଲେ, ଏବଂ ତାହା ରାତ୍ରି ସମୟରେ ଉଚ୍ଚ ଅଗ୍ନି ସ୍ତମ୍ଭ ହେଉଥିଲା ।ଈଶ୍ୱର ସେମାନଙ୍କ ସହ ସର୍ବଦା ରହୁଥିଲେ ଏବଂ ସେମାନେ ଯାତ୍ରା କରୁଥିବା ସମୟରେ ସେମାନଙ୍କୁ ପଥ କଢାଉଥିଲେ ।ସେମାନେ ତାହାଙ୍କର ଅନୁସରଣ କରିବାର ଆବଶ୍ୟକ ଥିଲା ।

### ପରମେଶ୍ୱର କିପରି ଭାବରେ ଇସ୍ରାଏଲୀୟମାନଙ୍କୁ କଢ଼ାଇଲେ?

ଦିନ ସମୟରେ ଏକ ମେଘ ସ୍ତମ୍ଭ ଦ୍ୱାରା ,ଏବଂ ରାତ୍ରି ସମୟରେ ଅଗ୍ନି ସ୍ତମ୍ଭ

---

## 12:03

କିଛି ସମୟ ପରେ, ଫାରୋ ଓ ତାହାଙ୍କର ଲୋକମାନେ ସେମାନଙ୍କ ମନ ପରିବର୍ତ୍ତନ କଲେ ଏବଂ ଇସ୍ରାଏଲୀୟମାନଙ୍କୁ ସେମାନଙ୍କର ଦାସ ହେବାପାଇଁ ପୁନର୍ବାର ଚାହିଁଲେ । ଈଶ୍ୱର ଫାରୋଙ୍କୁ ଜିଦଖୋର୍ କରାଇଲେ, ଯେପରିକି ଲୋକମାନେ ଏକମାତ୍ର ସତ୍ୟ ଈଶ୍ୱର ତାହା ଜାଣିପାରିବେ, ଏବଂ ବୁଝିବେ ଯେ ସେ, ସଦାପ୍ରଭୁ ଫାରୋ ଓ ଫାରୋଙ୍କ ଦେବତାଗଣଠାରୁ ଅଧିକ ଶକ୍ତିମାନ୍ ଅଟନ୍ତି ।

### ପରମେଶ୍ୱର କାହିଁକି ଫାରୋଙ୍କୁ ଜିଦଖୋର୍ କରାଇଲେ ଏବଂ ଇସ୍ରାଏଲୀୟ ମାନଙ୍କୁ ଗୋଡାଇଲେ ?

ଯେପରିକି ଲୋକମାନେ ଏକମାତ୍ର ସତ୍ୟ ଈଶ୍ୱର ଯିଏ ସଦାପ୍ରଭୁ ଫାରୋ ଓ ଫାରୋଙ୍କ ଦେବତାଗଣଠାରୁ ଅଧିକ ଶକ୍ତିଶାଳୀ ଅଟନ୍ତି ।

---

## 12:04

ତେଣୁ ସେମାନଙ୍କୁ ପୁନର୍ବାର ଦାସ କରିବାକୁ ଇସ୍ରାଏଲୀୟମାନଙ୍କ ପଛେ ପଛେ ଫାରୋ ଓ ତାହାଙ୍କ ସୈନ୍ୟବାହିନୀ ଗୋଡାଇଲେ । ମିଶରୀୟ ସୈନ୍ୟମାନେ ଆସୁଥିବାର ଯେତେବେଳେ ଇସ୍ରାଏଲୀୟମାନେ ଦେଖିଲେ, ସେମାନେ ହୃଦୟଙ୍ଗମ କଲେ ଯେ ସେମାନେ ଫାରୋଙ୍କର ସୈନ୍ୟବାହିନୀ ଓ ଲୋହିତ ସାଗର ମଧରେ ଫସି ଯାଇଛନ୍ତି ।ସେମାନେ ଅତିଶୟ ଭୟଭୀତ ଥିଲେ ଓ ସେମାନେ ଚିତ୍କାର କରି କହିଲେ "ଆମେ କାହିଁକି ମିଶର ଛାଡିଲୁ?ଆମେ ମରିବାକୁ ଯାଉଅଛୁ!"

### ଇସ୍ରାଏଲୀୟମାନେ କିପରି ପ୍ରତିକ୍ରିୟା କଲେ ଯେତେବେଳେ ସେମାନେ ସମୁଦ୍ର ଓ ଫାରୋଙ୍କ ସୈନ୍ୟବାହିନୀ ମଧ୍ୟରେ ଫସୀ ଯାଇଥିଲେ ?

ସେମାନେ କହିଲେ " ଆମେ କାହିଁକି ମିଶର ଛାଡିଲୁ ?ଆମେ ମରିବାକୁ ଯାଉଅଛୁ!"

---

## 12:05

ମୋଶା ଇସ୍ରାଏଲୀୟମାନଙ୍କୁ କହିଲେ, "ଭୟ କରିବା ବନ୍ଦ କର!ପରମେଶ୍ୱର ଆଜି ତୁମ୍ଭମାନଙ୍କ ସପକ୍ଷରେ ଯୁଦ୍ଧ କରିବେ ତୁମ୍ଭମାନଙ୍କୁ ରକ୍ଷା କରିବେ ।"ତା'ପରେ ପରମେଶ୍ୱର ମୋଶାଙ୍କୁ କହିଲେ "ଲୋକମାନଙ୍କୁ ଲୋହିତ ସାଗର ଆଡକୁ ଯିବାକୁ କୁହ ।"

### ମୋଶା ଇସ୍ରାଏଲୀୟ ମାନଙ୍କ ଭୟକୁ ଶାନ୍ତ କରିବା ପାଇଁ ସେମାନଙ୍କୁ କଣ କହିଲେ?

ଭୟ କରିବା ବନ୍ଦ କର" ପରମେଶ୍ୱର ଆଜି ତୁମ୍ଭମାନଙ୍କ ସପକ୍ଷରେ ଯୁଦ୍ଧ କରିବେ ତୁମ୍ଭମାନଙ୍କୁ ରକ୍ଷା କରିବେ " ।

---

## 12:06

ତା'ପରେ ପରମେଶ୍ୱର ମେଘର ସ୍ତମ୍ଭ ନେଇ ଇସ୍ରାଏଲୀୟ ଓ ମିଶରୀୟମାନଙ୍କ ମଧରେ ରଖିଲେ ଯେପରିକି ମିଶରୀୟମାନେ ଇସ୍ରାଏଲୀୟମାନଙ୍କୁ ଦେଖିପାରିବେ ନାହିଁ ।

### ପରମେଶ୍ୱର କିପରିଭାବରେ ମିସରୀୟ ମାନଙ୍କୁ,ଇସ୍ରାଏଲୀୟମାନେ ଖସି ପଳାଇବାର ନ ଦେଖିବା ପାଇଁ ନିବୃତ୍ତ କଲେ ?

ସେ ମେଘର ସ୍ତମ୍ଭକୁ ସେମାନଙ୍କ ମଧରେ ରଖିଲେ.

---

## 12:07

ପରମେଶ୍ୱର ମୋଶାଙ୍କୁ ତାହାଙ୍କ ହାତ ଉଠାଇ ସମୁଦ୍ରର ଜଳକୁ ଦୁଇଭାଗ କରିବାକୁ କହିଲେ ।ତା'ପରେ ପରମେଶ୍ୱର ବାୟୁ ଦ୍ୱାରା ସମୁଦ୍ରରେ ବୋହାଇ ବାମ ଓ ଦକ୍ଷିଣରେ ଜଳକୁ ଠେଲିବାକୁ ଘଟାଇଲେ, ଯେପରିକି ସମୁଦ୍ର ମଧ୍ୟରେ ଏକ ରାସ୍ତା ହେଲା ।

### ଇସ୍ରାଏଲିୟମାନଙ୍କୁ ଖସି ପଳାଇବା ପାଇଁ ପଥ ପ୍ରସ୍ତୁତ କରିବା ନିମନ୍ତେ ପରମେଶ୍ୱର ମୋଶାଙ୍କୁ କଣ କହିଲେ ?

ପରମେଶ୍ୱର ମୋଶାଙ୍କୁ ତାହାଙ୍କ ହାତ ସମୁଦ୍ର ଉପରକୁ ଉଠାଇବାକୁ କହିଲେ ଯେପରି ଜଳ ଦୁଇଭାଗ ହେବ

---

## 12:08

ଇସ୍ରାଏଲୀୟମାନେ ସମୁଦ୍ର ମଧ୍ୟରେ ଶୁଷ୍କ ଭୂମିରେ ଗମନ କଲେ ଓ ସେମାନଙ୍କ ଉଭୟ ପାର୍ଶ୍ୱରେ ଜଳର କାନ୍ଥ ରହିଥିଲା ।

### ଇସ୍ରାଏଲୀୟ ମାନେ କିଭଳି ଭାବେ ସମୁଦ୍ର ପାର ହେଲେ ?

ସେମାନେ ତାହା ମଧ ଦେଇ ଶୁଷ୍କ ସ୍ଥାନ ଉପରେ ଚାଲୁଥିଲେ

---

## 12:09

ତା'ପରେ ପରମେଶ୍ୱର ମେଘକୁ ସେହିସ୍ଥାନରୁ ଉପରକୁ ନେଇଗଲେ ଯେପରିକି ଇସ୍ରାଏଲୀୟମାନେ ଖସି ପଳାଉଥିବାର ମିଶରୀୟମାନେ ଦେଖିପାରିବେ ।ମିଶରୀୟମାନେ ସେମାନଙ୍କୁ ଗୋଡାଇବା ନିମନ୍ତେ ନିଷ୍ପତ୍ତି ନେଲେ ।

---

## 12:10

ତେଣୁ ସେମାନେ ସମୁଦ୍ର ମଧ୍ୟଦେଇ ହୋଇଥିବା ରାସ୍ତା ଦେଇ ଇସ୍ରାଏଲୀୟମାନଙ୍କୁ ଗୋଡାଇଲେ, କିନ୍ତୁ ପରମେଶ୍ୱର ମିଶରୀୟମାନଙ୍କୁ କଷ୍ଟ ଦେଲେ ଓ ସେମାନଙ୍କ ରଥଗୁଡିକୁ ଫସାଇଲେ ।ସେମାନେ ଚିତ୍କାର କରି କହିଲେ "ପଳାଇ ଯାଅ! ପରମେଶ୍ୱର ଇସ୍ରାଏଲୀୟମାନଙ୍କ ପକ୍ଷରେ ଯୁଦ୍ଧ କରୁଅଛନ୍ତି!"

### ମିସରୀୟ ମାନଙ୍କୁ କଣ ହେଲା ଯେତେବେଳେ ସେମାନେ ଇସ୍ରାଏଲୀୟ ମାନଙ୍କୁ ଗୋଡାଇଲେ?

ପରମେଶ୍ୱର ମିସରୀୟମାନଙ୍କ ଉପରେ ଆକସ୍ମିକ ବିପଦ ଆଣିଲେ ଓ ସେମାନଙ୍କ ରଥଗୁଡିକ ଫସାଇଲେ ।

---

## 12:11

ଇସ୍ରାଏଲୀୟମାନେ ସମୁଦ୍ରର ଅପର ପାର୍ଶ୍ୱରେ ସୁରକ୍ଷିତ ଭାବରେ ପହଞ୍ଚିଲା ପରେ ପରମେଶ୍ୱର ମୋଶାଙ୍କୁ ତାହାଙ୍କ ବାହୁ ପୁନର୍ବାର ବିସ୍ତାର କରିବାକୁ କହିଲେ ।ଯେତେବେଳେ ସେ ଈଶ୍ୱରଙ୍କ ବାଧ ହେଲେ, ଜଳ ମିଶରୀୟ ମାନଙ୍କ ଉପରକୁ ମାଡି ପଡିଲା ଓ ସମୁଦ୍ର ପୂର୍ବଭଳି ସମାନ ହୋଇଗଲା ।ସମସ୍ତ ମିଶରୀୟ ସୈନ୍ୟ ସମୁଦ୍ରରେ ବୁଡିଗଲେ ।

### ପରମେଶ୍ୱର କିପରି ମିସରୀୟ ସୈନ୍ୟବାହିନୀକୁ ବିନାଶ କଲେ ?

ମିସରୀୟମାନଙ୍କ ଉପରେ ଜଳ ଘୋଡ଼ାଇବାକୁ ଲାଗିଲା ଏବଂ ସେମାନେ ବୁଡିଗଲେ.

---

## 12:12

ଇସ୍ରାଏଲୀୟମାନେ ଯେତେବେଳେ ଦେଖିଲେ ମିଶରୀୟମାନେ ମରିଯାଇଅଛନ୍ତି, ସେମାନେ ଈଶ୍ୱରଙ୍କଠାରେ ଭରସା କଲେ ଏବଂ ମୋଶା ପରମେଶ୍ୱରଙ୍କ ଜଣେ ଭାବବାଦୀ ତାହା ବିଶ୍ୱାସ କଲେ ।

### ଇସ୍ରାଏଲୀୟମାନେ କିପରି ପ୍ରତିକ୍ରିୟା କଲେ ଯେତେବେଳେ ସେମାନେ ଦେଖିଲେ ମିସରୀୟ ମାନେ ମରିଯାଇଛନ୍ତି ?

ସେମାନେ ଈଶ୍ୱରଙ୍କଠାରେ ଭରସା କଲେ ଏବଂ ମୋଶା ପରମେଶ୍ୱରଙ୍କ ଜଣେ ଭାବବାଦୀ ତାହା ବିଶ୍ୱାସ କଲେ ।

---

## 12:13

ଇସ୍ରାଏଲୀୟମାନେ ମଧ୍ୟ ଅତିଶୟ ଉଲ୍ଲାସରେ ଆନନ୍ଦିତ ହେଲେ କାରଣ ଈଶ୍ୱର ସେମାନଙ୍କୁ ମୃତ୍ୟୁ ଓ ଦାସତ୍ୱରୁ ରକ୍ଷା କଲେ।ବର୍ତ୍ତମାନ ସେମାନେ ଈଶ୍ୱରଙ୍କ ସେବା କରିବାକୁ ମୁକ୍ତ ଥିଲେ ।ଇସ୍ରାଏଲୀୟମାନେ ସେମାନଙ୍କ ନୂତନ ସ୍ୱାଧିନତାକୁ ପାଳନ କରିବା ଓ ଈଶ୍ୱରଙ୍କର ସ୍ତୁତି କରିବା ନିମନ୍ତେ ଅନେକ ଗୀତଗୁଡିକ ଗାଇଲେ କାରଣ ସେ ମିଶରୀୟ ସୈନ୍ୟମାନଙ୍କଠାରୁ ସେମାନଙ୍କୁ ରକ୍ଷା କରିଥିଲେ।

### କାହିଁକି ଇସ୍ରାଏଲୀୟମାନେ ପରମେଶ୍ୱଙ୍କ ଗୀତ ଗାୟନ ଏବଂ ସ୍ତୁତି କରୁଥିଲେ?

କାରଣ ସେ ସେମାନଙ୍କୁ ମିସରୀୟ ମାନଙ୍କ ଠାରୁ ରକ୍ଷା କରିଥିଲେ .

---

## 12:14

ପରମେଶ୍ୱର ଇସ୍ରାଏଲୀୟମାନଙ୍କୁ ମିଶରୀୟମାନଙ୍କ ଉପରେ କିପରି ଜୟ ପ୍ରଦାନ କଲେ ଏବଂ ସେମାନଙ୍କୁ ଦାସତ୍ୱ ଅବସ୍ଥାରୁ କିପରି ଭାବେ ଉଦ୍ଧାର କଲେ, ତାହା ସ୍ମରଣ କରିବା ନିମନ୍ତେ ଇସ୍ରାଏଲୀୟମାନଙ୍କୁ ନିସ୍ତାରପର୍ବ ପାଳନ କରିବାକୁ ଆଦେଶ ଦେଲେ ।ସେମାନେ ଏକ ନିଖୁନ୍ତ ମେଷଶାବକକୁ ବଳି ଦେବା ଦ୍ୱାରା ଓ ତାଡିଶୂନ୍ୟ ରୋଟି ସହିତ ତାହାକୁ ଖାଇ ଉତ୍ସବ ପାଳନ କଲେ ।

### ମିସରୀୟ ମାନଙ୍କ ଉପରେ ବିଜୟକୁ ସ୍ମରଣ କରିବା ପାଇଁ ଇସ୍ରାଏଲିୟମାନଙ୍କୁ ପରମେଶ୍ୱର କ'ଣ କହିଲେ ?

ସେ ସେମାନଙ୍କୁ ପ୍ରତ୍ୟେକ ବର୍ଷ ନିସ୍ତାରପର୍ବ ପାଳନ କରିବା ପାଇଁ ଆଜ୍ଞା ଦେଲେ

# ପରମେଶ୍ୱରଙ୍କ ଇସ୍ରାଏଲ ସହିତ ନିୟମ

## 13:01

ପରମେଶ୍ୱର ଇଶ୍ରାୟେଲୀୟମାନଙ୍କୁ ଲୋହିତ ସାଗର ଦେଇ ପାର କରାଇଲା ପରେ, ସେ ଏକ ମରୁଭୂମି ଦେଇ ସୀନୟ ନାମକ ପର୍ବତକୁ ଆଣିଲେ ।ଏହା ସେହି ପର୍ବତ ଥିଲା ଯେଉଁଠାରେ ମୋଶା ଜ୍ଜଳନ୍ତା ବୁଦା ଦେଖିଥିଲେ ।ପର୍ବତର ତଳେ ଲୋକମାନେ ସେମାନଙ୍କ ତମ୍ବୁଗୁଡିକ ପ୍ରସାରିତ କଲେ ।

### ସୂଫ ସାଗର ପାର ହେଲା ପରେ ପରମେଶ୍ୱର ଇସ୍ରାଏଲୀୟମାନଙ୍କୁ କେଉଁ ସ୍ଥାନକୁ କଢ଼ାଇଲେ?

ସେ ସେମାନଙ୍କୁ ଏକ ଉଚ୍ଚ ପର୍ବତକୁ କଢ଼ାଇଲେ ଯାହା ସୀନୟ କୁହାଯାଏ.

---

## 13:02

ପରମେଶ୍ୱର ମୋଶାଙ୍କୁ ଓ ଇସ୍ରାଏଲର ଲୋକମାନଙ୍କୁ କହିଲେ "ତୁମ୍ଭେମାନେ ଯଦି ମୋ ଆଜ୍ଞା ପାଳନ କରିବ ଓ ମୋ ନିୟମ ରକ୍ଷା କରିବ ତେବେ ତୁମ୍ଭେମାନେ ମୋର ସଞ୍ଚିତ ଧନ, ଯାଜକମାନଙ୍କର ଏକ ରାଜବଂଶ ଓ ଏକ ପବିତ୍ର ଦେଶ ହେବ ।"

### ପରମେଶ୍ୱର ଇସ୍ରାଏଲୀୟମାନଙ୍କୁ କେଉଁ ପ୍ରତିଜ୍ଞା କଲେ ଯେ ସେମାନେ କଣ ହେବେ ଯଦି ସେମାନେ ତାଙ୍କ ଆଜ୍ଞା ପାଳନ କରିବେ?

ସେମାନେ ତାଙ୍କ ପୁରସ୍କୃତ ଉତ୍ତରାଧିକାରୀ, ଏକ ରାଜବଂଶ ର ଯାଜକମାନେ, ଏବଂ ଏକ ପବିତ୍ର ଜାତି ହେବେ.

---

## 13:03

ତିନିଦିନ ପରେ, ଲୋକମାନେ ନିଜକୁ ଆତ୍ମିକ ଭାବରେ ପ୍ରସ୍ତୁତ କଲା ପରେ, ଈଶ୍ୱର ମେଘ ଗର୍ଜନ, ବିଜୁଳି, ଧୂଆଁ, ଏବଂ ଏକ ଉଚ୍ଚ ତୂରୀଧ୍ୱନୀ ସହ ସୀନୟ ପର୍ବତ ଉପରକୁ ଓହ୍ଲାଇ ଆସିଲେ ।କେବଳ ମୋଶା ହିଁ ପର୍ବତ ଉପରକୁ ଯିବାକୁ ଅନୁମତି ପାଇଲେ ।

### ଯେତେବେଳେ ପରମେଶ୍ୱର ସୀନୟ ପର୍ବତରୁ ଓହ୍ଲାଇ ଆସିଲେ, କେଉଁ ଚିହ୍ନଗୁଡିକ ଈଶ୍ବରଙ୍କ ସହିତ ଥିଲା?

ମେଘ ଗର୍ଜନ, ବିଜୁଳି, ଧୂଆଁ,, ଓ ଉଚ୍ଚ ସ୍ୱର ତୁରୀ ଧ୍ୱନି.

---

## 13:04

ତା'ପରେ ପରମେଶ୍ୱର ସେମାନଙ୍କୁ ତାଙ୍କ ନିୟମ ଦେଲେ ଏବଂ କହିଲେ "ମୁଁ ତୁମ୍ଭମାନଙ୍କର ଈଶ୍ୱର ସଦାପ୍ରଭୁ ଅଟେ, ଯିଏ ତୁମ୍ଭମାନଙ୍କୁ ମିଶରର ଦାସତ୍ୱାବସ୍ଥାରୁ ରକ୍ଷା କରିଆଣିଲେ ।ଅନ୍ୟ ଦେବତାମାନଙ୍କର ଉପାସନା କରନାହିଁ ।"

---

## 13:05

"କୌଣସି ପ୍ରତିମୂର୍ତ୍ତି ତିଆରି କରିବ ନାହିଁ ଏବଂ ସେଗୁଡିକର ଉପାସନା କରିବ ନାହିଁ, କାରଣ, ମୁଁ କ୍ରୋଧକାରୀ ସଦାପ୍ରଭୁ ଅଟେ ।ମୋ ନାମ ଅସମ୍ମାନ ଭାବରେ ବ୍ୟବହାର କରିବା ନାହିଁ ।ବିଶ୍ରାମ ଦିନକୁ ପବିତ୍ର ଭାବରେ ପାଳନ କରିବା।ଅନ୍ୟ ଅର୍ଥରେ, କେବଳ ଛଅ ଦିନରେ ତୁମର ସମସ୍ତ କାମ କରିବ, କିନ୍ତୁ ସପ୍ତମ ଦିନ ତୁମ୍ଭମାନଙ୍କ ନିମନ୍ତେ ବିଶ୍ରାମର ଦିନ ହେବ ଓ ତୁମ୍ଭେ ମୋତେ ସ୍ମରଣ କରିବ ।"

---

## 13:06

"ତୁମ୍ଭ ପିତା ଓ ମାତାଙ୍କୁ ସମ୍ମାନ କର ।ନରହତ୍ୟା କରନାହିଁ ।ବ୍ୟଭିଚାର କରନାହିଁ ।ଚୋରି କରନାହିଁ ।ମିଥ୍ୟା କୁହନାହିଁ ।ତୁମ୍ଭ ପ୍ରତିବାସୀର ସ୍ତ୍ରୀକୁ, ତାହାର ଘରକୁ ବା ପ୍ରତିବାସୀର ଅନ୍ୟ କୌଣସି ବସ୍ତୁକୁ ଯାହା ତାହାର ଅଟେ, ଲୋଭ କର ନାହିଁ ।"

---

## 13:07

ତା'ପରେ ପରମେଶ୍ୱର ଦୁଇଟି ପଥର ପଟାରେ ଏହି ଦଶଗୋଟି ଆଜ୍ଞାଗୁଡିକ ଲେଖିଲେ ଏବଂ ମୋଶାଙ୍କୁ ଦେଲେ ।ପରମେଶ୍ୱର ଆହୁରି ଅନେକ ବ୍ୟବସ୍ଥା ବା ନିୟମ ଓ ନୀତିଗୁଡିକ ପାଳନ କରିବାକୁ ଦେଲେ । ପରମେଶ୍ୱର ପ୍ରତିଜ୍ଞା କରି କହିଲେ, ଯଦି ଲୋକମାନେ ଏହିସମସ୍ତ ବ୍ୟବସ୍ଥା ବା ନିୟମ ପାଳନ କରିବେ, ତେବେ ସେ ସେମାନଙ୍କୁ ଆଶୀର୍ବାଦ କରିବେ ଏବଂ ସୁରକ୍ଷା ପ୍ରଦାନ କରିବେ ।ଯଦି ସେମାନେ ସେଗୁଡିକର ଅନାଜ୍ଞାବହ ହେବେ, ତେବେ ଈଶ୍ୱର ସେମାନଙ୍କୁ ଦଣ୍ଡ ଦେବେ ।

### ପରମେଶ୍ୱର କଣ କରିବେ, ଯଦି ସେମାନେ ତାହାଙ୍କ ଆଜ୍ଞାଗୁଡିକ ପ୍ରତି ଅନାଜ୍ଞାବହ ହେବେ?

ସେ ସେମାନଙ୍କୁ ଦଣ୍ଡ ଦେବେ .

---

## 13:08

ଈଶ୍ୱର ଆହୁରି ମଧ୍ୟ ଇସ୍ରାଏଲୀୟମାନଙ୍କୁ ଏକ ତମ୍ବୁର ସବିଶେଷ ବିବରଣ ପ୍ରଦାନ କଲେ ଯାହାକୁ ସେମାନେ କରନ୍ତୁ ବୋଲି ସେ କହିଥିଲେ । ଏହାକୁ ସମାଗମ ତମ୍ବୁ କୁହାଯାଉଥିଲା, ଏବଂ ଏଥିରେ ଦୁଇଗୋଟି କୋଠରୀ ଥିଲା ଯାହାକୁ ଏକ ବୃହତ୍ ପରଦା ବିଭକ୍ତ କରୁଥିଲା ।କେବଳ ମହାଯାଜକ ହିଁ ପରଦାର ପଛ ଭାଗରେ ଥିବା କୋଠରୀକୁ ଯିବା ନିମନ୍ତେ ଅନୁମତି ପାଇଥିଲେ, କାରଣ ଈଶ୍ୱର ସେଠାରେ ରହୁଥିଲେ ।

### ପରମେଶ୍ୱର ନିଜ ପାଇଁ ସେମାନଙ୍କୁ କଣ ନିର୍ମାଣ କରିବାକୁ କହିଥିଲେ ?

ସେ ସେମାନଙ୍କୁ ସମାଗମ ତମ୍ବୁ ତିଆରି କରିବାକୁ କହିଥିଲେ

### ପରଦାର ପଛ ଭାଗରେ ଥିବା କୋଠରୀକୁ, ଯେଉଁ ସ୍ଥାନରେ ପରମେଶ୍ୱରଙ୍କ ଉପସ୍ଥିତି ଥିଲା, କିଏ ପ୍ରବେଶ କରି ପାରୁଥିଲେ ?

କେବଳ ମହାଯାଜକ.

---

## 13:09

କୌଣସି ବ୍ୟକ୍ତି ଈଶ୍ୱରଙ୍କ ବ୍ୟବସ୍ଥାର ଅନାଜ୍ଞାବହ ହେଲେ ସେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଏକ ବଳି ସ୍ୱରୂପ ଏକ ପଶୁକୁ ସମାଗମ ତମ୍ବୁର ସମ୍ମୁଖରେ ଥିବା ବେଦୀ ନିକଟକୁ ଆଣିପାରୁଥିଲେ ।ଜଣେ ଯାଜକ ପଶୁକୁ ବଧ କରି ତାହାକୁ ବେଦୀରେ ଦଗ୍ଧ କରୁଥିଲେ (ପୋଡୁଥିଲେ) । ବଳି ଦିଆଯାଉଥିବା ପଶୁର ରକ୍ତ ସେହି ବ୍ୟକ୍ତିର ପାପକୁ ଆଚ୍ଛାଦନ କରୁଥିଲା ବା ଘୋଡାଉଥିଲା ଏବଂ ସେହି ବ୍ୟକ୍ତି ଈଶ୍ୱରଙ୍କ ଦୃଷ୍ଟିରେ ସୂଚୀ ହେଉଥିଲେ ।ପରମେଶ୍ୱର ମୋଶାଙ୍କ ଭାଇ ହାରୋଣ ଏବଂ ହାରୋଣଙ୍କ ବଂଶଧରକୁ ତାହାଙ୍କର ଯାଜକ ହେବା ପାଇଁ ମନୋନୀତ କଲେ ।

### ଲୋକମାନେ ସେମାନଙ୍କ ପାପକୁ କିପରି ଘୋଡାଉଥିଲେ?

ଯାଜକ ଯେପରି ବଳିଦାନ କରିବେ ଏଥିପାଇଁ ସେମାନେ ଏକ ପଶୁ ଆଣୁଥିଲେ \ବଳିଦାନର ରକ୍ତ ସେମାନଙ୍କ ପାପକୁ ଘୋଡାଏ.

### ପରମେଶ୍ୱର କେଉଁମାନଙ୍କୁ ତାଙ୍କର ଯାଜକ ହେବା ପାଇଁ ମନୋନୀତ କଲେ?

ହାରୋଣ ଓ ତାଙ୍କ ବଂଶଧରମାନଙ୍କୁ.

---

## 13:10

ସମସ୍ତ ଲୋକମାନେ ପରମେଶ୍ୱର ସେମାନଙ୍କୁ ଦେଇଥିବା ବ୍ୟବସ୍ଥାଗୁଡିକ ପାଳନ କରିବା ନିମନ୍ତେ , କେବଳ ଈଶ୍ୱରଙ୍କ ଉପାସନା କରିବା ନିମନ୍ତେ ଏବଂ ତାଙ୍କ ବିଶେଷ ଲୋକ ହେବା ନିମନ୍ତେ ସହମତ ହେଲେ ।କିନ୍ତୁ ସେମାନେ ଈଶ୍ୱରଙ୍କର ଆଜ୍ଞାବହ ହେବା ନିମନ୍ତେ ପ୍ରତିଜ୍ଞା କରିବାର ଅଳ୍ପ ସମୟ ପରେ ସେମାନେ ଭୟଙ୍କର ପାପ କଲେ ।

---

## 13:11

ଅନେକ ଦିନ ଧରି ମୋଶା ଈଶ୍ୱରଙ୍କ ସହ ସୀନୟ ପର୍ବତର ଶିଖରରେ କଥାବାର୍ତ୍ତା କରୁଥିଲେ।ମୋଶାଙ୍କ ଫେରିବାର ଅପେକ୍ଷା କରୁ କରୁ ଲୋକମାନେ କ୍ଲାନ୍ତ ଓ ଅଧୈର୍ଯ୍ୟ ହୋଇଉଠିଲେ ।ତେଣୁ ସେମାନେ ହାରୋଣଙ୍କ ନିକଟକୁ ସୁବର୍ଣ୍ଣ (ସୁନା) ଆଣି ତାହାଙ୍କୁ ସେମାନଙ୍କ ନିମନ୍ତେ ଏକ ମୂର୍ତ୍ତି ନିର୍ମାଣ କରିବାକୁ କହିଲେ!

### ମୋଶାଙ୍କୁ ସିନୟ ପର୍ବତରୁ ଫେରିବା ଅପେକ୍ଷା କରି ଯେତେବେଳେ ଲୋକମାନେ କ୍ଲାନ୍ତ ହୋଇପଡିଲେ, ଲୋକମାନେ କଣ କଲେ, ?

ସେମାନେ ହାରୋଣଙ୍କୁ ଏକ ସୁନାର ମୂର୍ତ୍ତୀ ତିଆରି କରିବାକୁ କହିଲେ, ଏବଂ ସେମାନେ ବଳିଦାନ ଦେବାକୁ ଏବଂ ତାହାର ଉପାସନା କରିବାକୁ ଲାଗିଲେ.

---

## 13:12

ହାରୋଣ ସେହି ସୁନା ଦ୍ଵାରା ଏକ ବାଛୁରୀର ପ୍ରତିମୂର୍ତ୍ତିର ପ୍ରତିମା ତିଆରି କଲେ ।ଲୋକମାନେ ଅତି କଦର୍ଯ୍ୟ ଭାବରେ ସେହି ପ୍ରତିମାକୁ ପୂଜା କରିଲେ ଏବଂ ବଳୀ ଉତ୍ସର୍ଗ କଲେ!ସେମାନଙ୍କ ପାପ ଯୋଗୁଁ ସେମାନଙ୍କଠାରେ ପରମେଶ୍ୱର ଅତିଶୟ କ୍ରୋଧ କରିଥିଲେ ଏବଂ ସେମାନଙ୍କୁ ବିନଷ୍ଟ କରିବାକୁ ଚାହିଁଲେ ।

### ମୋଶାଙ୍କୁ ସିନୟ ପର୍ବତରୁ ଫେରିବା ଅପେକ୍ଷା କରି ଯେତେବେଳେ ଲୋକମାନେ କ୍ଲାନ୍ତ ହୋଇପଡିଲେ, ଲୋକମାନେ କଣ କଲେ, ?

ସେମାନେ ହାରୋଣଙ୍କୁ ଏକ ସୁନାର ମୂର୍ତ୍ତୀ ତିଆରି କରିବାକୁ କହିଲେ, ଏବଂ ସେମାନେ ବଳିଦାନ ଦେବାକୁ ଏବଂ ତାହାର ଉପାସନା କରିବାକୁ ଲାଗିଲେ.

### ପରମେଶ୍ୱର କାହିଁକି ଇସ୍ରାଏଲୀୟ ମାନଙ୍କୁ ବିନାଶ କଲେ ନାହିଁ, ଯେତେବେଳେ ସେମାନେ ଅନାଜ୍ଞାବହ ହେଲେ?

କାରଣ ମୋଶା ସେମାନଙ୍କ ନିମନ୍ତେ.ପ୍ରାଥର୍ନା କଲେ

---

## 13:13

କିନ୍ତୁ ମୋଶା ସେମାନଙ୍କ ନିମନ୍ତେ ପ୍ରାର୍ଥନା କଲେ, ଏବଂ ଈଶ୍ୱର ତାହାଙ୍କ ପ୍ରାର୍ଥନାକୁ ଶୁଣିଲେ ଏବଂ ସେମାନଙ୍କୁ ବିନଷ୍ଟ କଲେ ନାହିଁ ।ମୋଶା ଯେତେବେଳେ ପର୍ବତରୁ ଓହ୍ଲାଇ ଆସିଲେ ଏବଂ ସେହି ପ୍ରତିମା ଦେଖିଲେ, ସେ ଏତେ କ୍ରୋଧ କରିଥିଲେ ଯେ ଈଶ୍ୱର ଯେଉଁ ପଥରର ପଟାରେ ଦଶ ଆଜ୍ଞାଗୁଡିକ ଲେଖିଥିଲେ ସେ ତାହାକୁ ଫୋପାଡି ଚୂନା କରିଦେଲେ ।

### ଯେଉଁପଥରରେ ପରମେଶ୍ୱର ଦଶ ଆଜ୍ଞା ଲେଖିଥିଲେ , ସେ ପଥରଗୁଡିକ କଣ ହେଲା ?

ମୋଶା କ୍ରୋଧ ହେଲେ ଏବଂ ଓ ପଥରଗୁଡିକୁ ଭାଙ୍ଗିଦେଲେ.

---

## 13:14

ତା'ପରେ ମୋଶା ସେହି ପ୍ରତିମାକୁ ବାଡେଇ ଚୂନା କରିଦେଲେ,ଏବଂ ସେହି ଚୂନାକୁ କିଛି ଜଳରେ ଫୋପାଡି ଦେଲେ ଓ ଲୋକମାନଙ୍କୁ ସେହି ଜଳ ପିଇବାକୁ ଦେଲେ ।ଈଶ୍ୱର ଲୋକମାନଙ୍କ ମଧ୍ୟକୁ ମହାମାରୀ ପଠାଇଲେ ଏବଂ ସେହି ମହାମାରୀରୀ ଅନେକ ଲୋକ ମରିଗଲେ ।ମୋଶା ଯେଉଁ ପ୍ରଥମ ପଥରର ପଟା ଭାଙ୍ଗି ଦେଇଥିଲେ ତା' ପ୍ରତିବଦଳରେ ସେ ଏକ ନୂତନ ପଥରର ପଟାରୀ ଦଶଆଜ୍ଞା ଲେଖିଲେ ।

### ମୋଶା ମୁର୍ତ୍ତୀକୁ କଣ କଲେ ?

ସେ ସେହି ପ୍ରତିମାକୁ ଚୂନା କରିଦେଲେ, ତାହା ଜଳ ଉପରେ ପକାଇଦେଲେ ଓ ଲୋକମାନଙ୍କୁ ସେହି ଜଳ ପିଇବାକୁ ଦେଲେ ।

---

## 13:15

ତା' ପରେ ସେ ପୁନର୍ବାର ସେହି ପର୍ବତକୁ ଚଢିଲେ ଏବଂ ଈଶ୍ୱରଙ୍କ ନିକଟରେ, ଲୋକମାନଙ୍କୁ କ୍ଷମା ଦେବା ନିମନ୍ତେ ପ୍ରାର୍ଥନା କଲେ । ପରମେଶ୍ୱର ମୋଶାଙ୍କର ପ୍ରାର୍ଥନା ଶୁଣି ସେମାନଙ୍କୁ କ୍ଷମା ଦେଲେ ।ମୋଶା ପର୍ବତରୁ ନୂତନ ପଥରର ପଟାରେ ଦଶ ଆଜ୍ଞାଗୁଡିକ ସହିତ ଓହ୍ଲାଇ ଫେରିଆସିଲେ । .ତା' ପରେ ପରମେଶ୍ୱର ସୀନୟ ପର୍ବତ ଠାରୁ ପ୍ରତିଜ୍ଞାତ ଦେଶ ଆଡକୁ ଇସ୍ରାଏଲୀୟମାନଙ୍କୁ କଢାଇ ନେଲେ ।

### ଦଶଆଜ୍ଞାଗୁଡିକର ପଥରଗୁଡିକୁ କିପରି ପ୍ରତିବଦଳ କରାଗଲା ?

ମୋଶାଏକ ନୂତନ ପଥରର ପଟାରୀରେ ଦଶଆଜ୍ଞାଗୁଡିକ ଲେଖିଲେ ।

### ସୀନୟ ପର୍ବତରୁ ଇସ୍ରାଏଲୀୟମାନେ କେଉଁ ସ୍ଥାନକୁ ଗଲେ?

ପରମେଶ୍ୱର ଇସ୍ରାଏଲୀୟମାନଙ୍କୁ ପ୍ରତିଜ୍ଞାତ ଦେଶଆଡକୁ କଢ଼ାଇନେଲେ ।

# ମରୁଭୂମିର ପ୍ରାନ୍ତରରେ ଭ୍ରମଣ

## 14:01

ପରମେଶ୍ୱର ଇସ୍ରାଏଲୀୟମାନଙ୍କୁ ନିୟମଗୁଡିକ, ଯାହା ସେ ସେମାନଙ୍କୁ ତାଙ୍କ ସହିତ ଚୁକ୍ତିର ଏକ ଭାଗ ହୋଇ ଭାବରେ ପାଳନ କରିବା ପାଇଁ ଚାହୁଥିଲେ, କହିବା ଉତ୍ତାରେ ସେମାନେ ସୀନୟ ପର୍ବତରୁ ବାହାରିଲେ ।ଈଶ୍ୱର ସେମାନଙ୍କୁ ପ୍ରତିଜ୍ଞାତ ଦେଶ ଆଡକୁ କଢାଇ ନେବାକୁ ଆରମ୍ଭ କଲେ, ଯେଉଁ ଦେଶକୁ କିଣାନ କୁହାଯାଉଥିଲା ।ମେଘର ସ୍ତମ୍ଭ ସେମାନଙ୍କ ଆଗେ ଆଗେ କିଣାନ ଆଡକୁ ଯାଉଥିଲା ଏବଂ ସେମାନେ ତାହାର ପଛେ ପଛେ ଚାଲୁଥିଲେ ।

### ସୀନୟ ପର୍ବତରୁ ପ୍ରସ୍ଥାନ ହେଲା ପରେ ପରମେଶ୍ୱର ଇସ୍ରାଏଲୀୟ ମାନଙ୍କୁ କେଉଁ ସ୍ଥାନକୁ କଢାଇ ନେଲେ ?

ସେ ସେମାନଙ୍କୁ ପ୍ରତିଜ୍ଞାତ ଦେଶ, କିଣାଣ ଆଡକୁ କଢ଼ାଇଲେ .

---

## 14:02

ପରମେଶ୍ୱର ଅବ୍ରହାମ, ଇସହାକ୍ ଓ ଯାକୁବଙ୍କୁ ପ୍ରତିଜ୍ଞା କରିଥିଲେ, ଯେ ସେ ପ୍ରତିଜ୍ଞାତ ଦେଶ ସେମାନଙ୍କ ବଂଶଧରମାନଙ୍କୁ ଦେବେ, କିନ୍ତୁ ବର୍ତ୍ତମାନ ସେହି ସ୍ଥାନରେ ଅନେକ ଲୋକମାନଙ୍କ ଦଳ ବାସ କରୁଥିଲେ ।ସେମାନଙ୍କୁ କିଣାନୀୟ କୁହାଯାଉଥିଲା ।କିଣାନୀୟମାନେ ଈଶ୍ୱରଙ୍କର ଉପାସନା କରୁ ନଥିଲେ କିମ୍ବା ତାଙ୍କ ଆଜ୍ଞାବହ ହେଉନଥିଲେ ।ସେମାନେ ଭ୍ରାନ୍ତ ଦେବଗଣକୁ ଉପାସନା କରୁଥିଲେ ଏବଂ ଅନେକ ମନ୍ଦ କାର୍ଯ୍ୟଗୁଡିକ କରୁଥିଲେ ।

---

## 14:03

ଈଶ୍ୱର ଇସ୍ରାଏଲୀୟମାନଙ୍କୁ କହିଲେ "ପ୍ରତିଜ୍ଞାତ ଦେଶରେ ତୁମ୍ଭେମାନେ ସମସ୍ତ କିଣାନୀୟ ମାନଙ୍କଠାରୁ ତ୍ରାହି ପାଇବା ଉଚିତ୍ । ସେମାନଙ୍କ ସହ ଶାନ୍ତି ସ୍ଥାପନ କରନାହିଁ କିମ୍ବା ସେମାନଙ୍କୁ ବିବାହ କରନାହିଁ ।ତୁମ୍ଭେମାନେ ସେ ସମସ୍ତଙ୍କର ପ୍ରତିମାଗୁଡିକୁ ସମ୍ପୂର୍ଣ୍ଣ ଭାବରେ ବିନଷ୍ଟ କରିବ ।ଯଦି ତୁମ୍ଭେମାନେ ମୋର ଆଜ୍ଞାବହ ହେବନାହିଁ, ମୋ ବଦଳରେ ତୁମ୍ଭେମାନେ ସେମାନଙ୍କର ପ୍ରତିମାଗୁଡିକର ଉପାସନା କରିବ ନାହିଁ ।"

### ପରମେଶ୍ୱର କିଣାନୀୟ ମାନଙ୍କ ସହିତ କଣ କରିବାକୁ ଇସ୍ରାଏଲୀୟମାନଙ୍କୁ କହିଥିଲେ ?

ସେମାନଙ୍କଠାରୁ ତ୍ରାହି ପାଇବାକୁ, ସେମାନଙ୍କ ସହିତ ଶାନ୍ତି ସ୍ଥାପନ ନ କରିବା, ସେମାନଙ୍କ ସହିତ ବିବାହ ନ କରିବା ଏବଂ ସେମାନଙ୍କ ସମସ୍ତ ମୁର୍ତ୍ତୀଗୁଡିକୁ ନଷ୍ଟ କରିବାକୁ , ସେ ତାଙ୍କୁ କହିଥିଲେ

---

## 14:04

ଇଶ୍ରାୟେଲୀୟମାନେ ଯେତେବେଳେ କିଣାନୀୟମାନଙ୍କ ସୀମାରେ ପହଞ୍ଚିଲେ, ସେତେବେଳେ ମୋଶା ପ୍ରତି ଜାତିରୁ ଜଣ ଜଣ କରି ବାର ପୁରୁଷ ମାନଙ୍କୁ ମନୋନୀତ କଲେ ।ସେ ଲୋକମାନଙ୍କୁ ସେହି ଦେଶକୁ ଯାଇ ତାହା ଦେଖିବାକୁ କିପରି ଅଟେ ତାହା ଗୁପ୍ତରେ ଦେଖି ଆସିବା ପାଇଁ ମନ୍ତ୍ରଣା ଦେଇଥିଲେ ।କିଣାନୀୟମାନେ ବଳିଷ୍ଠ ବା ଦୁର୍ବଳ ଥିଲେ ତାହାର ମଧ୍ୟ ଅନୁସନ୍ଧାନ କରିବା ନିମନ୍ତେ ସେମାନଙ୍କୁ କୁହାଯାଇଥିଲା ।

---

## 14:05

ସେହି ବାରଜଣ କିଣାନ ସାରା ଚାଳିଶ ଦିନ ଭ୍ରମଣ କରି ଫେରିଆସିଲେ ।ସେମାନେ ଲୋକମାନଙ୍କୁ କହିଲେ "ସେହି ଦେଶ ଅତି ଉର୍ବର ଏବଂ ସେଥିରେ ବହୁତ ଫଳ ଫଳେ!"କିନ୍ତୁ ସେହି ଅନୁସନ୍ଧାନକାରୀମାନଙ୍କ ମଧ୍ୟରୁ ଦଶଜଣ କହିଲେ "ତହିଁର ନଗରଗୁଡିକ ଅତି ଦୃଢ ଏବଂ ସେଥିର ଲୋକମାନେ ବିରାଟକାୟ ଅଟନ୍ତି !ଯଦି ଆମେ ସେମାନଙ୍କୁ ଆକ୍ରମଣ କରିବୁ, ସେମାନେ ନିଶ୍ଚୟ ଆମ୍ଭମାନଙ୍କୁ ପରାସ୍ତ କରି ଆମ୍ଭମାନଙ୍କୁ ହତ୍ୟା କରିବେ!"

### କିଣାନ ଦେଶ ବିଷୟରେ ବାରଜଣ ଗୁପ୍ତଚର ମାନେ କ'ଣ କହିଲେ?

"ସେହି ଦେଶ ଅତି ଉର୍ବର ଏବଂ ସେଥିରେ ପ୍ରଚୁର ଅମଳ ହୁଏ!"

### ଦଶଜଣ ଅନୁସନ୍ଧାନକାରୀମାନେ କାହିଁକି କିଣାନିୟ ଲୋକମାନଙ୍କୁ ଆକ୍ରମଣ ନ କରିବା ପାଇଁ ଇସ୍ରାଏଲୀୟ ମାନଙ୍କୁ କହିଲେ?

ସେମାନେ କହିଲେ "ନଗରଗୁଡିକ ଅତି ଦୃଢ଼ ଏବଂ ସେଥିର ଲୋକମାନେ ବିରାଟକାୟ ଅଟନ୍ତି!ଯଦି ଆମ୍ଭେ ଆକ୍ରମଣ କରିବା, ସେମାନେ ଆମ୍ଭ ମାନଙ୍କୁ ପରାସ୍ତ କରିବେ ଏବଂ ମାରିଦେବେ

---

## 14:06

ତତ୍କ୍ଷଣାତ୍ ଅନ୍ୟ ଦୁଇଜଣ ଗୁପ୍ତଚର କାଲେବ ଓ ଯିହୋଶୂୟ କହିଲେ "ଏହା ସତ୍ୟ ଯେ କିଣାନର ଲୋକମାନେ ଦୀର୍ଘକାୟ ଓ ବଳିଷ୍ଠ ଅଟନ୍ତି, କିନ୍ତୁ ଆମେ ସେମାନଙ୍କୁ ନିଶ୍ଚୟ ପରାଜୟ କରିବା!ଈଶ୍ୱର ଆମ୍ଭମାନଙ୍କ ପକ୍ଷରୁ ଯୁଦ୍ଧ କରିବେ!"

### କାଲେବ ଓ ଯିହୋଶୂୟ କିଣାନ ଲୋକମାନଙ୍କ ବିଷୟରେ କଣ କହିଲେ ?

ଲୋକମାନେ ଅତି ବଳିଷ୍ଠ, କିନ୍ତୁ " ଆମ୍ଭେ " ସେମାନଙ୍କୁ ପରାସ୍ତ କରିପାରିବା .ଈଶ୍ୱର ଆମ୍ଭମାନଙ୍କ ପକ୍ଷରୁ ଯୁଦ୍ଧ କରିବେ!"

---

## 14:07

କିନ୍ତୁ ଲୋକମାନେ କାଲେବ ଓ ଯିହୋଶୂୟଙ୍କ କଥା ଶୁଣିଲେ ନାହିଁ ।ସେମାନେ ମୋଶା ଓ ହାରୋଣଙ୍କ ପ୍ରତି କ୍ରୋଧ କରି କହିଲେ "ତୁମ୍ଭେ କାହିଁକି ଆମ୍ଭମାନଙ୍କୁ ଏପରି ଏକ ଭୟଙ୍କର ସ୍ଥାନକୁ ଆଣିଛ?ଆମେ ଯୁଦ୍ଧକ୍ଷେତ୍ରରେ ମରିବା ଠାରୁ ବରଂ ମିଶରରେ ରହିବା ଉଚିତ୍ ଥିଲା ଓ ଆମ୍ଭମାନଙ୍କ ସ୍ତ୍ରୀମାନେ ଓ ପିଲାମାନେ ଦାସୀ ଭାବରେ ରହିଥାନ୍ତେ ।"ଲୋକମାନେ ସେମାନଙ୍କ ନିମନ୍ତେ ଅନ୍ୟ ଜଣେ ନେତା ମନୋନୀତ କରିବାକୁ ଚାହିଁଲେ ଯିଏକି ସେମାନଙ୍କୁ ପୁନର୍ବାର ମିଶରକୁ ନେଇଯିବେ ।

### ଅନୁସନ୍ଧାନକାରୀମାନଙ୍କ ଠାରୁ ଖବର ପାଇଲା ପରେ ଲୋକମାନେ କ'ଣ କରିବାକୁ ଇଚ୍ଛା କଲେ ?

ସେମାନେ ଆଉ ନେତା ମନୋନୀତ କରିବାକୁ ଏବଂ ମିସର ଦେଶକୁ ଫେରି ଯିବାକୁ ଇଚ୍ଛା କଲେ

---

## 14:08

ଈଶ୍ୱର ଅତିଶୟ କ୍ରୋଧ କଲେ ଏବଂ ସମାଗମ ତମ୍ବୁକୁ ଆସିଲେ ।ଈଶ୍ୱର କହିଲେ "ଯେହେତୁ ତୁମ୍ଭେ ମୋ ବିରୁଦ୍ଧରେ ବିଦ୍ରୋହ କରିଅଛ, ସେଥିଯୋଗୁଁ ସମସ୍ତ ଲୋକମାନେ ପ୍ରାନ୍ତରରେ ପଥଭ୍ରଷ୍ଟ ଭାବେ ଭ୍ରମଣ କରିବାକୁ ପଡିବ ।ଯିହୋଶୂୟ ଓ କାଲେବଙ୍କ ବ୍ୟତୀତ ପ୍ରତ୍ୟେକ କୋଡିଏ ବର୍ଷ ବା ଉର୍ଦ୍ଧ ସମସ୍ତେ ସେଠାରେ ମରିବେ ଏବଂ ସେମାନେ ପ୍ରତିଜ୍ଞାତ ଦେଶରେ କଦାପି ପ୍ରବେଶ କରିବେ ନାହିଁ ।"

### ସେମାନଙ୍କ ଅନାଜ୍ଞାବହ ପାଇଁ ପରମେଶ୍ୱର ଲୋକମାନଙ୍କୁ ଦଣ୍ଡ ଦେବା ବିଷୟରେ କଣ କହିଲେ ?

କେବଳ କାଲେବ ଏବଂ ଯିହୋଶୁୟଙ୍କ ଛଡା ସମସ୍ତେ ଚାଲିଶି ବର୍ଷ ପର୍ଯ୍ୟନ୍ତ ମରୁପ୍ରାନ୍ତରରେ ଭ୍ରମଣ କରିବେ .

---

## 14:09

ଲୋକମାନେ ଯେତେବେଳେ ଏହା ଶୁଣିଲେ, ସେତେବେଳେ ସେମାନେ ଯେ ପାପ କରିଅଛନ୍ତି ସେଥିଯୋଗୁଁ ଦୁଃଖ ପ୍ରକାଶ କଲେ ।ସେମାନେ ସେମାନଙ୍କ ଖଡ୍ଗଗୁଡିକ ନେଇ କିଣାନରେ ଥିବା ଲୋକମାନଙ୍କୁ ଆକ୍ରମଣ କରିବାକୁ ବାହାରିଲେ ।ମୋଶା ସେମାନଙ୍କୁ ଯିବା ନିମନ୍ତେ ମନା କଲେ କାରଣ ଈଶ୍ୱର ସେମାନଙ୍କ ସହିତ ନ ଥିଲେ, କିନ୍ତୁ ସେମାନେ ତାଙ୍କ କଥା ଶୁଣିଲେ ନାହିଁ ।

---

## 14:10

ଈଶ୍ୱର ସେହି ଯୁଦ୍ଧକ୍ଷେତ୍ରକୁ ସେମାନଙ୍କ ସହ ଗଲେ ନାହିଁ, ତେଣୁ ସେମାନେ ପରାସ୍ତ ହେଲେ ଓ ସେମାନଙ୍କ ମଧ୍ୟରୁ ଅଧିକାଂଶ ନିହତ ହେଲେ ।ତା'ପରେ ଇସ୍ରାଏଲୀୟମାନେ କିଣାନରୁ ମୁହଁମୋଡି ପ୍ରାନ୍ତରରେ ଚାଳିଶ ବର୍ଷ ପର୍ଯ୍ୟନ୍ତ ଭ୍ରମଣ କଲେ ।

## କାହିଁକି ଇସ୍ରାଏଲୀୟମାନେ ପରାସ୍ତ ହେଲେ ଯେତେବେଳେ ସେମାନେ କିଣାନୀୟ ମାନଙ୍କୁ ଆକ୍ରମଣ କରିଥିଲେ?

ଇଶ୍ୱର ସେମାନଙ୍କ ସହିତ ଯୁଦ୍ଧକ୍ଷେତ୍ରକୁ ଗଲେ ନାହିଁ

---

## 14:11

ଇସ୍ରାଏଲର ଲୋକମାନେ ପ୍ରାନ୍ତରରେ ଭ୍ରମଣ କରିବାର ଚାଳିଶ ବର୍ଷ ସମୟରେ ଇଶ୍ୱର ସେମାନଙ୍କୁ ସମସ୍ତ ଆବଶ୍ୟକୀୟ ବିଷୟ ଯୋଗାଇଲେ ।ସେ “ମାନ୍ନା” ନାମରେ ଜଣାଶୁଣା ସ୍ୱର୍ଗୀୟ ଖାଦ୍ୟ ଦେଲେ ।ଆହୁରି ସେ ସେମାନଙ୍କ ବସତି ସ୍ଥାନକୁ କୁଢ କୁଢ ଭାଟୋଇ ପକ୍ଷୀ ପଠାଇଲେ (ଯାହାସବୁ ମଧ୍ୟମ ଧରଣର ପକ୍ଷୀ ଥିଲା) ଯେପରିକି ସେମାନେ ଖାଇବା ନିମନ୍ତେ ମାଂସ ପାଇପାରିବେ ।ଏହି ସମସ୍ତ ସମୟ ମଧ୍ୟରେ, ଇଶ୍ୱର ସେମାନଙ୍କର ପିନ୍ଧିବା ବସ୍ତ୍ର ଓ ପାଦୁକାଗୁଡିକ ଜୀର୍ଣ୍ଣ ହେବାକୁ ଦେଲେନାହିଁ ।

## କେତେ କାଳ ପର୍ଯ୍ୟନ୍ତ ଇସ୍ରାଏଲୀୟମାନେ ମରୁପ୍ରାନ୍ତରରେ ଭ୍ରମଣ କରିଥିଲେ ?

ଚାଲିଶି ବର୍ଷ

## ପରମେଶ୍ୱର କିପରି ଭାବରେ ଇସ୍ରାଏଲୀୟମାନଙ୍କୁ ମରୁପ୍ରାନ୍ତରରେ ଯୋଗାଉଥିଲେ ?

ସେ ସେମାନଙ୍କୁ "ମାନ୍ନା," କୁଢ କୁଢ ଭାଟୋଇ ପକ୍ଷୀ ପଠାଇଲେ, ଏବଂ ସେମାନଙ୍କର ପୋଷାକଗୁଡିକୁ ଓ ପାଦୁକାଗୁଡିକୁ ପିନ୍ଧିବାଠାରୁ ବାହାରେ ରଖିଲେ

---

## 14:12

ଇଶ୍ୱର ଏପରିକି ଆଶ୍ଚର୍ଯ୍ୟଜନକ ଭାବେ ପଥରରୁ ସେମାନଙ୍କୁ ଜଳ ଦେଲେ ।କିନ୍ତୁ ଏହି ସମସ୍ତ କାର୍ଯ୍ୟ ସତ୍ତ୍ୱେ, ଇଶ୍ରାୟେଲୀୟ ଲୋକମାନେ ଇଶ୍ୱର ଓ ମୋଶାଙ୍କ ବିରୁଦ୍ଧରେ ଅଭିଯୋଗ କଲେ ମନେ ମନେ ବଚସା କଲେ ।ଏପରି ହେବା ସତ୍ତ୍ୱେ ଇଶ୍ୱର ଅବ୍ରହାମ, ଇସହାକ୍‌ଓ ଯାକୁବଙ୍କ ସହ କରିଥିବା ପ୍ରତିଜ୍ଞା ପ୍ରତି ବିଶ୍ୱସ୍ତ ଥିଲେ ।

## ପରମେଶ୍ୱର କିପରି ପ୍ରତିଉତ୍ତର ଦେଲେ ଯେତେବେଳେ ଲୋକମାନେ ଅଭିଯୋଗ ଏବଂ ବଚସା କଲେ?

କିନ୍ତୁ ପରମେଶ୍ୱର ଅବ୍ରହାମ, ଇସହାକ୍ ଏବଂ ଯାକୁବଙ୍କ ସହ କରିଥିବା ପ୍ରତିଜ୍ଞା ପ୍ରତି ବିଶ୍ୱସ୍ତ ଥିଲେ । ୧

---

## 14:13

ଅନ୍ୟ ଏକ ସମୟରେ, ଲୋକମାନେ ଯେତେବେଳେ ଜଳ ପାଇଲେ ନାହିଁ, ଈଶ୍ୱର ମୋଶାଙ୍କୁ କହିଲେ "ସେହି ପଥରକୁ କଥା କୁହ ଓ ତହିଁରୁ ଜଳ ବାହାରିବ ।" କିନ୍ତୁ ମୋଶା ପଥରକୁ କଥା କହିବା ପରିବର୍ତ୍ତେ ଦୁଇଥର ବାଡିରେ ଆଘାତ କରିବା ଦ୍ୱାରା ସମସ୍ତ ଲୋକଙ୍କ ସମ୍ମୁଖରେ ଈଶ୍ୱରଙ୍କର ଅସମ୍ମାନ କଲେ ।ସମସ୍ତେ ଯେପରି ଜଳପାନ କରିବେ ସେଥିପାଇଁ ଜଳ ବାହାରି ଆସିଲା, କିନ୍ତୁ ଈଶ୍ୱର ମୋଶାଙ୍କ ଉପରେ କ୍ରୋଧ ଥିଲେ ଏବଂ ସେ କହିଲେ "ତୁମ୍ଭେ ପ୍ରତିଜ୍ଞାତ ଦେଶରେ ପ୍ରବେଶ କରିପାରିବ ନାହିଁ ।"

### ପରମେଶ୍ୱର କାହିଁକି କ୍ରୋଧ ହେଲେ ଯେତେବେଳେ ମୋଶା ପ୍ରସ୍ତରକୁ ଆଘାତ କଲେ ?

କାରଣ ମୋଶାଙ୍କୁ ଯେପରି କୁହାଯାଇଥିଲା, ସେପରି ସେ ପ୍ରସ୍ତରକୁ ନ କହି ପରମେଶ୍ୱରଙ୍କୁ ଅସମ୍ମାନ କରିଥିଲେ

### ମୋଶା ଅନାଜ୍ଞାବହ ହେବା ଦ୍ୱାରା ପରମେଶ୍ୱର କିପରି ଦଣ୍ଡ ଦେଇଥିଲେ ?

ପରମେଶ୍ୱର କହିଲେ ଯେ ମୋଶା ପ୍ରତିଜ୍ଞାତ ଦେଶ ପ୍ରବେଶ କରିପାରିବ ନାହିଁ.

---

## 14:14

ଇସ୍ରାଏଲୀୟମାନେ ଚାଳିଶ ବର୍ଷ ପ୍ରାନ୍ତରରେ ଭ୍ରମଣ କଲା ଉତ୍ତାରେ, ଈଶ୍ୱରଙ୍କ ବିରୁଦ୍ଧରେ ଯେତେଜଣ ବିଦ୍ରୋହ କରିଥିଲେ, ସମସ୍ତେ ମରିଗଲେ ।ତା'ପରେ ଈଶ୍ୱର ପୁନର୍ବାର ପ୍ରତିଜ୍ଞାତ ଦେଶର ପ୍ରାନ୍ତକୁ ସେମାନଙ୍କୁ ନେଇଯାଇଥିଲେ ।ମୋଶା ବର୍ତ୍ତମାନ ଅତି ବୃଦ୍ଧ ହୋଇଯାଇଥିଲେ, ତେଣୁ ଲୋକମାନଙ୍କୁ ପଥ କଢାଇବା ପାଇଁ ତାଙ୍କୁ ସାହାଯ୍ୟ କରିବା ନିମନ୍ତେ ସେ ଯିହୋଶୂୟଙ୍କୁ ମନୋନୀତ କଲେ । ଈଶ୍ୱର ମୋଶାଙ୍କୁ ଆଉ ଏକ ପ୍ରତିଜ୍ଞା କଲେ ଯେ, ସେ ମୋଶାଙ୍କ ପରି ଆଉ ଜଣେ ଭାବବାଦୀଙ୍କୁ ପଠାଇବେ ।

### ପରମେଶ୍ୱର କାହାକୁ ପଠାଇବା ବିଷୟରେ ପ୍ରତିଜ୍ଞା କରିଥିଲେ ?

ମୋଶାଙ୍କ ପରି ଅନ୍ୟ ଏକ ଭାବବାଦୀ

---

## 14:15

ତା'ପରେ ଈଶ୍ୱର ମୋଶାଙ୍କୁ ଏକ ପର୍ବତର ଶିଖରକୁ ଚଢିବା ନିମନ୍ତେ କହିଲେ ଯେପରିକି ସେ ସେଠାରୁ ପ୍ରତିଜ୍ଞାତ ଦେଶ ଦେଖିପାରିବେ । ମୋଶା ପ୍ରତିଜ୍ଞାତ ଦେଶ ଦେଖିପାରିଥିଲେ କିନ୍ତୁ ସେ ସେଥିରେ ପ୍ରବେଶ କରିବା ନିମନ୍ତେ ଈଶ୍ୱର ଅନୁମତି ଦେଲେନାହିଁ ।ତା'ପରେ ମୋଶା ମୃତ୍ୟୁବରଣ କଲେ, ଏବଂ ଇଶ୍ରାୟେଲୀୟମାନେ ତିରିଶି ଦିନ ତାଙ୍କ ନିମନ୍ତେ ଶୋକ କଲେ । ଯିହୋଶୂୟ ସେମାନଙ୍କର ନୂତନ ନେତା ହେଲେ ।ଯିହୋଶୂୟ ଜଣେ ଉତ୍ତମ ନେତା ଥିଲେ କାରଣ ସେ ଈଶ୍ୱରଙ୍କଠାରେ ଭରସା ରଖିଥିଲେ ଓ ତାଙ୍କର ଆଜ୍ଞାବହ ହେଉଥିଲେ ।

## ମୋଶାଙ୍କ ମୃତ୍ୟୁ ପରେ କିଏ ଇସ୍ରାଏଲୀୟମାନଙ୍କୁ କଢ଼ାଇନେଲେ ?

ଯିହୋଶୂୟ

## ଯିହୋଶୂୟ କେଉଁ ପ୍ରକାରର ନେତା ଥିଲେ ?

ସେ ଜଣେ ଉତ୍ତମ ନେତା ଥିଲେ କାରଣ ସେ ଇଶ୍ୱରଙ୍କଠାରେ ଭରସା ରଖିଥିଲେ ଓ ତାଙ୍କର ଆଜ୍ଞାବହ ହେଉଥିଲେ ।

# ପ୍ରତିଜ୍ଞାତ ଦେଶ

## 15:01

ପରିଶେଷରେ ପ୍ରତିଜ୍ଞାତ ଦେଶ କିଣାନରେ ଇସ୍ରାଏଲୀୟମାନେ ପ୍ରବେଶ କରିବାର ଏକ ପ୍ରକୃଷ୍ଟ ବା ସମୟ ଥିଲା ।ଦୃଢ ପ୍ରାଚୀର ଦ୍ଵାରା ପରିବେଷ୍ଟିତ କିଣାନିୟ ସହର ଯିରୀହୋ ନଗର ବିଷୟରେ ଅନୁସନ୍ଧାନ କରିବା ନିମନ୍ତେ ଯିହୋଶୂୟ ଦୁଇଜଣ ଗୁପ୍ତଚରମାନଙ୍କୁ ପଠାଇଲେ । ସେହି ନଗରରେ ରାହବ ନାମକ ଜଣେ ବେଶ୍ୟା ଥିଲା ଯିଏ ସେହି ଗୁପ୍ତଚରମାନଙ୍କୁ ଲୁଚାଇ ପରେ ସେମାନଙ୍କୁ ଖସି ପଳାଇଯିବାରେ ସାହାଯ୍ୟ କଲା ।ସେ ଏପରି କଲେ, କାରଣ ସେ ଈଶ୍ଵରଙ୍କଠାରେ ବିଶ୍ଵାସ କଲେ ।ସେମାନେ ଯେ ରାହବ ଓ ତାହାର ପରିବାରକୁ ସୁରକ୍ଷା ଦେବେ । ଇସ୍ରାଏଲୀୟମାନେ ଯେତେବେଳେ ଯିରୀହୋକୁ ବିନଷ୍ଟ କରିବେ ବୋଲି ଏହା ପ୍ରତିଜ୍ଞା କଲେ ।

### ଯେତେବେଳେ ପ୍ରତିଜ୍ଞାତ ଦେଶରେ ପ୍ରବେଶ କରିବାର ସମୟ ଆସିଲା, ଯିହୋଶୂୟ ପ୍ରଥମେ କ'ଣ କଲେ ?

ସେ ଦୁଇ ଗୁପ୍ତଚର ମାନଙ୍କୁ ଯିରୀହୋକୁ ପଠାଇଲେ.

### ଗୁପ୍ତଚର ମାନେ ବେଶ୍ୟା ରାହାବକୁ କ'ଣ ପ୍ରତିଜ୍ଞା କରିଥିଲେ ?

ସେମାନେ ରାହବ ଓ ତାହାର ପରିବାରକୁ ସୁରକ୍ଷା ଦେବେ ଯେତେବେଳେ ଇସ୍ରାଏଲୀୟମାନେ ନଗରକୁ ବିନଷ୍ଟ କରିବେ ବୋଲି ଏହା ପ୍ରତିଜ୍ଞା କଲେ

---

## 15:02

ଇସ୍ରାଏଲୀୟମାନେ ପ୍ରତିଜ୍ଞାତ ଦେଶରେ ପ୍ରବେଶ କରିବା ନିମନ୍ତେ ଯର୍ଦ୍ଦନ ନଦୀକୁ ପାର ହେବାକୁ ପଡିଥିଲା ।ଈଶ୍ଵର ଯିହୋଶୂୟଙ୍କୁ କହିଲେ “ଯାଜକମାନେ ପ୍ରଥମେ ଯାଆନ୍ତୁ ।“ଯାଜକମାନେ ଯେତେବେଳେ ଯର୍ଦ୍ଦନ ନଦୀର ପାଦ ଦେବାର ଆରମ୍ଭ କଲେ, ସେତେବେଳେ ଉପର ଭାଗରେ ଥିବା ଜଳ ବହିବା ବନ୍ଦ ହୋଇଗଲା ଯେପରିକି ଇସ୍ରାଏଲୀୟମାନେ ଶୁଖିଲା ଭୂଇଁରେ ଚାଲି ଚାଲି ଯର୍ଦ୍ଦନ ନଦୀ ପାର ହେବେ ।

### ଇସ୍ରାଏଲୀୟ ମାନେ କିଭଳି ଭାବେ ଯର୍ଦ୍ଦନ ନଦୀ ପାର ହେଲେ ?

ଯାଜକମାନେ ଯେତେବେଳେ ଯର୍ଦ୍ଦନ ନଦୀର ପାଦ ଦେବାର ଆରମ୍ଭ କଲେ, ସେତେବେଳେ ପାଣି ବହିବାର ବନ୍ଦ ହୋଇଗଲା

---

## 15:03

ଲୋକମାନେ ଯର୍ଦ୍ଦନ ନଦୀ ପାର ହେଲା ପରେ, ଶକ୍ତିଶାଳୀ ନଗର ଯିରୀହୋକୁ କିପରି ଆକ୍ରମଣ କରିବାକୁ ହେବ ତାହା ଈଶ୍ଵର ଯିହୋଶୂୟଙ୍କୁ କହିଥିଲେ ।ଲୋକମାନେ ଈଶ୍ଵରଙ୍କର ଆଜ୍ଞାବହ ହେଲେ ।ଈଶ୍ଵର ଯେପରି କହିଲେ, ତଦନୁସାରେ ସୈନ୍ୟମାନେ ଓ ଯାଜକମାନେ ଦିନକୁ ଥରେ ଏହିପରି ଛ’ ଦିନ ଯିରୀହୋ ନଗର ଚାରିଦିଗରେ ବୁଲିଲେ ।

## କିପରି ଭାବରେ ଇସ୍ରାଏଲୀୟ ମାନେ ଯିରିହୋ କୁ ଆକ୍ରମଣ କଲେ ?

ସେମାନେ ଛଅ ଦିନ ଧରି ନଗରର ଚାରି ପାର୍ଶ୍ୱରେ ବୁଲିଲେ, ତା'ପରେ ସପ୍ତମ ଦିନରେ, ଇସ୍ରାଏଲୀୟମାନେ ସାତ ଥର ବୁଲିଲେ ।ଯେତେବେଳେ ସେମାନେ ନଗରର ଚାରିଦିଗରେ ଶେଷଥର ନିମନ୍ତେ ବୁଲିଲେ, ସେତେବେଳେ ସୈନ୍ୟମାନେ ଜୟଧ୍ୱନି କଲେ ଏବଂ ଯାଜକମାନେ ସେମାନଙ୍କର ତୂରୀଗୁଡିକ ବଜାଇଲେ

---

## 15:04

ତା'ପରେ ସପ୍ତମ ଦିନରେ, ଇସ୍ରାଏଲୀୟମାନେ ସାତ ଥର ବୁଲିଲେ ।ଯେତେବେଳେ ସେମାନେ ନଗରର ଚାରିଦିଗରେ ଶେଷଥର ନିମନ୍ତେ ବୁଲିଲେ, ସେତେବେଳେ ସୈନ୍ୟମାନେ ଜୟଧ୍ୱନି କଲେ ଏବଂ ଯାଜକମାନେ ସେମାନଙ୍କର ତୂରୀଉଡିକ ବଜାଇଲେ ।

## କିପରି ଭାବରେ ଇସ୍ରାଏଲୀୟ ମାନେ ଯିରିହୋ କୁ ଆକ୍ରମଣ କଲେ ?

ସେମାନେ ଛଅ ଦିନ ଧରି ନଗରର ଚାରି ପାର୍ଶ୍ୱରେ ବୁଲିଲେ, ତା'ପରେ ସପ୍ତମ ଦିନରେ, ଇସ୍ରାଏଲୀୟମାନେ ସାତ ଥର ବୁଲିଲେ ।ଯେତେବେଳେ ସେମାନେ ନଗରର ଚାରିଦିଗରେ ଶେଷଥର ନିମନ୍ତେ ବୁଲିଲେ, ସେତେବେଳେ ସୈନ୍ୟମାନେ ଜୟଧ୍ୱନି କଲେ ଏବଂ ଯାଜକମାନେ ସେମାନଙ୍କର ତୂରୀଗୁଡିକ ବଜାଇଲେ

---

## 15:05

ସେତେବେଳେ ଯିରୀହୋ ପ୍ରାଚୀରଗୁଡିକ ଟଳି ପଡିଗଲା!ଈଶ୍ୱରଙ୍କ ଆଜ୍ଞା ଅନୁଯାୟୀ ଇସ୍ରାଏଲୀୟମାନେ ନଗରରେ ସମସ୍ତ ଜିନିଷକୁ ବିନଷ୍ଟ କଲେ ।ସେମାନେ କେବଳ ରାହବ ଓ ତାହାର ପରିବାରକୁ ରକ୍ଷା କଲେ, ଯେଉଁମାନେ ଇଶ୍ରାୟେଲର ଅଂଶ ହେଲେ ।କିଣାନରେ ରହୁଥିବା ଅନ୍ୟ ଲୋକମାନେ ଯେତେବେଳେ ଶୁଣିଲେ ଯେ ଇସ୍ରାଏଲୀୟମାନେ ଯିରୀହୋକୁ ବିନାଶ କରିଅଛନ୍ତି, ସେମାନେ ଭୟଭୀତ ହେଲେ ଯେ ଇସ୍ରାଏଲୀୟମାନେ ସେମାନଙ୍କୁ ମଧ୍ୟ ଆକ୍ରମଣ କରିବେ ।

## କଣ ଘଟିଲା, ଯେତେବେଳେ ସୈନ୍ୟମାନେ ଚିତ୍କାର କଲେ ଓ ଯାଜକମାନେ ତୂରୀସବୁ ବଜାଇଲେ ?

ଯିରୀହୋର ପ୍ରାଚୀରଗୁଡିକ ଭାଙ୍ଗି ତଳେ ପଡିଲା, ତେଣୁ ଇସ୍ରାଏଲୀୟମାନେ ନଗରର ସମସ୍ତ ବିଷୟକୁ ଧ୍ୱଂସ କରିଦେଲେ.

## ରାହାବ ଏବଂ ତାହାର ପରିବାରକୁ କଣ ଘଟିଲା ?

ସେମାନଙ୍କୁ ବଧ କରାଗଲା ନାହିଁ, ଏବଂ ଇସ୍ରାଏଲୀୟମାନଙ୍କରଏକ ଅଂଶ ହେଲେ

---

## 15:06

କିଣାନର କୌଣସି ଲୋକଦଳ ସହ ଶାନ୍ତିଚୁକ୍ତି ନ କରିବା ନିମନ୍ତେ ଈଶ୍ୱର ଇସ୍ରାଏଲୀୟମାନଙ୍କୁ ଆଜ୍ଞା ଦେଇଥିଲେ ।କିନ୍ତୁ ଗିବିୟୋନ ନାମକ ଏକ କିଣାନୀୟ ଲୋକଦଳ ଯିହୋଶୂୟଙ୍କୁ ମିଥ୍ୟା କହିଲେ ଯେ ସେମାନେ କିଣାନରୁ ବହୁ ଦୂରରେ ଥିବା ଏକ ସ୍ଥାନରୁ ଆସିଅଛନ୍ତି ।ସେମାନେ ଯିହୋଶୂୟଙ୍କୁ ସେମାନଙ୍କ ସହ ଏକ ଶାନ୍ତିଚୁକ୍ତି କରିବା ନିମନ୍ତେ କହିଲେ ।

### ଗିବିୟୋନ କିଭଳି ଭାବେ ଇସ୍ରାଏଲୀୟମାନଙ୍କୁ ଚତୁରତାର କୌଶଳ ଦ୍ୱାରା ଶାନ୍ତି ଚୁକ୍ତି କରିବାକୁ ଚେଷ୍ଟା କରୁଥିଲେ?

ସେମାନେ କହିଲେ, ଯେ ସେମାନେ କିଣାନରୁ ବହୁ ଦୂରରେ ଥିବା ଏକ ସ୍ଥାନରୁ ଆସିଅଛନ୍ତି ।

### ଯିହୋଶୂୟ ଏବଂ ଇସ୍ରାଏଲୀୟମାନେ ଗିବିୟୋନୀୟମାନେ କହୁଥିବା ମିଛକୁ, କାହିଁକି ଜାଣି ପାରି ନ ଥିଲେ ?

ସେମାନେ ପରମେଶ୍ୱରଙ୍କୁ ପଚାରିଲେ ନାହିଁ.

---

## 15:07

ଗିବିୟୋନୀୟମାନେ କେଉଁଠାରୁ ଆସିଥିଲେ ତାହା ଯିହୋଶୂୟ ଏବଂ ଇସ୍ରାଏଲୀୟମାନେ ଈଶ୍ୱରଙ୍କୁ ପଚାରି ନଥିଲେ ।ତେଣୁ ଯିହୋଶୂୟ ସେମାନଙ୍କ ସହ ଏକ ଶାନ୍ତିଚୁକ୍ତି ସ୍ଥାପନ କଲେ । ଗିବିୟୋନୀୟମାନେ ସେମାନଙ୍କୁ ପ୍ରତାରଣା କରିଅଛନ୍ତି ବୋଲି ଇସ୍ରାଏଲୀୟମାନେ ଯେତେବେଳେ ଜାଣିବାକୁ ପାଇଲେ ସେମାନେ କ୍ରୋଧ କଲେ, କିନ୍ତୁ ସେମାନେ ସେମାନଙ୍କ ସହ କରିଥିବା ଶାନ୍ତିଚୁକ୍ତି ରକ୍ଷା କରିଥିଲେ କାରଣ ଏହା ଈଶ୍ୱରଙ୍କର ଏକ ପ୍ରତିଜ୍ଞା ଥିଲା ।କିଛି ସମୟ ପରେ, କିଣାନରେ ଥିବା ଅମୋରୀୟ ନାମକ ଅନ୍ୟ ଏକ ଲୋକଦଳର ରାଜାମାନେ ଶୁଣିବାକୁ ପାଇଲେ ଯେ ସେମାନେ ଇସ୍ରାଏଲୀୟମାନଙ୍କ ସହ ଏକ ଶାନ୍ତିଚୁକ୍ତି ସ୍ଥାପନ କରିଅଛନ୍ତି, ତେଣୁ ସେମାନେ ସେମାନଙ୍କର ସୈନ୍ୟବାହିନୀଗୁଡିକୁ ଏକତ୍ର କରି ବୃହତ୍ ବାହିନୀରେ ପରିଣତ କରି ଗିବିୟୋନକୁ ଆକ୍ରମଣ କଲେ ।ଗିବିୟୋନୀୟମାନେ ଯିହୋଶୂୟଙ୍କ ନିକଟକୁ ସାହାଯ୍ୟ ନିମନ୍ତେ ଏକ ବାର୍ତ୍ତା ପଠାଇଲେ ।

### କାହିଁକି ଇସ୍ରାଏଲୀୟମାନେ ଗିବିୟୋନମାନଙ୍କୁ ରକ୍ଷା କରିବା ନିମନ୍ତେ ଶାନ୍ତି ଚୁକ୍ତି କରିଲେ?

କାରଣ ସେମାନେ ପରମେଶ୍ୱରଙ୍କ ସମ୍ମୁଖରେ ଏକ ପ୍ରତିଜ୍ଞା କରିଥିଲେ.

---

## 15:08

ତେଣୁ ଯିହୋଶୂୟ ଇସ୍ରାଏଲୀୟ ସୈନ୍ୟବାହିନୀକୁ ଏକତ୍ର କଲେ ଗିବିୟୋନୀୟମାନଙ୍କ ନିକଟକୁ ପହଞ୍ଚିବା ପାଇଁ ସାରା ରାତ୍ରି ଯାତ୍ରା କଲେ । ଭୋର ସକାଳରେ ସେମାନେ ଅମୋରୀୟ ସୈନ୍ୟବାହିନୀକୁ ଆଶ୍ଚର୍ଯ୍ୟଚକିତ କରି ସେମାନଙ୍କୁ ଆକ୍ରମଣ କଲେ ।

---

## 15:09

ଈଶ୍ୱର ସେହି ଦିନ ଇାସ୍ରାଏଲୀୟମାନଙ୍କ ପକ୍ଷରୁ ଯୁଦ୍ଧ କଲେ ।ସେ ଅମୋରୀୟ ସୈନ୍ୟବାହିନୀକୁ ଦ୍ୱନ୍ଦରେ ପକାଇଦେଲେ ଓ କୁଆପଥର ପଠାଇଲେ ଯାହା ଅନେକ ଅମୋରୀୟଙ୍କ ଜୀବନ ନେଇଥିଲା ।

### ପରମେଶ୍ୱର କିପରି ଭାବରେ ଇସ୍ରାଏଲୀୟମାନଙ୍କ ସପକ୍ଷରେ ଇମୋରିୟ ମାନଙ୍କ ସହିତ ଯୁଦ୍ଧ କଲେ ?

ସେ ଅମୋରିୟ ମାନଙ୍କୁ ଦ୍ୱନ୍ଦରେ ପକାଇଲେ, ସେମାନଙ୍କ ଉପରେ ବୃହତ୍ କୁଆପଥର ପଠାଇଲେ, ଏବଂ ଆକାଶରେ ସୂର୍ଯ୍ୟକୁ ଗୋଟିଏ ସ୍ଥାନରେ ଅଟକାଇ ରଖିଲେ ଯେପରି ଇସ୍ରାଏଲୀୟମାନେ ଅମୋରୀୟମାନଙ୍କୁ ଯଥେଷ୍ଟ ସମୟରେ ସମ୍ପୂର୍ଣ୍ଣ ଭାବେ ପରାସ୍ତ କରିବେ

---

## 15:10

ଈଶ୍ୱର ଆକାଶରେ ସୂର୍ଯ୍ୟକୁ ଗୋଟିଏ ସ୍ଥାନରେ ଅଟକାଇ ରଖିଲେ ଯେପରିକି ଇସ୍ରାଏଲ୍ ଯଥେଷ୍ଟ ସମୟରେ ଅମୋରୀୟମାନଙ୍କୁ ସମ୍ପୂର୍ଣ୍ଣ ଭାବେ ପରାସ୍ତ କରିବେ ।ସେହି ଦିନ ଈଶ୍ୱର ଇସ୍ରାଏଲ ନିମନ୍ତେ ଏକ ବୃହତ୍ ବିଜୟ ପାଇଲେ ।

### ପରମେଶ୍ୱର କିପରି ଭାବରେ ଇସ୍ରାଏଲୀୟମାନଙ୍କ ସପକ୍ଷରେ ଇମୋରିୟ ମାନଙ୍କ ସହିତ ଯୁଦ୍ଧ କଲେ ?

ସେ ଅମୋରିୟ ମାନଙ୍କୁ ଦ୍ୱନ୍ଦରେ ପକାଇଲେ, ସେମାନଙ୍କ ଉପରେ ବୃହତ୍ କୁଆପଥର ପଠାଇଲେ, ଏବଂ ଆକାଶରେ ସୂର୍ଯ୍ୟକୁ ଗୋଟିଏ ସ୍ଥାନରେ ଅଟକାଇ ରଖିଲେ ଯେପରି ଇସ୍ରାଏଲୀୟମାନେ ଅମୋରୀୟମାନଙ୍କୁ ଯଥେଷ୍ଟ ସମୟରେ ସମ୍ପୂର୍ଣ୍ଣ ଭାବେ ପରାସ୍ତ କରିବେ

---

## 15:11

ଈଶ୍ୱର ଏହି ସମସ୍ତ ସୈନ୍ୟବାହିନୀକୁ ପରାସ୍ତ କଲାପରେ, ଆହୁରି ଅନେକ କିଣାନୀୟ ଲୋକଦଳ ଇସ୍ରାଏଲୀୟମାନଙ୍କୁ ଆକ୍ରମଣ କରିବା ନିମନ୍ତେ ଏକତ୍ର ହେଲେ ।ଯିହୋଶୂୟ ଓ ଇସ୍ରାଏଲୀୟମାନେ ସେମାନଙ୍କୁ ଆକ୍ରମଣ କଲେ ଏବଂ ବିନଷ୍ଟ କଲେ ।

### ଯିହୋଶୂୟ ଓ ଇସ୍ରାଏଲୀୟମାନେ ଅନ୍ୟ କିଣାନୀୟ ଲୋକଦଳମାନଙ୍କୁ ଯେଉଁମାନେ ଆକ୍ରମଣ କରିଥିଲେ, କଣ କଲେ?

ଯିହୋଶୁୟ ଏବଂ ଇସ୍ରାଏଲୀୟମାନେ ସେମାନଙ୍କୁ ବିନାଶ କଲେ

---

## 15:12

ଏହି ଯୁଦ୍ଧ ପରେ, ଈଶ୍ୱର ଇସ୍ରାଏଲର ପ୍ରତ୍ୟେକ ଗୋଷ୍ଠୀକୁ ପ୍ରତିଜ୍ଞାତ ଦେଶର ନିଜ ନିଜ ଭାଗ ଅନୁସାରେ ପ୍ରଦାନ କଲେ ।ଏହାପରେ ଈଶ୍ୱର ଇସ୍ରାଏଲର ସୀମାରେ ଥିବା ସମସ୍ତ ଦେଶ ସହ ଶାନ୍ତି ପ୍ରଦାନ କଲେ ।

### ପ୍ରତିଜ୍ଞାତ ଦେଶ କିଭଳି ଭାବରେ ବିଭକ୍ତ ହେଲା ?

ପରମେଶ୍ୱର ଇସ୍ରାଏଲର ବାର ଗୋଷ୍ଠୀମାନଙ୍କର ପ୍ରତ୍ୟେକଙ୍କୁ ପ୍ରତିଜ୍ଞାତ ଦେଶର ନିଜ ନିଜ ଭାଗ ପ୍ରଦାନ କଲେ ।

---

## 15:13

ଯିହୋଶୂୟ ଯେତେବେଳେ ବୃଦ୍ଧ ହେଲେ, ସେ ଇସ୍ରାଏଲର ସମସ୍ତ ଲୋକଙ୍କୁ ଏକାଠି କରି ଡାକିଲେ ।ତା'ପରେ ଈଶ୍ୱର ଇଶ୍ରାୟେଲୀୟମାନଙ୍କ ସହ ସୀନୟ ପର୍ବତରେ ଯେଉଁ ନିୟମ କରିଥିଲେ ସେହି ନିୟମ ପ୍ରତି ଲୋକମାନଙ୍କର ପ୍ରତିବଦ୍ଧତା ବିଷୟରେ ସେମାନଙ୍କୁ ସ୍ମରଣ କରାଇଲେ ।ଲୋକମାନେ ଈଶ୍ୱରଙ୍କ ପ୍ରତି ବିଶ୍ୱସ୍ତ ରହିବାକୁ ଓ ତାହାଙ୍କ ନିୟମସବୁ ପାଳନ କରିବାକୁ ପ୍ରତିଜ୍ଞା କଲେ ।

### କାହିଁକି ଯିହୋଶୂୟ ସମସ୍ତ ଇସ୍ରାଏଲୀୟମାନଙ୍କୁ ଏକାଠି ଡାକିଲେ, ଯେତେବେଳେ ସେ ବୃଦ୍ଧ ଥିଲେ ?

ସେମାନଙ୍କୁ ନିୟମ ପାଳନ କରିବାର ଚୁକ୍ତିବନ୍ଧତା ସ୍ମରଣ କରାଇବା ପାଇଁ, ଯାହା ପରମେଶ୍ୱର ସେମାନଙ୍କ ସହିତ କରିଥିଲେ

### କିପରି ଭାବରେ ଇସ୍ରାଏଲୀୟମାନେ ଯିହୋଶୂୟକୁ ଉତ୍ତର ଦେଲେ ?

ସେମାନେ ଈଶ୍ୱରଙ୍କ ପ୍ରତି ବିଶ୍ୱସ୍ତ ରହିବାକୁ ଓ ତାହାଙ୍କ ନିୟମସବୁ ପାଳନ କରିବାକୁ ପ୍ରତିଜ୍ଞା କଲେ ।

# ଉଦ୍ଧାରକର୍ତ୍ତାଗଣ

## 16:01

ଯିହୋଶୂୟ ମୃତ୍ୟୁ ପରେ, ଇସ୍ରାଏଲୀୟମାନେ ଈଶ୍ୱରଙ୍କର ଅନାଜ୍ଞାବହ ହେଲେ ଏବଂ ସେମାନେ ଅବଶିଷ୍ଟାଂଶ କିଣାନୀୟମାନଙ୍କୁ ବିତାଡିତ କଲେ ନାହିଁ କିମ୍ବା ଈଶ୍ୱରଙ୍କ ବ୍ୟବସ୍ଥାସକଳ ପାଳନ କଲେ ନାହିଁ ।ଇସ୍ରାଏଲୀୟମାନେ ସତ୍ୟ ଈଶ୍ୱର ଯିହୋବାଙ୍କର ଉପାସନା କରିବା ପରିବର୍ତ୍ତେ କିଣାନୀୟମାନଙ୍କ ଦେବତାମାନଙ୍କର ଉପାସନା କରିବାକୁ ଲାଗିଲେ ।ଇସ୍ରାଏଲୀୟମାନଙ୍କର କୌଣସି ରାଜା ନ ଥିଲେ, ତେଣୁ ପ୍ରତ୍ୟେକ ଜଣ ତାଙ୍କ ଦୃଷ୍ଟିରେ ଯାହା ଉତ୍ତମ ଦେଖାଗଲା ସେମାନେ ତାହା କଲେ ।

### କିପରି ଭାବରେ ଇସ୍ରାଏଲୀୟମାନେ ଯିହୋଶୂୟଙ୍କ ମୃତ୍ୟୁ ପରେ ପରମେଶ୍ୱରଙ୍କ ଅବାଧ୍ୟ ହେଲେ ?

ସେମାନେ କିଣାନୀୟମାନଙ୍କୁ ବିତାଡିତ କଲେ ନାହିଁ, ବରଂ ସତ୍ୟ ଈଶ୍ୱର ଯିହୋବାଃଙ୍କର ଉପାସନା କରିବା ପରିବର୍ତ୍ତେ କିଣାନୀୟମାନଙ୍କ ଦେବତାମାନଙ୍କର ଉପାସନା କରିବାକୁ ଲାଗିଲେ ।

---

## 16:02

ଯେହେତୁ ଇସ୍ରାଏଲୀୟମାନେ ଈଶ୍ୱରଙ୍କର ଅନାଜ୍ଞାବହ ହୋଇ ଚାଲିଲେ, ତେଣୁ ଈଶ୍ୱର ଶତ୍ରୁମାନଙ୍କୁ ଅନୁମତି ଦେବା ଦ୍ୱାରା ସେମାନଙ୍କୁ ପରାଜୟ କରାଇ ସେମାନଙ୍କୁ ଦଣ୍ଡ ଦେଲେ ।ଏହି ଶତ୍ରୁମାନେ ଇସ୍ରାଏଲୀୟମାନଙ୍କ ଅନେକ ଜିନିଷଗୁଡିକ ଚୋରି କଲେ, ସେମାନଙ୍କର ସମ୍ପତ୍ତି ବିନାଶ କଲେ, ଏବଂ ସେମାନଙ୍କ ମଧ୍ୟରୁ ଅନେକଙ୍କୁ ହତ୍ୟା କଲେ । ଅନେକ ବର୍ଷ ଈଶ୍ୱରଙ୍କର ଅନାଜ୍ଞାବହ ହୋଇ ଓ ସେମାନଙ୍କର ଶତ୍ରୁଗଣଠାରୁ ଉତ୍ପୀଡିତ ହୋଇ ଇସ୍ରାଏଲୀୟମାନେ ଅନୁତାପ କଲେ ଏବଂ ସେମାନଙ୍କୁ ଉଦ୍ଧାର କରିବା ନିମନ୍ତେ ଈଶ୍ୱରଙ୍କଠାରେ ପ୍ରାର୍ଥନା କଲେ ।

### ସେମାନଙ୍କ ଅନାଜ୍ଞାବହ ଯୋଗୁଁ ପରମେଶ୍ୱର ଇସ୍ରାଏଲୀୟମାନଙ୍କୁ କିପରି ଦଣ୍ଡ ଦେଲେ ?

ସେମାନଙ୍କୁ ପରାସ୍ତ କରିବା ନିମନ୍ତେ ଈଶ୍ୱର ସେମାନଙ୍କ ଶତ୍ରୁମାନଙ୍କୁ ଅନୁମତି ଦେଲେ ।

---

## 16:03

ତା'ପରେ ଈଶ୍ୱର ସେମାନଙ୍କୁ ଜଣେ ଉଦ୍ଧାରକର୍ତ୍ତାଙ୍କୁ ଯୋଗାଇଲେ ଯିଏ ସେମାନଙ୍କୁ ସେମାନଙ୍କ ଶତ୍ରୁଗଣଠାରୁ ରକ୍ଷା କଲେ ଏବଂ ଦେଶରେ ଶାନ୍ତି ଆଣିଲେ ।କିନ୍ତୁ ତାହା ପରେ ଲୋକମାନେ ଈଶ୍ୱରଙ୍କୁ ଭୁଲିଗଲେ ଏବଂ ପୁନର୍ବାର ପ୍ରତିମାପୂଜା କରିବାର ଆରମ୍ଭ କଲେ ।ତେଣୁ ଈଶ୍ୱର ନିକଟସ୍ଥ ଏକ ଶତ୍ରୁ ମିଦିୟୋନୀୟମାନଙ୍କ ଦ୍ୱାର ସେମାନଙ୍କୁ ପରାସ୍ତ ହେବାକୁ ଦେଲେ ।

### ପରମେଶ୍ୱର କିପରି ପ୍ରତିଉତ୍ତର ଦେଲେ ଯେତେବେଳେ ଇସ୍ରାଏଲୀୟମାନେ ସାହାଯ୍ୟ ପାଇଁ ଚିତ୍କାର କଲେ ?

ସେ ଜଣେ ଉଦ୍ଧାରକର୍ତ୍ତାଙ୍କୁ ଯୋଗାଇଲେ ଯିଏ ସେମାନଙ୍କୁ ସେମାନଙ୍କ ଶତ୍ରୁଗଣଠାରୁ ରକ୍ଷା କରିବେ ଏବଂ ଦେଶରେ ଶାନ୍ତି ଆଣିବେ

---

## 16:04

ମିଦିୟୋନୀୟମାନେ ସାତବର୍ଷ ପର୍ଯ୍ୟନ୍ତ ଇସ୍ରାଏଲୀୟମାନଙ୍କ ଫସଲ ନେଲେ ।ଇଶ୍ରାୟେଲୀୟମାନେ ଅତି ଭୟଭୀତ ହେଲେ; ମିଦିୟୋନୀୟମାନେ ଯେପରି ସେମାନଙ୍କୁ ଖୋଜିପାରିବେ ନାହିଁ, ସେଥିପାଇଁ ସେମାନେ ଗୁମ୍ଫାଗୁଡିକରେ ଲୁଚିଲେ ।ପରିଶେଷରେ, ସେମାନଙ୍କୁ ଉଦ୍ଧାର କରିବା ନିମନ୍ତେ ସେମାନେ ଈଶ୍ୱରଙ୍କ ନିକଟରେ ଡାକ ପକାଇଲେ ।

---

## 16:05

ଦିନେ, ଗିଦିୟୋନ ନାମକ ଜଣେ ଇସ୍ରାଏଲ ଗୁପ୍ତରେ ଶଷ୍ୟ ମଳୁଥିଲେ ଯେପରିକି ମିଦିୟୋନୀୟମାନେ ତାହା ନେଇନଯାଆନ୍ତି ।ସଦାପ୍ରଭୁଙ୍କ ଦୂତ ଗିଦିୟୋନଙ୍କ ନିକଟକୁ ଆସି କହିଲେ "ବଳିଷ୍ଠ ଯୋଦ୍ଧା, ଈଶ୍ୱର ତୁମ୍ଭ ସହିତ ଅଛନ୍ତି ।ଯାଅ ଏବଂ ଇସ୍ରାଏଲକୁ ମିଦିୟୋନୀୟମାନଙ୍କଠାରୁ ରକ୍ଷା କର ।"

### ଗିଦିୟୋନ କଣ କରୁଥିଲା ଯେତେବେଳେ ସଦାପ୍ରଭୁଙ୍କ ଦୂତ ତାଙ୍କ ନିକଟକୁ ଆସିଲେ?

ଗିଦିୟୋନ ଗୁପ୍ତରେ ଶଷ୍ୟ ମଳୁଥିଲେ ଯେପରିକି ମିଦିୟୋନୀୟମାନେ ତାହା ଚୋରୀ କରିପାରିବେ ନାହିଁ ।

---

## 16:06

ଏକ ପ୍ରତିମାକୁ ଉତ୍ସର୍ଗୀକୃତ କରିଥିବା ଯଜ୍ଞବେଦୀ ଗିଦିୟୋନଙ୍କ ପିତାଙ୍କଠାରେ ଥିଲା ।ସେହି ଯଜ୍ଞବେଦୀ ଖଣ୍ଡ ଖଣ୍ଡ କରିବାକୁ ଈଶ୍ୱର ଗିଦିୟୋନଙ୍କୁ କହିଲେ ।କିନ୍ତୁ ଗିଦିୟୋନ ଲୋକମାନଙ୍କୁ ଭୟ କଲେ, ତେଣୁ ସେ ରାତ୍ରି ନ ହେବାଯାଏ ଅପେକ୍ଷା କଲେ ।ତେଣୁ ସେ ସେହି ଯଜ୍ଞବେଦୀକୁ ଖଣ୍ଡ ଖଣ୍ଡ କରି ଭାଙ୍ଗିଲେ ଏବଂ ଚୂର୍ଣ୍ଣ କରିଦେଲେ ।ପ୍ରତିମା ନିକଟରେ ଯେଉଁ ଯଜ୍ଞବେଦୀ ଥିଲା ସେହି ଯଜ୍ଞବେଦୀ ନିକଟରେ ସେ ଈଶ୍ୱରଙ୍କ ନିମନ୍ତେ ଏକ ନୂତନ ଯଜ୍ଞବେଦୀ କଲେ ଏବଂ ଈଶ୍ୱରଙ୍କ ନିମନ୍ତେ ବଳୀ ଉତ୍ସର୍ଗ କଲେ ।

---

## 16:07

ପରଦିନ ସକାଳେ ଲୋକମାନେ ଦେଖିଲେ ଯେ କେହିଜଣେ ସେହି ଯଜ୍ଞବେଦୀ ଚିରି ଓ ଭାଙ୍ଗି ବିନଷ୍ଟ କରିଛନ୍ତି, ଏବଂ ସେମାନେ ଅତି କ୍ରୋଧୀ ଥିଲେ ।ସେମାନେ ଗିଦିୟୋନଙ୍କ ଗୃହକୁ ତାଙ୍କ ହତ୍ୟା କରିବା ନିମନ୍ତେ ଗଲେ, କିନ୍ତୁ ଗିଦିୟୋନଙ୍କ ପିତା କହିଲେ "ତୁମ୍ଭେମାନେ କାହିଁକି ତୁମ ଦେବତାକୁ ସାହାଯ୍ୟ କରିବାକୁ ଚେଷ୍ଟା ଚାହୁଁଅଛ?ଯଦି ସେ ଜଣେ ଈଶ୍ୱର, ତେବେ ସେ ନିଜକୁ ରକ୍ଷା କରନ୍ତୁ!"ସେ ଏହି କଥା କହିବାରୁ ଲୋକମାନେ ଗିଦିୟୋନଙ୍କୁ ହତ୍ୟା କଲେ ନାହିଁ ।

---

## 16:08

ତା'ପରେ ମିଦିୟୋନୀୟମାନେ ଇସ୍ରାଏଲୀୟମାନଙ୍କଠାରୁ ଚୋରି କରିବା ନିମନ୍ତେ ପୁନର୍ବାର ଆସିଲେ ।ସେମାନେ ଏତେ ଥିଲେ ଯେ ସେମାନଙ୍କୁ ଗଣି ପାରୁ ନ ଥିଲେ ।ସେମାନଙ୍କ ସହିତ ଯୁଦ୍ଧ କରିବା ନିମନ୍ତେ ଗିଦିୟୋନ ଇସ୍ରାଏଲୀୟମାନଙ୍କୁ ଏକାଠି କଲେ ।ଈଶ୍ୱର ଯେ ଇସ୍ରାଏଲକୁ ଉଦ୍ଧାର କରିବାରେ ତାଙ୍କୁ ବ୍ୟବହାର କରିବେ, ଏ ବିଷୟରେ ନିଶ୍ଚିତ ହେବା ନିମନ୍ତେ ଗିଦିୟୋନ ଈଶ୍ୱରଙ୍କଠାରୁ ଦୁଇଗୋଟି ଚିହ୍ନ ମାଗିଲେ ।

### ପରମେଶ୍ୱର କେଉଁ ଦୁଇଗୋଟି ଚିହ୍ନଗୁଡିକ ଦ୍ୱାରା ପ୍ରମାଣ କରାଇଲେ ଯେ ସେ ଗିଦିୟୋନଙ୍କ ଦ୍ୱାରା ଇସ୍ରାଏଲକୁ ରକ୍ଷା କରିବେ ?

ପରମେଶ୍ୱର ପାହାନ୍ତିଆ କାକରକୁ ଭୁଇଁ ଉପରେ ନ ପକାଇ ଲୁଗା ଉପରେ ପକାଇଲେ ଏବଂ ତା' ପରେ କାକର ଲୁଗା ଉପରେ ନ ପଡି ଭୁଇଁ ଉପରେ ପଡିଲା ।

---

## 16:09

ପ୍ରଥମ ଚିହ୍ନ ସ୍ୱରୂପେ, ଗିଦିୟୋନ ଭୂମିରେ ଏକ ମେଶର ଚମଡା ବିଛାଇ ଏବଂ ଈଶ୍ୱରଙ୍କୁ ପାହାନ୍ତିଆ କାକର ଭୂମି ଉପରେ ନ ପକାଇ କେବଳ ସେହି ଚମଡ ଉପରେ ପକାଇବାକୁ କହିଲେ ।ଈଶ୍ୱର ତାହା କଲେ ।ପର ରାତ୍ରିରେ, ସେ ଈଶ୍ୱରଙ୍କୁ କହିଲେ କେବଳ ଭୂମି ଓଦା ରହୁ କିନ୍ତୁ ଚମଡା ଶୁଖିଲା ରହୁ ।ଈଶ୍ୱର ତାହା ମଧ୍ୟ କଲେ ।ଏହି ଦୁଇଗୋଟି ଚିହ୍ନଗୁଡିକ ଗିଦିୟୋନଙ୍କୁ ନିଶ୍ଚିତ କରାଇଲା ଯେ ଇସ୍ରାଏଲୀୟମାନଙ୍କୁ ମିଦିୟୋନୀୟମାନଙ୍କଠାରୁ ଉଦ୍ଧାର କରିବା ନିମନ୍ତେ ଈଶ୍ୱର ତାହାଙ୍କୁ ବ୍ୟବହାର କରିବେ ।

### ପରମେଶ୍ୱର କେଉଁ ଦୁଇଗୋଟି ଚିହ୍ନଗୁଡିକ ଦ୍ୱାରା ପ୍ରମାଣ କରାଇଲେ ଯେ ସେ ଗିଦିୟୋନଙ୍କ ଦ୍ୱାରା ଇସ୍ରାଏଲକୁ ରକ୍ଷା କରିବେ ?

ପରମେଶ୍ୱର ପାହାନ୍ତିଆ କାକରକୁ ଭୁଇଁ ଉପରେ ନ ପକାଇ ଲୁଗା ଉପରେ ପକାଇଲେ ଏବଂ ତା' ପରେ କାକର ଲୁଗା ଉପରେ ନ ପଡି ଭୁଇଁ ଉପରେ ପଡିଲା ।

---

## 16:10

୩୨,000 ଇସ୍ରାଏଲୀୟ ସୈନ୍ୟମାନେ ଗିଦିୟୋନଙ୍କ ନିକଟକୁ ଆସିଲେ, କିନ୍ତୁ ଇଶ୍ୱର କହିଲେ ଯେ ଏହା ଅତି ଅଧିକ ଅଟେ ।ତେଣୁ ଯେଉଁମାନେ ଯୁଦ୍ଧ କରିବାକୁ ଭୟାଳୁ ଥିଲେ ଏପରି ୨୨,000 ଜଣଙ୍କୁ ସେ ଗୃହକୁ ପଠାଇଦେଲେ।ଇଶ୍ୱର ଗିଦିୟୋନଙ୍କୁ କହିଲେ ଯେ ଏହି ସଂଖ୍ୟା ମଧ୍ୟ ଅତି ଅଧିକ ଅଟେ ।ତେଣୁ ଗିଦିୟୋନ ୩00 ଜଣ ବ୍ୟତୀତ ଅନ୍ୟ ସମସ୍ତଙ୍କୁ ଘରକୁ ପଠାଇଦେଲେ ।

### ଗିଦିୟୋନ କାହିଁକି ୩୦୦ ସୈନ୍ୟମାନଙ୍କୁ ଛାଡି ଅନ୍ୟ ସମସ୍ତଙ୍କୁ ଗୃହକୁ ଯିବାକୁ କହିଲେ ?

ଇଶ୍ୱର ଗିଦିୟୋନଙ୍କୁ କହିଲେ ଯେ ଏହି ସଂଖ୍ୟା ମଧ୍ୟ ଅତି ଅଧିକ ଅଟେ ।

---

## 16:11

ସେହି ରାତ୍ରିରେ ଇଶ୍ୱର ଗିଦିୟୋନଙ୍କୁ କହିଲେ "ମିଦିୟୋନୀୟ ଛାଉଣୀକୁ ଯାଅ ଏବଂ ଯେତେବେଳେ ସେମାନେ କଥାହେବାର ତୁମେ ଶୁଣିବ, ତୁମେ ଆଉ ଭୟଭୀତ ହେବନାହିଁ ।"ତେଣୁ ସେହି ରାତ୍ରିରେ, ଗିଦିୟୋନ ସେହି ଛାଉଣୀକୁ ଗଲେ ଏବଂ ଜଣେ ମିଦିୟୋନୀୟ ସୈନ୍ୟ ଦେଖିଥିବା ସ୍ୱପ୍ନ କିଛି ବିଷୟରେ ତାହାର ବନ୍ଧୁକୁ କହୁଥିବାର ଶୁଣିଲେ ।ସେହି ଲୋକର ବନ୍ଧୁ କହିଲେ "ଏହି ସ୍ୱପ୍ନର ଅର୍ଥ ହେଉଛି ଗିଦିୟୋନଙ୍କର ସୈନ୍ୟ ମିଦିୟୋନୀୟ ସୈନ୍ୟମାନଙ୍କୁ ପରାସ୍ତ କରିବେ!"ଗିଦିୟୋନ ଯେତେବେଳେ ଏହା ଶୁଣିଲେ, ସେ ଇଶ୍ୱରଙ୍କର ଉପାସନା କଲେ ।

### କେଉଁ ଅତିରିକ୍ତ ଚିହ୍ନ ପରମେଶ୍ୱର ଗିଦିୟୋନକୁ ଦେଇଥିଲେ ଯେପରି ସେ ଭୟ ନ କରିବ ?

ଗିଦିୟୋନ ଏକ ମିଦିୟୋନ ସୈନ୍ୟକୁ ତାହାର ସ୍ୱପ୍ନ କହିବାର ଶୁଣିବାକୁ ପାଇଲେ ଯେ ଗିଦିୟୋନଙ୍କର ସୈନ୍ୟବାହିନୀ ମିଦିୟୋନୀୟ ସୈନ୍ୟବାହିନୀକୁ ପରାସ୍ତ କରିବେ

### ଗିଦିୟୋନ ଏହି ମିଦିୟୋନ ସୈନ୍ୟର ସ୍ୱପ୍ନକୁ ଶୁଣିବା ପରେ କଣ କଲେ ?

ସେ ପରମେଶ୍ୱରଙ୍କୁ ଉପାସନା କଲା

---

## 16:12

ସେତେବେଳେ ଗିଦିୟୋନ ତାଙ୍କ ସୈନ୍ୟଗଣ ନିକଟକୁ ଫେରିଯାଇ ପ୍ରତ୍ୟେକଙ୍କୁ ଏକ ତୂରୀ, ଏକ ମାଟି ପାତ୍ର ଓ ଏକ ମଶାଲ ଦେଲେ । ମିଦିୟୋନୀୟ ସୈନ୍ୟମାନେ ଯେଉଁଠି ଶୋଇଥିଲେ ସେମାନେ ସେହି ଛାଉଣୀର ଚାରିପଟ ଘେରିଲେ ।ଗିଦିୟୋନଙ୍କ ୩00 ସୈନ୍ୟ ଯେଉଁ ମାଟିପାତ୍ରଗୁଡିକରେ ସେମାନଙ୍କର ମଶାଲଗୁଡିକ ରଖିଲେ ଯେପରି ମିଦିୟୋନୀୟମାନେ ସେହି ମଶାଲର ଆଲୋକକୁ ଦେଖିପାରିବେ ନାହିଁ ।

---

## 16:13

ତା'ପରେ, ଗିଦିୟୋନଙ୍କ ସମସ୍ତ ସୈନ୍ୟମାନେ ଏକା ସମୟରେ ସେମାନଙ୍କର ମାଟିପାତ୍ରଗୁଡିକ ଭାଙ୍ଗିଲେ,ଯଦ୍ୱାରା ପାତ୍ରରେ ସମସ୍ତ ମଶାଲର ନିଆଁ ହଠାତ୍ ଦେଖାଗଲା ।ସେମାନେ ଧରିଥିବା ତୂରୀଗୁଡିକ ବଜାଇ ଉଚ୍ଚ ସ୍ୱରରେ କହିଲେ "ସଦାପ୍ରଭୁ ଏବଂ ଗିଦିୟୋନଙ୍କ ନିମନ୍ତେ ଏକ ଖଡ୍ଗ!"

### ଗିଦିୟୋନ ଓ ତାଙ୍କ ପୁରୁଷମାନେ ମିଦିୟୋନୀୟମାନଙ୍କୁ କିପରି ଭାବରେ ଆକ୍ରମଣ କଲେ?

ସେମାନେ ମିଦିୟୋନୀୟ ମାନଙ୍କ ଛାଉଣୀକୁ ଚାରି ପଟରୁ ଘେରିଲେ, ମାଟି କଳଷଗୁଡିକୁ ଭାଙ୍ଗି ମଶାଲଗୁଡ଼ିକୁ ବାହାର କରିଲେ, ସେମାନେ ଧରିଥିବା ତୂରୀଗୁଡିକ ବଜାଇଲେ ଏବଂ ଚିତ୍କାର କଲେ, ଏବଂ କହିଲେ,"ସଦାପ୍ରଭୁ ଏବଂ ଗିଦିୟୋନଙ୍କ ନିମନ୍ତେ ଏକ ଖଡ୍ଗ!"

---

## 16:14

ଈଶ୍ୱର ମିଦିୟୋନୀୟମାନଙ୍କୁ ଦ୍ୱନ୍ଦରେ ପକାଇଦେଲେ, ଯଦ୍ୱାରା ସେମାନେ ପରସ୍ପର ଆକ୍ରମଣ କରି ପରସ୍ପରକୁ ହତ୍ୟା କଲେ । ସାଙ୍ଗେ ସାଙ୍ଗେ, ଅବଶିଷ୍ଟାଂଶ ଇସ୍ରାଏଲୀୟମାନଙ୍କୁ ସେମାନଙ୍କ ଗୃହରୁ ଡକାଯାଇ ମିଦିୟୋନୀୟମାନଙ୍କୁ ଗୋଡାଇବାରେ ସାହାଯ୍ୟ କରିବା ନିମନ୍ତେ କୁହାଗଲା । ସେମାନେ ସେମାନଙ୍କ ମଧ୍ୟରୁ ଅନେକଙ୍କୁ ହତ୍ୟା କଲେ ଏବଂ ଅବଶିଷ୍ଟାଂଶ ଅନେକଙ୍କୁ ଇସ୍ରାଏଲ ଦେଶର ବାହାରକୁ ଘଉଡାଇ ନେଲେ ।ସେହି ଦିନ ୧,୨୦,000 ମିଦିୟୋନୀୟ ମଲେ ।ଈଶ୍ୱର ଇସ୍ରାଏଲୀୟମାନଙ୍କୁ ଉଦ୍ଧାର କଲେ ।

### ମିଦିୟୋନୀୟମାନଙ୍କୁ ପରାସ୍ତ କରିବା ନିମନ୍ତେ ପରମେଶ୍ୱର କିଭଳି ଭାବେ ଗିଦିୟୋନକୁ ସାହାଯ୍ୟ କରିଥିଲେ ?

ଈଶ୍ୱର ମିଦିୟୋନୀୟମାନଙ୍କୁ ଦ୍ୱନ୍ଦରେ ପକାଇଲେ, ଯଦ୍ୱାରା ସେମାନେ ପରସ୍ପରକୁ ଆକ୍ରମଣ କରି ହତ୍ୟା କଲେ ।

---

## 16:15

ଲୋକମାନେ ଗିଦିୟୋନଙ୍କୁ ସେମାନଙ୍କ ରାଜା କରିବାକୁ ଚାହିଁଲେ ।ଲୋକମାନେ ସେପରି କରିବାକୁ ଗିଦିୟୋନ ଅନୁମତି ଦେଲେ ନାହିଁ, କିନ୍ତୁ ମିଦିୟୋନୀୟମାନଙ୍କଠାରୁ ସେମାନେ ଯେଉଁସବୁ ସୁବର୍ଣ୍ଣ ମୁଦ୍ରିକାଗୁଡିକ ନେଇଥିଲେ, ସେଗୁଡିକ ମାଗିଲେ ।ଲୋକମାନେ ଗିଦିୟୋନଙ୍କୁ ପ୍ରଚୁର ପରିମାଣର ସୁବର୍ଣ୍ଣ ଦେଲେ ।

---

## 16:16

ତା'ପରେ ମହାଯାଜକ ପରିଧାନ କରୁଥିବା ପୋଷାକ ପରି ଏକ ବିଶେଷ ଧରଣର ବସ୍ତ୍ର ଗିଦିୟୋନ ସେହି ସୁବର୍ଣ୍ଣ ମୁଦ୍ରିକା ବ୍ୟବହାର କରି ପ୍ରସ୍ତୁତ କଲେ ।କିନ୍ତୁ ଏହାକୁ ଏକ ପ୍ରତିମା ଭାବରେ ଲୋକମାନେ ପୂଜା କରିବାକୁ ଲାଗିଲେ ।ତେଣୁ ଈଶ୍ୱର ପୁନର୍ବାର ସେମାନଙ୍କୁ ଦଣ୍ଡ ଦେଲେ କାରଣ ଇସ୍ରାଏଲ ପ୍ରତିମା ପୂଜା କରୁଥିଲେ ।ସେମାନଙ୍କୁ ପରାସ୍ତ କରିବା ନିମନ୍ତେ ଈଶ୍ୱର ସେମାନଙ୍କୁ ଅନୁମତି ଦେଲେ ।ସେମାନେ

ପରିଶେଷରେ ପୁନର୍ବାର ଈଶ୍ଵରଙ୍କ ସାହାଯ୍ୟ ନିମନ୍ତେ ପ୍ରାର୍ଥନା କଲେ, ଏବଂ ଈଶ୍ୱର ସେମାନଙ୍କ ନିମନ୍ତେ ଆଉ ଜଣେ ଉଦ୍ଧାରକର୍ତ୍ତାଙ୍କୁ ପଠାଇଲେ ।

## ଲୋକମାନଙ୍କୁ ମୂର୍ତ୍ତୀ ମାନଙ୍କ ଉପାସନା କରିବା ପାଇଁ ଗିଦିୟୋନ କିପରି କଢ଼ାଇନେଲେ ?

ସେ ସୁନାର ଏକ ବିଶେଷ ଧରଣର ବସ୍ତ୍ର ତିଆରି କଲେ ଏବଂ ଲୋକମାନେ ତାହାକୁ ଏକ ମୂର୍ତ୍ତି ସଦୃଶ ଉପାସନା କରିବାକୁ ଲାଗିଲେ

---

## 16:17

ଏହି ନମୁନା ଅନେକ ଥର ପୁନରାବୃତ୍ତି ହୋଲା: ଇସ୍ରାଏଲୀୟମାନେ ପାପ କଲେ, ଈଶ୍ୱର ସେମାନଙ୍କୁ ଦଣ୍ଡ ଦେଉଥିଲେ, ତା'ପରେ ସେମାନେ ଅନୁତାପ କରୁଥିଲେ ଏବଂ ସେମାନଙ୍କୁ ଉଦ୍ଧାର କରିବା ନିମନ୍ତେ ଈଶ୍ୱର ଜଣେ ଉଦ୍ଧାରକର୍ତ୍ତାଙ୍କୁ ପଠାଉଥିଲେ ।ଅନେକ ବର୍ଷ ଧରି ଈଶ୍ୱର ଅନେକ ଉଦ୍ଧାରକର୍ତ୍ତାମାନଙ୍କୁ ପଠାଇଲେ, ଯେଉଁମାନେ ଇସ୍ରାଏଲୀୟମାନଙ୍କୁ ସେମାନଙ୍କ ଶତ୍ରୁଗଣଠାରୁ ରକ୍ଷା କରୁଥିଲେ ।

## କେଉଁ ବିଷୟକୁ ଇସ୍ରାଏଲୀମାନେ ବାରମ୍ବାର କରୁଥିଲେ ?

ଇସ୍ରାଏଲୀୟମାନେ ପାପ କଲେ, ଈଶ୍ୱର ସେମାନଙ୍କୁ ଦଣ୍ଡ ଦେଉଥିଲେ, ତା'ପରେ ସେମାନେ ଅନୁତାପ କରୁଥିଲେ ଏବଂ ସେମାନଙ୍କୁ ଉଦ୍ଧାର କରିବା ନିମନ୍ତେ ଈଶ୍ୱର ଜଣେ ଉଦ୍ଧାରକର୍ତ୍ତାଙ୍କୁ ପଠାଉଥିଲେ ।

---

## 16:18

ଶେଷରେ, ସମସ୍ତ ଦେଶରେ ଯେପରି ରାଜା ଥିଲେ ଠିକ୍ ସେହିଭଳି ରାଜା ନିଯୁକ୍ତ କରିବା ନିମନ୍ତେ ଲୋକମାନେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କଲେ ।ସେମାନେ ଏପରି ଜଣେ ରାଜାଙ୍କୁ ଚାହିଁଲେ ଯିଏ ଉଚ୍ଚ, ବଳିଷ୍ଠ ଓ ଯିଏ ସେମାନଙ୍କୁ ଯୁଦ୍ଧ ନିମନ୍ତେ ପଥ କଢାଇ ନେବେ ।ଈଶ୍ୱର ଏହି ଅନୁରୋଧକୁ ପସନ୍ଦ କଲେ ନାହିଁ, କିନ୍ତୁ ସେମାନେ ଯେପରି ଚାହିଁଥିଲେ ସେହିପରି ଭାବରେ ଏକ ରାଜା ଦେଲେ ।

## କାହିଁକି ଲୋକମାନେ ପରମେଶ୍ୱରଙ୍କୁ ଏକ ରାଜା ମାଗିଲେ ?

ଅନ୍ୟ ସମସ୍ତ ଦେଶମାନଙ୍କର ରାଜା ଥିଲେ , ଏବଂ କେହିଜଣେ ସେମାନଙ୍କୁ ଯୁଦ୍ଧକ୍ଷେତ୍ରରେ କଢାଇ ନେବା ପାଇଁ ସେମାନେ ଇଚ୍ଛା କଲେ.

## କିପରି ପରମେଶ୍ୱର ସେମାନଙ୍କର ଅନୁରୋଧକୁ ଉତ୍ତର ଦେଲେ ?

ସେମାନେ ଯେପରି ଚାହିଁଥିଲେ ସେହିପରି ଭାବରେ ସେ ଏକ ରାଜା ଦେଲେ ।

# ଈଶ୍ୱରଙ୍କ ନିୟମ ଦାଉଦଙ୍କ ସହିତ

## 17:01

ଶାଉଲ ଇସ୍ରାଏଲର ପ୍ରଥମ ରାଜା ଥିଲେ ।ସେ ଉଚ୍ଚ ଓ ସୁନ୍ଦର ଥିଲେ, ଯେ ଭଳି ରାଜାଙ୍କୁ ଲୋକମାନେ ଚାହିଁଥିଲେ ।ପ୍ରଥମ ଅଳ୍ପ ବର୍ଷ ପାଇଁ ଶାଉଲ ଏକ ଉତ୍ତମ ରାଜା ଥିଲେ ଯେତେବେଳେ ସେ ଇସ୍ରାଏଲ ଉପରେ ଶାସନ କଲେ ।କିନ୍ତୁ ତାହା ପରେ ସେ ଏକ ଦୁଷ୍ଟ ବ୍ୟକ୍ତି ହେଲେ ଯିଏ ଈଶ୍ୱରଙ୍କର ଆଜ୍ଞାବହ କଲେ ନାହିଁ, ତେଣୁ ଈଶ୍ୱର ଏକ ଭିନ୍ନ ବ୍ୟକ୍ତିଙ୍କୁ ମନୋନୀତ କଲେ ଯିଏ ଦିନେ ତାଙ୍କ ସ୍ଥାନରେ ରାଜା ହେଲେ ।

### ଇସ୍ରାଏଲର ପ୍ରଥମ ରାଜା, ଶାଉଲ, ଏକ ଦୁଷ୍ଟ ରାଜା କିମ୍ବା ଭଲ ରାଜା ଥିଲେ ?

ସେ ପ୍ରଥମେ ଅଳ୍ପ କେତେ ବର୍ଷ ପାଇଁ ଉତ୍ତମ ଥିଲେ, କିନ୍ତୁ ତା'ପରେ ସେ ଉତ୍ତମ ନ ଥିଲେ.

---

## 17:02

ଶାଉଲଙ୍କ ପରେ ଈଶ୍ୱର ଜଣେ ଯୁବା ଇସ୍ରାଏଲୀୟକୁ ରାଜା ହେବା ପାଇଁ ମନୋନୀତ କଲେ ।ବେଥଲିହିମ ସହରରୁ ଆସିଥିବା ଦାଉଦ ମେଷପାଳକ ଥିଲେ ।ଭିନ୍ନ ଭିନ୍ନ ସମୟରେ ସେ ଯେତେବେଳେ ତାଙ୍କ ପିତାଙ୍କ ମେଷ ଜଗୁଥିଲେ, ସେତେବେଳେ ଦାଉଦ ତାଙ୍କ ମେଷଗୁଡ଼ିକୁ ଆକ୍ରମଣ କରୁଥିବା ଏକ ସିଂହ ଓ ଏକ ଭାଲୁକୁ ବଧ କରିଥିଲେ ।ଦାଉଦ ଜଣେ ନମ୍ର ଓ ଧାର୍ମିକ ବ୍ୟକ୍ତି ଥିଲେ ଯିଏ ଈଶ୍ୱରଙ୍କଠାରେ ବିଶ୍ୱାସ କରି ତାହାଙ୍କର ଆଜ୍ଞାବହ ହୋଇଥିଲେ ।

### ଦାଉଦ ରାଜା ହେବା ପୂର୍ବରୁ ତାଙ୍କ କାର୍ଯ୍ୟ କ'ଣ ଥିଲା ?

ସେ ଏକ ମେଷପାଳକ ଥିଲେ ଯିଏ ମେଷମାନଙ୍କର ଯତ୍ନ ନେଉଥିଲେ

---

## 17:03

ଦାଉଦ ଜଣେ ସୈନ୍ୟ ଏବଂ ନେତା ହେଲେ ।ଯେତେବେଳେ ଦାଉଦ ଯୁବ ଥିଲେ, ସେ ଗୋଲିୟାତ ନାମକ ଜଣେ ବିରାଟକାୟ ବ୍ୟକ୍ତିଙ୍କ ସହ ଯୁଦ୍ଧ କରିଥିଲେ ।ଗୋଲିୟାତ ଜଣେ ତାଲିମପ୍ରାପ୍ତ, ଅତି ବଳିଷ୍ଠ ସୈନ୍ୟ ଯିଏ ପାଖାପାଖି ତିନି ମିଟର ଉଚ୍ଚ ଥିଲେ । କିନ୍ତୁ ଈଶ୍ୱର ଗୋଲିୟାତକୁ ବଧ କରି ଇସ୍ରାଏଲକୁ ଉଦ୍ଧାର କରିବା ନିମନ୍ତେ ଦାଉଦଙ୍କୁ ସାହାଯ୍ୟ କରିଥିଲେ ।ଏହାପରେ, ଦାଉଦ ଇଶ୍ରାୟେଲର ଶତ୍ରୁଗଣ ଉପରେ ଅନେକ ଥର ବିଜୟୀ ହୋଇଥିଲେ, ଯେଉଁଥିପାଇଁ ଲୋକମାନେ ତାହାଙ୍କର ପ୍ରଶଂସା କଲେ ।

### ଦାଉଦ ଗୋଲୀୟତକୁ ବଧ କରିପାରିବାରେ ଏହା ଏତେ ଆଶ୍ଚର୍ଯ୍ୟ କାହିଁକି ଥିଲା?

ଗୋଲିୟାତ ଜଣେ ତାଲିମପ୍ରାପ୍ତ ସୈନ୍ୟ, ଅତି ବଳିଷ୍ଠ, ଯିଏ ପାଖାପାଖି ତିନି ମିଟର ଉଚ୍ଚ ଥିଲେ ।

## କାହିଁକି ଇସ୍ରାଏଲର ଲୋକମାନେ ଦାଉଦଙ୍କ ପ୍ରଶଂସା କଲେ ?

ସେ ଅନେକ ଥର ଇସ୍ରାଏଲର ଶତ୍ରୁମାନଙ୍କ ଉପରେ ବିଜୟ ହାସଲ କରିଥିଲେ

---

## 17:04

ଦାଉଦଙ୍କ ପ୍ରତି ଲୋକମାନଙ୍କର ପ୍ରେମକୁ ଶାଉଲ ସହିପାରିଲେ ନାହିଁ ।ଶାଉଲ ଅନେକ ସମୟରେ ଦାଉଦଙ୍କୁ ମାରିବାକୁ ଚେଷ୍ଟା କଲେ, ତେଣୁ ଦାଉଦ ଶାଉଲଙ୍କଠାରୁ ଲୁଚିଲେ ।ଦିନେ, ଦାଉଦଙ୍କୁ ମାରିବା ପାଇଁ ଶାଉଲ ତାଙ୍କୁ ଖୋଜୁଥିଲେ ।ଶାଉଲ ସେହି ଗୁମ୍ଫାକୁ ଗଲେ ଯେଉଁଠାରେ ଦାଉଦ ଶାଉଲଠାରୁ ନିଜକୁ ଲୁଚାଉଥିଲେ, କିନ୍ତୁ ଶାଉଲ ତାଙ୍କୁ ଦେଖି ପାରିନଥିଲେ ।ଦାଉଦ ବର୍ତ୍ତମାନ ଶାଉଲଙ୍କର ଅତି ନିକଟରେ ଥିଲେ ଏବଂ ସେ ତାହାକୁ ହତ୍ୟା କରିପାରିଥାନ୍ତେ, କିନ୍ତୁ ସେ ତାହା କଲେ ନାହିଁ ।ବରଂ ଦାଉଦ ଶାଉଲଙ୍କୁ ପ୍ରମାଣ କରିବା ପାଇଁ ଶାଉଲଙ୍କର ଲୁଗାର ଏକ ଖଣ୍ଡକୁ କାଟିଲେ ଯେପରିକି ସେ ରାଜା ହେବା ପାଇଁ ତାହାଙ୍କୁ ହତ୍ୟା କଲେ ନାହିଁ ।

## ଦାଉଦ କ'ଣ କଲେ ଯେତେବେଳେ ତାଙ୍କୁ ଶାଉଲଙ୍କୁ ଗୁମ୍ଫାରେ ବଧ କରିବା ପାଇଁ ସୁଯୋଗ ଥିଲା ?

ସେ ଶାଉଲଙ୍କୁ ଛାଡିଦେଲେଏବଂ କେବଳ ତାଙ୍କ ଲୁଗାର ଏକ ଖଣ୍ଡକୁ କାଟିଲେ .

---

## 17:05

ପରିଶେଷରେ, ଶାଉଲ ଯୁଦ୍ଧରେ ପ୍ରାଣତ୍ୟାଗ କଲେ, ଏବଂ ଦାଉଦ ଇସ୍ରାଏଲର ରାଜା ହେଲେ ।ସେ ଜଣେ ଉତ୍ତମ ରାଜା ଥିଲେ, ଏବଂ ଲୋକମାନେ ତାହାଙ୍କୁ ପ୍ରେମ କରୁଥିଲେ ।ଈଶ୍ୱର ଦାଉଦଙ୍କୁ ଆଶୀର୍ବାଦ କଲେ ଏବଂ ସଫଳତା ଦେଲେ ।ଦାଉଦ ଅନେକ ଯୁଦ୍ଧ କରିଥିଲେ ଏବଂ ଈଶ୍ୱର ଇସ୍ରାଏଲର ଶତ୍ରୁଗଣକୁ ପରାଜୟ କରିବା ନିମନ୍ତେ ତାହାଙ୍କୁ ସାହାଯ୍ୟ କଲେ ।ଦାଉଦ ଯିରୁଶାଲମକୁ ଜୟ କଲେ ଏବଂ ଏହାକୁ ତାହାର ରାଜଧାନୀ ନଗର କଲେ ।ଦାଉଦଙ୍କ ରାଜତ୍ୱ କାଳରେ, ଇସ୍ରାଏଲ ଶକ୍ତିଶାଳୀ ଓ ଧନଶାଳୀ ହେଲେ ।

## କେଉଁ ନଗରକୁ ଦାଉଦ ଜୟଧିକାର କରିଲେ ଏବଂ ପରେ ରାଜଧାନୀ କଲେ ?

ଯିରୁଶାଲମ.

---

## 17:06

ଦାଉଦ ଏକ ମନ୍ଦିର ନିର୍ମାଣ କରିବାକୁ ଚାହିଁଲେ ଯେଉଁଠି ସମସ୍ତ ଇସ୍ରାଏଲ ଈଶ୍ୱରଙ୍କର ଉପାସନା କରିପାରିବେ ଏବଂ ତାଙ୍କ ଉଦ୍ଦେଶ୍ୟରେ ବଳି ଉତ୍ସର୍ଗ କରିପାରିବେ ।ପ୍ରାୟ ୪୦୦ ବର୍ଷ ଧରି, ଲୋକମାନେ ଈଶ୍ୱରଙ୍କର ଉପାସନା କରୁଥିଲେ ଏବଂ ମୋଶା ନିର୍ମାଣ କରିଥିବା ସମାଗମ ତମ୍ବୁରେ ବଳିଗୁଡିକ ଉତ୍ସର୍ଗ କରୁଥିଲେ ।

### ଦାଉଦ ପରମେଶ୍ୱରଙ୍କ ନିମନ୍ତେ କଣ ନିର୍ମାଣ କରିବାକୁ ଚାହୁଁଥିଲେ?

ଦାଉଦ ଏକ ମନ୍ଦିର ନିର୍ମାଣ କରିବାକୁ ଚାହିଁଥିଲେ ଯେଉଁଠି ସମସ୍ତ ଇସ୍ରାଏଲ ଇଶ୍ୱରଙ୍କର ଉପାସନା କରିପାରିବେ ଏବଂ ତାଙ୍କ ଉଦ୍ଦେଶ୍ୟରେ ବଳି ଉତ୍ସର୍ଗ କରିପାରିବେ ।

---

## 17:07

କିନ୍ତୁ ଇଶ୍ୱର ନାଥନ ଭବିଷ୍ୟତବକ୍ତାଙ୍କୁ ଦାଉଦଙ୍କ ନିକଟକୁ ନିମ୍ନ ବାର୍ତ୍ତା ଦେଇ ପଠାଇଲେ "ଯେହେତୁ ତୁମ୍ଭେ ଯୁଦ୍ଧର ଏକ ମନୁଷ୍ୟ ଅଟ, ସେଥିପାଇଁ ତୁମ୍ଭେ ମୋ ନିମନ୍ତେ ଏହି ମନ୍ଦିର ନିର୍ମାଣ କରିବ ନାହିଁ ।"ତୁମ୍ଭର ପୁତ୍ର ତାହା ନିର୍ମାଣ କରିବ ।କିନ୍ତୁ ମୁଁ ତୁମ୍ଭକୁ ବହୁଳ ଭାବରେ ଆଶୀର୍ବାଦ କରିବି ।ତୁମ୍ଭ ବଂଶଧର ମଧ୍ୟରୁ ଜଣେ ମୋ ଲୋକମାନଙ୍କ ଉପରେ ରାଜା ଭାବରେ ଚିରକାଳ ପାଇଁ ରାଜତ୍ୱ କରିବେ!"ଚିରକାଳ ରାଜତ୍ୱ କରିପାରୁଥିବା ଦାଉଦଙ୍କର ଏକମାତ୍ର ବଂଶଧର ହେଉଛନ୍ତି ଖ୍ରୀଷ୍ଟ ।ଖ୍ରୀଷ୍ଟ ଇଶ୍ୱରଙ୍କର ମନୋନୀତ ଯିଏ ଜଗତର ଲୋକମାନଙ୍କୁ ସେମାନଙ୍କ ସମସ୍ତ ପାପରୁ ରକ୍ଷା କରିବେ ।

### କାହିଁକି ପରମେଶ୍ୱର ଦାଉଦଙ୍କୁ ମନ୍ଦିର ତିଆରି କରିବା ପାଇଁ ଅନୁମତି ଦେଲେ ନାହିଁ?

ଦାଉଦ ଏକ ଯୋଦ୍ଧା ବ୍ୟକ୍ତି ଥିଲେ.

### କିଏ ମନ୍ଦିର ତିଆରି କରିବେ ବୋଲି ପରମେଶ୍ୱର କହିଲେ ?

ଦାଉଦଙ୍କ ପୁତ୍ର ତାହାକୁ ତିଆରି କରିବେ.

### ପରମେଶ୍ୱର କେଉଁ ମହାନ ପ୍ରତିଜ୍ଞା ଦାଉଦଙ୍କୁ କରିଥିଲେ?

ଇଶ୍ୱର ରାଜା ଦାଉଦଙ୍କୁ ପ୍ରତିଜ୍ଞା କରି କହିଲେ ଯେ ତାହାଙ୍କ ବଂଶଧରଙ୍କ ମଧ୍ୟରୁ ଜଣେ ଇଶ୍ୱରଙ୍କ ଲୋକମାନଙ୍କ ଉପରେ ଚିରକାଳ ରାଜତ୍ୱ କରିବେ ।

### କେଉଁ ମହାନ୍ କାର୍ଯ୍ୟ ମସୀହା କରିବେ ?

ସେ ଜଗତର ଲୋକମାନଙ୍କୁ ସେମାନଙ୍କ ସମସ୍ତ ପାପରୁ ରକ୍ଷା କରିବେ ।

---

## 17:08

ଯେତେବେଳେ ଦାଉଦ ଏହି ସମସ୍ତ ବାକ୍ୟ ଶୁଣିଲେ, ସେ ସାଙ୍ଗେ ସାଙ୍ଗେ ଇଶ୍ୱରଙ୍କର ଧନ୍ୟବାଦ ଦେଲେ ଏବଂ ତାହାଙ୍କର ପ୍ରଶଂସା କଲେ କାରଣ ସେ ଦାଉଦଙ୍କୁ ଏହି ମହାନ୍ ସମ୍ମାନ ଓ ଅନେକ ଆଶୀର୍ବାଦ ଦେବା ପାଇଁ ପ୍ରତିଜ୍ଞା କରିଥିଲେ ।ଇଶ୍ୱର କେତେବେଳେ ଏହି ସମସ୍ତ ବିଷୟ କରିବେ ତାହା ଦାଉଦ ଜାଣି ନଥିଲେ ।କିନ୍ତୁ ଏପରି ଘଟିଥିଲା, ଇସ୍ରାଏଲୀୟମାନଙ୍କୁ ଖ୍ରୀଷ୍ଟ ଆସିବା ପାଇଁ ପ୍ରାୟ ୧୦୦୦ ବର୍ଷ ଅପେକ୍ଷା କରିବାକୁ ପଡିଥିଲା ।

---

## 17:09

ଅନେକ ବର୍ଷ ଧରି ଦାଉଦ ନ୍ୟାୟ ଓ ବିଶ୍ୱସ୍ତତାରେ ରାଜତ୍ୱ କଲେ ଏବଂ ଈଶ୍ୱର ତାହାଙ୍କୁ ଆଶୀର୍ବାଦ କଲେ ।ଅଥଚ, ତାଙ୍କ ଜୀବନର ଶେଷ ଭାଗରେ ସେ ଈଶ୍ୱରଙ୍କ ବିରୁଦ୍ଧରେ ଭୟଙ୍କର ପାପ କରିଥିଲେ ।

---

## 17:10

ଦିନେ, ଯେତେବେଳେ ଦାଉଦଙ୍କ ସୈନ୍ୟମାନେ ସମସ୍ତେ ଯୁଦ୍ଧ କରିବା ପାଇଁ ଗୃହରୁ ଦୂରରେ ଥିଲେ, ସେ ତାଙ୍କରା ରାଜମହଲରର ବାହାରକୁ ଦେଖିଲେ ଯେ ଜଣେ ସୁନ୍ଦର ସ୍ତ୍ରୀ ସ୍ନାନ କରୁଛନ୍ତି ।ସେହି ସ୍ତ୍ରୀର ନାମ ବେଥଶିବା ଥିଲା ।

### ଦାଉଦ ପରେ ତାଙ୍କ ଜୀବନରେ କେଉଁ ଭୟଙ୍କର ପାପ କରିଥିଲେ ?

ସେ ଉରିୟ ସ୍ତ୍ରୀଙ୍କ ସହିତ ଶୟନ କଲେ ଏବଂ ଉରିୟଙ୍କୁ ହତ୍ୟା କଲେ

---

## 17:11

ଦୃଷ୍ଟିକୁ ଅନ୍ୟତ୍ର କରିବା ପରିବର୍ତ୍ତେ ଦାଉଦ ତାହାଙ୍କୁ ଆଣିବା ନିମନ୍ତେ ଜଣେ ବ୍ୟକ୍ତିଙ୍କୁ ପଠାଇଲେ ।ସେ ତାଙ୍କ ସହ ଶୟନ କଲେ ଏବଂ ତାହାକୁ ତାହାର ଗୃହକୁ ଫେରି ପଠାଇଦେଲେ ।କିଛି ଦିନ ପରେ ବେଥଶିବା ଦାଉଦଙ୍କୁ ଏକ ବାର୍ତ୍ତା ପ୍ରେରଣ କରି କହିଲେ ଯେ ସେ ଗର୍ଭବତୀ ଅଛନ୍ତି ।

### ଦାଉଦ ପରେ ତାଙ୍କ ଜୀବନରେ କେଉଁ ଭୟଙ୍କର ପାପ କରିଥିଲେ ?

ସେ ଉରିୟ ସ୍ତ୍ରୀଙ୍କ ସହିତ ଶୟନ କଲେ ଏବଂ ଉରିୟଙ୍କୁ ହତ୍ୟା କଲେ

---

## 17:12

ଉରିୟ ନାମକ ଜଣେ ବ୍ୟକ୍ତି ଦାଉଦଙ୍କ ସୈନ୍ୟମାନଙ୍କ ମଧ୍ୟରୁ ଜଣେ ଉତ୍ତମ ସୈନ୍ୟ, ବେଥଶିବାଙ୍କ ସ୍ୱାମୀ ଥିଲେ ।ଦାଉଦ ଉରିୟଙ୍କୁ ଯୁଦ୍ଧରୁ ଡାକି ତାଙ୍କ ସ୍ତ୍ରୀଙ୍କ ନିକଟକୁ ଯିବା ପାଇଁ କହିଲେ ।କିନ୍ତୁ ଅନ୍ୟ ସୈନ୍ୟମାନେ ଯୁଦ୍ଧରେ ଥିବା ସମୟରେ ଉରିୟ ଗୃହକୁ ଯିବା ପାଇଁ ମନା କଲେ ।ତେଣୁ ଦାଉଦ ଉରିୟଙ୍କୁ ପୁନର୍ବାର ଯୁଦ୍ଧକ୍ଷେତ୍ରକୁ ପଠାଇଲେ ଏବଂ ସେନାଧ୍ୟକ୍ଷଙ୍କୁ କହିପଠାଇଲେ ଯେ ସେ ଉରିୟଙ୍କୁ ଏପରି ସ୍ଥାନରେ ରଖନ୍ତୁ ଯେଉଁଠି ଶତ୍ରୁ ପକ୍ଷ ଅଧିକ ବଳିଷ୍ଠ ଅଛି ଯେପରିକି ଉରିୟ ଶତ୍ରୁମାନଙ୍କ ଦ୍ୱାରା ବଧ ହେବେ ।

### ଦାଉଦ ପରେ ତାଙ୍କ ଜୀବନରେ କେଉଁ ଭୟଙ୍କର ପାପ କରିଥିଲେ ?

ସେ ଉରିୟ ସ୍ତ୍ରୀଙ୍କ ସହିତ ଶୟନ କଲେ ଏବଂ ଉରିୟଙ୍କୁ ହତ୍ୟା କଲେ

---

## 17:13

ଉରିୟଙ୍କୁ ବଧ କରାଗଲା ପରେ, ଦାଉଦ ବେଥଶିବାଙ୍କୁ ବିବାହ କଲେ ।ପରେ, ସେ ଦାଉଦଙ୍କ ପୁତ୍ରଙ୍କୁ ଜନ୍ମ ଦେଲେ ।ଦାଉଦ ଯାହା କରିଥିଲେ ସେଥିଯୋଗୁଁ ଈଶ୍ୱର ଅତିଶୟ କ୍ରୋଧୀ ହୋଇଥିଲେ, ତେଣୁ ସେ ତାଙ୍କ ନିକଟକୁ ନାଥନ ଭବିଷ୍ୟତବକ୍ତାଙ୍କୁ ପଠାଇ ତାଙ୍କ ପାପ କିପରି ମନ୍ଦ ଥିଲା ତାହା ଜଣାଇଥିଲେ ।ଦାଉଦ ତାଙ୍କ ପାପ ଯୋଗୁଁ ଅନୁତାପ କଲେ ଏବଂ ଈଶ୍ୱର ତାଙ୍କୁ କ୍ଷମା ଦେଲେ ।ଦାଉଦ ତାଙ୍କ ଅବଶିଷ୍ଟାଂଶ ଜୀବନରେ, ଏପରିକି ତାଙ୍କର କଷ୍ଟକର ସମୟରେ ମଧ ଈଶ୍ୱରଙ୍କର ଅନୁଗମନ କରି ତାଙ୍କର ଆଜ୍ଞାବହ ହେଲେ ।

### ଦାଉଦ କଣ କଲେ ଯେତେବେଳେ ନାଥନ ଭବିଷ୍ୟତବକ୍ତା ତାଙ୍କ ପାପକୁ ତାଙ୍କ ସମ୍ମୁଖରେ ଆଣିଲେ ?

ଦାଉଦ ତାଙ୍କ ପାପ ପାଇଁ ଅନୁତାପ କଲେ ଏବଂ ପରମେଶ୍ୱର ତାଙ୍କୁ କ୍ଷମା ଦେଲେ ।

---

## 17:14

କିନ୍ତୁ ଦାଉଦଙ୍କ ପାପର ଦଣ୍ଡ ସ୍ୱରୂପେ ତାଙ୍କ ପୁତ୍ରଟି ମରିଗଲା ।ଦାଉଦଙ୍କ ଅବଶିଷ୍ଟାଂଶ ଜୀବନ କାଳ ସମୟ ମଧରେ ପରିବାରରେ କଳି ଲାଗି ରହିଥିଲା, ଏବଂ ଦାଉଦଙ୍କର ଶକ୍ତି ଅତିଶୟ ଦୁର୍ବଳ ହୋଇଯାଇଥିଲା ।ଯଦିଓ ଦାଉଦ ଈଶ୍ୱରଙ୍କ ପ୍ରତି ଅବିଶ୍ୱସ୍ତ ଥିଲେ, ତଥାପି ଈଶ୍ୱର ତାହାଙ୍କ ପ୍ରତିଜ୍ଞାଗୁଡିକ ରକ୍ଷା କରିବା ନିମନ୍ତେ ବିଶ୍ୱସ୍ତ ଥିଲେ ।ପରବର୍ତ୍ତୀ ସମୟରେ ଦାଉଦ ଓ ବେଥଶିବାଙ୍କଠାରୁ ପୁଣି ଏକ ପୁତ୍ର ଜନ୍ମ ହେଲା, ଏବଂ ସେମାନେ ତାହାକୁ ଶଲୋମୋନ ନାମ ଦେଲେ ।

### ଦାଉଦଙ୍କ ପାପର ଫଳସ୍ୱରୂପେ ପରମେଶ୍ୱର କିପରି ଦଣ୍ଡ ଦେଇଥିଲେ ?

ଦାଉଦ'ଙ୍କ ପୁତ୍ର ସନ୍ତାନ ମୃତ୍ୟୁବରଣ କଲେ, ଦାଉଦଙ୍କ ଅବଶିଷ୍ଟାଂଶ ଜୀବନ କାଳ ସମୟରେ, ପରିବାରରେ କଳି ଲାଗି ରହିଥିଲା, ଏବଂ ଦାଉଦଙ୍କର ଶକ୍ତି ଅତିଶୟ ଦୁର୍ବଳ ହୋଇଯାଇଥିଲା ।

### ଦାଉଦଙ୍କ ଅବିଶ୍ୱସ୍ତତା ଯୋଗୁଁ ପରମେଶ୍ୱର କଣ ତାଙ୍କ ପ୍ରତିଜ୍ଞାକୁ ରକ୍ଷା କରିବେ ?

ହଁ

### ପରବର୍ତ୍ତୀ ସମୟରେ ଦାଉଦ ଏବଂ ବତଶେବାଙ୍କ ଦ୍ୱାରା ଜନ୍ମ ଲାଭ କରିଥିବା ସନ୍ତାନର ନାମ କଣ ଥିଲା ?

ଶଲୋମନ.

# ବିଭକ୍ତ ରାଜ୍ୟ

## 18:01

ଅନେକ ବର୍ଷ ପରେ ଦାଉଦ ମୃତ୍ୟୁବରଣ କଲେ, ଏବଂ ତାଙ୍କ ପୁତ୍ର ଶଲୋମୋନ ଇସ୍ରାଏଲ ଉପରେ ରାଜତ୍ୱ କରିବାକୁ ଆରମ୍ଭ କଲେ ।ଈଶ୍ୱର ଶଲୋମୋନଙ୍କୁ ,ଏବଂ ସେ କେଉଁ ବିଷୟକୁ ସବୁଠାରୁ ଅଧିକ ଚାହାନ୍ତି ତାହା ପଚାରିଲେ ।ଯେତେବେଳେ ଶଲୋମୋନ ଜ୍ଞାନ ପାଇଁ ପ୍ରାର୍ଥନା କଲେ, ଈଶ୍ୱର ସେଥିରେ ସନ୍ତୁଷ୍ଟ ହୋଇଥିଲେ ଏବଂ ତାହାଙ୍କୁ ପୃଥିବୀର ସବୁଠାରୁ ଅଧିକ ଜ୍ଞାନୀ କଲେ ।ଶଲୋମୋନ ଅନେକ ବିଷୟ ଶିଖିଲେ ଏବଂ ସେ ଜଣେ ଅତି ଜ୍ଞାନବାନ ବିଚାରକର୍ତ୍ତା ହେଲେ ।ଆହୁରି ମଧ ଈଶ୍ୱର ତାହାଙ୍କୁ ଅତି ଧନଶାଳୀ କଲେ ।

### ଶଲୋମନ ପରମେଶ୍ୱରଙ୍କୁ କଣ ଦେବା ପାଇଁ ପଚାରିଲେ?

ଜ୍ଞାନ.

---

## 18:02

ଯିରୁଶାଲମରେ, ଶଲୋମୋନ ମନ୍ଦିର ନିର୍ମାଣ କଲେ ଯାହା ତାଙ୍କ ପିତା ଯୋଜନା କରିଥିଲେ ଏବଂ ଉପକରଣଗୁଡିକ ସଂଗ୍ରହ କରି ରଖିଥିଲେ ।ଲୋକମାନେ ଈଶ୍ୱରଙ୍କ ଉପାସନା ଏବଂ ନୈବେଦ୍ୟ ଉତ୍ସର୍ଗ ସମାଗମ ତମ୍ବୁରେ କରିବା ପରିବର୍ତ୍ତେ ମନ୍ଦିରରେ କରିବାକୁ ଲାଗିଲେ ।ଈଶ୍ୱର ଆସିଲେ ଏବଂ ମନ୍ଦିରରେ ଉପସ୍ଥିତ ରହିଲେ, ଓ ସେ ତାଙ୍କ ଲୋକମାନଙ୍କ ସହିତ ବାସ କଲେ ।

### ଶଲୋମନ ନିର୍ମାଣ କରିଥିବା ମନ୍ଦିରର ଉଦ୍ଦେଶ୍ୟ କଣ ଥିଲା ?

ଲୋକମାନେ ପରମେଶ୍ୱରଙ୍କୁ ଉପାସନା ଏବଂ ବଳି.ଉତ୍ସଗ କରିବା ନିମନ୍ତେ ଏହି ସ୍ଥାନ ଥିଲା

---

## 18:03

କିନ୍ତୁ ଶଲୋମୋନ ଅନ୍ୟ ଦେଶମାନଙ୍କ ସ୍ତ୍ରୀମାନଙ୍କୁ ପ୍ରେମ କଲେ ।ସେ ୧୦୦୦ ବିଦେଶୀୟ ମହିଳାମାନଙ୍କୁ ବିବାହ କରି ଈଶ୍ୱରଙ୍କର ଅନାଜ୍ଞାବହ ହୋଇଥିଲେ । ଏହି ମହିଳାମାନଙ୍କ ମଧ୍ୟରୁ ଅନେକେ ବାହାର ଦେଶରୁ ଆସିଥିଲେ ଏବଂ ସେମାନଙ୍କ ସହ ସେମାନଙ୍କର ଦେବତାଗୁଡିକୁ ଆଣିଥିଲେ ଏବଂ ନିରନ୍ତର ସେମାନଙ୍କୁ ଉପାସନା କଲେ ।ଶଲୋମୋନ ଯେତେବେଳେ ବୃଦ୍ଧ ହେଲେ, ସେ ମଧ ସେମାନଙ୍କର ସେମାନଙ୍କ ଦେବତାମାନଙ୍କୁ ଉପାସନା କଲେ ।

### ଶଲୋମୋନ କେଉଁ ଗମ୍ଭୀର ପାପ କରିଥିଲେ?

ସେ ତାଙ୍କ ବୃଦ୍ଧ ବୟସ ସମୟରେ ଅନେକ ବିଦେଶୀ ସ୍ତ୍ରୀମାନଙ୍କୁ ବିବାହ କଲେ ଏବଂ ସେମାନଙ୍କର ଦେବତାଗଣମାନଙ୍କୁ ଉପାସନା କରୁଥିଲେ .

---

## 18:04

ଈଶ୍ୱର ଶଲୋମୋନଙ୍କ ଠାରେ କ୍ରୋଧୀତ ଥିଲେ ଏବଂ ଶଲୋମୋନଙ୍କ ଅବିଶ୍ୱସ୍ତତାର ଦଣ୍ଡ ସ୍ୱରୂପେ ଶଲୋମୋନଙ୍କ ମୃତ୍ୟୁପରେ ସେ ଇସ୍ରାଏଲ ଦେଶକୁ ଦୁଇଗୋଟି ରାଜ୍ୟ ବିଭକ୍ତ କରିବା ନିମନ୍ତେ ନିଷ୍ପତ୍ତି ନେଲେ ।

### ପରମେଶ୍ୱର କିପରି ଶଲୋମୋନଙ୍କ ପାପ ଯୋଗୁଁ ଦଣ୍ଡ ଦେଲେ ?

ପରମେଶ୍ୱର ଶଲୋମୋନଙ୍କ ମୃତ୍ୟୁ ପରେ ଇସ୍ରାଏଲ ଦେଶକୁ ଦୁଇ ରାଜ୍ୟରେ ବିଭକ୍ତ କରିବେ ବୋଲି ପ୍ରତିଜ୍ଞା କଲେ.

---

## 18:05

ଶଲୋମୋନଙ୍କ ମୃତ୍ୟୁ ପରେ, ତାହାଙ୍କ ପୁତ୍ର ରିହବିୟାମ ରାଜା ହେଲେ ।ରିହବିୟାମ ଜଣେ ଦୁଷ୍ଟ ବ୍ୟକ୍ତି ଥିଲେ ।ଇସ୍ରାଏଲ ଦେଶର ସମସ୍ତ ଲୋକ ମାନେ ଏକତ୍ର ହୋଇ ତାହାଙ୍କୁ ଏକ ରାଜା ଭାବରେ ନିଶ୍ଚିତ କଲେ ।ସେମାନେ ରିହବିୟାମଙ୍କୁ ଅଭିଯୋଗ କରି କହିଲେ ଯେ ଶଲୋମୋନ ସେମାନଙ୍କୁ କଠିନ କାର୍ଯ୍ୟ କରିବାକୁ ଓ ଅନେକ କର ଦେବାକୁ ପଡୁଥିଲା ।

---

## 18:06

ରିହବିୟାମ ସେମାନଙ୍କୁ କଠୋର ହୋଇ ଉତ୍ତର ଦେଲେ "ତୁମ୍ଭେମାନେ ଭାବୁଅଛ ମୋ ପିତା ଶଲୋମୋନ ତୁମ୍ଭମାନଙ୍କୁ କଠିନ କାର୍ଯ୍ୟ କରାଇଅଛନ୍ତି, କିନ୍ତୁ ତାଙ୍କ ଠାରୁ ମୁଁ ଆହୁରି ଅଧିକ କଷ୍ଟକର କାର୍ଯ୍ୟ କରିବାକୁ ଦେବି, ଏବଂ ତାଙ୍କ ଠାରୁ ଅଧିକ ମୁଁ ତୁମ୍ଭମାନଙ୍କୁ କଠୋର ଭାବରେ ଦଣ୍ଡ ଦେବି ।"

### କେଉଁ ମୂର୍ଖତା ଉତ୍ତର ରିହବିୟାମ ଲୋକମାନଙ୍କୁ ଦେଲେ ?

ମୁଁ ତୁମ୍ଭମାନଙ୍କୁ ମୋର ପିତା ଶଲୋମୋନଙ୍କ ଠାରୁ ଅଧିକ କଠିନ କରାଇବି ଏବଂ ଦଣ୍ଡ ମଧ ଦେବି.

---

## 18:07

ଇସ୍ରାଏଲ ଦେଶର ଦଶ ଗୋଷ୍ଠୀ ରିହବିୟାମଙ୍କ ବିରୁଦ୍ଧରେ ବିରୋଧ କଲେ ।କେବଳ ଦୁଇଗୋଟି ଗୋଷ୍ଠୀ ତାହାଙ୍କ ପ୍ରତି ବିଶ୍ୱସ୍ତ ରହିଲେ । ଏହି ଦୁଇ ଗୋଷ୍ଠୀ ଯିହୂଦା ରାଜ୍ୟ ହେଲା ।

### ଦକ୍ଷିଣରେ ରିହବିୟାମଙ୍କ ସହିତ ରହିଯାଇଥିବା ଦୁଇ ଗୋଷ୍ଠିମାନେ ଯେଉଁ ରାଜ୍ୟକୁ ସ୍ଥାପନ କଲେ, ସେହି ରାଜବଂଶର ନାମ କଣ ଥିଲା ?

ଯିହୂଦାର ରାଜବଂଶ.

---

## 18:08

ଇସ୍ରାଏଲ ଦେଶର ଅନ୍ୟ ଦଶଗୋଟି ଜାତି ରିହବିୟାମଙ୍କ ବିରୁଦ୍ଧରେ ବିଦ୍ରୋହ କଲେ ଏବଂ ଯାରବିୟାମ ନାମକ ଜଣେ ବ୍ୟକ୍ତିଙ୍କୁ ସେମାନଙ୍କର ରାଜା ହେବା ନିମନ୍ତେ ନିଯୁକ୍ତ କଲେ ।ସେମାନେ ଉତ୍ତର ଭାଗରେ ସେମାନଙ୍କର ରାଜ୍ୟ ସ୍ଥାପନ କଲେ ଏବଂ ସେମାନଙ୍କୁ ଇସ୍ରାଏଲ ରାଜ୍ୟ ବା ପ୍ରଦେଶ କୁହାଗଲା ।

### ରିହବିୟାମ ବିରୁଦ୍ଧରେ କେଉଁ କେଉଁ ଗୋଷ୍ଠି ମାନେ ବିଦ୍ରୋହ କଲେ ଏବଂ ପରେ ଉତ୍ତର ରାଜବଂଶ ସ୍ଥାପିତ କଲେ ?

ଦଶ ଗୋଷ୍ଠି ଇସ୍ରାଏଲ ରାଜ୍ୟର ସହିତ ମିଶିଲେ.

---

## 18:09

ଯାରବିୟାମ ଇଶ୍ୱରଙ୍କ ବିରୁଦ୍ଧରେ ବିଦ୍ରୋହ କଲେ ଏବଂ ଲୋକମାନଙ୍କୁ ପାପ କରାଇଲେ ।ଯିହୂଦା ରାଜ୍ୟରେ ଥିବା ମନ୍ଦିରରେ ଈଶ୍ୱରଙ୍କ ଉପାସନା କରିବା ପରିବର୍ତ୍ତେ ସେ ପ୍ରତିମା ପୂଜା କରିବା ନିମନ୍ତେ ତାଙ୍କ ଲୋକମାନଙ୍କ ପାଇଁ ଦୁଇଟି ପ୍ରତିମାଗୁଡିକ ନିର୍ମାଣ କଲେ ।

### ଯିହୁଦା କୁ ଯାଇ ମନ୍ଦିରରେ ଏକ ଉପାସନା କରିବା ପରିବର୍ତ୍ତେ ଯାରବିୟାମ ଲୋକମାନଙ୍କ ପାଇଁ କଣ କଲେ ?

ସେ ଉପାସନା କରିବା ପାଇଁ ଲୋକମାନଙ୍କ ନିମନ୍ତେ ଦୁଇଗୋଟି ପ୍ରତିମାଗୁଡିକୁ ନିର୍ମାଣ କଲେ.

---

## 18:10

ଯିହୂଦା ରାଜ୍ୟ ଓ ଇସ୍ରାଏଲ ରାଜ୍ୟ ଶତ୍ରୁରେ ପରିଣତ ହେଲେ ଏବଂ ଅନେକ ଥର ପରସ୍ପର ବିରୁଦ୍ଧରେ ଯୁଦ୍ଧ କରୁଥିଲେ ।

---

## 18:11

ନୂତନ ରାଜ୍ୟ ଇସ୍ରାଏଲରେ ସମସ୍ତ ରାଜା ମନ୍ଦ ଥିଲେ ।ଏହି ସମସ୍ତ ରାଜାମାନଙ୍କ ମଧ୍ୟରୁ ଅନେକ ରାଜା ଅନ୍ୟ ଇସ୍ରାଏଲୀୟମାନଙ୍କ ଦ୍ଵାରା ବଧ ହୋଇଥିଲେ ଯେଉଁମାନେ ସେମାନଙ୍କ ସ୍ଥାନରେ ରାଜା ହେବାକୁ ଚାହିଁଲେ ।

### ଇସ୍ରାଏଲର କେଉଁ କେଉଁ ରାଜା ମାନେ ପରମେଶ୍ୱରଙ୍କ ପ୍ରତି ବିଶ୍ବସ୍ତ ଥିଲେ ?

କେହିନୁହେଂ.

---

## 18:12

ସମସ୍ତ ରାଜାମାନେ ଓ ଇସ୍ରାଏଲ ରାଜ୍ୟର ସମସ୍ତ ଲୋକ ପ୍ରତିମା ପୂଜା କରୁଥିଲେ ।ସେମାନଙ୍କ ପ୍ରତିମା ପୂଜାରେ ଅନେକ ସମୟରେ ଯୌନ ଅଶୁଚିତା ଏବଂ ଏପରିକି ବେଳେବେଳେ ଶିଶୁ ବଳିଦାନ ହେଉଥିଲା ।

### କେଉଁ କେଉଁ ମନ୍ଦ ଅଭ୍ୟାସଗୁଡିକ, ଯାହା ପ୍ରତିମାଗୁଡିକର ଉପାସନାରେ ଅନ୍ତର୍ଭୁକ୍ତ ଥିଲା?

ଯୌନ ଅଶୁଚିତା ଓ ଶିଶୁ ବଳିଦାନ.

---

## 18:13

ଯିହୂଦାର ରାଜାମାନେ ଦାଉଦଙ୍କ ବଂଶଧର ଥିଲେ ।ଏହି ସମସ୍ତ ରାଜାଙ୍କ ମଧ୍ୟରୁ ଅନେକେ ଉତ୍ତମ ବ୍ୟକ୍ତି ଥିଲେ ଯେଉଁମାନେ କି ନ୍ୟାୟ୍ ଭାବରେ ରାଜତ୍ୱ କରୁଥିଲେ ଏବଂ ଈଶ୍ୱରଙ୍କ ଉପାସନା କରୁଥିଲେ ।କିନ୍ତୁ ଯିହୂଦାର ଅଧିକାଂଶ ରାଜାମାନେ ମନ୍ଦ ଏବଂ ଭ୍ରଷ୍ଟ ଥିଲେ ଏବଂ ସେମାନେ ପ୍ରତିମାପୂଜା କରୁଥିଲେ ।କେତେକ ରାଜାମାନେ ଏପରିକି ସେମାନଙ୍କ ପିଲାମାନଙ୍କୁ ଭ୍ରାନ୍ତ ଦେବତାମାନଙ୍କୁ ବଳିଦାନ କରୁଥିଲେ । ଯିହୂଦାର ଅଧିକାଂଶ ଲୋକମାନେ ମଧ୍ୟ ଈଶ୍ୱରଙ୍କ ବିରୁଦ୍ଧରେ ବିଦ୍ରୋହ କଲେ ଏବଂ ଅନ୍ୟ ଦେବତାମାନଙ୍କ ଉପାସନା କରୁଥିଲେ ।

### ଯିହୂଦାର ରାଜାମାନଙ୍କର ପୂର୍ବପୁରୁଷ କିଏ ଥିଲେ ?

ରାଜା ଦାଉଦ.

### ଯିହୁଦାର କୌଣସି ରାଜାମାନେ ପରମେଶ୍ୱରଙ୍କ ପ୍ରତି ବିଶ୍ବସ୍ତ ଥିଲେ କି ?

ହଁ,, କିଛି ବିଶ୍ୱସ୍ତ ଥିଲେ , କିନ୍ତୁ ଅଧିକ ମନ୍ଦ ଥିଲେ .

# ଭବିଷ୍ୟତବକ୍ତାମାନେ (ଭାବବାଦୀମାନେ)

## 19:01

ଇସ୍ରାଏଲୀୟମାନଙ୍କ ଇତିହାସରେ, ଈଶ୍ୱର ସେମାନଙ୍କ ନିକଟକୁ ଭାବବାଦୀମାନଙ୍କୁ ପଠାଇଥିଲେ । ଭାବବାଦୀଗଣ ଈଶ୍ୱରଙ୍କଠାରୁ ସମ୍ବାଦ ଶୁଣିଏବଂ ତା'ପରେ ଈଶ୍ୱରଙ୍କ ସମ୍ବାଦଗୁଡିକୁ ଲୋକମାନଙ୍କୁ କହୁଥିଲେ ।

### କେଉଁ ଠାରୁ ଭବିଷ୍ୟତବକ୍ତା ସମ୍ବାଦ ପାଉଥିଲେ ଯେ ସେମାନେ ଲୋକମାନଙ୍କୁ କହୁଥିଲେ?

ସେମାନେ ପରମେଶ୍ୱରଙ୍କ ଠାରୁ ସମ୍ବାଦ ଗୁଡିକ ପାଉଥିଲେ .

---

## 19:02

ଆହାବ ଯେତେବେଳେ ଇସ୍ରାଏଲ ରାଜ୍ୟର ରାଜା ଥିଲେ ସେତେବେଳେ ଏଲୀୟ ଜଣେ ଭାବବାଦୀ ଥିଲେ ।ଆହାବ ଜଣେ ମନ୍ଦ ବ୍ୟକ୍ତି ଥିଲେ ଯିଏ ବାଲ୍ ନାମକ ଜଣେ ଭ୍ରାନ୍ତ ଦେବତାକୁ ପୂଜା କରିବା ନିମନ୍ତେ ଲୋକମାନଙ୍କୁ ଉତ୍ସାହିତ କରୁଥିଲେ ।ଏଲୀୟ ଆହବଙ୍କୁ କହିଲେ, "ମୁଁ ନ କହିବା ପର୍ଯ୍ୟନ୍ତ ଇସ୍ରାଏଲ ଦେଶରେ କୌଣସି ପ୍ରକାରେ ବର୍ଷା ବା କାକର ପଡିବ ନାହିଁ ।"ଏହା ଦ୍ୱାରା ଆହାବ ଅତିଶୟ ରାଗିଗଲେ ।

### ଏଲୀୟ ରାଜା ଆହାବଙ୍କୁ କେଉଁ ଭାବବାଣୀ କହିଲେ?

ଇସ୍ରାଏଲରେ ବର୍ଷା କିମ୍ବା କାକର ପଡିବ ନାହିଁ ଯେ ପର୍ଯ୍ୟନ୍ତ ମୁଁ ନ କହେ

---

## 19:03

ଏଲୀୟଙ୍କୁ ହତ୍ୟା କରିବା ପାଇଁ ଚାହୁଁଥିବା ଆହବଙ୍କଠାରୁ ନିଜକୁ ପ୍ରାନ୍ତରରେ ଥିବା ଏକ ଝରଣାରେ ଲୁଚାଇବା ନିମନ୍ତେ ଈଶ୍ୱର ଏଲୀୟଙ୍କୁ କହିଥିଲେ ।ପ୍ରତି ସକାଳ ଓ ପ୍ରତି ସନ୍ଧ୍ୟାରେ ପକ୍ଷୀଗୁଡିକ ରୋଟୀ ଓ ମାଂସ ଆଣି ଦେଉଥିଲେ । ଆହାବ ଓ ତାହାଙ୍କ ସୈନ୍ୟ ଏଲୀୟଙ୍କୁ ଖୋଜିଲେ, କିନ୍ତୁ ସେମାନେ ତାଙ୍କୁ ପାଇପାରିଲେ ନାହିଁ ।ମରୁଡି ଏତେ ପ୍ରଖର ଥିଲା ଯେ ଝରଣା ପରିଶେଷରେ ଧିରେ ଧିରେ ଶୁଖିଗଲା ।

### ପରମେଶ୍ୱର ଏଲୀୟଙ୍କ ନିମନ୍ତେ କିପରି ଯୋଗାଉଥିଲେ ଯେତେବେଳେ ଏଲୀୟ ନିଜକୁ ମରୁପ୍ରାନ୍ତରରେ ଲୁଚାଇଥିଲେ?

ପରମେଶ୍ୱର ପକ୍ଷୀମାନଙ୍କୁ ପ୍ରତ୍ୟେକ ସକାଳ ଓ ସନ୍ଧ୍ୟାରେ ରୋଟି ଓ ମାଂସ ସହିତ ପଠାଉଥିଲେ.

---

## 19:04

ତେଣୁ ଏଲୀୟ ଏକ ପଡୋଶୀ ଦେଶକୁ ପଳାଇଗଲେ ।ଦୁର୍ଭିକ୍ଷ ପଡିବାରୁ ସେହି ଦେଶର ଜଣେ ବିଧବା ଓ ତା' ପୁତ୍ରର ଖାଦ୍ୟ ସରିଯାଇଥିଲା । କାରଣ ବର୍ଷାର ଅଭାବ ଯୋଗୁଁ ଦୁର୍ଭିକ୍ଷ ହୋଇଥିଲାକିନ୍ତୁ ସେମାନେ ଏଲୀୟଙ୍କର ଯତ୍ନ ନେଲେ, ଏବଂ ଈଶ୍ୱର ସେମାନଙ୍କୁ ଖାଦ୍ୟ ଯୋଗାଇଲେ ଯେପରିକି ସେମାନଙ୍କ ମଇଦା କଳସ ଏବଂ ତୈଳ ପାତ୍ର କେବେ ଶୂନ୍ୟ ହୋଇନଥିଲା ।ସେହି ଦୁର୍ଭିକ୍ଷର ସମ୍ପୂର୍ଣ ସମୟରେ ସେମାନଙ୍କର ଖାଦ୍ୟ ରହିଥିଲା ।ଏଲୀୟ ସେଠାରେ ଅନେକ ବର୍ଷ ପର୍ଯ୍ୟନ୍ତ ରହିଲେ ।

### କିପରି ପରମେଶ୍ୱର ଏଲୀୟଙ୍କୁ ଯୋଗାଉଥିଲେ ଯେତେବେଳେ ସେ ବିଧବା ଓ ତାଙ୍କୁ ପୁତ୍ର ସହିତ ରହୁଥିଲେ ?

ପରମେଶ୍ୱର ସେମାନଙ୍କର ମଇଦା କଳସ ଓ ପାତ୍ରର ତୈଳକୁ କେବେହେଲେ ଶୁନ୍ୟ ହେବାକୁ ଦେଲେନାହିଁ

---

## 19:05

ସାଢେ ତିନି ବର୍ଷ ପରେ, ଈଶ୍ୱର ଏଲିୟଙ୍କୁ ଇସ୍ରାୟେଲ ଦେଶକୁ ଫେରି ଯିବାକୁ କହିଲେ, ଏବଂ ଆହାବଙ୍କୁ କହିବାକୁ ଯେ ସେ ପୁନର୍ବାର୍ ବର୍ଷା ପଠାଇବାକୁ ଯାଉଛନ୍ତି, ।ଯେତେବେଳେ ଆହାବ ଏଲୀୟଙ୍କୁ ଦେଖିଲେ, ସେ କହିଲେ "ଏହି କି ତୁମ୍ଭେ ସମସ୍ୟା ସୃଷ୍ଟିକାରୀ!"ଏଲୀୟ ତାଙ୍କୁ ଉତ୍ତର ଦେଲେ "ତୁମ୍ଭେ ସମସ୍ୟା ସୃଷ୍ଟିକାରୀ!ତୁମ୍ଭେ ସତ୍ୟ ଈଶ୍ୱର ସଦାପ୍ରଭୁଙ୍କୁ ପରିତ୍ୟାଗ କରିଅଛ ଏବଂ ବାଲ୍ ଦେବତାର ଉପାସନା କରିଅଛ ।ଇସ୍ରାୟେଲ ରାଜ୍ୟର ସମସ୍ତ ଲୋକଙ୍କୁ କର୍ମିଲ ପର୍ବତ ନିକଟକୁ ଆଣ ।"

### ଆହାବ୍ କରିଥିବା କେଉଁ ମହାନ୍ ମନ୍ଦ ବିଷୟରେ ଏଲିୟ କହିଥିଲେ ?

ଆହାବ , ସେ ସତ୍ୟ ଈଶ୍ୱର, ସଦାପ୍ରଭୁଙ୍କୁ ପରିତ୍ୟାଗ କରିଥିଲେ, ଏବଂ ବାଲ୍ ର ଉପାସନା କରୁଥିଲେ

---

## 19:06

୪୫୦ ବାଲ୍ ଭବିଷ୍ୟତ ବକ୍ତାଙ୍କ ସମେତ ଇସ୍ରାୟେଲ ରାଜ୍ୟର ସମସ୍ତ ଲୋକ କର୍ମିଲ ପର୍ବତକୁ ଆସିଲେ । ଏଲୀୟ ଲୋକମାନଙ୍କୁ କହିଲେ, "ତୁମ୍ଭେମାନେ କେତେକାଳ ତୁମ୍ଭମାନଙ୍କ ମନକୁ ପରିବର୍ତ୍ତନ କରିଚାଲିଥିବ? ଯଦି ସଦାପ୍ରଭୁ ଈଶ୍ୱର ଅଟନ୍ତି, ତେବେ ତାଙ୍କର ସେବା କର!ଯଦି ବାଲ୍ ଦେବ ଈଶ୍ୱର ଅଟନ୍ତି, ତେବେ ତାଙ୍କର ସେବା କର!"

### ଏଲୀୟ ଲୋକମାନଙ୍କୁ କେଉଁ ବିଷୟ ଗୁଡିକ ମୋନନିତ କରିବା ଆବଶ୍ୟକ ବୋଲି କହିଲେ ?

ଯଦି ସଦାପ୍ରଭୁ ପରମେଶ୍ୱର ଅଟନ୍ତି, ତାହାଙ୍କୁ ସେବା କର , କିନ୍ତୁ ଯଦି ବାଲ୍ ପରମେଶ୍ୱର ଅଟନ୍ତି , ତେବେ ତାହାକୁ ସେବା କର .

---

## 19:07

ତା'ପରେ ଏଲୀୟ ବାଲ୍ ଭାବବାଦୀଗଣଙ୍କୁ କହିଲେ "ଏକ ବୃଷ ବଧ କର ଏବଂ ତହାକୁ ବଳିଦାନ ପାଇଁ ପ୍ରସ୍ତୁତ କର, କିନ୍ତୁ ଏଥିରେ ଅଗ୍ନି ସଂଯୋଗ କରନାହିଁ ।ମୁଁ ମଧ୍ଯ ତାହା କରିବି ।ଯେଉଁ ଈଶ୍ୱର ଅଗ୍ନି ଦ୍ୱାରା କଥା ହେବେ ସେ ପ୍ରକୃତ ଈଶ୍ୱର ହେବେ ।"ତେଣୁ ବାଲ୍ ଭବିଷ୍ୟତ ବକ୍ତାଗଣ ଏକ ବଳିଦାନ (ଯଜ୍ଞବେଦୀ) ପ୍ରସ୍ତୁତ କଲେ କିନ୍ତୁ ସେଥିରେ ଅଗ୍ନି ଦେଲେ ନାହିଁ ।

---

## 19:08

ତା'ପରେ ବାଲ୍ ଭବିଷ୍ୟତବକ୍ତାଗଣ ବାଲ୍ ଦେବଙ୍କୁ ପ୍ରାର୍ଥନା କଲେ "ବାଲ୍, ଆମ ପ୍ରାର୍ଥନା ଶୁଣ!"ସମ୍ପୁର୍ଣ ଦିନ ସାରା ସେମାନେ ପ୍ରାର୍ଥନା କଲେ ଏବଂ ଉଚ୍ଚ ସ୍ୱରରେ ଚିତ୍କାର କଲେ ଏବଂ ନିଜନିଜକୁ ଛୁରୀ ଦ୍ଵାରା କାଟିଲେ କଲେ, କିନ୍ତୁ କୌଣସି ଉତ୍ତର ମିଳିଲା ନାହିଁ ।

---

## 19:09

ଦିନର ଶେଷ ସମୟରେ, ଏଲୀୟ ଈଶ୍ୱରଙ୍କ ନିକଟରେ ଏକ ବଳିଦାନ ପ୍ରସ୍ତୁତ କଲେ ।ତା'ପରେ ସେ ଲୋକମାନଙ୍କୁ କହିଲେ, ଯଜ୍ଞବେଦୀର ମାଂସ, କାଠ ଏପରିକି ଯଜ୍ଞବେଦୀ ଚାରିପାଖର ଭୂମି ଜଳରେ ସମ୍ପୂର୍ଣ୍ଣ ଓଦା ନ ହେବା ପର୍ଯ୍ୟନ୍ତ ବାର ବୃହତ୍ କଳସଗୁଡିକରେ ଜଳ ନେଇ ଢାଳିବାକୁ କହିଲେ ।

---

## 19:10

ତା'ପରେ ଏଲୀୟ ପ୍ରାର୍ଥନା କଲେ "ହେ ଅବ୍ରହାମଙ୍କ, ଇସହାକଙ୍କ ଓ ଯାକୁବଙ୍କ ଈଶ୍ୱର ସଦାପ୍ରଭୁ, ଆଜି ଆମ୍ଭମାନଙ୍କୁ ଦେଖାଅ ଯେ ତୁମ୍ଭେ ଇସ୍ରାଏଲର ଈଶ୍ୱର ଏବଂ ମୁଁ ତୁମ୍ଭର ଦାସ ଅଟେ ।ମୋତେ ଉତ୍ତର ଦିଅ ଯେପରିକି ଏହି ସମସ୍ତ ଲୋକ ଜାଣିବେ ଯେ ତୁମେ ସତ୍ୟ ଈଶ୍ୱର ଅଟ ।"

---

## 19:11

ତତ୍କ୍ଷଣାତ୍, ଆକାଶରୁ ଅଗ୍ନି ପଡି ଯଜ୍ଞବେଦୀରେ ଥିବା ମାଂସ, କାଠ, ପ୍ରସ୍ତର, ଧୂଳି ଏବଂ ଏପରିକି ଯଜ୍ଞବେଦୀ ଚାରିପାଖରେ ଥିବା ଜଳକୁ ଗ୍ରାସ କଲା ।ଲୋକମାନେ ଯେତେବେଳେ ଏହା ଦେଖିଲେ, ସେମାନେ ଭୂମିରେ ମୁହଁମାଡି ପଡି କହିଲେ "ସଦାପ୍ରଭୁ ହିଁ ଈଶ୍ୱର!ସଦାପ୍ରଭୁ ହିଁ ଈଶ୍ୱର ଅଟନ୍ତି!"

### ପରମେଶ୍ଵର କିପରି ନିଜକୁ ପ୍ରକୃତ ଇଶ୍ଵର ବୋଲି ପ୍ରମାଣିତ କଲେ ?

ପରମେଶ୍ଵର ଆକାଶରୁ ନିଆଁ ପଠାଇ ମାଂସ, କାଠ, ପଥର, ଧୂଳି, ଓ ଜଳର ଚତୁଃପାର୍ଶ୍ଵରେ ବେଦୀକୁ ଦଗ୍ଧ କଲେ.

### ଲୋକମାନେ କଣ ପ୍ରତିଉତ୍ତର ଦେଲେ, ଯେତେବେଳେ ସେମାନେ ଏହି ଶକ୍ତିର କାର୍ଯ୍ୟକୁ ଦେଖିଲେ ?

ସେମାନେ ଭୁମିମିଷ୍ଠ ହେଲେ ଓ କହିଲେ, “ସଦାପ୍ରଭୁ ପରମେଶ୍ଵର ଅଟନ୍ତି !ସଦାପ୍ରଭୁ ପରମେଶ୍ଵର! ଅଟନ୍ତି”

---

## 19:12

ତା'ପରେ ଏଲୀୟ କହିଲେ, “ବାଲର କୌଣସି ଭବିଷ୍ୟତବକ୍ତାକୁ ଖସି ପଳାଇବାକୁ ଦିଅନାହିଁ !”ତେଣୁ ଲୋକମାନେ ବାଲର ଭବିଷ୍ୟତ ବକ୍ତାମାନଙ୍କୁ ଧରି ସେମାନଙ୍କୁ ବଧ କଲେ ।

### ବାଲ୍ ର ଭବିଷ୍ୟତବକ୍ତାମାନଙ୍କ ସହିତ କଣ ହେଲା ?

ସେମାନଙ୍କୁ ଦ୍ଵରକୁ ନିଆଗଲା ଏବଂ ବଧ କରାଗଲା.

---

## 19:13

ତା'ପରେ ଏଲୀୟ ଆହବଙ୍କୁ କହିଲେ “ନଗରକୁ ଶୀଘ୍ର ଫେରିଯାଅ, କାରଣ ବର୍ଷା ଆସୁଅଛି ।”ଶୀଘ୍ର ଆକାଶ କଳା ହେବାକୁ ଲାଗିଲା ଏବଂ ପ୍ରଚୁର ବର୍ଷା ହେଲା ।ଯିହୋବା ମରୁଡିକୁ ଶେଷ କରିସାରିଥିଲେ ଏବଂ ସେ ଯେ ସତ୍ୟ ଇଶ୍ଵର ତାହା ସେ ପ୍ରମାଣିତ କଲେ ।

---

## 19:14

ଏଲୀୟଙ୍କ ସମୟ ପରେ, ଇଶ୍ଵର ଇଲିଶାୟ ନାମକ ଜଣେ ବ୍ୟକ୍ତିଙ୍କୁ ତାହାଙ୍କ ଭାବବାଦୀ ହେବା ନିମନ୍ତେ ମନୋନୀତ କଲେ ।ଇଶ୍ଵର ଇଲିଶାୟଙ୍କ ଦ୍ଵାରା ଅନେକ ଆଶ୍ଚର୍ଯ୍ୟକର୍ମ କଲେ ।ନାମାନଙ୍କ ପ୍ରତି ଏକ ଆଶ୍ଚର୍ଯ୍ୟକର୍ମ ଘଟିଥିଲା, ଯିଏ ଜଣେ ଶତ୍ରୁ ସେନାପତି ଥିଲେ, ଯାହାଙ୍କର ଭୟଙ୍କର ଚର୍ମ ରୋଗ ହୋଇଥିଲା ।ସେ ଇଲୀଶାୟଙ୍କ ବିଷୟରେ ଶୁଣିଥିଲେ ତେଣୁ ସେ ଯାଇ ତାଙ୍କୁ ସୁସ୍ଥ କରିବା ନିମନ୍ତେ ଇଲୀଶାୟଙ୍କୁ କହିଥିଲେ ।ଇଲୀଶାୟ ନାମାନଙ୍କୁ ଯର୍ଦ୍ଦନ ନଦୀରେ ସାତଥର ବୁଡିବାକୁ କହିଥିଲେ ।

### ଚର୍ମରୋଗରୁ ସୁସ୍ଥ ପାଇବା ପାଇଁ ଇଲିଶାୟ ନାମାନକୁ କଣ କହିଲେ ?

ଯର୍ଦ୍ଦନ ନଦୀରେ ସାତ ଥର ନିଜକୁ ବୁଡାଅ.

---

## 19:15

ପ୍ରଥମେ ନାମାନ କ୍ରୋଧ କରିଥିଲେ ଏବଂ ଏହା କରି ନଥିଲେ କାରଣ ଏହା ମୂର୍ଖତା ପରି ତାଙ୍କୁ ଲାଗିଲା ।କିନ୍ତୁ ପରବର୍ତ୍ତୀ ସମୟରେ ସେ ତାଙ୍କ ମନ ପରିବର୍ତ୍ତନ କରି ଯର୍ଦନରେ ନିଜକୁ ସାତଥର ଡୁବାଇଲେ ।ସେ ଯେତେବେଳେ ଶେଷଥର ପାଇଁ ଜଳରୁ ବୁଡି ବାହାରି ଆସିଲେ ସେତେବେଳେ ତାହାଙ୍କ ଚର୍ମ ସମ୍ପୂର୍ଣ୍ଣ ସୁସ୍ଥ ହେଲା !ଈଶ୍ୱର ତାହାଙ୍କୁ ସୁସ୍ଥ କରିଥିଲେ ।

### ଇଲିଶାୟଙ୍କ ମନ୍ତ୍ରଣାକୁ ଶୁଣିବା ପରେ ନାମାନ କଣ କଲେ ?

ପ୍ରଥମେ ସେ କ୍ରୋଧ କଲେ ଏବଂ ତାହା କଲେ ନାହିଁ, କାରଣ ଏହା ତାଙ୍କୁ ମୂର୍ଖତା ପରି ଲାଗିଲା, କିନ୍ତୁ ପରେ ସେ ତାଙ୍କ ମନକୁ ପରିବର୍ତ୍ତନ କଲେ ଏବଂ ତାହା କଲେ,ଏବଂ ସମ୍ପୂର୍ଣ୍ଣ ଭାବରେ ସୁସ୍ଥ ହେଲେ.

---

## 19:16

ଈଶ୍ୱର ଆହୁରି ଅନ୍ୟ ଭାବବାଦୀମାନଙ୍କୁ ପଠାଇଥିଲେ ।ସେମାନେ ସମସ୍ତେ ଲୋକମାନଙ୍କୁ ପ୍ରତିମା ପୂଜା କରିବା ବନ୍ଦ କରିବା ନିମନ୍ତେ କହିଲେ ଏବଂ ଅନ୍ୟମାନଙ୍କୁ ନ୍ୟାୟ ଓ ଦୟା ଦେଖାଇବାକୁ କହିଥିଲେ ।ଭାବବାଦୀମାନେ ଲୋକମାନଙ୍କୁ ସତର୍କ କରାଇ କହିଲେ ଯେ ଯଦି ସେମାନେ ମନ୍ଦ କାର୍ଯ୍ୟ କରିବା ବନ୍ଦ ନ କରନ୍ତି ଓ ଈଶ୍ୱରଙ୍କର ଆଜ୍ଞାବହ ନ ହୁଅନ୍ତି, ତେବେ ଈଶ୍ୱର ସେମାନଙ୍କୁ ଦୋଷାବହ କରି ବିଚାର କରିବେ ଏବଂ ସେମାନଙ୍କୁ ଦଣ୍ଡ ଦେବେ ।

### ଲୋକମାନଙ୍କ ନିମନ୍ତେ ଭବିଷ୍ୟତବକ୍ତାମାନଙ୍କ ସାଧାରଣ ସମ୍ବାଦ କଣ ଥିଲା ?

ପ୍ରତିମାଗୁଡିକୁ ପୁଜା କରିବା ବନ୍ଦ କର ଏବଂ ଅନ୍ୟମାନଙ୍କୁ ନ୍ୟାୟ ଏବଂ କରୁଣା କର, ନଚେତ୍ ପରମେଶ୍ୱର ତୁମକୁ ଦଣ୍ଡ ଦେବେ.

---

## 19:17

ଅଧିକାଂଶ ସମୟ ଲୋକମାନେ ଈଶ୍ୱରଙ୍କର ଆଜ୍ଞାବହ ହେଲେ ନାହିଁ ।ସେମାନେ ଅନେକ ସମୟରେ ଭାବବାଦୀମାନଙ୍କ ସହିତ ମନ୍ଦ ବ୍ୟବହାର କରୁଥିଲେ ଏବଂ ବେଳେବେଳେ ଏପରିକି ସେମାନଙ୍କୁ ହତ୍ୟା କରୁଥିଲେ ।ଥରେ, ଯିରିମିୟ ଭାବବାଦୀଙ୍କୁ ଏକ ଶୁଷ୍କ କୂପରେ ପକାଯାଇଥିଲା ଏବଂ ସେ ମରିବା ନିମନ୍ତେ ତାଙ୍କୁ ସେଠାରେ ଏକାକୀ ଛାଡି ଦିଆଯାଇଥିଲା ।ସେ କୂପ ତଳେ ଥିବା କାଦୁଅରେ ବୁଡିଯାଇଥିଲେ, କିନ୍ତୁ ରାଜାଙ୍କର ତାଙ୍କ ପ୍ରତି ଦୟା ଭାବ ଆସିଲା ଏବଂ ଯିରିମିୟ ମରିବା ପୂର୍ବରୁ ତାଙ୍କୁ କୂପରୁ ବାହାର କରି ଆଣିବା ନିମନ୍ତେ ସେ ଆପଣା ଦାସମାନଙ୍କୁ ଆଦେଶ ଦେଲେ ।

### ସାଧାରଣ ଭାବରେ ଲୋକମାନେ ଭବିଷ୍ୟତବକ୍ତାମାନଙ୍କ ସହିତ କିଭଳି ବ୍ୟବହାର କରୁଥିଲେ ?

ଲୋକମାନେ ଭବିଷ୍ୟତବକ୍ତାମାନଙ୍କ ସହିତ ମନ୍ଦ ବ୍ୟବହାର କରୁଥିଲେ ଏବଂ ବେଳେବେଳେ ଏପରିକି ସେମାନଙ୍କୁ. ବଧ କରୁଥିଲେ

### ଲୋକମାନେ ଯିରିମିୟ ଭବିଷ୍ୟତବକ୍ତାମାନଙ୍କ ସହିତ କିପରି ଦୁର୍ବ୍ୟବହାର କଲେ ?

ଲୋକମାନେ ଯିରିମିୟକୁ ଏକ ଶୁଷ୍କ କୁଅରେ ପକାଇଲେ ଏବଂ ସେଠାରେ ମରିବାକୁ ଛାଡିଦେଲେ.

### ଯିରିମିୟ କୁଆଁ ଭିତରେ ମରିଗଲେ କି ?

ନୁହେଁ. ରାଜା ତାଙ୍କୁ ଦୟା କଲେ ଏବଂ ତାଙ୍କ ଦାସମାନେ ଯିରିମିୟକୁ ବାହାରକୁ. ଟାଣି ଆଣିଲେ

---

## 19:18

ଭାବବାଦୀମାନଙ୍କୁ ଲୋକମାନେ ଘୃଣା କଲେ ମଧ ସେମାନେ ଈଶ୍ୱରଙ୍କ ନିମନ୍ତେ କଥା କହିବାକୁ ଲାଗିଲେ ।ସେମାନେ ଲୋକମାନଙ୍କୁ ସତର୍କ କରାଇ କହିଥିଲେ ଯେ ଯଦି ସେମାନେ ଅନୁତାପ ନ କରନ୍ତି ଈଶ୍ୱର ସେମାନଙ୍କୁ ବିନାଶ କରିବେ । ଈଶ୍ୱରଙ୍କ ପ୍ରେରିତ ଖ୍ରୀଷ୍ଟ ଯେ ଆସିବେ ସେହି ପ୍ରତିଜ୍ଞା ବିଷୟରେ ମଧ ସେମାନେ ଲୋକମାନଙ୍କୁ ସ୍ମରଣ କରାଇ ଦେଇଥିଲେ ।

### ସେହି ବ୍ୟକ୍ତି କିଏ ଥିଲେ ?

ପରମେଶ୍ୱର ଯେଉଁ ବ୍ୟକ୍ତିକୁ ପଠାଇବେ, ସେ ଖ୍ରୀଷ୍ଟ ଥିଲେ.

# ନିର୍ବାସନ ଏବଂ ପ୍ରତ୍ୟାବର୍ତ୍ତନ

## 20:01

ଉଭୟ ଇସ୍ରାୟେଲ ରାଜ୍ୟ ଓ ଯିହୂଦା ରାଜ୍ୟ ଈଶ୍ୱରଙ୍କ ବିରୁଦ୍ଧରେ ପାପ କଲେ ।ଈଶ୍ୱର ସୀନୟ ପର୍ବତରେ ସେମାନଙ୍କ ସହ ଯେଉଁ ନିୟମ କରିଥିଲେ ସେମାନେ ସେହି ନିୟମକୁ ଭଙ୍ଗ କରିଦେଲେ ।ଲୋକମାନେ ଯେପରି ଅନୁତାପ କରିବେ ଏବଂ ପୁନର୍ବାର ତାଙ୍କର ଉପାସନା କରିବେ ସେଥିପାଇଁ ଈଶ୍ୱର ତାହାଙ୍କ ଭାବବାଦୀଗଣଙ୍କୁ ପଠାଇ ସତର୍କ କରାଇଥିଲେ, କିନ୍ତୁ ସେମାନେ ତାହା ପାଳନ କରିବାକୁ ନାସ୍ତି କଲେ ।

### ଭବିଷ୍ୟତବକ୍ତାମାନେ କେଉଁ ସତର୍କତା ବିଷୟରେ ଲୋକମାନଙ୍କୁ କହିଲେ ?

ସେମାନେ ଲୋକମାନଙ୍କୁ ଅନୁତାପ କରିବାକୁ ଏବଂ ପରମେଶ୍ୱରଙ୍କ ଉପାସନା କରିବାକୁ କହିଲେ .

### ଭବିଷ୍ୟତବକ୍ତାମାନଙ୍କ ସମ୍ବାଦକୁ ଲୋକମାନେ କିପରି ପ୍ରତିଉତ୍ତର ଦେଉଥିଲେ ?

ଲୋକମାନେ ଆଜ୍ଞା ପାଳନ କରିବାକୁ ଅଗ୍ରାହ୍ୟ କଲେ.

---

## 20:02

ତେଣୁ ଈଶ୍ୱର ଉଭୟ ରାଜ୍ୟମାନଙ୍କୁ ସେମାନଙ୍କ ଶତ୍ରୁଗଣ ଦ୍ୱାରା ବିନଷ୍ଟ ହେବା ନିମନ୍ତେ ଅନୁମତି ଦେଲେ ।ଏକ ଶକ୍ତିଶାଳୀ ଏବଂ ନିର୍ଦ୍ଦୟୀ ଦେଶ ଆସିରୀୟ ସାମ୍ରାଜ୍ୟ ଇସ୍ରାୟେଲ ରାଜ୍ୟକୁ ବିନଷ୍ଟ କଲେ ।ଇସ୍ରାୟେଲରେ ଥିବା ଅନେକ ଲୋକମାନଙ୍କୁ ଆସିରୀୟମାନେ ହତ୍ୟା କଲେ, ମୂଲ୍ୟବାନ୍ ଜିନିଷଗୁଡିକ ନେଇଗଲେ, ଏବଂ ଦେଶର ଅଧିକାଂଶକୁ ପୋଡି ଦେଲେ ।

### ଇସ୍ରାଏଲ ରାଜ୍ୟକୁ କେଉଁ ଶତ୍ରୁମାନେ ବିନଷ୍ଟ କଲେ ?

ଅସିରୀୟ ସାମ୍ରାଜ୍ୟ.

---

## 20:03

ଆସିରୀୟମାନେ ଧନୀ ଲୋକମାନଙ୍କୁ, ଦକ୍ଷତା ଥିବା ଲୋକମାନଙ୍କୁ ଏହିପରି ସମସ୍ତ ନେତାଙ୍କୁ ଏକାଠି କଲେ ଓ ସେମାନଙ୍କୁ ଧରି ଆସିରୀୟକୁ ପଳାଇଲେ ।କେବଳ ଅତି ଗରିବ ଇସ୍ରାୟେଲୀୟମାନେ ଯେଉଁମାନଙ୍କୁ ବଧ କରାଯାଇନଥିଲା ସେମାନେ ହିଁ ଇସ୍ରାଏଲ ରାଜ୍ୟରେ ରହିଗଲେ ।

---

## 20:04

ତା'ପରେ ଆସିରୀୟମାନେ ବିଦେଶୀୟମାନଙ୍କୁ ସେମାନଙ୍କ ଦେଶରେ ବାସ କରିବା ନିମନ୍ତେ ଆଣିଲେ ଯେଉଁଠି ଇସ୍ରାୟେଲ ରାଜ୍ୟ ଥିଲା । ବିଦେଶୀୟମାନେ ବିନଷ୍ଟ ହୋଇଯାଇଥିବା ନଗରଗୁଡିକୁ ପୁନଃନିର୍ମାଣ କଲେ ଏବଂ ଇସ୍ରାଏଲୀୟମାନଙ୍କୁ ବିବାହ କଲେ ଯେଉଁମାନେ ସେଠାରେ ରହିଯାଇଥିଲେ ।ଯେଉଁ ଇସ୍ରାଏଲୀୟମାନଙ୍କ ବଂଶ ବିଦେଶୀୟମାନଙ୍କୁ ବିବାହ କରିଥିଲେ ସେମାନଙ୍କୁ ଶମିରୋଣିୟ କୁହାଯାଉଥିଲା ।

### ଶମିରୋଣୀୟମାନେ କିଏ ଥିଲେ ?

ଇସ୍ରାଏଲୀୟମାନଙ୍କ ବଂଶଧରମାନେ ଯେଉଁମାନେ ବିଦେଶୀୟମାନଙ୍କ ସହିତ ବିବାହ ହୋଇଥିଲେ, ଆସିରୀୟମାନଙ୍କ ଦେଶକୁ ଅଣାଗଲା

---

## 20:05

ଯିହୂଦା ରାଜ୍ୟର ଲୋକମାନେ ଦେଖିଲେ ଯେ ଇସ୍ରାୟେଲ ରାଜ୍ୟର ଲୋକେ ଈଶ୍ୱରଙ୍କୁ ବିଶ୍ୱାସ ନ କରିବାରୁ ଓ ତାହାଙ୍କର ଆଜ୍ଞାବହ ନ ହେବାରୁ ଈଶ୍ୱର ସେମାନଙ୍କୁ ଦଣ୍ଡ ଦେଇଥିଲେ ।କିନ୍ତୁ ସେମାନେ କିଣାନୀୟ ଦେବତାମାନଙ୍କ ସମେତ ପ୍ରତିମାଗୁଡିକର ଉପାସନା କଲେ । ସେମାନଙ୍କୁ ସତର୍କ କରାଇଦେବା ନିମନ୍ତେ ଈଶ୍ୱର ଭାବବାଦୀମାନଙ୍କୁ ପଠାଇଥିଲେ, କିନ୍ତୁ ସେମାନେ ଶୁଣିବାକୁ ନାସ୍ତି କଲେ ।

### କ'ଣ ଯିହୁଦା ପ୍ରଦେଶର ଲୋକମାନେ ପରମେଶ୍ୱରଙ୍କ ଆଜ୍ଞା ପାଳନ କଲେ, ଯେତେବେଳେ ସେମାନେ ପରମେଶ୍ୱରଙ୍କୁ ଇସ୍ରାଏଲ୍ ପ୍ରଦେଶକୁ ଦଣ୍ଡିତ କରୁଥିବାର ଦେଖିଲେ ?

ନୁହେଁ, , ସେମାନେ ପ୍ରତିମାଗୁଡିକୁ ନିରନ୍ତର ପୂଜା କଲେ .

---

## 20:06

ଆସିରୀୟମାନେ ଇସ୍ରାୟେଲ ରାଜ୍ୟ ବିନଷ୍ଟ କରିବାର 100 ବର୍ଷ ପରେ, ଈଶ୍ୱର ବାବିଲର ରାଜା ନବୂଖଦ୍‌ନିତ୍ସରଙ୍କୁ ଯିହୂଦା ରାଜ୍ୟ ଆକ୍ରମଣ କରିବା ନିମନ୍ତେ ପଠାଇଲେ ।ବାବିଲୋନ ଏକ ଶକ୍ତିଶାଳୀ ସାମ୍ରାଜ୍ୟ ଥିଲା ।ଯିହୂଦାର ରାଜା ନବୁକଦ୍‌ନେସରଙ୍କ ଦାସ ହେବା ନିମନ୍ତେ ସହମତି ହେଲେ ଏବଂ ପ୍ରତିବର୍ଷ ତାଙ୍କୁ ଅନେକ ଅର୍ଥ ଦେଲେ ।

### ଯିହୁଦାର ରାଜା କାହାକୁ ସେବା କରିବାକୁ ସହମତ ହେଲେ ?

କଲଦୀୟର ରାଜା ନବୂଖଦ୍‌ନିତ୍‌ସର

---

## 20:07

କିନ୍ତୁ ଅଳ୍ପ କିଛି ବର୍ଷ ପରେ, ଯିହୂଦାର ରାଜା ବାବିଲୋନ ବିରୁଦ୍ଧରେ ବିଦ୍ରୋହ କଲେ ।ତେଣୁ, ବାବିଲୋନୀୟମାନେ ଫେରିଆସି ଯିହୂଦା ରାଜ୍ୟକୁ ଆକ୍ରମଣ କଲେ ।ସେମାନେ ଯିରୁଶାଲମ ନଗର ହସ୍ତଗତ କଲେ, ମନ୍ଦିରକୁ ବିନଷ୍ଟ କଲେ, ଏବଂ ନଗରର ଓ ମନ୍ଦିରର ଧନରତ୍ନ ନେଇ ପଳାଇଗଲେ ।

---

## 20:08

ବିଦ୍ରୋହ କରିବା କାରଣରୁ ଯିହୂଦାର ରାଜାଙ୍କୁ ଦଣ୍ଡ ଦେବା ନିମନ୍ତେ ନବୁକଦନେସର୍ରଙ୍କ ସୈନ୍ୟମାନେ ରାଜାଙ୍କ ପୁତ୍ରଗଣଙ୍କ ସମ୍ମୁଖରେ ହତ୍ୟା କଲେ ଏବଂ ତାହାକୁ ଅନ୍ଧ କରିପକାଇଲେ ।ତହିଁ ଉତ୍ତାରେ, ସେ ଯେପରି ବାବିଲୋନର କାରାଗାରରେ ମରିବେ ସେଥିପାଇଁ ସେମାନେ ତାହାଙ୍କୁ ବାବିଲୋନକୁ ନେଇଗଲେ ।

### ଯେତେବେଳେ ଯିହୂଦାର ରାଜା ବିଦ୍ରୋହ କଲେ, ନବୃଖଦ୍‌ନିତ୍‌ସରଙ୍କ ସୈନ୍ୟମାନେ ତାହାକୁ କଣ କଲେ ?

ସେମାନେ ରାଜା'ଙ୍କ ପୁତ୍ରମାନଙ୍କୁ ତାହାଙ୍କ ସମ୍ମୁଖରେ ବଧ କଲେ, ତାହାକୁ ଅନ୍ଧ କଲେ , ଏବଂ ବାବିଲୋନର କାରାଗାରରେ ମରିବା ପାଇଁ ନେଇଗଲେ.

---

## 20:09

ନବୂଖଦ୍‌ନିତ୍ସର ଏବଂ ତାହାଙ୍କ ସୈନ୍ୟ ଯିହୂଦାର ପ୍ରାୟ୍ ସମସ୍ତଙ୍କୁ ବାବିଲୋନକୁ ନେଇଗଲେ ଏବଂ କ୍ଷେତରେ କାର୍ଯ୍ୟ କରିବାକୁ କେବଳ ଦରିଦ୍ରମାନଙ୍କୁ ଯିହୂଦାରେ ଛାଡି ଗଲେ ।ଈଶ୍ୱରଙ୍କ ଲୋକମାନଙ୍କୁ ପ୍ରତିଜ୍ଞାତ ଦେଶରୁ ବଳପୂର୍ବକ ଉଠାଇ ନିଆଯାଇଥିବା ନିର୍ଦ୍ଦିଷ୍ଟ ସମୟକୁ ନିର୍ବାସନ କୁହାଯାଇଛି ।

### ସେହି ସମୟକୁ ଆମ୍ଭେ କଣ କହିବା ଯେଉଁ ସମୟରେ ପରମେଶ୍ୱରଙ୍କ ଲୋକମାନଙ୍କୁ ପ୍ରତିଜ୍ଞାତ ଦେଶ ଛାଡିବାକୁ ବାଧ୍ୟ କରାଯାଉଥିଲା ?

ନିର୍ବାସନ.

---

## 20:10

ଯଦିଓ ପାପ ଯୋଗୁଁ ଈଶ୍ୱର ସେମାନଙ୍କୁ ନିର୍ବାସନରେ ଅନ୍ୟ ଦେଶକୁ ପଠାଇଦେଲେ, ତଥାପି ସେ ସେମାନଙ୍କୁ କିମ୍ବା ତାଙ୍କ ପ୍ରତିଜ୍ଞାଗୁଡିକ ଭୁଲିଯାଇନଥିଲେ ।ଈଶ୍ୱର ତାଙ୍କ ଲୋକମାନଙ୍କ ଉପରେ ନଜର ରଖିଚାଲିଲେ ଏବଂ ତାହାଙ୍କ ଭାବବାଦୀମାନଙ୍କ ଦ୍ୱାରା ସେମାନଙ୍କୁ କଥା କହିଚାଲିଲେ ।ସେ ପ୍ରତିଜ୍ଞା କରିଲେ ଯେ, ସତୁରି ବର୍ଷ ପରେ ସେମାନେ ପୁନର୍ବାର ପ୍ରତିଜ୍ଞାତ ଦେଶକୁ ଫେରି ଆସିବେ ।

### ନିର୍ବାସନ ସମୟରେ ପରମେଶ୍ୱର ଲୋକମାନଙ୍କୁ କ'ଣ ପ୍ରତିଜ୍ଞା କଲେ ?

ପରମେଶ୍ୱର ପ୍ରତିଜ୍ଞା କଲେ ଯେ ସତୁରି ବର୍ଷ ପରେ , ସେମାନେ ପ୍ରତିଜ୍ଞାତ ଦେଶକୁ ଫେରିବେ .

---

## 20:11

ସତ୍ତୁରୀ ବର୍ଷ ପରେ, ପାର୍ସୀମାନଙ୍କ ରାଜା ସାଇରସ ବାବିଲୋନକୁ ପରାସ୍ତ କଲେ, ତେଣୁ ପାରସ୍ୟ ସାମ୍ରାଜ୍ୟ ବାବିଲୋନୀୟ ସାମ୍ରାଜ୍ୟର ସ୍ଥାନ ନେଲା ।ବର୍ତ୍ତମାନ ଇସରୟେଲୀୟମାନଙ୍କୁ ଯିହୂଦୀ ବୋଲି କୁହାଗଲା ଏବଂ ସେମାନେ ସେମାନଙ୍କ ସାରା ଜୀବନ ବାବିଲୋନରେ ବାସ କଲେ ।କେବଳ ଅତି ଅଳ୍ପ ବୃଦ୍ଧ ଯିହୂଦୀ ଯିହୂଦା ରାଜ୍ୟକୁ ସ୍ମରଣ କଲେ ।

### କେଉଁ ରାଜା କଲଦୀୟମାନଙ୍କୁ ପରାସ୍ତ କଲେ ?

ପାରସ୍ୟ ସାମ୍ରାଜ୍ୟର ରାଜା ସାଇରସ

---

## 20:12

ପାରସ୍ୟ ସାମ୍ରାଜ୍ୟ ଦୃଢ ଥିଲା କିନ୍ତୁ ଏହା ଯେଉଁମାନଙ୍କୁ ଜୟ କରିଥିଲେ ସେଥିର ଲୋକମାନଙ୍କ ପ୍ରତି ଦୟାବନ୍ତ ଥିଲେ ।ସାଇରସ ପାରସ୍ୟର ରାଜା ହେବାର ଅଳ୍ପ ସମୟ ମଧ୍ୟରେ, ସେ ଏକ ଆଜ୍ଞା ଦେଲେ ଯେ କେହି ପାରସ୍ୟ ଦେଶଛାଡି ଯିହୂଦା ଦେଶକୁ ଫେରିଯିବାକୁ ଚାହାନ୍ତି ସେମାନେ ସେଠାକୁ ଫେରିଯାଇପାରିବେ ।ସେ ଏପରିକି ମନ୍ଦିର ପୁନଃନିର୍ମାଣ କରିବା ନିମନ୍ତେ ଅର୍ଥ ଦେଲେ!ତେଣୁ, ନିର୍ବାସନରେ ସତ୍ତୁରୀ ବର୍ଷ ରହିଲା ପରେ, ଯିହୂଦୀମାନଙ୍କର ଏକ କ୍ଷୁଦ୍ର ଦଳ ଯିହୂଦାରେ ଥିବା ଯିରୁଶାଲମ ନଗରକୁ ଫେରିଗଲେ ।

### ଯିହୂଦୀମାନଙ୍କ ବିଷୟରେ ରାଜା ସାଇରସ କଣ ଆଜ୍ଞା ଦେଲେ ?

କୌଣସି ଯିହୂଦୀ ଯିଏ ଯିହୁଦା ପ୍ରଦେଶକୁ ଯିବାକୁ ଚାହୁଁଥିଲେ, ସେମାନେ ଗଲେ .

---

## 20:13

ଲୋକମାନେ ଯେତେବେଳେ ଯିରୁଶାଲମ ପହଞ୍ଚିଲେ, ସେମାନେ ମନ୍ଦିର ଓ ନଗର ଚତୁର୍ଦ୍ଦିଗରେ ଥିବା ପ୍ରାଚୀର ପୁନଃନିର୍ମାଣ କଲେ ।ଯଦିଓ ସେମାନେ ବର୍ତ୍ତମାନ ସୁଦ୍ଧା ଅନ୍ୟ ଲୋକମାନଙ୍କ ଦ୍ଵାରା ଶାସିତ ହେଉଥିଲେ, ପୁଣିଥରେ ସେମାନେ ପ୍ରତିଜ୍ଞାତ ଦେଶରେ ବାସ କଲେ ଓ ମନ୍ଦିରରେ ଉପାସନା କଲେ ।

### ଯେତେବେଳେ ଯିହୁଦୀମାନେ ଯିରୁଶାଲମକୁ ଫେରିଲେ, ସେମାନେ କ'ଣ କଲେ ?

ସେମାନେ ମନ୍ଦିର ଓ ନଗରର ଚତୁଃପାର୍ଶ୍ୱରେ ପ୍ରାଚୀରକୁ ପୁନଃନିର୍ମାଣ କଲେ

# ପରମେଶ୍ୱର ଖ୍ରୀଷ୍ଟଙ୍କ ପ୍ରତିଜ୍ଞା କରନ୍ତି

## 21:01

ଆରମ୍ଭରୁ ହିଁ ଇଶ୍ୱର ଖ୍ରୀଷ୍ଟଙ୍କୁ ପ୍ରେରଣ କରିବା ନିମନ୍ତେ ଯୋଜନା କରିଥିଲେ ।ଖ୍ରୀଷ୍ଟଙ୍କ ବିଷୟରେ ପ୍ରଥମ ପ୍ରତିଜ୍ଞା ଆଦମ ଓ ହବାଙ୍କ ନିକଟକୁ ଆସିଥିଲା ।ଇଶ୍ୱର ପ୍ରତିଜ୍ଞା କଲେ ଯେ ହବାଙ୍କ ବଂଶରୁ ଜଣେ ଜନ୍ମଗ୍ରହଣ କରିବେ ଯିଏ ସର୍ପର ମସ୍ତକକୁ ଚୂର୍ଣ୍ଣ କରିବେ ।ହବାଙ୍କୁ ଯେଉଁ ସର୍ପ ପ୍ରତାରଣା କରିଥିଲା ସେ ଶୟତାନ ଥିଲା ।ପ୍ରତିଜ୍ଞାର ଅର୍ଥ ଥିଲା ଯେ ଖ୍ରୀଷ୍ଟ ଶୟତାନକୁ ସମ୍ପୂର୍ଣ୍ଣରୂପେ ପରାସ୍ତ କରିବେ ।

### କେବେ ପରମେଶ୍ୱର ଖ୍ରୀଷ୍ଟଙ୍କୁ ପଠାଇବା ନିମନ୍ତେ ପ୍ରଥମେ ନିଷ୍ପତ୍ତି ନେଲେ ?

ଆରମ୍ଭ ସମୟରୁ ହିଁ

### ଖ୍ରୀଷ୍ଟ ଶୟତାନକୁ କ'ଣ କରିବେ ?

ଖ୍ରୀଷ୍ଟ ଶୟତାନକୁ ସମ୍ପୁର୍ଣଭାବେ ପରାସ୍ତ କରିବେ

---

## 21:02

ଇଶ୍ୱର ଅବ୍ରାହାମଙ୍କୁ ପ୍ରତିଜ୍ଞା କରି କହିଥିଲେ ଯେ ତାଙ୍କ ଦ୍ୱାରା ପୃଥିବୀର ସମସ୍ତ ଲୋକଦଳ ଆଶୀର୍ବାଦ ପ୍ରାପ୍ତ ହେବେ ।ଏହି ଆଶୀର୍ବାଦ ସମ୍ପୁର୍ଣ୍ଣ ହେବ ଯେତେବେଳେ ଖ୍ରୀଷ୍ଟ ଭବିଷ୍ୟତରେ ଦିନେ ଆସିବେ ।ପୃଥିବୀରେ ଥିବା ପ୍ରତି ଲୋକଦଳ ଉଦ୍ଧାରପ୍ରାପ୍ତ ହେବା ନିମନ୍ତେ ସେ ଏହା ସମ୍ଭବ କରିବେ ।

### ଅବ୍ରହାମଙ୍କ ଦ୍ୱାରା ସମସ୍ତ ଲୋକଦଳ ଆଶୀର୍ବାଦ ପ୍ରାପ୍ତ ହେବେ, କିଏ ଏହି ପରମେଶ୍ୱରଙ୍କ ପ୍ରତିଜ୍ଞାକୁ ସଫଳ କରିବ ?

ଖ୍ରୀଷ୍ଟ

---

## 21:03

ଇଶ୍ୱର ମୋଶାଙ୍କୁ ପ୍ରତିଜ୍ଞା କରି କହିଲେ ଯେ ଭବିଷ୍ୟତରେ ସେ ମୋଶାଙ୍କ ପରି ଜଣେ ଭାବବାଦୀଙ୍କୁ ଠିଆ କରିବେ ।ଖ୍ରୀଷ୍ଟଙ୍କ ବିଷୟରେ ଏହା ଅନ୍ୟ ଏକ ପ୍ରତିଜ୍ଞା ଯିଏ ପରବର୍ତ୍ତୀ ସମୟରେ ଦିନେ ଆସିବେ ।

### କେଉଁ ପ୍ରକାରରେ ଖ୍ରୀଷ୍ଟ ମୋଶାଙ୍କ ପରି ଅଟନ୍ତି?

ଖ୍ରୀଷ୍ଟ ମୋଶାଙ୍କ ପରି ଜଣେ ଭାବବାଦୀ ଅଟନ୍ତି

---

## 21:04

ଈଶ୍ୱର ରାଜା ଦାଉଦଙ୍କୁ ପ୍ରତିଜ୍ଞା କରିଥିଲେ ଯେ ତାଙ୍କ ବଂଶଧରଙ୍କ ମଧ୍ୟରୁ ଜଣେ ଈଶ୍ୱରଙ୍କ ଲୋକମାନଙ୍କ ନିମନ୍ତେ ଚିରକାଳ ପାଇଁ ରାଜା ହେବେ ।ତାହା ଏପରି ବୁଝାଏ ଯେ ଖ୍ରୀଷ୍ଟ ରାଜା ଦାଉଦଙ୍କର ବଂଶଧରଙ୍କ ମଧ୍ୟରୁ ଜଣେ ହେବେ ।

### କିପରିଭାବରେ ଖ୍ରୀଷ୍ଟଙ୍କୁ ଦାଉଦ ରାଜାଙ୍କ ସହିତ ତୁଳନା କରାଯିବ ?

ଖ୍ରୀଷ୍ଟ ରାଜା ଦାଉଦଙ୍କର ବଂଶଧରଙ୍କ ମଧ୍ୟରୁ ଜଣେ ହେବେ ।

---

## 21:05

ଯିରିମିୟ ଭାବବାଦୀଙ୍କ ଦ୍ୱାରା ଈଶ୍ୱର ପ୍ରତିଜ୍ଞା କଲେ ଯେ ସେ ଏକ ନୂତନ ନିୟମ କରିବେ, କିନ୍ତୁ ଈଶ୍ୱର ଇସ୍ରାୟେଲ ସହିତ ସୀନୟ ପର୍ବତରେ ଯେଉଁ ନିୟମ କରିଥିଲେ ସେପରି ନିୟମ ନୁହେଁ । ନୂତନ ନିୟମରେ, ଈଶ୍ୱର ଲୋକମାନଙ୍କ ହୃଦୟରେ ତାହାଙ୍କ ବ୍ୟବସ୍ଥା ଲେଖିବେ, ଲୋକମାନେ ବ୍ୟକ୍ତିଗତ ଭାବରେ ଈଶ୍ୱରଙ୍କୁ ଜାଣିବେ, ସେମାନେ ତାଙ୍କ ଲୋକ ହେବେ ଏବଂ ଈଶ୍ୱର ସେମାନଙ୍କର ପାପକୁ କ୍ଷମା କରିବେ ।ଖ୍ରୀଷ୍ଟ ନୂତନ ନିୟମ ଆରମ୍ଭ କରିବେ ।

---

## 21:06

ଈଶ୍ୱରଙ୍କ ଭାବବାଦୀ ଆହୁରି ମଧ୍ୟ କହିଲେ ଯେ ଖ୍ରୀଷ୍ଟ ଜଣେ ଭାବବାଦୀ, ଯାଜକ ଏବଂ ରାଜା ମଧ୍ୟ ହେବେ ।ଭାବବାଦୀ ହେଉଛନ୍ତି ସେହି ବ୍ୟକ୍ତି ଯିଏକି ଈଶ୍ୱରଙ୍କ ବାକ୍ୟ ଶୁଣି ସେହି ବାକ୍ୟକୁ ଲୋକମାନଙ୍କ ମଧ୍ୟରେ ଘୋଷଣା କରନ୍ତି ।ଈଶ୍ୱର ପଠାଇବାକୁ ପ୍ରତିଜ୍ଞା କରିଥିବା ଖ୍ରୀଷ୍ଟ ଜଣେ ସିଦ୍ଧ ଭାବବାଦୀ ହେବେ ।

---

## 21:07

ଇସ୍ରାଏୟେଲୀୟ ଯାଜକମାନେ ଈଶ୍ୱରଙ୍କ ନିକଟରେ ଲୋକମାନଙ୍କ ପକ୍ଷରୁ ସେମାନଙ୍କ (ଲୋକମାନଙ୍କ) ପାପର ଦଣ୍ଡର ପ୍ରତିବଦଳ ସ୍ୱରୂପ ବଳିଦାନ ଉତ୍ସର୍ଗ କରୁଥିଲେ । ଯାଜକମାନେ ମଧ୍ୟ ଲୋକମାନଙ୍କ ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଥିଲେ ।ମସୀହ ହେଉଛନ୍ତି ସିଦ୍ଧ ମହାଯାଜକ ଯିଏ ନିଜକୁ ଈଶ୍ୱରଙ୍କର ଏକ ସିଦ୍ଧ ବଳିଦାନ ଭାବରେ ଉତ୍ସର୍ଗ କରିବେ ।

### କିପରି ଖ୍ରୀଷ୍ଟ ଜଣେ ସିଦ୍ଧ ମହାଯାଜକ ହେବେ ?

ଖ୍ରୀଷ୍ଟ ହେଉଛନ୍ତି ସିଦ୍ଧ ମହାଯାଜକ ଯିଏ ନିଜକୁ ଈଶ୍ୱରଙ୍କର ଏକ ସିଦ୍ଧ ବଳିଦାନ ଭାବରେ ଉତ୍ସର୍ଗ କରିବେ ।

---

## 21:08

ଏକ ରାଜା ସେହି ବ୍ୟକ୍ତି ଅଟନ୍ତି ଯିଏ ଏକ ରାଜ୍ୟ ଉପରେ ଶାସନ କରନ୍ତି ଓ ତାଙ୍କ ଲୋକମାନଙ୍କର ବିଚାର କରନ୍ତି ।ଖ୍ରୀଷ୍ଟ ଜଣେ ସିଦ୍ଧ ରାଜା ହେବେ ଯିଏ ତାଙ୍କ ପୂର୍ବପୁରୁଷ ଦାଉଦଙ୍କ ସିଂହାସନରେ ବସିବେ ।ସେ ସମଗ୍ର ପୃଥିବୀରେ ଚିରକାଳ ରାଜତ୍ୱ କରିବେ, ଏବଂ ସର୍ବଦା ସଚ୍ଚୋଟ ଭାବେ ବିଚାର କରିବେ ଏବଂ ସଠିକ୍ ନିଷ୍ପତ୍ତିଗୁଡିକ ନେବେ ।

### କିପରି ଖ୍ରୀଷ୍ଟ ଜଣେ ସିଦ୍ଧ ରାଜା ହେବେ ?

ସେ ସମଗ୍ର ପୃଥିବୀରେ ଚିରକାଳ ପାଇଁ ରାଜତ୍ୱ କରିବେ , ଏବଂ ସର୍ବଦା ସଚ୍ଚୋଟତାର ସହିତ ବିଚାର କରିବେ .

---

## 21:09

ଈଶ୍ୱରଙ୍କ ଭାବବାଦୀଗଣ ଅନେକ ଅନ୍ୟ ବିଷୟଗୁଡିକ ଖ୍ରୀଷ୍ଟଙ୍କ ବିଷୟରେ ଭାବବାଣୀ କରିଥିଲେ ।ଭାବବାଦୀ ମଲାଖି ପୂର୍ବରୁ କହିଥିଲେ ଯେ ମଶୀହ ଆସିବା ପୂର୍ବରୁ ଜଣେ ମହାନ ଭାବବାଦୀ ଆସିବେ ।ଭାବବାଦୀ ଯିଶାଇୟ ଭାବବାଣୀ କରିଥିଲେ ଯେ ଖ୍ରୀଷ୍ଟ ଜଣେ କୁମାରୀଙ୍କ ଗର୍ଭରୁ ଜନ୍ମ ହେବେ ।ମୀଖା ଭାବବାଦୀ କହିଲେ ଯେ ସେ ବେଥଲିହିମ ସହରରେ ଜନ୍ମଗ୍ରହଣ କରିବେ ।

### ଖ୍ରୀଷ୍ଟଙ୍କ ଜନ୍ମ ବିଷୟରେ ଯିଶାଇୟ ବିଶେଷ ଭାବରେ କ'ଣ କହିଲେ ?

ଖ୍ରୀଷ୍ଟଏକ କୁମାରୀଙ୍କ ଠାରୁ ଜନ୍ମ ନେବେ.

---

## 21:10

ଯିଶାଇୟ ଭାବବାଦୀ କହିଲେ ଯେ ଖ୍ରୀଷ୍ଟ ଗାଲିଲୀରେ ବାସ କରିବେ, ଭଗ୍ନ ହୃଦୟ ମାନଙ୍କୁ ସାନ୍ତ୍ୱନା ଦେବେ, ଏବଂ ବନ୍ଦୀମାନଙ୍କର ମୁକ୍ତି ଘୋଷଣା କରିବେ ଏବଂ ବନ୍ଦୀମାନଙ୍କୁ ମୁକ୍ତ କରିବେ ।ସେ ଆହୁରି ମଧ୍ୟ ଭାବବାଣୀ ପ୍ରକାଶ କରି କହିଲେ ଯେ ସେ ପୀଡିତମାନଙ୍କୁ ଯେଉମାନେ ଶୁଣି, ଦେଖି, କହି, ଏବଂ ଚାଲି ପାରନ୍ତି ନାହିଁ, ସେମାନଙ୍କୁ ସୁସ୍ଥ କରିବେ ।

---

## 21:11

ଭାବବାଦୀ ଯିଶାଇୟ ମଧ୍ୟ ଭାବବାଣୀ ପ୍ରକାଶ କରି କହିଲେ ଯେ ଖ୍ରୀଷ୍ଟଙ୍କୁ ଘୃଣା କରାଯିବ ଓ ବିନା କାରଣରେ ପ୍ରତ୍ୟାଖ୍ୟାନ କରାଯିବ । ଅନ୍ୟ ଭାବବାଦୀମାନେ ଭାବବାଣୀ ପ୍ରକାଶ କରି କହିଲେ ଯେ ଯେଉଁମାନେ ଖ୍ରୀଷ୍ଟଙ୍କୁ ହତ୍ୟା କଲେ ସେମାନେ ତାଙ୍କ ବସ୍ତ୍ର ନିମନ୍ତେ ଗୁଲିବାଣ୍ଟ କରିବେ ଏବଂ ଜଣେ ବନ୍ଧୁ ତାଙ୍କ ପ୍ରତି ବିଶ୍ୱାସଘାତ କରିବେ ।ଯିଖରିୟ ଭାବବାଦୀ ଭାବବାଣୀ କରି କହିଲେ ଯେ ଖ୍ରୀଷ୍ଟଙ୍କୁ ବିଶ୍ୱାସଘାତ କରିବା ନିମନ୍ତେ ସେହି ବନ୍ଧୁଙ୍କୁ ତିରିଶିଗୋଟି ରୁପା ମୁଦ୍ରା ପ୍ରଦାନ କରାଯିବ ।

---

## 21:12

ଭାବବାଦୀମାନେ ଆହୁରି ମଧ୍ୟ କହିଥିଲେ ଖ୍ରୀଷ୍ଟ କିପରି ମୃତ୍ୟୁବରଣ କରିବେ ।ଯିଶାଇୟ ଭାବବାଣୀ ପ୍ରକାଶ କରି କହିଲେ ଯେ ଲୋକମାନେ ଖ୍ରୀଷ୍ଟଙ୍କ ଉପରେ ଛେପ ପକାଇବେ, ତାଙ୍କୁ ପରିହାସ କରିବେ, ଏବଂ ତାଙ୍କୁ ମାରିବେ (ବିଧା, ଗୋଇଠା ଇତ୍ୟାଦି) ।ସେମାନେ ତାଙ୍କୁ ବିଦ୍ଧ କରିବେ ଏବଂ ସେ ଅତି ତାଡନା ଓ ଯନ୍ତ୍ରଣାରେ ମୃତ୍ୟୁବରଣ କରିବେ ଯଦିଓ ସେ କୌଣସି ଭୁଲ୍ କରି ନ ଥିଲେ ।

### ଭବିଷ୍ୟତବକ୍ତାମାନଙ୍କ ଅନୁସାରେ, ଖ୍ରୀଷ୍ଟ କିପରି ମୃତ୍ୟୁବରଣ କରିବେ ?

ଖ୍ରୀଷ୍ଟଙ୍କ ସହିତ ଦୁର୍ବ୍ୟବହାର କରାଯିବ ଏବଂ ବିଦ୍ଧ ହେବେ, ଏବଂ ମହାନ କଷ୍ଟ ଦ୍ୱାରା ମୃତ୍ୟୁବରଣ କରିବେ.

---

## 21:13

ଭାବବାଦୀମାନେ ଆହୁରି ମଧ୍ୟ କହିଲେ ଯେ ଖ୍ରୀଷ୍ଟ ସିଦ୍ଧ ହେବେ ଯାହାଙ୍କର କୌଣସି ପାପ ନ ଥିବ ।ସେ ଅନ୍ୟ ଲୋକମାନଙ୍କ ପାପର ଦଣ୍ଡ ପାଇବା ନିମନ୍ତେ ମୃତ୍ୟୁବରଣ କରିବେ ।ତାହାଙ୍କ ଦଣ୍ଡ ଈଶ୍ୱର ଓ ଲୋକମାନଙ୍କ ମଧ୍ୟରେ ଶାନ୍ତି ଆଣିବ ।ଏହି କାରଣ ଯୋଗୁଁ, ଖ୍ରୀଷ୍ଟଙ୍କୁ ବିଦ୍ଧ କରିବା ନିମନ୍ତେ ଈଶ୍ୱରଙ୍କର ଇଛା ଥିଲା ।

### ଖ୍ରୀଷ୍ଟଙ୍କୁ ଚୂର୍ଣ୍ଣ କରିବାକୁ ପରମେଶ୍ୱରଙ୍କ କାହିଁକି ଇଚ୍ଛା ଥିଲା ?

କାରଣ ଖ୍ରୀଷ୍ଟ, ସିଦ୍ଧ ହେବା ସତ୍ତ୍ୱେ, ଲୋକମାନ'ଙ୍କ ପାପ ନିମନ୍ତେ ଦଣ୍ଡ ପାଇବେ ଏବଂ ପରମେଶ୍ୱର ଏବଂ ଲୋକମାନଙ୍କ ମଧ୍ୟରେ ଶାନ୍ତି ଆଣିବେ.

---

## 21:14

ଭାବବାଦୀମାନେ ଭାବବାଣୀରେ ପ୍ରକାଶ କଲେ ଯେ ଖ୍ରୀଷ୍ଟ ମୃତ୍ୟୁବରଣ କରିବେ ଏବଂ ଈଶ୍ୱର ତାହାଙ୍କୁ ମୃତ୍ୟୁରୁ ଉଠାଇବେ । ଖ୍ରୀଷ୍ଟଙ୍କ ମୃତ୍ୟୁ ଓ ପୁନରୁତ୍ଥାନ ଦ୍ୱାରା ପାପୀମାନଙ୍କୁ ଉଦ୍ଧାର କରିବା ଏବଂ ଏକ ନୂତନ ନିୟମ ଆରମ୍ଭ କରିବା ପାଇଁ ଈଶ୍ୱର ତାହାଙ୍କ ଯୋଜନାକୁ ସଫଳ କରିବେ ।

### ଖ୍ରୀଷ୍ଟଙ୍କ ମୃତ୍ୟୁ ଏବଂ ପୁନରୁତ୍ଥାନ ଦ୍ୱାରା ପରମେଶ୍ୱର କ'ଣ ସଫଳ କରିବେ ?

ପରମେଶ୍ୱର ପାପୀମାନଙ୍କୁ ରକ୍ଷା କରିବେ ଏବଂ ନୂତନ ନିୟମ ଆରମ୍ଭ କରିବେ .

---

## 21:15

ଈଶ୍ୱର ଖ୍ରୀଷ୍ଟଙ୍କ ବିଷୟରେ ଭାବବାଦୀମାନଙ୍କୁ ଅନେକ ବିଷୟ ପ୍ରକାଶ କଲେ, କିନ୍ତୁ ଖ୍ରୀଷ୍ଟ ଏହି ସମସ୍ତ ଭାବବାଦୀମାନଙ୍କ ମଧ୍ୟରୁ କୌଣସି ଜଣଙ୍କ ସମୟରେ ସୁଦ୍ଧା ଆସି ନଥିଲେ ।ଏହି ସମସ୍ତ ଭାବବାଣୀଗୁଡିକ ଦିଆଯିବାର ୪୦୦ ରୁ ଅଧିକ ବର୍ଷ ପରେ, ସଠିକ୍ ସମୟରେ, ଈଶ୍ୱର ଜଗତକୁ ଖ୍ରୀଷ୍ଟଙ୍କୁ ପଠାଇଲେ ।

### ଶେଷ ଭାବବାଣୀ ଏବଂ ଖ୍ରୀଷ୍ଟ ଏବଂ ତାଙ୍କ ଜଗତକୁ ଆସିବା ମଧ୍ୟରେ କେତେ ସମୟର ତଫାତ୍ ଥିଲା ?

୪୦୦ ବର୍ଷରୁ ଅଧିକ

# ବାପ୍ତିଜକ ଯୋହନ ଜନ୍ମ

## 22:01

ପୂର୍ବରେ, ଈଶ୍ୱର ତାହାଙ୍କ ଲୋକମାନଙ୍କୁ ତାହାଙ୍କ ଦୂତଗଣ ଏବଂ ଭାବବାଦୀମାନଙ୍କ ଦ୍ୱାରା କଥା କହିଥିଲେ ।କିନ୍ତୁ 400 ବର୍ଷ ବିତିଗଲା କିନ୍ତୁ ଏ ପର୍ଯ୍ୟନ୍ତ ସେ ସେମାନଙ୍କୁ କଥା କହିଲେ ନାହିଁ ।ହଠାତ୍ ଜଣେ ଦୂତ ଈଶ୍ୱରଙ୍କଠାରୁ ଏକ ବାର୍ତ୍ତା ନେଇ ଯିଖରିୟ ନାମକ ଏକ ବୃଦ୍ଧ ଯାଜକଙ୍କ ନିକଟକୁ ଆସିଲେ ।ଯିଖରିୟ ଏବଂ ତାଙ୍କ ସ୍ତ୍ରୀ ଇଲିଶାବେଥ ଈଶ୍ୱର ପରାୟଣ ଲୋକ ଥିଲେ, କିନ୍ତୁ ସେ ସନ୍ତାନ ଜନ୍ମ କରିବା ନିମନ୍ତେ ଅକ୍ଷମ ଥିଲେ ।

### ପରମେଶ୍ୱର ମନୁଷ୍ୟମାନଙ୍କୁ କଥା ହେବାର କେତେ ବର୍ଷ ବିତି ଯାଇଥିଲା ?

୪୦୦ ବର୍ଷ

### ଯିଖରୀୟଙ୍କ ସ୍ତ୍ରୀ, ଏଲିଜାବେଥଙ୍କ ସମସ୍ୟା କଣ ଥିଲା ?

ସେ ସନ୍ତାନ ଜନ୍ମ କରିବା ନିମନ୍ତେ ଅକ୍ଷମ ଥିଲେ ।

---

## 22:02

ଦୂତ ଯିଖରିୟଙ୍କୁ କହିଲେ “ତୁମ ସ୍ତ୍ରୀ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେବ ।ତୁମେ ତାହାଙ୍କୁ ଯୋହନ ବୋଲି ନାମ ଦେବ ।ସେ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହେବେ ଏବଂ ଖ୍ରୀଷ୍ଟଙ୍କ ନିମନ୍ତେ ଲୋକମାନଙ୍କୁ ପ୍ରସ୍ତୁତ କରିବେ ।ଯିଖରିୟ ଉତ୍ତର ଦେଲେ “ମୁଁ ଏବଂ ମୋ ସ୍ତ୍ରୀ ଯେ ସନ୍ତାନ ଜନ୍ମ କରିବା ନିମନ୍ତେ ଅତି ବୃଦ୍ଧ ଅଟୁ!ଏହା ଘଟିବ ବୋଲି ମୁଁ କିପରି ଜାଣିବି?”

### ପୁତ୍ରର ନାମ ବିଷୟରେ ଦୂତ ଯିଖରୀୟଙ୍କୁ କ'ଣ କହିଲେ ?

ତାଙ୍କୁ ତାହାର ନାମ ଯୋହନ ରଖିବାପାଇଁ କୁହାଯାଇଥିଲା.

### ଯୋହନଙ୍କୁ ତାଙ୍କ ଜୀବନରେ କଣ କରିବା ପାଇଁ ଦୂତ ତାଙ୍କୁ କହିଲେ ?

ଯୋହନ ଲୋକମାନଙ୍କୁ ଖ୍ରୀଷ୍ଟଙ୍କ ପାଇଁ ପ୍ରସ୍ତୁତ କରିବେ

### ଇଲିଶାବେଥଙ୍କୁ ଏକ ପୁତ୍ର ହେବ, ଏହା ଯିଖରୀୟ କାହିଁକି ବିଶ୍ୱାସ କଲେ ନାହିଁ ?

ସେମାନେ ଅତି ବୃଦ୍ଧ ହୋଇ ହୋଇଯାଇଥିଲେ

---

## 22:03

ଦୂତ ଯିଖରିୟଙ୍କୁ ଉତ୍ତର ଦେଲେ "ଏହି ଶୁଭସମ୍ବାଦ ତୁମକୁ ଦେବା ନିମନ୍ତେ ମୋତେ ଈଶ୍ୱର ପଠାଇ ଅଛନ୍ତି ।ଯେହେତୁ ତୁମେ ମୋ ଠାରେ ବିଶ୍ୱାସ କଲ ନାହିଁ ତେଣୁ ସନ୍ତାନ ଜନ୍ମ ନ ହେବା ପର୍ଯ୍ୟନ୍ତ ତୁମେ କଥା କହି ପାରିବ ନାହିଁ ।"ତତ୍‌କ୍ଷଣାତ୍ ଯିଖରିୟ କଥା କହିବାକୁ ଅକ୍ଷମ ହେଲେ ।ତା'ପରେ ସେହି ଦୂତ ତାଙ୍କୁ ଛାଡି ଚାଲିଗଲେ ।ଏହାପରେ, ଯିଖରିୟ ଗୃହକୁ ଫେରିଗଲେ ଏବଂ ତାଙ୍କ ସ୍ତ୍ରୀ ଗର୍ଭବତୀ ହେଲେ ।

### ସେ ବିଶ୍ୱାସ ନ କରିବାରୁ, ଦୂତ ଯିଖରୀୟଙ୍କୁ କିପରି ଦଣ୍ଡ ଦେଲେ ?

ଯୋହନ ଜନ୍ମ ନ ହେବା ପର୍ଯ୍ୟନ୍ତ ଯିଖରୀୟ କଥା କହି ପାରିବେ ନାହିଁ

---

## 22:04

ଇଲିଶାବେଥ ଯେତେବେଳେ ଛ' ମାସର ଗର୍ଭବତୀ ଥିଲେ, ସେହି ଦୂତ ଇଲୀଶାବେଥଙ୍କ ସମ୍ପର୍କୀୟଙ୍କୁ, ପ୍ରକାଶିତ ହେଲେ ଯାହାଙ୍କ ନାମ ମରିୟମ ଥିଲା ।ସେ ଜଣେ କୁମାରୀ ଥିଲେ ଓ ଯୋଷେଫ ନାମକ ଜଣେ ବ୍ୟକ୍ତିଙ୍କୁ ବିବାହ କରିବା ନିମନ୍ତେ ନିର୍ବନ୍ଧ କରାଯାଇଥିଲେ ।ଦୂତ କହିଲେ "ତୁମ୍ଭେ ଗର୍ଭବତୀ ହୋଇ ଏକ ପୁତ୍ର ପ୍ରସବ କରିବ ।ତୁମ୍ଭେ ତାଙ୍କୁ ଯୀଶୁ ନାମ ଦେବ ।ସେ ସର୍ବୋପରିସ୍ଥ ଈଶ୍ୱରଙ୍କ ପୁତ୍ର ହେବେ ଓ ଚିରକାଳ ରାଜତ୍ୱ କରିବେ ।"

### ଇଲିଶାବେଥଙ୍କୁ ଗର୍ଭଧାରଣ କରିବାର କେତେ ସମୟ ହୋଇଥିଲା ଯେତେବେଳେ ଦୁତ ମରିୟମଙ୍କୁ ଦେଖାଦେଇଥିଲେ?

ଛ' ମାସ

### ମରିୟମଙ୍କୁ କଣ ଘଟିବାକୁ ଯାଉଅଛି ବୋଲି ଦୁତ କହିଲେ ?

ସେ ଗର୍ଭଧାରଣ କରିବ ଏବଂ ଏକ ପୁତ୍ରକୁ ଜନ୍ମ ଦେବ ।

### ଯୀଶୁ କଣ ହେବାକୁ ଯାଉଛନ୍ତି ବୋଲି ଦୁତ କହିଲେ ?

ସେ ସର୍ବୋପରିସ୍ଥ ଈଶ୍ୱରଙ୍କ ପୁତ୍ର ।

---

## 22:05

ମରିୟମ ଉତ୍ତର ଦେଇ କହିଲେ "ଏହା କିପରି ସମ୍ଭବ, ଯେହେତୁ ମୁଁ ଜଣେ କୁମାରୀ ଅଟେ ?"ଦୂତ ବୁଝାଇ କହିଲେ "ପବିତ୍ରଆତ୍ମା ତୁମ୍ଭ ଉପରେ ଅବତରଣ କରିବେ, ଏବଂ ଈଶ୍ୱରଙ୍କ ଶକ୍ତି ତୁମ୍ଭକୁ ଆବୋରିବ ।ତେଣୁ ସେହି ଶିଶୁ ପବିତ୍ର ଓ ଈଶ୍ୱରଙ୍କ ପୁତ୍ର ହେବ ।"ଦୂତ ତାହାଙ୍କୁ ଯାହା କହିଥିଲେ ମରିୟମ ତାହା ବିଶ୍ୱାସ କରି ଗ୍ରହଣ କଲେ ।

### କାହିଁକି ଯୀଶୁଙ୍କର ଜନ୍ମ ଏକ ଆଶ୍ଚର୍ଯ୍ୟ ଥିଲା?

ମରିୟମ ଏକ କୁମାରୀ ଥିଲେ.

### ଯୀଶୁ କାହାର ପୁତ୍ର ଅଟନ୍ତି?

ଯୀଶୁ ଈଶ୍ୱରଙ୍କ ପୁତ୍ର ଅଟନ୍ତି ।”

---

## 22:06

ଦୂତ ମରିୟମଙ୍କୁ କହିସାରିଲା ପରେ, ସେ ଯାଇ ଇଲିଶାବେଥଙ୍କୁ ଭ୍ରମଣ କଲେ ।ଇଲିଶାବେଥ ମରିୟମଙ୍କ ନମସ୍କାର (ସମ୍ବୋଧନ) ଶୁଣିବା ମାତ୍ରେ ଇଲୀଶାବେଥଙ୍କ ଗର୍ଭରେ ଥିବା ସନ୍ତାନ ଡେଇଁ ଉଠିଲା ।ସେମାନଙ୍କ ପ୍ରତି ଈଶ୍ୱର ଯାହା କରିଥିଲେ ସେ ବିଷୟକୁ ଭାବି ସ୍ତ୍ରୀମାନେ ଏକାଠି ଆନନ୍ଦ କଲେ ।ମରିୟମ ଇଲିଶାବେଥଙ୍କୁ ସାକ୍ଷାତ କରି ତିନିମାସ ପରେ ମରିୟମ ଗୃହକୁ ଫେରିଗଲେ ।

### ଦୂତ ତାଙ୍କ ଠାରୁ ଚାଲିଗଲା ପରେ, ମରିୟମ କାହାକୁ ଦେଖା କରିବାକୁ ଗଲେ ?

ସେ ଇଲିଶାବେଥଙ୍କୁ ଦେଖା କରିବାକୁ ଗଲେ.

---

## 22:07

ଇଲିଶାବେଥ ତାଙ୍କ ଶିଶୁକୁ ଜନ୍ମ ଦେଇସାରିଲା ପରେ, ଯିଖରିୟ ଓ ଇଲିଶାବେଥ, ଦୂତଙ୍କ ଆଦେଶ ଦେଇଥିବା ଅନୁଯାୟୀ ସେହି ଶିଶୁକୁ ଯୋହନ ନାମ ଦେଲେ ।ତା'ପରେ ଈଶ୍ୱର ଯିଖରିୟଙ୍କୁ କଥା କହିବା ନିମନ୍ତେ ପୁନର୍ବାର ସକ୍ଷମ କରାଇଲେ ।ଯିଖରିୟ କହିଲେ “ଈଶ୍ୱରଙ୍କ ପ୍ରଶଂସା ହେଉ, କାରଣ ସେ ଆପଣା ଲୋକମାନଙ୍କୁ ସ୍ମରଣ କରିଅଛନ୍ତି!”ମୋ ପୁତ୍ର, ତୁମ୍ଭକୁ ସର୍ବୋପରିସ୍ଥ ଈଶ୍ୱରଙ୍କର ଭାବବାଦୀ ବୋଲି ଡକାଯିବ ଯିଏ କିପରି ଭାବରେ ଲୋକମାନେ ସେମାନଙ୍କ ପାପ ନିମନ୍ତେ କ୍ଷମା ପାଇବେ ତାହା ସେ ସେମାନଙ୍କୁ କହିବ ।

### ଯିଖରିୟ ଯୋହନ ବିଷୟରେ କଣ କହିଲେ ?

ଯୋହନ, ସର୍ବୋପରିସ୍ଥ ଈଶ୍ୱରଙ୍କର ଭାବବାଦୀ ହେବେ ଏବଂ ଲୋକମାନଙ୍କୁ କିପରି ସେମାନଙ୍କ ପାପରୁ କ୍ଷମା ପାଇବେ, ତାହା ସେ ସେମାନଙ୍କୁ କହିବେ ।

# ଯୀଶୁଙ୍କ ଜନ୍ମ

## 23:01

ଯୋଶେଫ ନାମକ ଜଣେ ଧାର୍ମିକ ବ୍ୟକ୍ତିଙ୍କ ସହ ମରିୟମଙ୍କର ବିବାହ ନିର୍ବନ୍ଧ ହୋଇଥିଲା ।ମରିୟମ ଗର୍ଭବତୀ ଅଛନ୍ତି ବୋଲି ସେ ଯେତେବେଳେ ଜାଣିଲେ, ସେ ଜାଣିଥିଲେ ଏହି ସନ୍ତାନ ତାଙ୍କର ନୁହେଁ ।ସେ ମରିୟମଙ୍କୁ ଲଜ୍ଜିତ କରିବାକୁ ଇଚ୍ଛା କଲେ ନାହିଁ, ତେଣୁ ସେ ଗୁପ୍ତରେ ତାଙ୍କୁ ଛାଡପତ୍ର ଦେବା ନିମନ୍ତେ ଯୋଜନା କଲେ ।ସେ ତାହା କରିବା ପୂର୍ବରୁ ଜଣେ ଦୂତ ତାଙ୍କ ନିକଟକୁ ଆସି ଦର୍ଶନରେ ତାଙ୍କୁ କହିଲେ ।

### ଯୋଶେଫ କେଉଁ ପ୍ରକାରର ବ୍ୟକ୍ତି ଥିଲେ ?

ସେ ଜଣେ ଧାର୍ମିକ ବ୍ୟକ୍ତି ଥିଲେ

### ଯୋଶେଫ୍ ମରିୟମଙ୍କ ସହିତ କଣ କରିବାକୁ ଯୋଜନା କରିଥିଲେ ଯେତେବେଳେ ସେ ଗର୍ଭବତୀ ଥିଲେ ?

ସେ ଗୁପ୍ତରେ ତାଙ୍କୁ ଛାଡପତ୍ର ଦେବା ନିମନ୍ତେ ଯୋଜନା କଲେ ।

---

## 23:02

ଦୂତ କହିଲେ "ଯୋଷେଫ, ତୁମ୍ଭ ଭାର୍ଯ୍ୟା ମରିୟମଙ୍କୁ ନେବା ନିମନ୍ତେ ଭୟ କରନାହିଁ ।ତାଙ୍କ ଗର୍ଭରେ ଥିବା ଶିଶୁ ପବିତ୍ରଆତ୍ମାଙ୍କଠାରୁ ହୋଇଛି ।ସେ ଜଣେ ପୁତ୍ରଙ୍କୁ ଜନ୍ମ ଦେବେ ।ତାଙ୍କ ନାମ ଯୀଶୁ ଦିଅ (ଯାହାର ଅର୍ଥ "ସଦାପ୍ରଭୁ ରକ୍ଷା କରନ୍ତି"), କାରଣ ସେ ଲୋକମାନଙ୍କୁ ସେମାନଙ୍କ ପାପରୁ ଉଦ୍ଧାର କରିବେ ।"

### ମରିୟମଙ୍କୁ ବିବାହ କରିବା ପାଇଁ ଯୋଷେଫଙ୍କର ମନ କେଉଁ କାରଣ ଯୋଗୁଁ ପରିବର୍ତ୍ତନ ହେଲା ?

ଏକ ଦୂତ ସ୍ୱପ୍ନରେ ଆସିଲେ ଏବଂ କହିଲେ,, ମରିୟମଙ୍କୁ ତୁମ୍ଭର ସ୍ତ୍ରୀ କରିବା ପାଇଁ ଭୟଭୀତ ହୁଅ ନାହିଁ ।

### "ଯୀଶୁ" ନାମର ଅର୍ଥ କଣ ଅଟେ ?

ଏହାର ଅର୍ଥ, "ସଦାପ୍ରଭୁ ରକ୍ଷା କରନ୍ତି ".

---

## 23:03

ତେଣୁ ଯୋଷେଫ ମରିୟମଙ୍କୁ ବାହା ହେଲେ ଏବଂ ତାଙ୍କୁ ସ୍ତ୍ରୀ ଭାବରେ ଗ୍ରହଣ କରି ନିଜ ଗୃହକୁ ନେଲେ କିନ୍ତୁ ସେ ପୁତ୍ର ସନ୍ତାନ ଜନ୍ମ ନ କରିବା ପର୍ଯ୍ୟନ୍ତ ତାଙ୍କ ସହିତ ସହବାସ କଲେ ନାହିଁ ।

---

## 23:04

ଯେତେବେଳେ ମରିୟମଙ୍କ ପ୍ରସବକାଳ ଉପସ୍ଥିତ ହେଲା, ରୋମୀୟ ସରକାର ସମସ୍ତଙ୍କୁ ନିଜ ନିଜ ପୈତୃକ ସ୍ଥାନକୁ ଯାଇ ଜନଗଣନାରେ ଯୋଗଦାନ କରିବାକୁ କହିଲେ । ଯୋଶେଫ ଓ ମରିୟମ ବାସ କରୁଥିବା ନାଜରିତରୁ ଦୂର ଯାତ୍ରା କରି ବେଥଲିହିମକୁ ଯିବାକୁ ପଡିଥିଲା କାରଣ ସେମାନଙ୍କର ପିତୃପୁରୁଷ ଦାଉଦଙ୍କ ନିଜ ସହର ବେଥଲିହିମ ଥିଲା ।

### କାହିଁକି ଯୋଶେଫ ଏବଂ ମରିୟମ ବେଥଲିହିମକୁ ଦୂର ଯାତ୍ରା କଲେ ?

କାରଣ ରୋମୀୟ ସରକାର ସମସ୍ତଙ୍କୁ ନିଜ ନିଜ ସ୍ଥାନକୁ ଯେଉଁଠାରେ ସେମାନଙ୍କ ପୂର୍ବପୁରୁଷମାନେ ରହୁଥିଲେ, ଯାଇ ଜନଗଣନାରେ ଯୋଗଦାନ କରିବାକୁ କହିଲେ ।

---

## 23:05

ସେମାନେ ଯେତେବେଳେ ବେଥଲିହିମରେ ପହଞ୍ଚିଲେ, ସେମାନଙ୍କୁ ରହିବା ପାଇଁ ସ୍ଥାନ ନ ଥିଲା ।ପଶୁଗୁଡିକ ରହୁଥିବା ଗୃହରେ ହିଁ ସେମାନେ କେବଳ ସ୍ଥାନ ପାଇଥିଲେ ।ଶିଶୁଟି ସେଠାରେ ଜନ୍ମ ହୋଇଥିଲା ଏବଂ ତାଙ୍କ ମା ତାଙ୍କୁ ଖାଇବା କୁଣ୍ଡରେ ଶୁଆଇଦେଇଥିଲେ, ଯେହେତୁ ତାଙ୍କୁ ଶୁଆଇବା ନିମନ୍ତେ ସେମାନଙ୍କର ଶଯ୍ୟା ନ ଥିଲା ।ସେମାନେ ତାହାଙ୍କୁ ଯୀଶୁ ନାମ ଦେଲେ ।

### ଯୀଶୁ କେଉଁ ପ୍ରକାର ସ୍ଥାନରେ ଜନ୍ମ ହୋଇଥିଲେ ?

ସେ ପଶୁ ରହିବା ସ୍ଥାନରେ ଜନ୍ମଗ୍ରହଣ କରିଥିଲେ .

---

## 23:06

ସେହି ରାତ୍ରିରେ ନିକଟସ୍ଥ ଏକ କ୍ଷେତରେ କେତେ ମେଷପାଳକ ସେମାନଙ୍କ ପଶୁପଲକୁ ଜଗୁଥିଲେ ।ହଠାତ୍, ଏକ ଆଲୋକିତ ଦୂତ ସେମାନଙ୍କ ନିକଟରେ ଉପସ୍ଥିତ ହେଲେ, ଏବଂ ସେମାନେ ଭୟଭୀତ ହେଲେ ।ଦୂତ କହିଲେ "ଭୟ କରନାହିଁ, କାରଣ ତୁମ୍ଭ ନିମନ୍ତେ ମୋ ନିକଟରେ ଏକ ଶୁଭ ସମ୍ବାଦ ରହିଅଛି ।ପ୍ରଭୁ ଖ୍ରୀଷ୍ଟ ବେଥଲିହିମରେ ଜନ୍ମଲାଭ କରିଅଛନ୍ତି!"

### ମେଷପାଳକମାନଙ୍କୁ ଦୁତଙ୍କର ସମ୍ବାଦ କଣ ଥିଲା ?

ଭୟ କର ନାହିଁ, କାରଣ ତୁମ୍ଭମାନଙ୍କ ନିମନ୍ତେ ମୋ ଠାରେ କିଛି ସୁସମ୍ବାଦ ଅଛିଖ୍ରୀଷ୍ଟ,, ଗୁରୁ, ବେଥଲିହିମରେ ଜନ୍ମ ହୋଇଅଛାନ୍ତି !

---

## 23:07

“ସେହି ଶିଶୁର ଅନ୍ୱେଷଣ କର, ଏବଂ ତୁମ୍ଭେମାନେ ତାହାଙ୍କୁ ଗୁହାଳ କୁଣ୍ଡରେ ଲୁଗାରେ ଗୁଡା ହୋଇ ଏବଂ ଶୋଇଥିବା ଦେଖିବ ।”ହଠାତ୍, ଆକାଶ ଦୂତମାନଙ୍କ ଦ୍ୱାରା ପରିପୂର୍ଣ୍ଣ ହୋଇଗଲା ଏବଂ ଈଶ୍ୱରଙ୍କ ସ୍ତୁତି କରିଲେ ଏବଂ କହିଲେ, “ଉର୍ଦ୍ଧ୍ୱଲୋକରେ ଈଶ୍ୱରଙ୍କ ମହିମା ଓ ପୃଥିବୀରେ ତାହାଙ୍କ ସନ୍ତୋଷପାତ୍ର ମନୁଷ୍ୟମାନଙ୍କ ମଧ୍ୟରେ ଶାନ୍ତି !”

---

## 23:08

ମେଷପାଳକଗଣ ଅତିଶୀଘ୍ର ଯୀଶୁ ଯେଉଁଠାରେ ଥିଲେ ସେଠାରେ ପହଞ୍ଚିଲେ ଏବଂ ସେମାନେ ତାହାଙ୍କୁ ଦୂତ କହିଥିବା ଅନୁଯାୟୀ ଗୁହାଳ କୁଣ୍ଡରେ ଶୋଇଥିବାର ଦେଖିଲେ ।ସେମାନେ ଅତିଶୟ ଉତ୍ସାହିତ ହୋଇଯାଇଥିଲେ ।ମେଷପାଳକଗଣ କ୍ଷେତରେ ପହଞ୍ଚିଲେ ଯେଉଁଠାରେ ସେମାନଙ୍କର ମେଷପଲ ଥିଲେ ଏବଂ ସେମାନେ ଯାହା ସବୁ ଶୁଣିଥିଲେ ଓ ଦେଖିଥିଲେ ସେଥିଯୋଗୁଁ ଈଶ୍ୱରଙ୍କର ପ୍ରଶଂସା କରୁଥିଲେ ।

### ଯେତେବେଳେ ସେମାନେ ଶିଶୁ ସନ୍ତାନକୁ ପାଇବେ, ସେମାନେ କିପରି ଜାଣିପାରିବେ ଯେ ତାହା ପ୍ରକୃତ ଶିଶୁ ଅଟନ୍ତି ?

ତୁମ୍ଭେମାନେ ତାହାଙ୍କୁ ଗୁହାଳ କୁଣ୍ଡରେ ଲୁଗାରେ ଗୁଡା ହୋଇଥିବାର ଏବଂ ଶୋଇଥିବାର ଦେଖିବ ।

### ମେଷପାଳକମାନେ କ’ଣ କଲେ ଯେତେବେଳେ ସେମାନେ ଶିଶୁଙ୍କୁ ଦେଖିଲେ ?

ସେମାନେ କ୍ଷେତକୁ ଫେରିଗଲା ପରେ, ଯାହା ସେମାନେ ଶୁଣିଥିଲେ ଏବଂ ଦେଖିଥିଲେ ପରମେଶ୍ୱରଙ୍କ ପ୍ରଶଂସା କଲେ

---

## 23:09

କିଛି ସମୟ ପରେ, ପୂର୍ବ ଦେଶରୁ ଆସିଥିବା ପଣ୍ଡିତଗଣ ଆକାଶରେ ଏକ ଅସ୍ୱାଭାବିକ ତାରା ଦେଖିଲେ ।ସେମାନେ ହୃଦୟଙ୍ଗମ କଲେ ଯେ ଯିହୂଦୀମାନଙ୍କର ନୂତନ ରାଜା ଜନ୍ମ ହେବା ବିଷୟରେ ଏହା ବୁଝାଉଥିଲା ।ତେଣୁ, ସେମାନେ ଏହି ରାଜାଙ୍କୁ ଦେଖିବା ନିମନ୍ତେ ଦୂର ସ୍ଥାନରୁ ଯାତ୍ରା କରି ଆସିଲେ ।ସେମାନେ ବେଥଲିହିମକୁ ଆସିଲେ ଏବଂ ଯୀଶୁ ଓ ତାହାଙ୍କ ପିତାମାତା ଯେଉଁ ଗୃହରେ ରହୁଥିଲେ ସେହି ଗୃହକୁ ପାଇଲେ ।

### ପରେ, ପୂର୍ବଦେଶରେ ପଣ୍ଡିତ ଲୋକମାନେ, ଯିହୂଦୀମାନଙ୍କର ନୂତନ ରାଜା ଜନ୍ମ ହୋଇଛନ୍ତି ବୋଲି କିପରି ଜାଣିଲେ ?

ସେମାନେ ଆକାଶରେ ଏକ ଅସ୍ୱାଭାବିକ ତାରା ଦେଖିଲେ ।

---

## 23:10

ପଣ୍ଡିତଗଣ ଯେତେବେଳେ ଯୀଶୁଙ୍କୁ ତାଙ୍କ ମାତାଙ୍କ ସହ ଦେଖିଲେ, ସେମାନେ ଭୂମିଷ୍ଠ ହୋଇ ତାହାଙ୍କୁ ପ୍ରଣାମ କଲେ ।ସେମାନେ ଯୀଶୁଙ୍କୁ ବହୁମୂଲ୍ୟ ଉପହାରଗୁଡିକ ଦେଲେ ।ତା'ପରେ ସେମାନେ ନିଜ ଗୃହକୁ ଫେରି ଆସିଲେ ।

### ପଣ୍ଡିତମାନେ କ'ଣ କଲେ, ଯେତେବେଳେ ସେମାନେ ଯୀଶୁଙ୍କୁ ଦେଖିଲେ ?

ସେମାନେ ତା'ଙ୍କୁ ପ୍ରଣାମ କଲେ ଓ ଉପାସନା କଲେ ଏବଂ ଯୀଶୁଙ୍କୁ ବହୁମୂଲ୍ୟ ଉପହାର. ଦେଲେ

# ଯୋହନ ଯୀଶୁଙ୍କୁ ବାପ୍ତିସ୍ମ ଦିଅନ୍ତି

## 24:01

ଯିଖରିୟ୍ ଓ ଇଲିଶାବେଥଙ୍କ ପୁତ୍ର ଯୋହନ ବଢ଼ ହୋଇ ଜଣେ ଭାବବାଦୀ ହେଲେ ।ସେ ପ୍ରାନ୍ତରରେ ବାସ କଲେ, ବନ ମଧୁ ଓ ପଙ୍ଗପାଳ ଖାଉଥିଲେ, ଏବଂ ଓଟ ଲୋମର ପୋଷାକ ପିନ୍ଧୁଥିଲେ ।

### ଯେତେବେଳେ ଯୋହନ ବୃଦ୍ଧି ହେବାକୁ ଲାଗିଲେ, କେଉଁଠାରେ ସେ ରହୁଥିଲେ ?

ସେ ମରୁପ୍ରାନ୍ତରରେ ରହୁଥିଲେ

---

## 24:02

ଅନେକ ଲୋକ ଯୋହନଙ୍କ କଥା ଶୁଣିବା ନିମନ୍ତେ ପ୍ରାନ୍ତରକୁ ଆସୁଥିଲେ ।ସେ ସେମାନଙ୍କୁ ପ୍ରଚାର କରି କହିଲେ “ମନପରିବର୍ତ୍ତନ କର, କାରଣ ଈଶ୍ୱରଙ୍କ ରାଜ୍ୟ ସନ୍ନିକଟ!”

### ଯୋହନ ଲୋକମାନଙ୍କୁ କେଉଁ ସମ୍ବାଦ ପ୍ରଚାର କରୁଥିଲେ ?

“ମନପରିବର୍ତ୍ତନ କର, କାରଣ ଈଶ୍ୱରଙ୍କ ରାଜ୍ୟ ସନ୍ନିକଟ!”

---

## 24:03

ଲୋକମାନେ ଯେତେବେଳେ ଯୋହନଙ୍କ ବାର୍ତ୍ତା ଶୁଣିଲେ, ସେମାନଙ୍କ ମଧ୍ୟରୁ ଅନେକେ ସେମାନଙ୍କ ପାପରୁ ପରିବର୍ତ୍ତିତ ହେଲେ, ଏବଂ ଯୋହନ ସେମାନଙ୍କୁ ବାପ୍ତିଜିତ କଲେ ।ଅନେକ ଧାର୍ମିକ ନେତା ମଧ୍ୟ ଯୋହନଙ୍କ ଦ୍ଵାରା ବାପ୍ତିଜିତ ହେବା ନିମନ୍ତେ ଆସିଲେ, କିନ୍ତୁ ସେମାନେ ମନ ପରିବର୍ତ୍ତନ କରିନଥିଲେ କିମ୍ବା ସେମାନଙ୍କ ପାପ ସ୍ୱୀକାର କରିନଥିଲେ ।

### ଯୋହନ ଲୋକମାନଙ୍କୁ କ'ଣ କଲେ, ଯେଉଁମାନେ ତାଙ୍କ ପ୍ରଚାର ଦ୍ଵାରା ଅନୁତାପ କରୁଥିଲେ,?

ସେ ସେମାନଙ୍କୁ.ବାପ୍ତିଜିତ କଲେ

---

## 24:04

ଯୋହନ ସେହି ଧାର୍ମିକ ନେତାମାନଙ୍କୁ କହିଲେ "ହେ କାଳ ସର୍ପର ବଂଶ!ଅନୁତାପ କର ଓ ତୁମ୍ଭମାନଙ୍କ ବ୍ୟବହାର ପରିବର୍ତ୍ତନ କର । ଯେକୌଣସି ବୃକ୍ଷ ଭଲ ଫଳ ନ ଫଳେ ତାହା କାଟି ଦିଆଯିବ ଏବଂ ନିଆଁରେ ଫୋପାଡି ଦିଆଯିବ ।"ଭାବବାଦୀମାନେ ଯାହା ଯାହା ତାହାଙ୍କ ବିଷୟରେ କହିଥିଲେ ଯୋହନ ତାହା ସଫଳ କଲେ "ଦେଖ, ମୁଁ ତୁମ୍ଭ ଆଗରେ ମୋ ଦୂତବାହିନୀକୁ ପ୍ରେରଣ କରୁଅଛି ଯିଏ ତୁମ୍ଭର ପଥ ପ୍ରସ୍ତୁତ କରିବେ ।"

### କେଉଁ ଲୋକମାନଙ୍କ ଦଳକୁ ଯୋହନ କାଳସର୍ପମାନଙ୍କ ସହିତ ତୁଳନା କଲେ ?

ତାହା ଅନେକ ଧାର୍ମିକ ନେତାମାନଙ୍କୁ ସୁଚାଏ ଯେଉଁମାନେ ଅନୁତାପ ମନା କରୁଥିଲେ

---

## 24:05

କିଛି ଯିହୂଦୀମାନେ ଯୋହନଙ୍କୁ ସେ ଖ୍ରୀଷ୍ଟ କି ବୋଲି ପଚାରିଲେ ।ଯୋହନ ଉତ୍ତର ଦେଲେ "ମୁଁ ଖ୍ରୀଷ୍ଟ ନୁହେଁ, କିନ୍ତୁ ମୋ ପରେ ଜଣେ ଆସୁଅଛନ୍ତି । ସେ ଏତେ ମହାନ୍ ଯେ ତାହାଙ୍କ ପାଦୁକାର ବନ୍ଧନ ଫିଟାଇବାକୁ ମୁଁ ଯୋଗ୍ୟ ନୁହେଁ ।"

### ଯୋହନଙ୍କ ପ୍ରତିଉତ୍ତର କଣ ଥିଲା, ଯେତେବେଳେ ଯିହୁଦୀମାନେ ତାହାଙ୍କୁ ପଚାରିଲେ ସେ କ'ଣ ଖ୍ରୀଷ୍ଟ ଅଟନ୍ତି କି ନାହିଁ ?

ସେ କହିଲେ ଯେ ସେ ଖ୍ରୀଷ୍ଟ ନୁହନ୍ତି

---

## 24:06

ପରଦିନ ଯୋହନଙ୍କ ଦ୍ୱାରା ବାପ୍ତିଜିତ ହେବା ନିମନ୍ତେ ଯୀଶୁ ଆସିଲେ ।ଯୋହନ ଯେତେବେଳେ ତାହାଙ୍କୁ ଦେଖିଲେ, ସେ କହିଲେ "ଏହି ଦେଖ!ଈଶ୍ୱରଙ୍କ ମେଷଶାବକ ଯିଏ ଜଗତର ପାପ ଭାର ବୋହିନେଇ ଯାଆନ୍ତି ।"

### ଯୀଶୁ ବାପ୍ତିଜିତ ହେବା ପାଇଁ ଆସୁଥିବାର ଦେଖି ଯୋହନ କେଉଁ ନାମ ତାଙ୍କ ପାଇଁ ବ୍ୟବହାର କଲେ ?

ସେ ତାହାଙ୍କୁ ସମ୍ବୋଧିତ କଲେ, "ଈଶ୍ୱରଙ୍କ ମେଷଶାବକ ଯିଏ ଜଗତର ପାପ ଭାର ବୋହିନେଇ ଯାଆନ୍ତି ।"

---

## 24:07

ଯୋହନ ଯୀଶୁଙ୍କୁ କହିଲେ "ତୁମକୁ ବାପ୍ତିସ୍ମ ଦେବା ନିମନ୍ତେ ମୁଁ ଯୋଗ୍ୟ ନୁହେଁ ।ବରଂ ତୁମେ ମୋତେ ବାପ୍ତିସ୍ମ ଦେବା ଉଚିତ୍ ।"କିନ୍ତୁ ଯୀଶୁ କହିଲେ "ତୁମ୍ଭେ ମୋତେ ବାପ୍ତିସ୍ମ ଦେବା ଆବଶ୍ୟକ, କାରଣ ଏହିପ୍ରକାରେ ସମସ୍ତ ଧାର୍ମିକତା ସମ୍ପୂର୍ଣ୍ଣ ହେବ ତେଣୁ ଯୋହନ ତାହାଙ୍କୁ ବାପ୍ତିଜିତ କଲେ, ଯଦିଓ ଯୀଶୁ କେବେ ପାପ କରିନଥିଲେ ।

### ଯୋହନ ତାହାଙ୍କୁ ବାପ୍ତିସ୍ମ ଦେବା ପୂର୍ବରୁ କାହିଁକି ଯୀଶୁଙ୍କୁ ଅନୁତାପ କରିବାକୁ ପଡି ନ ଥିଲା ?

କାରଣ ଯୀଶୁ କେବେ ପାପ କରି ନ ଥିଲେ ।

### କାହିଁକି ଯୀଶୁ କହିଲେ ଯେ ଯୋହନ ତାଙ୍କୁ ବାପ୍ତିସ୍ମ ଦେବା ଉଚିତ ?

ଯୋହନ ଯୀଶୁଙ୍କୁ ବାପ୍ତିସ୍ମ ଦେଲେ କାରଣ ଏହା କରିବା ଯଥାର୍ଥ ଥିଲା.

---

## 24:08

ବାପ୍ତିଜିତ ହେଲାପରେ ଯେତେବେଳେ ଯୀଶୁ ଜଳରୁ ଉଠି ଆସିଲେ, ଈଶ୍ୱରଙ୍କ ଆତ୍ମା ଏକ କପୋତ ରୂପରେ ଦେଖାଦେଇଥିଲେ ଏବଂ ଏହା ତଳକୁ ଆସି ତାଙ୍କ ଉପରେ ଅବତରଣ (ବସିଲା) କଲା ।ସେହି ସମୟରେ, ଈଶ୍ୱରଙ୍କ ରବ ଆକାଶରୁ ଶୁଣାଗଲା ଏବଂ କହିଲେ, "ତୁମ୍ଭେ ଆମ୍ଭର ପ୍ରିୟ ପୁତ୍ର ଯାହାଙ୍କଠାରେ ଆମ୍ଭର ପରମ ସନ୍ତୋଷ ।"

### ଯୀଶୁ ବାପ୍ତିସ୍ମ ନେଲା ପରେ କିଏ ତାଙ୍କ ଉପରେ କିଏ ଅବତରଣ କଲେ ?

ଈଶ୍ୱରଙ୍କ ଆତ୍ମା ଏକ କପୋତ ଭାବରେ ଦେଖାଦେଲେ

### ଯୀଶୁଙ୍କ ବାପ୍ତିସ୍ମ ପରେ ପରମେଶ୍ୱର ତାଙ୍କୁ କଣ କହିଲେ ?

"ତୁମ୍ଭେ ମୋର ପ୍ରିୟ ପୁତ୍ର ଯାହାକୁ ମୁଁ ପ୍ରେମ କରେ, ଏବଂ ତୁମ୍ଭ ଠାରେ ମୋର ପରମ ସନ୍ତୋଷ ।"

---

## 24:09

ଈଶ୍ୱର ଯୋହନଙ୍କୁ କହିଥିଲେ "ତୁମ୍ଭେ ଯାହାଙ୍କୁ ବାପ୍ତିସ୍ମ ଦେବ ତାଙ୍କ ଉପରେ ପବିତ୍ର ଆତ୍ମା ଅବତରଣ ହେବେ ଏବଂ ରହିବେ ।ସେହି ବ୍ୟକ୍ତି ଈଶ୍ୱରଙ୍କ ପୁତ୍ର ଅଟନ୍ତି ।"କେବଳ ଏକମାତ୍ର ଈଶ୍ୱର ଅଛନ୍ତି।କିନ୍ତୁ ଯୋହନ ଯେତେବେଳେ ଯୀଶୁଙ୍କୁ ବାପ୍ତିସ୍ମ ଦେଲେ, ସେ ପିତା କଥା କହୁଥିବାର ଶୁଣିଲେ, ଈଶ୍ୱରଙ୍କ ପୁତ୍ର ଯୀଶୁଙ୍କୁ ଦେଖିଲେ, ଏବଂ ପବିତ୍ରଆତ୍ମାଙ୍କୁ ଦେଖିଲେ ।

### ପରମେଶ୍ୱର କାହାକୁ କହିଲେ ପବିତ୍ରା ଆତ୍ମା ଓହ୍ଲାଇ ଆସିବେ ଏବଂ ବାସ କରିବେ ?

ସେ ପରମେଶ୍ୱରଙ୍କ ପୁତ୍ର ଯୀଶୁଙ୍କ ଉପରେ ନିବିଷ୍ଟ ହେବେ ।"

# ଶୟତାନ ଯୀଶୁଙ୍କୁ ପରୀକ୍ଷା କରେ

## 25:01

ଯୀଶୁ ବାପ୍ତିଜିତ ହେବାର ତତ୍‌କ୍ଷଣାତ୍ ପ୍ରବିତ୍ରଆତ୍ମା ତାଙ୍କୁ ପ୍ରାନ୍ତରକୁ ଚାଳିତ କଲେ, ଯେଉଁଠି ସେ ଚାଳିଶ ଦିନ ଓ ଚାଳିଶ ରାତ୍ରି ଉପବାସ କଲେ ।ତା'ପରେ ଶୟତାନ ଯୀଶୁଙ୍କ ନିକଟକୁ ଆସିଲା ଏବଂ ତାଙ୍କୁ ପାପ କରିବା ନିମନ୍ତେ ପ୍ରଲୋଭିତ କଲା ।

### ବାପ୍ତିସ୍ମ ପରେ ଯୀଶୁ କେଉଁଠାକୁ ଗଲେ ?

ଯୀଶୁ ମରୁପ୍ରାନ୍ତରକୁ ଗଲେ

### କିଏ ଯୀଶୁଙ୍କୁ ମରୁପ୍ରାନ୍ତରକୁ କଢ଼ାଇ ନେଲେ ?

ପବିତ୍ର ଆତ୍ମା ତାହାଙ୍କୁ କଢ଼ାଇ ନେଲେ

### ମରୁପ୍ରାନ୍ତରରେ ଯୀଶୁ କଣ କରୁଥିଲେ ?

ସେ ଚାଳିଶ ଦିନ ଓ ଚାଳିଶ ରାତି ଉପବାସ କଲେ

---

## 25:02

ଶୟତାନ ଏହା କହି ଯୀଶୁଙ୍କୁ ପ୍ରଲୋଭିତ କରିଥିଲା "ଯଦି ତୁମ୍ଭେ ଈଶ୍ଵରଙ୍କ ପୁତ୍ର, ଏହି ପଥରଗୁଡିକ ରୋଟୀରେ ପରିଣତ ହେବା ପାଇଁ ଆଜ୍ଞା ଦିଅ!"

### ଶୟତାନ୍ ପଥର ଗୁଡିକ ଦ୍ଵାରା ଯୀଶୁଙ୍କୁ କିପରି ପରୀକ୍ଷା କଲା ?

ସେ ଯୀଶୁଙ୍କୁ ପଥରଗୁଡିକ ରୋଟିରେ ପରିଣତ କରିବାକୁ କହିଲେ .

---

## 25:03

ଯୀଶୁ ଉତ୍ତର ଦେଲେ "ଈଶ୍ଵରଙ୍କ ବାକ୍ୟରେ ଲେଖାଅଛି, 'ମନୁଷ୍ୟ କେବଳ ରୋଟି ଦ୍ଵାରା ବଞ୍ଚେ ନାହିଁ କିନ୍ତୁ ଈଶ୍ଵରଙ୍କ ମୁଖରୁ ନିର୍ଗତ ପ୍ରତ୍ୟେକ ବାକ୍ୟରେ ବଞ୍ଚେ!"

### ଯୀଶୁ କହିଲେ କେଉଁ ରୋଟି ଆମ୍ଭମାନଙ୍କୁ ଅଧିକ ଆବଶ୍ୟକ ?

ପରମେଶ୍ୱର କହୁଥିବା ପ୍ରତ୍ୟେକ ବାକ୍ୟ ଆମ୍ଭମାନଙ୍କୁ ଆବଶ୍ୟକ

---

## 25:04

ତା'ପରେ ଶୟତାନ ମନ୍ଦିରର ଶୀର୍ଷକୁ ଘେନିଯାଇ ତାଙ୍କୁ କହିଲା "ତୁମ୍ଭେ ଯଦି ଈଶ୍ୱରଙ୍କ ପୁତ୍ର, ତଳକୁ ଡେଇଁପଡ, କାରଣ ଲେଖାଅଛି 'ତୁମ୍ଭେ ପାଦ ଯେପରି ଆଘାତ ନ ହେବ ଏଥିପାଇଁ ସେମାନେ ତୁମ୍ଭକୁ ହସ୍ତରେ ତୋଳି ଧରିବା ପାଇଁ ଈଶ୍ୱର ଦୂତମାନଙ୍କୁ ଆଜ୍ଞା ଦେବେ ।"

### ତା'ପରେ ଶୟତାନ୍ ଯୀଶୁଙ୍କୁ କେଉଁ ପରୀକ୍ଷା କଲା ?

ସେ ଯୀଶୁଙ୍କୁ ମନ୍ଦିରରୁ ନିଜକୁ ତଳକୁ ଢ଼େଇଁବା ପାଇଁ କହିଲେ

### କେଉଁମାନେ ଯୀଶୁଙ୍କ ରକ୍ଷା କରିବେ ବୋଲି ଶୟତାନ୍ କହିଲା ?

ପରମେଶ୍ୱର ତାଙ୍କ ଦୂତଗଣମାନଙ୍କୁ ଯୀଶୁ.ଙ୍କ ସୁରକ୍ଷା ପାଇଁ ଆଦେଶ ଦେବେ

---

## 25:05

କିନ୍ତୁ ଯୀଶୁ ଶାସ୍ତ୍ରରୁ ଉଦ୍ଧୃତ କରି ଶୟତାନକୁ ଉତ୍ତର ଦେଲେ ।ସେ କହିଲେ "ଈଶ୍ୱରଙ୍କ ବାକ୍ୟରେ, ସେ ତାହାଙ୍କ ଲୋକମାନଙ୍କୁ ଆଦେଶ ଦିଅନ୍ତି 'ତୁମ୍ଭ ପ୍ରଭୁ ଆପଣା ଈଶ୍ୱରଙ୍କୁ ପରୀକ୍ଷା କରିବ ନାହିଁ ।"

### ଶୟତାନର ପ୍ରତିଉତ୍ତରରେ ଯୀଶୁ କଣ କହିଲେ ?

ପରମେଶ୍ୱରଙ୍କ ବାକ୍ୟ କୁହେ, '' ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କୁ ପରୀକ୍ଷା କର ନାହିଁ'' .

---

## 25:06

ତା'ପରେ ଶୟତାନ ଜଗତର ସମସ୍ତ ରାଜ୍ୟ ଓ ସେସବୁର ଐଶର୍ଯ୍ୟ ଦେଖାଇ କହିଲା "ତୁମ୍ଭେ ଯଦି ନତ ହୋଇ ମୋତେ ପ୍ରଣାମ କରିବ ତେବେ ମୁଁ ଏହି ସମସ୍ତ ତୁମ୍ଭକୁ ଦେବି ।"

### ଅନ୍ତିମ ପରୀକ୍ଷାରେ ଶୟତାନ୍ ଯୀଶୁଙ୍କୁ କ'ଣ ଉପହାର ଦେବ ବୋଲି କହିଲା ?

ଶୟତାନ୍ ତାହାଙ୍କୁ ଜଗତର ସମସ୍ତ ରାଜ୍ୟ ଏବଂ ଐଶ୍ବର୍ଯ୍ୟ ଉପହାର ଦେବ ବୋଲି କହିଲା .

### ଏହି ରାଜ୍ୟଗୁଡିକୁ ଉପହାର ଭାବରେ ନେବା ପୂର୍ବରୁ ଶୟତାନ୍ ଯୀଶୁଙ୍କୁ କ'ଣ କରିବାକୁ କହିଲା ?

ଯୀଶୁଙ୍କୁ ନତ ହେବାକୁ ଏବଂ ଶୟତାନର ଉପାସନା କରିବାକୁ ପଡିବ.

---

## 25:07

ଯୀଶୁ ଉତ୍ତର ଦେଲେ "ଦୂର ହୁଅ ଶୟତାନ!ଈଶ୍ୱରଙ୍କ ବାକ୍ୟରେ ଲୋକମାନଙ୍କୁ କୁହାଯାଇଛି 'ତୁମ୍ଭେ କେବଳ ତୁମ୍ଭ ପ୍ରଭୁ ଈଶ୍ୱରଙ୍କର ହିଁ ଉପାସନା କରିବ ଓ ତାହାଙ୍କର ସେବା କରିବ ।"

### ଯୀଶୁ ଶୟତାନକୁ ଉପାସନା କରିବା ପାଇଁ ସହମତ ହେଲେ କି ?

ନୁହେଁ, ସେ କେବଳ ଏକମାତ୍ର ପରମେଶ୍ୱରଙ୍କ ଉପାସନା ଏବଂ ସେବା କରିବେ

---

## 25:08

ଯୀଶୁ ଶୟତାନର ପ୍ରଲୋଭନରେ ନିଜକୁ ଦେଇ ନଥିଲେ, ତେଣୁ ଶୟତାନ ତାହାଙ୍କୁ ଛାଡି ଚାଲିଯାଇଥିଲା ।ତା'ପରେ ଦୂତମାନେ ଆସି ଯୀଶୁଙ୍କର ସେବା କଲେ ।

### କ'ଣ ଶୟତାନ୍ ଯୀଶୁଙ୍କୁ ପାପ କରିବାରେ ସକ୍ଷମ ଥିଲା କି ?

ନାହିଁ.

### ଶୟତାନ୍ ଯୀଶୁଙ୍କୁ ଛାଡି ଚାଲିଗଲା ପରେ କ'ଣ ହେଲା ?

ଦୂତମାନେ ଆସିଲେ ଏବଂ ଯୀଶୁଙ୍କର ସେବା କଲେ ।

# ଯୀଶୁ ତାହାଙ୍କ ସେବାକାର୍ଯ୍ୟ ଆରମ୍ଭ କରନ୍ତି

## 26:01

ଶୟତାନର ପ୍ରଲୋଭନ ଉପରେ ଜୟଲାଭ କଲାପରେ, ଯୀଶୁ ପବିତ୍ରଆତ୍ମାଙ୍କ ଶକ୍ତିରେ ସେ ବାସ କରୁଥିବା ଗାଲିଲୀ ଅଞ୍ଚଳକୁ ବାହୁଡିଲେ । ଯୀଶୁ ଶିକ୍ଷା ଦେଇ ସ୍ଥାନକୁ ସ୍ଥାନ ଭ୍ରମଣ କଲେ ।ସମସ୍ତେ ତାଙ୍କ ବିଷୟରେ ଉତ୍ତମ ବିଷୟ କହିଲେ ।

### ଶୟତାନର ପରୀକ୍ଷାଗୁଡିକୁ ଜୟଲାଭ କଲା ପରେ ଯୀଶୁ କେଉଁଠାକୁ ଗଲେ ?

ଯୀଶୁ ଗାଲିଲୀ ପ୍ରଦେଶକୁ ଗଲେ ଯେଉଁଠାରେ ସେ ରହୁଥିଲେ

---

## 26:02

ଯୀଶୁ ଯେଉଁ ନାଜରିତରେ ନିଜ ବାଲ୍ୟକାଳରୁ ରହୁଥିଲେ, ସେହି ନଗରକୁ ଗଲେ ।ବିଶ୍ରାମବାରରେ ସେ ଉପାସନାର ସ୍ଥାନକୁ ଗଲେ ।ତାହାଙ୍କ ହାତରେ ନଳାକାର ପୁସ୍ତକ (ସେହି ସମୟରେ ଥିବା ପୁରାତନ ନିୟମ) ଦିଆଗଲା ଯେପରିକି ସେ ଯିଶାଇୟ ଭାବବାଦୀଙ୍କ ପୁସ୍ତକ ପାଠ କରିବେ ।ଯୀଶୁ ନଳାକାର ପୁସ୍ତକକୁ ଖୋଲିଲେ ସେଥିର କିଛି ଅଂଶକୁ ଲୋକମାନଙ୍କ ସମ୍ମୁଖରେ ପାଠ କଲେ ।

### ସେହି ନଗରର ନାମ କଣ ଥିଲା ଯେଉଁଠାରେ ଯୀଶୁ ନିଜ ବାଲ୍ୟକାଳ ସମୟରେ ରହୁଥିଲେ ?

ନାଜରିତ

### ବିଶ୍ରାମବାର ଦିନରେ ଯୀଶୁ କେଉଁଠାକୁ ଗଲେ ?

ସେ ଉପାସନା କରିବାର ଏକ ସ୍ଥାନକୁ ଗଲେ ।

### କାହିଁକି ଲୋକମାନେ ଆରାଧନାଳୟରେ ଯୀଶୁଙ୍କୁ ଯିଶାଇୟଙ୍କ ପୁସ୍ତକକୁ ହସ୍ତାନ୍ତର କରିଥିଲେ ?

ସେମାନେ ଯୀଶୁଙ୍କୁ ଏହି ଠାରୁ ପାଠ କରିବା ପାଇଁ ଚାହୁଁଥିଲେ.

---

## 26:03

ଯୀଶୁ ପାଠ କଲେ “ଈଶ୍ୱର ତାହାଙ୍କ ଆତ୍ମା ମୋତେ ପ୍ରଦାନ କରିଅଛନ୍ତି ଯେପରିକି ଦରିଦ୍ରମାନଙ୍କ ନିକଟରେ ସୁସମାଚାର ପ୍ରଚାର, ବନ୍ଦୀମାନଙ୍କୁ ମୁକ୍ତିର ବିଷୟ, ଅନ୍ଧମାନଙ୍କୁ ଦୃଷ୍ଟିଲାଭର ବିଷୟ, ଏବଂ ଉପଦ୍ରବପ୍ରାପ୍ତ ଲୋକମାନଙ୍କୁ ମୁକ୍ତ କରିବା ବିଷୟ ଘୋଷଣା କରିବି । ଏହା ସଦାପ୍ରଭୁଙ୍କ ଅନୁଗ୍ରହର ବର୍ଷ ।”

---

## 26:04

ତା'ପରେ ଯୀଶୁ ବସିଲେ ।ସମସ୍ତେ ତାହାଙ୍କୁ ସମୀପରେ ଦୃଷ୍ଟିପାତ କଲେ ।ଯୀଶୁ ଶାସ୍ତ୍ରର ଯେଉଁ ଅଂଶ ପାଠ କରିଥିଲେ ତାହା ଖ୍ରୀଷ୍ଟଙ୍କୁ ସୂଚୀତ କରୁଥିବାର ସେମାନେ ଜାଣିପାରିଲେ ।ଯୀଶୁ କହିଲେ "ମୁଁ ଯେଉଁ ବାକ୍ୟ ପାଠ କଲି ତାହା ବର୍ତ୍ତମାନ ଘଟୁଅଛି ।"ସମସ୍ତ ଲୋକ ଆଶ୍ଚର୍ଯ୍ୟ ହେଲେ ।ସେମାନେ କହିଲେ "ଏ କ'ଣ ଯୋଷେଫର ପୁତ୍ର ନୁହେଁ?"

### ଯୀଶୁ ଶାସ୍ତ୍ରର ଯେଉଁ ଅଂଶ ପାଠ କରିଥିଲେ ତାହା କାହାକୁ ସୁଚିତ କରୁଥିଲା ?

ଖ୍ରୀଷ୍ଟ

### ଯୀଶୁ ପାଠ କରିଥିବା ଶାସ୍ତ୍ର ବିଷୟରେ କଣ କହିଲେ ?

ସେ କହିଲେ, '' ତାହା ଏହି ସମୟରେ ସମ୍ପୂର୍ଣ ହୋଇଅଛି '' .

### କିପରି ଯୀଶୁଙ୍କ ନଗରର ଲୋକମାନେ ତାଙ୍କ ବାକ୍ୟରେ ପ୍ରତିକ୍ରିୟା କଲେ ?

ସେମାନେ ଚକିତ ହେଲେ ଏବଂ ପଚାରିଲେ " ଏ କ'ଣ ଯୋଷେଫଙ୍କର ପୁତ୍ର ନୁହେଁ?"

---

## 26:05

ତା'ପରେ ଯୀଶୁ କହିଲେ "ଏହା ସତ୍ୟ ଯେ କୌଣସି ଭାବବାଦୀ ନିଜ ନଗରରେ ଗ୍ରହଣଯୋଗ୍ୟ ନୁହନ୍ତି ।ଏଲୀୟ ଭାବବାଦୀଙ୍କ ସମୟରେ ଇସ୍ରାୟେଲ ମଧ୍ୟରେ ଅନେକ ବିଧବା ଥିଲେ ।କିନ୍ତୁ ଯେତେବେଳେ ସାଢେ ତିନି ବର୍ଷ ହେଲାନାହିଁ ସେତେବେଳେ ଈଶ୍ୱର ଏଲୀୟଙ୍କୁ ଇସ୍ରାୟେଲରେ ଥିବା କୌଣସି ବିଧବା ନିକଟକୁ ପ୍ରେରଣ ନ କରି ଭିନ୍ନ ଏକ ଦେଶରେ ଥିବା ବିଧବା ନିକଟକୁ ପ୍ରେରଣ କରିଥିଲେ ।"

### ପରମେଶ୍ୱରଙ୍କ ଭାବବାଦୀ ମାନେ ଅନ୍ୟ ଦେଶର ଲୋକମାନଙ୍କୁ ସାହାଯ୍ୟ କରିଥିବାର କେଉଁ ଉଦାହରଣଗୁଡିକ ଯୀଶୁ ଦେଲେ ?

ଦୁର୍ଭିକ୍ଷ ସମୟରେ ପରମେଶ୍ୱର ବିଧବାକୁ ସାହାଯ୍ୟ କରିଥିଲେ, ଏବଂ ସେ ଇସ୍ରାଏଲର ଶତ୍ରୁମାନଙ୍କ ସେନାପତି ନାମାନକୁ ସୁସ୍ଥ କଲେ,

---

## 26:06

ଯୀଶୁ କହି ଚାଲିଲେ "ଏବଂ ଇଲିଶାୟ ଭାବବାଦୀଙ୍କ ସମୟରେ ଚର୍ମରୋଗ ଥିବା ଅନେକେ ଇସ୍ରାୟେଲରେ ଥିଲେ । କିନ୍ତୁ ଇଲୀଶାୟ ସେମାନଙ୍କ ମଧ୍ୟରୁ କାହାକୁ ସୁସ୍ଥ କରି ନ ଥିଲେ ।ସେ ଇସ୍ରାୟେଲର ଶତ୍ରୁ ଦେଶରେ ଏକ ସେନାପତି ନାମାନଙ୍କ ଚର୍ମରୋଗ କେବଳ ସୁସ୍ଥ କରିଥିଲେ ।ଯେଉଁ ଲୋକମାନେ ଯୀଶୁଙ୍କ କଥା ଶୁଣୁଥିଲେ ସେ ସମସ୍ତେ ଯିହୂଦୀ ଥିଲେ ।ତେଣୁ ସେମାନେ ଯେତେବେଳେ ଏହା କହିବାର ଶୁଣିଲେ, ସେମାନେ ତାଙ୍କ ଉପରେ ଅତିଶୟ କ୍ରୋଧ କରିଥିଲେ ।

### ପରମେଶ୍ୱରଙ୍କ ଭାବବାଦୀ ମାନେ ଅନ୍ୟ ଦେଶର ଲୋକମାନଙ୍କୁ ସାହାଯ୍ୟ କରିଥିବାର କେଉଁ ଉଦାହରଣଗୁଡିକ ଯୀଶୁ ଦେଲେ ?

ଦୁର୍ଭିକ୍ଷ ସମୟରେ ପରମେଶ୍ୱର ବିଧବାକୁ ସାହାଯ୍ୟ କରିଥିଲେ, ଏବଂ ସେ ଇସ୍ରାଏଲର ଶତ୍ରୁମାନଙ୍କ ସେନାପତି ନାମାନକୁ ସୁସ୍ଥ କଲେ,

### ଲୋକମାନେ କିପରି ପ୍ରତି ଉତ୍ତର ଦେଲେ ଯେତେବେଳେ ଯୀଶୁ ସେମାନଙ୍କୁ ଏହି କାହାଣୀଗୁଡିକ କହିଲେ ?

ସେମାନେ କ୍ରୋଧାନ୍ଧ ହେଲେଏବଂ ଯୀଶୁଙ୍କୁ ହତ୍ୟା କରିବାକୁ ଚେଷ୍ଟା କଲେ .

---

## 26:07

ନାଜରିତରେ ଥିବା ଲୋକେ ଉପାସନାର ସ୍ଥାନରୁ ଯୀଶୁଙ୍କୁ ବାହାର କରି ହତ୍ୟା କରିବା ନିମନ୍ତେ ଏକ ଶୀର୍ଷରୁ ଫିଙ୍ଗିବା ପାଇଁ ସେଠାକୁ ଆଣିଲେ ।କିନ୍ତୁ ଯୀଶୁ ଜନଗହଳି ମଧ ଦେଇ ଚାଲିଗଲେ ଓ ନାଜରିତ ସହର ପରିତ୍ୟାଗ କଲେ ।

### ଲୋକମାନେ କିପରି ପ୍ରତି ଉତ୍ତର ଦେଲେ ଯେତେବେଳେ ଯୀଶୁ ସେମାନଙ୍କୁ ଏହି କାହାଣୀଗୁଡିକ କହିଲେ ?

ସେମାନେ କ୍ରୋଧାନ୍ଧ ହେଲେଏବଂ ଯୀଶୁଙ୍କୁ ହତ୍ୟା କରିବାକୁ ଚେଷ୍ଟା କଲେ .

### ଯୀଶୁ ଜନଗହଳିରୁ କିପରି ଖସି ପଲାଇଲେ ?

ଯୀଶୁ ଜନଗହଳି ମଧ ଦେଇ ଚାଲିଗଲେ ଓ ନାଜରିତ ସହର ପରିତ୍ୟାଗ କଲେ ।

---

## 26:08

ତା'ପରେ ଯୀଶୁ ଗାଲିଲୀ ଅଞ୍ଚଳକୁ ଗଲେ, ବହୁ ଜନଗହଳି ତାଙ୍କ ନିକଟକୁ ଆସିଲେ ।ଯେଉଁ ଲୋକମାନେ ଦେଖିପାରୁନଥିଲେ, ଚାଲିପାରୁନଥିଲେ, ଶୁଣିପାରୁନଥିଲେ ଏମାନଙ୍କ ସମେତ ସେମାନେ ଅନେକ ପୀଡିତ ଓ ଶାରିରୀକ ଅକ୍ଷମ ଲୋକମାନଙ୍କୁ ଆଣିଲେ ।

### କିପରି ଗାଲିଲିର ଜନଗହଳି ଯୀଶୁଙ୍କୁ ପ୍ରତିଉତ୍ତର ଦେଲେ ?

ସେମାନେ ଅନେକଙ୍କୁ ତାଙ୍କ ନିକଟକୁ ଆଣିଲେ ଯେଉଁମାନେ ପୀଡିତ କିମ୍ବା ଶାରିରୀକ ଅକ୍ଷମ ଥିଲେ, ଯେପରି ସେ ସେମାନଙ୍କୁ ସୁସ୍ଥ କରିବେ

---

## 26:09

ଭୂତଗ୍ରସ୍ତ ଲୋକମାନଙ୍କୁ ଯୀଶୁଙ୍କ ନିକଟକୁ ଅଣାଯାଉଥିଲା ।ଯୀଶୁଙ୍କ ଆଦେଶରେ ଭୂତମାନେ ଲୋକମାନଙ୍କଠାରୁ ବାହାରି ଆସୁଥିଲେ, ଏବଂ ଅନେକ ସମୟରେ ସେମାନେ ଚିତ୍କାର କରୁଥିଲେ "ତୁମ୍ଭେ ଈଶ୍ୱରଙ୍କ ପୁତ୍ର!"ବହୁଜଣ ଆଶ୍ଚର୍ଯ୍ୟ ହେଉଥିଲେ ଏବଂ ଈଶ୍ୱରଙ୍କର ଉପାସନା କରୁଥିଲେ ।

### ଦୁଷ୍ଟାତ୍ମା ମାନେ ଯୀଶୁଙ୍କୁ କିଏ ବୋଲି ସ୍ୱୀକାର କଲେ ଯେତେବେଳେ ସେ ସେମାନଙ୍କୁ ବାହାରି ଚାଲିଯିବାକୁ ଆଜ୍ଞା ଦେଲେ ?

ଯୀଶୁ ଈଶ୍ୱରଙ୍କର ପୁତ୍ର ବୋଲି ସେମାନେ କହିଲେ

---

## 26:10

ତା'ପରେ ଯୀଶୁ ବାରଜଣ ବ୍ୟକ୍ତିମାନଙ୍କୁ ମନୋନୀତ କଲେ ଯେଉଁମାନଙ୍କୁ ପ୍ରେରିତ ଶିଷ୍ୟ କୁହାଯାଉଥିଲା ।ଶିଷ୍ୟମାନେ ଯୀଶୁଙ୍କ ସହ ଗମନ କରୁଥିଲେ ଏବଂ ତାଙ୍କଠାରୁ ଶିଖୁଥିଲେ ।

### କେତେଜଣ ପୁରୁଷମାନଙ୍କୁ ଯୀଶୁ ତାଙ୍କ ଶିଷ୍ୟ ହେବାପାଇଁ ମନୋନୀତ କଲେ ?

ସେ ବାର ଜଣ ଶିଷ୍ୟମାନଙ୍କୁ ମନୋନୀତକଲେ .

# ଉତ୍ତମ ଶମିରୋଣୀୟଙ୍କ କାହାଣୀ

## 27:01

ଦିନେ, ଜଣେ ଯିହୁଦୀ ବ୍ୟବସ୍ଥା ଅଭ୍ୟସ୍ତ ଶାସ୍ତ୍ରଜ୍ଞ ଯୀଶୁଙ୍କୁ ପରୀକ୍ଷା କରିବା ପାଇଁ ପଚାରିଲେ, "ଗୁରୁ, ଅନନ୍ତ ଜୀବନ ପାଇବା ନିମନ୍ତେ ମୁଁ ନିହାତି କ'ଣ କରିବାକୁ ହେବ?"ଯୀଶୁ ଉତ୍ତର ଦେଲେ "ବ୍ୟବସ୍ଥାରେ କ'ଣ ଲେଖାଅଛି?"

### ଯିହୁଦୀ ବ୍ୟବସ୍ଥାର ଜଣାଶୁଣା ବ୍ୟକ୍ତି ଯୀଶୁଙ୍କୁ କେଉଁ ପ୍ରଶ୍ନ ପଚାରିଲେ ?

"ଗୁରୁ, ଅନନ୍ତ ଜୀବନ ପାଇବା ନିମନ୍ତେ ମୋତେ କ'ଣ କରିବାକୁ ହେବ?"

### ସେହି ଜଣାଶୁଣା ବ୍ୟକ୍ତିର ପ୍ରତିଉତ୍ତରରେ ଯୀଶୁ କେଉଁ ପ୍ରଶ୍ନ ପଚାରିଲେ ?

ସେ ପଚାରିଲେ, " ପରମେଶ୍ୱରଙ୍କ ବ୍ୟବସ୍ଥାରେ କ'ଣ ଲେଖାଅଛି?"

---

## 27:02

ବ୍ୟବସ୍ଥା ଶାସ୍ତ୍ରଜ୍ଞ ଉତ୍ତର ଦେଲେ ଯେ ଈଶ୍ୱରଙ୍କ ବ୍ୟବସ୍ଥା କୁହେ "ତୁମ୍ଭେ ପ୍ରଭୁ ଈଶ୍ୱରଙ୍କୁ ତୁମ୍ଭର ସମସ୍ତ ଅନ୍ତଃକରଣ, ସମସ୍ତ ପ୍ରାଣ, ସମସ୍ତ ବଳ ଓ ସମସ୍ତ ମନ ଦେଇ ପ୍ରେମ କର ।ଏବଂ ତୁମ୍ଭ ପ୍ରତିବାସୀକୁ ଆତ୍ମତୁଲ୍ୟ ପ୍ରେମ କର ।"ଯୀଶୁ ଉତ୍ତର ଦେଲେ "ତୁମ୍ଭେ ଠିକ୍ କହି ଅଛ! ଏହା କର ତେବେ ତୁମ୍ଭେ ବଞ୍ଚିବ ।"

### ପରମେଶ୍ୱରଙ୍କ ବାକ୍ୟ ଆମକୁ କାହାକୁ ପ୍ରେମ କରିବାକୁ କୁହେ ?

ସଦାପ୍ରଭୁ ଆମ୍ଭମାନଙ୍କ ପରମେଶ୍ୱରଙ୍କୁ ଓ ଆମ୍ଭମାନଙ୍କ ପ୍ରତିବାସୀଙ୍କୁ .

---

## 27:03

କିନ୍ତୁ ବ୍ୟବସ୍ଥା ଶାସ୍ତ୍ରଜ୍ଞ ନିଜକୁ ଧାର୍ମିକ ପ୍ରମାଣିତ କରିବାକୁ ପଚାରିଲେ "ମୋ ପ୍ରତିବାସୀ କିଏ?"

### ଯିହୁଦୀ ବ୍ୟବସ୍ଥାର ନିପୁଣ ବ୍ୟକ୍ତି କାହିଁକି ପଚାରିଲେ "କିଏ ତାହାଙ୍କ ପ୍ରତିବାସୀ" ?

ସେ ନିଜକୁ ଧାର୍ମିକ ପ୍ରମାଣିତ କରିବାକୁ ଚାହୁଁଥିଲେ

---

## 27:04

ଯୀଶୁ ବ୍ୟବସ୍ଥା ଶାସ୍ତ୍ରଜ୍ଞମାନଙ୍କୁ ଏକ କାହାଣୀ କହି ଏହାର ଉତ୍ତର ଦେଲେ ।"ଜଣେ ବ୍ୟକ୍ତି ଯିରୁଶାଲମରୁ ରାସ୍ତାରେ ଯିରୀହୋକୁ ଯାତ୍ରା କରୁଥିଲେ ।

---

## 27:05

ଲୋକଟି ଯେତେବେଳେ ଯାତ୍ରା କରୁଥିଲେ, ସେତେବେଳେ ସେ ଏକ ଦଳ ଡକାୟତଙ୍କ ଦ୍ଵାରା ଆକ୍ରମଣର କାରଣ ହେଲେ ।ତାଙ୍କ ନିକଟରେ ଥିବା ସମସ୍ତ ବିଷୟକୁ ସେମାନେ ନେଇଗଲେ ଏବଂ ତାଙ୍କୁ ମରିବା ପର୍ଯ୍ୟନ୍ତ ମାଡ ମାରିଲେ ।ତା'ପରେ ସେମାନେ ଚାଲିଗଲେ ।"

### ଯୀଶୁଙ୍କ କାହାଣୀରେ, ଯିହୁଦୀ ବ୍ୟକ୍ତିଙ୍କୁ କଣ ଘଟିଲା ଯେତେବେଳେ ସେ ଯାତ୍ରା କରୁଥିଲେ ?

ସେ ଡକାୟତ ମାନଙ୍କ ଦ୍ଵାରା ଆକ୍ରମିତ ହୋଇଥିଲେ, ଯେଉଁମାନେ ତାହାଙ୍କୁ ଅର୍ଦ୍ଧମୃତ ପର୍ଯ୍ୟନ୍ତ ବାଡେଇ ସମସ୍ତ ଛଡାଇ ନେଇଗଲେ

---

## 27:06

ସେହି ସମୟରେ ଜଣେ ଯିହୂଦୀ ଯାଜକ ସେହି ରାସ୍ତା ଦେଇ ଯାଉଥିଲେ ।ଯେତେବେଳେ ସେହି ଧର୍ମଗୁରୁ ମାଡ ମରାହୋଇ ପଡିଥିବା ଲୋକଙ୍କୁ ଦେଖିଲେ ସେ ସେତେବେଳେ ରାସ୍ତାର ଆର ପାଖ ଦେଇ ଚାଲିଗଲେ, ଯିଏ ସାହାଯ୍ୟ ଆବଶ୍ୟକତା କରୁଥିବ ସେହି ଲୋକଙ୍କ ଠାରୁ ମୁହଁମୋଡ଼ି ଚାଲିଗଲେ ।"

### ଆହତ ହୋଇ ପଡିଥିବା ବ୍ୟକ୍ତିକୁ ପ୍ରଥମ କେଉଁ ବ୍ୟକ୍ତି ଦେଖିଲେ ?

ଏକ ଯିହୂଦୀ ଯାଜକ.

### ଯାଜକ କ'ଣ କଲେ ଯେତେବେଳେ ସେ ଆହତ ହୋଇ ପଡିଥିବା ବ୍ୟକ୍ତିକୁ ଦେଖିଲେ ?

ସେ ତାହାକୁ ଅଣଦେଖା କରି ଅପର ପାର୍ଶ୍ଵରେ ରାସ୍ତାକୁ ଚାଲିଗଲେ .

---

## 27:07

"ତା'ପରେ ଅଳ୍ପ ସମୟ ମଧରେ, ସେହି ରାସ୍ତା ଦେଇ ଜଣେ ଲେବୀୟ ଆସିଲେ ।(ଲେବୀୟମାନେ ହେଉଛନ୍ତି ଏକ ଯିହୂଦୀମାନଙ୍କ ଏକ ଜାତି ଯିଏ ଯାଜକମାନଙ୍କୁ ମନ୍ଦିରରେ ସାହାଯ୍ୟ କରୁଥିଲେ ।)ଲେବୀୟ ମଧ ସେହି ରାସ୍ତାର ଆର ପାଖ ଦେଇ ଚାଲିଯାଇ ସେହି ଦରମରା ଅବସ୍ଥାରେ ଯାହାକୁ ଲୁଟିନେଇଥିଲେ ଏବଂ ମାଡ ଖାଇ ପଡିଥିବା ଲୋକ ଠାରୁ ମୁହଁମୋଡି ଚାଲିଗଲେ ।"

### ଆହତ ହୋଇ ପଡିଥିବା ବ୍ୟକ୍ତିକୁ କେଉଁ ଦ୍ଵିତୀୟ ବ୍ୟକ୍ତି ଦେଖିଲେ ଏବଂ ଚାଲିଗଲେ ?

ଏକ ଲେବୀୟ.

### ଲେବୀୟ କ'ଣ କଲେ ଯେତେବେଳେ ସେ ଆହତ ହୋଇ ପଡିଥିବା ବ୍ୟକ୍ତିକୁ ଦେଖିଲେ ?

ସେ ତାହାକୁ ଅଦେଖା କଲେ ଏବଂ ଅପର ପାର୍ଶ୍ଵ ର ରାସ୍ତାକୁ ଚାଲିଗଲେ .

---

## 27:08

"ପରବର୍ତ୍ତୀ ସମୟରେ ଯେଉଁ ବ୍ୟକ୍ତି ସେହି ରାସ୍ତା ଦେଇ ଗଲେ ସେ ଜଣେ ଶମିରୋଣୀୟ ଲୋକ ଥିଲେ ।(ଶମିରୋଣୀୟମାନେ ହେଉଛନ୍ତି ଯିହୂଦୀମାନଙ୍କର ବଂଶଧର ଯେଉଁମାନେ ଅନ୍ୟ ଦେଶରୁ ବିବାହ କରିଥିଲେ) ।ଶମିରୋଣୀୟମାନେ ଓ ଯିହୂଦୀମାନେ ପରସ୍ପରକୁ ଘୃଣା କରୁଥିଲେ ।)କିନ୍ତୁ ଶମିରୋଣୀୟ ଲୋକ ଯେତେବେଳେ ସେହି ଯିହୂଦୀ ବ୍ୟକ୍ତିଙ୍କୁ ଦେଖିଲେ, ସେ ତାଙ୍କ ପ୍ରତି ଦୟାରେ ବିଗଳିତ ହେଲେ । ତେଣୁ ତାଙ୍କର ଯତ୍ନ ନେଲେ ଏବଂ ତାଙ୍କର କ୍ଷତସବୁକୁ ସଫା କଲେ।"

### କେଉଁ ତୃତୀୟ ବ୍ୟକ୍ତି ଆହତ ହୋଇ ପଡିଥିବା ବ୍ୟକ୍ତିକୁ ଦେଖିଲେ ?

ଏକ ଶମିରୋଣୀୟ.

### ଯିହୂଦୀ ଓ ଶମିରୋଣୀୟମାନଙ୍କ ମଧ୍ୟରେ କଣ ସମ୍ପର୍କ ଥିଲା ?

ସେମାନେ ପରସ୍ପରକୁ ଘୃଣା କରୁଥିଲେ ।

---

## 27:09

"ତା'ପରେ ସେହି ଶମିରୋଣୀୟ ସେହି ବ୍ୟକ୍ତିଙ୍କୁ ଉଠାଇ ନିଜ ଗଧ ଉପରେ ବସାଇଲେ ଏବଂ ତାଙ୍କୁ ରାସ୍ତା ନିକଟସ୍ଥ ପାନ୍ଥଶାଳାକୁ ନେଇଗଲେ ଯେଉଁଠି ସେ ତାଙ୍କର ଯତ୍ନ ନେଲେ ।"

## କିପରି ଭାବରେ ଶମିରୋଣୀୟ ଆହତ ହୋଇ ପଡିଥିବା ବ୍ୟକ୍ତିକୁ ସାହାଯ୍ୟ କଲେ ?

ସେ ସେହି ବ୍ୟକ୍ତିର ଆଘାତ ହୋଇଥିବା ସ୍ଥାନକୁ ପଟି ବାନ୍ଧିଲେ ଏବଂ ତାଙ୍କୁ ରାସ୍ତା ନିକଟରେ ଥିବା ଏକ ପାନ୍ଥଶାଳାକୁ ନେଇ ତାଙ୍କର ଯତ୍ନ ନେଲେ ।

---

## 27:10

"ପରଦିନ, ସେହି ଶମିରୋଣୀୟ ବ୍ୟକ୍ତି ତାଙ୍କ ଯାତ୍ରା ଜାରିରଖିଲେ ।ସେ ପାନ୍ଥଶାଳାର ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କୁ କିଛି ଅର୍ଥ ଦେଇ କହିଲେ "ତାହାଙ୍କର ଯତ୍ନ ନିଅ ଏବଂ ତୁମେ ଯଦି ଏହାଠାରୁ ଅଧିକ ଖର୍ଚ୍ଚ କରିବ, ତେବେ ମୁଁ ବାହୁଡିବା ସମୟରେ ସେହି ଖର୍ଚ୍ଚଗୁଡିକ ପରିଶୋଧ କରିଦେବି ।"

## କିପରି ଭାବରେ ଶମିରୋଣୀୟ ଆହତ ହୋଇ ପଡିଥିବା ବ୍ୟକ୍ତିକୁ ସାହାଯ୍ୟ କଲେ ?

ସେ ସେହି ବ୍ୟକ୍ତିର ଆଘାତ ହୋଇଥିବା ସ୍ଥାନକୁ ପଟି ବାନ୍ଧିଲେ ଏବଂ ତାଙ୍କୁ ରାସ୍ତା ନିକଟରେ ଥିବା ଏକ ପାନ୍ଥଶାଳାକୁ ନେଇ ତାଙ୍କର ଯତ୍ନ ନେଲେ ।

---

## 27:11

ତା'ପରେ ଯୀଶୁ ସେହି ବ୍ୟବସ୍ଥା ଶାସ୍ତ୍ରଜ୍ଞଙ୍କୁ ପଚାରିଲେ "ତୁମ୍ଭେ କ'ଣ ଭାବୁଅଛ?ଏହି ତିନିଜଣଙ୍କ ମଧ୍ୟରୁ କିଏ ଡକାୟତମାନଙ୍କ ହାବୁଡରେ ପଡିଥିବା ଲୋକଟିର ପ୍ରତିବାସୀ ଯାହାକୁ ଲୁଟାଗଲା ଏବଂ ମାଡ ମରାଗଲା?ସେ ଉତ୍ତର ଦେଲେ, "ଯିଏ ତାଙ୍କ ପ୍ରତି ଦୟା ଦେଖାଇଥିଲେ, ସିଏ ।"ଯୀଶୁ ତାଙ୍କୁ କହିଲେ "ତୁମ୍ଭେ ଯାଅ ଏବଂ ସେହିପ୍ରକାର କର ।"

## ଏହି ତିନିଜଣଙ୍କ ମଧ୍ୟରୁ କିଏ ଆଘାତ ହୋଇଥିବା ଲୋକଟିର ପ୍ରତିବାସୀ ଭାବରେ କାର୍ଯ୍ୟ କଲେ ?

ଶମିରୋଣୀୟ ବ୍ୟକ୍ତି "ଯିଏ ତାଙ୍କ ପ୍ରତି ଦୟା ଦେଖାଇଥିଲେ, ।

# ଯୁବା ଧନୀ ଶାସକ

## 28:01

ଦିନେ, ଜଣେ ଯୁବା ଧନୀ ଶାସକ ଯୀଶୁଙ୍କ ନିକଟକୁ ଆସିଲେ ଏବଂ ପଚାରିଲେ “ଉତ୍ତମ ଗୁରୁ, ଅନନ୍ତ ଜୀବନ ପାଇବା ନିମନ୍ତେ ମୁଁ କ’ଣ କରିବି?”ଯୀଶୁ ତାହାଙ୍କୁ କହିଲେ “ମୋତେ କାହିଁକି ଉତ୍ତମ କହୁଅଛ?”ଜଣେ ମାତ୍ର ଉତ୍ତମ ଅଟନ୍ତି ଓ ସେ ହେଉଛନ୍ତି ଈଶ୍ୱର ।କିନ୍ତୁ ତୁମ୍ଭେ ଯଦି ଅନନ୍ତ ଜୀବନ ପାଇବାକୁ ଚାହଁ ତେବେ ଈଶ୍ୱରଙ୍କ ବ୍ୟବସ୍ଥାଗୁଡିକ ପାଳନ କର ।”

### ଯୁବା ଧନୀ ଶାସକ ଯୀଶୁଙ୍କୁ କ'ଣ ପଚାରିଲେ ?

ଅନନ୍ତ ଜୀବନ ପାଇବା ନିମନ୍ତେ ମୁଁ କ'ଣ କରିବା ଉଚିତ୍ ?”

### ଯୀଶୁ ସେହି ଯୁବା ବ୍ୟକ୍ତିକୁ ଅନନ୍ତ ଜୀବନ ପାଇବା ନିମନ୍ତେ କ'ଣ କରିବାକୁ କହିଲେ ?

ସେ ତାହାଙ୍କୁ ପରମେଶ୍ୱରଙ୍କ ବ୍ୟବସ୍ଥା ପାଳନ କରିବାକୁ କହିଲେ .

---

## 28:02

ସେ ପଚାରିଲେ “କେଉଁ କେଉଁ ଆଜ୍ଞାଗୁଡିକ ମୁଁ ପାଳନ କରିବା ଆବଶ୍ୟକ?”ଯୀଶୁ ଉତ୍ତର ଦେଲେ “ନରହତ୍ୟା କରନାହିଁ ।ବ୍ୟଭିଚାର କର ନାହିଁ ।ଚୋରି କର ନାହିଁ ।ମିଥ୍ୟା କୁହ ନାହିଁ ।ତୁମ୍ଭ ପିତା ଓ ମାତାଙ୍କୁ ସମ୍ମାନ କର, ଏବଂ ତୁମ୍ଭ ପ୍ରତିବାସୀକୁ ଆତ୍ମତୁଲ୍ୟ ପ୍ରେମ କର ।”

---

## 28:03

କିନ୍ତୁ ସେହି ଯୁବକ ତାହାଙ୍କୁ କହିଲେ “ମୁଁ ଏହି ସମସ୍ତ ବାଲ୍ୟକାଳ ସମୟରୁ ପାଳନ କରିଆସିଅଛି ।ଅନନ୍ତ ଜୀବନ ପାଇବା ନିମନ୍ତେ ମୋତେ ଆଉ କ’ଣ କରିବାକୁ ହେବ?”ଯୀଶୁ ତାଙ୍କ ପ୍ରତି ଦୃଷ୍ଟି କରି ତାଙ୍କୁ ପ୍ରେମ କଲେ ।

### ଯୀଶୁ ତାଲିକା କରିଥିବା ବ୍ୟବସ୍ଥା ବିଷୟରେ ଯୁବା ଶାସକ କ'ଣ କହିଲେ ?

ସେ କହିଲେ ବାଲ୍ୟକାଳରୁ ସେହିଗୁଡିକୁ ପାଳନ କରି ଆସୁଅଛନ୍ତି.

---

## 28:04

ଯୀଶୁ ଉତ୍ତର ଦେଲେ "ଯଦି ତୁମ୍ଭେ ସିଦ୍ଧ ହେବାକୁ ଚାହଁ, ତେବେ ଯାଅ ଏବଂ ତୁମ୍ଭର ସମସ୍ତ ବିକ୍ରୟ କର ଏବଂ ଦରିଦ୍ରମାନଙ୍କୁ ଧନ ଦାନ କର, ଏବଂ ତୁମ୍ଭେ ସ୍ୱର୍ଗରେ ଧନ ପାଇବ ।ତା'ପରେ ଆସି ମୋର ଅନୁଗମନ କର ।"

### ଯୀଶୁ ସେହି ଯୁବା ବ୍ୟକ୍ତିକୁ ଆଉ କ'ଣ କରିବାକୁ କହିଲେ ?

ଯୀଶୁ ତାହାକୁ, ନିଜସ୍ୱ କରିଥିବା ସମସ୍ତ ବିକ୍ରୀ କରି ସେହି ଧନ ଦରିଦ୍ରମାନଙ୍କୁ ଦେଇ ଏବଂ ତାହାଙ୍କୁ ଅନୁସରଣ କରିବାକୁ କହିଲେ

### ଯୀଶୁ ଯୁବା ଶାସକକୁ କେଉଁ ପୁରଷ୍କାର ପ୍ରତିଜ୍ଞା କଲେ ଯଦି ସେ ଏହା କରିବେ?

ସ୍ୱର୍ଗରେ ସେ ଧନ ପାଇବେ .

---

## 28:05

ଯୀଶୁ କହିଥିବା ବିଷୟକୁ ଯୁବକ ଯେତେବେଳେ ଶୁଣିଲେ, ସେ ଅତ୍ୟନ୍ତ ଦୁଃଖିତ ହେଲେ, କାରଣ ସେ ଅତି ଧନୀ ବ୍ୟକ୍ତି ଥିଲେ ଏବଂ ସେ ଅର୍ଜନ କରିଥିବା ସମସ୍ତ ପରିତ୍ୟାଗ କରିବାକୁ ଚାହିଁଲେ ନାହିଁ ।ସେ ମୁଖ ଫେରାଇ ଯୀଶୁଙ୍କ ନିକଟରୁ ଚାଲିଗଲା ।

### କାହିଁକି ଯୁବା ଶାସକ ଦୁଃଖୀ ହେଲେ ଓ ତାପରେ ଯୀଶୁଙ୍କୁ ଛାଡି ଚାଲିଗଲେ ?

ସେ ଅର୍ଜନ କରିଥିବା ସମସ୍ତ ସମ୍ପତ୍ତିକୁ ପରିତ୍ୟାଗ କରିବାକୁ ଚାହୁଁ ନ ଥିଲେ ।

---

## 28:06

ତା'ପରେ ଯୀଶୁ ତାଙ୍କ ଶିଷ୍ୟମାନଙ୍କୁ କହିଲେ "ଧନୀ ଲୋକର ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିବା ଅତି କଷ୍ଟକର ଅଟେ!ହଁ, ଧନୀ ଲୋକର ସ୍ୱର୍ଗରେ ପ୍ରବେଶ କରିବା ଅପେକ୍ଷା ସୂଚୀ (ଛୁଞ୍ଚି)ର ଛିଦ୍ର (କଣା) ଦେଇ ଓଟର ପ୍ରବେଶ କରିବା ସହଜ ।"

### ଧନୀ ଲୋକର ପରମେଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିବା କେତେ କଷ୍ଟକର ଅଟେ ।

ସୂଚୀ (ଛୁଞ୍ଚି)ର ଛିଦ୍ର (କଣା) ଦେଇ ଓଟର ପ୍ରବେଶ କରିବା ସହଜ ଅଟେ ।

---

## 28:07

ଯୀଶୁ କହିଥିବା ବିଷୟକୁ ଯେତେବେଳେ ଶିଷ୍ୟମାନେ ଶୁଣିଲେ ସେମାନେ ଚକିତ ହୋଇ ପଚାରିଲେ “ତେବେ କିଏ ଉଦ୍ଧାର (ପରିତ୍ରାଣ) ପାଇପାରିବ?”

---

## 28:08

ଯୀଶୁ ଶିଷ୍ୟମାନଙ୍କ ପ୍ରତି ଚାହିଁ କହିଲେ “ମନୁଷ୍ୟ ଦୃଷ୍ଟିରେ ଏହା ଅସମ୍ଭବ, କିନ୍ତୁ ଈଶ୍ୱରଙ୍କ ଦୃଷ୍ଟିରେ ସମସ୍ତ ବିଷୟ ସମ୍ଭବ ଅଟେ ।”

### କ'ଣ ଧନୀ ଲୋକ ପରିତ୍ରାଣ ପାଇବା ସମ୍ଭବ ଅଟେ କି ?

ହଁ,, ପରମେଶ୍ୱରଙ୍କ ପାଇଁ ସବୁକିଛି ସମ୍ଭବ ଅଟେ .

---

## 28:09

ପିତର ଯୀଶୁଙ୍କୁ କହିଲେ “ଆମେ ସମସ୍ତ ବିଷୟ ପରିତ୍ୟାଗ କରି ତୁମ୍ଭର ଅନୁଗମନ କରିଅଛୁ ।ଆମ୍ଭ ପାଇଁ କ’ଣ ପୁରଷ୍କାର ଥିବ ?”

### ଯୀଶୁଙ୍କୁ ଅନୁସରଣ କରିବା ପାଇଁ ଶିଷ୍ୟମାନେ କଣ ପରିତ୍ୟାଗ କରିଥିଲେ ?

ସେମାନେ ସବୁକିଛି ପରିତ୍ୟାଗ କରିଥିଲେ .

---

## 28:10

ଯୀଶୁ ଉତ୍ତର ଦେଲେ “ଯେକୌଣସି ଲୋକ ମୋ ନିମନ୍ତେ ଗୃହ, ଭ୍ରାତା, ଭଗ୍ନୀ, ପିତା, ମାତା, ସନ୍ତାନସନ୍ତତି ଓ ସମ୍ପତ୍ତି ପରିତ୍ୟାଗ କରେ ଓ ତାହାର ୧୦୦ ଗୁଣ ଏହି ଜଗତରେ ଏବଂ ଅନନ୍ତ ଜୀବନ ପାଇବ ।କିନ୍ତୁ ପ୍ରଥମରେ ଥିବା ଅନେକେ ଶେଷରେ ରହିବେ, ଏବଂ ଶେଷରେ ଥିବା ଅନେକେ ପ୍ରଥମ ହେବେ ।“

### ସେମାନଙ୍କର ପୁରଷ୍କାର କ'ଣ ହେବ ବୋଲି ଯୀଶୁ କହିଲେ ?

ସେମାନେ ନୁତନ ପୃଥିବୀରେ ଶତ ଗୁଣରୁ ଅଧିକ ଥର ଏବଂ ଅନନ୍ତ ଜୀବନ ମଧ୍ୟ ପ୍ରାପ୍ତ କରିବେ .

## ଆଉ କେଉଁମାନେ ଏହି ପୁରଷ୍କାର ପାଇପାରିବେ ?

ପ୍ରତ୍ୟେକେ, ଯେଉଁମାନେ ନିଜ ଘରକୁ ଛାଡି , ଭାଇ, ଭଗ୍ନୀ, ପିତା, ମାତା, ସନ୍ତାନ, ଏବଂ ସମ୍ପତ୍ତିକୁ ଯୀଶୁଙ୍କ ନିମନ୍ତେ ପରିତ୍ୟାଗ କରନ୍ତି

# ଦୟାହୀନ ଦାସର କାହାଣୀ

## 29:01

ଦିନେ, ପିତର ଯୀଶୁଙ୍କୁ ପଚାରିଲେ “ଗୁରୁ, ଯେବେ ମୋ ଭାଇ ମୋ ବିରୁଦ୍ଧରେ ପାପ କରେ ମୁଁ କେତେ ଥର ତାହାଙ୍କୁ କ୍ଷମା ଦେବି?କ’ଣ ସାତଥର ପର୍ଯ୍ୟନ୍ତ?”ଯୀଶୁ କହିଲେ “ସାତଥର ନୁହେଁ, କିନ୍ତୁ ସାତଥର ସତୁରୀ ଗୁଣ ପର୍ଯ୍ୟନ୍ତ !”ଏହା ଦ୍ଵାରା, ଯୀଶୁଙ୍କ କହିବାର ଅର୍ଥ ଥିଲା ଯେ ଆମେ ସର୍ବଦା କ୍ଷମା କରିବା ଉଚିତ୍ ।ତା’ପରେ ଯୀଶୁ ଏହି କାହାଣୀ କହିଲେ ।

### ପିତର ଯୀଶୁଙ୍କୁ କେଉଁ ପ୍ରଶ୍ନ ପଚାରିଲେ ?

ଯେତେବେଳେ ମୋ ଭାଇ ମୋ ବିରୁଦ୍ଧରେ ପାପ କରେ, ମୁଁ କେତେ ଥର ତାହାଙ୍କୁ କ୍ଷମା କରିବା ଉଚିତ୍ ?

### ପିତର କେତେ ଥର ନିଜ ଭାଇଙ୍କୁ କ୍ଷମା ଦେବା ଉଚିତ୍ ମନେକଲେ ?

ସାତଥର

### ସେ ତାହାର ଭାଇଙ୍କୁ କେତେ ଥର କ୍ଷମା ଦେବା ଉଚିତ୍ ବୋଲି ଯୀଶୁ କହିଲେ ?

ସାତର ସତୁରି ଗୁଣ

### ଯୀଶୁଙ୍କ ଉଦ୍ଦେଶ୍ୟ କ'ଣ ଥିଲା ଯେତେବେଳେ ସେ କହିଲେ, "ସାତର ସତୁରି ଥର?

ତାଙ୍କର ଅର୍ଥ ଯେ ଆମ୍ଭେମାନେ ସବୁବେଳେ କ୍ଷମା କରିବା ଉଚିତ୍

---

## 29:02

ଯୀଶୁ କହିଲେ “ଈଶ୍ଵରଙ୍କ ରାଜ୍ୟ ଏହିପରି ଜଣେ ରାଜାଙ୍କ ପରି ଯିଏ ତାଙ୍କ ଦାସମାନଙ୍କ ସହିତ ବସି ହିସାବ ସମ୍ପୂର୍ଣ କରିବାକୁ ଚାହିଁଲେ । ତାଙ୍କ ଦାସମାନଙ୍କ ମଧ୍ୟରୁ ଜଣେ ୨,୦୦,୦୦୦ ବର୍ଷର ପ୍ରଚୁର ପାଉଣା ଉଧାର କରିଥିଲେ ।”

---

## 29:03

ଯେହେତୁ ସେହି ଦାସ ପାଉଣା ପରିଶୋଧ କରିପାରିଲେ ନାହିଁ, ତେଣୁ ରାଜା କହିଲେ “ଏହି ଲୋକ ଓ ଏହାର ପରିବାରକୁ ଦାସ ଭାବରେ ବିକ୍ରୟ କରି ପାଉଣା ପରିଶୋଧ କରିବାକୁ ଦିଅ ।“

### ଦାସ ରାଜାଙ୍କୁ ତାହାର ବୃହତ୍ ଋଣ ପରିଶୋଧ କରିବାକୁ ସକ୍ଷମ ଥଲେ କି ?

ନୁହଁ.

### କିପରି ଭାବରେ ରାଜା ଦାସର ବୃହତ୍ ଋଣ ଯୋଗୁଁ ଦଣ୍ଡିତ କଲେ ?

ରାଜା ସେହି ପୁରୁଷ ଓ ତାଙ୍କ ପରିବାରକୁ ଦାସ ଭାବରେ ବିକ୍ରୟ କରିବାକୁ ଆଦେଶ ଦେଲେ .

---

## 29:04

“ସେହି ଦାସ ରାଜାଙ୍କ ପାଦ ତଳେ ପଡିଯାଇ କହିଲା ‘ଦୟାକରି ମୋ ବିଷୟରେ ଧୈର୍ଯ୍ୟ ଧରନ୍ତୁ, ଏବଂ ମୁଁ ଆପଣଙ୍କଠାରେ ଋଣୀ ଥିବା ସମସ୍ତ ଋଣ ପରିଶୋଧ କରିଦେବି ।‘ ରାଜା ସେହି ଦାସ ପ୍ରତି ଦୟା ହେଲେ, ତେଣୁ ସେ ତାହାର ସମସ୍ତ ଋଣକୁ ଛାଡ କରିଦେଲେ ।“

### ରାଜା କ'ଣ କଲେ ଯେତେବେଳେ ଦାସ ତାହାଙ୍କୁ ଧୈର୍ଯ୍ୟ ଧରିବାକୁ ବିନତି କଲେ?

ରାଜା ସେହି ଦାସ ଉପରେ ଦୟାବାନ୍ ହେଲେ ଏବଂ ଋଣକୁ ଛାଡ କଲେ .

---

## 29:05

କିନ୍ତୁ ସେହି ଦାସ ଯେତେବେଳେ ରାଜାଙ୍କ ନିକଟରୁ ଗଲା, ସେତେବେଳେ ସେ ଆଉ ଜଣେ ସହଦାସର ଦେଖା ପାଇଲେ ଯିଏକି ତାକୁ ଚାରି ମାସର ଋଣ ପରିଶୋଧ କରିବାକୁ ଥିଲା ।ସେହି ଦାସ ତାହାର ସେହି ସହଦାସର ଗଳା ଧରିଲା ଏବଂ କହିଲା “ମୋ ଠାରୁ ଧାର କରିଥିବା ଋଣ ପରିଶୋଧ କର !”

### ତା ପରେ ସେହି ଦାସ ତାହାର ସଂଗୀ ଦାସକୁ କ'ଣ କଲେ ଯିଏ ତାଙ୍କର ଅଳ୍ପ ଋଣୀ ହୋଇଥିଲେ ?

ସେ ଗଳା ଧରିଲା ଏବଂ ତାହାକୁ ଋଣ କରିଥିବା ସମସ୍ତ ଋଣକୁ ପରିଶୋଧ କରିବା ନିମନ୍ତେ ଦାବି କଲା .

---

## 29:06

“ସହଦାସ ସେହି ଦାସର ପାଦରେ ପଡି କହିଲା ‘ଦୟାକରି ମୋ ପ୍ରତି ଧୈର୍ଯ୍ୟ ରଖନ୍ତୁ, ଏବଂ ମୁଁ ଧାର କରିଥିବା ସମସ୍ତ ଋଣ ଆପଣଙ୍କୁ ଫେରାଇଦେବି ।‘କିନ୍ତୁ ତାହା କରିବା ପରିବର୍ତ୍ତେ ସେ ଋଣ ପରିଶୋଧ କରିବା ପର୍ଯ୍ୟନ୍ତ ତାଙ୍କୁ କାରାଗାରରେ ଫିଙ୍ଗିଲା ।

## ସେହି ଦାସ କ'ଣ କଲେ ଯେତେବେଳେ ତାହାର ସଙ୍ଗୀ ଦାସ ଗୋଡ ତଳେ ପଡି ତାଙ୍କୁ ଧୈର୍ଯ୍ୟ ଧରିବାକୁ ନିବେଦନ କଲେ ?

ସେ ତାହାର ସଙ୍ଗୀ ଦାସଙ୍କୁ କାରାଗାରରେ ଫିଙ୍ଗିଦେଲେ ।

---

## 29:07

"ଯେଉଁ ଦାସମାନେ ଏହି ଘଟଣା ଦେଖିଥିଲେ, ସେମାନେ ଅତି ମର୍ମାହତ ହେଲେ ।ସେମାନେ ରାଜାଙ୍କ ନିକଟକୁ ଗଲେ ଏବଂ ସମସ୍ତ କଥା ଜଣାଇ ଦେଲେ ।

## ଅନ୍ୟ ଦାସମାନଙ୍କ ପ୍ରତିକ୍ରିୟା କ'ଣ ଥିଲା ଯେତେବେଳେ ସେହି ଦାସ ତାହାର ସଙ୍ଗୀ ଦାସକୁ କାରାଗାରରେ ଫୋପାଡି ଦେଲେ ?

ସେମାନେ ଅତି ବ୍ୟସ୍ତ ହେଲେ ଏବଂ ଏହି ବିଷୟରେ ରାଜାଙ୍କୁ କହିଲେ .

---

## 29:08

"ରାଜା ସେହି ଦାସକୁ ଡାକି କହିଲେ, ' ତୁମ୍ଭେ ଦୁଷ୍ଟ ଦାସ!" ତୁମେ ମୋତେ କ୍ଷମାଭିକ୍ଷା ମାଗିବାରୁ ମୁଁ ତୁମର ସମସ୍ତ ଋଣ ଛାଡ କରିଦେଲି! ତୁମେ ମଧ୍ୟ ଠିକ୍ ଏହିପରି ଭାବରେ ହିଁ କରିବା ଉଚିତ ।'ରାଜା ଏତେ କ୍ରୋଧୀ ହୋଇଯାଇଥିଲେ ଯେ ସେହି ଦୁଷ୍ଟ ଦାସ ସମସ୍ତ ଋଣ ପରିଶୋଧ କରିବା ପର୍ଯ୍ୟନ୍ତ କାରାଗାର ମଧ୍ୟକୁ ଫିଙ୍ଗିଦେଲେ ।

## ରାଜା ସେହି ଦାସକୁ କିପରି ଦଣ୍ଡ ଦେଲେ ଯିଏ ତାହାର ସଙ୍ଗୀ ଦାସକୁ କ୍ଷମା କରି ନ ଥିଲେ ?

ସେ ଦାସକୁ କାରାଗାରରେ ଫିଙ୍ଗିଦେଲେ ।

---

## 29:09

ତା'ପରେ ଯୀଶୁ କହିଲେ "ଯେଉଁମାନେ ଆପଣା ଭ୍ରାତାମାନଙ୍କୁ କ୍ଷମା ଦିଅନ୍ତି ନାହିଁ ମୋ ସ୍ୱର୍ଗସ୍ଥ ପିତା ମଧ୍ୟ ସେମାନଙ୍କ ପ୍ରତି ସେପରି କରିବେ ।"

## ଯଦି ଆମ୍ଭେମାନେ ଅନ୍ୟମାନଙ୍କୁ ହୃଦୟରୁ କ୍ଷମା ନ କରିବା, ତେବେ ପରମେଶ୍ୱର ଆମ୍ଭମାନଙ୍କୁ କ୍ଷମା କରିବେ କି ?

ନାହିଁ.

# ଯୀଶୁ ପାଞ୍ଚ ହଜାର ଲୋକଙ୍କୁ ଖୁଆନ୍ତି

## 30:01

ଅନେକ ଭିନ୍ନ ଭିନ୍ନ ଗ୍ରାମ ଗୁଡିକରେ ପ୍ରଚାର କରିବାକୁ ଓ ଶିକ୍ଷା ଦେବାକୁ ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ ପ୍ରେରଣ କଲେ ।ଯୀଶୁ ଯେଉଁଠାରେ ଥିଲେ ସେଠାକୁ ସେମାନେ ଯେତେବେଳେ ଫେରିଲେ, କ'ଣ କ'ଣ ଘଟିଥିଲା ତାହା ସେମାନେ ତାହାଙ୍କୁ କହିଥିଲେ ।ତା'ପରେ ଯୀଶୁ ହ୍ରଦର ଆରପାରିରେ ଥିବା କୌଣସି ଏକ ନିର୍ଜନ ସ୍ଥାନକୁ ଯିବା ନିମନ୍ତେ ସେମାନଙ୍କୁ ଆମନ୍ତ୍ରିତ କଲେ ।ତେଣୁ, ସେମାନେ ଏକ ନୌକାରେ ବସିଲେ ଏବଂ ହ୍ରଦର ଆରପାରିକି ଗଲେ ।

### ଯୀଶୁ ଶିଷ୍ୟମାନଙ୍କୁ କ'ଣ କରିବା ପାଇଁ ଗ୍ରାମକୁ ପଠାଇଲେ ?

ସେ ସେମାନଙ୍କୁ ପ୍ରଚାର ଓ ଶିକ୍ଷା ଦେବା ପାଇଁ ପଠାଇଲେ

### ଯୀଶୁ କାହିଁକି ତାଙ୍କ ଶିଷ୍ୟମାନଙ୍କୁ ହ୍ରଦର ଆର ପାରିକୁ ନେଲେ ?

ଯୀଶୁ ସେମାନଙ୍କୁ ଅଳ୍ପ ସମୟ ବିଶ୍ରାମ ନେବା ପାଇଁ ଏକ ନିର୍ଜନ ସ୍ଥାନକୁ ଆମନ୍ତ୍ରିତ କଲେ ।

---

## 30:02

କିନ୍ତୁ ସେହି ସ୍ଥାନରେ ଅନେକ ଲୋକମାନେ ଥିବା ସକାଶେ ଯୀଶୁ ଓ ତାହାଙ୍କ ଶିଷ୍ୟମାନେ ନୌକାକୁ ଛାଡି ପଳାଇଲେ ।ଏହି ଲୋକମାନେ ସେମାନଙ୍କ ନିକଟକୁ ଯିବା ନିମନ୍ତେ ସେମାନଙ୍କ ପୂର୍ବରୁ ହ୍ରଦର କୂଳେ ଧାଇଁ ଗଲେ ।ତେଣୁ ଯୀଶୁ ଏବଂ ତାଙ୍କ ଶିଷ୍ୟମାନେ ଯେତେବେଳେ ପହଞ୍ଚିଲେ, ଅନେକ ବୃହତ୍ ଲୋକ ଗହଳି ହ୍ରଦର ଆରପାରିରେ ସେମାନଙ୍କର ଅପେକ୍ଷାରେ ରହିଥିଲେ ।

### ଯୀଶୁ ଏବଂ ତାଙ୍କର ଶିଷ୍ୟମାନେ ଏକାନ୍ତ ବିଶ୍ରାମ ନେଇ ପାରିଥିଲେ କି?

ନୁହଁ,ଅନେକ ଲୋକମାନେ ତାଙ୍କ ପୂର୍ବରୁ ହ୍ରଦର ଆରିପାରିକୁ ଦୌଡି ପଳାଇଥିଲେ ।

---

## 30:03

ସେମାନେ ପ୍ରାୟ ୫୦୦୦ ପୁରୁଷ ଥିଲେ, ସ୍ତ୍ରୀମାନଙ୍କୁ ଓ ପିଲାମାନଙ୍କୁ ଗଣନା କରାଯାଇ ନ ଥିଲା ।ଯୀଶୁ ଏହି ଲୋକମାନଙ୍କ ପ୍ରତି ଅତି ଦୟାରେ ବିଗଳିତ ହୋଇଯାଇଥିଲେ ।ଯୀଶୁଙ୍କ ପାଇଁ ଏହି ଲୋକମାନେ ମେଷପାଳକ ବିହୀନ ମେଷଗୁଡିକ ପରି ଥିଲେ । ତେଣୁ ସେ ସେମାନଙ୍କୁ ଶିକ୍ଷା ଦେଲେ ଓ ସେମାନଙ୍କ ମଧ୍ୟରୁ ଯେଉଁମାନେ ପୀଡିତ ଥିଲେ ସେମାନଙ୍କୁ ସୁସ୍ଥ କଲେ ।

### ଯୀଶୁଙ୍କ ମନୋଭାବ ଲୋକଗହଳି ପ୍ରତି କ'ଣ ଥିଲା, ଯେଉଁମାନେ ସେମାନଙ୍କୁ ଅପେକ୍ଷା କରିଥିଲେ ?

ସେ ସେମାନଙ୍କ ଉପରେ ଦୟାରେ ବିଗଳିତ ହେଲେ .

### ଯୀଶୁ କିପରି ତାଙ୍କ ଦୟା ଲୋକମାନଙ୍କୁ ଦେଖାଇଲେ ?

ସେ ସେମାନଙ୍କୁ ଶିକ୍ଷା ଦେଲେ ଏବଂ ରୋଗୀମାନଙ୍କୁ ସୁସ୍ଥ କଲେ ।

### କେତେ ଲୋକମାନେ ଖାଦ୍ୟ ଖାଇଲେ ଏବଂ ପରିତୃପ୍ତ ହେଲେ ?

ସ୍ତ୍ରୀ ଏବଂ ପିଲାମାନଙ୍କୁ ଗଣନା ନ କରି ସେମାନେ ପ୍ରାୟ ୫୦୦୦ ପୁରୁଷ ଥିଲେ, ।

---

## 30:04

ଦିନର ଶେଷରେ , ଶିଷ୍ୟମାନେ ଯୀଶୁଙ୍କୁ କହିଲେ "ସମୟ ଅତି ଅଧିକ ହୋଇଗଲାଣି ଓ ନିକଟରେ କୌଣସି ସହର ନାହିଁ । ଲୋକମାନଙ୍କୁ ପଠାଇଦିଅ ଯେପରିକି ସେମାନେ ଯାଇ କିଛି ଭୋଜନ ପାଇପାରିବେ ।"

### ଶିଷ୍ୟମାନେ କାହିଁକି ଲୋକମାନଙ୍କୁ ଦୂରକୁ ପଠାଇବାକୁ ଚାହିଁଲେ ?

ସମୟ ଅତି ଅଧିକ ହୋଇ ଯାଇଥିଲା ଏବଂ ସେମାନଙ୍କୁ ଖାଇବା ପାଇଁ କିଛି ପାଇବାକୁ ଆବଶ୍ୟକ ଥିଲା .

---

## 30:05

କିନ୍ତୁ ଯୀଶୁ ଶିଷ୍ୟମାନଙ୍କୁ କହିଲେ "ତୁମେ ସେମାନଙ୍କୁ କିଛି ଭୋଜନ କରିବାକୁ ଦିଅ !"ସେମାନେ ଉତ୍ତର ଦେଲେ "ଆମେ ତାହା କିପରି କରିପାରିବୁ?ଆମ ନିକଟରେ କେବଳ ପାଞ୍ଚଟି ରୋଟି ଓ ଦୁଇଗୋଟି ମାଛ ଅଛି ।"

### କାହିଁକି ଶିଷ୍ୟମାନେ ସମସ୍ତ ଲୋକମାନଙ୍କୁ ଖୁଆଇବା ପାଇଁ ଅକ୍ଷମ ଥିଲେ ?

ସେମାନଙ୍କ ପାଖରେ କେବଳ ପାଞ୍ଚଟି ରୋଟି ଓ ଦୁଇଗୋଟି ମାଛ ଥିଲା ।

---

## 30:06

ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ କହିଲେ ଲୋକମାନଙ୍କୁ କୁହ ଘାସ ଉପରେ ପଚାଶ ପଚାଶ କରି ଦଳ ହୋଇ ବସିବେ ।

---

## 30:07

ତା'ପରେ ଯୀଶୁ ସେହି ପାଞ୍ଚଗୋଟି ରୋଟି ଓ ଦୁଇଗୋଟି ମାଛକୁ ନେଇ ସ୍ୱର୍ଗ ଆଡକୁ ଉର୍ଦ୍ଧ୍ୱଦୃଷ୍ଟି କଲେ, ଏବଂ ସେହି ଖାଦ୍ୟ ପାଇଁ ଈଶ୍ୱରଙ୍କ ନିକଟରେ ଧନ୍ୟବାଦ ଦେଲେ ।

### କେବଳ ପାଞ୍ଚଟି ରୋଟି ଓ ଦୁଇଗୋଟି ମାଛ ସହିତ ଯୀଶୁ କ'ଣ କଲେ ?

ସେ ପରମେଶ୍ୱରଙ୍କୁ ଖାଦ୍ୟ ନିମନ୍ତେ ଧନ୍ୟବାଦ ଦେଲେ ଏବଂ ଲୋକମାନଙ୍କୁ ଦେବା ପାଇଁ ଖଣ୍ଡ ଖଣ୍ଡ କରି ଭାଙ୍ଗି ଶିଷ୍ୟମାନଙ୍କୁ ଦେଲେ .

---

## 30:08

ତା'ପରେ ଯୀଶୁ ରୋଟି ଓ ସେହି ମାଛଗୁଡିକୁ ଖଣ୍ଡ କରି ଭାଙ୍ଗିଲେ।ସେ ସେହି ଖଣ୍ଡଗୁଡିକୁ ଲୋକମାନଙ୍କୁ ଦେବା ପାଇଁ ତାହାଙ୍କ ଶିଷ୍ୟମାନଙ୍କୁ ଦେଲେ ।ଶିଷ୍ୟମାନେ ସେହି ଖାଦ୍ୟକୁ ବାଣ୍ଟିବାକୁ ଲାଗିଲେ, ଏବଂ ଏହା ଆଉ ଶେଷ ହେଲା ନାହିଁ ।ସମସ୍ତ ଲୋକ ଭୋଜନ କରି ପରିତୃପ୍ତ ହେଲେ ।

### କେବଳ ପାଞ୍ଚଟି ରୋଟି ଓ ଦୁଇଗୋଟି ମାଛ ସହିତ ଯୀଶୁ କ'ଣ କଲେ ?

ସେ ପରମେଶ୍ୱରଙ୍କୁ ଖାଦ୍ୟ ନିମନ୍ତେ ଧନ୍ୟବାଦ ଦେଲେ ଏବଂ ଲୋକମାନଙ୍କୁ ଦେବା ପାଇଁ ଖଣ୍ଡ ଖଣ୍ଡ କରି ଭାଙ୍ଗି ଶିଷ୍ୟମାନଙ୍କୁ ଦେଲେ .

---

## 30:09

ତାହା ପରେ, ଶିଷ୍ୟମାନେ ଲୋକମାନଙ୍କ ଖାଦ୍ୟରୁ ବଳିଥିବା ଖଣ୍ଡକୁ ସଂଗ୍ରହ କଲେ ଏବଂ ବାର ଟୋକେଇ ଗୁଡିକରେ ସଂଗ୍ରହ କଲେ ।ସମସ୍ତ ଖାଦ୍ୟ କେବଳ ପାଞ୍ଚଟି ରୋଟି ଓ ଦୁଇଗୋଟି ମାଛରୁ ଆସିଥିଲା ।

### ସମସ୍ତେ ଖାଇଲା ପରେ କେତେ ପରିମାଣରେ ଖାଦ୍ୟ ବଳିଥିଲା ?

ବାର ଟୋକେଇ ସମ୍ପୁର୍ଣ୍ଣ.

# ଯୀଶୁ ଜଳ ଉପରେ ଚାଲନ୍ତି

## 31:01

ତା'ପରେ ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ ନୌକାରେ ଚଢି ନୌକାକୁ ଚଳାଇ ହ୍ରଦର ଆରପାରିକୁ ଯିବା ପାଇଁ କହିଲେ ଯେତେବେଳେ ସେ ଲୋକମାନଙ୍କୁ ବିଦାୟ ଦେଲେ ।ଯୀଶୁ ଲୋକମାନଙ୍କୁ ପଠାଇଲା ପରେ, ସେ ପ୍ରାର୍ଥନା କରିବା ନିମନ୍ତେ ଏକ ପର୍ବତ ପାର୍ଶ୍ୱରେ ଉପରକୁ ଗଲେ ।ଯୀଶୁ ସେଠାରେ ଏକାକୀ ଥିଲେ, ଏବଂ ସେ ରାତି ପାହିବା ପର୍ଯ୍ୟନ୍ତ ସେଠାରେ ପ୍ରାର୍ଥନା କରିବାକୁ ଲାଗିଲେ ।

### ଯୀଶୁ ଶିଷ୍ୟମାନଙ୍କୁ କ'ଣ କରିବାକୁ କହିଲେ ଯେତେବେଳେ ସେ ଜନଗହଳିକୁ ବିଦାୟ ଦେଲେ?

ଅପର ପାର୍ଶ୍ୱରେ ସେ ନିଜେ ଏକ ନୌକାରେ ବସିଲେ ଏବଂ ହ୍ରଦର ଆରପାରିକୁ ଯିବାକୁ କହିଲେ ।

### ଶିଷ୍ୟମାନଙ୍କୁ ସେମାନଙ୍କ ନୌକାରେ ପଠାଇଲା ପରେ ଯୀଶୁ କଣ କଲେ ?

ସେ ଏକ ପାହାଡର ପାର୍ଶ୍ୱକୁ ପ୍ରାର୍ଥନା କରିବାକୁ ଗଲେ

---

## 31:02

ଇତିମଧ୍ୟରେ, ଶିଷ୍ୟମାନେ ସେମାନଙ୍କର ନୌକା ବାହୁଥିଲେ, କିନ୍ତୁ ଗଭୀର ରାତ୍ରିରେ ସେମାନେ ହ୍ରଦର ମଧ୍ୟ ଭାଗରେ କେବଳ ପହଞ୍ଚିଥିଲେ । ସେମାନେ କଷ୍ଟରେ ନୌକା ଚାଳନ କରୁଥିଲେ କାରଣ ଝଡ ବତାସ ସେମାନଙ୍କ ପ୍ରତିକୂଳ ଦିଗରେ ବୋହୁଥିଲା ।

### ଶିଷ୍ୟମାନଙ୍କୁ ରାତ୍ରି ସମୟରେ କଣ ସମସ୍ୟା ହୋଇଥିଲା ?

ଝଡ ତୋଫାନ୍ ତାଙ୍କ ବିରୁଦ୍ଧରେ ବୋହିବାକୁ ଲାଗିଲା, ତେଣୁ ସେମାନେ ହ୍ରଦର ଅର୍ଦ୍ଧ ବାଟ କେବଳ ଆସି ପାରିଥିଲେ

---

## 31:03

ତା'ପରେ ଯୀଶୁ ପ୍ରାର୍ଥନା କରିବାର ସମାପ୍ତ କଲେ ଏବଂ ଶିଷ୍ୟମାନଙ୍କ ନିକଟକୁ ଗଲେ ।ସେ ହ୍ରଦର ଜଳ ଉପରେ ସେମାନଙ୍କ ନୌକା ଆଡକୁ ଚାଲିଚାଲି ଆସିଲେ !

### ଯୀଶୁ କିପରି ସେମାନଙ୍କ ନୌକା ଆଡକୁ ଗଲେ ?

ସେ ପାଣି ଉପରେ ଚାଲିଲେ !

---

## 31:04

ସେମାନେ ଯେତେବେଳେ ଯୀଶୁଙ୍କୁ ଦେଖିଲେ ସେତେବେଳେ ଶିଷ୍ୟମାନେ ଭୟଭୀତ ହୋଇଯାଇଥିଲେ, କାରଣ ସେମାନେ ଭୂତ ଦେଖୁଅଛନ୍ତି ବୋଲି ଭାବିଲେ ।ଯୀଶୁ ଜାଣିଲେ ଯେ ସେମାନେ ଭୟଭୀତ ହୋଇଅଛନ୍ତି, ତେଣୁ ସେ ସେମାନଙ୍କୁ ଡାକି କହିଲେ "ଭୟ କର ନାହିଁ ।ଏହା ମୁଁ ଅଟେ!"

### ଶିଷ୍ୟମାନେ କିପରି ପ୍ରତିକ୍ରିୟା କଲେ ଯେତେବେଳେ ସେମାନେ ଯୀଶୁଙ୍କୁ ପ୍ରଥମେ ଦେଖିଲେ ?

ସେମାନେ ଅତି ଭୟଭୀତ ହୋଇଗଲେ କାରଣ ସେ ଏକ ଭୂତ ଥିଲେ ବୋଲି ସେମାନେ ଭାବିଲେ

### ଯୀଶୁ ସେମାନଙ୍କ ଭୟକୁ ଶାନ୍ତ କରିବା ପାଇଁ ସେମାନଙ୍କୁ କଣ କହିଲେ?

ଭୟ କର ନାହି Iଏହା ମୁଁ ଅଟେ!"

---

## 31:05

ତା'ପରେ ପିତର ଯୀଶୁଙ୍କୁ କହିଲେ, "ଗୁରୁ, ଯଦି ତାହା ଆପଣ, ତେବେ ଜଳ ଉପରେ ଚାଲି ଆସିବା ପାଇଁ ମୋତେ ଆଜ୍ଞା ଦିଅନ୍ତୁ ।"ଯୀଶୁ ପିତରଙ୍କୁ କହିଲେ "ଆସ!"

### କାହିଁକି ଯୀଶୁ ପିତରଙ୍କୁ ପାଣି ଉପରେ ତାଙ୍କ ନିକଟକୁ ଆସିବାକୁ କହିଲେ ?

କାରଣ ପିତର ତାଙ୍କୁ ଏହା କରିବା ପାଇଁ ପଚାରିଲେ .

---

## 31:06

ତେଣୁ ପିତର ନୌକାରୁ ବାହାରି ଯୀଶୁଙ୍କ ନିକଟକୁ ଜଳ ଉପରେ ଚାଲିବା ଆରମ୍ଭ କଲେ ।କିନ୍ତୁ କିଛି ଦୂର ଚାଲିବା ପରେ, ସେ ଯୀଶୁଙ୍କ ନିକଟରୁ ନିଜ ଆଖି ଫେରାଇ ନେଲେ ଓ ତରଙ୍ଗଗୁଡିକୁ ଦେଖିବାକୁ ଲାଗିଲେ ଏବଂ ସେ ପ୍ରଚଣ୍ଡ ପବନ ବୋହିବାର ଅନୁଭବ କଲେ ।

### ପିତର କଣ ଧ୍ୟାନ ଦେବାକୁ ଲାଗିଲେ ଯେତେବେଳେ ସେ ତାହାର ଆଖିକୁ ଯୀଶୁଙ୍କଠାରୁ ଦୂର କଲେ ?

ସେ ତରଙ୍ଗଗୁଡିଲୁ ଦେଖିବାକୁ ଲାଗିଲା ଏବଂ ପ୍ରଚଣ୍ଡ ତୋଫାନକୁ ଅନୁଭବ କଲା

---

## 31:07

ତେଣୁ ପିତର ଭୟଭୀତ ହେଲେ ଏବଂ ସମୁଦ୍ରରେ ବୁଡିବାକୁ ଲାଗିଲେ ।ସେ ଚିତ୍କାର କରି କହି ଉଠିଲେ “ଗୁରୁ,ମୋତେ ଉଦ୍ଧାର କର!”ଯୀଶୁ ସେହିକ୍ଷଣି ଯାଇ ତାଙ୍କୁ ଧରିପକାଇଲେ ।ତା'ପରେ ସେ ପିତରଙ୍କୁ କହିଲେ “ହେ ଅଳ୍ପବିଶ୍ୱାସୀ, ତୁମ୍ଭେ କାହିଁକି ସନ୍ଦେହ କଲ ?”

### ପିତରକୁ କଣ ହେଲା ଯେତେବେଳେ ସେ ପ୍ରଚଣ୍ଡ ତୋଫାନ ଏବଂ ତରଙ୍ଗଗୁଡିକ ଦେଖି ଭୟଭୀତ ହେଲା ?

ସେ ଜଳରେ ବୁଡିବାକୁ ଲାଗିଲା.

### ଯୀଶୁ କଣ କଲେ ଯତେବେଳେ ପିତର ସାହାଯ୍ୟ ପାଇଁ ଚିତ୍କାର କଲେ ?

ଯୀଶୁ ସେହିକ୍ଷଣି ପିତର ହାତ ଧରିଲେ ।

### ଯୀଶୁ ପିତରକୁ କାହିଁକି ଗାଳି କଲେ ?

“ହେ ଅଳ୍ପବିଶ୍ୱାସୀ ମନୁଷ୍ୟ, ତୁମ୍ଭେ କାହିଁକି ସନ୍ଦେହ କଲ?”

---

## 31:08

ଯେତେବେଳେ ପିତର ଓ ଯୀଶୁ ନୌକା ମଧ୍ୟକୁ ଗଲେ, ସେତେବେଳେ ପବନ ସାଙ୍ଗେ ସାଙ୍ଗେ ବହିବା ବନ୍ଦ ହେଲା ଏବଂ ଜଳ ଶାନ୍ତ ହେଲା ।ଶିଷ୍ୟମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ।ସେମାନେ ଯୀଶୁଙ୍କର ଉପାସନା କରି ତାଙ୍କୁ କହିଲେ “ସତ୍ୟ, ତୁମ୍ଭେ ଈଶ୍ୱରଙ୍କ ପୁତ୍ର ।”

### ଯୀଶୁ ନୌକାରେ ବସିଲା ପରେ କଣ ହେଲା ?

ହଠାତ୍ ପବନ ବହିବା ବନ୍ଦ ହେଲା ଏବଂ ଜଳ ଶାନ୍ତ ହେଲା

### ଶିଷ୍ୟମାନେ ଏହି ଆଶ୍ଚର୍ଯ୍ୟକୁ ପ୍ରତିଉତ୍ତର ଦେଲେ ?

ସେମାନେ ଯୀଶୁଙ୍କର ଉପାସନା କଲେ ଏବଂ କହିଲେ “ସତ୍ୟ, ତୁମ୍ଭେ ଈଶ୍ୱରଙ୍କ ପୁତ୍ର ଅଟ। "

# ଯୀଶୁ ଏକ ଭୁତଗ୍ରସ୍ତ ବ୍ୟକ୍ତିକୁ ଓ ଏକ ପୀଡିତ ସ୍ତ୍ରୀକୁ ସୁସ୍ଥ କରନ୍ତି

## 32:01

ଦିନେ, ଯୀଶୁ ଓ ତାହାଙ୍କ ଶିଷ୍ୟମାନେ ଏକ ନୌକାରେ ଚଢି ଗରାଶୀୟ ଲୋକମାନେ ବାସ କରୁଥିବା ହ୍ରଦର ଆରପାଖକୁ ଗଲେ ।

---

## 32:02

ଯେତେବେଳେ ସେମାନେ ହ୍ରଦର ଆର ପାଖକୁ ପହଁଚିଲେ, ଜଣେ ଭୂତ-ଗ୍ରସ୍ତ ଲୋକ ଯୀଶୁଙ୍କ ନିକଟକୁ ଧାଇଁ ଆସିଲା ।

### ଯେତେବେଳେ ଯୀଶୁ ପହଞ୍ଚିଲେ, ଯେଉଁଠାରେ ଗରାସୀୟ ଲୋକମାନଙ୍କ ରହିଲେ?

ଜଣେ ଭୂତ-ଗ୍ରସ୍ତ ଲୋକ ଯୀଶୁଙ୍କ ନିକଟକୁ ଧାଇଁ ଆସିଲା ।

---

## 32:03

ଏହି ଲୋକ ଏତେ ବଳିଷ୍ଠ ଥିଲା ଯେ କୌଣସି ଲୋକ ତାହାକୁ ନିୟନ୍ତ୍ରଣ କରି ପାରୁ ନଥିଲେ ।ଲୋକମାନେ ଏପରିକି ତାହାର ବାହୁଗୁଡିକ ଓ ଗୋଡସବୁ ଶିକୁଳିରେ ବାନ୍ଧିଥିଲେ, କିନ୍ତୁ ସେ ସେଗୁଡିକୁ ଛିଣ୍ଡାଇ ପକାଇଥିଲା ।

### ଭୁତ ସେହି ମନୁଷ୍ୟକୁ କଣ କରାଉଥିଲା?

ଭୁତ ତାହାଦ୍ଵାରା ଶିକୁଳିଗୁଡିକ ଭାଙ୍ଗୁଥିଲା , କବର ସ୍ଥାନରେ ରହୁଥିଲା, ସମସ୍ତ ଦିନ ଓ ରାତିରେ ଚିତ୍କାର କରୁଥିଲା, ପୋଷାକ ନ ପିନ୍ଧି, ନିଜ ଶରୀରକୁ ପଥର ସହିତ ଆଘାତ କରୁଥିଲା.

---

## 32:04

ଲୋକଟି ସେହି ଅଞ୍ଚଳରେ ଥିବା କବର ମାନଙ୍କରେ ବାସ କରୁଥିଲା ।ଏହି ଲୋକ ସମସ୍ତ ଦିନ ଓ ସମସ୍ତ ରାତ୍ରି ଚିତ୍କାର କରୁଥିଲା ।ସେ ବସ୍ତ୍ର ପିନ୍ଧି ନଥିଲା ଏବଂ ବାରମ୍ବାର ନିଜକୁ ପଥରଗୁଡିକ ଦ୍ଵାରା ଆଘାତ କରୁଥିଲା ।

### ଭୁତ ସେହି ମନୁଷ୍ୟକୁ କଣ କରାଉଥିଲା?

ଭୁତ ତାହାଦ୍ୱାରା ଶିକୁଳିଗୁଡିକ ଭାଙ୍ଗୁଥିଲା , କବର ସ୍ଥାନରେ ରହୁଥିଲା, ସମସ୍ତ ଦିନ ଓ ରାତିରେ ଚିତ୍କାର କରୁଥିଲା, ପୋଷାକ ନ ପିନ୍ଧି, ନିଜ ଶରୀରକୁ ପଥର ସହିତ ଆଘାତ କରୁଥିଲା.

---

## 32:05

ଯେତେବେଳେ ସେ ଯୀଶୁଙ୍କ ନିକଟକୁ ଆସିଲା, ସେ ତାଙ୍କ ସମ୍ମୁଖରେ ଆଣ୍ଠୋଇପଡିଲା ।ଯୀଶୁ ସେହି ଭୂତକୁ କହିଲେ “ଏହି ଲୋକଠାରୁ ବାହାରି ଆସ!”

---

## 32:06

ଭୂତଗ୍ରସ୍ତ ବ୍ୟକ୍ତିଟି ଅତି ଉଚ୍ଚ ସ୍ୱରରେ କହିଲା “ହେ ସର୍ବୋପରିସ୍ଥ ଈଶ୍ୱରଙ୍କ ପୁତ୍ର ଯୀଶୁ ତୁମ୍ଭ ସଙ୍ଗରେ ମୋର କ’ଣ ଅଛି?ଦୟାକରି ମୋତେ ନିର୍ଯାତନା କରନାହିଁ!”ତା’ପରେ ଯୀଶୁ ସେହି ଭୂତକୁ ପଚାରିଲେ “ତୋ’ର ନାମ କ’ଣ?”ସେ ଉତ୍ତର ଦେଲା “ମୋ ନାମ ବାହିନୀ, କାରଣ ଆମେ ଅନେକ ।” (ରୋମୀୟ ସୈନ୍ୟ ବାହିନୀରେ ଥିବା ଅନେକ ହଜାରର ଏକ ଦଳ ।)

### ଭୂତର ନାମ କଣ ଥିଲା ?

ତାଙ୍କ ନାମ ଥିଲା ବାହିନୀ.

### "ବାହିନୀ" ନାମର ଅର୍ଥ କଣ ଅଟେ ?

ତାହା ଅର୍ଥ ଥିଲା ଯେ ତାହାଠାରେ ଅନେକ ଭୂତମାନେ ବାସ କରୁଥିଲେ.

---

## 32:07

ଭୂତମାନେ ଯୀଶୁଙ୍କୁ ଅନୁରୋଧ ବା ବିନତୀ କରି କହିଲେ “ଦୟାକରି ଆମ୍ଭମାନଙ୍କୁ ଏହି ଅଞ୍ଚଳରୁ ଅନ୍ୟତ୍ର ପଠାନ୍ତୁ ନାହିଁ !”ନିକଟସ୍ଥ ଏକ ପାହାଡରେ ଘୁଷୁରୀ ପଲ ଚରୁଥିଲେ ।ତେଣୁ, ସେହି ଭୂତମାନେ ଯୀଶୁଙ୍କୁ ବିନତୀ କରି କହିଲେ “ତା’ ବଦଳରେ ଆମ୍ଭମାନଙ୍କୁ ସେହି ଘୁଷୁରୀମାନଙ୍କ ମଧ୍ୟରୁ ପଠାଇଦିଅନ୍ତୁ !”ଯୀଶୁ କହିଲେ “ଯାଅ!”

### ଭୁତମାନେ ଯୀଶୁଙ୍କୁ କେଉଁଠାକୁ ପଠାଇବାକୁ ନିବେଦନ କଲେ ଯେତେବେଳେ ସେମାନେ ସେହି ମନୁଷ୍ୟକୁ ଛାଡିଲେ ?

ସେମାନେ ୨୦୦୦ ଘୁଶୁରୀମାନଙ୍କ ଦଳ ମଧ୍ୟକୁ ପଠାଇବାକୁ କହିଲେ .

---

## 32:08

ଭୂତମାନେ ସେହି ଲୋକଠାରୁ ବାହାରି ଘୁଷୁରୀମାନଙ୍କ ମଧ୍ୟରେ ପ୍ରବେଶ କଲେ । ସେହି ଘୁଷୁରୀମାନେ ତୀଖସ୍ଥାନରୁ ଦୌଡି ଯାଇ ହ୍ରଦରେ ବୁଡି ମଲେ ।ସେଠାରେ ପ୍ରାୟ ୨୦୦୦ ଘୁଷୁରୀଗୁଡିକ ପଲରେ ଥିଲେ ।

### ଭୂତମାନେ ଯୀଶୁଙ୍କୁ କେଉଁଠାକୁ ପଠାଇବାକୁ ନିବେଦନ କଲେ ଯେତେବେଳେ ସେମାନେ ସେହି ମନୁଷ୍ୟକୁ ଛାଡିଲେ ?

ସେମାନେ ୨୦୦୦ ଘୁଶୁରୀମାନଙ୍କ ଦଳ ମଧ୍ୟକୁ ପଠାଇବାକୁ କହିଲେ .

### ଘୁଷୁରୀମାନଙ୍କୁ କଣ ହେଲା ଯେତେବେଳେ ଭୂତମାନେ ସେମାନଙ୍କ ମଧ୍ୟକୁ ପ୍ରବେଶ କଲେ ?

ସେମାନେ ତୀଖସ୍ଥାନରୁ ଦୌଡି ଯାଇ ହ୍ରଦରେ ବୁଡି ମଲେ ।

---

## 32:09

ଯେଉଁ ଲୋକମାନେ ଘୁଷୁରୀମାନଙ୍କର ଯତ୍ନ ନେଉଥିଲେ ସେମାନେ କ'ଣ ଘଟିଲା ତାହା ଦେଖିଲେ, ସେମାନେ ସହରକୁ ଦୌଡି ପଳାଇଗଲେ ଏବଂ ଯୀଶୁ କ'ଣ କ'ଣ କରିଥିଲେ ତାହା ସେମାନେ ଯେତେ ଲୋକଙ୍କୁ ଭେଟିଲେ ସମସ୍ତଙ୍କୁ ଜଣାଇଲେ ।ସହରରୁ ଥିବା ଲୋକେ ଆସି ପୂର୍ବରୁ ଭୂତ ଲାଗିଥିବା ଲୋକଙ୍କ ପ୍ରତି କ'ଣ କ'ଣ ଘଟିଥିଲା ସେହିସବୁ ଦେଖିଲେ ।ସେ ଶାନ୍ତରେ, ଲୁଗା ପିନ୍ଧି ଭଲ ମନରେ ସାଧାରଣ ଲୋକ ପରି ବସିଥିବାର ଦେଖିଲେ ।

### ଭୂତମାନେ ତାହାକୁ ଛାଡିଲା ପରେ ମନୁଷ୍ୟ କିପରି ବ୍ୟବହାର କଲା ?

ସେ ଶାନ୍ତରେ ବସିଲା, ପୋଷାକ ପିନ୍ଧିଲା, ସମାନ ବ୍ୟକ୍ତିପରି ଅଭିନୟ କଲା .

---

## 32:10

ଲୋକମାନେ ଅତିଶୟ ଭୀତ ହୋଇଯାଇଥିଲେ ଏବଂ ସେମାନଙ୍କ ସୀମାରୁ ଯୀଶୁଙ୍କୁ ବାହାରିଯିବା ନିମନ୍ତେ କହିଲେ ।ତେଣୁ ଯୀଶୁ ନୌକାରେ ଚଢି ବାହାରି ଯିବା ପାଇଁ ପ୍ରସ୍ତୁତ ହେଲେ ।ଯେଉଁ ଲୋକକୁ ଭୂତ ଲାଗିଥିଲା ସେ ଯୀଶୁଙ୍କ ସହ ଯିବା ନିମନ୍ତେ ତାହାଙ୍କୁ ବିନତି କଲା ।

### ଲୋକମାନେ ସୁସ୍ଥ ହୋଇଥିବା ମନୁଷ୍ୟକୁ ଏବଂ ମରିଜଇଥିବ ଘୁଷୁରୀ?

ସେମାନେ ଅତିଶୟ ଭୀତ ହୋଇଗଲେ ଏବଂ ଯୀଶୁଙ୍କୁ ସେମାନଙ୍କ ଅଞ୍ଚଳ ଛାଡି ଯିବାକୁ କହିଲେ ।

---

## 32:11

କିନ୍ତୁ ଯୀଶୁ ତାକୁ କହିଲେ "ନା, ମୁଁ ଚାହେଁ, ତୁମ୍ଭ ଗୃହକୁ ଯାଅ ଏବଂ ତୁମ୍ଭର ବନ୍ଧୁ ଓ ପରିଜନଙ୍କୁ ଈଶ୍ୱର ତୁମ୍ଭପ୍ରତି ଯାହା ଯାହା କରିଅଛନ୍ତି ଓ ତୁମ୍ଭ ପ୍ରତି ଯେଉଁ ଦୟା ଦେଖାଇଅଛନ୍ତି ସେହିସବୁ କୁହ ।"

### ଯୀଶୁଙ୍କ ସହିତ ଯିବା ପରିବର୍ତ୍ତେ, ଯୀଶୁ ସେହି ସୁସ୍ଥ ବ୍ୟକ୍ତିକୁ କଣ କରିବାକୁ କହିଲେ ?

ଯୀଶୁ ତାହାକୁ ଗୃହକୁ ଯିବା ପାଇଁ କହିଲେ ଏବଂ ତାଙ୍କ ବନ୍ଧୁମାନଙ୍କୁ ଓ ପରିବାରକୁ ସମସ୍ତ ବିଷୟରେ କରିବା ପାଇଁ, ଯାହା ପରମେଶ୍ୱର ତାଙ୍କ ପାଇଁ କରିଥିଲେ .

---

## 32:12

ତେଣୁ ସେହି ଲୋକ ତା' ରାସ୍ତାରେ ବାହାରିଗଲା ଏବଂ ଯୀଶୁ ତାଙ୍କ ପ୍ରତି ଯାହା ଯାହା କରିଥିଲେ ସେହି ସମସ୍ତ ବିଷୟ଼ ଜଣାଇଲା । ଯେଉଁମାନେ ତାହାର ଘଟଣା ଶୁଣିଲେ ସେମାନେ ଆଶ୍ଚର୍ଯ୍ୟ ଓ ଚକିତ ହେଲେ ।

---

## 32:13

ଯୀଶୁ ହ୍ରଦର ଆର ପାରିକୁ ଫେରିଲେ ।ସେ ସେଠାରେ ପହଞ୍ଚିଲା ପରେ, ଏକ ବୃହତ୍ ଜନଗହଳି ଏକାଠି ହେଲେ ଏବଂ ତାଙ୍କ ଉପରେ ମାଡିପଡୁଥିଲେ ।ଲୋକ ଗହଳି ମଧ୍ୟରୁ ଜଣେ ସ୍ତ୍ରୀ ବାରବର୍ଷ ପର୍ଯ୍ୟନ୍ତ ରକ୍ତସ୍ରାବ ରୋଗରେ ଗ୍ରସ୍ତ ଥିଲେ ।ସେ ଅନେକ ବୈଦ୍ୟମାନଙ୍କ ପାଖକୁ ଯାଇ ସୁସ୍ଥ ହେବା ନିମନ୍ତେ ସମସ୍ତ ଅର୍ଥ ଖର୍ଚ୍ଚ କଲା କିନ୍ତୁ ତା' ଅବସ୍ଥା ଦିନକୁ ଦିନ ଖରାପ ହେବାକୁ ଲାଗିଲା ।

---

## 32:14

ସେ ଶୁଣିଥିଲେ ଯେ ଯୀଶୁ ଅନେକ ଅସୁସ୍ଥ ବ୍ୟକ୍ତିଙ୍କୁ ସୁସ୍ଥ କରିଥିଲେ ଏବଂ ଭାବିଲେ "ମୁଁ ନିଶ୍ଚିତ ଅଟେ ଯେ ମୁଁ କେବଳ ଯୀଶୁଙ୍କ ଲୁଗା ଛୁଇଁ ଦିଏ, ତେବେ ମୁଁ ସୁସ୍ଥ ହେବି!" ତେଣୁ ସେ ଯୀଶୁଙ୍କ ପଛପଟ ଆସି ତାହାଙ୍କ ଲୁଗା ଛୁଇଁଦେଲା ।ଯେତେବେଳେ ସେ ବସ୍ତ୍ର ଛୁଇଁଲା ସେତେବେଳେ ତାହାର ରକ୍ତସ୍ରାବ ବନ୍ଦ ହୋଇଗଲା!

### ନାରୀ ତାହାର ରକ୍ତସ୍ରାବ ସମସ୍ୟା ସହିତ ଯୀଶୁଙ୍କ ନିକଟକୁ କାହିଁକି ଆସିଲେ ?

ସେ ଭାବିଲେ ଯେ ଯଦି ସେ ଯୀଶୁଙ୍କ' ପୋଷାକକୁ ଛୁଏଁ, ତେବେ ସେ ହେବେ ସୁସ୍ଥ ହେବ.

### ନାରୀ ଯୀଶୁଙ୍କ ପୋଷାକକୁ ଛୁଇଁଲା ପରେ ହଠାତ୍ କଣ ହେଲା ?

ତାହାର ରକ୍ତସ୍ରାବ ବନ୍ଦ ହେଲା.

---

## 32:15

ସାଙ୍ଗେ ସାଙ୍ଗେ ଯୀଶୁ ଅନୁଭବ କଲେ ଯେ ତାଙ୍କଠାରୁ ଶକ୍ତି ଚାଲିଯାଇଛି ।ତେଣୁ ସେ ବୁଲିପଡି ପଚାରିଲେ “କିଏ ମୋତେ ଛୁଇଁଲା”

### ଯୀଶୁ କିପରି ଜାଣିଲେ ଯେ କେହିଜଣେ ତାହାଙ୍କୁ ଛୁଇଁଅଛି?

ଯୀଶୁ ଅନୁଭବ କଲେ ଯେ ତାଙ୍କଠାରୁ ଶକ୍ତି ଚାଲିଯାଇଛି ।

---

## 32:16

ଶିଷ୍ୟମାନେ ଉତ୍ତର ଦେଲେ “ଅନେକ ଲୋକ ଆପଣଙ୍କ ଚାରିପାଖରେ ଅଛନ୍ତି ଓ ଆପଣଙ୍କ ଉପରେ ମାଡିପଡୁଅଛନ୍ତି ।“ମୋତେ କିଏ ଛୁଇଁଲା?” ବୋଲି କାହିଁକି ପଚାରୁଅଛ?ସେହି ସ୍ତ୍ରୀ ଲୋକଟି ଯୀଶୁଙ୍କ ସମ୍ମୁଖରେ ଆଣ୍ଠୋଇପଡିଲା, ସେ ଥରୁଥିଲା ଓ ଅତି ଭୟଭୀତ ହୋଇଯାଇଥିଲା ।ସେ କ’ଣ କରିଥିଲା, ତାହାସବୁ ତାଙ୍କୁ କହିଲା ଓ ସେ ସୁସ୍ଥ ହେଲା ।ଯୀଶୁ ତାକୁ କହିଲେ “ତୁମ୍ଭର ବିଶ୍ୱାସ ତୁମ୍ଭକୁ ସୁସ୍ଥ କରିଅଛି ।ଶାନ୍ତିରେ ଚାଲିଯାଅ ।”

### ଯୀଶୁ କଣ କହିଲେ ଯେତେବେଳେ ସେହି ସ୍ତ୍ରୀ ତାଙ୍କ ଗୋଡତଳେ ପଡିଲା?

“ତୁମ୍ଭର ବିଶ୍ୱାସ ତୁମ୍ଭକୁ ସୁସ୍ଥ କରିଅଛି ।ଶାନ୍ତିରେ ଚାଲିଯାଅ ।”

# କୃଷକର କାହାଣୀ

## 33:01

ଦିନେ, ଯୀଶୁ ହ୍ରଦର କୂଳରେ ଏକ ବୃହତ୍ ଜନଗହଳିକୁ ଶିକ୍ଷା ଦେଉଥିଲେ ।ଅନେକ ଲୋକ ଶୁଣିବାକୁ ଯୀଶୁଙ୍କ ନିକଟକୁ ଆସିଲେ ଏବଂ ଲୋକମାନଙ୍କୁ ଯଥା ସ୍ଥାନରେ ଯେପରି ଶିକ୍ଷା ଦେଇପାରିବେ ସେଥିପାଇଁ ସେ କୂଳରେ ଏକ ନୌକା ଉପରେ ବସିଲେ ।ସେ ନୌକାରେ ବସିଲେ ଏବଂ ଲୋକମାନଙ୍କୁ ଶିକ୍ଷା ଦେଲେ ।

---

## 33:02

ଯୀଶୁ ଏହି କାହାଣୀ କହିଲେ ।"ଜଣେ କୃଷକ କିଛି ବିହନ ବୁଣିବାକୁ ବାହାରିଲେ ।ସେ ଯେତେବେଳେ ହାତରେ ବିହନଗୁଡିକ ବୁଣିବାକୁ ଲାଗିଲେ, କିଛି ବିହନ ରାସ୍ତାରେ ପଡିଲା, ଏବଂ ଚଢେଇମାନେ ଆସି ସେହି ବିହନଗୁଡିକ ଖାଇଦେଲେ ।"

### ରାସ୍ତା ଉପରେ ପଡିଥିବା ବିହନ କଣ ହେଲା ?

ଚଢେଇମାନେ ଆସିଲେ ଏବଂ ସମସ୍ତ ଖାଇଦେଲେ.

---

## 33:03

"ଅନ୍ୟ ବିହନଗୁଡିକ ପଥୁରିଆ ଭୁଇଁ ଉପରେ ପଡିଲା, ଯେଉଁଠାରେ ଅଳ୍ପ ମାଟି ଥିଲା ।ପଥୁରିଆ ଭୁଇଁରେ ଥିବା ବିହନ ଅତିଶୀଘ୍ର ଗଜା ହେଲା, କିନ୍ତୁ ସେଗୁଡିକର ଚେର ଗଭୀର ମାଟି ଭିତରକୁ ଯାଇପାରିଲା ନାହିଁ ।ଯେତେବେଳେ ସୂର୍ଯ୍ୟ ଆସିଲା ଓ ଖରା ହେଲା, ଗଛ ଝାଉଁଳିଗଲା ଏବଂ ମରିଗଲା ।"

### ପଥୁରିଆ ଭୁଇଁଉପରେ ପଡିଥିବା ବିହନ କଣ ହେଲା ?

କିନ୍ତୁ ସୁର୍ଯ୍ୟ ଉଠନ୍ତେ , ଜଳି ପୋଡିଗଲା ଓ ଚେର ନ ଥିବାରୁ ଶୁଖିଗଲା

---

## 33:04

"ତଥାପି ଅନ୍ୟ ବିହନ କଣ୍ଟାବୁଦାଗୁଡିକ ମଧ୍ୟରେ ପଡିଲା ।ଏହି ସମସ୍ତ ବିହନ ବୃଦ୍ଧି ପାଇବାକୁ ଆରମ୍ଭ କଲା, କିନ୍ତୁ କଣ୍ଟାଗୁଡିକ ସେଗୁଡିକୁ ଚାପି ପକାଇଲା ।ତେଣୁ କଣ୍ଟାଗଛଗୁଡିକ ମଧ୍ୟରେ ଥିବା ଉଦ୍ଭିଦଗୁଡିକ ଯାହା ବିହନରୁ ବୃଦ୍ଧି ହୋଇଥିଲା, କୌଣସି ଶସ୍ୟ ଉତ୍ପନ୍ନ କଲାନାହିଁ ।"

### ରାସ୍ତା ଉପରେ ପଡିଥିବା ବିହନ କଣ ହେଲା ?

ତାହା ବୃଦ୍ଧି ପାଇବାକୁ ଆରମ୍ଭ ହେଲା, କିନ୍ତୁ କଣ୍ଟାଗୁଡିକ ସେଗୁଡିକୁ ଚାପି ପକାଇଲା ।

---

## 33:05

"ଅନ୍ୟ ବିହନଗୁଡିକ ଉତ୍ତମ ଭୂମିରେ ପଡିଲା ।ଯେତେ ବିହନ ବୁଣା ହୋଇଥିଲା, ସେହି ସମସ୍ତ ବିହନଗୁଡିକ ବୃଦ୍ଧି ପାଇ ୩୦, ୬୦ ଓ ଏପରିକି ୧୦୦ ଗୁଣ ପର୍ଯ୍ୟନ୍ତ ଶସ୍ୟ ଫଳିବାକୁ ଲାଗିଲା ।ଯାହାର କାନ ଅଛି, ସେ ଶୁଣୁ!"

### ଉତ୍ତମ ଭୂମି ଉପରେ ପଡିଥିବା ବିହନ କଣ ହେଲା ?

ତାହା ବୃଦ୍ଧି ପାଇ ୩୦, ୬୦ ଓ ଏପରିକି 100 ଗୁଣ ପର୍ଯ୍ୟନ୍ତ ଶସ୍ୟ ଫଳିବାକୁ ଲାଗିଲା ଯେତେ ବିହନଗୁଡିକ ବୁଣାହୋଇଥିଲା ।

---

## 33:06

ଏହି କାହାଣୀ ବା ଦୃଷ୍ଟାନ୍ତ ଶିଷ୍ୟମାନଙ୍କୁ ଦ୍ଵନ୍ଦରେ ପକାଇଲା ।ତେଣୁ ଯୀଶୁ ବୁଝାଇ କହିଲେ, "ବିହନ ହେଉଛି ଇଶ୍ଵରଙ୍କ ବାକ୍ୟ ।ରାସ୍ତା ହେଉଛି ସେହି ବ୍ୟକ୍ତି ଯିଏ ଇଶ୍ଵରଙ୍କ ବାକ୍ୟ ଶୁଣେ, କିନ୍ତୁ ତାହା ବୁଝିପାରେ ନାହିଁ, ଏବଂ ଶୟତାନ ତାହାଠାରୁ ବାକ୍ୟ ହରଣ କରିନିଏ ।"

### ଶିଷ୍ୟମାନେ କାହାଣୀର ବା ଦୃଷ୍ଟାନ୍ତର ଅର୍ଥ ବୁଝିପାରିଲେ କି?

ନାହିଁ, ସେମାନେ ଦ୍ଵନ୍ଦରେ ଥିଲେ.

### କାହାଣୀରେ ଉତ୍ତମ ବିହନ କଣ ସୁଚାଏ ?"

ଇଶ୍ଵରଙ୍କ ବାକ୍ୟ

### ପଥ ବା ରାସ୍ତା କଣ ସୁଚାଏ ?

ସେହି ବ୍ୟକ୍ତିକୁ ଯିଏ ଇଶ୍ଵରଙ୍କ ବାକ୍ୟ ଶୁଣେ, କିନ୍ତୁ ତାହା ବୁଝିପାରେ ନାହିଁ, ଏବଂ ଶୟତାନ ତାହାଠାରୁ ବାକ୍ୟ ହରଣ କରିନିଏ ।"

---

## 33:07

"ପଥୁରିଆ ଭୂଇଁ ହେଉଛି ସେହି ବ୍ୟକ୍ତି ଯିଏ ଇଶ୍ଵରଙ୍କ ବାକ୍ୟ ଶୁଣେ ଓ ଆନନ୍ଦରେ ତାହା ଗ୍ରହଣ କରେ ।କିନ୍ତୁ ଯେତେବେଳେ ସେ କଷ୍ଟ ଓ ତାଡନା ଅନୁଭବ କରେ, ସେ ପତିତ ହୋଇଯାଏ ।"

### ପଥୁରିଆ ସ୍ଥାନ କଣ ସୁଚାଏ ?

ଯେଉଁ ବ୍ୟକ୍ତି ବାକ୍ୟ ଶୁଣେ ଓ ଆନନ୍ଦ ସହିତ ଗ୍ରହଣ କରେ, କିନ୍ତୁ ଯେତେବେଳେ କଷ୍ଟ ଓ ତାଡନା ଆସେ, ତଳେ ପଡିଯାଏ.

---

## 33:08

“କଣ୍ଟକ ଭୂଇଁ ହେଉଛି ସେହି ବ୍ୟକ୍ତି ଯିଏ ଇଶ୍ୱରଙ୍କ ବାକ୍ୟ ଶୁଣେ, କିନ୍ତୁ ଯେତେବେଳେ ସମୟ ଆସେ, ଯତ୍ନ ନେବା, ଧନ ଏବଂ ଜୀବନର ସୁଖ ସମୃଦ୍ଧି ଇଶ୍ୱରଙ୍କ ପ୍ରତି ଥିବା ତାହାର ପ୍ରେମକୁ ଚାପି ନିଏ ।”ଫଳ ସ୍ୱରୂପ, ସେ ଯେଉଁ ଶିକ୍ଷା ସେ ଶୁଣିଥାଏ ତାହା ଫଳ ଉତ୍ପନ୍ନ କରେ ନାହିଁ ।”

### କଣ୍ଟକ ଭୂଇଁ କଣ ସୁଚାଏ ?

ସେହି ବ୍ୟକ୍ତି ଯିଏ ଇଶ୍ୱରଙ୍କ ବାକ୍ୟ ଶୁଣେ, କିନ୍ତୁ ଯେତେବେଳେ ସମୟ ଆସେ, ଧନରତ୍ନଏବଂ ଜୀବନର ସୁଖ ସମୃଦ୍ଧି ଇଶ୍ୱରଙ୍କ ପ୍ରତି ଥିବା ତାହାର ପ୍ରେମକୁ ଚାପି ନିଏ ।”

---

## 33:09

“କିନ୍ତୁ ଉତ୍ତମ ମାଟି ହେଉଛି ସେହି ବ୍ୟକ୍ତି ଯିଏ ଇଶ୍ୱରଙ୍କ ବାକ୍ୟ ଶୁଣେ, ବିଶ୍ୱାସ କରେ, ଏବଂ ଫଳ ଉତ୍ପନ୍ନ କରେ ।”

### ଉତ୍ତମ ଭୂମି କଣ ସୁଚାଏ ?

ସେହି ବ୍ୟକ୍ତି ଯିଏ ଇଶ୍ୱରଙ୍କ ବାକ୍ୟ ଶୁଣେ, ବିଶ୍ୱାସ କରେ, ଏବଂ ଫଳ ଉତ୍ପନ୍ନ କରେ ।”

# ଯୀଶୁ ଅନ୍ୟ କାହାଣୀଗୁଡିକ ବା ଦୃଷ୍ଟାନ୍ତମାନଙ୍କ ଦ୍ଵାରା ଶିକ୍ଷା ଦିଅନ୍ତି

## 34:01

ଇଶ୍ଵରଙ୍କ ରାଜ୍ୟ ବିଷୟରେ ଯୀଶୁ ଆହୁରି ଅନେକ କାହାଣୀଗୁଡିକୁ କହିଲେ ।ଉଦାହରଣ ସ୍ଵରୂପ, ସେ କହିଲେ "ସ୍ଵର୍ଗରାଜ୍ୟ ହେଉଛି ଏକ ସୋରିଷ ବୀଜ ପରି ଯାହା କେହି ଜଣେ ତାହାର କ୍ଷେତରେ ରୋପଣ କଲା ।ତୁମ୍ଭେମାନେ ଜାଣ ଯେ ସୋରିଷ ବୀଜ ସମସ୍ତ ବୀଜଠାରୁ କ୍ଷୁଦ୍ର ଅଟେ ।"

### କିପରି ସୋରିଷ ବିହନକୁ ଅନ୍ୟ ବିହନଗୁଡିକ ସହିତ ତୁଳନା କରାଯିବ ?

ଏହି ବୀଜ ସମସ୍ତ ବୀଜଠାରୁ କ୍ଷୁଦ୍ର ଅଟେ ।"

### ପରମେଶ୍ଵର ପ୍ରତ୍ୟେକ ଗର୍ବୀମାନଙ୍କ ସହିତ କଣ କରିବେ ?

ସେ ସେମାନଙ୍କୁ ନମ୍ର କରିବେ .

---

## 34:02

"କିନ୍ତୁ ଯେତେବେଳେ ସୋରିଷ ବୀଜ ବୃଦ୍ଧି ପାଏ, ଏହା ସମସ୍ତ ଉଦ୍ୟାନ ବୃକ୍ଷ ଅପେକ୍ଷା ଏତେ ଅଧିକ ବୃହତ୍ ହୋଇଥାଏ ଯେ ପକ୍ଷୀମାନେ ଆସି ତାହାର ଶାଖାଗୁଡିକରେ ବାସ କରନ୍ତି ।"

### ଏକ ସୋରିଷ ବିହନ କେତେ ବୃଦ୍ଧି ପାଏ ?

ତାହା ଉଦ୍ୟାନରେ ଥିବା ସମସ୍ତ ଉଦ୍ଭିଦଠାରୁ ବଡ ହୋଇଥାଏ

---

## 34:03

ଯୀଶୁ ଆଉ ଏକ କାହାଣୀ କହିଲେ "ଇଶ୍ଵରଙ୍କ ରାଜ୍ୟ ଏକ ଖମୀର ପରି ଯାହା ଜଣେ ସ୍ତ୍ରୀ ନେଇ ମଇଦାର ସର୍ବତ୍ର ବ୍ୟାପିଯିବା ପର୍ଯ୍ୟନ୍ତ କିଛି ମଇଦାରେ ମିଶାଏ ।"

### ତାଡି କଣ ହୁଏ ଯଦି ତାହା ଦଳା ହୋଇଥିବା ରୋଟି ସହିତ ମିଶ୍ରିତ ହୁଏ ?

ଦଳା ଯାଇଥିବା ପ୍ରତ୍ୟେକ ସ୍ଥାନରେ ବ୍ୟାପିଯାଏ.

---

## 34:04

"ଈଶ୍ଵରଙ୍କ ରାଜ୍ୟ ଆହୁରି ମଧ୍ଯ ଗୁପ୍ତଧନ ପରି ଯାହା ଜଣେ ନେଇ ଏକ କ୍ଷେତରେ ଲୁଚାଇ ରଖିଲା ।ଅନ୍ୟ ଜଣେ ବ୍ୟକ୍ତି ଏହି ଗୁପ୍ତଧନକୁ ପାଇଲା ଓ ପୁନର୍ବାର ପୋତି ପକାଇଲା ।ସେ ଆନନ୍ଦରେ ଏତେ ବିଭୋର ହୋଇଗଲା ଯେ ସେ ଯାଇ ସମସ୍ତ ଜିନିଷ ବିକ୍ରୟ କଲା ଏବଂ ସେହି କ୍ଷେତକୁ କ୍ରୟ କରିବା ପାଇଁ ସେହି ଅର୍ଥକୁ ବ୍ୟବହାର କଲା ।"

### ଜଣେ ମନୁଷ୍ୟ କ୍ଷେତରେ ଲୁଚାଯାଇଥିବା ଗୁପ୍ତ ଧନ ପାଇଲା ପରେ କଣ କଲା ?

ତାହା ପାଖରେ ଯାହା ଥିଲା, ସେ ସମସ୍ତ ବିକ୍ରି କଲା ଏବଂ ସେହି ଜମିକୁ କିଣିବା ନିମନ୍ତେ ଟଙ୍କା ବ୍ୟବହାର କଲା "

---

## 34:05

"ଈଶ୍ଵରଙ୍କ ରାଜ୍ୟ ଏକ ବହୁମୂଲ୍ୟ ମଣି ସଦୃଶ ।ଯେତେବେଳେ ଜଣେ ମଣି ବ୍ୟବସାୟୀ ଏହା ଦେଖିଲା, ସେ ଯାଇ ଆପଣାର ସମସ୍ତ ବିକ୍ରୟ କରି ଏହାକୁ କ୍ରୟ କରିବା ନିମନ୍ତେ ସେହି ଅର୍ଥକୁ ବ୍ୟବହାର କଲା ।"

### ମୁକ୍ତ ବ୍ୟବସାୟୀ କ'ଣ କଲା ଯେତେବେଳେ ସେ ଏକ ଉତ୍ତମ ମୁକ୍ତ ପାଇଲା ?

ତାହା ପାଖରେ ଯାହା ଥିଲା, ସେ ସମସ୍ତ ବିକ୍ରି କଲା ଏବଂ ସେହି ଜମିକୁ କିଣିବା ନିମନ୍ତେ ଟଙ୍କା ବ୍ୟବହାର କଲା "

---

## 34:06

ତା'ପରେ ଯୀଶୁ ଲୋକମାନଙ୍କୁ, ନିଜର ଉତ୍ତମ କାର୍ଯ୍ୟ ଉପରେ ବିଶ୍ଵାସ ରଖି ଅନ୍ୟମାନଙ୍କୁ ତୁଚ୍ଛ କରୁଥିବା ବିଷୟରେ ଏକ କାହାଣୀ କହିଲେ ।ସେ କହିଲେ "ଦୁଇଜଣ ବ୍ୟକ୍ତି ପ୍ରାର୍ଥନା କରିବା ନିମନ୍ତେ ମନ୍ଦିରକୁ ଗଲେ ।ସେମାନଙ୍କ ମଧ୍ଯରୁ ଜଣେ କରଗ୍ରାହୀ ଓ ଅନ୍ୟଜଣେ ଧାର୍ମିକ ଗୁରୁ ।"

### ଯୀଶୁ କାହାକୁ ଦୁଇ ଜଣ ବ୍ୟକ୍ତିଙ୍କ ବିଷୟରେ କାହାଣୀ କହିଲେ ଯେଉଁମାନେ ମନ୍ଦିରରେ ପ୍ରାର୍ଥନା କରୁଥିଲେ ?

ଲୋକମାନେ, ଯେଉଁମାନେ ଉତ୍ତମ କାର୍ଯ୍ୟ ଉପରେ ବିଶ୍ଵାସ ରଖୁଥିଲେ ଏବଂ ଅନ୍ୟମାନଙ୍କୁ ତୁଚ୍ଛ କରୁଥିଲେ

---

## 34:07

"ସେହି ଧାର୍ମିକ ଗୁରୁ ଏହି ପ୍ରକାର ପ୍ରାର୍ଥନା କଲା "ହେ ଈଶ୍ୱର ମୁଁ ତୁମ୍ଭକୁ ଧନ୍ୟବାଦ ଦେଉଅଛି ଯେ ଅନ୍ୟ ଲୋକମାନଙ୍କ ପରି ମୁଁ ପାପୀ ନୁହେଁ, ଯେପରିକି ଜଣେ ଡକାୟତ, ଅଧାର୍ମିକ, ବ୍ୟଭିଚାରୀ କିମ୍ବା ଏହି କରଗ୍ରାହୀ ପରି ସୁଦ୍ଧା ନୁହେଁ ।"

### କାହିଁକି ଧାର୍ମିକ ଗୁରୁ ପରମେଶ୍ୱରଙ୍କୁ ଧନ୍ୟବାଦ କରୁଥିଲେ ?

ସେ ପରମେଶ୍ୱରଙ୍କୁ ଧନ୍ୟବାଦ ଦେଲେ ଯେ ସେ ଅନ୍ୟମାନଙ୍କ ପରି ପାପୀ ନୁହନ୍ତି .

---

## 34:08

"ଉଦାହରଣ ସ୍ୱରୂପ, ମୁଁ ସପ୍ତାହରେ ଦୁଇଥର ଉପବାସ କରେ ଏବଂ ଆୟ କରିଥିବା ଅର୍ଥ ଓ ଜିନିଷର ସମସ୍ତ ଦଶ ଅଂଶ ଦିଏ ।"

### କାହିଁକି ଧାର୍ମିକ ଗୁରୁମାନେ ତାହାକୁ ଧାର୍ମିକ ବୋଲି ଭାବୁଥିଲେ ?

"ସେ ସପ୍ତାହରେ ଦୁଇ ଥର ଉପବାସ କରୁଥିଲା ଏବଂ ଆୟ କରିଥିବା ଅର୍ଥ ଓ ଜିନିଷର ତାଙ୍କ ଦଶ ଅଂଶ ଦେଉଥିଲା ।"

---

## 34:09

"କିନ୍ତୁ କରଗ୍ରାହୀ ଧାର୍ମିକ ଗୁରୁଠାରୁ ବହୁ ଦୂରରେ ଠିଆ ହେଲା, ଏବଂ ସ୍ୱର୍ଗ ଆଡେ ଉର୍ଦ୍ଧ୍ୱଦୃଷ୍ଟି କରିବାକୁ ସାହସ କଲାନାହିଁ ।ବରଂ ସେ ଆପଣା ଛାତିରେ ହାତର ପାପୁଲି ଦ୍ଵାରା ବିଧା ମାରିଲା, ଏବଂ ପ୍ରାର୍ଥନା କଲା, "ହେ ଈଶ୍ୱର, ଦୟାକରି ମୋ ପ୍ରତି ଦୟାଳୁ ହୁଅ, କାରଣ ମୁଁ ଜଣେ ପାପୀ ମନୁଷ୍ୟ ।"

### କରଗ୍ରାହୀ ପରମେଶ୍ୱରଙ୍କୁ କଣ ପ୍ରାର୍ଥନା କରୁଥିଲା?

କାରଣ ସେ ଜଣେ ପାପୀ ଏବଂ ସେ ପରମେଶ୍ୱରଙ୍କୁ ତା ଉପରେ ଦୟାବନ୍ତ ହେବା ପାଇଁ ପ୍ରାର୍ଥନା କଲା

---

## 34:10

ତେବେ ଯୀଶୁ କହିଲେ, "ମୁଁ ତୁମ୍ଭକୁ ସତ୍ୟ କହୁଅଛି, ଈଶ୍ୱର କରଗ୍ରାହୀର ପ୍ରାର୍ଥନା ଶୁଣିଲେ ଏବଂ ତାକୁ ଧାର୍ମିକ ଗଣନା କଲେ ।କିନ୍ତୁ ସେ ଧାର୍ମିକ ଗୁରୁର ପ୍ରାର୍ଥନା ଶୁଣିଲେ ନାହିଁ। ଯିଏ ନିଜକୁ ଉଚ୍ଚ ଦେଖାଇଥାଏ, ଈଶ୍ୱର ତାହାକୁ ନତ କରିବେ, ଏବଂ ଯେକେହି ନିଜକୁ ନତ କରି ଦେଖାଏ ଈଶ୍ୱର ତାହାକୁ ଉନ୍ନତ କରିବେ ।

### କେଉଁ ବ୍ୟକ୍ତିକୁ ଧାର୍ମିକ ବୋଲି ଘୋଷଣା କରାଗଲା?

କରଗ୍ରାହୀ.

### ପରମେଶ୍ୱର ପ୍ରତ୍ୟେକ ନମ୍ର ବ୍ୟକ୍ତିମାନଙ୍କ ସହିତ କଣ କରିବେ ?

ସେ ସେମାନଙ୍କୁ ଉନ୍ନତ କରିବେ.

# ଦୟାମୟ ପିତାଙ୍କ କାହାଣୀ

## 35:01

ଦିନେ, ଯୀଶୁ ଅନେକ କର ଗ୍ରାହୀ ମାନଙ୍କୁ ଏବଂ ଅନ୍ୟ ପାପୀ ମାନଙ୍କୁ ଯେଉଁମାନେ ଶୁବାକୁ ଏକତ୍ର ହୋଇଥିଲେ, ଶିକ୍ଷା ଦେଉଥିଲେ ।

---

## 35:02

ସେଠାରେ ଥିବା କେତେକ ଧର୍ମ ନେତାମାନେ ଯୀଶୁଙ୍କୁ ପାପୀମାନଙ୍କ ସହିତ ବନ୍ଧୁ ଭାବରେ ବ୍ୟବହାର କରୁଥିବାର ଦେଖିଲେ,ଏବଂ ପରସ୍ପର ପ୍ରତି ସେମାନେ ତାଙ୍କ ବିରୁଦ୍ଧରେ ଯୁକ୍ତିତର୍କ କରିବାକୁ ଲାଗିଲେ ।ତେଣୁ ଯୀଶୁ ସେମାନଙ୍କୁ ଏହି କାହାଣୀ କହିଲେ ।

### କାହିଁକି ଧାର୍ମିକ ଗୁରୁମାନେ ଯୀଶୁଙ୍କୁ ସମାଲୋଚନା କରୁଥିଲେ ?

କାରଣ ଯୀଶୁ କରଗ୍ରାହୀମାନଙ୍କୁ ଓ ପାପୀମାନଙ୍କୁ ତାଙ୍କ ବନ୍ଧୁ ପରି ବ୍ୟବହାର କରୁଥିଲେ .

---

## 35:03

“ଜଣେ ବ୍ୟକ୍ତିଙ୍କର ଦୁଇ ପୁତ୍ର ଥିଲେ ।ସାନ ପୁଅ ବାପାଙ୍କୁ କହିଲା, ‘ବାପା, ସମ୍ପତ୍ତିରେ ଯେଉଁ ଭାଗ ମୋହର ଅଛି ତାହା ମୁଁ ଚାହେଁ!’ତେଣୁ ପିତା ସେହି ଦୁଇ ପୁତ୍ରଙ୍କ ମଧ୍ୟରେ ସମ୍ପତ୍ତି ଭାଗ କଲେ ।”

### ସାନ ପୁଅ ପିତାଙ୍କଠାରେ କଣ ଦାବି କଲା?

ସେ ତାହାର ସମ୍ପତ୍ତିର ଭାଗକୁ ଚାହିଁଲା.

---

## 35:04

“ତାଙ୍କ ସାନ ପୁଅ ତାଙ୍କଠାରେ ଥିବା ସମସ୍ତ ଏକାଠି କରି ଦୂର ସ୍ଥାନକୁ ଚାଲିଗଲେ ଏବଂ ମନ୍ଦପୂର୍ଣ୍ଣ ଜୀବନ କାଟିବା ନିମନ୍ତେ ସମ୍ପତ୍ତି ଉଡାଇଦେଲେ ।”

### ସାନ ପୁଅ ତାହାର ସମ୍ପତ୍ତିକୁ ନେଇ କଣ କଲା ?

ସେ ତାହା ପାପମୟ ଜୀବନରେ ଉଡାଇ ଦେଲା

---

## 35:05

"ତାହା ପରେ, ସାନ ପୁଅ ଯେଉଁ ଦେଶରେ ରହୁଥିଲା ସେହି ଦେଶରେ ଏକ ମହା ଦୁର୍ଭିକ୍ଷ ପଡିଲା, ଏବଂ ଖାଦ୍ୟ କିଣିବା ନିମନ୍ତେ ତା' ନିକଟରେ ଅର୍ଥ ନ ଥିଲା ।ତେଣୁ ଘୁଷୁରୀ ଖୁଆଇବା କେବଳ କାମ ତାକୁ ମିଳିଲା ।ସେ ଏତେ ଦୟନୀୟ ଏବଂ ଭୋକିଲା ଥିଲା ଯେ ସେ ଘୁଷୁରୀମାନଙ୍କ ଖାଦ୍ୟ ଖାଇବାକୁ ଚାହିଁଲା ।"

### ସେହି ସ୍ଥାନରେ କଣ ହେଲା ଯେଉଁଠାରେ ସାନ ପୁଅ ରହିବାକୁ ଚାଲିଗଲା ?

ସେଠାରେ ଅତିଶୟ ଦୁର୍ଭିକ୍ଷ ହେଲା.

### ସାନ ପୁଅ ଦୁର୍ଭିକ୍ଷ ସମୟରେ ରହିବା ପାଇଁ କଣ କଲା ?

ସେ ଘୁଷୁରୀଗୁଡିକୁ ଚରାଇବାର ଏକ କାର୍ଯ୍ୟ କଲା.

---

## 35:06

"ପରିଶେଷରେ, ସାନ ପୁଅ ନିଜକୁ ନିଜେ କହିଲା 'ମୁଁ କ'ଣ କରୁଛି?ମୋ ବାପାଙ୍କର ସମସ୍ତ ମୂଲିଆ ମାନଙ୍କ ପାଇଁ ପ୍ରଚୁର ଖାଦ୍ୟ ଅଛି ,ଏବଂ ମୁଁ ଏଠାରେ ଭୋକରେ ମରୁଛି ।ମୁଁ ମୋ ବାପାଙ୍କ ପାଖକୁ ଯିବି ଓ ମୋତେ ତାଙ୍କ ମୂଲିଆଙ୍କ ମଧ୍ୟରୁ ଜଣକ ପରି ରଖିବାକୁ କହିବି ।"

### ସାନ ପୁତ୍ର ଗୃହକୁ ଫେରିବାର ନିଷ୍ପତ୍ତି କାହିଁକି ନେଲା ?

ସେ ଜାଣିପାରିଲା ଯେ , ପିତା'ଙ୍କ ଦାସମାନେ ତା'ଠାରୁ ଉତ୍ତମ ଜୀବନ କାଟୁଛନ୍ତି ଏବଂ ସେମାନଙ୍କ ଠାରେ ପ୍ରଚୁର ଖାଦ୍ୟ ଅଛି

### ସାନ ପୁଅ ତାହାର ପିତାଙ୍କୁ କଣ ମାଗିବା ପାଇଁ ଯୋଜନା କଲା ?

ସେ ତାହାର ପିତାଙ୍କୁ ତାଙ୍କ ଦାସମାନଙ୍କ ପରି ଜଣେ ହେବା ନିମନ୍ତେ ପଚାରିବା ପାଇଁ ଯାଉଥିଲା .

---

## 35:07

"ତେଣୁ ସାନ ପୁଅ ତାଙ୍କ ପିତାଙ୍କ ନିକଟକୁ ଗୃହକୁ ଫେରିଯିବା ନିମନ୍ତେ ବାହାରିଲା ।ସେ ଯେତେବେଳେ ଦୂର ସ୍ଥାନରେ ଥିଲା, ତା' ପିତା ଦୂରରୁ ଦେଖି ଦୟାରେ ବିଗଳିତ ହେଲେ ।ସେ ତାଙ୍କ ପୁତ୍ର ନିକଟକୁ ଦୌଡିଯାଇ ଆଲିଙ୍ଗନ ଓ ଚୁମ୍ବନ କଲେ ।"

## ଯେତେବେଳେ ସେ ସାନ ପୁଅକୁ ଆସୁଥିବାର ଦେଖି ପିତା କଣ କଲେ ?

ସେ ତା ନିକଟକୁ ଦୌଡିଗଲେ, ଆଲିଙ୍ଗନ କଲେ ଏବଂ ତାହାକୁ ଚୁମ୍ବନ କଲେ ।"

---

## 35:08

"ପୁତ୍ର କହିଲେ, 'ବାପା, ମୁଁ ଈଶ୍ୱରଙ୍କ ବିରୁଦ୍ଧରେ ଓ ତୁମ୍ଭ ବିରୁଦ୍ଧରେ ପାପ କରିଅଛି ।ତୁମ୍ଭ ପୁଅ ବୋଲି ଡକାଯିବାର ମୁଁ ଯୋଗ୍ୟ ନୁହେଁ ।"

## ସାନ ପୁଅ ପିତାଙ୍କୁ କ'ଣ କହିଲା, ଯେତେବେଳେ ସେମାନେ ଭେଟ ହେଲେ ?

ବାପା, ମୁଁ ଈଶ୍ୱରଙ୍କ ବିରୁଦ୍ଧରେ ଓ ତୁମ୍ଭ ବିରୁଦ୍ଧରେ ପାପ କରିଅଛି ।ତୁମ୍ଭ ପୁଅ ବୋଲି ଡକାଯିବାର ମୁଁ ଯୋଗ୍ୟ ନୁହେଁ ।"

---

## 35:09

"କିନ୍ତୁ ତା' ପିତା ତାଙ୍କ ଦାସମାନଙ୍କ ମଧ୍ୟରୁ ଜଣକୁ କହିଲେ, 'ଶୀଘ୍ର ଯାଇ ସବୁଠାରୁ ଉତ୍ତମ ବସ୍ତ୍ର ନେଇ ଆସ ଏବଂ ତାହା ମୋ ପୁତ୍ରଙ୍କୁ ପିନ୍ଧାଅ!ତା' ଆଙ୍ଗୁଠିରେ ମୁଦି ଓ ପାଦରେ ପାଦୁକା ଦିଅ ।ତା'ପରେ ସବୁଠାରୁ ଉତ୍ତମ ବାଛୁରୀ ମାର ଏବଂ ଆମ୍ଭେ ଭୋଜ ପ୍ରସ୍ତୁତ କରି ଉତ୍ସବ କରିବା, କାରଣ ମୋ ପୁତ୍ର ମୃତ ହୋଇଥିଲା, କିନ୍ତୁ ବର୍ତ୍ତମାନ ସେ ଜୀବିତ ଅଛି!ସେ ହଜିଯାଇଥିଲା, କିନ୍ତୁ ବର୍ତ୍ତମାନ ମିଳିଲା!"

## ପିତା କିପରି ସାନ ପୁଅର ଅନୁତାପକୁ ନେଇଁ ଉତ୍ତର ଦେଲେ ?

ସେ ସାନ ପୁଅକୁ ପୋଷାକ,ଏକ ମୁଦି, ଓ ପାଦୁକା ପିନ୍ଧାଇଲେ ଏବଂ ତାଙ୍କ ଫେରିବାର ଏକ ଭୋଜି ଉତ୍ସବ କଲେ

---

## 35:10

"ତେଣୁ ଲୋକମାନେ ଉତ୍ସବ ପାଳନ କରିବା ଆରମ୍ଭ କଲେ ।ଅଧିକ ସମୟ ହେବା ପୂର୍ବରୁ, କ୍ଷେତରେ କାର୍ଯ୍ୟ କରୁଥିବା ବଡ ପୁଅ ଗୃହକୁ ଆସିଲା ।ସେ ସଙ୍ଗୀତ ଓ ନୃତ୍ୟର ଶବ୍ଦ ଶୁଣିପାରିଲା ଓ କ'ଣ ହୋଇଛି ବୋଲି ଆଚମ୍ବିତ ହେଲା ।"

---

## 35:11

"ତା' ସାନ ଭାଇ ଆସିଥିବାରୁ ଯେ ଏହି ସମସ୍ତ ଉତ୍ସବର ଆୟୋଜନ ହୋଇଛି ତାହା ଯେତେବେଳେ ବଡ ପୁଅ ଦେଖିଲା, ସେତେବେଳେ ସେ ଅତି କ୍ରୋଧ ହୋଇଯାଇଥିଲା ଓ ଘର ଭିତରକୁ ଗଲା ନାହିଁ ।ତା' ପିତା ଆସିଲେ ଏବଂ ସେମାନଙ୍କ ସହ ଉତ୍ସବ ପାଳନ କରିବାକୁ ଅନୁରୋଧ କଲେ, କିନ୍ତୁ ସେ ନାସ୍ତି କଲା ।"

### ଜ୍ୟୋଷ୍ଠ ପୁତ୍ର କିପରି ପ୍ରତିକ୍ରିୟା କଲେ ଯେତେବେଳେ ସେ ଜାଣିଲେ ଯେ ତାଙ୍କ ସାନ ଭାଇ ଘରକୁ ଫେରି ଆସିଅଛି ?

ସେ ଅତି କ୍ରୋଧ ହେଲେ ଏବଂ ନିଜେ ଘର ଭିତରକୁ ଯିବା ପାଇଁ ମନା କଲେ .

---

## 35:12

ବଡ ପୁଅ ପିତାଙ୍କୁ କହିଲା "ଏତେ ବର୍ଷ ଧରି ମୁଁ ବିଶ୍ୱସ୍ତ ଭାବରେ ତୁମର କାର୍ଯ୍ୟ କରିଆସିଅଛି!ମୁଁ କେବେ ତୁମର ଅନାଜ୍ଞାବହ ହୋଇନାହିଁ, ତଥାପି ତୁମେ ମୋ ପାଇଁ ଗୋଟିଏ ଛୋଟ ଛେଳି ଛୁଆ ସୁଦ୍ଧା ଦେଲନାହିଁ ଯେପରିକି ମୁଁ ମୋହର ବନ୍ଧୁ ମାନଙ୍କ ସହିତ ଉତ୍ସବ କରିପାରିବି । କିନ୍ତୁ ତୁମ୍ଭର ଏହି ଯେଉଁ ପୁତ୍ର କଦାଚାରରେ ତୁମର ସମ୍ପତ୍ତି ସମାପ୍ତ କରି ଗୃହକୁ ଫେରିଲା, ତୁମେ ତା' ନିମନ୍ତେ ସବୁଠାରୁ ହୃଷ୍ଟପୁଷ୍ଟ ବାଛୁରୀ ମାରିଲ!"

### ଜ୍ୟୋଷ୍ଠ ପୁତ୍ରର ତାଙ୍କ ପିତାଙ୍କଠାରେ ଅଭିଯୋଗ କଣ ଥିଲା ?

ମୁ ତୁମ୍ଭ ନିମନ୍ତେ ବିଶ୍ୱସ୍ତ ଭାବରେ କାର୍ଯ୍ୟକଲି ଏବଂ ତୁମ୍ଭେ ମୋତେ ଉତ୍ସବ କରିବା ପାଇଁ ଏକ ଛୋଟ ଛେଳି ମଧ ଦେଲ ନାହିଁ କିନ୍ତୁ ଏହି ତୁମ୍ଭ ପୁତ୍ର କଦାଚାରରେ ତୁମର ସମ୍ପତ୍ତି ଉଡ଼ାଇ ଦେଇ ଗୃହକୁ ଫେରିଲା, ତୁମେ ତା' ନିମନ୍ତେ ସବୁଠାରୁ ହୃଷ୍ଟପୁଷ୍ଟ ବାଛୁରୀ ମାରିଲ!"

---

## 35:13

"ପିତା ଉତ୍ତର ଦେଲେ, 'ପୁଅ, ତୁମେ ସର୍ବଦା ମୋ ସହିତ ଅଛ, ଯେଉଁ ସମସ୍ତ ମୋର ସେହି ସମସ୍ତ ମଧ ତୁମର ।କିନ୍ତୁ ଆମ୍ଭ ପାଇଁ ଉତ୍ସବ ପାଳନ କରିବା ଉଚିତ ଥିଲା, କାରଣ ତୁମର ଭାଇ ମରିଯାଇଥିଲା, କିନ୍ତୁ ବର୍ତ୍ତମାନ ବଞ୍ଚିଛି ।ସେ ହଜିଯାଇଥିଲା, କିନ୍ତୁ ବର୍ତ୍ତମାନ ମିଳିଛି!"

### ପିତାର ସମ୍ପତ୍ତିର କେତେ ଭାଗ ବର୍ତ୍ତମାନ ଜ୍ୟେଷ୍ଠ ପୁତ୍ରର ଭାଗରେ ଥିଲା ?

ସମସ୍ତ ଯାହା ତାହାର ପିତାର ଥିଲା .

### ପିତା ସାନ ପୁଅର ପ୍ରତ୍ୟାବର୍ତ୍ତନର ଉତ୍ସବ ପାଳନ କରିବାର କେଉଁ କାରଣ କହିଲେ ?

ତାଙ୍କ ପୁତ୍ର ମରିଯାଇଥିଲେ, କିନ୍ତୁ ବର୍ତ୍ତମାନ ଜୀବିତ ହେଲେ .ସେ ହଜିଯାଇଥିଲେ, କିନ୍ତୁ ବର୍ତ୍ତମାନ ମିଳିଅଛି

## ରୁପାନ୍ତରଣ

## 36:01

ଦିନେ, ଯୀଶୁ ତାଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ତିନିଜଣ ପିତର, ଯାକୁବ ଓ ଯୋହନଙ୍କୁ ତାଙ୍କ ସାଙ୍ଗରେ ନେଲେ ।(ଯୋହନ ନାମକ ଯୀଶୁଙ୍କ ଶିଷ୍ୟ ଓ ଯୀଶୁଙ୍କୁ ବାପ୍ତିସ୍ମ ଦେଇଥିବା ଯୋହନ ଏକା ନୁହଁନ୍ତି ।)ସେମାନେ ନିଜେ ପ୍ରାର୍ଥନା କରିବା ନିମନ୍ତେ ଏକ ଅତି ଉଚ୍ଚ ପର୍ବତକୁ ଗଲେ ।

### ଯୀଶୁ କାହାକୁ ତାଙ୍କ ସହିତ ପାହାଡକୁ ନେଇଥିଲେ ?

ଶିଷ୍ୟମାନଙ୍କ ମଧ୍ୟରୁ ତିନିଜଣ ପିତର, ଯାକୁବ ଓ ଯୋହନ।

---

## 36:02

ଯୀଶୁ ଯେତେବେଳେ ପ୍ରାର୍ଥନା କରୁଥିଲେ, ତାହାଙ୍କ ମୁଖ ସୂର୍ଯ୍ୟ ପରି ଉଜ୍ଜ୍ୱଳ ହେଲା ଏବଂ ତାହାଙ୍କ ବସ୍ତ୍ର ଆଲୋକ ପରି ଧଳା ହେଲା, ଯାହା ପୃଥିବୀରେ ଥିବା କୌଣସି ଲୋକ କରିପାରିବେ ନାହିଁ।

### ଯୀଶୁ ପ୍ରାର୍ଥନା କରିବା ସମୟରେ ତାହାଙ୍କୁ କଣ ହେଲା ?

ତାହାଙ୍କ ମୁଖ ସୂର୍ଯ୍ୟ ପରି ଉଜ୍ଜ୍ୱଳ ହେଲା ଏବଂ ତାହାଙ୍କ ବସ୍ତ୍ର ଆଲୋକ ପରି ଧଳା ହେଲା।

---

## 36:03

ତା'ପରେ ମୋଶା ଓ ଏଲୀୟ ଦେଖାଦେଲେ ।ଏହି ଦୁଇଜଣ ବ୍ୟକ୍ତି ଏହି ଘଟଣାର ଶହ ଶହ ବର୍ଷ ପୂର୍ବରୁ ଏହି ପୃଥିବୀରେ ଥିଲେ ।ସେମାନେ ଯୀଶୁଙ୍କ ସହିତ ତାଙ୍କ ମୃତ୍ୟୁ ବିଷୟରେ କଥାବାର୍ତ୍ତା କରୁଥିଲେ, ଯାହା ଯିରୁଶାଲମରେ ଅତିଶୀଘ୍ର ଘଟିବାକୁ ଥିଲା ।

### କେଉଁ ଦୁଇ ପୁରୁଷମାନେ ଯୀଶୁଙ୍କୁ ଦୃଶ୍ୟମାନ ହେଲେ ?

ମୋଶା ଓ ଏଲୀୟ ଭାବବାଦୀ।

### ମୋଶା ଓ ଏଲୀୟ ଯୀଶୁଙ୍କୁ ଦୃଶ୍ୟମାନ ହେଲେ, ଏହା କାହିଁକି ଆଶ୍ଚର୍ଯ୍ୟ ବିଷୟ ଅଟେ ?

ସେମାନେ ଦୁହେଁ ଶହ ଶହ ବର୍ଷ ପୂର୍ବରେ ରହୁଥିଲେ .

### ମୋଶା ଓ ଏଲୀୟ ଯୀଶୁ ସହିତ କଣ ଆଲୋଚନା କରୁଥିଲେ ?

ସେମାନେ ଯୀଶୁଙ୍କ ସହିତ କଥାବାର୍ତ୍ତା କରୁଥିଲେ

### ଯୀଶୁ କେଉଁଠାରେ ମରିବାକୁ ଯାଉଥିଲେ ?"

ଯିରୁଶାଲମ.

---

## 36:04

ଯେତେବେଳେ ମୋଶା ଓ ଏଲୀୟ ଯୀଶୁଙ୍କ ସହ କଥାବାର୍ତ୍ତା କରୁଥିଲେ, ପିତର ଯୀଶୁଙ୍କୁ କହିଲେ, "ଆମ୍ଭେମାନେ ଯେ ଏଠାରେ ଅଛୁ, ଏହା ଉତ୍ତମ ।ଆମ୍ଭେମାନେ ତିନିଗୋଟି କୁଟୀର ନିର୍ମାଣ କରିବୁ, ଆପଣଙ୍କ ପାଇଁ ଗୋଟିଏ, ମୋଶାଙ୍କ ପାଇଁ ଗୋଟିଏ ଓ ଏଲୀୟଙ୍କ ପାଇଁ ଗୋଟିଏ ।"ପିତର କ'ଣ କହୁଥିଲେ ତାହା ସେ ଜାଣିଲେ ନାହିଁ ।

### ପିତର କଣ ପ୍ରସ୍ତାବ ଦେଉଥିଲେ ଯେ ସେମାନେ ଯୀଶୁ, ମୋଶା ଏବଂ ଏଲିୟଙ୍କ ପାଇଁ କଣ ତିଆରି କରିବେ ?

ସେ ତିନି କୁଟିରଗୁଡ଼ିକ ତିଆରି କରିବାକୁ ଚାହୁଁଥିଲେ, ଗୋଟିଏ ଯୀଶୁଙ୍କ ନିମନ୍ତେ, ଗୋଟିଏ ମୋଶାଙ୍କ ନିମନ୍ତେ ଏବଂ ଗୋଟିଏ ଏଲିୟଙ୍କ ନିମନ୍ତେ

---

## 36:05

ଯେତେବେଳେ ପିତର କଥା କହୁଥିଲେ, ଏକ ଉଜ୍ଜ୍ୱଳ ମେଘ ତଳକୁ ଆସିଲା ଏବଂ ସେମାନଙ୍କୁ ତାହା ଆଚ୍ଛାଦିତ କଲା (ବା ଘୋଡାଇ ପକାଇଲା) ଏବଂ ମେଘରୁ ଏହି ବାଣୀ ଆସିଲା "ଏହି ଆମ୍ଭର ପ୍ରିୟ ପୁତ୍ର ଯାହାଙ୍କୁ ଆମ୍ଭେ ପ୍ରେମ କରୁ ।ତାଙ୍କଠାରେ ଆମ୍ଭର ସନ୍ତୋଷ । ତାହାଙ୍କ ଶୁଣ ।"ସେହି ତିନି ଜଣ ଶିଷ୍ୟମାନେ ଭୟଭୀତ ହୋଇ ଭୂମିରେ ପଡିଯାଇଥିଲେ ।

### ଉଜ୍ୱଳ ମେଘରୁ ଶବ୍ଦ ଶିଷ୍ୟମାନଙ୍କୁ କଣ କହିଲା ?

"ଏହି ଅଟନ୍ତି ମୋର ପୁତ୍ର ଯାହାଙ୍କୁ ମୁଁ ପ୍ରେମ କରେ .ତାଙ୍କଠାରେ ଆମ୍ଭର ସନ୍ତୋଷ ।ତାହାଙ୍କ କଥା ଶୁଣ ।"

---

## 36:06

ତା'ପରେ ଯୀଶୁ ସେମାନଙ୍କୁ ସ୍ପର୍ଶ କଲେ ଏବଂ କହିଲେ "ଭୟଭୀତ ହୁଅନାହିଁ ।ଉଠ ।"ସେମାନେ ଯେତେବେଳେ ଚାରିପାଖକୁ ଦେଖିଲେ, ସେମାନେ ଜଣେ କେବଳ ଯୀଶୁଙ୍କୁ ଦେଖିଲେ ।

---

## 36:07

ଯୀଶୁ ଓ ତାଙ୍କର ତିନିଜଣ ଶିଷ୍ୟମାନେ ପର୍ବତ ତଳକୁ ଓହ୍ଲାଇ ଆସିଲେ ।ତା'ପରେ ଯୀଶୁ ସେମାନଙ୍କୁ କହିଲେ "ଏଠାରେ ଯାହା ଘଟିଲା ତାହା କାହାକୁ କୁହନାହିଁ ।ମୁଁ ଶୀଘ୍ର ମୃତ୍ୟୁବରଣ କରିବି ଏବଂ ପୁନର୍ବାର ଜୀବିତ ହେବି ।ତାହା ପରେ, ତୁମ୍ଭେମାନେ ଲୋକମାନଙ୍କୁ କହିବ ।"

### ଯୀଶୁ ଶିଷ୍ୟମାନଙ୍କୁ କଣ କରିବାକୁ କହିଲେ ଯାହା ସେମାନେ ଦେଖିଥିଲେ ?

ସେ ସେମାନଙ୍କୁ, ପର୍ବତରେ ଯାହା ଘଟିଥିଲା, ତାଙ୍କ ମୃତ୍ୟୁ ପରେ ଏବଂ ପୁନର୍ଜୀବିତ ନ ହେବା ପର୍ଯ୍ୟନ୍ତ କାହାକୁ ନ କହିବା ପାଇଁ କହିଥିଲେ

# ଯୀଶୁ ଲାଜାରକୁ ମୃତ୍ୟୁରୁ ଉଠାନ୍ତି

## 37:01

ଦିନେ, ଯୀଶୁ ଏକ ବାର୍ତ୍ତା ପାଇଲେ ଯେ ଲାଜାର ଅତି ଅସୁସ୍ଥ ଅଛନ୍ତି ।ଲାଜାର ଓ ତାହାଙ୍କ ଦୁଇଜଣ ଭଉଣୀ, ମରିୟମ ଓ ମାର୍ଥା, ଯୀଶୁଙ୍କର ଅତି ଘନିଷ୍ଠ ବନ୍ଧୁ ଥିଲେ ।ଯୀଶୁ ଯେତେବେଳେ ଏହି ବାର୍ତ୍ତା ଶୁଣିଲେ, ସେ କହିଲେ "ଏହି ଅସୁସ୍ଥତା ମୃତ୍ୟୁ ଦ୍ଵାରା ସମାପ୍ତ ହେବ ନାହିଁ, କିନ୍ତୁ ଏହା ଈଶ୍ୱରଙ୍କ ଗୌରବ ନିମନ୍ତେ ଅଟେ ।"ଯୀଶୁ ତାହାଙ୍କ ବନ୍ଧୁମାନଙ୍କୁ ପ୍ରେମ କରୁଥିଲେ, କିନ୍ତୁ ସେମାନେ ଯେଉଁ ସ୍ଥାନରେ ଥିଲେ ସେଠାରେ ଦୁଇଦିନ ରହିଗଲେ ।

### ଲାଜାର ମୃତ୍ୟୁର ଶେଷରେ କଣ ହେବ ବୋଲି ଯୀଶୁ କହିଲେ ?

ତାହା ପରମେଶ୍ୱରଙ୍କ ଗୌରବ ନିମନ୍ତେ ହେବ .

### ଯୀଶୁ ଲାଜାରଙ୍କ ମୃତ୍ୟୁ ବିଷୟରେ ଶୁଣିଲା ପରେ ସେ କଣ କଲେ ?

ସେ ଯେଉଁ ସ୍ଥାନରେ ଥିଲେ ସେଠାରେ ଦୁଇଦିନ ରହିଗଲେ ।

---

## 37:02

ଦୁଇଦିନ ସମାପ୍ତ ପରେ, ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ କହିଲେ, "ଆସ, ଆମେ ଯିହୂଦା ପ୍ରଦେଶକୁ ଯିବା ।" ଶିଷ୍ୟମାନେ ଉତ୍ତର ଦେଲେ "ଗୁରୁ, କିଛିକ୍ଷଣ ପୂର୍ବରୁ ଲୋକମାନେ ଆପଣଙ୍କୁ ହତ୍ୟା କରିବା ନିମନ୍ତେ ଚାହୁଁଥିଲେ!"ଯୀଶୁ କହିଲେ "ଆମ୍ଭମାନଙ୍କ ବନ୍ଧୁ ଲାଜାର ନିଦ୍ରା ଯାଇଅଛନ୍ତି, ଏବଂ ମୁଁ ତାହାଙ୍କୁ ନିହାତି ନିଦ୍ରାରୁ ଉଠାଇବାକୁ ପଡିବ ।"

### ଶିଷ୍ୟମାନେ କାହିଁକି ଚିନ୍ତିତ ଥିଲେ ଯେତେବେଳେ ଯୀଶୁ ଯିହୁଦାକୁ ଯିବା ପାଇଁ ନିର୍ଣୟ କଲେ ?

କାରଣ ଲୋକମାନେ ସେଠାରେ ତାଙ୍କୁ ମାରିବାକୁ ଚାହୁଥିଲେ.

---

## 37:03

ଯୀଶୁଙ୍କ ଶିଷ୍ୟମାନେ ଉତ୍ତର ଦେଲେ "ଗୁରୁ, ଯଦି ଲାଜାର ନିଦ୍ରା ଯାଇଅଛନ୍ତି, ତେବେ ସେ ଉଠିବେ ।"ତା'ପରେ ଯୀଶୁ ସେମାନଙ୍କୁ ସରଳ ଭାବରେ କହିଲେ "ଲାଜାର ମରିଯାଇଅଛନ୍ତି ।ମୁଁ ଆନନ୍ଦିତ ଯେ ମୁଁ ସେଠାରେ ନ ଥିଲି, ଯେପରିକି ତୁମ୍ଭେମାନେ ମୋଠାରେ ବିଶ୍ୱାସ କରିବ ।"

### ଶିଷ୍ୟମାନେ ଯୀଶୁ କହିଥିବା ବିଷୟକୁ କଣ ଚିନ୍ତା କଲେ ଯେତେବେଳେ ସେ କହିଲେ ଯେ ଲାଜାର ନିଦ୍ର ଯାଇଅଛନ୍ତି ?

ସେମାନେ ଭାବିଲେ ସେ କେବଳ ନିଦ୍ରା ଯାଇଅଛନ୍ତି ଏବଂ ଶୀଘ୍ର ଭଲ ହେବେ .

### ଯୀଶୁ ସରଳ ଭାବରେ ଶିଷ୍ୟମାନଙ୍କୁ କଣ କହିଲେ ?

ଯୀଶୁ କହିଲେ ଯେ ଲାଜାର ମରିଯାଇଅଛନ୍ତି.

### ଲାଜାରଙ୍କ ମୃତ୍ୟୁ ସମୟରେ ସେ ନ ଥିଲେ ବୋଲି ଯୀଶୁ କାହିଁକି ଆନନ୍ଦିତ ଥିଲେ ?

କାରଣ କିଛି ହେବ ଯେଉଁ ଦ୍ଵାରା ଶିଷ୍ୟମାନେ ଯୀଶୁଙ୍କୁ ବିଶ୍ଵାସ କରିବେ .

---

## 37:04

ଯୀଶୁ ଯେତେବେଳେ ଲାଜାରଙ୍କ ନଗରକୁ ଆସିଲେ, ଲାଜାର ମରି କବର ପ୍ରାପ୍ତ ହୋଇ ଚାରିଦିନ ହୋଇସାରିଥିଲା ।ମାର୍ଥା ଯୀଶୁଙ୍କୁ ଭେଟିବାକୁ ଯାଇ କହିଲେ "ପ୍ରଭୁ, ଯଦି ଆପଣ ଏଠାରେ ଉପସ୍ଥିତ ହୋଇଥାନ୍ତେ, ତେବେ ମୋର ଭାଇ ମରିନଥାନ୍ତେ ।କିନ୍ତୁ ମୁଁ ବିଶ୍ଵାସ କରେ ଆପଣ ଈଶ୍ଵରଙ୍କୁ ଯାହାକିଛି ମାଗିବେ ସେ ତାହା ଆପଣଙ୍କୁ ଦେବେ ।"

### ଯୀଶୁ ଲାଜାରଙ୍କୁ ଉଠାଇବେ ବୋଲି ମାର୍ଥା କଣ ବିଶ୍ଵାସ କରୁଥିଲେ ?

ହଁ,.

### କେତେ ଦୀର୍ଘ ସମୟରୁ ଲାଜାର ମୃତ୍ୟୁବରଣ କରିଥିଲେ ?

ସେ ଗତ ଚାରିଦିନରୁ ମୃତ୍ୟୁବରଣ କରିଥିଲେ ।

---

## 37:05

ଯୀଶୁ ଉତ୍ତର ଦେଲେ "ମୁଁ ପୁନଃରୁତଥାନ ଏବଂ ଜୀବନ ଅଟେ ।ଯିଏ ମୋଠାରେ ବିଶ୍ଵାସ କରେ, ଯଦିଓ ସେ ମରେ ତଥାପି ସେ ବଞ୍ଚିବ । ଯେକୌଣସି ଲୋକ ମୋ ଠାରେ ବିଶ୍ଵାସ କରେ ସେ କଦାପି ମରିବ ନାହିଁ ।ତୁମେ ଏହା ବିଶ୍ଵାସ କରକି?"ମାର୍ଥା ଉତ୍ତର ଦେଲେ, "ହଁ, ଗୁରୁ! ମୁଁ ବିଶ୍ଵାସ କରେ ଯେ ଆପଣ ଈଶ୍ଵରଙ୍କ ପୁତ୍ର ଖ୍ରୀଷ୍ଟ ଅଟନ୍ତି ।"

### କାରଣ ଯୀଶୁ ପୁନରୁତ୍‌ଥାନ ଏବଂ ଜୀବନ ଅଟନ୍ତି, ତେଣୁ ବିଶ୍ଵାସୀମାନଙ୍କୁ କଣ ହେବ ?

ଯେଉଁମାନେ ତାହାଙ୍କ ଠାରେ ବିଶ୍ଵାସ କରନ୍ତି, ବଞ୍ଚିବେ, ଯଦିଓ ସେ ମରେ, ଏବଂ ପ୍ରତେକେ ଯିଏ ତାହାଙ୍କୁ ବିଶ୍ଵାସ କରନ୍ତି, ମରିବେ ନାହିଁ.

### ମାର୍ଥା ଯୀଶୁଙ୍କୁ କିଏ ବୋଲି ବିଶ୍ୱାସ କରୁଥିଲେ ?

ଖ୍ରୀଷ୍ଟ, ଇଶ୍ୱରଙ୍କ ପୁତ୍ର

---

## 37:06

ତା'ପରେ ମରିୟମ ପହଞ୍ଚିଲେ ।ସେ ଯୀଶୁଙ୍କ ଚରଣ ତଳେ ପଡି କହିଲେ "ପ୍ରଭୁ, ଯଦି ଆପଣ ଏଠାରେ ଥା'ନ୍ତେ, ମୋ ଭାଇ ମରି ନଥାନ୍ତେ ।"ଯୀଶୁ ସେମାନଙ୍କୁ ପଚାରିଲେ "ତୁମ୍ଭେମାନେ ଲାଜାରଙ୍କୁ କେଉଁଠାରେ ରଖିଅଛ?"ସେମାନେ କହିଲେ "ସମାଧି ସ୍ଥାନରେ ।ଆସ ଏବଂ ଦେଖ ।"ତା'ପରେ ଯୀଶୁ କାନ୍ଦିଲେ ।

---

## 37:07

ସମାଧି ସ୍ଥାନଟି ଏକ ଗୁମ୍ଫା ଥିଲା ଏବଂ ଏହାର ମୁହଁରେ ଏକ ପଥର ଗଡାଇ ଦିଆଯାଇଥିଲା ।ଯୀଶୁ ଯେତେବେଳେ ସମାଧିରେ ପହଞ୍ଚିଲେ, ସେ ସେମାନଙ୍କୁ କହିଲେ "ପଥର ଗଡାଅ ଏବଂ ଦୂର କର ।"କିନ୍ତୁ ମାର୍ଥା କହିଲେ "ସେ ମରି ଚାରିଦିନ ହେଲାଣି । ସେଠାରେ ଦୁର୍ଗନ୍ଧ ଥିବ ।"

### କେତେ ଦୀର୍ଘ ସମୟରୁ ଲାଜାର ମୃତ୍ୟୁବରଣ କରିଥିଲେ ?

ସେ ଗତ ଚାରିଦିନରୁ ମୃତ୍ୟୁବରଣ କରିଥିଲେ ।

---

## 37:08

ଯୀଶୁ ଉତ୍ତର ଦେଲେ "ମୁଁ କ'ଣ ତୁମ୍ଭମାନଙ୍କୁ କହିନାହିଁ କି ଯେ ତୁମ୍ଭେମାନେ ମୋଠାରେ ବିଶ୍ୱାସ କଲେ ଇଶ୍ୱରଙ୍କ ମହିମା ଦେଖିବ?"ତେଣୁ ସେମାନେ ପଥରକୁ ଗଡାଇ ଦୂର କଲେ ।

---

## 37:09

ତା'ପରେ ଯୀଶୁ ସ୍ୱର୍ଗ ଆଡକୁ ଉର୍ଦ୍ଧ୍ୱଦୃଷ୍ଟି କରି କହିଲେ "ପିତଃ, ମୋ ପ୍ରାର୍ଥନା ଶୁଣିଥିବାରୁ ଧନ୍ୟବାଦ ।ମୁଁ ଜାଣେ ତୁମ୍ଭେ ସର୍ବଦା ମୋ କଥା ଶୁଣିଥାଅ, କିନ୍ତୁ ଯେଉଁ ସମସ୍ତ ଲୋକ ଏଠାରେ ଠିଆ ହୋଇଅଛନ୍ତି ସେହି ଲୋକମାନଙ୍କ ସକାଶେ ମୁଁ ଏହା କହୁଅଛି ।"ତା'ପରେ ଯୀଶୁ ଉଚ୍ଚ ସ୍ୱରରେ କହିଲେ "ଲାଜାର, ବାହାରି ଆସ!"

### ଯୀଶୁ ପିତାଙ୍କୁ କାହିଁକି ଉଚ୍ଚସ୍ୱରରେ ଧନ୍ୟବାଦ ଦେଉଥିଲେ ?

ସେ କଲେ, ଯେଉଁଦ୍ୱାରା ଲୋକମାନେ ବିଶ୍ୱାସ କରିବେ ଯେ ପିତା ତାହାଙ୍କୁ ପଠାଇଅଛନ୍ତି ବୋଲି ବିଶ୍ୱାସ କରିବେ

### ଯୀଶୁ ଲାଜାରକୁ କଣ କରିବା ପାଇଁ ଆଜ୍ଞା ଦେଲେ ?

ସେ ଲାଜାରଙ୍କୁ ସମାଧିରୁ ବାହାରି ଆସିବା ପାଇଁ ଆଜ୍ଞା ଦେଲେ !

---

## 37:10

ତେଣୁ ଲାଜାର ବାହାରି ଆସିଲେ!ସେସମୟରେ ମଧ ସେ ସମାଧି ବସ୍ତ୍ରରେ ଗୁଡାଯାଇଥିଲେ ।ଯୀଶୁ ସେମାନଙ୍କୁ କହିଲେ “ଏହି ସମାଧି ବସ୍ତ୍ର ତାହାଙ୍କଠାରୁ କାଢି ତାଙ୍କର ବନ୍ଧନ ମୁକ୍ତ କର!”ଯୀଶୁଙ୍କର ଏହି ଆଶ୍ଚର୍ଯ୍ୟକର୍ମ ସକାଶୁ ଅନେକ ଯିହୂଦୀ ତାହାଙ୍କଠାରେ ବିଶ୍ୱାସ କଲେ ।

---

## 37:11

କିନ୍ତୁ ଯିହୂଦୀମାନଙ୍କର ଧର୍ମ ନେତାମାନେ ଇର୍ଷାନ୍ବିତ ହୋଇଥିଲେ, ତେଣୁ ସେମାନେ କିପରି ଭାବରେ ଯୀଶୁ ଏବଂ ଲାଜାରଙ୍କୁ ହତ୍ୟା କରିବେ ତାହା ଏକାଠି ହୋଇ ଯୋଜନା କରିବାକୁ ଲାଗିଲେ ।

### କିପରି ଯିହୁଦୀମାନଙ୍କ ଧାର୍ମିକ ନେତାମାନେ ପ୍ରତିକ୍ରିୟା କଲେ ଯେତେବେଳେ ସେମାନେ ଆଶ୍ଚର୍ଯ୍ୟ କର୍ମକୁ ଦେଖିଲେ ?

ସେମାନେ କ୍ରୋଧିତ ହେଲେ ଏବଂ ଯୀଶୁଙ୍କୁ ଏବଂ ଲାଜାରଙ୍କୁ ମାରିବା ପାଇଁ ଯୋଜନା କଲେ

# ଯୀଶୁଙ୍କ ପ୍ରତି ବିଶ୍ୱାସଘାତ ହେଲା

## 38:01

ପ୍ରତି ବର୍ଷ ଯିହୂଦୀମାନେ ନିସ୍ତାର ପର୍ବ ପାଳନ କରୁଥିଲେ ।ଏହା ହେଉଛି ସେହି ଉତ୍ସବ ପାଳନ ଯାହାକି ଅନେକ ଶହ ବର୍ଷ ପୂର୍ବରୁ ଈଶ୍ୱର କିପରି ସେମାନଙ୍କର ପୂର୍ବପୁରୁଷମାନଙ୍କୁ ଦାସତ୍ୱ ଅବସ୍ଥାରୁ ଉଦ୍ଧାର କରି ଆଣିଥିଲେ ।ଯୀଶୁ ସର୍ବସାଧାରଣ ଭାବରେ ଏବଂ ପ୍ରଚାର ଶିକ୍ଷା ଆରମ୍ଭ କରିବାର ପ୍ରାୟ ତିନି ବର୍ଷ ପରେ ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ କହିଲେ ଯେ ସେ ସେମାନଙ୍କ ସହ ଯିରୁଶାଲମରେ ନିସ୍ତାରପର୍ବ ପାଳନ କରିବାକୁ ଚାହାନ୍ତି, ଏବଂ ସେଠାରେ ତାଙ୍କୁ ହତ୍ୟା କରାଯିବ ।

### ପ୍ରତ୍ୟେକ ବର୍ଷ ଯୀଶୁ ପାଳନ କରୁଥିବା ନିସ୍ତାର ପର୍ବର ଅର୍ଥ କଣ ଥିଲା ?

ନିସ୍ତାର ପର୍ବ, ପରମେଶ୍ୱର ଯିହୁଦୀମାନଙ୍କ ପୁର୍ବପୁରୁଷ ମାନଙ୍କୁ ମିସର ଦାସତ୍ୱ ବନ୍ଧନରୁ ରକ୍ଷା କରି ଆଣିଥିବା କୁ ସ୍ମରଣ କରି ପାଳନ କରଯାଏ

---

## 38:02

ଯୀଶୁଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ଯିହୂଦା ନାମକ ଜଣେ ଶିଷ୍ୟ ଥିଲେ ।ଯିହୂଦା ଶିଷ୍ୟମାନଙ୍କ ଟଙ୍କା ଥଳୀର ଦାୟିତ୍ୱରେ ଥିଲା, କିନ୍ତୁ ସେ ଟଙ୍କାକୁ ଭଲ ପାଇଲା ଏବଂ ଅନେକ ସମୟରେ ସେହି ଥଳୀରୁ ଅର୍ଥ (ଟଙ୍କା) ଚୋରି କରୁଥିଲା । ଯୀଶୁ ଓ ତାଙ୍କ ଶିଷ୍ୟମାନେ ଯିରୁଶାଲମରେ ପହଞ୍ଚିବା ପରେ, ଯିହୂଦା ଅର୍ଥ ପ୍ରତିବଦଳରେ ଯୀଶୁଙ୍କୁ ଶତ୍ରୁ ହସ୍ତରେ ସମର୍ପଣ କରିବା ନିମନ୍ତେ ଯିହୂଦୀ ନେତାମାନଙ୍କ ନିକଟକୁ ଗଲା ।ସେ ଜାଣିଥିଲା ଯେ ଯୀଶୁ ଯେ ଖ୍ରୀଷ୍ଟ, ଏହା ଯିହୂଦୀ ନେତାମାନେ ଅସ୍ୱୀକାର କରୁଥିଲେ ଏବଂ ସେମାନେ ତାଙ୍କୁ (ଯୀଶୁଙ୍କୁ) ହତ୍ୟା କରିବା ପାଇଁ ଯୋଜନା କରୁଥିଲେ ।

### ଯିହୁଦୀ ନେତାମାନଙ୍କଠାରେ ଯୀଶୁଙ୍କୁ ବିଶ୍ବାସଘାତ କରିବା ଦ୍ୱାରା ଯିହୁଦା ପ୍ରତିବଦଳରେ କଣ ଚାହୁଁଥିଲେ ?

ସେ ପ୍ରତିବଦଳରେ ଟଙ୍କା ନିମନ୍ତେ ଧରିବା ପାଇଁ ଚାହୁଥିଲେ .

---

## 38:03

ଯିହୂଦୀ ନେତାମାନେ ପ୍ରଧାନ ମହାଯାଜକଙ୍କ ଦ୍ୱାରା ଯୀଶୁଙ୍କୁ ଶତ୍ରୁ ହସ୍ତରେ ସମର୍ପଣ କରିବା ନିମନ୍ତେ ତିରିଶିଗୋଟି ରୁପା ମୁଦ୍ରା ପ୍ରଦାନ କରିଥିଲେ ।ଭାବବାଦୀମାନେ ଭାବବାଣୀ କରିଥିବା ଅନୁସାରେ ଏହା ଘଟିଥିଲା ।ଯିହୂଦା ସେଥିରେ ସହମତି ହୋଇ ଅର୍ଥ ନେଇ ଚାଲିଗଲା । ସେ ଯେପରି ଯୀଶୁଙ୍କୁ ଧରି ଶତ୍ରୁ ହସ୍ତରେ ସମର୍ପଣ କରିବ ଏଥି ପାଇଁ ସୁଯୋଗ ଖୋଜିବାକୁ ଲାଗିଲା ।

### ଯୀଶୁଙ୍କୁ ବିଶ୍ବାସଘାତ କରିବା ପାଇଁ ଯିହୁଦୀ ନେତାମାନେ ଯିହୁଦାକୁ କେତେ ଟଙ୍କା ଦେଲେ ?

ସେମାନେ ତାହାକୁ ୩୦ ଗୋଟି ରୂପା ମୁଦ୍ରା ଦେଲେ.

---

## 38:04

ଯିରୁଶାଲମରେ ଯୀଶୁ ତାଙ୍କ ଶିଷ୍ୟମାନଙ୍କ ସହ ନିସ୍ତାରପର୍ବ ପାଳନ କଲେ ।ନିସ୍ତାରପର୍ବ ଭୋଜନ ସମୟରେ, ଯୀଶୁ ରୋଟୀ ନେଇ ଏହାକୁ ଭାଙ୍ଗିଲେ ।ସେ କହିଲେ “ଏହା ନେଇ ଭୋଜନ କର ।ଏହା ମୋର ଶରୀର, ଯାହା ତୁମ୍ଭମାନଙ୍କ ନିମନ୍ତେ ଦିଆଯାଇଅଛି ।ମୋତେ ସ୍ମରଣ କରିବା ନିମନ୍ତେ ଏହା କର ।”ଏହିପରି ଭାବରେ, ଯୀଶୁ କହିଲେ, ସେମାନଙ୍କ ନିମନ୍ତେ ତାହାଙ୍କ ଶରୀର ବଳୀକୃତ ହେବ ।

### ନିସ୍ତାର ପର୍ବ ସମୟରେ ଯୀଶୁ ରୋଟୀ ବିଷୟରେ କଣ କହିଲେ ?

ସେ କହିଲେ, ଏହା ମୋର ଶରୀର, ଯାହା ତୁମ୍ଭମାନଙ୍କ ନିମନ୍ତେ ଦିଆଯାଇଅଛି ।

---

## 38:05

ତା'ପରେ ଯୀଶୁ ଏକ ପାନପାତ୍ର ଉଠାଇଲେ ଏବଂ କହିଲେ “ଏହାକୁ ପାନ କର ।ଏହା ମୋହର ନୂତନ ନିୟମର ରକ୍ତ ଅଟେ ଯାହା ପାପକ୍ଷମା ନିମନ୍ତେ ଢାଳି ଦିଆଯାଇଅଛି।ତୁମ୍ଭେ ପ୍ରତ୍ୟେକ ଥର ଏହା ପାନ କରିବା ସମୟରେ ମୋତେ ସ୍ମରଣ କର।”

### ଯୀଶୁ ପାନପାତ୍ର ବିଷୟରେ କଣ କହିଲେ ?

ସେ କହିଲେ, "ଏହା ମୋହର ନୂତନ ନିୟମର ରକ୍ତ ଅଟେ ଯାହା ପାପକ୍ଷମା ନିମନ୍ତେ ଢାଳି ଦିଆଯାଇଅଛି।"

---

## 38:06

ତା'ପରେ ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ କହିଲେ “ତୁମ୍ଭମାନଙ୍କ ମଧ୍ୟରୁ ଜଣେ ମୋତେ ବିଶ୍ଵାସଘାତ କରିବ ।”ଶିଷ୍ୟମାନେ ଚକିତ ହୋଇଗଲେ, ଏବଂ ଏପରି ବିଷୟ କିଏ କରିବ ବୋଲି ପଚାରିଲେ ।ଯୀଶୁ କହିଲେ “ମୁଁ ଯେଉଁ ଜଣକୁ ଏହି ରୋଟୀ ଖଣ୍ଡକ ଦେବି ସେ ମତେ ବିଶ୍ଵାସଘାତକ ଅଟେ ।”ତା'ପରେ ସେ ସେହି ରୋଟୀ ଯିହୂଦାକୁ ଦେଲେ ।

### ଯିହୁଦାକୁ କଣ ହେଲା ଯେତେବେଳେ ସେ ଯୀଶୁଙ୍କ ଠାରୁ ରୋଟୀ ନେଲେ ?

ଶୟତାନ ଯିହୁଦା ମଧ୍ଯକୁ ପ୍ରବେଶ କଲା.

---

## 38:07

ଯିହୂଦା ସେହି ରୋଟୀ ଖଣ୍ଡିକ ନେଲା ପରେ, ଶୟତାନ ତା’ ମଧ୍ୟରେ ପ୍ରବେଶ କଲା ।ଯିହୂଦା ସେହି ସ୍ଥାନ ପରିତ୍ୟାଗ କରି ଯୀଶୁଙ୍କୁ ଗିରଫ କରିବା ନିମନ୍ତେ ଯିହୂଦୀ ନେତାମାନଙ୍କୁ ସାହାଯ୍ୟ କରିବା ପାଇଁ ସେମାନଙ୍କ ନିକଟକୁ ଗଲା ।ସେ ସମୟରେ ରାତ୍ରି ହୋଇଥିଲା ।

### ଯିହୁଦାକୁ କଣ ହେଲା ଯେତେବେଳେ ସେ ଯୀଶୁଙ୍କ ଠାରୁ ରୋଟୀ ନେଲେ ?

ଶୟତାନ ଯିହୁଦା ମଧ୍ଯକୁ ପ୍ରବେଶ କଲା.

---

## 38:08

ଭୋଜନ କଲା ପରେ, ଯୀଶୁ ଏବଂ ତାହାଙ୍କ ଶିଷ୍ୟମାନେ ଜୀତ ପର୍ବତକୁ ଚାଲିଚାଲି ଗଲେ ।ଯୀଶୁ କହିଲେ “ତୁମ୍ଭେ ସମସ୍ତେ ମୋତେ ପରିତ୍ୟାଗ କରିବ ।ଲେଖା ଅଛି “ଆମ୍ଭେ ମେଷପାଳକଙ୍କୁ ପ୍ରହାର କରିବା ଓ ପ୍ରତ୍ୟେକ ମେଷ ଛିନ୍ନଭିନ୍ନ ହୋଇଯିବେ ।

### ଶିଷ୍ୟମାନଙ୍କୁ ସେହି ରାତ୍ରିରେ କଣ ହେବ ବୋଲି ଯୀଶୁ ଭାବବାଣୀ କହିଲେ ?

ସେମାନେ ସମସ୍ତେ ଯୀଶୁଙ୍କୁ ପରିତ୍ୟାଗ କରିବେ.

---

## 38:09

ପିତର ଉତ୍ତର ଦେଲେ “ଯଦିଓ ସମସ୍ତେ ଆପଣଙ୍କୁ ପରିତ୍ୟାଗ କରିବେ, ମୁଁ କରିବି ନାହିଁ!”ତେବେ ଯୀଶୁ ପିତରଙ୍କୁ କହିଲେ “ଶୟତାନ ତୁମ୍ଭ ସମସ୍ତଙ୍କ ସହିତ ରହିବାକୁ ଚାହୁଁଛି, କିନ୍ତୁ ପିତର ତୁମ୍ଭର ବିଶ୍ୱାସ ଯେପରି ଦୁର୍ବଳ ନ ହେବ ଏଥିପାଇଁ ମୁଁ ବିନତି କରିଅଛି ।ଏପରିକି, ଆଜି ରାତି କୁକୁଡା ରାବିବା ପୂର୍ବରୁ ତୁମ୍ଭେ ମୋତେ ତିନି ଥର ଅସ୍ୱୀକାର କରିବ ।”

### କୁକୁଡା ରାବିବା ପୂର୍ବରୁ ପିତର କଣ କରିବେ ବୋଲି ଯୀଶୁ କହିଲେ ?

ପିତର ଯୀଶୁଙ୍କୁ ଜାଣିଥିଲେ ବୋଲି ତିନି ଥର ଅସ୍ୱୀକାର କରିବେ .

---

## 38:10

ତା’ପରେ ପିତର ଯୀଶୁଙ୍କୁ କହିଲେ “ଯଦିଓ ମୋତେ ମରିବାକୁ ହୁଏ, ତଥାପି ମୁଁ କେବେ ହେଁ ଆପଣଙ୍କୁ ଅସ୍ୱୀକାର କରିବି ନାହିଁ !”ଅନ୍ୟ ସମସ୍ତ ଶିଷ୍ୟମାନେ ମଧ୍ୟ ସେହି ପ୍ରକାର କହିଲେ ।

### ଯୀଶୁଙ୍କ ଭାବବାଣୀକୁ ଶିଷ୍ୟମାନେ କିପରି ପ୍ରତିଉତ୍ତର ଦେଲେ ?

ସେମାନେ କହିଲେ ଯେ ସେମାନେ ଯୀଶୁଙ୍କୁ ଅସ୍ୱୀକାର କରିବା ଅପେକ୍ଷା ମରିବା ଭଲ !

---

## 38:11

ତା' ପରେ ଯୀଶୁ ତାହାଙ୍କ ଶିଷ୍ୟମାନଙ୍କ ସହ ଗେଥଶିମନୀ ନାମକ ସ୍ଥାନକୁ ଗଲେ ।ଶିଷ୍ୟମାନେ ଯେପରି ପରୀକ୍ଷାରେ ନ ପଡନ୍ତି ସେଥିନିମନ୍ତେ ଯୀଶୁ ଆପଣା ଶିଷ୍ୟମାନଙ୍କୁ ପ୍ରାର୍ଥନା କରିବାକୁ କହିଲେ ।ତା' ପରେ ଯୀଶୁ ନିଜେ ପ୍ରାର୍ଥନା କରିବାକୁ ଗଲେ ।

---

## 38:12

ଯୀଶୁ ତିନି ଥର ପ୍ରାର୍ଥନା କଲେ "ମୋ ପିତା, ଯଦି ସମ୍ଭବ ହୁଏ, ତେବେ କ୍ଲେଶଭୋଗର ଏହି ପାନପାତ୍ର ମୋ ଠାରୁ ଦୂର କର ।କିନ୍ତୁ ଯଦି ଲୋକମାନଙ୍କର ପାପକ୍ଷମା କରିବା ନିମନ୍ତେ ଆଉ କିଛି ଉପାୟ ନ ଥାଏ, ତେବେ ତୁମ୍ଭର ଇଚ୍ଛା ସଫଳ ହେଉ ।"ଯୀଶୁ ଅତ୍ୟନ୍ତ ଦୁଃଖରେ ଭାଙ୍ଗି ପଡିଥିଲେ ଏବଂ ତାହାଙ୍କ ଝାଳ ଘନ ରକ୍ତ ଟୋପା ପରି ଥିଲା ।ଈଶ୍ୱର ତାହାଙ୍କୁ ଧୈର୍ଯ୍ୟ ଧରିବା ପାଇଁ ଜଣେ ଦୂତଙ୍କୁ ତାଙ୍କ ନିକଟକୁ ପଠାଇଲେ ।

### ଗେଥସିମନରେ ଯୀଶୁ ପିତାଙ୍କୁ କଣ ପ୍ରାର୍ଥନା କଲେ ?

ସେ ତାଙ୍କ ପିତାଙ୍କୁ ଦୁଃଖଭୋଗର ପାନପାତ୍ରକୁ ନ ପିଆଇବାକୁ ପଚାରିଲେ, କିନ୍ତୁ ପରମେଶ୍ୱରଙ୍କ ଇଛା ପୂର୍ଣ୍ଣ କରିବାକୁ ଯଦି ଲୋକମାନଙ୍କ ପାପ କ୍ଷମା ନିମନ୍ତେ ଅନ୍ୟ କୌଣସି ଉପାୟ ନାହିଁ.

---

## 38:13

ପ୍ରତି ଥର ପ୍ରାର୍ଥନା କରିସାରିବା ପରେ, ଯୀଶୁ ତାଙ୍କ ଶିଷ୍ୟମାନଙ୍କ ନିକଟକୁ ଆସୁଥିଲେ କିନ୍ତୁ ସେମାନେ ନିଦ୍ରାଗ୍ରସ୍ତ ଥିଲେ ।ଯେତେବେଳେ ସେ ତୃତୀୟ ଥର ଆସିଲେ, ଯୀଶୁ କହିଲେ "ଉଠ!ମୋର ବିଶ୍ୱାସଘାତକ ଏହିଠାରେ ଉପସ୍ଥିତ ଅଛି ।"

### ଯୀଶୁ ପ୍ରାର୍ଥନା କରିବା ସମୟରେ ଶିଷ୍ୟମାନେ କଣ କରୁଥିଲେ ?

ସେମାନେ ଶୋଇଥିଲେ.

---

## 38:14

ଯିହୂଦୀ ନେତାଗଣ, ସୈନ୍ୟଗଣ ଓ ବହୁ ଲୋକ ସହିତ ଯିହୂଦା ଆସିଲା ।ସେମାନେ ଖଣ୍ଡା ଓ ମଶାଲଗୁଡିକ ଧରିଥିଲେ ।ଯିହୂଦା ଯୀଶୁଙ୍କ ନିକଟକୁ ଆସି କହିଲା "ହେ ଗୁରୁ ନମସ୍କାର" ଓ ତାହାଙ୍କୁ ଚୁମ୍ବନ କଲା ।ଯିହୂଦୀ ନେତାମାନେ କାହାକୁ ଗିରଫ କରିବେ ଏହା ତହିଁର ଏକ ଚିହ୍ନ ଥିଲା ।ତା'ପରେ ଯୀଶୁ କହିଲେ "ଯିହୂଦା, ଚୁମ୍ବନ ଦ୍ୱାରା କି ତୁମ୍ଭେ ମୋତେ ଶତ୍ରୁ ହସ୍ତରେ ସମର୍ପଣ କରୁଅଛ?"

### ଯୀଶୁ କିଏ ଥିଲେ ବୋଲି ସୈନିକମାନେ କିପରି ଜାଣିଲେ ?

ଯୀଶୁଙ୍କୁ ବାନ୍ଧିବା ପାଇଁ ସେମାନଙ୍କ ନିମନ୍ତେ ଏକ ଚିହ୍ନ ନିମନ୍ତେ ଯିହୁଦା ଯୀଶୁଙ୍କୁ ଚୁମ୍ବନ ଦେଲେ

---

## 38:15

ଯେତେବେଳେ ସୈନ୍ୟମାନେ ଯୀଶୁଙ୍କୁ ଗିରଫ କଲେ, ପିତର ତାହାଙ୍କ ଖଡ୍ଗ ବାହାର କଲେ ଏବଂ ମହାଯାଜକଙ୍କ ଦାସର କାନ କାଟି ପକାଇଲେ ।ଯୀଶୁ କହିଲେ "ଖଡ୍ଗକୁ ଦୁରରେ ରଖ!ମୋତେ ରକ୍ଷା କରିବା ନିମନ୍ତେ ମୁଁ ମୋ ପିତାଙ୍କୁ ଦୂତମାନଙ୍କର ଏକ ସୈନ୍ୟଦଳକୁ ମାଗିପାରିବି ।କିନ୍ତୁ ମୁଁ ମୋ ପିତାଙ୍କର ଆଜ୍ଞାବହ ହେବା ଉଚିତ୍ ।"ତା' ପରେ ଯୀଶୁ ସେହି ଲୋକର କାନକୁ ସୁସ୍ଥ କଲେ ।ଯୀଶୁ ଗିରଫ ହେଲା ପରେ ସମସ୍ତ ଶିଷ୍ୟମାନେ ଦୌଡି ପଳାଇଗଲେ ।

### ଯୀଶୁଙ୍କୁ ରକ୍ଷା କରିବା ପାଇଁ ପିତର କଣ କଲା ?

ସେ ଏକ ଖଣ୍ଡା ବାହାର କଲେ ଏବଂ ମହାଯାଜକଙ୍କ ଦାସର କାନ କାଟି ପକାଇଲେ ।

### ତାହାଙ୍କୁ ପିତରଙ୍କ ଠାରୁ ରକ୍ଷାର ଆବଶ୍ୟକ ନାହିଁ ବୋଲି ଯୀଶୁ କହିଲେ

ଯୀଶୁ ପିତାଙ୍କୁ ଦୂତମାନଙ୍କର ଏକ ସୈନ୍ୟଦଳକୁ ମାଗିପାରିବେ ।

### ଯୀଶୁଙ୍କୁ ବାନ୍ଧି ନେଇଗଲା ପରେ ଶିଷ୍ୟମାନେ କଣ କଲେ ?

ସେମାନେ ସମସ୍ତେ ଦୌଡି ପଳାଇଗଲେ.

# ଯୀଶୁଙ୍କର ବିଚାର କରାଯାଏ

## 39:01

ସେତେବେଳେ ମଧରାତ୍ରି ଥିଲା ।ମହାଯାଜକ ଯେପରି ଯୀଶୁଙ୍କୁ ପ୍ରଶ୍ନ ପଚାରିବେ ସେଥିପାଇଁ ସୈନ୍ୟମାନେ ତାଙ୍କୁ ମହାଯାଜକଙ୍କର ଗୃହକୁ ନେଇଗଲେ ।ପିତର ଦୂରରୁ ରହି ସେମାନଙ୍କ ପଛେ ପଛେ ଯାଉଥିଲେ ।ଯୀଶୁଙ୍କୁ ଯେତେବେଳେ ସେହି ଗୃହକୁ ନିଆଗଲା, ପିତର ବାହାରେ ରହି ନିଆଁ ତାପୁ ଥିଲେ ।

### ଦିନର କେଉଁ ସମୟ ଥିଲା ଯେତେବେଳେ ଯିହୂଦୀ ନେତାମାନେ ଯୀଶୁଙ୍କୁ ପ୍ରଶ୍ନ କରିବା ଆରମ୍ଭ କଲେ ?

ଏହା ମଧ ରାତ୍ରର ସମୟ ଥିଲା

---

## 39:02

ଗୃହ ମଧରେ, ଯିହୂଦୀ ନେତାମାନେ ଯୀଶୁଙ୍କର ବିଚାର କଲେ ।ସେମାନେ ଅନେକ ମିଥ୍ୟାସାକ୍ଷୀମାନଙ୍କୁ ଯୋଗାଇଲେ ଯେଉଁମାନେ ତାଙ୍କ ବିରୁଦ୍ଧରେ ମିଥ୍ୟା କହିବେ ।କିନ୍ତୁ, ସେମାନଙ୍କ ଚର୍ଚ୍ଚା ସବୁ ପରସ୍ପର ମଧରେ ଖାପ ଖାଉ ନଥିଲା, ତେଣୁ ଯିହୂଦୀ ନେତାମାନେ ପ୍ରମାଣ କରିପାରିଲେ ନାହିଁ ଯେ ସେ କିଛି ଭୁଲ୍ କରିଛନ୍ତି ।ଯୀଶୁ କିଛି କହିଲେ ନାହିଁ ।

### ଯୀଶୁ କୌଣସୀ ବିଷୟରେ ଦୋଷୀ ଅଟନ୍ତି ବୋଲି ଯିହୁଦୀ ନେତାମାନେ କାହିଁକି ପ୍ରମାଣ କରିପାରିଲେ ନାହିଁ?

ଭ୍ରାନ୍ତ ସାକ୍ଷୀମାନଙ୍କ ପରସ୍ପରର ସାକ୍ଷରେ ଖାପ ଖାଉ ନ ଥିଲା

---

## 39:03

ପରିଶେଷରେ, ମହାଯାଜକ ଯୀଶୁଙ୍କ ପ୍ରତି ସିଧାସଳଖ ଦେଖି ତାହାଙ୍କୁ ପଚାରିଲେ "ଆମ୍ଭମାନଙ୍କୁ କୁହ, ତୁମ୍ଭେ କି ଜୀବନ୍ତ ଈଶ୍ୱରଙ୍କ ପୁତ୍ର ଖ୍ରୀଷ୍ଟ?"

### ପରିଶେଷରେ ମହାଯାଜକ ଯୀଶୁଙ୍କୁ କେଉଁ ପ୍ରଶ୍ନ ପଚାରିଲେ ?

"ଆମ୍ଭକୁ କୁହ, କଣ ତୁମେ ଖ୍ରୀଷ୍ଟ,, ଜୀବନ୍ତ ପରମେଶ୍ୱର ଇଶ୍ୱରଙ୍କ ପୁତ୍ର ?"

---

## 39:04

ଯୀଶୁ କହିଲେ “ମୁଁ ସେହି, ଏବଂ ଆପଣମାନେ ମୋତେ ଈଶ୍ୱରଙ୍କ ସିଂହାସନରେ ବସିବା ଏବଂ ସ୍ୱର୍ଗରୁ ଅବତରଣ ହେବାର ଦେଖିବେ ।”ପ୍ରଧାନ ଯାଜକ କ୍ରୋଧରେ ନିଜ ବସ୍ତ୍ର ଚିରି ଅନ୍ୟ ଧର୍ମ ନେତାମାନଙ୍କୁ ଚିତ୍କାର କରି କହିଲେ “ଆମ୍ଭମାନଙ୍କର ଆଉ ସାକ୍ଷୀ ଦରକାର ନାହିଁ! ତୁମ୍ଭେମାନେ ଶୁଣିଲ ଯେ ସେ ଈଶ୍ୱରଙ୍କ ପୁତ୍ର ବୋଲି କହୁଅଛି ।ତୁମ୍ଭମାନଙ୍କର ବିଚାର କ'ଣ?”

### ଯୀଶୁ ମହାଯାଜକଙ୍କୁ କଣ ଉତ୍ତର ଦେଲେ ?

“ମୁଁ, ଅଟେ,ଏବଂ ତୁମ୍ଭେମାନେ ମୋତେ ପରମେଶ୍ୱରଙ୍କ ଡାହାଣ ପାର୍ଶ୍ୱରେ ବସିବାର ଏବଂ ସ୍ୱର୍ଗରୁ ପୁନର୍ବାର ଆସିବାର ଦେଖିବ.”

### ଯୀଶୁ କେଉଁ ଅପରାଧ କରିଛନ୍ତି ବୋଲି ମହାଯାଜକ କହିଲେ ?

ଯୀଶୁ କହିଲେ ସେ ପରମେଶ୍ୱରଙ୍କ ପୁତ୍ର ଅଟନ୍ତି

---

## 39:05

ଯିହୂଦୀ ନେତାମାନେ ମହଯାଜକଙ୍କୁ ଉତ୍ତର ଦେଲେ “ସେ ମୃତ୍ୟୁଦଣ୍ଡ ପାଇବାର ଯୋଗ୍ୟ”ତା'ପରେ ସେମାନେ ଯୀଶୁଙ୍କ ଆଖିରେ କନା ବାନ୍ଧିଦେଲେ, ତାଙ୍କୁ ମାରିଲେ, ତାଙ୍କ ଉପରେ ଛେପ ପକାଇଲେ ଏବଂ ତାହାଙ୍କୁ ପରିହାସ କଲେ ।

---

## 39:06

ପିତର ଗୃହର ବାହାରେ ଅପେକ୍ଷା କରିଥିବା ସମୟରେ, ଜଣେ ଦାସୀ ବାଳିକା ତାହାଙ୍କୁ ଦେଖି କହିଲା “ତୁମ୍ଭେ ମଧ୍ୟ ଯୀଶୁଙ୍କ ସହିତ ଥିଲ!”ପିତର ଏ ବିଷୟକୁ ଅସ୍ୱୀକାର କଲା ।ପରବର୍ତ୍ତୀ ସମୟରେ, ଆଉ ଜଣେ ବାଳିକା ସେହି ଗୋଟିଏ ବିଷୟ କହିଲେ, କିନ୍ତୁ ପିତର ଏହା ମଧ୍ୟ ଅସ୍ୱୀକାର କଲେ ।ପରିଶେଷରେ, ଲୋକମାନେ କହିଲେ, “ଆମ୍ଭେମାନେ ଜାଣୁ ଯେ ତୁମ୍ଭେ ଯୀଶୁଙ୍କ ସହ ଥିଲ କାରଣ ତୁମ୍ଭେ ଉଭୟେ ଗାଲିଲୀରୁ ଆସିଅଛ ।”

### ଯୀଶୁଙ୍କ ବିଚାର ସମୟରେ ପିତର କେଉଁଠାରେ ଥିଲେ ?

ପିତର ମହାଯାଜକଙ୍କର ଘର ବାହାରେ ଅପେକ୍ଷା କରୁଥିଲେ .

### ଯୀଶୁ ପିତରଙ୍କ ସହିତ ଥିଲେ ବୋଲି କାହିଁକି ଲୋକମାନେ କହୁଥିଲେ?

ପିତର ଓ ଯୀଶୁ ଦୁହେଁ ଗାଲିଲିରୁ ଥିଲେ .

---

## 39:07

ତା'ପରେ ପିତର ଶପଥ କଲେ, କହିଲେ "ଈଶ୍ୱର ମୋତେ ଅଭିଶାପ ଦିଅନ୍ତୁ ଯଦି ମୁଁ ଏହି ଲୋକକୁ ଜାଣିଥାଏ!"ସଙ୍ଗେ ସଙ୍ଗେ ଏକ କୁକୁଡା ରାବିଲା, ଏବଂ ଯୀଶୁ ବୁଲିପଡି ପିତରଙ୍କୁ ଚାହିଁଲେ ।

### ସେ ଯୀଶୁଙ୍କୁ ଜାଣିଛନ୍ତି ବୋଲି ଯେତେବେଳେ ଲୋକମାନେ କହିଲେ, ପିତର କଣ କହିଲେ ?

ପିତର ,ଯୀଶୁଙ୍କୁ ଜାଣିନାହିଁ ବୋଲି କହି ତିନି ଥର ଅସ୍ୱୀକାର କଲେ

### ପିତର ଯେତେବେଳେ ତୃତୀୟ ଥର ଯୀଶୁଙ୍କୁ ଅସ୍ୱୀକାର କଲା ପରେ ହଠାତ୍ କଣ ହେଲା ?

ଏକ କୁକୁଡା ଡ଼ାକିଲା,ଏବଂ ଯୀଶୁ ବୁଲିପଡି ପିତରଙ୍କୁ ଚାହିଁଲେ ।

---

## 39:08

ପିତର ଚାଲିଗଲେ ଓ ଅତ୍ୟନ୍ତ ଖେଦର ସହ କାନ୍ଦିଲେ ।ଇତିମଧ୍ୟରେ, ବିଶ୍ୱାସଘାତକ ଯିହୂଦା ଦେଖିଲେ ଯେ ଯିହୂଦୀ ନେତାମାନେ ଯୀଶୁଙ୍କୁ ମୃତ୍ୟୁଦଣ୍ଡ ପାଇଁ ଦୋଷୀ କରିଅଛନ୍ତି ।ଯିହୂଦା ଅତ୍ୟନ୍ତ ଦୁଃଖିତ ହେଲା ଏବଂ ଚାଲିଯାଇ ନିଜକୁ ହତ୍ୟା କଲା ।

### ଯିହୂଦା କଣ କଲେ ଯେତେବେଳେ ସେ ଦେଖିଲେ ଯେ ଯିହୂଦୀ ନେତାମାନେ ଯୀଶୁଙ୍କୁ ମୃତ୍ୟୁଦଣ୍ଡ ପାଇଁ ଦୋଷୀ କରିଅଛନ୍ତି ।

ଯିହୂଦା ଅତ୍ୟନ୍ତ ଦୁଃଖିତ ହେଲା ଏବଂ ଚାଲିଯାଇ ନିଜକୁ ହତ୍ୟା କଲା ।

---

## 39:09

ପରବର୍ତ୍ତୀ ଦିନ ଭୋର ସକାଳରେ, ଯିହୂଦୀ ନେତାମାନେ ଯୀଶୁଙ୍କୁ ପିଲାତଙ୍କ ନିକଟକୁ ଆଣିଲେ ଯିଏ ରୋମୀୟ ଶାସକ ଥିଲେ ।ସେମାନେ ଆଶା କଲେ ଯେ ପିଲାତ ଯୀଶୁଙ୍କୁ ଦୋଷୀ ସାବ୍ୟସ୍ତ କରି ହତ ହେବା ନିମନ୍ତେ ବିଚାର କରିବେ ।ପିଲାତ ଯୀଶୁଙ୍କୁ ପଚାରିଲେ "ତୁମେ କ'ଣ ଯିହୂଦୀମାନଙ୍କର ରାଜା?"

### କାହିଁକି ଯିହୁଦୀ ନେତାମାନେ ଯୀଶୁଙ୍କୁ ପିଲାତଙ୍କ ନିକଟକୁ ନେଇଥିଲେ ?

ସେମାନେ ଆଶା କଲେ ଯେ ପିଲାତ ଯୀଶୁଙ୍କୁ ଦୋଷୀ ସାବ୍ୟସ୍ତ କରି ହତ ହେବା ନିମନ୍ତେ ବିଚାର କରିବେ ।

### ପିଲାତ ଯୀଶୁଙ୍କୁ କେଉଁ ପ୍ରଥମ ପ୍ରଶ୍ନ ପଚାରିଲେ?

"ତୁମେ କ'ଣ ଯିହୂଦୀମାନଙ୍କର ରାଜା?"

---

## 39:10

ଯୀଶୁ ଉତ୍ତର ଦେଲେ "ଆପଣ କହୁଛନ୍ତି, କିନ୍ତୁ ମୋର ରାଜ୍ୟ ଏହି ଜଗତ ସମ୍ବନ୍ଧୀୟ ନୁହେଁ ।ଯଦି ଏପରି ହୋଇଥାଆନ୍ତା, ମୋ ଦାସମାନେ ମୋ ନିମନ୍ତେ ଯୁଦ୍ଧ କରିଥାନ୍ତେ ।ଈଶ୍ୱରଙ୍କ ବିଷୟରେ ସତ୍ୟ କଥା କହିବାକୁ ମୁଁ ପୃଥିବୀକୁ ଆସିଅଛି ।ଯେକୌଣସି ବ୍ୟକ୍ତି ସତ୍ୟକୁ ପ୍ରେମ କରେ ସେ ମୋ କଥା ଶୁଣେ ।"ପିଲାତ କହିଲେ "ସତ୍ୟ କ'ଣ?"

### ଯୀଶୁ ଏହି ଜଗତକୁ ଆସିବାର କାରଣ କଣ ବୋଲି କହିଲେ ?

ଈଶ୍ୱରଙ୍କ ବିଷୟରେ ସତ୍ୟ କଥା କହିବା ନିମନ୍ତେ

---

## 39:11

ପିଲାତ ଯୀଶୁଙ୍କ ସହ କଥା କହି ସାରିଲା ପରେ, ଜନଗହଳି ନିକଟକୁ ଯାଇ କହିଲେ "ଏହି ଲୋକଠାରେ ଆମ୍ଭେ କୌଣସି ଦୋଷ ପାଉନାହୁଁ ।"କିନ୍ତୁ ଯିହୂଦୀ ନେତାମାନେ ଓ ଜନସମାଗମ ଚିତ୍କାର କରି କହିଲେ "ତାହାଙ୍କୁ କ୍ରୁଶବିଦ୍ଧ କର!"ପିଲାତ ଉତ୍ତର ଦେଲେ "ସେ ଦୋଷୀ ନୁହେଁ ।"କିନ୍ତୁ ସେମାନେ ଅଧିକ ଚିତ୍କାର କରିବାକୁ ଲାଗିଲେ ।ତା'ପରେ ପିଲାତ ତୃତୀୟ ଥର କହିଲେ "ସେ ଦୋଷୀ ନୁହେଁ!"

### କେତେ ଥର ପିଲାତ ଜନଗହଳିକୁ କହିଲେ ଯେ ଯୀଶୁ ଦୋଷୀ ନ ଥଲେ ?

ତିନି ଥର

---

## 39:12

ପିଲାତ ଭୟଭୀତ ହୋଇଯାଇଥିଲେ ଯେ କାଳେ ଲୋକସମୁହ ଦଙ୍ଗା କରିବା ଆରମ୍ଭ କରିବେ, ତେଣୁ ଯୀଶୁଙ୍କୁ କ୍ରୁଶବିଦ୍ଧ କରିବା ନିମନ୍ତେ ସେ ତାଙ୍କ ସୈନ୍ୟମାନଙ୍କୁ ଆଦେଶ ଦେଲେ ।ରୋମୀୟ ସୈନ୍ୟମାନେ ଯୀଶୁଙ୍କୁ କୋରଡା ପ୍ରହାର କଲେ ଏବଂ ଏକ ରାଜକୀୟ ବସ୍ତ୍ର ଓ ମସ୍ତକରେ କଣ୍ଟାର ମୁକୁଟ ପିନ୍ଧାଇଲେ ।ତା'ପରେ ସେମାନେ ତାଙ୍କୁ "ଯିହୂଦୀମାନଙ୍କର ରାଜାଙ୍କୁ ଦେଖ !" କହି ପରିହାସ କଲେ ।

### ତେବେ ପିଲାତ କାହିଁକି ଯୀଶୁଙ୍କୁ କ୍ରୁଶବିଦ୍ଧ ନିମନ୍ତେ ଅନୁମତି ଦେଲେ ?

ପିଲାତ ଭୟ କଲେ ଯେ ଲୋକମାନେ ଦଙ୍ଗା କରିବା ଆରମ୍ଭ କରିବେ

## ରୋମୀୟ ସୈନ୍ୟମାନେ କିପରି ଯୀଶୁଙ୍କ ସହିତ ବ୍ୟବହାର କଲେ ?

ସେମାନେ ଯୀଶୁଙ୍କୁ କୋରଡା ପ୍ରହାର କଲେ ଏବଂ ଏକ ରାଜକୀୟ ବସ୍ତ୍ର ଓ ମସ୍ତକରେ କଣ୍ଟାର ମୁକୁଟ ପିନ୍ଧାଇଲେ ଏବଂ ପରିହାସ କଲେ ।

# ଯୀଶୁ କ୍ରୁଶବିଦ୍ଧ ହେଲେ

## 40:01

ସୈନ୍ୟମାନେ ଯୀଶୁଙ୍କୁ ପରିହାସ କଲା ପରେ, ସେମାନେ କ୍ରୁଶବିଦ୍ଧ କରିବା ନିମନ୍ତେ ତାଙ୍କୁ ଘେନିଗଲେ ।ସେ ଯେଉଁ କ୍ରୁଶରେ ମରିବେ ସେହି କ୍ରୁଶ ତାଙ୍କୁ ବହନ କରାଇଲେ ।

### ଯେତେବେଳେ ସୈନ୍ୟମାନେ ଯୀଶୁଙ୍କୁ କ୍ରୁଶବିଦ୍ଧ କରିବା ପାଇଁ ନେଲେ, ତାହାଙ୍କୁ ବହନ କରିବା ପାଇଁ କ'ଣ ଦେଲେ ?

ସେ ଯେଉଁ କ୍ରୁଶରେ ମରିବେ ସେହି କ୍ରୁଶ ତାଙ୍କୁ ବହନ କରାଇବା ପାଇଁ ଦେଲେ

---

## 40:02

ସୈନ୍ୟମାନେ “କପାଳସ୍ଥଳ” ନାମକ ଏକ ସ୍ଥାନକୁ ଆଣିଲେ ଏବଂ କ୍ରୁଶରେ ତାହାଙ୍କ ହାତ ଓ ପାଦକୁ କଣ୍ଟାରେ ବିଦ୍ଧ କଲେ ।କିନ୍ତୁ ଯୀଶୁ କହିଲେ “ପିତା, ସେମାନଙ୍କୁ କ୍ଷମା କର, କାରଣ ସେମାନେ କ’ଣ କରୁଅଛନ୍ତି ତାହା ଜାଣନ୍ତି ନାହିଁ ।”“ଯିହୂଦୀମାନଙ୍କ ରାଜା” ଲେଖି ତାହାକୁ ଯୀଶୁଙ୍କ ମସ୍ତକ ଉପରେ ଟଙ୍ଗାଇବାକୁ ପିଲାତ ସେମାନଙ୍କୁ କହିଲେ ।

### ସେହି ସ୍ଥାନର ନାମ କ'ଣ ଥିଲା ଯେଉଁଠାରେ ଯୀଶୁଙ୍କୁ କ୍ରୁଶବିଦ୍ଧ କରାଗଲା ?

କପାଳ ସ୍ଥଳ

### ସୈନ୍ୟମାନେ କିପରି ଯୀଶୁଙ୍କୁ କ୍ରୁଶ ସହିତ ସଂଲଗ୍ନ କଲେ?

ସୈନ୍ୟମାନେ କ୍ରୁଶରେ ତାହାଙ୍କ ହାତ ଓ ପାଦକୁ କଣ୍ଟାରେ ବିଦ୍ଧ କଲେ ।

### ଯେଉଁମାନେ ଯୀଶୁଙ୍କୁ କ୍ରୁଶବିଦ୍ଧ କରୁଥିଲେ, ସେ ସେମାନଙ୍କ ପାଇଁ କଣ ପ୍ରାର୍ଥନା କରୁଥିଲେ ?

ପିତା, ସେମାନଙ୍କୁ କ୍ଷମା କର, କାରଣ ସେମାନେ କ’ଣ କରୁଅଛନ୍ତି ତାହା ଜାଣନ୍ତି ନାହିଁ ।”

### ଯୀଶୁଙ୍କ ମସ୍ତକ ଉପରେ ଚିହ୍ନ ରୂପେ କଣ ଲେଖାହୋଇଥିଲା ?

"ଯିହୂଦୀମାନଙ୍କର ରାଜା?”

---

## 40:03

ସୈନ୍ୟମାନେ ଯୀଶୁଙ୍କ ବସ୍ତ୍ରକୁ ଗୁଲିବାଣ୍ଟ କଲେ ।ସେମାନେ ଯେତେବେଳେ ଏହା କଲେ, କୁହାଯାଇଥିବା ଭାବବାଣୀ ସଫଳ ହେଲା "ସେମାନେ ମୋ ବସ୍ତ୍ରକୁ ଭାଗ କଲେ ଓ ବସ୍ତ୍ର ନିମନ୍ତେ ଗୁଲିବାଣ୍ଟ କଲେ ।"

### ସୈନ୍ୟମାନେ କିପରି ଯୀଶୁଙ୍କ ପୋଷାକକୁ ଖଣ୍ଡ ଖଣ୍ଡ କଲେ ?

ସେମାନେ ତାଙ୍କ ବସ୍ତ୍ର ଗୁଲିବାଣ୍ଟ କଲେ ଯେପରି ଭାବବାଣୀ ହୋଇଥିଲା .

---

## 40:04

ଯୀଶୁଙ୍କୁ ଦୁଇଜଣ ଡକାୟତଙ୍କ ମଧ୍ୟରେ କ୍ରୁଶବିଦ୍ଧ କରାଗଲା ।ସେମାନଙ୍କ ମଧ୍ୟରୁ ଜଣେ ଯୀଶୁଙ୍କୁ ପରିହାସ କଲା, କିନ୍ତୁ ଅନ୍ୟ ଜଣେ କହିଲା "ତୁମର କ'ଣ ଈଶ୍ୱରଙ୍କ ପ୍ରତି ଭୟ ନାହିଁ?ଆମ୍ଭେମାନେ ଦୋଷୀ, କିନ୍ତୁ ଏହି ବ୍ୟକ୍ତି ନିର୍ଦ୍ଦୋଷ ଅଟେ ।"ତା'ପରେ ସେ ଯୀଶୁଙ୍କୁ କହିଲେ "ଦୟାକରି ଆପଣଙ୍କ ରାଜ୍ୟରେ ମୋତେ ସ୍ମରଣ କରନ୍ତୁ ।"ଯୀଶୁ ତାହାଙ୍କୁ କହିଲେ "ତୁମେ ଆଜି ମୋ ସହିତ ପାରଦୀଶରେ ଉପସ୍ଥିତ ହେବ ।"

### ଯେଉଁ ଚୋର ଯୀଶୁଙ୍କୁ ପରିହାସ କଲା ନାହିଁ, ସେ ଯୀଶୁଙ୍କୁ କଣ କରିବାକୁ କହିଲା ?

ସେ ଯୀଶୁଙ୍କୁ ତାଙ୍କ ରାଜ୍ୟରେ ସ୍ମରଣ କରିବାକୁ କହିଲେ

### ଚୋରର ପ୍ରତିଉତ୍ତରରେ ଯୀଶୁ କଣ ଉତ୍ତର ଦେଲେ ?

"ତୁମେ ଆଜି ମୋ ସହିତ ପାରଦୀଶରେ ଉପସ୍ଥିତ ହେବ ।"

---

## 40:05

ଯିହୂଦୀ ନେତାମାନେ ଓ ଲୋକମାନଙ୍କ ମଧ୍ୟରୁ ଅନେକ ଯୀଶୁଙ୍କୁ ପରିହାସ କଲେ ।ସେମାନେ ତାଙ୍କୁ କହିଲେ "ଯଦି ତୁମ୍ଭେ ଈଶ୍ୱରଙ୍କ ପୁତ୍ର, କ୍ରୁଶରୁ ଓହ୍ଲାଇ ଆସ ଏବଂ ନିଜକୁ ରକ୍ଷା କର!ତେବେ ହିଁ ଆମ୍ଭେମାନେ ତୁମ୍ଭକୁ ବିଶ୍ୱାସ କରିବୁ ।"

### ଜନଗହଳି ଯୀଶୁଙ୍କୁ କଣ ପ୍ରମାଣ କରିବାକୁ ଚାହୁଁଥିଲେ ଯେ ସେ ଈଶ୍ବରଙ୍କ ପୁତ୍ର ଅଟନ୍ତି ?

ସେମାନେ ତାହାଙ୍କୁ କ୍ରୁଶରୁ ତଳକୁ ଆସି ନିଜକୁ ରକ୍ଷା କରିବାକୁ କହିଲେ .

---

## 40:06

ତା 'ପରେ ସମସ୍ତ ଅଞ୍ଚଳରେ ଥିବା ଆକାଶ ସମ୍ପୂର୍ଣ୍ଣରୂପେ ଅନ୍ଧାକାର ହୋଇଗଲା, ଯଦିଓ ଏହା ଦିନ ମଧ୍ୟାହ୍ନ ସମୟ ଥିଲା ।ମଧ୍ୟାହ୍ନ ସମୟରେ ଅନ୍ଧାର ହେଲା ଏବଂ ପ୍ରାୟ ତିନି ପହର(ଘଣ୍ଟା) ପର୍ଯ୍ୟନ୍ତ ରହିଲା ।

### କେଉଁ ଅସ୍ବାଭାବିକ ବିଷୟ ଆକାଶରେ ମଧ୍ୟାହ୍ନ ସମୟରେ ହେଲା ?

ମଧ୍ୟାହ୍ନ ସମୟରୁ ଅପରାହ୍ନ 3 ଘଟିକା ପର୍ଯ୍ୟନ୍ତ ଅନ୍ଧକାର ହୋଇ ରହିଲା ।

---

## 40:07

ତା'ପରେ ଯୀଶୁ ଉଚ୍ଚ ସ୍ୱରରେ ଡାକି କହିଲେ "ସମାପ୍ତ ହେଲା!ପିତଃ, ତୁମ୍ଭ ହସ୍ତରେ ମୁଁ ଆପଣା ଆତ୍ମା ସମର୍ପଣ କରୁଅଛି ।"ତା'ପରେ ସେ ମସ୍ତକ ନତ କଲେ ଏବଂ ପ୍ରାଣ ତ୍ୟାଗ କଲେ ।ଯେତେବେଳେ ସେ ମୃତ୍ୟୁଭୋଗ କଲେ, ସେତେବେଳେ ଭୂମିକମ୍ପ ହୋଇଥିଲା ଏବଂ ମନ୍ଦିରରେ ଯେଉଁ ବୃହତ୍ ପରଦା ଈଶ୍ୱରଙ୍କ ଉପସ୍ଥିତିରୁ ଲୋକମାନଙ୍କୁ ପୃଥକ୍ ରଖୁଥିଲା ତାହା ଉପରୁ ତଳ ପର୍ଯ୍ୟନ୍ତ ଚିରି ଦୁଇଖଣ୍ଡ ହୋଇଗଲା ।

### ଯୀଶୁ କ୍ରୁଶରେ କେଉଁ ଶେଷ ଶବ୍ଦଗୁଡିକ ଚିତ୍କାର କରି କହିଲେ ?

ଏହା ସମାପ୍ତ ହେଲାପିତଃ, ତୁମ୍ଭ ହସ୍ତରେ ମୁଁ ଆପଣା ଆତ୍ମା ସମର୍ପଣ କରୁଅଛି ।"

### ଯୀଶୁଙ୍କ ମୃତ୍ୟୁ ପରେ ସଙ୍ଗେ ସଙ୍ଗେ କଣ ଆଶ୍ଚର୍ଯ୍ୟ ବିଷୟ ଘଟିଲା ?

ସେଠାରେ ଏକ ଭୂମିକମ୍ପ ହେଲା ଏବଂ ମନ୍ଦିରର ବୃହତ୍ ପରଦା ଉପରୁ ତଳ ପର୍ଯ୍ୟନ୍ତ ଚିରି ଦୁଇଖଣ୍ଡ ହୋଇଗଲା ।

---

## 40:08

ଯୀଶୁ ତାହାଙ୍କ ମୃତ୍ୟୁ ଦ୍ୱାରା ଲୋକମାନଙ୍କୁ ଈଶ୍ୱରଙ୍କ ନିକଟକୁ ଆସିବାର ପଥ ଖୋଲି ଦେଲେ ।ଯୀଶୁଙ୍କୁ ଜଗିଥିବା ସୈନ୍ୟ ଯେତେବେଳେ ଏହି ସମସ୍ତ ଘଟିବାର ଦେଖିଲେ ସେ କହିଲେ "ନିଶ୍ଚିତ, ସେ ନିର୍ଦ୍ଦୋଷ ବ୍ୟକ୍ତି ଥିଲେ ।ସେ ଈଶ୍ୱରଙ୍କ ପୁତ୍ର ଥିଲେ ।"

### ଯୀଶୁ ତାଙ୍କ ମୃତ୍ୟୁଦ୍ୱାରା କ'ଣ ସମ୍ପୁର୍ଣ୍ଣ କଲେ ?

ଯୀଶୁ ଲୋକମାନଙ୍କୁ ଈଶ୍ୱରଙ୍କ ନିକଟକୁ ଆସିବାର ପଥ ଖୋଲି ଦେଲେ ।

---

## 40:09

ତା'ପରେ ଯୋଷେଫ ଓ ନୀକଦୀମ, ଯୀଶୁଙ୍କୁ ବିଶ୍ୱାସ କରୁଥିବା ଏହି ଦୁଇଜଣ ଯିହୂଦୀ ନେତା ଯୀଶୁଙ୍କ ଶରୀର ନେବା ନିମନ୍ତେ ପିଲାତଙ୍କୁ ଅନୁରୋଧ କଲେ ।ସେମାନେ ଏକ ବସ୍ତ୍ରରେ ତାଙ୍କ ଶରୀରକୁ ଘୋଡାଇ ପ୍ରସ୍ତର କଟାଯାଇ ତିଆରି କରାଯାଇଥିବା ଏକ ସମାଧି ସ୍ଥଳରେ ରଖିଲେ।ତା'ପରେ ସେମାନେ ସମାଧି ମୁହଁରେ ଏକ ବୃହତ୍ ପଥର ଗଡାଇ ଦେଲେ ଏବଂ ତହିଁର ମୁହଁ ବନ୍ଦ କରିଦେଲେ ।

### କିଏ ଯୀଶୁଙ୍କ ଶରୀର ନିମନ୍ତେ ପିଲାତଙ୍କୁ ପଚାରିଲେ ?

ଯୋଶେଫ ଓ ନୀକଦୀମ.

### ସେମାନେ ଶରୀର ସହିତ କଣ କଲେ ?

ସେମାନେ ଏକ ଲୁଗାରେ ଶରୀରକୁ ଗୁଡ଼ାଇଲେ ଏବଂ କଟା ଯାଇଥିବା ପ୍ରସ୍ତରର ଏକ କବରରେ ରଖିଲେ ଏବଂ କବରର ମୁଖଭାଗରେ ଏକ ବଡ ପଥର ଦ୍ୱାରା ଘୋଡାଇଲେ

# ପରମେଶ୍ୱର ଯୀଶୁଙ୍କୁ ମୃତ୍ୟୁରୁ ଉଠାନ୍ତି

## 41:01

ସୈନ୍ୟମାନେ ଯୀଶୁଙ୍କୁ କ୍ରୁଶବିଦ୍ଧ କଲାପରେ, ଅବିଶ୍ୱାସୀ ଯିହୂଦୀ ନେତାମାନେ ପିଲାତଙ୍କୁ କହିଲେ "ସେହି ମିଥ୍ୟାବାଦୀ ଯୀଶୁ କହିଅଛି ଯେ ସେ ତିନି ଦିନ ପରେ ଉଠିବ ।କେହି ଜଣେ ନିହାତି ସମାଧି ସ୍ଥାନକୁ ଜଗିବାକୁ ପଡିବ ଏବଂ ନିଶ୍ଚିତ କରିବାକୁ ପଡିବ ଯେପରିକି ଶିଷ୍ୟମାନେ ତାଙ୍କ ମୃତ ଶରୀରକୁ ଚୋରାଇ ନେଇ କହିବେ ନାହିଁ ଯେ ସେ ମୃତମାନଙ୍କ ମଧ୍ୟରୁ ଉଠିଅଛନ୍ତି ।"

### ଯୀଶୁ ତାଙ୍କ ମୃତ୍ୟୁର ତିନି ଦିନ ପରେ କଣ ହେବ ବୋଲି କହିଥିଲେ ?

ସେ ମୃତ୍ୟୁରୁ ଉଠିବେ !

### ଯୀଶୁ ପୁନର୍ବାର ଉଠିବେ, ଏହି ବିଷୟରେ ଯିହୁଦୀ ନେତାମାନଙ୍କର ତାଙ୍କ ବାବଦରେ କଣ ଚିନ୍ତା କରୁଥିଲେ ?

ସେମାନେ ଭାବିଲେ ଯୀଶୁ ଏକ ମିଥ୍ୟାବାଦୀ ଅଟନ୍ତି .

### ଶିଷ୍ୟମାନେ କଣ କରିବେ ବୋଲି ଯିହୁଦୀ ନେତାମାନେ ଭୟ କରୁଥିଲେ ?

ସେମାନେ ଭାବିଲେ ଶିଷ୍ୟମାନେ ଶରୀରକୁ ଚୋରି କରିବେ ଏବଂ ଯୀଶୁ ମୃତ୍ୟୁରୁ ଉଠି ଅଛନ୍ତି ବୋଲି ଦାବି କରିବେ

---

## 41:02

ପିଲାତ କହିଲେ "କିଛି ସୈନ୍ୟମାନଙ୍କୁ ନେଇ ତୁମ୍ଭମାନଙ୍କ ପାରୁ ପର୍ଯ୍ୟନ୍ତ ସମାଧି ସ୍ଥାନ ସୁରକ୍ଷିତ କର ।"ତେଣୁ ସେମାନେ ସମାଧି ସ୍ଥାନର ପ୍ରବେଶ ସ୍ଥାନରେ ଥିବା ପଥରକୁ ମୁଦ୍ରାଙ୍କିତ କଲେ ଏବଂ ସେଠାରେ ସୈନ୍ୟମାନଙ୍କୁ ରଖିଲେ ଯେପରିକି କେହି ତାଙ୍କ ଶରୀରକୁ ଚୋରାଇ ନ ନିଅନ୍ତି ।

### ଯୀଶୁଙ୍କ ସମାଧିକୁ ଜଗି ରହିବା ପାଇଁ ଯିହୁଦୀ ନେତାମାନେ କଣ କଲେ ?

ସେମାନେ ସମାଧି ସ୍ଥାନକୁ ଜଗିବା ପାଇଁ ସୈନ୍ୟମାନଙ୍କୁ ରଖିଲେ ଏବଂ ପ୍ରବେଶ ସ୍ଥାନରେ ଥିବା ପଥରକୁ ମୁଦ୍ରାଙ୍କିତ କଲେ ।

---

## 41:03

ଯୀଶୁ ସମାଧିସ୍ଥ ହେବାର ପରବର୍ତ୍ତୀ ଦିନ ବିଶ୍ରାମବାର ଥିଲା, ଏବଂ ସେହିଦିନ ସମାଧିକୁ ଯିବା ପାଇଁ ଯିହୂଦୀମାନଙ୍କୁ ଅନୁମତି ନ ଥିଲା । ତେଣୁ, ବିଶ୍ରାମବାର ଦିନର ପରବର୍ତ୍ତୀ ଦିନର ଅତି ସକାଳୁ ଅନେକ ସ୍ତ୍ରୀ ଯୀଶୁଙ୍କ ଶରୀରରେ ଅଧିକ ସମାଧି ସୁଗନ୍ଧି ଦ୍ରବ୍ୟ ଦେବା ନିମନ୍ତେ କବରକୁ ଯିବା ପାଇଁ ପ୍ରସ୍ତୁତ ହେଲେ ।

### ସ୍ତ୍ରୀମାନେ କେଉଁ ସମୟରେ ଯୀଶୁଙ୍କ ସମାଧି ସ୍ଥଳକୁ ଗଲେ ?

ବିଶ୍ରାମ ଦିନର ପରଦିନ ପାହାନ୍ତିଆରେ ।

---

## 41:04

ହଠାତ୍ ଏକ ବଡ ଭୂମିକମ୍ପ ହେଲା ।ବିଜୁଳି ଆଲୋକ ପରି ଝଲସୁ ଥିବା ଜଣେ ଦୂତ ସ୍ୱର୍ଗରୁ ଦୃଶ୍ୟମାନ ହେଲେ ।ସମାଧିର ପ୍ରବେଶ ସ୍ଥାନକୁ ଘୋଡାଇ ଦିଆଯାଇଥିବା ପଥରକୁ ଗଡାଇ ସେ ସେଥିରେ ବସିଲେ ।ଯେଉଁ ସୈନ୍ୟମାନେ ସମାଧିରେ ପ୍ରହରା ଦେଉଥିଲେ ସେମାନେ ଭୟଭୀତ ହୋଇ ମୃତ ବ୍ୟକ୍ତିମାନଙ୍କ ପରି ଭୂମିରେ ପଡିଲେ ।

### ସ୍ତ୍ରୀମାନେ ସମାଧିସ୍ଥାନକୁ ପହଞ୍ଚିବା ପୂର୍ବରୁ ସେହି ସ୍ଥାନରେ କେଉଁ ଆଶ୍ଚର୍ଯ୍ୟ ଘଟଣା ଘଟିଥିଲା ?

ସେହିଠାରେ ଏକ ଭୁମିକମ୍ପ ହେଲା ଏବଂ ଏକ ସ୍ୱର୍ଗଦୁତ ଦୃଶ୍ୟମାନ ହୋଇ ପଥରକୁ ଗଡାଇଲେ ଏବଂ ତାହା ଉପରେ ବସି ପଡିଲେ

### ସୈନ୍ୟମାନେ କଣ କଲେ, ଯେତେବେଳେ ସେମାନେ ଦୂତଙ୍କୁ ଦେଖିଲେ ?

ସେମାନେ ଭୟଭୀତ ହେଲେ ଏବଂ ମୃତ ସମାନ ପରି ଭୂମିରେ ପଡିଲେ ।

---

## 41:05

ଯେତେବେଳେ ସ୍ତ୍ରୀଲୋକମାନେ ସମାଧି ସ୍ଥାନକୁ ପହଞ୍ଚିଲେ, ଦୂତ ସେମାନଙ୍କୁ କହିଲେ “ଭୟ କରନାହିଁ।ଯୀଶୁ ଏଠାରେ ନାହାନ୍ତି ।ସେ ଯେପରି କହିଥିଲେ, ସେହିପରି ମୃତକଙ୍କ ମଧ୍ୟରୁ ଜୀବିତ ହୋଇଛନ୍ତି!ଆସ ଏବଂ ସମାଧିକୁ ଦେଖ ।”ଯେଉଁ ସ୍ଥାନରେ ଯୀଶୁଙ୍କର ଶରୀର ରଖାଯାଇଥିଲା, ସ୍ତ୍ରୀ ମାନେ କବର ଭିତରକୁ ଯାଇ ଦେଖିଲେ ।ତାହାଙ୍କ ଶରୀର ସେଠାରେ ନ ଥିଲା।

### ସ୍ତ୍ରୀମାନେ ସମାଧି ସ୍ଥାନକୁ ପହଞ୍ଚିଲା ପରେ ଦୂତ ସେମାନଙ୍କୁ କଣ କହିଲେ ?

ଭୟ କରନ୍ତୁ ନାହି Iଯୀଶୁ ମୃତ୍ୟୁରୁ ଉଠିଛନ୍ତି ! [୪୧-୦୧]ସମାଧିକୁ ଆସ ଏବଂ ଦେଖ ।

---

## 41:06

ତା'ପରେ ସ୍ୱର୍ଗଦୂତ ସେହି ସ୍ତ୍ରୀ ଲୋକମାନଙ୍କୁ କହିଲେ "ଯାଇ ଶିଷ୍ୟମାନଙ୍କୁ କୁହ, 'ଯୀଶୁ ଉଠିଅଛନ୍ତି ଓ ତୁମ୍ଭମାନଙ୍କ ଆଗେ ଗାଲିଲୀକୁ ଯିବେ ।"

### ଶିଷ୍ୟମାନଙ୍କୁ ନିକଟକୁ ଯାଇ କଣ କହିବା ପାଇଁ ଦୂତ ସ୍ତ୍ରୀମାନଙ୍କୁ କହିଲେ ?

ତା'ପରେ ଦୂତ ସେହି ସ୍ତ୍ରୀମାନଙ୍କୁ କହିଲେ "ଯାଇ ଶିଷ୍ୟମାନଙ୍କୁ କୁହ, 'ଯୀଶୁ ଉଠିଅଛନ୍ତି ଓ ତୁମ୍ଭମାନଙ୍କ ଆଗେ ଆଗେ ଗାଲିଲୀକୁ ଯାଇଅଛନ୍ତି ।

---

## 41:07

ସେହି ସ୍ତ୍ରୀ ଲୋକମାନେ ଅତ୍ୟନ୍ତ ଭୟଭୀତ ଓ ଅତିଶୟ ଆନନ୍ଦିତ ହୋଇଥିଲେ । ଶିଷ୍ୟମାନଙ୍କୁ ଶୁଭ ସମ୍ବାଦ କହିବା ପାଇଁ ସେମାନେ ଧାଇଁଲେ ।

---

## 41:08

ଯେତେବେଳେ ସେହି ଶୁଭ ସମ୍ବାଦକୁ ଶିଷ୍ୟମାନଙ୍କୁ କହିବା ନିମନ୍ତେ ସେମାନେ ପଥରେ ଥିଲେ, ଯୀଶୁ ସେମାନଙ୍କୁ ଦୃଶ୍ୟମାନ ହେଲେ ଏବଂ ସେମାନେ ତାଙ୍କୁ ପ୍ରଣାମ କଲେ ।ଯୀଶୁ କହିଲେ "ଭୟ କରନାହିଁ ।"ଯାଅ ଏବଂ ଗାଲିଲୀକୁ ଯିବା ନିମନ୍ତେ ମୋହର ଶିଷ୍ୟମାନଙ୍କୁ କୁହ । ସେଠାରେ ସେମାନେ ମୋତେ ଦେଖିବେ ।"

### କିଏ ସ୍ତ୍ରୀମାନଙ୍କୁ ଦୃଶ୍ୟମାନ ହେଲେ ଯେତେବେଳେ ସେମାନେ ଶିଷ୍ୟମାନଙ୍କୁ କହିବା ପାଇଁ ରାସ୍ତାରେ ଯାଉଥିଲେ ?

ଯୀଶୁ ସେମାନଙ୍କୁ ଦେଖାଦେଲେ

### ସ୍ତ୍ରୀମାନେ କଣ କଲେ ଯେତେବେଳେ ସେମାନେ ଯୀଶୁଙ୍କୁ ଦେଖିଲେ ?

ସେମାନେ ତାହାଙ୍କର ଉପାସନା କଲେ .

# ଯୀଶୁଙ୍କ ସ୍ୱର୍ଗକୁ ପ୍ରତ୍ୟାଗମନ

## 42:01

ଯୀଶୁ ଯେଉଁ ଦିନ ମୃତମାନଙ୍କ ମଧ୍ୟରୁ ଉଠିଲେ, ଦୁଇଜଣ ଶିଷ୍ୟ ନିକଟସ୍ଥ ଏକ ଉଠାଇକୁ ଯାଉଥିଲେ ।ସେମାନେ ଚାଲୁଥିବା ସମୟରେ, ଯୀଶୁଙ୍କ ପ୍ରତି ଯାହା ଘଟିଥିଲା ସେ ବିଷୟରେ ସେମାନେ କଥାବାର୍ତ୍ତା କରୁଥିଲେ ।ସେମାନେ ଆଶା କରୁଥିଲେ ଯେ ସେ ଖ୍ରୀଷ୍ଟ ଥିଲେ କିନ୍ତୁ ତାଙ୍କୁ ବଧ କରାଯାଇଥିଲା ।ବର୍ତ୍ତମାନ ସେହି ସ୍ତ୍ରୀ କହିଲେ ଯେ ସେ ପୁଣିଥରେ ଜୀବିତ ଅଛନ୍ତି ।ସେମାନେ ଜାଣିପାରିଲେ ନାହିଁ କାହାକୁ ବିଶ୍ୱାସ କରିବେ ।

### ଦୁଇ ଶିଷ୍ୟମାନେ ରାସ୍ତାରେ ଚାଲୁଥିବା ସମୟରେ କେଉଁ ବିଷୟରେ କଥାବାର୍ତ୍ତା ହେଉଥିଲେ ?

ସେମାନେ, ଯୀଶୁଙ୍କ ପ୍ରତି କ'ଣ ଘଟିଥିଲା, ସେ ବିଷୟରେ କଥାବାର୍ତ୍ତା କରୁଥିଲେ ।

---

## 42:02

ଯୀଶୁ ସେମାନଙ୍କର ନିକଟବର୍ତ୍ତୀ ହେଲେ ଏବଂ ସେମାନଙ୍କ ସହ ଚାଲିବାକୁ ଲାଗିଲେ, କିନ୍ତୁ ସେମାନେ ତାଙ୍କୁ ଚିହ୍ନିଲେ ନାହିଁ ।ସେମାନେ କେଉଁ ବିଷୟରେ କଥାବାର୍ତ୍ତା କରୁଥିଲେ ବୋଲି ସେ ସେମାନଙ୍କୁ ପଚାରିଲେ, ଏବଂ କିଛି ଦିନ ପୂର୍ବରୁ ଯୀଶୁଙ୍କ ସହିତ ଯାହା ସବୁ ଘଟିଥିଲା ସେ ମୁଖ୍ୟ ଘଟଣା ତାହା ସେମାନେ ତାହାଙ୍କୁ କହିଲେ ।ସେମାନେ ଭାବିଲେ ଯେ ସେମାନେ ଜଣେ ପରିଦର୍ଶକଙ୍କ ସହ କଥାବାର୍ତ୍ତା କରୁଅଛନ୍ତି ଯିଏ କି ଯିରୁଶାଲମରେ ଘଟିଯାଇଥିବା ବିଷୟରେ ଅଜ୍ଞାତ ।

### ଦୁଇ ଶିଷ୍ୟମାନେ ଯୀଶୁଙ୍କୁ କିଏ ବୋଲି ଚିନ୍ତା କଲେ ଯେତେବେଳେ ସେ ସେମାନଙ୍କ ସହିତ ମିଶିଲେ ?

ସେମାନେ ଭାବିଲେ ଯେ ସେ ଜଣେ ପରିଦର୍ଶକ ଅଟନ୍ତି ଯିଏ ଯିରୁଶାଲମରେ ଘଟିଯାଇଥିବା ବିଷୟଗୁଡିକୁ ଜାଣିନାହାଁନ୍ତି ।

---

## 42:03

ତା'ପରେ ଯୀଶୁ ସେମାନଙ୍କୁ ବ୍ୟାଖ୍ୟା କରି କହିବାକୁ ଲାଗିଲେ ଯେ ଈଶ୍ୱର ଖ୍ରୀଷ୍ଟଙ୍କ ବିଷୟରେ କ'ଣ କହିଥିଲେ ।ସେ ସେମାନଙ୍କୁ ଭବିଷ୍ୟତବାଣୀ ସ୍ମରଣ କରାଇ କହିଲେ ଯେ ଖ୍ରୀଷ୍ଟ ଦୁଃଖଭୋଗ କରିବେ ଏବଂ ବଧ କରାଯିବେ ଏବଂ ତୃତୀୟ ଦିବସରେ ପୁନର୍ବାର ଉଠିବେ । ସେହି ଦୁଇଜଣ ଯେଉଁ ସହରରେ ରହିବାକୁ ଯୋଜନା କରିଥିଲେ, ସେମାନେ ଯେତେବେଳେ ସେଠାକୁ ପହଞ୍ଚିଲେ, ସେତେବେଳେ ସନ୍ଧ୍ୟା ହୋଇସାରିଥିଲା ।

### ଭବିଷ୍ୟତବକ୍ତାମାନେ ଖ୍ରୀଷ୍ଟଙ୍କ ପ୍ରତି କଣ ଘଟିବ ବୋଲି କହିଥିଲେ ?

ଖ୍ରୀଷ୍ଟ ଦୁଃଖଭୋଗ କରିବେ ଏବଂ ବଧ କରାଯିବେ ଏବଂ ତୃତୀୟ ଦିବସରେ ପୁନର୍ବାର୍ ଉଠିବେ ।

---

## 42:04

ସେହି ଦୁଇଜଣ ସେମାନଙ୍କ ସହ ରହିବା ନିମନ୍ତେ ଯୀଶୁଙ୍କୁ ନିମନ୍ତ୍ରଣ କଲେ, ତେଣୁ ସେ ସେମାନଙ୍କ ସହିତ ଗଲେ ।ସେମାନେ ଯେତେବେଳେ ସନ୍ଧ୍ୟା ଭୋଜନ କରିବା ନିମନ୍ତେ ପ୍ରସ୍ତୁତ ହେଲେ, ଯୀଶୁ ଏକ ରୋଟୀ ଉଠାଇ ଈଶ୍ୱରଙ୍କୁ ଧନ୍ୟବାଦ ଦେଲେ ଓ ଏହାକୁ ଭାଙ୍ଗିଲେ ।ସାଙ୍ଗେ ସାଙ୍ଗେ ସେ ଯେ ଯୀଶୁ ବୋଲି ସେମାନେ ଚିହ୍ନିଲେ ।କିନ୍ତୁ ସେହି ସମୟରେ ସେ ସେମାନଙ୍କ ଦୃଷ୍ଟିରୁ ଅଦୃଶ୍ୟ ହୋଇଗଲେ ।

### ଯେତେବେଳେ ଦୁଇ ଶିଷ୍ୟମାନେ ଚିହ୍ନିପାରିଲେ ଯୀଶୁ କଣ କରୁଥିଲେ ?

ସେ ରୋଟୀର ଏକ ଖଣ୍ଡକୁ ନେଲେ ଏବଂ ପରମେଶ୍ୱରଙ୍କୁ ତାହା ନିମନ୍ତେ ଧନ୍ୟବାଦ ଦେଲେ.

---

## 42:05

ସେହି ଦୁଇଜଣ ପରସ୍ପର କୁହାକୁହି ହେଲେ “ସେ ଯୀଶୁ ଥିଲେ!ସେଥି ଯୋଗୁଁ ସେ ଆମ୍ଭମାନଙ୍କୁ ଈଶ୍ୱରଙ୍କ ବାକ୍ୟ ବୁଝାଉଥିବା ସମୟରେ ଆମ୍ଭମାନଙ୍କ ହୃଦୟ ପ୍ରଜ୍ୱଳିତ ହେଉଥିଲା !”ସାଙ୍ଗେ ସାଙ୍ଗେ ସେମାନେ ଯିରୁଶାଲମକୁ ଫେରି ଆସିଲେ ।ସେମାନେ ଯେତେବେଳେ ପହଞ୍ଚିଲେ, ସେମାନେ ଶିଷ୍ୟମାନଙ୍କୁ କହିଲେ “ଯୀଶୁ ଜୀବିତ ଅଛନ୍ତି!ଆମ୍ଭେମାନେ ତାହାଙ୍କୁ ଦେଖିଅଛୁ!”

### ଯୀଶୁ ସେମାନଙ୍କୁ ଛାଡି ଚାଲିଗଲା ପରେ ଦୁଇ ଶିଷ୍ୟମାନେ କଣ କଲେ ?

ସେମାନେ ଯିରୁଶାଲମକୁ ଫେରିଲେ ଏବଂ ଅନ୍ୟ ଶିଷ୍ୟମାନଙ୍କୁ କହିଲେ ଯେ ଯୀଶୁ ଜୀବିତ ଅଛନ୍ତି ଏବଂ ସେମାନେ ତାହାଙ୍କୁ ଦେଖିଛନ୍ତି .

---

## 42:06

ଶିଷ୍ୟମାନେ ଯେତେବେଳେ କଥାବାର୍ତ୍ତା କରୁଥିଲେ, ଯୀଶୁ ସେମାନେ ରହୁଥିବା କୋଠରୀରେ ସେମାନଙ୍କ ସମ୍ମୁଖରେ ଦୃଶ୍ୟମାନ ହେଲେ ଏବଂ କହିଲେ “ତୁମ୍ଭମାନଙ୍କ ପ୍ରତି ଶାନ୍ତି ହେଉ !”ଶିଷ୍ୟମାନେ ଭାବିଲେ ଯେ ସେ ଜଣେ ଭୂତ, କିନ୍ତୁ ଯୀଶୁ କହିଲେ ଯେ “ତୁମ୍ଭେମାନେ କାହିଁକି ଭୟଭୀତ ଓ ସନ୍ଦେହ କରୁଅଛ?ମୋ ହାତ ଏବଂ ପାଦକୁ ଦେଖ ।ମୋର ଯେପରି ଶରୀର ଅଛି ଭୂତମାନଙ୍କର ସେପରି ଶରୀର ନ ଥାଏ ।”ସେ ଯେ ଭୂତ ନୁହଁନ୍ତି ତାହା ପ୍ରମାଣ କରିବା ପାଇଁ, ସେ ଖାଇବା ନିମନ୍ତେ କିଛି ମାଗିଲେ ।ସେମାନେ ତାହାଙ୍କୁ ରନ୍ଧାଯାଇଥିବା ମାଛ ଦେଲେ, ଏବଂ ସେ ଏହାକୁ ଖାଇବେ ।

### ଯୀଶୁ ଶିଷ୍ୟମାନଙ୍କୁ ପ୍ରମାଣ କିପରି କଲେ ଯେ ସେ ଏକ ଭୂତ ନୁହନ୍ତି ?

ସେ ଏକ ରନ୍ଧାଯାଇଥିବା ମାଛ ନେଲେ, ଏବଂ ତାହାକୁ ଖାଇଲେ ।

---

## 42:07

ଯୀଶୁ କହିଲେ "ମୁଁ ତୁମ୍ଭମାନଙ୍କୁ କହିଥିଲି ଯେ ମୋ ବିଷୟରେ ଈଶ୍ୱରଙ୍କ ବାକ୍ୟରେ ଲେଖାଥିବା ସମସ୍ତ ବିଷୟ ନିହାତି ସଫଳ ହେବାକୁ ପଡିବ ।"ତା'ପରେ ସେ ସେମାନଙ୍କର ମନକୁ ଖୋଲିଦେଲେ ଯେପରିକି ସେମାନେ ଈଶ୍ୱରଙ୍କ ବାକ୍ୟ ବୁଝିପାରିବେ ।ସେ କହିଲେ "ପୂର୍ବରୁ ଲେଖାଯାଇଛି ଯେ ଖ୍ରୀଷ୍ଟ ଦୁଃଖଭୋଗ କରି ମୃତ୍ୟୁଭୋଗ କରିବେ ଏବଂ ତୃତୀୟ ଦିବସରେ ପୁନରୁତ୍‌ଥାନ ହେବେ ।"

### ପରମେଶ୍ୱରଙ୍କ ବାକ୍ୟ ବୁଝିବା ପାଇଁ ଶିଷ୍ୟମାନଙ୍କୁ କଣ ସମର୍ଥ କଲା ?

ଯୀଶୁ ସେମାନଙ୍କର ବୁଦ୍ଧି ରୁପ ଦ୍ୱାରକୁ ଖୋଲିଦେଲେ .

---

## 42:08

"ଶାସ୍ତ୍ରରେ ଆହୁରି ମଧ୍ୟ ଲେଖାଯାଇଥିଲା ଯେ ପ୍ରତ୍ୟେକେ ସେମାନଙ୍କ ପାପରୁ କ୍ଷମା ପାଇବା ନିମନ୍ତେ ଅନୁତାପ କରିବେ ଯାହାକି ଶିଷ୍ୟମାନେ ଘୋଷଣା କରିବେ ।ସେମାନେ ଏହା ଯିରୁଶାଲମରୁ ଆରମ୍ଭ କରି ସବୁ ସ୍ଥାନରେ ଥିବା ସମସ୍ତ ଲୋକ ଦଳମାନଙ୍କ ନିକଟକୁ ଯିବେ । ତୁମ୍ଭେମାନେ ଏହି ସମସ୍ତ ବିଷୟର ସାକ୍ଷୀ ଅଟ ।

### ଯୀଶୁଙ୍କ ଶିଷ୍ୟମାନଙ୍କୁ କେଉଁ ସମ୍ବାଦ ପ୍ରଚାର କରିବାର ଥିଲା ?

ସେମାନେ ଏହା ପ୍ରଚାର କରୁଥିଲେ ଯେ ପ୍ରତ୍ୟେକେ ପାପକ୍ଷମା ପାଇବା ନିମନ୍ତେ ଅନୁତାପ କରିବା ଉଚିତ୍

### କେଉଁ ସ୍ଥାନ ମାନଙ୍କରେ ଯୀଶୁଙ୍କ ଶିଷ୍ୟମାନଙ୍କୁ ଏହି ପ୍ରଚାର କରିବାର ଥିଲା ?

ସେମାନେ ପ୍ରଥମେ ଏହା ଯିରୁଶାଲମରେ ପ୍ରଚାର କରିବେ, ଏବଂ ସବୁ ସ୍ଥାନରେ ଥିବା ସମସ୍ତ ଲୋକଦଳମାନଙ୍କ ନିକଟକୁ ଯିବେ ।

---

## 42:09

ପରବର୍ତ୍ତୀ ଚାଳିଶ ଦିନ ଧରି, ଯୀଶୁ ଅନେକ ଥର ତାହାଙ୍କ ଶିଷ୍ୟମାନଙ୍କୁ ଦେଖାଦେଲେ ।ଥରେ, ସେ ଏକା ଥରକେ ୫୦୦ ରୁ ଅଧିକ ଲୋକଙ୍କୁ ଦେଖାଦେଲେ!ସେ ଯେ ଜୀବିତ ଅଛନ୍ତି ଏ ବିଷୟରେ ସେ ଅନେକ ଥର ତାହାଙ୍କ ଶିଷ୍ୟମାନଙ୍କ ନିକଟରେ ପ୍ରମାଣିତ କଲେ, ଏବଂ ସେ ଈଶ୍ୱରଙ୍କ ରାଜ୍ୟ ବିଷୟରେ ଶିକ୍ଷା ଦେଲେ ।

### କେତେ ଦୀର୍ଘ ଦିନ ଧରି ଯୀଶୁ ତାଙ୍କ ଶିଷ୍ୟ ମାନଙ୍କୁ ଦେଖା ଦେଉଥିଲେ ?

ସେ ସେମାନଙ୍କୁ ୪୦ ଦିନ ଦେଖାଦେଲେ

### କେତେ ବୃହତ୍ ଶିଷ୍ୟମାନଙ୍କ ଦଳ ଥିଲା ଯେଉଁମାନେ ସେହି ସମୟରେ ଯୀଶୁଙ୍କୁ ଦେଖିଥିଲେ ?

ସେ ଏକା ଥରକେ ୫୦୦ ରୁ ଅଧିକ ଶିଷ୍ୟମାନଙ୍କୁ ଦେଖା ଦେଇଥିଲେ!

---

## 42:10

ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ କହିଲେ "ସ୍ୱର୍ଗ ଓ ପୃଥିବୀର ସମସ୍ତ ଅଧିକାର ମୋତେ ପ୍ରଦତ୍ତ ହୋଇଅଛି ।ଅତଏବ ଯାଅ, ସମସ୍ତ ଲୋକ ଦଳ ନିକଟକୁ ଯାଇ ପିତା, ପୁତ୍ର ଏବଂ ପବିତ୍ରଆତ୍ମାଙ୍କ ନାମରେ ସେମାନଙ୍କୁ ବାପ୍ତିସ୍ମ ଦେଇ ଏବଂ ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଦେଶ ଦେଇଅଛି ସେହି ସବୁ ପାଳନ କରିବାକୁ ଶିକ୍ଷା ଦେଇ ଶିଷ୍ୟ କର ।ସ୍ମରଣରେ ରଖ, ମୁଁ ସର୍ବଦା ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି ।"

### ଯୀଶୁ ତାଙ୍କ ଶିଷ୍ୟମାନଙ୍କୁ ଯାଇ କଣ କରିବାକୁ ଆଜ୍ଞା ଦେଲେ ?

ସେ ସେମାନଙ୍କୁ କହିଲେ, ସମସ୍ତ ଲୋକ ଦଳ ନିକଟକୁ ଯାଇ ପିତା, ପୁତ୍ର ଏବଂ ପବିତ୍ରଆତ୍ମାଙ୍କ ନାମରେ ସେମାନଙ୍କୁ ବାପ୍ତିସ୍ମ ଦେଇ ଏବଂ ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଦେଶ ଦେଇଅଛି ସେହି ସବୁ ପାଳନ କରିବାକୁ ଶିକ୍ଷା ଦେଇ ଶିଷ୍ୟ କର ।

---

## 42:11

ଯୀଶୁଙ୍କ ମୃତ୍ୟୁରୁ ଉଠିବାର ଚାଳିଶ ଦିନ ପରେ, ସେ ତାହାଙ୍କ ଶିଷ୍ୟମାନଙ୍କୁ କହିଲେ "ପବିତ୍ରଆତ୍ମା ତୁମ୍ଭମାନଙ୍କ ଉପରେ ଅବତରଣ କରିବା ସମୟରେ ମୋ ପିତା ତୁମ୍ଭମାନଙ୍କୁ ଯେଉଁପର୍ଯ୍ୟନ୍ତ ଶକ୍ତି ନ ଦିଅନ୍ତି ସେ ପର୍ଯ୍ୟନ୍ତ ଯିରୁଶାଲମରେ ରହିଥାଅ ।"ତା'ପରେ ଯୀଶୁ ସ୍ୱର୍ଗକୁ ଗଲେ, ଏବଂ ଏକ ମେଘ ସେମାନଙ୍କ ଦୃଷ୍ଟିରୁ ଯୀଶୁଙ୍କୁ ଲୁଚାଇ ଦେଲା ।ଯୀଶୁ ସମସ୍ତ ବିଷୟ ଉପରେ କର୍ତ୍ତୃକ କରିବା ନିମନ୍ତେ ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ବସିଲେ ।

### କାହିଁକି ଯୀଶୁ ଶିଷ୍ୟମାନଙ୍କୁ ଯିରୁଶାଲମରେ ଅପେକ୍ଷା କରିବାକୁ କହିଥିଲେ ?

ପିତା ସେମାନଙ୍କୁ ଶକ୍ତି ନ ଦେବାଯାଏ ଯେତେବେଳେ ପବିତ୍ର ଆତ୍ମା ସେମାନଙ୍କ ଉପରକୁ ଅବତରଣ କରିବେ, ସେପର୍ଯ୍ୟନ୍ତ ସେମାନଙ୍କୁ ଅପେକ୍ଷା କରିବାକୁ ପଡିବ .

### ଯୀଶୁଙ୍କ ପୂନରୁତ୍ଥାନର ଚାଳିଶ୍ ଦିନ ପରେ ସେ କେଉଁଠାକୁ ଗଲେ ?

ସେ ସ୍ୱର୍ଗକୁ ଗଲେ .

### ଯୀଶୁ ବର୍ତ୍ତମାନ କ'ଣ କରୁଅଛନ୍ତି ?

ସେ ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ବସିଛନ୍ତି ଏବଂ ସମସ୍ତ ଉପରେ ଶାସନ କରୁଛନ୍ତି ।

# ମଣ୍ଡଳୀର ଆରମ୍ଭ

## 43:01

ଯୀଶୁ ସ୍ୱର୍ଗକୁ ପ୍ରତ୍ୟାବର୍ତ୍ତନ କଲା ପରେ, ଯୀଶୁ ଯେପରି ଆଦେଶ ଦେଇଥିଲେ ସେହି ଅନୁସାରେ ଶିଷ୍ୟମାନେ ଯିରୁଶାଲମରେ ରହିଲେ । ବିଶ୍ୱାସୀମାନେ ସେଠାରେ ପ୍ରାର୍ଥନା କରିବା ନିମନ୍ତେ ନିରନ୍ତର ଏକାଠି ହୋଇ ରହିଲେ ।

### ଶିଷ୍ୟମାନେ କଣ କରୁଥିଲେ ଯେତେବେଳେ ସେମାନେ ଯିରୁଶାଲମରେ ଅପେକ୍ଷା କରୁଥିଲେ ?

ସେମାନେ ଏକତ୍ର ହୋଇ ନିରନ୍ତର ପ୍ରାର୍ଥନା କରୁଥିଲେ .

---

## 43:02

ନିସ୍ତାରପର୍ବର ୫୦ ଦିନ ପରେ ପ୍ରତି ବର୍ଷ ଯିହୂଦୀମାନେ ପେଣ୍ଟିକଷ୍ଟ ନାମକ ଏକ ଗୁରୁତ୍ୱପୂର୍ଣ୍ଣ ଦିବସ ପାଳନ କରୁଥିଲେ ।ପେଣ୍ଟିକଷ୍ଟ ହେଉଛି ସେହି ସମୟ ଯେତେବେଳେ କି ଯିହୂଦୀମାନେ ଶଷ୍ୟ ଅମଳହେବାର ପାଳନ କରନ୍ତି ।ପେଣ୍ଟିକଷ୍ଟ ଏକାଠି ପାଳନ କରିବା ପାଇଁ ସମଗ୍ର ଜଗତରୁ ଯିହୂଦୀମାନେ ଯିରୁଶାଲମକୁ ଆସିଲେ ।ଏହି ବର୍ଷ, ଯୀଶୁ ସ୍ୱର୍ଗକୁ ଯାଇ ପ୍ରାୟ ଏକ ସପ୍ତାହ ପରେ ପେଣ୍ଟିକଷ୍ଟ ଦିନ ଆସିଲା ।

### ଯିହୁଦୀମାନେ କେବେ ପେନ୍ତିକୋଷ୍ଟ ଦିନ ପାଳନ କରନ୍ତି ?

ନିସ୍ତାରପର୍ବର ୫୦ ଦିନ ପରେ ପ୍ରତି ବର୍ଷ ଯିହୂଦୀମାନେ ପେଣ୍ଟିକଷ୍ଟ ଦିବସ ପାଳନ କରୁଥିଲେ ।

### ଯୀଶୁ ମୃତ୍ୟୁରୁ ଉଠିଲା ପରେ, ପେଣ୍ଟିକୋଷ୍ଟ ସମୟରେ ବିଶ୍ୱାସୀମାନେ କ'ଣ କରୁଥିଲେ ?

ସେହିସ୍ଥାନରେ ଏକ ଉଚ୍ଚ ଶବ୍ଦରେ ପ୍ରଚଣ୍ଡ ପବନ ବହିଲା, ସେମାନଙ୍କ ଉପରେ ଅଗ୍ନିସ୍ୱରୁପ ଏକ ଜିହ୍ୱା ଅଧିଷ୍ଠିତ ହେଲା ଏବଂ ସମସ୍ତେ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ହେଲେ ଏବଂ ଅନ୍ୟାନ୍ୟ ଭାଷାରେ କଥା କହିବାକୁ ଲାଗିଲେ ।

---

## 43:03

ବିଶ୍ୱାସୀମାନେ ଯେତେବେଳେ ଏକାଠି ଥିଲେ, ଯେଉଁ ଗୃହରେ ସେମାନେ ଥିଲେ ପ୍ରଚଣ୍ଡ ପବନର ଶବ୍ଦ ପରି ଏକ ଶବ୍ଦରେ ସେହି ସ୍ଥାନ ପୂର୍ଣ ହେଲା ।ତା'ପରେ ଅଗ୍ନି ସଦୃଶ ଜିହ୍ୱାଗୁଡିକ ସମସ୍ତ ବିଶ୍ୱାସୀଙ୍କ ମସ୍ତକ ଉପରେ ଦେଖାଦେଲା ।ସେ ସମସ୍ତେ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ହେଲେ ଏବଂ ଅନ୍ୟାନ୍ୟ ଭାଷାରେ କଥା କହିବାକୁ ଲାଗିଲେ।

---

## 43:04

ଯେତେବେଳେ ଯିରୁଶାଲମରେ ଥିବା ଲୋକେ ଏହି ଶବ୍ଦ ଶୁଣିଲେ, କ'ଣ ଘଟିଲା ତାହା ଦେଖିବାକୁ ଜନ ସମାଗମ ହେଲା ।ଈଶ୍ୱରଙ୍କର ଆଶ୍ଚର୍ଯ୍ୟ କାର୍ଯ୍ୟକୁ ବିଶ୍ୱାସୀମାନେ ଘୋଷଣା କରୁଥିବାର ଲୋକମାନେ ଯେତେବେଳେ ଶୁଣିଲେ, ସେମାନେ ଆଶ୍ଚର୍ଯ୍ୟାନ୍ୱିତ ହେଲେ କାରଣ ସେମାନେ ସେଗୁଡିକୁ ଆପଣା ନିଜ ଭାଷାରେ କହୁଥିବାର ଶୁଣିଲେ ।

### ଜନଗହଳି କାହିଁକି ଆଶ୍ଚର୍ଯ୍ୟାନ୍ୱିତ ହେଲେ ?

ସେମାନେ ଯେଉଁମାନେ ଜନଗହଳିରେ ଥିଲେ ଶୁଣିବାକୁ ପାଇଲେ ଯେ ଶିଷ୍ୟମାନେ ସେମାନଙ୍କ ନିଜ ନିଜ ଭାଷାରେ କଥା ହେଉଥିଲେ .

---

## 43:05

କିଛି ଲୋକ ଶିଷ୍ୟମାନେ ମାତାଲ ହୋଇଥିବାର ଅଭିଯୋଗ କଲେ ।କିନ୍ତୁ ପିତର ଠିଆ ହୋଇ ସେମାନଙ୍କୁ କହିଲେ "ମୋ କଥା ଶୁଣନ୍ତୁ!ଏହି ସମସ୍ତ ଲୋକେ ମାତାଲା ହୋଇ ନାହାନ୍ତି !ଏହା ଯୋୟେଲ ଭାବବାଦୀ କରିଥିବା ଭାବବାଣୀ ସଫଳହେଲା, ଯେଉଁଠି ଈଶ୍ୱର କହିଥିଲେ "ଶେଷକାଳରେ, ଆମ୍ଭେ ଆପଣା ଆତ୍ମା ଢାଳିବୁ ।"

### କେଉଁ କାରଣରୁ ଶିଷ୍ୟମାନେ ଏପରି କଥା ହେଉଅଛନ୍ତି ବୋଲି ଲୋକମାନେ ଚିନ୍ତା କରିବାକୁ ଲାଗିଲେ ?

କିଛି ଲୋକ ଶିଷ୍ୟମାନେ ମାତାଲ ହୋଇଛନ୍ତି ବୋଲି ଅଭିଯୋଗ କଲେ ।

### ସେମାନେ ଏହି ଭାଷାଗୁଡିକ କହିବାର କାରଣ କଣ ଅଟେ ବୋଲି ପିତର କହିଲେ ?

ପିତର କହିଲେ ପରମେଶ୍ୱର ତାଙ୍କ ଉପରେ ଆତ୍ମା ଢ଼ାଳୁଅଛନ୍ତି .

---

## 43:06

"ହେ ଇସ୍ରାୟେଲୀୟ ଲୋକମାନେ, ଯୀଶୁ ଜଣେ ବ୍ୟକ୍ତି ଥିଲେ ଯିଏ ଈଶ୍ୱରଙ୍କ ଶକ୍ତିଦ୍ୱାରା ଅନେକ ମହତ୍ ଓ ଆଶ୍ଚର୍ଯ୍ୟକର୍ମ ସବୁ କଲେ, ଯାହା ଆପଣମାନେ ଦେଖିଅଛନ୍ତି ଓ ଜାଣିଅଛନ୍ତି ।କିନ୍ତୁ ଆପଣମାନେ ତାହାଙ୍କୁ କ୍ରୁଶବିଦ୍ଧ କଲେ !"

### ଯୀଶୁଙ୍କୁ କ୍ରୁଶବିଦ୍ଧ କରିବାର ଦୋଷୀ କିଏ ଅଟନ୍ତି ବୋଲି ପିତର କହିଲେ ?

ଜନଗହଳିରେ ମଧ୍ୟରେ ଥିବା ଇଶ୍ରାଏଲୀୟ ଲୋକମାନେ

---

## 43:07

“ଯଦିଓ ଯୀଶୁ ମୃତ୍ୟୁବରଣ କଲେ, ତଥାପି ଈଶ୍ୱର ତାହାଙ୍କୁ ମୃତ୍ୟୁରୁ ଉଠାଇଲେ ।ଏହା ଏହି ଭାବବାଣୀ ସଫଳ କରେ, ଯାହା କୁହେ ‘ତୁମ୍ଭେ ତୁମ୍ଭର ପବିତ୍ର ଜନଙ୍କୁ ସମାଧିରେ କ୍ଷୟ ପାଇବାକୁ ଦେବନାହିଁ ।‘ଈଶ୍ୱର ଯେ ଯୀଶୁଙ୍କୁ ପୁନର୍ବାର ଜୀବନ ଦାନ କରିଅଛନ୍ତି, ଆମ୍ଭେମାନେ ସାକ୍ଷୀ ଅଟୁ ।‘

### କିପରି ପିତର କହୁଥିଲେ ଯୀଶୁ ପୁନର୍ବାର ଜୀବିତ ହୋଇଛନ୍ତି ?

ପରମେଶ୍ୱର ତାହାଙ୍କୁ ମୃତ୍ୟୁରୁ ଉଠାଇଲେ ।

---

## 43:08

“ବର୍ତ୍ତମାନ ଯୀଶୁ ପିତାଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବେଶନ କରିଅଛନ୍ତି।ଏବଂ ଯୀଶୁ ଯେଉଁ ପ୍ରକାରେ ପବିତ୍ରଆତ୍ମାଙ୍କୁ ପ୍ରେରଣ କରିବେ ବୋଲି କହିଥିଲେ, ଠିକ୍ ସେହି ଭାବରେ ପବିତ୍ରଆତ୍ମାଙ୍କୁ ପ୍ରେରଣ କଲେ ।ବର୍ତ୍ତମାନ ଆପଣମାନେ ଯେଉଁ ବିଷୟ ଦେଖୁଅଛନ୍ତି ଓ ଶୁଣୁଅଛନ୍ତି ସେହି ସମସ୍ତ ପବିତ୍ରଆତ୍ମା ଘଟାଇଅଛନ୍ତି ।”

### କେଉଁ କାରଣରୁ ଶିଷ୍ୟମାନେ ଅନ୍ୟ ଭାଷାରେ କଥା ହେବାକୁ ସମର୍ଥ ଥିଲେ ?

ପବିତ୍ରା ଆତ୍ମା ଦ୍ୱାରା ଶିଷ୍ୟମାନେ ଅନ୍ୟାନ୍ୟ ଭାଷାରେ କଥା ହେଉଥିଲେ

---

## 43:09

“ଏହି ଯୀଶୁଙ୍କୁ ଆପଣମାନେ କ୍ରୁଶବିଦ୍ଧ କରିଅଛନ୍ତି ।କିନ୍ତୁ ନିଶ୍ଚିତ ଜାଣନ୍ତୁ ଯେ ଈଶ୍ୱର ଯୀଶୁଙ୍କୁ ଉଭୟ ପ୍ରଭୁ ଓ ଖ୍ରୀଷ୍ଟ କରିଛନ୍ତି!”

### ଯୀଶୁଙ୍କୁ କ୍ରୁଶବିଦ୍ଧ କରିବାର ଦୋଷୀ କିଏ ଅଟନ୍ତି ବୋଲି ପିତର କହିଲେ ?

ଜନଗହଳିରେ ମଧ୍ୟରେ ଥିବା ଇଶ୍ରାଏଲୀୟ ଲୋକମାନେ

### ପରମେଶ୍ୱର ଯୀଶୁଙ୍କୁ ହେବା ବିଷୟରେ ପିତର କେଉଁ ଦୁଇଗୋଟି ବିଷୟ କହିଲେ ?

ପ୍ରଭୁ ଓ ଖ୍ରୀଷ୍ଟ.

---

## 43:10

ଲୋକମାନେ ପିତରଙ୍କ କଥା ଶୁଣିଲେ ଏବଂ ସେ କହିଥିବା କଥା ଯୋଗୁଁ ଗଭୀର ଭାବରେ ସଞ୍ଚାଳିତ ହେଲେ ।ତେଣୁ ସେମାନେ ପିତର ଓ ଅନ୍ୟ ଶିଷ୍ୟମାନଙ୍କୁ ପଚାରିଲେ "ଭାଇମାନେ, ଆମ୍ଭେମାନେ କ'ଣ କରିବା?"

### ଲୋକମାନେ ପିତରଙ୍କ ସମ୍ବାଦକୁ କିପରି ଭାବରେ ପ୍ରତିଉତ୍ତର ଦେଲେ ?

ସେମାନେ ଗମ୍ଭୀର ହୋଇ ପଚାରିଲେ ,"ଭାଇମାନେ, ଆମେ କ'ଣ କରିବା ଉଚିତ୍ ?"

---

## 43:11

ପିତର ସେମାନଙ୍କୁ ଉତ୍ତର ଦେଲେ "ଆପଣମାନେ ପ୍ରତ୍ୟେକେ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ ଯେପରିକି ଇଶ୍ୱର ଆପଣମାନଙ୍କର ପାପକ୍ଷମା କରିବେ ।ତା'ପରେ ସେ ପବିତ୍ରଆତ୍ମାଙ୍କ ଦାନ ଦେବେ ।"

### ପିତର ଲୋକମାନଙ୍କୁ କଣ କରିବାକୁ କହିଲେ ?

ପିତର ସେମାନଙ୍କୁ ଅନୁତାପ କରିବା ପାଇଁ ଏବଂ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେବାପାଇଁ କହିଲେ, ଯେପରିକି ଇଶ୍ୱର ସେମାନଙ୍କର ପାପକ୍ଷମା କରିବେ ।

---

## 43:12

ପ୍ରାୟ ୩୦୦୦ ଲୋକମାନେ, ପିତର କହିଥିବା କଥା ବିଶ୍ୱାସ କରି ଯୀଶୁଙ୍କର ଶିଷ୍ୟ ହେଲେ ।ସେମାନେ ବିଶ୍ୱାସ କରି ଯିରୁଶାଲମରେ ଥିବା ମଣ୍ଡଳୀର ଏକ ଅଂଶ ହେଲେ ।

### କେତେ ଲୋକମାନେ ସେହି ଦିନ ବିଶ୍ୱାସ କଲେ ଏବଂ ବାପ୍ତିସ୍ମ ନେଲେ ?

ପ୍ରାୟ ୩୦୦୦

---

## 43:13

ଶିଷ୍ୟମାନେ ନିରନ୍ତର ଭାବରେ ପ୍ରଥମ ଶିଷ୍ୟମାନଙ୍କ ଶିକ୍ଷା ଶୁଣିବାକୁ ଲାଗିଲେ, ଏକାଠି ସମୟ କଟାଇଲେ, ଏକାଠି ଭୋଜନ କଲେ, ଏବଂ ଏକାଠି ପ୍ରାର୍ଥନା କଲେ ।ସେମାନେ ଏକାଠି ଈଶ୍ୱରଙ୍କର ପ୍ରଶଂସା କରିବାରେ ଆନନ୍ଦ କଲେ ଏବଂ ସେମାନଙ୍କର ଯାହା ଯାହା ଥିଲା ତାହା ନିଜ ନିଜ ମଧ୍ୟରେ ବାଣ୍ଟିବାକୁ ଲାଗିଲେ ।ପ୍ରତ୍ୟେକେ ସମସ୍ତଙ୍କର ମଙ୍ଗଳ କାମନା କରୁଥିଲେ ।ପ୍ରତିଦିନ ଅଧିକରୁ ଅଧିକ ଲୋକମାନେ ବିଶ୍ୱାସୀ ହେଉଥିଲେ ।

### ଲୋକମାନେ କିପରି ଭାବରେ ସେମାନଙ୍କ ସମୟ ଅତିବାହିତ କରୁଥିଲେ ?

ଲୋକମାନେ ଶିଷ୍ୟମାନଙ୍କ ଶିକ୍ଷା ଶୁଣୁଥିଲେ ,ଏକାଠି ସମୟ କଟାଇଲେ, ଏକାଠି ଭୋଜନ କଲେ, ଏବଂ ଏକାଠି ପ୍ରାର୍ଥନା କଲେ, ଏକାଠି ପରମେଶ୍ୱରଙ୍କ ପ୍ରଶଂସା ଏବଂ ସମସ୍ତ ବିଷୟ ପରସ୍ପର ବାଣ୍ଟୁଥିଲେ ।

# ପିତର ଓ ଯୋହନ ଏକ ଭିକ୍ଷୁକକୁ ସୁସ୍ଥ କରନ୍ତି

## 44:01

ଦିନେ, ପିତର ଓ ଯୋହନ ମନ୍ଦିରକୁ ଯାଉଥିଲେ ।ସେମାନେ ଯେତେବେଳେ ମନ୍ଦିର ଦ୍ଵାରରେ ଉପସ୍ଥିତ ହେଲେ, ସେମାନେ ଏକ ଖଞ୍ଜକୁ ମାଗୁଥିବାର ଦେଖିଲେ ।

### ପିତର ଏବଂ ଯୋହନ କଣ ଦେବେ ବୋଲି ଖଞ୍ଜ ବ୍ୟକ୍ତି ଆଶା କରୁଥଲେ ?

ଟଙ୍କା.

---

## 44:02

ପିତର ପଙ୍ଗୁ ବ୍ୟକ୍ତି ପ୍ରତି ଦୃଷ୍ଟି କରି କହିଲେ "ଦେବା ନିମନ୍ତେ ମୋ ଠାରେ ଅର୍ଥ ନାହିଁ ।କିନ୍ତୁ ମୋହର ଯାହା ଅଛି ତାହା ମୁଁ ତୁମ୍ଭକୁ ଦେଉଅଛି ।ନାଜରିତୀୟ ଯୀଶୁଙ୍କ ନାମରେ ଉଠି ଚାଲ!"

### ପରିବର୍ତ୍ତେ, ପିତର ସେହି ଖଞ୍ଜ ବ୍ୟକ୍ତିକୁ କଣ ଦେଲେ ?

ନାଜରିତୀୟ ଯୀଶୁଙ୍କ ନାମରେ ପିତର ସୁସ୍ଥ କଲେ

---

## 44:03

ସାଙ୍ଗେ ସାଙ୍ଗେ, ଈଶ୍ଵର ସେହି ପଙ୍ଗୁ ଲୋକକୁ ସୁସ୍ଥ କଲେ, ଏବଂ ସେ ଚାରିପାଖରେ କୁଦା ମାରି ଚାଲିବାକୁ ଲାଗିଲା ।ମନ୍ଦିର ପ୍ରାଙ୍ଗଣରେ ଥିବା ଲୋକମାନେ ଆଶ୍ଚର୍ଯ୍ୟାନ୍ଵିତ ହେଲେ ।

---

## 44:04

ଯେଉଁ ଲୋକଟି ସୁସ୍ଥ ହୋଇଥିଲା ତାହାକୁ ଦେଖିବା ନିମନ୍ତେ ଲୋକ ଗହଳି ଆସିଲେ ।ପିତର ସେମାନଙ୍କୁ କହିଲେ "ଏହି ଲୋକ ସୁସ୍ଥ ହେବାରୁ ତୁମ୍ଭେମାନେ କାହିଁକି ଏତେ ଆଶ୍ଚର୍ଯ୍ୟାନ୍ଵିତ ହେଉଅଛ?ଆମ୍ଭମାନଙ୍କ ଶକ୍ତି ବା ଉତ୍ତମତା ଦ୍ଵାରା ଆମ୍ଭେମାନେ ସେହି ଲୋକକୁ ସୁସ୍ଥ କରିନାହୁଁ ।ବରଂ, ଏହା ଯୀଶୁଙ୍କ ଶକ୍ତି ଓ ଯୀଶୁ ପ୍ରଦାନ କରିଥିବା ବିଶ୍ଵାସ ଯାହା ସେହି ବ୍ୟକ୍ତିକୁ ସୁସ୍ଥ କଲା ।"

### ପରିବର୍ତ୍ତେ, ପିତର ସେହି ଖଞ୍ଜ ବ୍ୟକ୍ତିକୁ କଣ ଦେଲେ ?

ଶକ୍ତି ଏବଂ ବିଶ୍ୱାସ ଯାହା ଯୀଶୁ ଦିଅନ୍ତି ।"

---

## 44:05

"ଆପଣମାନେ ହିଁ ଯୀଶୁଙ୍କୁ ବଧ କରିବା ନିମନ୍ତେ ରୋମୀୟ ଶାସକଙ୍କୁ କହିଥିଲେ ।ଆପଣମାନେ ଜୀବନର କର୍ତ୍ତାଙ୍କୁ ହତ୍ୟା କଲେ, କିନ୍ତୁ ଈଶ୍ୱର ତାହାଙ୍କୁ ମୃତରୁ ଉଠାଇଅଛନ୍ତି ।ଆପଣମାନେ ଯାହା ଯାହା କରୁଅଛନ୍ତି ତାହା ଯଦିଓ ବୁଝିପାରିନଥିଲେ, ତଥାପି ଖ୍ରୀଷ୍ଟ ଯେ ଦୁଃଖଭୋଗ କରି ମୃତ୍ୟୁବରଣ କରିବେ ଏହି ଭାବବାଣୀଗୁଡିକ ସଫଳ କରିବା ନିମନ୍ତେ ଈଶ୍ୱର ଆପଣମାନଙ୍କର କାର୍ଯ୍ୟକୁ ବ୍ୟବହାର କଲେ । ତେଣୁ, ବର୍ତ୍ତମାନ, ଅନୁତାପ କର ଏବଂ ଈଶ୍ୱରଙ୍କ ନିକଟକୁ ଫେରନ୍ତୁ ଯେପରିକି ଆପଣମାନଙ୍କର ପାପ ସୂଚୀ କରାଯାଇପାରିବ ।"

### ଯୀଶୁଙ୍କୁ କିଏ ବଧ କଲେ ବୋଲି ପିତର କହିଲେ ?

ସେ କହିଲେ ଜନଗହଳିରେ ଥିବା ଲୋକମାନେ ଯୀଶୁଙ୍କୁ କ୍ରୁଶ ବିଦ୍ଧ କରିବା ପାଇଁ ରୋମିୟ ଶାସକଙ୍କୁ ପଚାରିଲେ

### କେଉଁ ଭାବବାଣୀ ଗୁଡିକ ଲୋକମାନେ ସମ୍ପୂର୍ଣ କଲେ ଯେତେବେଳେ ସେମାନେ ଯୀଶୁଙ୍କୁ ହତ୍ୟା କଲେ ?

ସେହି ଭାବବାଣୀ ଗୁଡିକ ଯାହା ଖ୍ରୀଷ୍ଟ ଦୁଃଖ ଭୋଗ କରିବେ ଏବଂ ମରିବେ ।

### ପିତର ଲୋକମାନଙ୍କୁ କଣ କରିବା ଉଚିତ୍ ବୋଲି କହିଲେ ?

ସେମାନେ ଅନୁତାପ କରିବା ଉଚିତ୍ ଏବଂ ପରମେଶ୍ୱରଙ୍କ ଆଡକୁ ଫେରିବା ଉଚିତ୍, ଯେପରିକି ସେମାନଙ୍କ ପାପ ଧୋଇ ଦିଆଯିବ

---

## 44:06

ପିତର ଓ ଯୋହନ ଯାହା କହୁଥିଲେ ତାହା ଶୁଣି ମନ୍ଦିରର ନେତାମାନେ ବିଚଳିତ ହୋଇଯାଇଥିଲେ ।ତେଣୁ ସେମାନେ ସେମାନଙ୍କୁ ଗିରଫ କରି କାରାଗାରରେ ରଖିଲେ ।କିନ୍ତୁ ଅନେକ ଲୋକ ପିତରଙ୍କ ସମ୍ବାଦକୁ ବିଶ୍ୱାସ କଲେ, ଏବଂ ଯୀଶୁଙ୍କୁ ବିଶ୍ୱାସ କରିଥିବା ଲୋକମାନଙ୍କର ସଂଖ୍ୟା ୫୦୦୦ ରେ ପହଞ୍ଚିଥିଲା ।

### ପିତରଙ୍କ ସମ୍ବାଦ ଫଳସ୍ୱରୁପେ କେତେ ଲୋକମାନେ ଯୀଶୁଙ୍କୁ ବିଶ୍ୱାସ କଲେ ?

ପ୍ରାୟ ୫୦୦୦

---

## 44:07

ପରଦିନ ଯିହୂଦୀ ନେତାମାନେ ପିତର ଓ ଯୋହନଙ୍କୁ ମହାଯାଜକ ଓ ଅନ୍ୟ ଧର୍ମଗୁରୁଙ୍କ ନିକଟକୁ ଆଣିଲେ ।ସେମାନେ ପିତର ଓ ଯୋହନଙ୍କୁ ପଚାରିଲେ “କେଉଁ ଶକ୍ତିରେ ତୁମ୍ଭେମାନେ ଏହି ଖଞ୍ଜ ବ୍ୟକ୍ତିକୁ ସୁସ୍ଥ କଲ?”

---

## 44:08

ପିତର ସେମାନଙ୍କୁ ଉତ୍ତର ଦେଲେ “ଏହି ବ୍ୟକ୍ତି ଯୀଶୁ ଖ୍ରୀଷ୍ଟଙ୍କ ଶକ୍ତି ଦ୍ୱାରା ସୁସ୍ଥ ହୋଇ ଠିଆ ହୋଇଅଛି ।ଆପଣମାନେ ଯୀଶୁଙ୍କୁ କ୍ରୁଶବିଦ୍ଧ କଲା, କିନ୍ତୁ ଈଶ୍ୱର ତାହାଙ୍କୁ ପୁନର୍ବାର ଜୀବିତ କରିଅଛନ୍ତି!ଆପଣମାନେ ତାହାଙ୍କୁ ଅଗ୍ରାହ୍ୟ କରିଅଛନ୍ତି, କିନ୍ତୁ ଉଦ୍ଧାରପ୍ରାପ୍ତ ହେବା ନିମନ୍ତେ ଯୀଶୁଙ୍କ ଶକ୍ତି ଛଡା ଆଉ କୌଣସି ଉପାୟ ନାହିଁ ।

### ଉଦ୍ଧାରପ୍ରାପ୍ତ ହେବା ନିମନ୍ତେ ଏକମାତ୍ର ପଥ କ’ଣ ?

କେବଳ ଯୀଶୁଙ୍କ ଶକ୍ତି ଦ୍ୱାରା ଉଦ୍ଧାର ପାଇପାରିବ

---

## 44:09

ପିତର ଓ ଯୋହନ ଏତେ ସାହସରେ କଥା କହୁଥିବା ଦେଖି ନେତାମାନେ ଆଶ୍ଚର୍ଯ୍ୟ ହେଲେ କାରଣ ସେମାନେ ଦେଖିଲେ ଯେ ଏମାନେ ସାଧାରଣ ଲୋକମାନେ ଯେଉଁମାନେ ଅଶିକ୍ଷିତ ଥିଲେ ।କିନ୍ତୁ ପରେ ସେମାନେ ସ୍ମରଣ କଲେ ଯେ ଏମାନେ ଯୀଶୁଙ୍କ ସହିତ ଥିଲେ ।ସେମାନେ ପିତର ଓ ଯୋହନଙ୍କୁ ଧମକାଇଲା ପରେ ଛାଡିଦେଇଥିଲେ ।

### ପିତର ଓ ଯୋହନଙ୍କ ପ୍ରଚାରରେ ଯିହୁଦୀ ନେତାମାନେ କାହିଁକି ଆଶ୍ଚର୍ଯ୍ୟ ହେଲେ ?

ପିତର ଓ ଯୋହନ ସାଧାରଣ, ଅଶିକ୍ଷିତ ବ୍ୟକ୍ତିମାନେ ଥିଲେ

### ପରିଶେଷରେ ଯିହୂଦୀ ନେତାମାନେ ପିତର ଓ ଯୋହନ ସହିତ କଣ କରିବା ପାଇଁ ନିଷ୍ପତ୍ତି ନେଲେ ?

ସେମାନେ ସେମାନଙ୍କୁ ଧମକାଇଲେ ଏବଂ ସେମାନଙ୍କୁ ଯିବାକୁ ଦେଲେ

# ସ୍ତିଫାନ ଏବଂ ଫିଲିପ୍ପ

## 45:01

ଆଦ୍ୟ ମଣ୍ଡଳୀର ନେତୃ ମାନଙ୍କ ମଧ୍ଯରୁ ସ୍ତିଫାନ ନାମକ ଜଣେ ବ୍ୟକ୍ତି ଥିଲେ ।ସେ ସୁଖ୍ୟାତି ଥିଲେ ଏବଂ ସେ ସମ୍ପୂର୍ଣ୍ଣ ପବିତ୍ରଆତ୍ମା ଓ ବୁଦ୍ଧିରେ ପୂର୍ଣ୍ଣ ହୋଇଥିଲେ ସ୍ତିଫାନ ଅନେକ ଆଶ୍ଚର୍ଯ୍ୟ କର୍ମ କଲେ ଏବଂ ପ୍ରଭାବଶାଳୀ ଭାବେ ବିଚାର କଲେ ଯେପରି ଲୋକମାନେ ଯୀଶୁଙ୍କଠାରେ ବିଶ୍ଵାସ କରିବେ ।

### ସ୍ତିଫାନ କେଉଁ ପ୍ରକାରର ଏକ ବ୍ୟକ୍ତି ଥିଲା ?

ସେ ସୁଖ୍ୟାତି ଥିଲେ ଏବଂ ସେ ସମ୍ପୂର୍ଣ୍ଣ ପବିତ୍ରଆତ୍ମା ଓ ବୁଦ୍ଧିରେ ପୂର୍ଣ୍ଣ ହୋଇଥିଲେ

---

## 45:02

ଦିନେ, ଯେତେବେଳେ ସ୍ତିଫାନ ଯୀଶୁଙ୍କ ବିଷୟରେ ଶିକ୍ଷା ଦେଉଥିଲେ, ସେତେବେଳେ ଯୀଶୁଙ୍କଠାରେ ବିଶ୍ଵାସ ନ କରୁଥିବା କେତେଜଣେ ଯିହୂଦୀ ସ୍ତିଫାନଙ୍କ ସହ ଯୁକ୍ତିତର୍କ କରିବାକୁ ଲାଗିଲେ ।ସେମାନେ ଅତି କ୍ରୋଧ ହୋଇଥିଲେ ଏବଂ ସ୍ତିଫାନଙ୍କ ବିଷୟରେ ଧର୍ମନେତାମାନଙ୍କୁ ମିଥ୍ୟା କହିଲେ ।ସେମାନେ କହିଲେ "ଆମ୍ଭେମାନେ ତାହାକୁ ମୋଶା ଓ ଈଶ୍ଵରଙ୍କ ବିରୁଦ୍ଧରେ କଥା କହିବାର ଶୁଣିଅଛୁ!"ତେଣୁ ଧର୍ମନେତାମାନେ ସ୍ତିଫାନଙ୍କୁ ଗିରଫ କଲେ ଏବଂ ମହାଯାଜକ ଓ ଯିହୂଦୀମାନଙ୍କ ନେତାଙ୍କ ନିକଟକୁ ତାଙ୍କୁ ଆଣିଲେ ଯେଉଁଠି ସ୍ତିଫାନଙ୍କ ବିରୁଦ୍ଧରେ ଅଧିକ ମିଥ୍ୟାସାକ୍ଷୀ ଥିଲେ ।

### ସ୍ତିଫାନଙ୍କ ବିରୁଦ୍ଧରେ କିଛି ଯିହୁଦୀ ଲୋକମାନେ କେଉଁ ମିଥ୍ୟା ଦୋଷ ଆରୋପ କଲେ ?

ସେମାନେ କହିଲେ ସ୍ତିଫାନ ମୋଶା ଓ ଈଶ୍ଵରଙ୍କ ବିରୁଦ୍ଧରେ ମନ୍ଦ କଥା କହିଥିଲା "

---

## 45:03

ମହାଯାଜକ ସ୍ତିଫାନଙ୍କୁ ପଚାରିଲେ "ଏହି ସମସ୍ତ କଥା କି ସତ୍ୟ?"ଅବ୍ରହାମଙ୍କ ସମୟରୁ ଆରମ୍ଭ କରି ଯୀଶୁଙ୍କ ସମୟ ପର୍ଯ୍ୟନ୍ତ ଈଶ୍ଵର ଯେଉଁ ସମସ୍ତ ମହା ମହା କର୍ମ କରିଥିଲେ ସେଥିରୁ ଅନେକ ସ୍ମରଣ କରାଇଦେଇ ସେମାନଙ୍କୁ ଉତ୍ତର ଦେଇ କହିଲେ ଯେ ଈଶ୍ଵରଙ୍କ ଲୋକମାନେ କିପରି ନିରନ୍ତର ଭାବେ ତାହାଙ୍କର ଅନାଜ୍ଞାବହ ହେଉଥିଲେ ।ତା'ପରେ ସେ କହିଲେ "ହେ କଠୋର ହୃଦୟ ଓ ବିଦ୍ରୋହୀ ଲୋକମାନେ ଆପଣମାନେ ସର୍ବଦା ପବିତ୍ରଆତ୍ମାଙ୍କର ପ୍ରତିରୋଧ କରୁଅଛନ୍ତି, ଯେପରି ଆପଣଙ୍କ ପୂର୍ବ ପୁରୁଷମାନେ ସର୍ବଦା ଈଶ୍ଵରଙ୍କର ପ୍ରତିରୋଧ କରି ତାହାଙ୍କ ଭାବବାଦୀମାନଙ୍କୁ ହତ୍ୟା କରିଥିଲେ ।କିନ୍ତୁ ସେମାନଙ୍କ ଅପେକ୍ଷା ଅଧିକ ମନ୍ଦ କରିଛନ୍ତି!ଆପଣମାନେ ଖ୍ରୀଷ୍ଟଙ୍କୁ ହତ୍ୟା କରିଅଛନ୍ତି!"

### ସ୍ତିଫାନ କଣ କହିଲେ ଯେ ଲୋକମାନେ ସେମାନଙ୍କର ପିତୃପୁରଷମାନଙ୍କ ଠାରୁ ଅତି ମନ୍ଦ କାର୍ଯ୍ୟ କରିଛନ୍ତି ?

ସେମାନେ ଖ୍ରୀଷ୍ଟଙ୍କୁ ହତ୍ୟା କଲେ

---

## 45:04

ଯେତେବେଳେ ଧର୍ମନେତାମାନେ ଏହା ଶୁଣିଲେ, ସେମାନେ ଏତେ କ୍ରୋଧ ହୋଇଥିଲେ ଯେ ସେମାନେ ସେମାନଙ୍କ କର୍ଣ୍ଣକୁ ଚାପି ଧରି ଅତି ଉଚ୍ଚ ସ୍ୱରରେ ଚିତ୍କାର କଲେ ।ସେମାନେ ସ୍ତିଫାନଙ୍କୁ ନଗର ବାହାରକୁ ଟାଣି ନେଲେ ଏବଂ ତାଙ୍କୁ ହତ୍ୟା କରିବା ପାଇଁ ପଥର ଫୋପାଡିଲେ ।

### କିପରି ଧାର୍ମିକ ନେତାମାନେ ସ୍ତିଫାନଙ୍କ ଅଭିଯୋଗକୁ ପ୍ରତିକ୍ରିୟା କଲେ ?

ସେମାନେ ସ୍ତିଫାନଙ୍କୁ ନଗର ବାହାରକୁ ଘୋଷାଡ଼ି ନେଲେ ଏବଂ ତାଙ୍କୁ ହତ୍ୟା କରିବା ପାଇଁ ପ୍ରସ୍ତରାଘାତ କଲେ ।

---

## 45:05

ସ୍ତିଫାନ ମରିବା ସମୟରେ ଉଚ୍ଚ ସ୍ୱରରେ ଚିତ୍କାର କଲେ ଏବଂ କହିଲେ “ହେ ଯୀଶୁ, ମୋ ଆତ୍ମାକୁ ଗ୍ରହଣ କର ।” ତା’ପରେ ସେ ଆଣ୍ଠୋଇପଡି ପୁନର୍ବାର ଉଚ୍ଚ ସ୍ୱରରେ କହିଲେ “ହେ ପ୍ରଭୁ, ଏହି ପାପ ସେମାନଙ୍କ ବିରୁଦ୍ଧରେ ଗଣନା କରନାହିଁ ।”ତା’ପରେ ସେ ମୃତ୍ୟୁଭୋଗ କଲେ ।

### ସ୍ତିଫାନଙ୍କ ମୃତ୍ୟୁ ପୂର୍ବରୁ ସ୍ତିଫାନ୍ କେଉଁ ଶେଷ ବିଷୟ କହିଲେ ?

ପ୍ରଭୁ,ଏହି ପାପ ତାଙ୍କ ବିରୁଦ୍ଧରେ ଗଣନା କର ନାହିଁ

---

## 45:06

ସାଉଲ ନାମକ ଜଣେ ଲୋକ ସ୍ତିଫାନଙ୍କୁ ହତ୍ୟା କରୁଥିବା ଲୋକମାନଙ୍କ ସହ ଏକମତ ଥିଲେ ଯିଏ ହତ୍ୟାକାରୀମାନେ ହତ୍ୟା କରୁଥିବା ସମୟରେ ସେମାନଙ୍କର ବସ୍ତ୍ରଗୁଡିକ ଜଗୁଥିଲେ ।ସେହି ଦିନ, ଯିରୁଶାଲମରେ ଥିବା ଲୋକମାନେ ଯୀଶୁଙ୍କର ଅନୁଗମନକାରୀମାନଙ୍କୁ ତାଡନା କରିବାକୁ ଆରମ୍ଭ କଲେ, ତେଣୁ ବିଶ୍ୱାସୀମାନେ ଅନ୍ୟାନ୍ୟ ସ୍ଥାନକୁ ଦୌଡି ପଲାଇଲେ ।କିନ୍ତୁ, ଏହି ସମସ୍ତ ସତ୍ତ୍ୱେ, ସେମାନେ ଯେଉଁ ଯେଉଁ ସ୍ଥାନକୁ ଗଲେ ସେଠାରେ ଯୀଶୁଙ୍କର ପ୍ରଚାର କରିବାକୁ ଲାଗିଲେ ।

### ସ୍ତିଫାନଙ୍କ ହତ୍ୟା କରିଥିବା ଲୋକମାନଙ୍କ ବସ୍ତ୍ରକୁ କିଏ ଜଗୁଥିଲେ ?

ଶାଉଲ

### ବିଶ୍ଵାସୀମାନେ କଣ କଲେ ଯେତେବେଳେ ତାଡନା ଯିରୁଶାଲମରେ ଆରମ୍ଭ ହେଲା ?

ସେମାନେ ଅନ୍ୟ ସ୍ଥାନମାନଙ୍କୁ ପଲାଇଗଲେ ଏବଂ ଯେଉଁ ସ୍ଥାନମାନଙ୍କୁ ସେମାନେ ଗଲେ ଯୀଶୁଙ୍କ ବିଷୟରେ ପ୍ରଚାର କଲେ

---

## 45:07

ଯୀଶୁଙ୍କର ଜଣେ ଶିଷ୍ୟ ଯାହାର ନାମ ଫିଲିପ୍ପ ଯିରୁଶାଲମ ରୁ ତାଡନା ହେବା ସକାଶେ ପଳାଇଯାଇଥିବା ବିଶ୍ଵାସୀମାନଙ୍କ ମଧ୍ଯରୁ ଜଣେ ଥିଲେ ।ସେ ଶମରୀୟକୁ ଯାଇ ସେଠାରେ ଯୀଶୁଙ୍କ ବିଷୟରେ ପ୍ରଚାର କଲେ ଓ ଅନେକ ଲୋକ ସେଠାରେ ଉଦ୍ଧାରପ୍ରାପ୍ତ ହେଲେ ।ତା'ପରେ ଦିନେ, ଈଶ୍ଵରଙ୍କ ଜଣେ ଦୂତ ଫିଲିପ୍ପ ନିକଟକୁ ଆସି ମରୁଭୂମିରେ ପଡିଥିବା ନିର୍ଦ୍ଧିଷ୍ଟ ପଥ ଦେଇ ଯିବା ନିମନ୍ତେ କହିଲେ ।ସେ ଯେତେବେଳେ ସେହି ପଥ ଦେଇ ଯାଉଥିଲେ, ଫିଲିପ୍ପ ଦେଖିଲେ ଯେ ଇଥିଓପିଆ ରାଜ ପରିବାରର ଜଣେ ଉଚ୍ଚ ପଦସ୍ଥ କର୍ମଚାରୀ ତାଙ୍କ ରଥରେ ଆସୁଅଛନ୍ତି ।ସେହି ଲୋକ ନିକଟକୁ ଯାଇ ତାଙ୍କ ସହ କଥାହେବାକୁ ପବିତ୍ରଆତ୍ମା ଫିଲିପ୍ପଙ୍କୁ କହିଲେ ।

### ମରୁଭୂମି ରାସ୍ତାରେ ଫିଲିପ୍ପ କାହା ସହିତ ଭେଟ ହେଲେ ?

ଇଥିଓପିୟା ରୁ ଜଣେ ଗୁରୁତ୍ଵପୂର୍ଣ୍ଣ ପଦାଧିକାରୀ.

---

## 45:08

ଫିଲିପ୍ପ ଯେତେବେଳେ ରଥର ନିକଟବର୍ତ୍ତୀ ହେଲେ, ସେହି ଇଥିଓପିଆ ବ୍ୟକ୍ତି ଯିଶାଇୟ ଭାବବାଦୀଙ୍କ ପୁସ୍ତକରୁ ପାଠ କରୁଥିବାର ଶୁଣିଲେ ।ସେହି ଲୋକ ପାଠ କରୁଥିଲେ “ସେମାନେ ମେଷ ତୁଲ୍ୟ ତାଙ୍କୁ ହତ ହେବା ନିମନ୍ତେ ନେଲେ, ଏବଂ ନିରବ ମେଷ ତୁଲ୍ୟ ସେ ଆପଣା ମୁଖ ଫିଟାଇଲେ ନାହିଁ ।ସେମାନେ ତାଙ୍କୁ ଦୁର୍ବ୍ୟବହାର କଲେ ଏବଂ ତାଙ୍କୁ ସମାଦର କଲେ ନାହିଁ ।ସେମାନେ ତାଙ୍କ ଠାରୁ ତାଙ୍କ ଜୀବନ ନେଲେ ।”

### ଇଥିଓପିଆ ପଦାଧିକାରୀ କ'ଣ କରୁଥିଲେ ଯେତେବେଳେ ଫିଲିପ୍ପ ପହଁଚିଲେ ?

ଯିଶାଇୟ ଯାହା ଲେଖିଥିଲେ, ସେଥିରୁ ସେ ପାଠ କରୁଥିଲେ .

---

## 45:09

ଫିଲିପ୍ପ ସେହି ଇଥିଓପିଆ ଲୋକଙ୍କୁ ପଚାରିଲେ “ଆପଣ ଯାହା ପାଠ କରୁଅଛନ୍ତି ତାହା କ'ଣ ବୁଝୁଅଛନ୍ତି ?”ସେହି ଇତିଓପିଆ ବ୍ୟକ୍ତି ଉତ୍ତର ଦେଲେ, ନାହିଁ, କେହି ମୋତେ ବ୍ୟାଖ୍ୟା ନ କରିବା ପର୍ଯ୍ୟନ୍ତ ମୁଁ ବୁଝିପାରିବି ନାହିଁ ।ଦୟାକରି ଆସି ମୋ ନିକଟରେ ବସନ୍ତୁ ।ଯିଶାଇୟ କ'ଣ ନିଜ ବିଷୟରେ ନା ଆଉ କାହା ବିଷୟରେ ଏହା ଲେଖିଛନ୍ତି ?” ଫିଲିପ୍ପ ତାଙ୍କୁ ବୁଝାଇ କହିଲେ ଯେ ଯିଶାଇୟ ଯୀଶୁଙ୍କ ବିଷୟରେ ଏହା ଲେଖିଅଛନ୍ତି ।

### ପଦାଧିକାରୀ ଯେଉଁ ଭାବବାଣୀ ପାଠ କରୁଥିଲେ, ସେ ବୁଝିପାରୁଥିଲେ କି ?

ନୁହଁ, ତାଙ୍କୁ ବୁଝାଇବା ନିମନ୍ତେ କେହିଜଣେ ଆବଶ୍ୟକ ଥିଲା .

---

## 45:10

ଯୀଶୁଙ୍କ ବିଷୟରେ ଥିବା ଶୁଭସମ୍ବାଦ କହିବା ନିମନ୍ତେ ଫିଲିପ୍ପ ଅନ୍ୟ ଶାସ୍ତ୍ରାଂଶ ମଧ୍ଯ ବୁଝାଇଦେଲେ ।ଯେତେବେଳେ ଫିଲିପ୍ପ ଓ ଇଥିଓପିଅ ଯାତ୍ରା କରୁଥିଲେ, ସେମାନେ ଏକ ଜଳାଶୟ ନିକଟକୁ ଆସିଲେ ।

### କାହାକୁ ମେଷର ଭାବବାଣୀ ସୁଚାଏ ବୋଲି ଫିଲିପ୍ପ କହିଲେ ?

ଏହା ଯୀଶୁଙ୍କୁ ସୁଚିତ କରାଉଥିଲା .

---

## 45:11

ଇଥିଓପିଅ ବ୍ୟକ୍ତି କହିଲେ “ଦେଖନ୍ତୁ!ଏଠାରେ କିଛି ଜଳ ଅଛି!ମୁଁ ବାପ୍ତିଜିତ ହୋଇପାରେ କି?”ଏବଂ ସେ ତାଙ୍କ ରଥ ଚାଳକଙ୍କୁ ରଥ ଅଟକାଇବା ନିମନ୍ତେ କହିଲେ ।ତେଣୁ ସେମାନେ ଜଳ ମଧ୍ଯକୁ ଓହ୍ଲାଇଗଲେ, ଏବଂ ଫିଲିପ୍ପ ସେହି ଇଥିଓପିଅଙ୍କୁ ବାପ୍ତିସ୍ମ ଦେଲେ ।

### ଫିଲିପ୍ପ ଭାବବାଣୀକୁ ବୁଝାଇଲା ପରେ ଇଥିଓପିଆ ବ୍ୟକ୍ତି କିଛି ଜଳକୁ ଦେଖି କଣ ପଚାରିଲେ ?

ଇଥିଓପିଆର ବ୍ୟକ୍ତି ବାପ୍ତିଜିତ ହୋଇପାରିବା ବିଷୟରେ କହିଲେ

---

## 45:12

ସେମାନେ ଜଳରୁ ଉଠି ଆସିଲା ପରେ, ପବିତ୍ରଆତ୍ମା ଫିଲିପ୍ପଙ୍କୁ ଅନ୍ୟ ଏକ ସ୍ଥାନକୁ ଘେନିଗଲେ ଯେଉଠି ସେ ଯୀଶୁଙ୍କ ବିଷୟରେ ଲୋକମାନଙ୍କୁ ନିରନ୍ତର କହିବାକୁ ଲାଗିଲେ ।ଇଥିଓପିଆ ତାଙ୍କ ଗୃହ ପଟ ଯାତ୍ରା ଜାରି ରଖିଲେ, ସେ ଆନନ୍ଦିତ ଥିଲେ ଯେ ସେ ଯୀଶୁଙ୍କୁ ଜାଣିଲେ ।

### ଫିଲିପ୍ପ ଇଥିଓପିଆ ପଦାଧିକାରୀକୁ ବାପ୍ତିସ୍ମ ଦେଲା ପରେ ଫିଲିପ୍ପଙ୍କୁ କଣ ଘଟିଲା ?

ପବିତ୍ର ଆତ୍ମା ଫିଲିପ୍ପଙ୍କୁ ଘେନିଗଲେ .

---

## 45:13

ବାଇବଲର ଏକ କାହାଣୀ:

### ଫିଲିପ୍ପ ତାଙ୍କୁ ଛାଡି ଚାଲିଗଲା ପରେ ଇଥିଓପିଆ ବ୍ୟକ୍ତି କଣ କଲେ ?

ସେ ଆନନ୍ଦିତ ହୋଇ ତାଙ୍କ ଗୃହ ଆଡକୁ ଯାତ୍ରା ଜାରି ରଖିଲେ କାରଣ ସେ ଯୀଶୁଙ୍କୁ ଜାଣିଲେ ।

# ସ୍ତିଫାନଙ୍କୁ ହତ୍ୟା କରୁଥିବା ଲୋକମାନଙ୍କର ବସ୍ତ୍ରକୁ ଜଗିଥିବା ଯୁବା ବ୍ୟକ୍ତି ଜଣକଟି ସାଉଲ ଥିଲେ ।

## 46:01

ସେ ଯୀଶୁଙ୍କଠାରେ ବିଶ୍ଵାସ କଲେ ନାହିଁ, ତେଣୁ ସେ ବିଶ୍ଵାସୀମାନଙ୍କୁ ତାଡନା କରିଥିଲେ । ଉଭୟ ପୁରୁଷ ଓ ସ୍ତ୍ରୀଙ୍କୁ ଯେପରି ବାନ୍ଧି ଆଣିବା ପାଇଁ ସେ ଯିରୁଶାଲମରେ ଥିବା ପ୍ରତି ବିଶ୍ଵାସୀଙ୍କ ଗୃହରେ ପଶୁଥିଲେ ଏବଂ କାରାଗାରରେ ବନ୍ଦୀ କରୁଥିଲେ ।ଦମ୍ମେସକରେ ଥିବା ଖ୍ରୀଷ୍ଟିୟାନମାନଙ୍କୁ ଯେପରି ଶାଉଲ ଧରି ଯିରୁଶାଲମ ଆଣିପାରିବେ ସେଥିପାଇଁ ସେ ମହାଯାଜକ ତାଙ୍କୁ ଅନୁମତି ଦେଇଥିଲେ ।ଶାଉଲ ଯେତେବେଳେ ଦମ୍ମେସକ ପଥରେ ଯାଉଥିଲେ, ଆକାଶରୁ ଏକ ଅତି ଉଜ୍ଜ୍ଵଳ ଆଲୋକ ତାହାଙ୍କ ଚାରିପଟ ଝଲସି ଉଠିଲା ଏବଂ ସେ ଭୂମିରେ ପଡିଗଲେ ।

### ଶାଉଲ କାହିଁକି ଦମେସକକୁ ଯାଉଥିଲେ ?

ଦମ୍ମେସକରେ ଥିବା ଖ୍ରୀଷ୍ଟିୟାନମାନଙ୍କୁ ବାନ୍ଧି ସେମାନଙ୍କୁ ଯିରୁଶାଲମ ଆଣିବା ପାଇଁ ଯାଇଥିଲେ ।

---

## 46:02

କେହି ଜଣେ ଏହା କହିବାର ଶାଉଲ ଶୁଣିଲେ, “ଶାଉଲ!ଶାଉଲ!ତୁମ୍ଭେ କାହିଁକି ମୋତେ ତାଡନା କରୁଅଛ?” ଶାଉଲ ପଚାରିଲେ “ପ୍ରଭୁ, ଆପଣ କିଏ ?”ଯୀଶୁ ଉତ୍ତର ଦେଲେ “ମୁଁ ଯୀଶୁ ଅଟେ ।ତୁମ୍ଭେ ମୋତେ ତାଡନା କରୁଅଛ!”ଶାଉଲ ଯେତେବେଳେ ଉଠିଲେ, ସେ କିଛି ଦେଖିପାରିଲେ ନାହିଁ ।

### ଦମ୍ମେସକ ପଥରେ ଯୀଶୁ ଶାଉଲଙ୍କୁ କେଉଁ ପ୍ରଶ୍ନ ପଚାରିଲେ ?

ତୁମ୍ଭେ କାହିଁକି ମୋତେ ତାଡନା କରୁଅଛ?”

---

## 46:03

ତାହାଙ୍କ ବନ୍ଧୁମାନେ ତାହାଙ୍କୁ ଦମ୍ମେସକ ନିମନ୍ତେ ପଥ କଢାଇ ନେଲେ ।ଶାଉଲ ତିନିଦିନ ପର୍ଯ୍ୟନ୍ତ କିଛି ଖାଇଲେ ନାହିଁ କିମ୍ବା ପିଇଲେ ନାହିଁ ।ହନନିୟ ନାମକ ଜଣେ ଶିଷ୍ୟ ଦମ୍ମେସକରେ ରହୁଥିଲେ ।

### ଶାଉଲ ଉଜ୍ଜ୍ଵଳ ଆଲୋକକୁ ଦେଖି ଉଠିଲା ପରେ ଶାଉଲଙ୍କୁ କଣ ହେଲା ?

ଶାଉଲ ଦେଖିପାରୁ ନ ଥିଲେ .ତାଙ୍କ ବନ୍ଧୁମାନେ ତାହାକୁ ଦମ୍ମେସକକୁ ନେଇଗଲେ ଏବଂ ସେ ତିନି ଦିନ ପର୍ଯ୍ୟନ୍ତ ଜଳପାନ କଲେ ନାହିଁ।

---

## 46:04

ଈଶ୍ଵର ତାହାଙ୍କୁ କହିଲେ "ଶାଉଲ ରହୁଥିବା ଗୃହକୁ ଯାଅ ।ତାହାଙ୍କ ଉପରେ ହସ୍ତ ରଖ ଯେପରିକି ସେ ଦୃଷ୍ଟିଶକ୍ତି ଫେରିପାଇବେ ।"କିନ୍ତୁ ହନନିୟ କହିଲେ "ପ୍ରଭୁ, ଏହି ବ୍ୟକ୍ତି କିପରି ବିଶ୍ଵାସୀମାନଙ୍କୁ ତାଡନା କରିଅଛି ତାହା ମୁଁ ଶୁଣିଅଛି ।"ଈଶ୍ଵର ତାହାଙ୍କୁ ଉତ୍ତର ଦେଲେ "ଯାଅ! ଯିହୂଦୀ ଓ ଅନ୍ୟ ଲୋକଦଳ ମାନଙ୍କ ନିକଟରେ ମୋର ନାମ ଘୋଷଣା କରିବା ନିମନ୍ତେ ମୁଁ ତାଙ୍କୁ ମନୋନୀତ କରିଅଛି ।ସେ ମୋ ନାମ ସକାଶେ ଅନେକ ଦୁଃଖକ୍ଳେଶ ପାଇବ ।"ତେଣୁ ହନନିୟ ଶାଉଲ ରହୁଥିବା ଗୃହକୁ ଗଲେ, ତାଙ୍କ ଉପରେ ଆପଣାର ହସ୍ତ ରଖିଲେ ଏବଂ କହିଲେ "ଆପଣ ଏଠାକୁ ଆସୁଥିବା ସମୟରେ ଯେଉଁ ଯୀଶୁ ଆପଣଙ୍କୁ ଦର୍ଶନ ଦେଇଅଛନ୍ତି, ସେ ମୋତେ ଆପଣଙ୍କ ନିକଟକୁ ପ୍ରେରଣ କରିଅଛନ୍ତି ଯେପରିକି ଆପଣ ଦୃଷ୍ଟିଶକ୍ତି ଫେରିପାଇବେ ଏବଂ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ହେବେ ।

### ଶାଉଲଙ୍କ ସହିତ କଥା ହେବା ପାଇଁ ହନନିୟ କାହିଁକି ଭୟ କରୁଥିଲେ ?

ସେ ଶୁଣିଥିଲେ ଯେ ଶାଉଲ ବିଶ୍ଵାସୀମାନଙ୍କୁ ତାଡନା କରୁଥିଲେ

### କେଉଁ ଉଦ୍ଦେଶ୍ୟରେ ଶାଉଲଙ୍କୁ ମନୋନିତ କରିଛନ୍ତି ବୋଲି ପରମେଶ୍ଵର କହିଲେ ?

ଶାଉଲ ଯିହୂଦୀ ଓ ଅନ୍ୟ ଲୋକଦଳ ମଧ୍ୟରେ ପରମେଶ୍ଵରଙ୍କ ନାମକୁ ଘୋଷଣା କରିବ

---

## 46:05

ଶାଉଲ ସାଙ୍ଗେ ସାଙ୍ଗେ ଦୃଷ୍ଟିଶକ୍ତି ଫେରିପାଇବାକୁ ସକ୍ଷମ ହେଲେ, ଏବଂ ହନନିୟ ତାଙ୍କୁ ବାପ୍ତିସ୍ମ ଦେଲେ ।ତା'ପରେ ଶାଉଲ କିଛି ଖାଦ୍ୟ ଖାଇଲେ ଏବଂ ବଳ ଫେରି ପାଇଲେ ।ତତ୍‌କ୍ଷଣାତ୍ ଶାଉଲ ଦମ୍ମେସକରେ ଥିବା ଯିହୂଦୀମାନଙ୍କ ନିକଟରେ ଏହା ପ୍ରଚାର କରିବାକୁ ଆରମ୍ଭ କଲେ "ଯୀଶୁ ହିଁ ଈଶ୍ଵରଙ୍କ ପୁତ୍ର ଅଟନ୍ତି!"

### ହନନିୟ କିପରି ଶାଉଲଙ୍କୁ ଦେଖିବା ପାଇଁ ସକ୍ଷମ ହେଲା?

ସେ ତାଙ୍କ ହସ୍ତକୁ ସାଉଲଙ୍କ ଉପରେ ରଖିଲେ .

### ସାଉଲଙ୍କୁ ହନନୀୟ କ'ଣ କଲେ ସେ ତାହାରୋ ଦୃଷ୍ଟିଶକ୍ତି ଫେରି ପାଇବାପରେ?

ହନନୀୟ ତାଙ୍କୁ ବାପ୍ତିଜିତ କଲେ.

---

## 46:06

ଯେଉଁ ବ୍ୟକ୍ତି ବିଶ୍ୱାସୀମାନଙ୍କୁ ବିନାଶ କରିବା ନିମନ୍ତେ ଚେଷ୍ଟା କରୁଥିଲା ଏବଂ ସେ ଯେ ଏବେ ଯୀଶୁଙ୍କଠାରେ ବିଶ୍ୱାସ କରେ ସେ ବିଷୟରେ ଯିହୂଦୀମାନେ ଆଶ୍ଚର୍ଯ୍ୟ ଚକିତ ହେଲେ ।ଶାଉଲ ଯିହୂଦୀମାନଙ୍କ ସହ ଯୁକ୍ତିତର୍କ କରି ପ୍ରମାଣିତ କଲେ ଯେ ଯୀଶୁ ହିଁ ଖ୍ରୀଷ୍ଟ ଅଟନ୍ତି ।ଅନେକ ଦିନ ଉତ୍ତାରେ, ଶାଉଲଙ୍କୁ ହତ୍ୟା କରିବା ନିମନ୍ତେ ଯିହୂଦୀମାନେ ଯୋଜନା କଲେ ।

### କେଉଁ ସମ୍ବାଦ ଶାଉଲ ହଠାତ୍ ଯିହୁଦୀଙ୍କ ମଧ୍ୟରେ ପ୍ରଚାର କରିବାକୁ ଆରମ୍ଭ କଲେ?

ଯୀଶୁ ଇଶ୍ୱରଙ୍କ ପୁତ୍ର ଅଟନ୍ତି ।"

---

## 46:07

ସେମାନେ ତାହାଙ୍କୁ ହତ୍ୟା କରିବା ନିମନ୍ତେ ନଗର ଦ୍ୱାରରେ ଜଗିବା ପାଇଁ ଲୋକ ପଠାଇଲେ ।କିନ୍ତୁ ଶାଉଲ ସେହି ଯୋଜନା ବିଷୟରେ ଶୁଣିବାକୁ ପାରିଲେ, ଏବଂ ସେଥିରୁ ଖସି ପଳାଇବା ନିମନ୍ତେ ତାହାର ବନ୍ଧୁମାନେ ସାହାଯ୍ୟ କଲେ ।ଏକ ରାତ୍ରିରେ ସେମାନେ ଗୋଟିଏ ଟୋକେଇରେ ତାହାଙ୍କୁ ପ୍ରାଚୀର ଉପରୁ ତଳକୁ ଓହ୍ଲାଇ ଦେଲେ ।ଶାଉଲ ଦମ୍ମେସକରୁ ଖସି ପଳାଇଗଲା ପରେ, ସେ ଯୀଶୁଙ୍କ ବିଷୟରେ ପ୍ରଚାର କରିବା ଜାରି ରଖିଲେ ।ଶାଉଲ ଶିଷ୍ୟମାନଙ୍କ ସହ ଭେଟ ହେବା ନିମନ୍ତେ ଯିରୁଶାଲମକୁ ଗଲେ, କିନ୍ତୁ ସେମାନେ ତାଙ୍କୁ ଭୟ କରୁଥିଲେ ।

### ଯିହୂଦୀମାନେ ଶାଉଲଙ୍କ ପ୍ରଚାରକୁ କିପରି ଭାବରେ ପ୍ରତିଉତ୍ତର ଦେଲେ ?

ସେମାନେ ଶାଉଲଙ୍କୁ ହତ୍ୟା କରିବାକୁ ଯୋଜନା କଲେ ।

### ଦମ୍ମେସକରୁ ସାଉଲ କିପରି ଖସି ପଳାଇଲେ ?

ତାହାର ବନ୍ଧୁମାନେ ତାଙ୍କୁ ଗୋଟିଏ ଟୋକେଇରେ ବସାଇ ପ୍ରାଚୀର ଉପରୁ ତଳକୁ ଖାସାଇଲେ ।

---

## 46:08

ତା'ପରେ ବର୍ଣ୍ଣବା ନାମକ ଜଣେ ବିଶ୍ୱାସୀ ଶିଷ୍ୟମାନଙ୍କ ନିକଟକୁ ଶାଉଲଙ୍କୁ ନେଲେ ଏବଂ ସେମାନଙ୍କୁ କହିଲେ ଯେ ସେ କିପରି ଦମ୍ମେସକରେ ସାହସ ପୂର୍ବକ ପ୍ରଚାର କରିଥିଲେ ।ତାହା ପରେ, ଶିଷ୍ୟମାନେ ଶାଉଲଙ୍କୁ ଗ୍ରହଣ କଲେ ।ଯେଉଁ ବିଶ୍ୱାସୀମାନେ ତାଡନା ସକାଶୁ ଯିରୁଶାଲମ ଛାଡି ପଳାଇଥିଲେ, ସେମାନେ ଆନ୍ତିୟକିଆ ପର୍ଯ୍ୟନ୍ତ ଯାଇ ଯୀଶୁଙ୍କ ବିଷୟରେ ପ୍ରଚାର କରିବାକୁ ଲାଗିଲେ ।

### ଯିରୁଶାଲମରେ ସାଉଲକୁ ଶିଷ୍ୟମାନେ ଗ୍ରହଣ କରିବା ପାଇଁ କିଏ ସାହାଯ୍ୟ କରିଥିଲେ ?

ବର୍ଣ୍ଣବା ଶିଷ୍ୟମାନଙ୍କ ନିକଟକୁ ସାଉଲଙ୍କୁ ନେଲେ ଏବଂ ସେମାନଙ୍କୁ କହିଲେ ଯେ ସାଉଲ କିପରି ଦମ୍ମେସକରେ ସାହସ ପୂର୍ବକ ପ୍ରଚାର କରିଥିଲେ ।

## 46:09

ଆନ୍ତିୟକିଆରେ ଥିବା ଅଧିକାଂଶ ଲୋକ ଯିହୂଦୀ ନ ଥିଲେ, କିନ୍ତୁ ପ୍ରଥମ ଥର ନିମନ୍ତେ ସେମାନଙ୍କ ମଧ୍ୟରୁ ଅନେକେ ବିଶ୍ୱାସୀ ହେଲେ । ବର୍ଣ୍ଣବ୍ବା ଓ ଶାଉଲ ସେଠାରେ ଥିବା ନୂତନ ବିଶ୍ୱାସୀମାନଙ୍କୁ ଯୀଶୁଙ୍କ ବିଷୟରେ ଅଧିକ ଶିକ୍ଷା ଦେବା ନିମନ୍ତେ ଓ ମଣ୍ଡଳୀକୁ ଦୃଢ଼ କରିବା ନିମନ୍ତେ ଗଲେ ।ଆନ୍ତିୟକିଆ ମଣ୍ଡଳୀରେ ଥିବା ବିଶ୍ୱାସୀମାନଙ୍କୁ ପ୍ରଥମେ "ଖ୍ରୀଷ୍ଟିୟାନ" ବୋଲି କୁହାଗଲା ।ଦିନେ, ଆନ୍ତିୟକିଆ ମଣ୍ଡଳୀରେ ଥିବା ଖ୍ରୀଷ୍ଟିୟାନ୍ ମାନେ ଉପବାସ ଓ ପ୍ରାର୍ଥନା କରୁଥିବା ସମୟରେ ପବିତ୍ରଆତ୍ମା ସେମାନଙ୍କୁ କହିଲେ "ବର୍ଣ୍ଣବ୍ବା ଓ ଶାଉଲଙ୍କୁ ଯେଉଁ କାର୍ଯ୍ୟ ନିମନ୍ତେ ମୁଁ ଆହ୍ୱାନ କରିଛି ସେଥିନିମନ୍ତେ ସେମାନଙ୍କୁ ମୋ ନିମନ୍ତେ ପୃଥକ୍ କର ।"

### ଆନ୍ତିୟଖିଆରେ ଥିବା ଲୋକମାନଙ୍କ ବିଷୟରେ ଯେଉଁମାନେ ବିଶ୍ଵାସୀ ଥିଲେ, ତଫାତ କଣ ଥିଲା ?

ସେମାନେ ଯିହୂଦୀ ନ ଥିଲେ .

### ଆନ୍ତିୟଖିଆରେ ଥିବା ବିଶ୍ଵାସୀମାନଙ୍କ ପାଇଁ କେଉଁ ନାମ ପ୍ରଥମେ ଦିଆଗଲା ?

ଖ୍ରୀଷ୍ଟିୟାନ .

## 46:10

ତେଣୁ ଆନ୍ତିୟକିଆ ମଣ୍ଡଳୀ ବର୍ଣ୍ଣବ୍ବା ଓ ଶାଉଲଙ୍କ ନିମନ୍ତେ ପ୍ରାର୍ଥନା କରି ସେମାନଙ୍କ ଉପରେ ହସ୍ତାର୍ପଣ କଲେ ।ତା'ପରେ ସେମାନେ ଅନେକ ସ୍ଥାନରେ ଯୀଶୁଙ୍କ ବିଷୟକ ଶୁଭସମ୍ବାଦ ପ୍ରଚାର କରିବା ନିମନ୍ତେ ସେମାନଙ୍କୁ ପଠାଇଲେ ।ବର୍ଣ୍ଣବ୍ବା ଓ ଶାଉଲ ବିଭିନ୍ନ ଲୋକଦଳକୁ ଶିକ୍ଷା ଦେବାକୁ ଲାଗିଲେ ଏବଂ ଅନେକ ଲୋକ ଯୀଶୁଙ୍କଠାରେ ବିଶ୍ୱାସ କରିବାକୁ ଲାଗିଲେ ।ବାଇବଲର ଏକ କାହାଣୀ:

### ଆନ୍ତିୟଖିଆରେ ଥିବା ମଣ୍ଡଳୀ କଣ କରୁଥିଲେ ଯେତେବେଳେ ପବିତ୍ର ଆତ୍ମା ବର୍ଣ୍ଣବା ଏବଂ ସାଉଲଙ୍କୁ ପୃଥକ୍ ହେବାକୁ କହିଲେ ?

ସେମାନେ ପ୍ରାର୍ଥନା ଏବଂ ଉପବାସ କରୁଥଲେ .

### ଆନ୍ତିୟଖିୟାରେ ଥିବା ମଣ୍ଡଳୀ କେଉଁ ଉଦ୍ଦେଶ୍ୟରେ ସାଉଲ ଏବଂ ବର୍ଣ୍ଣବାଙ୍କୁ ପଠାଇଥିଲେ ?

ସେମାନେ ଅନେକ ସ୍ଥାନରେ ଯୀଶୁଙ୍କ ବିଷୟକ ଶୁଭସମ୍ବାଦ ପ୍ରଚାର କରିବା ନିମନ୍ତେ ସେମାନଙ୍କୁ ପଠାଇଲେ ।

# ଶାଉଲ ରୋମୀୟ ସାମ୍ରାଜ୍ୟ ସାରା ଯାତ୍ରା କରିବା ସମୟରେ ସେ ତାହାଙ୍କ ରୋମୀୟ ନାମ “ପାଉଲ” ବ୍ୟବହାର କରୁଥିଲେ ।

## 47:01

ଦିନେ ପାଉଲ ଓ ତାଙ୍କ ବନ୍ଧୁ ଶୀଲା ଫିଲିପ୍ପୀ ସହରକୁ ଯୀଶୁଙ୍କ ଶୁଭସମ୍ବାଦ ଘୋଷଣା କରିବାକୁ ଗଲେ ।ସେମାନେ ସହର ବାହାରରେ ନଦୀ କୂଳରେ ଥିବା ଏକ ସ୍ଥାନକୁ ଗଲେ ଯେଉଁଠି ଲୋକମାନେ ପ୍ରାର୍ଥନା କରିବା ନିମନ୍ତେ ଏକତ୍ରିତ ହେଲେ ।ସେଠାରେ ସେମାନେ ଲୂଦିଆ ନାମକ ଜଣେ ବ୍ୟବସାୟୀ ସ୍ତ୍ରୀଙ୍କୁ ଦେଖିଲେ ।ସେ ଈଶ୍ୱରଙ୍କୁ ପ୍ରେମ କରୁଥିଲେ ଏବଂ ଉପାସନା କରୁଥିଲେ ।ଯୀଶୁଙ୍କ ବିଷୟର ବାର୍ତ୍ତାକୁ ଯେପରି ଲୂଦିଆ ବିଶ୍ୱାସ କରିବେ ଏଥିପାଇଁ ଈଶ୍ୱର ତାଙ୍କର ଚକ୍ଷୁ ଉନ୍ମୁକ୍ତ କଲେ, ଏବଂ ସେ ଓ ତାହାଙ୍କ ପରିବାର ବାପ୍ତିଜିତ ହେଲେ ।

### କେଉଁ ରୋମୀୟ ନାମ ଯେ ଶାଉଲ ବ୍ୟବହାର କରିବାକୁ ଆରମ୍ଭ କଲେ ?

ପାଉଲ.

### ଫିଲିପ୍ପୀର କେଉଁ ସ୍ଥାନରେ ପାଉଲ ଯୀଶୁଙ୍କ ଶୁଭସମ୍ବାଦ ଘୋଷଣା କରିବାକୁ ଗଲେ ?

ସେମାନେ ଏକ ନଦୀ ନିକଟସ୍ଥ ସହର ବାହାରକୁ ଗଲେ ଯେଉଁଠାରେ ଲୋକମାନେ ପ୍ରାର୍ଥନା କରିବାକୁ ଜମା ହୁଅନ୍ତି

---

## 47:02

ସେ ପାଉଲ ଓ ଶୀଲାଙ୍କୁ ତାଙ୍କ ଗୃହରେ ରହିବା ନିମନ୍ତେ ନିମନ୍ତ୍ରଣ କଲେ, ତେଣୁ ସେମାନେ ତାଙ୍କ ସହିତ ଓ ତାଙ୍କ ପରିବାର ସହିତ ରହିଲେ ।ପାଉଲ ଓ ଶୀଲା ପ୍ରାର୍ଥନା ସ୍ଥାନରେ ଅନେକ ସମୟରେ ଲୋକମାନଙ୍କୁ ସାକ୍ଷାତ କରୁଥିଲେ ।

### କେଉଁ ବିଷୟ ଲୁଦିଆଙ୍କୁ ଯୀଶୁଙ୍କଠାରେ ବିଶ୍ୱାସ କରିବା ପାଇଁ ସମ୍ଭବ କଲା ?

ଲୁଦିଆ ଯୀଶୁଙ୍କ ବିଷୟରେ ସମ୍ବାଦକୁ ବିଶ୍ୱାସ କରିବା ନିମନ୍ତେ ଈଶ୍ୱର ସମ୍ଭବ କଲେ

### ଲୂଦିଆ ବିଶ୍ୱାସ କଲା ପରେ ପାଉଲ ଏବଂ ଶିଲା ତାହାର ସହିତ କଣ କଲେ ?

ସେମାନେ ଲୂଦିଆ ଓ ତାଙ୍କ ପରିବାରକୁ ବାପ୍ତିଜିତ ହେଲେ .

---

## 47:03

ପ୍ରତିଦିନ ପରି ସେମାନେ ଯେତେବେଳେ ସେହି ପ୍ରାର୍ଥନା ସ୍ଥାନକୁ ଯାଉଥିଲେ, ସେତେବେଳେ ଭୂତଗ୍ରସ୍ତ ଜଣେ ବାଳିକା ତାଙ୍କ ପଛେ ପଛେ ଯାଉଥିଲା ।ଏହି ଭୂତ ଦ୍ୱାରା ସେ ଭବିଷ୍ୟତ ବିଷୟ ଲୋକମାନଙ୍କୁ କହିପାରୁଥିଲା, ତେଣୁ ସେ ତା’ର ମାଲିକ ନିମନ୍ତେ ଏକ ଭବିଷ୍ୟତ

କୁହାଳୀ ଭାବରେ ପ୍ରଚୁର ଅର୍ଥ ଉପାର୍ଜନ କରିଦେଉଥିଲା ।ସେମାନେ ଚାଲିଯାଉଥିବା ସମୟରେ ସେହି ଭୂତଗ୍ରସ୍ତ ଦାସୀ ନିରନ୍ତର ଚିତ୍କାର କରି କହୁଥିଲା “ଏହି ଲୋକମାନେ ସର୍ବୋପରିସ୍ଥ ଇଶ୍ୱରଙ୍କ ଦାସଗଣ ।

---

## 47:04

ସେମାନେ ଉଦ୍ଧାରପ୍ରାପ୍ତ ହେବାର ଉପାୟ କହୁଅଛନ୍ତି!”ସେ ଅନେକ ସମୟ ଏପରି କରୁଥିଲା ଯେ ପାଉଲଏହା ଶୁଣିଶୁଣି ବିରକ୍ତ ହୋଇଗଲେ ।ପରିଶେଷରେ ଯେତେବେଳେ ସେହି ଦାସୀ ବାଳିକା ଚିତ୍କାର କରି କହିବାକୁ ଲାଗିଲା, ପାଉଲ ବୁଲିପଡି ସେହି ଦାସୀଠାରେ ଥିବା ଆତ୍ମାକୁ କହିଲେ “ଯୀଶୁଙ୍କ ନାମରେ ଏହାଠାରୁ ବାହାରି ଯା ।”

### ଭୂତ ଗ୍ରସ୍ତ ହୋଇଥିବା ଦାସୀ ଝିଅ ନିରନ୍ତର ଭାବରେ ଚିତ୍କାର କରି କ'ଣ କହୁଥିଲା ଯେତେବେଳେ ସେ ପାଉଲ ଏବଂ ଶିଲାଙ୍କୁ ଦେଖିଲା ?

ଏହି ପୁରୁଷମାନେ ସର୍ବୋପରିସ୍ଥ ଇଶ୍ୱରଙ୍କ ଦାସମାନେ ଅଟନ୍ତି ।ସେମାନେ ଉଦ୍ଧାରପ୍ରାପ୍ତ ହେବାର ଉପାୟ କହୁଅଛନ୍ତି!

### କିପରି ଭାବରେ ମନ୍ଦ ଆତ୍ମାର ସାକ୍ଷ୍ୟକୁ ପାଉଲ ପ୍ରତିଉତ୍ତର ଦେଲେ ?

ପାଉଲ ବିରକ୍ତ ହୋଇଗଲେ ଏବଂ ସେହି ଭୂତକୁ ଦାସୀ ବାଳିକା ପାଖରୁ ଛାଡି ଚାଲିଯିବାକୁ ଆଜ୍ଞା ଦେଲେ .

---

## 47:05

ସେହିକ୍ଷଣି ସେହି ଭୂତ ତାକୁ ଛାଡି ଚାଲିଗଲା ।ଯେଉଁ ଲୋକ ସେହି ଦାସୀ ବାଳିକାକୁ ଅଧିକୃତ କରିଥିଲା, ସେ ଅତି କ୍ରୋଧ କଲା ।

### କିପରି ଭାବରେ ମନ୍ଦ ଆତ୍ମାର ସାକ୍ଷ୍ୟକୁ ପାଉଲ ପ୍ରତିଉତ୍ତର ଦେଲେ ?

ପାଉଲ ବିରକ୍ତ ହୋଇଗଲେ ଏବଂ ସେହି ଭୂତକୁ ଦାସୀ ବାଳିକା ପାଖରୁ ଛାଡି ଚାଲିଯିବାକୁ ଆଜ୍ଞା ଦେଲେ .

---

## 47:06

ସେମାନେ ହୃଦୟଙ୍ଗମ କଲେ ଯେ ଭୂତ ବିନା ସେହି ଦାସୀ ବାଳିକା ଲୋକମାନଙ୍କର ଭବିଷ୍ୟତ କହିପାରିବ ନାହିଁ ।ଏହାର ଅର୍ଥ ହେଉଛି ଲୋକମାନଙ୍କ ଭବିଷ୍ୟତ କହିବା ନିମନ୍ତେ ସେମାନେ ସେହି ଦାସୀ ବାଳିକାର ମାଳିକକୁ ଆଉ ଅର୍ଥ ଦେବେ ନାହିଁ । ତେଣୁ ସେହି ଦାସୀ ବାଳିକାର ମାଳିକମାନେ ପାଉଲ ଓ ଶୀଲାଙ୍କୁ ରୋମୀୟ କର୍ତ୍ତୃପକ୍ଷଙ୍କ ନିକଟକୁ ଘେନିଗଲେ, ଯେଉଁମାନେ ପାଉଲ ଓ ଶୀଲାଙ୍କୁ ପ୍ରହାର କରି କାରାଗାରରେ ନିକ୍ଷେପ କଲେ ।

### କାହ ିଁକି ସେହି ଦାସୀ ବାଳିକାର ମାଲିକମାନେ କ୍ରୋଧ କଲେ ଯେତେବେଳେ ଭୂତ ଛାଡି ଚାଲିଗଲା?

ସେମାନେ ଜାଣିଲେ ଯେ ଲୋକମାନନେ ଭବିଷ୍ୟତ ବିଷୟ କହିବା ନିମନ୍ତେ ସେହି ବାଳିକାକୁ ଆଉ କେବେହେଲେ ଟଙ୍କା ଦେବେ ନାହିଁ.

---

## 47:07

ସେମାନେ ପାଉଲ ଓ ଶୀଲାଙ୍କୁ କାରାଗାରର ଅତି ସୁରକ୍ଷିତ ସ୍ଥାନରେ ରଖି ସେମାନଙ୍କ ପାଦକୁ ବାନ୍ଧିଲେ ।

---

## 47:08

ତଥାପି ମଧରାତ୍ରିରେ ସେମାନେ ଇଶ୍ୱରଙ୍କ ନିକଟରେ ପ୍ରଶଂସାର ଗୀତଗୁଡିକ ଗାଇବାକୁ ଲାଗିଲେ ।ହଠାତ୍, ଅତି ଭୟଙ୍କର ଭୂମିକମ୍ପ ହେଲା!

### କାରାଗାରରେ ପାଉଲ ଏବଂ ଶୀଲା ମଧ୍ୟରାତ୍ରି ସମୟରେ କଣ କରୁଥିଲେ ?

ସେମାନେ ଇଶ୍ୱରଙ୍କ ପ୍ରଶଂସା କରିବା ପାଇଁ ଗୀତଗୁଡିକ ଗାଉଥିଲେ ।

---

## 47:09

କାରାଗାରରେ ଥିବା ସମସ୍ତ ଦ୍ୱାର ଖୋଲିଗଲା, ଏବଂ ସମସ୍ତ ବନ୍ଦୀମାନଙ୍କ ହସ୍ତରୁ ଶିକୁଳିଗୁଡିକ ଖସିପଡିଲା ।କାରାଗାର ରକ୍ଷକ ନିଦ୍ରାରୁ ଉଠିପଡିଲେ, ଏବଂ ଯେତେବେଳେ ସେ ଦେଖିଲେ ଯେ କାରାଗାରର ଦ୍ୱାର ସବୁ ଖୋଲା ହୋଇଛି, ସେ ଭୟଭୀତ ହୋଇଗଲେ ।

### କଣ ହେଲା ଯେତେବେଳେ ପାଉଲ ଓ ଶୀଲା ଗୀତ ଗାଉଥିଲେ ?

ସେଠାରେ ଏକ ବଡ ଭୂମିକମ୍ପ ହେଲା, କାରାଗାରରେ ଥିବା ସମସ୍ତ ଦ୍ୱାର ଖୋଲିଗଲା, ଏବଂ ସମସ୍ତ ବନ୍ଦୀମାନଙ୍କ ହସ୍ତରୁ ଶିକୁଳିଗୁଡିକ ଖସିପଡିଲା ।

---

## 47:10

ସେ ଭାବିଲେ ଯେ ସମସ୍ତ ବନ୍ଦୀ ପାର ହୋଇଯାଇଅଛନ୍ତି, ତେଣୁ ସେ ନିଜକୁ ନିଜେ ହତ୍ୟା କରିବା ନିମନ୍ତେ ଯୋଜନା କଲା ।(ସେ ଜାଣିଥିଲେ ଯେ ରୋମୀୟ କର୍ତ୍ତୃପକ୍ଷ ତାଙ୍କୁ ହତ୍ୟା କରିବେ ଯଦି ସେ ବନ୍ଦୀମାନଙ୍କୁ ପଳାୟନ କରିବାକୁ ଅନୁମତି ଦେବେ ।)କିନ୍ତୁ ପାଉଲ ତାହାକୁ ଦେଖି ଚିତ୍କାର କରି ଉଠିଲେ “ରୁହ!ନିଜକୁ କ୍ଷତ କରନାହିଁ । ଆମେ ସମସ୍ତେ ଏଠାରେ ଅଛୁ ।”କାରାଗାର ରକ୍ଷକ ଯେତେବେଳେ ପାଉଲ ଓ ଶୀଲାଙ୍କ ନିକଟକୁ ଆସିଲେ, ସେ ଭୟରେ ଥରୁଥିଲେ ଏବଂ କହିଲେ, ଉଦ୍ଧାରପ୍ରାପ୍ତ ହେବା ନିମନ୍ତେ ମୁଁ କଣ କରିବି? ।

### କାରାଗାର ରକ୍ଷକ କାହିଁକି ଭୟଭୀତ ହେଲେ?

ସେ ଭାବିଲେ ଯେ ସମସ୍ତ ବନ୍ଦୀ ଖସି ପଳାଇଅଛନ୍ତି, ଏବଂ ରୋମୀୟ ଅଧିକାରୀ ମାନେ ତାଙ୍କୁ ମାରିଦେବେ ।

---

## 47:11

ପାଉଲ ଉତ୍ତର ଦେଲେ "ଯୀଶୁଙ୍କଠାରେ, ଯିଏ ଗୁରୁ, ବିଶ୍ୱାସ କର, ତାହା ହେଲେ ତୁମ୍ଭେ ଓ ତୁମ୍ଭ ପରିବାର ଉଦ୍ଧାରପ୍ରାପ୍ତ ହେବ ।ତା'ପରେ ସେହି କାରାଗାର ରକ୍ଷକ ନିଜ ଗୃହକୁ ପାଉଲ ଓ ଶୀଲାଙ୍କୁ ନେଇ ସେମାନଙ୍କ କ୍ଷତସବୁ ଧୋଇଦେଲେ ।ତାଙ୍କ ଗୃହରେ ଥିବା ସମସ୍ତଙ୍କୁ ପାଉଲ ଯୀଶୁଙ୍କ ସମ୍ବନ୍ଧୀୟ ଶୁଭସମ୍ବାଦ ପ୍ରଚାର କଲେ ।କାରାଗାର ରକ୍ଷକ ଓ ତାଙ୍କ ପରିବାର ସମସ୍ତେ ବିଶ୍ୱାସ କରି ବାପ୍ତିଜିତ ହେଲେ ।

### କେଉଁ ପ୍ରଶ୍ନ କାରାଗାର ରକ୍ଷକ ପାଉଲଙ୍କୁ ପଚାରିଲେ ?

"ଉଦ୍ଧାରପ୍ରାପ୍ତ ହେବା ପାଇଁ , ମୁଁ କ'ଣ କରିବି "

### ପାଉଲ କାରଗାର ରକ୍ଷକଙ୍କୁ ରକ୍ଷା ପାଇବା ନିମନ୍ତେ କଣ କରିବାକୁ ହେବ ବୋଲି କହିଲେ ?

'' ପ୍ରଭୁ ଯୀଶୁଙ୍କ ଠାରେ ବିଶ୍ୱାସ କରିବାକୁ ହେବ , ଯିଏ ଗୁରୁ.ଅଟନ୍ତି ''

---

## 47:12

କାରାଗାର ରକ୍ଷକ ପାଉଲ ଓ ଶୀଲାଙ୍କୁ ଭୋଜନ କରିବାକୁ ଦେଲେ ଏବଂ ସେମାନେ ସମସ୍ତେ ଏକାଠି ଆନନ୍ଦିତ ହେଲେ ।ପରଦିନ ନଗରର ନେତାମାନେ ପାଉଲ ଓ ଶୀଲାଙ୍କୁ କାରାଗାରରୁ ମୁକ୍ତ କଲେ ଏବଂସେମାନଙ୍କୁ ଫିଲିପ୍ପୀରୁ ଚାଲିଯିବା ନିମନ୍ତେ କହିଲେ ।

---

## 47:13

ପାଉଲ ଓ ଶୀଲା ଲୁଦିଆ ଓ ଅନ୍ୟ କେତେକ ବନ୍ଧୁଙ୍କୁ ସାକ୍ଷାତ କଲା ପରେ ସେମାନେ ସେହି ନଗର ଛାଡିଲେ ।ଯୀଶୁଙ୍କ ବିଷୟକ ଶୁଭସମ୍ବାଦ ପ୍ରସାରିତ ହୋଇଚାଲିଲା, ଏବଂ ମଣ୍ଡଳୀ ମଧ୍ୟ ବୃଦ୍ଧିପାଇବାକୁ ଲାଗିଲା ।ପାଉଲ ଓ ଅନ୍ୟ ଖ୍ରୀଷ୍ଟିୟ ନେତାମାନେ ଅନେକ ନଗର ଭ୍ରମଣ କଲେ ଏବଂ ଯୀଶୁଙ୍କ ଶୁଭସମ୍ବାଦ ପ୍ରଚାର କରି ଶିକ୍ଷା ଦେବାକୁ ଲାଗିଲେ ।

---

## 47:14

ସେମାନେ ମଣ୍ଡଳୀଗୁଡିକରେ ଥିବା ବିଶ୍ୱାସୀମାନଙ୍କୁ ଉତ୍ସାହିତ ଓ ଶିକ୍ଷା ଦେବା ନିମନ୍ତେ ଅନେକ ଚିଠିଗୁଡିକ ଲେଖିଲେ ।ଏହି ଚିଠିଗୁଡିକ ମଧ୍ୟରୁ କିଛି ବାଇବଲରେ ପୁସ୍ତକଗୁଡିକ ହେଲା ।ବାଇବଲର ଏକ କାହାଣୀ:

### ପାଉଲ ଏବଂ ଅନ୍ୟ ଖ୍ରୀଷ୍ଟିୟ ନେତାମାନେ ମଣ୍ଡଳୀରେ ଥିବା ବିଶ୍ୱାସୀମାନଙ୍କୁ ଲେଖିଥିବା ଚିଠିଗୁଡିକ କଣ ହେଲା ?

ଏହି ଚିଠିଗୁଡିକ ମଧ୍ୟରୁ କିଛି ଚିଠିଗୁଡିକ ବାଇବଲରେ ପୁସ୍ତକଗୁଡିକ ହେଲା

# ଈଶ୍ୱର ଯେତେବେଳେ ପୃଥିବୀ ସୃଷ୍ଟି କଲେ, ସେତେବେଳେ ସମସ୍ତ ବିଷୟ ସିଦ୍ଧ ଥିଲା ।

## 48:01

ସେତେବେଳେ କୌଣସି ପାପ ନ ଥିଲା ।ଆଦମ ଓ ହବା ପରସ୍ପରକୁ ଭଲ ପାଉଥିଲେ ଏବଂ ସେମାନେ ଈଶ୍ୱରଙ୍କୁ ପ୍ରେମ କରୁଥିଲେ । ସେତେବେଳେ କୌଣସି ଅସୁସ୍ଥତା ବା ମୃତ୍ୟୁ ନ ଥିଲା ।ପୃଥିବୀ ଏପରି ହିଁ ହେଉ ବୋଲି ଈଶ୍ୱର ଚାହୁଁଥିଲେ ।ହବାଙ୍କୁ ପ୍ରତାରିତ କରିବା ନିମନ୍ତେ ଶୟତାନ ଏକ ସର୍ପ ଦ୍ୱାରା କଥା କହିଲା ।

### ପୃଥିବୀ କିପରି ଥିଲା ଯେତେବେଳେ ପରମେଶ୍ୱର ପ୍ରଥମେ ଏହା ସୃଷ୍ଟି କରିଥିଲେ ?

ଏହା ବିନା ପାପ, ବିନା ଅସୁସ୍ଥତା, କିମ୍ବା ବିନା ମୃତ୍ୟୁରେ ସମ୍ପୁର୍ଣ ସିଦ୍ଧ ଥିଲା .

---

## 48:02

ତା’ ପରେ ସେ ଓ ଆଦମ ଈଶ୍ୱରଙ୍କ ବିରୁଦ୍ଧରେ ପାପ କଲେ ।ଯେହେତୁ ସେମାନେ ପାପ କଲେ, ସେଥିପାଇଁ ପୃଥିବୀରେ ଥିବା ସମସ୍ତେ ଅସୁସ୍ଥ ହୁଅନ୍ତି ଓ ସମସ୍ତେ ମୃତ୍ୟୁଭୋଗ କରନ୍ତି ।ଯେହେତୁ ଆଦମ ଓ ହବା ପାପ କଲେ, ଏହାଠାରୁ ଆହୁରି କିଛି ଭୟଙ୍କର ବିଷୟ ଘଟିଲା ।

### କାହିଁକି ପୃଥିବୀର ଲୋକମାନେ ଅସୁସ୍ଥ ହୁଅନ୍ତି ଏବଂ ପ୍ରତ୍ୟେକେ ମୃତ୍ୟୁବରଣ କରନ୍ତି?

ଯେହେତୁ ଆଦମ ଓ ହବା ପରମେଶ୍ୱରଙ୍କ ବିରୁଦ୍ଧରେ ପାପ କଲେ,

---

## 48:03

ସେମାନେ ଈଶ୍ୱରଙ୍କର ଶତ୍ରୁ ହେଲେ ।ଏହାର ଫଳ ସ୍ୱରୂପ, ସେହି ଦିନ ଠାରୁ ଜନ୍ମ ହେଉଥିବା ପ୍ରତ୍ୟେକ ମନୁଷ୍ୟ ପାପ ସ୍ୱଭାବରେ ଜନ୍ମ ନିଅନ୍ତି ଏବଂ ଈଶ୍ୱରଙ୍କର ଶତ୍ରୁ ହୁଅନ୍ତି ।ଈଶ୍ୱର ଓ ମନୁଷ୍ୟମାନଙ୍କ ମଧ୍ୟରେ ଥିବା ସମ୍ପର୍କ ପାପ ଦ୍ୱାରା ଭଙ୍ଗ ହୋଇଥିଲା ।କିନ୍ତୁ ସେହି ସମ୍ପର୍କକୁ ପୁନଃସ୍ଥାପିତ କରିବା ନିମନ୍ତେ ଈଶ୍ୱର ଏକ ଯୋଜନା କରିଥିଲେ ।ଈଶ୍ୱର ପ୍ରତିଜ୍ଞା କରି କହିଥିଲେ ଯେ ହବାଙ୍କ ବଂଶରୁ ଜନ୍ମିତ ଜଣେ ଶୟତାନର ମସ୍ତକକୁ ଚୂର୍ଣ୍ଣ କରିବେ, ଏବଂ ଶୟତାନ ତାଙ୍କ ଗୋଇଠିକୁ କ୍ଷତ କରିବ ।

### ଯେଉଁମାନେ ଜନ୍ମ ହୁଅନ୍ତି, ସେମାନଙ୍କ ଅବସ୍ଥା କିପରି ହୋଇଥାଏ ?

ସେମାନଙ୍କର ଏକ ପାପମୟ ସ୍ୱଭାବ ଥାଏ ଏବଂ ପରମେଶ୍ୱରଙ୍କ ଶତ୍ରୁ ହୋଇଥାନ୍ତି

---

## 48:04

ଏହାର ଅର୍ଥ ହେଉଛି ଯେ ଶୟତାନ ଖ୍ରୀଷ୍ଟଙ୍କୁ ବଧ କରିବେ, କିନ୍ତୁ ଇଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇବେ, ଏବଂ ତା'ପରେ ଖ୍ରୀଷ୍ଟ ଚିରଦିନ ନିମନ୍ତେ ଶୟତାନର ଶକ୍ତିକୁ ଚୂର୍ଣ୍ଣ କରିବେ ।ଅନେକ ବର୍ଷ ପରେ, ଇଶ୍ୱର ପ୍ରକାଶ କଲେ ଯେ ଯୀଶୁ ହିଁ ହେଉଛନ୍ତି ସେହି ଖ୍ରୀଷ୍ଟ । ଇଶ୍ୱର ଯେତେବେଳେ ଏକ ଜଳପ୍ଲାବନ ଦ୍ୱାରା ସମଗ୍ର ପୃଥିବୀକୁ ବିନଷ୍ଟ କଲେ, ସେତେବେଳେ ଯେଉଁମାନେ ତାଙ୍କଠାରେ ବିଶ୍ୱାସ କଲେ ସେମାନଙ୍କୁ ରକ୍ଷା ନିମନ୍ତେ ଜାହାଜ ଯୋଗାଇଲେ ।

### ଶୟତାନ୍ ହବାର ପିଢିକୁ ତାହାର ଗୋଇଠିକୁ ଆଘାତ କରିବ, ଏହାର ଅର୍ଥ କଣ ଅଟେ ?

ଶୟତାନ ଖ୍ରୀଷ୍ଟଙ୍କୁ ମାରିବ, କିନ୍ତୁ ଇଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଜୀବିତ ହେବାପାଇଁ ପୁନର୍ବାର ଉଠାଇବେ ।

---

## 48:05

ଠିକ୍ ସେହିପରି ଭାବରେ, ପ୍ରତ୍ୟେକ ମନୁଷ୍ୟ ସେମାନଙ୍କ ନିଜ ନିଜ ପାପ ନିମନ୍ତେ ବିନଷ୍ଟ ହେବାର ଯୋଗ୍ୟ ଥିଲେ, କିନ୍ତୁ ଯେଉଁମାନେ ତାହାଙ୍କଠାରେ ବିଶ୍ୱାସ କରନ୍ତି ସେମାନଙ୍କୁ ରକ୍ଷା କରିବା ନିମନ୍ତେ ଇଶ୍ୱର ଯୀଶୁଙ୍କୁ ଯୋଗାଇଲେ।ଶହ ଶହ ବର୍ଷ ଧରି ଲୋକମାନେ ସେମାନଙ୍କ ପାପ ଯୋଗୁଁ ଯେଉଁ ଦଣ୍ଡର ଯୋଗ୍ୟ ଥିଲେ ତାହା ଦେଖାଇବା ନିମନ୍ତେ ଯାଜକମାନେ ନିରନ୍ତର ଇଶ୍ୱରଙ୍କ ନିକଟରେ ବଳି ଉତ୍ସର୍ଗ କରୁଥିଲେ ।

### କେଉଁ ଭାବରେ ଯୀଶୁ ଏକ ନୌକା ପରି ଅଟନ୍ତି ଯାହା ପରମେଶ୍ୱର ଯୋଗାଇଲେ ଯେତେବେଳେ ସେ ଜଳପ୍ଲାବନ ଦ୍ୱାରା ସମଗ୍ର ପୃଥିବୀକୁ ସର୍ବନାଶ କଲେ ?

ତାହାଙ୍କଠାରେ ଯେଉଁମାନେ ବିଶ୍ୱାସ କଲେ ଇଶ୍ୱର ସେମାନଙ୍କୁ ରକ୍ଷା କରିବା ପାଇଁ ଯୀଶୁଙ୍କୁ ଯୋଗାଇଲେ ।

---

## 48:06

କିନ୍ତୁ ସେହି ସମସ୍ତ ବଳିଦାନ ସେମାନଙ୍କର ପାପକୁ ଦୂର କରିପାରୁନଥିଲା ।ଯୀଶୁ ହେଉଛି ମହାନ୍ ମହାଯାଜକ ।ଅନ୍ୟ ଯାଜକମାନଙ୍କ ପରି ନୁହେଁ, ଯାହା ଯୀଶୁ କରି ଦେଖାଇଲେ – ଏକମାତ୍ର ବଳିଦାନ ଭାବରେ ସେ ନିଜକୁ ଉତ୍ସର୍ଗ କଲେ ଯାହା ଜଗତରେ ଥିବା ସମସ୍ତଙ୍କ ପାପକୁ ଦୂର କରିବ ।ଯୀଶୁ ସିଦ୍ଧ ମହାଯାଜକ ଅଟନ୍ତି କାରଣ ଜଗତରେ ଥିବା ଯେକୌଣସି ବ୍ୟକ୍ତି ଯେକୌଣସି ସମୟରେ କରିଥିବା ସମସ୍ତ ପାପର ଦଣ୍ଡକୁ ସେ ନିଜ ଉପରକୁ ନେଲେ ।ଇଶ୍ୱର ଅବ୍ରାହାମଙ୍କୁ କହିଲେ "ପୃଥିବୀରେ ସମସ୍ତ ଲୋକମାନେ ତୁମ୍ଭଦ୍ୱାରା ଆଶୀର୍ବାଦପ୍ରାପ୍ତ ହେବେ ।"

### ଯୀଶୁ ଯାଜକମାନଙ୍କ ଠାରୁ ଭିନ୍ନ କିପରି ଅଟନ୍ତି ଯେଉଁମାନେ ତାହାଙ୍କ ପୂର୍ବରୁ ଆସିଲେ ?

ସମସ୍ତ ଲୋକମାନଙ୍କ ପାପକୁ ବହନ କରିବା ପାଇଁ ସେ ନିଜକୁ କେବଳ ଏକମାତ୍ରା ବଳିଦାନ ସ୍ୱରୂପ ଉତ୍ସର୍ଗ କଲେ

---

## 48:07

ଯୀଶୁ ଅବ୍ରହାମଙ୍କର ଜଣେ ବଂଶଧର ଥିଲେ ।ସମସ୍ତ ଲୋକଦଳ ତାହାଙ୍କ ଦ୍ୱାରା ଆଶୀର୍ବାଦପ୍ରାପ୍ତ, କାରଣ ଯୀଶୁଙ୍କ ନାମରେ ବିଶ୍ୱାସ କରୁଥିବା ସମସ୍ତେ ପାପରୁ ଉଦ୍ଧାର ପାଇଅଛନ୍ତି, ଏବଂ ଅବ୍ରହାମଙ୍କର ଆତ୍ମିକ ବଂଶଧରରେ ପରିଣତ ହୋଇଅଛନ୍ତି ।

### ଅବ୍ରହାମଙ୍କୁ ପରମେଶ୍ୱରଙ୍କ ପ୍ରତିଜ୍ଞା ଯୀଶୁଙ୍କ ଦ୍ୱାରା କିପରି ସମ୍ପୁର୍ଣ୍ଣ ହେଲା ?

ସମସ୍ତ ଲୋକଦଳରୁ ପ୍ରତ୍ୟେକେ, ଯେଉଁମାନେ ଯୀଶୁଙ୍କୁ ବିଶ୍ୱାସ କରନ୍ତି ପାପରୁ ଉଦ୍ଧାର ପାଇଅଛନ୍ତି, ଏବଂ ଅବ୍ରହାମଙ୍କର ଆତ୍ମିକ ବଂଶରେ ମିଶି ଅଛନ୍ତି ।

---

## 48:08

ଅବ୍ରାହାମଙ୍କୁ ତାଙ୍କ ପୁତ୍ର ଇସାହାକଙ୍କୁ ବଳିଦାନ ଭାବରେ ବଳି ଦେବା ନିମନ୍ତେ ଯେତେବେଳେ ଈଶ୍ୱର କହିଲେ, ସେତେବେଳେ ତାଙ୍କ ପୁତ୍ର ଇସାହାକଙ୍କ ପ୍ରତିବଦଳରେ ବଳିକୃତ ହେବା ପାଇଁ ଏକ ମେଷ ଯୋଗାଇଲେ ।ଆମେ ସମସ୍ତେ ଆମ୍ଭମାନଙ୍କ ପାପ ପାଇଁ ମରିବାର ଯୋଗ୍ୟ ଅଟୁ!କିନ୍ତୁ ଈଶ୍ୱର ତାହାଙ୍କ ମେଷ ଯୀଶୁଙ୍କୁ ଆମ୍ଭମାନଙ୍କ ସ୍ଥାନରେ ଏକ ବଳିଦାନ ଭାବରେ ମରିବାକୁ ପ୍ରଦାନ କଲେ ।ଈଶ୍ୱର ଯେତେବେଳେ ମିଶରରେ ଶେଷ ମହାମାରୀ ପ୍ରେରଣ କଲେ, ସେ ପ୍ରତ୍ୟେକ ଇସ୍ରାୟେଲୀର ପରିବାରକୁ ଏକ ଏକ ସିଦ୍ଧ ମେଷ ବଧ କରି ସେମାନଙ୍କ ଦ୍ୱାର ବନ୍ଧଗୁଡିକ ଉପରେ ସେହି ମେଷର ରକ୍ତ ଲଗାଇବାକୁ କହିଥିଲେ ।

### ଯୀଶୁ ଏକ ବଳୀକୃତ ମେଷ ପରି କିପରି ଅଟନ୍ତି ଯାହାକୁ ଇସହାକଙ୍କ ପରିବର୍ତ୍ତେ ଉତ୍ସର୍ଗ କରାଗଲା ?

ଯୀଶୁ ପରମେଶ୍ୱରଙ୍କ ମେଷଶାବକ ଅଟନ୍ତି, ଯିଏ ଆମ୍ଭମାନଙ୍କ ପରିବର୍ତ୍ତେ ବଳୀକୃତ ହେଲେ

---

## 48:09

ଈଶ୍ୱର ଯେତେବେଳେ ରକ୍ତ ଦେଖିଲେ, ସେ ସେମାନଙ୍କ ଗୃହ ଛାଡିଲେ ଏବଂ ସେମାନଙ୍କ ପ୍ରଥମ ଜାତ ପୁତ୍ରମାନଙ୍କୁ ମାରିଲେ ନାହିଁ ।ଏହି ଘଟଣାକୁ ନିସ୍ତାର ପର୍ବ କୁହାଯାଏ ।ଯୀଶୁ ହେଉଛନ୍ତି ଆମ୍ଭମାନଙ୍କ ନିସ୍ତାରପର୍ବର ମେଷ ।

---

## 48:10

ସେ ସିଦ୍ଧ ଓ ପାପଶୂନ୍ୟ ଥିଲେ ଏବଂ ନିସ୍ତାରପର୍ବ ପାଳନ ସମୟରେ ହିଁ ବଧ କରାଯାଇଥିଲେ ।ଯେତେବେଳେ ଯେକୌଣସି ବ୍ୟକ୍ତି ଯୀଶୁଙ୍କଠାରେ ବିଶ୍ୱାସ କରେ, ସେତେବେଳେ ଯୀଶୁଙ୍କ ରକ୍ତ ସେହି ବ୍ୟକ୍ତିଙ୍କ ପାପର ପ୍ରାୟଶ୍ଚିତ କରେ, ଏବଂ ଈଶ୍ୱରଙ୍କ ଦଣ୍ଡ ସେହି ବ୍ୟକ୍ତିଠାରୁ ଦୂର ହୁଏ ।ଈଶ୍ୱର ଇସ୍ରାଏଲୀୟମାନଙ୍କ ସହିତ ଏକ ନିୟମ କଲେ, ଯେଉଁମାନେ ତାହାଙ୍କ ମନୋନୀତ ଲୋକ ଥିଲେ ।

### ଯୀଶୁ କିପରି ନିସ୍ତାର ପର୍ବର ମେଷଶାବକ ପରି ଅଟନ୍ତି ?

ଯୀଶୁ ସିଦ୍ଧ ଏବଂ ପାପହୀନ ଥିଲେ ଏବଂ ତାହାଙ୍କ ରକ୍ତ କିମ୍ବା ମୃତ୍ୟୁ ପରମେଶ୍ୱରଙ୍କ ଦଣ୍ଡରୁ ସମସ୍ତଙ୍କୁ ଛାଡ କଲା, ଯେଉଁମାନେ ତାଙ୍କ ଠାରେ ବିଶ୍ୱାସ କଲେ

---

## 48:11

କିନ୍ତୁ ଈଶ୍ୱର ବର୍ତ୍ତମାନ ଏକ ନୂତନ ନିୟମ କରିଅଛନ୍ତି ଯାହା ସମସ୍ତଙ୍କ ନିମନ୍ତେ ଉପଲବ୍ଧ ଅଟେ ।ଏହି ନୂତନ ନିୟମ ଦ୍ୱାରା, ଯେକୌଣସି ଲୋକଦଳର ଯେକୌଣସି ବ୍ୟକ୍ତି ଯୀଶୁଙ୍କୁ ବିଶ୍ୱାସ କରିବା ଦ୍ୱାରା ଈଶ୍ୱରଙ୍କ ଲୋକମାନଙ୍କର ଏକ ଅଂଶବିଶେଷ ହୋଇପାରିବେ ।ମୋଶା ଜଣେ ମହାନ୍ ଭାବବାଦୀ ଥିଲେ ଯିଏ ଈଶ୍ୱରଙ୍କ ବାକ୍ୟ ଘୋଷଣା କରିଥିଲେ ।

### କେଉଁମାନେ ପରମେଶ୍ୱରଙ୍କ ଲୋକମାନଙ୍କର ଏକ ଅଂଶ ହୋଇ ପାରନ୍ତି ?

ଏହି ନୂତନ ନିୟମ ଦ୍ୱାରା, ଯେକୌଣସି ଲୋକଦଳର ଯେକୌଣସି ବ୍ୟକ୍ତି ଯୀଶୁଙ୍କୁ ବିଶ୍ୱାସ କରିବା ଦ୍ୱାରା ଈଶ୍ୱରଙ୍କ ଲୋକମାନଙ୍କର ଏକ ଅଂଶବିଶେଷ ହୋଇପାରିବେ ।

---

## 48:12

କିନ୍ତୁ ଯୀଶୁ ସମସ୍ତ ଭାବବାଦୀମାନଙ୍କ ମଧ୍ୟରୁ ସର୍ବ ମହାନ୍ ଥିଲେ ।ସେ ଈଶ୍ୱର ଅଟନ୍ତି, ତେଣୁ ସେ ଯାହା ଯାହା କରୁଥିଲେ ଓ ତାହା ଈଶ୍ୱରଙ୍କ କାର୍ଯ୍ୟ ଓ ଈଶ୍ୱରଙ୍କ ବାକ୍ୟ ଥିଲା ।ସେଥି ଯୋଗୁଁ ଯୀଶୁଙ୍କୁ ଈଶ୍ୱରଙ୍କ ବାକ୍ୟ କୁହାଯାଏ ।ଈଶ୍ୱର ରାଜା ଦାଉଦଙ୍କୁ ପ୍ରତିଜ୍ଞା କରି କହିଲେ ଯେ ତାହାଙ୍କ ବଂଶଧରଙ୍କ ମଧ୍ୟରୁ ଜଣେ ଈଶ୍ୱରଙ୍କ ଲୋକମାନଙ୍କ ଉପରେ ଚିରକାଳ ରାଜତ୍ୱ କରିବେ ।

### ଯୀଶୁ କିପରି ଭାବରେ ସମସ୍ତ ଭାବବାଦୀମାନଙ୍କ ଠାରୁ ମହାନ୍ ଅଟନ୍ତି ?

ସେ ପରମେଶ୍ୱର ଅଟନ୍ତି, ତେଣୁ ସେ ଯାହା କଲେ ଏବଂ କହିଲେ, ପରମେଶ୍ୱରଙ୍କ କାର୍ଯ୍ୟଏବଂ ବାକ୍ୟ ଥିଲା

---

## 48:13

ଯେହେତୁ ଯୀଶୁ ଈଶ୍ୱରଙ୍କ ପୁତ୍ର ଓ ଖ୍ରୀଷ୍ଟ ଥିଲେ, ସେ ଦାଉଦଙ୍କ ବିଶେଷ ବଂଶଧର ଥିଲେ ଯିଏ ଚିରକାଳ ରାଜତ୍ୱ କରିବେ ।ଦାଉଦ ଇସ୍ରାୟେଲର ରାଜା ଥିଲେ, କିନ୍ତୁ ଯୀଶୁ ସମଗ୍ର ବିଶ୍ୱର ରାଜା ଅଟନ୍ତି!

### ରାଜା ଦାଉଦଙ୍କୁ କରିଥିବା ପରମେଶ୍ୱରଙ୍କ ପ୍ରତିଜ୍ଞାକୁ ଯୀଶୁ କିପରି ସମ୍ପୁର୍ଣ୍ଣ କରନ୍ତି ?

ଯେହେତୁ ଯୀଶୁ ଈଶ୍ୱରଙ୍କ ପୁତ୍ର ଥିଲେ, ସେ ଦାଉଦଙ୍କ ବଂଶରୁ ଥିଲେ ଯିଏ ଚିରକାଳ ରାଜତ୍ୱ କରିବେ ।

---

# 48:14

ସେ ପୁଣି ଆସିବେ ଏବଂ ନ୍ୟାୟ ଓ ଶାନ୍ତିରେ ଚିରକାଳ ରାଜତ୍ୱ କରିବେ ।ବାଇବଲର ଏକ କାହାଣୀ:

## ଯୀଶୁ କିପରି ଭାବରେ ଦାଉଦଙ୍କ ଠାରୁ ମହାନ୍ ରାଜା ଅଟନ୍ତି ?

ଯୀଶୁ ସମଗ୍ର ବିଶ୍ୱର ରାଜା ଅଟନ୍ତି !

# ମରିୟମ ନାମକ ଜଣେ କୁମାରୀଙ୍କୁ ଜଣେ ଦୂତ କହିଲେ ଯେ ସେ ଈଶ୍ୱରଙ୍କ ପୁତ୍ରଙ୍କୁ ଜନ୍ମ ଦେବେ ।

## 49:01

ତେଣୁ ଯେତେବେଳେ ସେ କୁମାରୀ ଥିଲା, ପବିତ୍ର ଆତ୍ମା ତାଙ୍କୁ ଆବୋରିଲା ଓ ସେ ଗର୍ଭବତୀ ହେଲା.ତେଣୁ ସେ ଏକ ପୁତ୍ର ପ୍ରସବ କଲେ ଏବଂ ତାଙ୍କ ନାମ ଯୀଶୁଦେଲେ ।ଅତଏବ, ଯୀଶୁ ହେଉଛନ୍ତି ଉଭୟ ଈଶ୍ୱର ଓ ମନୁଷ୍ୟ ।

### ଯୀଶୁ କିପରି ଉଭୟ ଈଶ୍ୱର ଓ ମନୁଷ୍ୟ ଅଟନ୍ତି ?

କାରଣ ସେ ଏକ କୁମାରୀ ସ୍ତ୍ରୀଙ୍କ ଠାରୁ ଜନ୍ମ ହୋଇଥିଲେ , ଏବଂ ସେ ପରମେଶ୍ୱରଙ୍କ ପୁତ୍ର.ମଧ୍ୟ ଥିଲେ

---

## 49:02

ଯୀଶୁ ଅନେକ ଆଶ୍ଚର୍ଯ୍ୟକାର୍ଯ୍ୟ କଲେ ଯାହା ସେ ଈଶ୍ୱରଙ୍କ ପୁତ୍ର ବୋଲି ପ୍ରମାଣିତ ହୁଏ ।ସେ ଜଳ ଉପରେ ଚାଲିଲେ, ଝଡକୁ ଶାନ୍ତ କଲେ, ଅନେକ ଅସୁସ୍ଥ ବ୍ୟକ୍ତିଙ୍କୁ ସୁସ୍ଥ କଲେ, ଭୂତମାନଙ୍କୁ ବିତାଡିତ କଲେ, ମୃତମାନଙ୍କୁ ଜୀବନଦାନ କଲେ ଏବଂ ୫୦୦୦ ରୁ ଅଧିକ ବ୍ୟକ୍ତିଙ୍କୁ ପାଞ୍ଚଟି ରୋଟୀ ଓ ଦୁଇଟି ମାଛରେ ଖୁଆଇଲେ ।

### ଯୀଶୁ କିପରି ପ୍ରମାଣ କଲେ ଯେ ସେ ଈଶ୍ୱର ଅଟନ୍ତି ?

ସେ ଅନେକ ଆଶ୍ଚର୍ଯ୍ୟ କର୍ମ କଲେ

---

## 49:03

ଯୀଶୁ ଜଣେ ମହାନ୍ ଶିକ୍ଷକ ମଧ୍ୟ ଥିଲେ, ଏବଂ ସେ ଅଧିକାର ସହିତ କଥା କହୁଥିଲେ କାରଣ ସେ ଈଶ୍ୱରଙ୍କ ପୁତ୍ର ଥିଲେ । ସେ ଶିକ୍ଷା ଦେଇଥିଲେ ଯେ ଯେପରି ତୁମ୍ଭେ ଆପଣାକୁ ପ୍ରେମ କର ସେପରି ଅନ୍ୟମାନଙ୍କୁ ମଧ୍ୟ ପ୍ରେମ କରିବା ଆବଶ୍ୟକ ।

### ଆମେ କିପରି ଅନ୍ୟ ଲୋକମାନଙ୍କୁ ପ୍ରେମ କରିବା ଉଚିତ୍ ?

ସେହିପରି ଭାବରେ ଯେପରି ଆମ୍ଭେ ନିଜେ ନିଜକୁ ପ୍ରେମ କରୁ

---

## 49:04

ସେ ଆହୁରି ମଧ୍ୟ ଶିକ୍ଷା ଦେଲେ ଯେ ତୁମ୍ଭେ ଯେକୌଣସି ବିଷୟକୁ ଅବା ତୁମ୍ଭର ଧନ ସମ୍ପଦକୁ ପ୍ରେମ କରିବା ଅପେକ୍ଷା ଈଶ୍ୱରଙ୍କୁ ଅଧିକ ପ୍ରେମ କରିବାକୁ ହେବ, ।

### ଆମ୍ଭେମାନେ ସମସ୍ତଙ୍କ ଠାରୁ ଅଧିକ କାହାକୁ ପ୍ରେମ କରିବା ଉଚିତ୍ ?

ପରମେଶ୍ୱରଙ୍କୁ

---

## 49:05

ଯୀଶୁ କହିଲେ ଯେ ଜଗତରେ ଥିବା ଯେକୌଣସି ମୂଲ୍ୟବାନ୍ ବିଷୟ ଅପେକ୍ଷା ଈଶ୍ୱରଙ୍କ ରାଜ୍ୟ ଅଧିକ ଅଧିକ ମୂଲ୍ୟବାନ୍ ଅଟେ । ଯେକୌଣସି ବ୍ୟକ୍ତି ନିମନ୍ତେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ ସେ ଈଶ୍ୱରଙ୍କ ରାଜ୍ୟର ଅନ୍ତର୍ଭୁକ୍ତ ହେବା ।ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିବା ନିମନ୍ତେ, ଆପଣ ନିହାତି ଆପଣଙ୍କ ପାପରୁ ଉଦ୍ଧାର ପାଇବାକୁ ପଡିବ ।

### ପ୍ରତ୍ୟେକଙ୍କ ନିମନ୍ତେ କଣ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ ?

ଈଶ୍ୱରଙ୍କ ରାଜ୍ୟର ଅନ୍ତର୍ଭୁକ୍ତ ହେବା ।

---

## 49:06

ଯୀଶୁ କହିଲେ ,କିଛି ଲୋକ ତାଙ୍କୁ ଗ୍ରହଣ କରି ଉଦ୍ଧାରପ୍ରାପ୍ତ ହେବେ, କିନ୍ତୁ ଅନ୍ୟମାନେ ଗ୍ରହଣ କରିବେ ନାହିଁ ।ସେ କହିଲେ ଯେ କିଛି ଲୋକ ଉତ୍ତମ ଭୂମି ସଦୃଶ ।ସେମାନେ ଯୀଶୁଙ୍କ ଶୁଭସମ୍ବାଦ ଶୁଣି ଉଦ୍ଧାର ପାଆନ୍ତି ।ଅନ୍ୟମାନେ ରାସ୍ତା ନିକଟରେ ଥିବା କଠିନ ପଥୁରିଆ ଭୂମି ସଦୃଶ, ଯେଉଁଠି ଈଶ୍ୱରଙ୍କ ବାକ୍ୟର ବୀଜ ପ୍ରବେଶ କରିପାରେ ନାହିଁ ଏବଂ ଅମଳ ନିମନ୍ତେ ଶଷ୍ୟ ଉତ୍ପନ୍ନ ହୁଏ ନାହିଁ ।ଯେଉଁ ଲୋକମାନେ ଯୀଶୁଙ୍କ ଶୁଭସମ୍ବାଦକୁ ଅଗ୍ରାହ୍ୟ କରନ୍ତି ସେମାନେ ତାହାଙ୍କ ରାଜ୍ୟରେ ପ୍ରବେଶ କରିବେ ନାହିଁ ।

### ଯେଉଁମାନେ ଯୀଶୁଙ୍କ ସମ୍ବାଦକୁ ତୁଚ୍ଛ କରିବେ, ସେମାନଙ୍କ ସହିତ କଣ ଘଟିବ ?

ସେମାନେ ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିବେ ନାହିଁ ।

---

## 49:07

ଯୀଶୁ ଶିକ୍ଷା ଦେଇଥିଲେ ଯେ ଈଶ୍ୱର ପାପୀମାନଙ୍କୁ ଅଧିକ ଭଲ ପାଆନ୍ତି ।ସେ ସେମାନଙ୍କୁ କ୍ଷମା କରି ତାହାଙ୍କ ସନ୍ତାନ କରିବାକୁ ଚାହାନ୍ତି ।

### ପରମେଶ୍ୱର ପାପୀମାନଙ୍କ ନିମନ୍ତେ କଣ କରିବା ପାଇଁ ଚାହାନ୍ତି ?

ସେ ସେମାନଙ୍କୁ କ୍ଷମା କରିବାକୁ ଏବଂ ତାହାଙ୍କ ସନ୍ତାନ କରିବାକୁ ଚାହାନ୍ତି ।

---

## 49:08

ଯୀଶୁ ଆମ୍ଭମାନଙ୍କୁ ଆହୁରି ମଧ କହିଲେ,ଯେ ଈଶ୍ୱର ପାପକୁ ଘୃଣା କରନ୍ତି ।ଯେତେବେଳେ ଆଦମ ଓ ହବା ପାପ କଲେ, ତାହା ସେମାନଙ୍କ ସମସ୍ତ ବଂଶଧରକୁ ପ୍ରଭାବିତ କଲା ।ଏହାର ଫଳସ୍ୱରୂପ, ଜଗତରେ ଥିବା ପ୍ରତ୍ୟେକେ ପାପ କରନ୍ତି ଓ ଈଶ୍ୱରଙ୍କଠାରୁ ପୃଥକୀକୃତ ହୁଅନ୍ତି । ଅତଏବ, ସମସ୍ତେ ଈଶ୍ୱରଙ୍କର ଶତ୍ରୁ ହୋଇଅଛନ୍ତି ।

### ପରମେଶ୍ୱର କ'ଣ ଘୃଣା କରନ୍ତି ?

ପାପ

---

## 49:09

କିନ୍ତୁ ଈଶ୍ୱର ଜଗତରେ ଥିବା ସମସ୍ତଙ୍କୁ ଏପରି ପ୍ରେମ କଲେ ଯେ ସେ ଆପଣା ଏକମାତ୍ର ପୁତ୍ରଙ୍କୁ ଦେଲେ ଯେପରିକି ଯେକେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ତା' ପାପର ଦଣ୍ଡ ନ ପାଇ ଈଶ୍ୱରଙ୍କ ସହ ଚିରଦିନ ବାସ କରିବ ।

---

## 49:10

ଆପଣଙ୍କ ପାପ ଯୋଗୁଁ, ଆପଣ ଦୋଷୀ ଓ ମରିବାର ଯୋଗ୍ୟ ।ଈଶ୍ୱର ଆପଣଙ୍କ ଉପରେ କ୍ରୋଧ କରିବା କଥା, କିନ୍ତୁ ସେ ଆପଣଙ୍କ ଉପରେ ସେହି କ୍ରୋଧ ନ ଢାଳି ଯୀଶୁଙ୍କ ଉପରେ ଆପଣାର କ୍ରୋଧ ଢାଳି ଦେଲେ ।ଯୀଶୁ ଯେତେବେଳେ କ୍ରୁଶରେ ମୃତ୍ୟୁଭୋଗ କଲେ, ସେତେବେଳେ ସେ ଆପଣଙ୍କ ଦଣ୍ଡ ପାଇଲେ।

### ଆମ୍ଭମାନଙ୍କ ପାପ ନିମନ୍ତେ ଆମ୍ଭେ ପରମେଶ୍ୱରଙ୍କ ଠାରୁ କଣ ପାଇବାକୁ ଯୋଗ୍ୟ ଅଟୁ ?

ଆମେ ମରିବାକୁ ଯୋଗ୍ୟ ଅଟୁ

### ଯୀଶୁ କ'ଣ ପାଇଲେ ଯାହା ତାଙ୍କର ପାଇବାର ଯୋଗ୍ୟ ନ ଥିଲା ଯେତେବେଳେ ସେ କ୍ରୁଶରେ ହତ ହେଲେ ?

ସେ ମୋର ଦଣ୍ଡ.ପାଇଲେ

---

## 49:11

ଯୀଶୁ କେବେ ପାପ କରିନାହାନ୍ତି, କିନ୍ତୁ ଆପଣଙ୍କର ଓ ଜଗତରେ ଥିବା ସମସ୍ତଙ୍କର ପାପଭାର ବୋହିନେଇଯିବା ନିମନ୍ତେ ଏକ ସିଦ୍ଧ ବଳିଦାନ ଭାବରେ ଦଣ୍ଡପ୍ରାପ୍ତ ହେବାକୁ ଉଚିତ ମଣିଲେ ।ଯେହେତୁ ଯୀଶୁ ନିଜକୁ ନିଜେ ବଳିକୃତ କଲେ, ସେଥିପାଇଁ ଈଶ୍ୱର ଯେକୌଣସି ପାପ, ଏପରିକି ସବୁଠାରୁ ଭୟଙ୍କର ପାପ ମଧ କ୍ଷମା କରିପାରିବେ ।

### ଯୀଶୁଙ୍କ ବଳିଦାନ କାହିକି ଜଗତର ସମସ୍ତଙ୍କ ପାପକୁ ବୋହି ନେଇଯାନ୍ତି?

କାରଣ ଯୀଶୁ କେବେ ପାପ କରି ନ ଥିଲେ ।

---

## 49:12

ଉତ୍ତମ କାର୍ଯ୍ୟ ଆପଣଙ୍କୁ ଉଦ୍ଧାର କରିପାରିବ ନାହିଁ ।ଈଶ୍ୱରଙ୍କ ସହ ସମ୍ପର୍କ ରଖିବା ନିମନ୍ତେ ଏପରି କୌଣସି ବିଷୟ ନାହିଁ ।କେବଳ ଯୀଶୁ ହିଁ ଆପଣଙ୍କର ପାପକୁ ଧୋଇ ପାରିବେ ।ଯୀଶୁ ଯେ ଈଶ୍ୱରଙ୍କର ପୁତ୍ର ଓ ଆପଣଙ୍କ ବଦଳରେ ଯୀଶୁ ଯେ କ୍ରୁଶରେ ମୃତ୍ୟୁଭୋଗ କଲେ ଏବଂ ଈଶ୍ୱର ଯେ ତାଙ୍କୁ ମୃତ୍ୟୁରୁ ଉଠାଇ ଜୀବିତ କଲେ ଏହି କଥାକୁ ଆପଣ ନିହାତି ବିଶ୍ୱାସ କରିବାକୁ ହେବ ।

---

## 49:13

ଯେକୌଣସି ବ୍ୟକ୍ତି ଯୀଶୁଙ୍କଠାରେ ବିଶ୍ୱାସ କରେ ଓ ଆପଣା ପ୍ରଭୁ ଭାବରେ ତାଙ୍କୁ ଗ୍ରହଣ କରେ, ଈଶ୍ୱର ସେହି ପ୍ରତ୍ୟେକଙ୍କୁ ଉଦ୍ଧାର କରିବେ ।କିନ୍ତୁ ତାଙ୍କଠାରେ ଯେ ବିଶ୍ୱାସ କରେ ନାହିଁ ସେ ତାହାକୁ ଉଦ୍ଧାର କରିବେ ନାହିଁ ।ଆପଣ ଧନୀ କିମ୍ବା ଦରିଦ୍ର, ପୁରୁଷ କିମ୍ବା ସ୍ତ୍ରୀ, ବୃଦ୍ଧ କିମ୍ବା ଯୁବକ ଏବଂ କେଉଁଠାରେ ରୁହନ୍ତି ସେଥିରେ କିଛି ପ୍ରଭାବ ପଡେ ନାହିଁ ।ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ଏବଂ ଆପଣ ଯେପରି ଯୀଶୁଙ୍କଠାରେ ବିଶ୍ୱାସ କରିବେ ତାହା ଚାହାଁନ୍ତି ଯେପରିକି ତାଙ୍କ ସହିତ ଆପଣଙ୍କର ଘନିଷ୍ଠ ସମ୍ପର୍କ ରହିବ ।

### କେଉଁମାନେ ଉଦ୍ଧାର ପାଇବେ ?

ସମସ୍ତେ ଯେଉଁମାନେ ଯୀଶୁଙ୍କଠାରେ ବିଶ୍ୱାସ କରନ୍ତି ଏବଂ ତାଙ୍କୁ ନିଜ ରକ୍ଷାକର୍ତ୍ତା ଭାବେ ଗ୍ରହଣ କରନ୍ତି

---

## 49:14

ଯୀଶୁ ଆପଣଙ୍କୁ ତାଙ୍କଠାରେ ବିଶ୍ୱାସ କରିବାକୁ ଓ ବାପ୍ତିଜିତ ହେବାକୁ ନିମନ୍ତ୍ରଣ କରନ୍ତି ।ଯୀଶୁ ଯେ ଖ୍ରୀଷ୍ଟ ଓ ଈଶ୍ୱରଙ୍କ ଏକମାତ୍ର ପୁତ୍ର ତାହା କ'ଣ ଆପଣ ବିଶ୍ୱାସ କରନ୍ତି?ଆପଣ କ'ଣ ବିଶ୍ୱାସ କରନ୍ତି କି ଯେ ଆପଣ ଜଣେ ପାପୀ ଅଟନ୍ତି ଓ ଈଶ୍ୱରଙ୍କଠାରୁ ଆପଣ ଦଣ୍ଡ ପାଇବାର ଯୋଗ୍ୟ? ଆପଣ କ'ଣ ବିଶ୍ୱାସ କରନ୍ତି ଯେ ଆପଣଙ୍କ ପାପ ବୋହି ନେଇଯିବା ନିମନ୍ତେ ଯୀଶୁ କ୍ରୁଶ ଉପରେ ମୃତ୍ୟୁବରଣ କଲେ ?

---

## 49:15

ଯୀଶୁ ଆପଣଙ୍କ ପ୍ରତି ଯାହା କରିଛନ୍ତି ଯଦି ସେଥିରେ ଆପଣ ବିଶ୍ୱାସ କରନ୍ତି, ଆପଣ ଜଣେ ଖ୍ରୀଷ୍ଟିୟାନ ଅଟନ୍ତି!ଈଶ୍ୱର ଆପଣଙ୍କୁ ଶୟତାନର ଅନ୍ଧକାର ରାଜ୍ୟରୁ ବାହାର କରିଅଛନ୍ତି ଏବଂ ଈଶ୍ୱରଙ୍କ ରାଜ୍ୟର ଜ୍ୟୋତିଃରେ ସ୍ଥାପନ କରିଅଛନ୍ତି ।ଈଶ୍ୱର ଆପଣ ପୂର୍ବ ପାପମୟ କାର୍ଯ୍ୟର ପଥସବୁ ନେଇଯାଇଅଛନ୍ତି ଏବଂ ସେ ଆପଣଙ୍କୁ ନୂତନ ଏବଂ ଧାର୍ମିକତାର କାର୍ଯ୍ୟର ପଥ ପ୍ରଦାନ କରିଅଛନ୍ତି ।

---

## 49:16

ଯଦି ଆପଣ ଜଣେ ଖ୍ରୀଷ୍ଟିୟାନ ଅଟନ୍ତି, ତେବେ ଯୀଶୁ ଯାହା କରିଅଛନ୍ତି ସେଥିଯୋଗୁଁ ଈଶ୍ୱର ଆପଣଙ୍କ ପାପସବୁ କ୍ଷମା କରିଅଛନ୍ତି । ବର୍ତ୍ତମାନ, ଆପଣ ଈଶ୍ୱରଙ୍କର ଜଣେ ଶତ୍ରୁ ନ ହୋଇ ବରଂ ତାଙ୍କର ଜଣେ ଘନିଷ୍ଠ ବନ୍ଧୁ ହେବା ପାଇଁ ଈଶ୍ୱର ଚିନ୍ତା କରନ୍ତି ।

### କଣ ଖ୍ରୀଷ୍ଟିୟାନମାନେ ଈଶ୍ବରଙ୍କର ଶତ୍ରୁ ଅଟନ୍ତି କି ?

ନୁହଁ, ସେମାନେ ବର୍ତ୍ତମାନ ପରମେଶ୍ୱରଙ୍କ ବନ୍ଧୁ ଅଟନ୍ତି .

---

## 49:17

ଯଦି ଆପଣ ଈଶ୍ୱରଙ୍କର ଜଣେ ବନ୍ଧୁ ଓ ପ୍ରଭୁ ଯୀଶୁଙ୍କ ଜଣେ ସେବକ, ତେବେ ଯୀଶୁ ଯାହା ଶିକ୍ଷା ଦିଅନ୍ତି ତାହା ପାଳନ କରିବା ନିମନ୍ତେ ଆପଣ ଚାହିଁବେ ।ଯଦିଓ ଆପଣ ଜଣେ ଖ୍ରୀଷ୍ଟିୟାନ ଅଟନ୍ତି, ତଥାପି ଆପଣ ପାପ କରିବା ନିମନ୍ତେ ପ୍ରଲୋଭିତ ହେବେ ।କିନ୍ତୁ ଈଶ୍ୱର ବିଶ୍ୱସ୍ତ ଅଟନ୍ତି ଏବଂ ସେ କୁହନ୍ତି ଯେ ଯଦି ଆପଣ ଆପଣଙ୍କର ପାପସବୁ ସ୍ୱୀକାର କରିବେ, ସେ ଆପଣଙ୍କୁ କ୍ଷମା ଦେବେ ।ପାପ ବିରୁଦ୍ଧରେ ଯୁଦ୍ଧ କରିବା ନିମନ୍ତେ ସେ ଆପଣଙ୍କୁ ବଳ ଯୋଗାଇବେ ।

### କଣ ଖ୍ରୀଷ୍ଟିୟାନମାନ ବର୍ତ୍ତମାନ ମଧ୍ୟ ପାପରେ ପ୍ରଲୋଭିତ ହୁଅନ୍ତି ?

ହଁ,.

### ଖ୍ରୀଷ୍ଟିୟାନମାନେ କଣ କରିବା ଉଚିତ୍ ଯେତେବେଳେ ସେମାନେ ପାପ କରନ୍ତି ?

ସେମାନେ ସେମାନଙ୍କର ପାପ ପାଇଁ ପରମେଶ୍ୱରଙ୍କ ନିକଟରେ ସ୍ୱୀକାର କରିବା ଉଚିତ୍ .

### ପରମେଶ୍ୱର କଣ ପ୍ରତିଜ୍ଞା କରନ୍ତି ଯଦି ଆମେ ଆମର ପାପକୁ ସ୍ୱୀକାର କରିବା ?

ସେ ଆମ୍ଭମାନଙ୍କୁ କ୍ଷମା ଦେବେ ବୋଲି ପ୍ରତିଜ୍ଞା କରନ୍ତି ଏବଂ ପାପର ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ସାମର୍ଥ ଦିଅନ୍ତି

---

## 49:18

ଆପଣ ଯେପରି ପ୍ରାର୍ଥନା କରିବେ, ତାହାଙ୍କ ବାକ୍ୟ ଅଧ୍ୟୟନ କରିବେ, ଅନ୍ୟ ଖ୍ରୀଷ୍ଟିୟାନମାନଙ୍କ ସହ ତାଙ୍କର ଉପାସନା କରିବେ ଏବଂ ସେ ଆପଣଙ୍କ ପ୍ରତି ଯାହା ଯାହା କରିଅଛନ୍ତି ତାହା ଅନ୍ୟମାନଙ୍କୁ କହିବେ, ଏହା ଈଶ୍ୱର ଆପଣଙ୍କୁ କୁହନ୍ତି ।ଏହି ସମସ୍ତ ଆପଣଙ୍କୁ ତାଙ୍କ ସହ ଏକ ଗଭୀର ସମ୍ପର୍କ ସ୍ଥାପନ କରିବା ନିମନ୍ତେ ସାହାଯ୍ୟ କରିବ ।

### କେଉଁ କେଉଁ ବିଷୟଗୁଡିକୁ ପରମେଶ୍ୱର ଖ୍ରୀଷ୍ଟିୟାନମାନଙ୍କୁ କରିବା ପାଇଁ କୁହନ୍ତି ?

ଆମ୍ଭେମାନେ ପ୍ରାର୍ଥନା କରିବା ଉଚିତ୍, ତାଙ୍କ ବାକ୍ୟ ଅଧ୍ୟୟନ କରିବା ଉଚିତ୍, ତାହାଙ୍କୁ ଉପାସନା ଏବଂ ଯାହା ସେ କରି ଅଛନ୍ତି, ଅନ୍ୟମାନଙ୍କୁ କହିବା ଉଚିତ୍

# ଯୀଶୁ ପ୍ରତ୍ୟାବର୍ତ୍ତନ କରନ୍ତି

## 50:01

୨୦୦୦ ବର୍ଷରୁ ଅଧିକ ସମୟ ସମଗ୍ର ବିଶ୍ୱରୁ ଅଧିକରୁ ଅଧିକ ଲୋକ ଖ୍ରୀଷ୍ଟ ଯୀଶୁଙ୍କ ବିଷୟରେ ଶୁଭ ସମ୍ବାଦ ଶୁଣିଆସୁଅଛନ୍ତି ।ମଣ୍ଡଳୀ ବୃଦ୍ଧିପାଇ ଚାଲିଛି ।ଯୀଶୁ ପ୍ରତିଜ୍ଞା କଲେ ଯେ ସେ ଶେଷ ସମୟରେ ଜଗତକୁ ଫେରି ଆସିବେ ।ଯଦିଓ ସେ ଏ ପର୍ଯ୍ୟନ୍ତ ଆସିନାହାନ୍ତି, ସେ ତାହାଙ୍କ ପ୍ରତିଜ୍ଞା ରକ୍ଷା କରିବେ ।

### ବିଗତ ୨୦୦୦ ବର୍ଷଧରି, ଲୋକମାନଙ୍କୁ କ'ଣ ହୋଇଅଛି ଯେଉଁମାନେ ଯୀଶୁଙ୍କ ଠାରେ ବିଶ୍ୱାସ କଲେ ?

ଲୋକମାନଙ୍କ ସଂଖ୍ୟା ବୃଦ୍ଧି ହୋଇ ଆସୁଅଛି.

---

## 50:02

ଆମେ ଯୀଶୁଙ୍କ ଆସିବାର ଅପେକ୍ଷା କରୁ କରୁ, ଈଶ୍ୱର ଚାହାନ୍ତି ଯେପରିକି ଆମେ ଏକ ପବିତ୍ର ଏବଂ ତାହାଙ୍କୁ ଗୌରବ ପ୍ରଦାନ କରୁଥିବା ଏକ ଜୀବନ କାଟିବା ।ସେ ଚାହାନ୍ତି ଯେପରି ଆମେ ତାହାଙ୍କ ରାଜ୍ୟ ବିଷୟରେ ଅନ୍ୟମାନଙ୍କୁ କହୁ ।ଯୀଶୁ ପୃଥିବୀରେ ବାସ କରୁଥିବା ସମୟରେ କହିଲେ "ମୋ ଶିଷ୍ୟମାନେ ଈଶ୍ୱରଙ୍କ ରାଜ୍ୟର ଶୁଭସମ୍ବାଦ ଜଗତରେ ଥିବା ସମସ୍ତ ଲୋକଙ୍କୁ ପ୍ରଚାର କରିବେ, ତା'ପରେ ହିଁ ଯୁଗର ଶେଷ ହେବ ।"

### ଆମ୍ଭେମାନେ କିପରି ରହିବା ପାଇଁ ପରମେଶ୍ୱର ଚାହାନ୍ତି, ଯେପରି ଆମେ ଯୀଶୁଙ୍କ ଫେରି ଆସିବାରେ ଅପେକ୍ଷା କରୁ ?

ଆମ୍ଭେମାନେ ପବିତ୍ର ଏବଂ ତାହାଙ୍କୁ ଆଦର କରିବା ପରି ଏକ ଜୀବନ କାଟିବାକୁ ସେ ଚାହାଁନ୍ତି ।

### ପୃଥିବୀର ଶେଷ ହେବା ପୂର୍ବରୁ କେଉଁ ବିଷୟ ଗୁଡିକ ଘଟିବ ବୋଲି ଯୀଶୁ କହିଲେ ?

ତାଙ୍କର ଶିଷ୍ୟମାନେ ଈଶ୍ୱରଙ୍କ ରାଜ୍ୟର ଶୁଭସମ୍ବାଦ ଜଗତରେ ଥିବା ସମସ୍ତ ଲୋକଙ୍କୁ ପ୍ରଚାର କରିବେ, ତା'ପରେ ହିଁ ଯୁଗାନ୍ତ ହେବ ।

---

## 50:03

ଅନେକ ଲୋକ ଦଳ ଏପର୍ଯ୍ୟନ୍ତ ଯୀଶୁଙ୍କ ବିଷୟରେ ଶୁଣିନାହାନ୍ତି ।ସେ ସ୍ୱର୍ଗକୁ ଫେରିଯିବା ପୂର୍ବରୁ, ଯେଉଁମାନେ କେବେ ମଧ୍ୟ ସୁସମାଚାର ଶୁଣିନାହାନ୍ତି ସେମାନଙ୍କ ନିକଟରେ ସୁସମାଚାର ଘୋଷଣା କରିବା ନିମନ୍ତେ ଯୀଶୁ ଖ୍ରୀଷ୍ଟିୟାନମାନଙ୍କୁ କହିଅଛନ୍ତି ।ସେ କହିଲେ "ତୁମ୍ଭେମାନେ ଯାଇ ସମସ୍ତ ଲୋକଦଳଙ୍କୁ ଶିଷ୍ୟ କର!", ଏବଂ "ଅମଳ ନିମନ୍ତେ ଶଷ୍ୟ ପରିପକ୍ୱ ହୋଇଅଛି!"

---

## 50:04

ଯୀଶୁ ଆହୁରି କହିଲେ "ଦାସ କର୍ତ୍ତାଠାରୁ ଶ୍ରେଷ୍ଠ ନୁହଁନ୍ତି ।ଏହି ଜଗତର ଅଧିକାରପ୍ରାପ୍ତ ବ୍ୟକ୍ତିମାନେ ଯେପରି ମୋତେ ଘୃଣା କରନ୍ତି, ଠିକ୍ ସେହିପରି ସେମାନେ ମୋ ସକାଶେ ତୁମ୍ଭମାନଙ୍କୁ ତାଡନା କରି ହତ୍ୟା କରିବେ ।ଯଦିଓ ଏହି ଜଗତରେ ତୁମ୍ଭେମାନେ କ୍ଲେଶଭୋଗ କରିବ, ଉତ୍ସାହିତ ହୁଅ କାରଣ ଜଗତକୁ ଶାସନ କରୁଥିବା ଶୟତାନକୁ ମୁଁ ଜୟ କରିଅଛି ।ଯଦି ତୁମ୍ଭେମାନେ ଶେଷ ପର୍ଯ୍ୟନ୍ତ ମୋ ନିକଟରେ ବିଶ୍ୱସ୍ତ ରହିବ, ତେବେ ଈଶ୍ୱର ତୁମ୍ଭମାନଙ୍କୁ ରକ୍ଷା କରିବେ !"

### ଜଗତ ଯେପରି ଯୀଶୁଙ୍କୁ ଘୃଣା କରେ, ତାହାଙ୍କ ଶିଷ୍ୟମାନଙ୍କ ସହିତ କିପରି ବ୍ୟବହାର କରିବେ ?

ଜଗତ ତାହାଙ୍କ ଶିଷ୍ୟମାନଙ୍କୁ ତାଡନା କରିବ

### ଯେଉଁମାନେ ଶେଷ ପର୍ଯ୍ୟନ୍ତ ବିଶ୍ୱସ୍ତ ରହିବେ, ପରମେଶ୍ୱର ସେମାନଙ୍କୁ କଣ ପ୍ରତିଜ୍ଞା କରନ୍ତି ?

ସେ ସେମାନଙ୍କୁ ରକ୍ଷା କରିବାକୁ ପ୍ରତିଜ୍ଞା କରନ୍ତି .

---

## 50:05

ଯେ ଜଗତ ଶେଷ ହେବା ସମୟରେ ଲୋକମାନଙ୍କ ପ୍ରତି କ'ଣ ଘଟିବ ତାହା ବୁଝାଇବା ନିମନ୍ତେ ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ ଏକ କାହାଣୀ କହିଲେ । ସେ କହିଲେ "ଜଣେ ଲୋକ ତାଙ୍କ କ୍ଷେତରେ ଉତ୍ତମ ବିହନ ବୁଣିଥିଲେ ।ସେ ଶୋଇଥିବା ସମୟରେ ତାହାର ଶତ୍ରୁ ଆସି ଗହମ ସହିତ ବାଲୁଙ୍ଗା ବିହନ ବୁଣିଲା ଏବଂ ସେ ଚାଲିଗଲା ।"

### ଯୀଶୁଙ୍କ କାହାଣୀରେ ଜଗତ ଶେଷ ହେବା ବିଷୟରେ ବାଲୁଙ୍ଗାଗୁଡିକ କିପରି ଗହମ ଶସ୍ୟ ମଧ୍ୟରେ ରହିଥିଲା ?

ଏକ ଶତ୍ରୁ ସେମାନଙ୍କୁ ରୋପଣ କଲା .

---

## 50:06

"ଯେତେବେଳେ ବୀଜ ଗଜା ହେଲା, ସେହି ଲୋକର ଦାସମାନେ ଆସି କହିଲେ 'ଗୁରୁ, ଆପଣ ସେହି କ୍ଷେତରେ ଉତ୍ତମ ବିହନ ବୁଣିଥିଲେ । ତେବେ ସେଠାରେ କାହିଁକି ବାଳୁଙ୍ଗା ଦେଖାଦେଇଛି?"'ଗୁରୁ ଉତ୍ତର ଦେଲେ, 'ଜଣେ ଶତ୍ରୁ ତାହା କରିଅଛି ।"

### ଯୀଶୁଙ୍କ କାହାଣୀରେ ଜଗତ ଶେଷ ହେବା ବିଷୟରେ ବାଲୁଙ୍ଗାଗୁଡିକ କିପରି ଗହମ ଶସ୍ୟ ମଧ୍ୟରେ ରହିଥିଲା ?

ଏକ ଶତ୍ରୁ ସେମାନଙ୍କୁ ରୋପଣ କଲା .

---

## 50:07

“ଦାସମାନେ ସେମାନଙ୍କ ମାଲିକକୁ କହିଲେ, ‘ଆମେ କ’ଣ ବାଲୁଙ୍ଗାଗୁଡିକ ଉପାଡିବା?” ମାଲିକ କହିଲେ, 'ନାହିଁ. ଯଦି ତୁମେ ତାହା କରିବ, ତାହା ସହିତ ତୁମେ ଗହମ ମଧ୍ୟ ଉପାଡିଦେବ ।ଶଷ୍ୟ ଅମଳ ହେବା ଯାଏ ଅପେକ୍ଷା କର, ବାଲୁଙ୍ଗାଗୁଡିକ ଏକାଠି କରି ଜଳାଇ ଦିଅ, କିନ୍ତୁ ଗହମ ଶଷ୍ୟକୁ ମୋ ଅମାରକୁ ଆଣ ।”

### “ଦାସମାନେ କାହିଁକି ବାଲୁଙ୍ଗାଗୁଡିକ ଉପାଡିଲେ ନାହିଁ ?”

ସେମାନେ ଅକସ୍ମାତ୍ ଗହମକୁ ଉପାଡିବା ପାଇଁ ଚାହୁ ନ ଥିଲେ .

---

## 50:08

ଶିଷ୍ୟମାନେ ସେହି କାହାଣୀ ବା ଦୃଷ୍ଟାନ୍ତର ଅର୍ଥ ବୁଝିପାରିଲେ ନାହିଁ, ତେଣୁ ସେମାନେ ତାହା ବୁଝାଇଦେବା ନିମନ୍ତେ ଯୀଶୁଙ୍କୁ କହିଲେ ।ଯୀଶୁ କହିଲେ “ଯେଉଁ ବ୍ୟକ୍ତି ଉତ୍ତମ ବିହନ ରୋପଣ କଲା ସେ ଖ୍ରୀଷ୍ଟଙ୍କ ପ୍ରତୀକ ଅଟେ ।କ୍ଷେତ ହେଉଛି ଜଗତ ।ଉତ୍ତମ ବିହନ ଈଶ୍ୱରଙ୍କ ରାଜ୍ୟର ଲୋକମାନଙ୍କୁ ବୁଝାଏ ।”

### ଉତ୍ତମ ବିହନ କଣ ସୁଚାଏ ?”

ଉତ୍ତମ ବିହନ ଈଶ୍ୱରଙ୍କ ରାଜ୍ୟର ଲୋକମାନଙ୍କୁ ବୁଝାଏ ।”

---

## 50:09

“ବାଲୁଙ୍ଗାଗୁଡିକ ସେହିମାନଙ୍କୁ ଚିହ୍ନଟ କରେ ଯେଉଁମାନେ ମନ୍ଦ ଅଟନ୍ତି ।ଯେଉଁ ଶତ୍ରୁ ବାଲୁଙ୍ଗାଗୁଡିକ ରୋପଣ କଲା ବା ବୁଣିଦେଇ ଚାଲିଗଲା ସେ ହେଉଛି ଶୟତାନ୍ ।ଶଷ୍ୟ ଅମଳ ହେଉଛି ଜଗତର ଶେଷ ଏବଂ ଅମଳକାରୀମାନେ ହେଉଛନ୍ତି ଈଶ୍ୱରଙ୍କ ଦୂତଗଣ ।”

### ଅମଳ କଣ ସୁଚାଏ ?

ଶଷ୍ୟ ଅମଳ ହେଉଛି ଜଗତର ଶେଷ, ଯେତେବେଳେ ଈଶ୍ୱରଙ୍କ ଦୂତଗଣ ସମସ୍ତ ଲୋକମାନଙ୍କୁ ଏକାଠି କରିବେ ଯେଉଁମାନେ ମନ୍ଦରେ ଥିବେ।

---

## 50:10

ଯେତେବେଳେ ଜଗତ ଶେଷ ହେବ, ସେତେବେଳେ ଦୂତମାନେ ପାପର ସନ୍ତାନମାନଙ୍କୁ ଏକାଠି କରି ପ୍ରଜ୍ଜ୍ୱଳିତ ଅଗ୍ନି ମଧ୍ୟରେ ପକାଇଦେବେ, ଯେଉଁଠି ରୋଦନ ଓ ଦନ୍ତର କିଡିମିଡି ହେବ ।ସେତେବେଳେ ଧାର୍ମିକମାନେ ସେମାନଙ୍କ ପିତା ଈଶ୍ୱରଙ୍କ ରାଜ୍ୟରେ ସୂର୍ଯ୍ୟ ପରି ତେଜୋମୟ ହେବେ ।"

### ଅମଳ କଣ ସୁଚାଏ ?

ଶଷ୍ୟ ଅମଳ ହେଉଛି ଜଗତର ଶେଷ, ଯେତେବେଳେ ଈଶ୍ୱରଙ୍କ ଦୂତଗଣ ସମସ୍ତ ଲୋକମାନଙ୍କୁ ଏକାଠି କରିବେ ଯେଉଁମାନେ ମନ୍ଦରେ ଥିବେ।

### ଜଗତର ଶେଷରେ ଥିବା ଲୋକମାନଙ୍କୁ ଯେଉଁମାନେ ଶୟତାନର ହୋଇଥିବେ, କ'ଣ ଘଟିବ ?

ସେମାନଙ୍କୁ ଏକ ପ୍ରଜ୍ଜ୍ୱଳିତ ନିଆଁରେ ଫୋପାଡି ଦିଆଯିବ, ଯେଉଁଠାରେ ଭୟଙ୍କର ପୀଡ଼ା ହେବ .

---

## 50:11

ଯୀଶୁ ଆହୁରି ମଧ୍ୟ କହିଲେ ଯେ ଜଗତ ଶେଷ ହେବା ଠିକ୍ ପୂର୍ବରୁ ସେ ପୃଥିବୀକୁ ଫେରି ଆସିବେ ।ସେ ଯେପରି ପୃଥିବୀରୁ ସ୍ୱର୍ଗକୁ ଯାଇଥିଲେ, ସେ ଠିକ୍ ସେହିପରି ପୃଥିବୀକୁ ଫେରି ଆସିବେ । ତାଙ୍କର ଏକ ଶରୀର ଥିବ ଓ ସେ ଆକାଶରେ ମେଘମାଳାରେ ଆଗମନ କରିବେ ।ଯୀଶୁ ଯେତେବେଳେ ଫେରିବେ, ଯେତେଜଣ ଖ୍ରୀଷ୍ଟିୟାନ ମୃତ୍ୟୁଭୋଗ କରିଥିବେ, ସେମାନେ ମୃତ୍ୟୁରୁ ଉଠିବେ ଏବଂ ତାହାଙ୍କୁ ଆକାଶରେ ସାକ୍ଷାତ କରିବେ ।

### ଯୀଶୁ କେଉଁ ରୁପରେ ଜଗତକୁ ଫେରିବେ ?

ସେ ଯେପରି ଯାଇଥିଲେ, ସେପରି ସେ ଫେରଆସିବେ, ଶରୀର ସହିତ ଆକାଶର ମେଘମାଳାରେ ଆଗମନ କରିବେ ।

---

## 50:12

ତା'ପରେ ଯେଉଁ ଖ୍ରୀଷ୍ଟିୟାନମାନେ ଜୀବିତ ଥିବେ ସେମାନେ ମୃତ୍ୟୁରୁ ଉତ୍ଥିତ ଖ୍ରୀଷ୍ଟିୟାନମାନଙ୍କ ସହ ମିଳିତ ହୋଇ ଆକାଶକୁ ଉଠାଯିବେ । ସେମାନେ ସମସ୍ତେ ସେଠାରେ ଯୀଶୁଙ୍କ ସହିତ ରହିବେ ।ତାହା ପରେ, ଯୀଶୁ ତାହାଙ୍କ ଲୋକମାନଙ୍କ ସହ ସମ୍ପୂର୍ଣ୍ଣ ଶାନ୍ତି ଓ ଏକତାରେ ଚିରକାଳ ରହିବେ ।

### ଯେତେବେଳେ ଯୀଶୁ ଫେରନ୍ତି, ସମସ୍ତ ଖ୍ରୀଷ୍ଟିୟାନମାନଙ୍କୁ କଣ ହେବ ?

ଯେଉଁମାନେ ଜୀବିତ ଅଛନ୍ତି, ସେମାନେ ତାଙ୍କୁ ଭେଟିବା ପାଇଁ ଉଠିବେ ଓ ଯେଉଁମାନେ ମରିଯାଇଛନ୍ତି, ସେମାନେ ମଧ୍ୟ ଆକାଶରେ ଭେଟ ହେବା ପାଇଁ ଉଠିବେ

---

## 50:13

ଯେଉଁମାନେ ଯୀଶୁଙ୍କଠାରେ ବିଶ୍ୱାସ କରନ୍ତି ସେମାନଙ୍କୁ ଏକ ମୁକୁଟ ଦେବା ପାଇଁ ଯୀଶୁ ପ୍ରତିଜ୍ଞା କରିଅଛନ୍ତି ।ସେମାନେ ଇଶ୍ୱରଙ୍କ ସହ ସମ୍ପୂର୍ଣ୍ଣ ଶାନ୍ତିରେ ବାସ କରି ରାଜତ୍ୱ କରିବେ ।

---

## 50:14

କିନ୍ତୁ ଯେଉଁମାନେ ଯୀଶୁଙ୍କଠାରେ ବିଶ୍ୱାସ କରନ୍ତି ନାହିଁ ଇଶ୍ୱର ସେମାନଙ୍କର ବିଚାର କରିବେ ।ସେ ସେମାନଙ୍କୁ ନର୍କକୁ ନିକ୍ଷେପ କରିବେ, ଯେଉଁଠି ରୋଦନ ଓ ଦାନ୍ତର କିଡିମିଡି ହେବ ।ଏପରି ଏକ ଅଗ୍ନି ଯାହା କେବେ ଲିଭିବ ନାହିଁ ଏବଂ ନିରନ୍ତର ଜଳୁଥିବ, ଏବଂ କୀଟମାନେ ସେମାନଙ୍କୁ ଖାଇବା ବନ୍ଦ କରିବେ ନାହିଁ ।

---

## 50:15

ଯୀଶୁ ଯେତେବେଳେ ଫେରିବେ, ସେ ସମ୍ପୂର୍ଣ୍ଣରୂପେ ଶୟତାନ ଓ ତାହାର ରାଜ୍ୟକୁ ବିନାଶ କରିବେ ।ସେ ଶୟତାନକୁ ଏବଂ ଇଶ୍ୱରଙ୍କ ଆଜ୍ଞାବହ ହେବା ଅପେକ୍ଷା ତାହାର ଅନୁଗମନ କରିବାକୁ ମନୋନୀତ କରିଥିବା ସମସ୍ତଙ୍କୁ ନର୍କରେ ନିକ୍ଷେପ କରିବେ ଯେଉଁଠି ଚିରଦିନ ପାଇଁ ଜଳୁଥିବେ ।

### ଯୀଶୁ ଶୟତାନକୁ କଣ କରିବେ, ଯେତେବେଳେ ସେ ଫେରନ୍ତି ?

ଯୀଶୁ ଶୟତାନକୁ ନର୍କରେ ନିକ୍ଷେପ କରିବେ ଯେଉଁଠାରେ ସେ ଚିରଦିନ ପାଇଁ ଜଳୁଥିବ ।

---

## 50:16

ଯେହେତୁ ଆଦମ ଓ ହବା ଇଶ୍ୱରଙ୍କର ଅନାଜ୍ଞାବହ ହେଲେ ଏବଂ ଏହି ଜଗତକୁ ପାପ ପ୍ରବେଶ କରାଇଲେ, ତେଣୁ ଇଶ୍ୱର ଏହାକୁ ଅଭିଶାପ ଦେଲେ ଏବଂ ଏହାକୁ ବିନାଶ କରିବା ନିମନ୍ତେ ନିଷ୍ପତ୍ତି ନେଲେ ।କିନ୍ତୁ ଦିନେ ଇଶ୍ୱର ଏକ ନୂତନ ସ୍ୱର୍ଗ ଓ ନୂତନ ପୃଥିବୀ ସୃଷ୍ଟି କରିବେ ଯାହା ସିଦ୍ଧ ଓ ସମ୍ପୂର୍ଣ୍ଣ ହେବ ।

---

## 50:17

ଯୀଶୁ ଓ ତାହାଙ୍କ ଲୋକମାନେ ନୂତନ ପୃଥିବୀରେ ବାସ କରିବେ, ଏବଂ ଯାହା ସବୁ ଥିବ ସେ ସମସ୍ତ ଉପରେ ସେ ଚିରକାଳ ରାଜତ୍ୱ କରିବେ ।ସେ ପ୍ରତ୍ୟେକଙ୍କ ଅଶ୍ରୁଜଳ ପୋଛି ଦେବେ ଏବଂ କ୍ଳେଶଭୋଗ, ଦୁଃଖ, କ୍ରନ୍ଦନ, ମନ୍ଦତା, କଷ୍ଟ ବା ମୃତ୍ୟୁ ହେବନାହିଁ ।ଯୀଶୁ ଶାନ୍ତି ଓ ନ୍ୟାୟରେ ତାହାଙ୍କ ରାଜ୍ୟ ଉପରେ ରାଜତ୍ୱ କରିବେ ଏବଂ ସେ ତାହାଙ୍କ ଲୋକମାନଙ୍କ ସହ ଚିରଦିନ ରହିବେ ।

### ନୁତନ ଆକାଶ ଏବଂ ନୁତନ ପୃଥିବୀରେ ଜୀବନ କେଉଁ ପ୍ରକାରର ହେବ ?

ଯୀଶୁ ଚିରଦିନ ପାଇଁ ଶାନ୍ତି ଓ ନ୍ୟାୟରେ ଶାସନ କରିବେ, ଓ ସେହିଠାରେ ଆଉ କେବେହେଲେ ଦୁଃଖ ହେବ ନାହିଁ .

# ଯୋଗଦାନକାରୀ |

## OBS translationQuestions ଯୋଗଦାନକାରୀ |

Ashok Kumar Kar
Bobby Chellappan
Cdr. Thomas Mathew
Charles Lakhra
Feba Jacob
Hinal Prakash
Merlyn Easa
Paulson John
Shojo John

## Open Bible Stories ଯୋଗଦାନକାରୀ |

Ashok Kumar Kar
Bobby Chellappan
Cdr. Thomas Mathew
Charles Lakhra
Feba Jacob
Hinal Prakash
Merlyn Easa
Paulson John
Shojo John